


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-133 •SUNDAY •9 NOVEMBER 2025 •PAGE-12 •₹ 6.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୧୩୩ •ରବିବାର •୯ ନଭେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦ (ସିନ୍ଦୂରା ସହ)


**ରଥଯାତ୍ରାରେ ଗୁଣ୍ଡିଚା ମନ୍ଦିର ଅଘଟଣ**

# ଦଳାଚକଟା ପାଇଁ ପୁଲିସ ଦାୟୀ

## ୭ ପୁଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

■ **ଭୁବନେଶ୍ୱର/ପୁରୀ, ୮।୧୧ (ସମିସ):** ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ସମୟରେ ଗୁଣ୍ଡିଚା ମନ୍ଦିର ନିକଟ ଶରଧାବାଲିରେ ଘଟିଥିବା ଦଳାଚକଟା ଘଟଣା ପାଇଁ ୭ ଜଣ ପୁଲିସ ଅଧିକାରୀଙ୍କୁ ଦାୟୀ କରିଛି ତଦନ୍ତ କମିଟି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କମିଟି ସୁପାରିସ କରିଛି। ଏହି ସୁପାରିସକୁ ଗ୍ରହଣ କରିଛନ୍ତି ମୁଖ୍ୟମନ୍ତ୍ରୀ। ଗୃହ ବିଭାଗ ପକ୍ଷରୁ ଏ ସଂପର୍କରେ ପୁଲିସ ଡିଜି ଏବଂ ଆଇଜିଙ୍କୁ ପତ୍ର ଲେଖି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଭିଡ଼ ନିୟନ୍ତ୍ରଣରେ ସମନ୍ୱିତ ନିୟନ୍ତ୍ରଣ କେନ୍ଦ୍ର (ଆଇସିସିସି) ବ୍ୟବସ୍ଥା ସଂପୂର୍ଣ୍ଣ ବିଫଳ ହୋଇଥିବାରୁ ଏହାକୁ ଉପକରଣ ଯୋଗାଇଥିବା ଠିକା ସଂସ୍ଥା ମେସର୍ସ ଇନ୍‌ଭେଣ୍ଟ ଗ୍ରୀଡ୍ ଇଣ୍ଡିଆକୁ କଳା ତାଲିକାଭୁକ୍ତ କରାଯିବାକୁ ନିଷ୍ପତ୍ତି ହୋଇଛି।

**ପୁଲିସ ଡିଜି ଓ ଆଇଜିଙ୍କୁ ଗୃହ ବିଭାଗର ଚିଠି**

**କଳା ତାଲିକାଭୁକ୍ତ ହେବ ଇନ୍‌ଭେଣ୍ଟ ଗ୍ରୀଡ୍ ଇଣ୍ଡିଆ**

**ସେବାୟତ ଓ ମନ୍ଦିର ପ୍ରଶାସନ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁଁ ନୀତିକାନ୍ତିରେ ବିଳମ୍ବ**



ସୂଚନାଯୋଗ୍ୟ, ଗତ ଜୁନ୍ ୨୯ ତାରିଖ ଭୋର ସମୟରେ ଦଳାଚକଟା ଘଟି ୩ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହେବା ସହ ଅନେକ ଆହତ ହୋଇଥିଲେ। ଏହି ଘଟଣାରେ ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ନେତୃତ୍ୱରେ ପ୍ରଶାସନିକ ତଦନ୍ତ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ। ଉନ୍ନୟନ କମିଶନର ଘଟଣାର ତଦନ୍ତ ସାରିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ରିପୋର୍ଟରେ ଏହି ଅଘଟଣ ପାଇଁ ଏକାଧିକ କାରଣ ଦର୍ଶାଯାଇଥିବା ବେଳେ ମୋଟ ୭ ଜଣ ପୁଲିସ ଅଧିକାରୀଙ୍କୁ ଦାୟୀ କରାଯାଇଛି। ଏହି ଅଧିକାରୀମାନେ ହେଲେ କମାଣ୍ଡାଣ୍ଟ ଅଜୟ କୁମାର ପାଢ଼ୀ(ଓଏପିଏସ), ଡିସିପି ବିଷ୍ଣୁ ପ୍ରସାଦ ପତି, କମାଣ୍ଡାଣ୍ଟ ତାପସ ରଞ୍ଜନ ଦାସ (ସ୍ୱତନ୍ତ୍ର ଶ୍ରୀମନ୍ଦିର ସୁରକ୍ଷା ବାହିନୀ), ଡେପୁଟି କମାଣ୍ଡାଣ୍ଟ କେ କେ ନାୟକ, ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ, କୁମ୍ଭାରପଡ଼ା ଥାନାର ଭାରପ୍ରାପ୍ତ ଅଧିକାରୀ ସୁଶାନ୍ତ କୁମାର ସାହୁ (ଡିଏସ୍‌ପି) ଓ କମାଣ୍ଡାଣ୍ଟ ସାରଦା ପ୍ରସାଦ ଦାସ। ଏମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି। ▶ପୃଷ୍ଠା-୭

**କଟକ ମଣିସାହୁ ଛକ ପ୍ରାଚୀ ଆପାର୍ଟମେଣ୍ଟରେ ଅଘଟଣ**

# ବାଲ୍‌କୋନୀ ଭୁଶୁଡ଼ି ବାପା- ମା'-ପୁଅ ମୃତ





■ **କଟକ, ୮।୧୧ (ସମିସ):** କଟକ କ୍ୟାଣ୍ଟନମେଣ୍ଟ ଥାନା ମଣିସାହୁ ଛକ ନିକଟରେ ଥିବା ହାଡ଼ିବନ୍ଧୁ ବିଦ୍ୟାପୀଠ ସମ୍ମୁଖସ୍ଥ ପ୍ରାଚୀ ଏନ୍‌କ୍ଲେଭ୍‌ରେ ଆଜି ଏକ ବଡ଼ଧରଣର ଅଘଟଣ ଘଟିଛି। ବିପଦସଙ୍କୁଳ ଅବସ୍ଥାରେ ରହିଥିବା ଏହି ପୁରାତନ ଆପାର୍ଟମେଣ୍ଟର ଜି-୫ ଫ୍ଲାଟ୍‌ର ବାଲକୋନୀ ଭୁଶୁଡ଼ି ପଡ଼ିବାରୁ ୩ ଜଣଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ବାଲକୋନୀଟି ଭୁଶୁଡ଼ି ତଳେ ଥିବା ଏକ ଆଜବେଷ୍ଟସ୍ ଘର ଉପରେ ପଡ଼ିବାରୁ ଏହି ଅଘଟଣ ଘଟିଛି। ସେହି ଘରେ ରହୁଥିବା ପରିବାରର ବାପା, ମା' ଓ ଶିଶୁପୁତ୍ରର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତକମାନେ ହେଲେ, ଅବଦୁଲ୍ ଜଲିଲ୍ (୬୦), ଅବଦୁଲ୍ ମୁଜାହିଦ୍ (୪) ଏବଂ ରେହେମାତୁନ୍ ନିଶା (୫୦)। ପରିବାରର ଅନ୍ୟ ୪ ସଦସ୍ୟ ଅବଦୁଲ୍ ଜାହିଦ୍ (୩୦), ସହିନା ବେଗମ୍ (୨୯), ରିହାନ ଖାନ (୮) ଏବଂ ଅବଦୁଲ୍ ରହେମାନ (୩) ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଏସ୍‌ସିବି ବଡ଼ ମେଡିକାଲରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି। ▶ପୃଷ୍ଠା-୭

**ପରିବାରର ୪ ସଦସ୍ୟ ଗୁରୁତର, ଏସ୍‌ସିବିରେ ଭର୍ତ୍ତି**

**ବିପଦସଙ୍କୁଳ ଅବସ୍ଥାରେ ଥିଲା ପୁରାତନ ଫ୍ଲାଟ୍**

# ଡିସେମ୍ବର ୧ରୁ ସଂସଦର ଶୀତକାଳୀନ ଅଧିବେଶନ

■ **ନୂଆଦିଲ୍ଲୀ, ୮।୧୧ (ଏଜେନ୍ସି):** ଆସନ୍ତା ଡିସେମ୍ବର ପହିଲା ତାରିଖରୁ ଆରମ୍ଭ ହେବ ସଂସଦର ଶୀତକାଳୀନ ଅଧିବେଶନ। ଏହା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ ମୋଟ୍ ୧୫ ଦିନର କାର୍ଯ୍ୟଦିବସ ରହିଛି। ସଂସଦୀୟ ବ୍ୟାପାର ମନ୍ତ୍ରୀ 'ଏକ୍ସ' ଜରିଆରେ ଏହି ସୂଚନା ଦେଇଛନ୍ତି। ତେବେ ଶୀତ ଅଧିବେଶନକୁ ବିଳମ୍ବରେ ଏବଂ ପୁଣି କମ୍ ସମୟ ପାଇଁ ଆହ୍ୱାନ କରାଯାଇଥିବାରୁ ବିରୋଧୀ ଦଳ ଏହାର ତୀବ୍ର ସମାଲୋଚନା କରିଛନ୍ତି।

କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ସୂଚନା ଦେଇଛନ୍ତି ଯେ ୧ ତାରିଖରୁ ସଂସଦ ଅଧିବେଶନ ଆରମ୍ଭ କରିବା ଲାଗି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅନୁମୋଦନ ପ୍ରଦାନ କରିଛନ୍ତି। ▶ପୃଷ୍ଠା-୭



**୧୫ ଦିନର କାର୍ଯ୍ୟ ଦିବସକୁ ନେଇ ଆପତ୍ତି ଉଠାଇଲେ ବିରୋଧୀ**

# ଏଣିକି ସ୍ୱୟଂଚାଳିତ ହେବ ପିଏଫ୍ ଟ୍ରାନ୍ସଫର

■ **ନୂଆଦିଲ୍ଲୀ, ୮।୧୧ (ଏଜେନ୍ସି):** ଚାକିରିଆଙ୍କ ପାଇଁ ବଡ଼ ଖବର ଆସିଛି। ଏବେ ଚାକିରି ବଦଳାଇଲେ ଆଉ ଭବିଷ୍ୟ ନିଧି ପାଣ୍ଠି (ପିଏଫ) ଟ୍ରାନ୍ସଫର ପାଇଁ ଫର୍ମ ପୂରଣ କିମ୍ବା ମାସ ମାସ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବନି। ଏହି ସମସ୍ୟାରୁ ମୁକ୍ତି ଦେବା ପାଇଁ ଇପିଏଫଓ ପକ୍ଷରୁ ସ୍ୱୟଂଚାଳିତ ବ୍ୟବସ୍ଥା ଆରମ୍ଭ କରାଯାଇଛି। ଏହା ଚଳିତ ବର୍ଷ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହେବ। ଏହା ମାଧ୍ୟମରେ କୋଟି କୋଟି କର୍ମଚାରୀଙ୍କ ପିଏଫ ▶ପୃଷ୍ଠା-୭

**ଚାକିରି ବଦଳାଇବାର ୫ ଦିନ ଭିତରେ ନୂଆ ଆକାଉଣ୍ଟକୁ ଆସିଯିବ ପିଏଫ ଅର୍ଥ**

**ପୂର୍ବରୁ ଏଥିପାଇଁ ମାସ ମାସ ଲାଗୁଥିଲା**




କଳମପୁରରେ ମନରେଗା ବାଟବଣା

# କାମଧନ୍ଦା ନ ପାଇ ଦାଦନମୁହାଁ ଶ୍ରମିକ

**କଳମପୁର, ୮ ।୧୧(ସମିସ)**

କଳାହାଣ୍ଡି ଜିଲ୍ଲା କଳମପୁର ଅଞ୍ଚଳରେ ମନରେଗା ବାଟବଣା ହୋଇ ଚାଲିଛି । ଅଞ୍ଚଳରେ ବିଭିନ୍ନ ବିଭାଗ ଦ୍ୱାରା ମନରେଗା କାର୍ଯ୍ୟ କେବଳ କାଗଜପତ୍ରରେ ସୀମିତ ବୋଲି ଅଭିଯୋଗ ହେଉଛି ।ସ୍ୱଚ୍ଛତା ଆଣିବା ପାଇଁ ସରକାର ପ୍ରୟାସ କରୁଥିଲେ ମଧ ଏହା ବିଫଳ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛି । ଅଞ୍ଚଳରେ ଲୋକେ କାମଧନ୍ଦା ନ ପାଇ ଦାଦନ ମୁହାଁ ହେଉଥିବା ବେଳେ ଏଥିରେ ସମ୍ପୃକ୍ତ କର୍ମଚାରୀଙ୍କ ଲାଭଖୋର ମନୋବୃତ୍ତି ଯୋଗୁଁ ଏଭଳି ଜନହିତକର ଯୋଜନାରୁ ଲୋକେ ସୁଫଳ ପାଇ ପାରୁନାହାଁନ୍ତି । କେଉଁଠି କାମ ନ କରି ଫଟୋ ଉଠାଇ ଅପଲୋଡ଼ କରି କାମ ସାରି ଦିଆଯାଉଛି ତ କେଉଁଠି କାମ କରିଥିବା ଶ୍ରମିକ ପାରିଶ୍ରମିକ ପାଇନଥିବା ଅଭିଯୋଗ ହେଉଛି । ଏନଏମ୍ଏସରେ ଯେତେ ଜଣ କାମ କରୁଥିବା ଦର୍ଶା ଯାଇଛି, ସମସ୍ତଙ୍କ ଫଟୋ ମଧ ଅପଲୋଡ଼ ହେଉନାହିଁ । ପୁଣି ପ୍ରକୃତ ଶ୍ରମିକଙ୍କ ଫଟୋ ଦିଆନଯାଇ ବହୁଳ ଭାବେ ଭଡାଟିଆଙ୍କ ଫଟୋ ଅପଲୋଡ଼ ହେଉଛି । ଗୋଟିଏ ଶ୍ରମିକ ଦଳକୁ ଏକାଧିକ କାର୍ଯ୍ୟରେ ନିୟୋଜିତ ଥିବା ଦର୍ଶାଯାଇ ବିଲ ପୈଠ ହେଉଛି । ଏଠାରେ ପ୍ରଶ୍ନ ଉଠୁଛି ଯେ ଶ୍ରମିକମାନଙ୍କ ବ୍ୟାଙ୍କ ପାଶ ବହିରେ ଟଙ୍କା ଜମା ହେଉଛି ଅନ୍ୟ ମାନେ ନେଇ ଯାଉଛନ୍ତି କେମିତି । ଏଥିପାଇଁ ଏକ ରାକେଟ କାମ କରୁଛି, କାମ କରିବା ପୂର୍ବରୁ ସମସ୍ତଙ୍କ ପାଶ ବହି ଆଦାୟ କରାଯାଉଛି, ଟଙ୍କା ଜମାହେବା ଜାଣିବା ପରେ ସେମାନଙ୍କୁ ଡାକି ଟଙ୍କା କାଢ଼ି ଦେବାକୁ କୁହାଯାଉଛି ।

**ଫଟୋ ସେସନ ପାଲଟିଛି କାମ ସମ୍ପାଦନର ମାଧ୍ୟମ**

ନିରିହ ଶ୍ରମିକମାନେ କାମ ନ କରି ପାରିଶ୍ରମିକ ପାଉଥିବାରୁ ଜମା ଟଙ୍କା ଉଠାଣ କରି ସେମାନଙ୍କୁ ଦେଇ ଦେଉଛନ୍ତି । ମନରେଗା କାର୍ଯ୍ୟ କଳମପୁର ଅଞ୍ଚଳର ପ୍ରତ୍ୟେକ ପଞ୍ଚାୟତମାନଙ୍କରେ ଚାଲିଛି । ଅଞ୍ଚଳର ବରଗାଁ, ସାଗବାରୀ, ବରଦୋଳି, ହାରାମାଳ, ତୋଡ୍ରାଗୁଡଖ, ବ୍ରାହ୍ମଣ କେନ୍ଦୁଗୁଡା, ଝରାବାହାଲ ଆଦି ଉଦାହରଣ ମାତ୍ର । ଅନ୍ୟଏକ ଦିଗକୁ ଦେଖିଲେ ଏହାର ଚିତ୍ର ସ୍ପଷ୍ଟ ହୋଇଯିବ, କାର୍ତ୍ତିକ ପୂର୍ଣ୍ଣିମା ଦିନ ଅଫିସ ସବୁ ବନ୍ଦ ପଡ଼ିଥିଲା । ସମସ୍ତେ ଏହି ଦିନ ପୂଜା ପାଠ ପାଇଁ ବ୍ୟସ୍ତ ଥିଲେ । ପୁରପଲ୍ଲୀ ସବୁଠି ଚଳଚଞ୍ଚଳ ରହିଥିଲା । ହେଲେ ଏହି ଦିନ ମଧ ମନରେଗା କାର୍ଯ୍ୟ ହୋଇଥିବା ରିପୋର୍ଟ ଦାଖଲ ହେଲା । ଯେଉଁମାନଙ୍କ ଫଟୋ ଅପଲୋଡ଼ ହୋଇଛି ବାସ୍ତବରେ ସେମାନେ ଶ୍ରମିକ ଶ୍ରେଣୀର ବୋଲି ଜଣାପଡୁନାହି । ପୁଣି କେଉଁଠି ୧୦ଜଣଙ୍କ ଫଟୋ ଉଠାଇ ୫୦ଜଣ ଶ୍ରମିକ ନିୟୋଜିତ ଥିବା ଦର୍ଶାଯାଇଛି ତ କେଉଁଠି ଗାଁ ଭିତରେ ଫଟୋ ଉଠାଇ ଅପଲୋଡ଼ କରାଯାଇଛି ।ସୂଚନା ଫଳକର ଦେଖା ଦର୍ଶନ ନାହିଁ, ଏହି ଦିବସରେ ଯେତେ କାମ ହୋଇଛି ସେଥି ମଧ୍ୟରୁ ଏହି ଗୋଟିଏ ଦିନକୁ ତଦନ୍ତ କଲେ ଫଳାଫଳ ଆପେ ଆପେ ଜଣାପଡ଼ିବ । ବିଭାଗୀୟ କର୍ମଚାରୀ ଓ ଅଧିକାରୀ ମାନେ ଘଟଣାକୁ ପରୋକ୍ଷରେ ସ୍ୱୀକାର କରିଥିଲେ ମଧ ମୁହଁ ଖୋଲୁନାହାନ୍ତି । ଏହାର ଉଚ୍ଚସ୍ତରୀୟ ତଦନ୍ତ ହୋଇ ଶ୍ରମିକମାନଙ୍କ ପାରିଶ୍ରମିକ ହଜମ କରୁଥିବା ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ କିଛିଟା ସ୍ୱଚ୍ଛତା ଆସି ପାରିବ ବୋଲି ଜନସାଧାରଣରେ ମତ ପ୍ରକାଶ ପାଇଛି ।

# ମାଡ଼ିଗଲା ଟ୍ରକ୍, ଅଳ୍ପକେ ବର୍ତ୍ତିଲେ ଦିବ୍ୟାଙ୍ଗ ପରିବାର

**କଳମପୁର, ୮ ।୧୧(ସମିସ):** କଳାହାଣ୍ଡି ଜିଲ୍ଲା କଳମପୁର ଥାନା ଅନ୍ତର୍ଗତ ବଙ୍କାପଲାଗ୍ରାମର ଏକ ଦିବ୍ୟାଙ୍ଗଙ୍କ ପରିବାର ଘରେ ଟ୍ରକ ମାଡ଼ି ଯିବାରୁ ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଦିବ୍ୟାଙ୍ଗ ତ୍ରିନାଥ କାଣ୍ଡଙ୍କ ଘର ବଙ୍କାପଲା ସ୍ଥିତ ସ୍କୁଲ ପଡ଼ାରେ ରହିଛି । ରାସ୍ତା ପାର୍ଶ୍ୱରେ ଘର ରହିଥିବା ବେଳେ ଦିବ୍ୟାଙ୍ଗ ତ୍ରିନାଥ ସବୁବେଳେ ସେଠାରେ ବସଉଠ କରିଥାନ୍ତି ।ସେଠାରେ ଏକ ଗଛ ରହିଥିବା ବେଳେ ସରକାର ଦେଇଥିବା ଏକ ପାଇଖାନା ଘର ମଧ ରହିଥିଲା ।



ଆଜି ତ୍ରିନାଥ ସବୁଦିନ ବସୁଥିବା ସେହି ସ୍ଥାନରେ ବସି ନ ଥିଲେ । ଆଜି ସକାଳେ ଟ୍ରକ୍ ନମ୍ବର ସିଜି ୦୭ସିଏ-୭୦୪୯ ଦ୍ରୁତ ଗତିରେ ମାଡି ଆସି ତ୍ରିନାଥଙ୍କ ସେହି ଗଛ ଓ ପାଇଖାନା ଉପରେ ଚଢ଼ିଗଲା । ସେହିଠାରେ ଥିବା ଦିବ୍ୟାଙ୍ଗ ତ୍ରିନାଥଙ୍କ ହୁଇଲ ଚେୟାର ମଧ ଭାଙ୍ଗି ନଷ୍ଟ ହୋଇଯାଇଛି । ସେଠାରେ ଥିବା ବିଦ୍ୟୁତ ଖୁଣ୍ଟ ମଧ ଭାଙ୍ଗି ପଡ଼ିଛି । ଘଟଣାସ୍ଥଳରେ କଳମପୁର ପୁଲିସ ପକ୍ଷରୁ ଗ୍ରାମରକ୍ଷୀ ପହଞ୍ଚି ଥିବା ବେଳେ ଗାଡିର ମାଲିକ ପହଞ୍ଚି ନ ଥିଲେ । ସୂଚନା ଯେ ଏହି ଟ୍ରକ୍ ଧାନ କଟା ମେସିନ ନେବା ଆଣିବା ପାଇଁ ବ୍ୟବହାର ହେଉଥିବା ବେଳେ କାହିଁକି ଏଭଳି ଦୁର୍ଘଟଣା ହେଲା ତାହା ସ୍ପଷ୍ଟ ହୋଇନାହିଁ । ଦିବ୍ୟାଙ୍ଗ ତ୍ରିନାଥଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି ହେଉଛି ।

# ହିଂସ୍ର ହେଉଛନ୍ତି ବୁଲା କୁକୁର, କରୁଛନ୍ତି ସଂଘବଦ୍ଧ ଆକ୍ରମଣ



**କଳମପୁର, ୮ ।୧୧(ସମିସ):** କଳାହାଣ୍ଡି ଜିଲ୍ଲା କଳମପୁର ସଦରମହକୁମା ମୁଖ୍ୟ ବଜାରରେ ଅଗଣିତ କୁକୁରଙ୍କ ଉପଦ୍ରବ ଯୋଗୁଁ ଲୋକେ ଭୟଭୀତ ହେବାରେ ଲାଗିଛନ୍ତି । ଏତେ ସଂଖ୍ୟକ ବୁଲା କୁକୁର କୁଆଡୁ ଆସିଲେ ଜଣାନାହିଁ ।କୁକୁର ସଂଘବଦ୍ଧ ଭାବେ ଲୋକଙ୍କୁ ଆକ୍ରମଣ କରୁଛି । ବୁଲା କୁକୁର ପାଇଁ ଅଞ୍ଚଳର ଲୋକଙ୍କ ମଧରେ ଛନକା ପଶି ଯାଇଛି । ଦଳ ଦଳ ଭାବେ କୁକୁର ମେଳି ବାନ୍ଧି ଘୁରି ବୁଲୁଛନ୍ତି । ଯାହାକୁ ନେଇ ଛୋଟ ଛୋଟ ଶିଶୁମାନଙ୍କ ପରିବାର ଚିନ୍ତାରେ ପଡ଼ି ଯାଇଛନ୍ତି । କୁକୁର କାମୁଡା ଘଟଣା ଅଞ୍ଚଳରେ ଉପର ମୁହାଁ ହେଉଥିବା ବେଳେ ଏଥିପ୍ରତି କାହାରି ନିଘା ନାହିଁ । ଚଳିତ ବର୍ଷ ମଧ ଅନେକଙ୍କୁ କୁକୁର କାମୁଡି ସାରିଲାଣି । କୁକୁର ବନ୍ଧ୍ୟାକରଣ ଯୋଜନା ମଧ ଏଠାରେ ବିଫଳ ହୋଇଛି । ମୁଖ୍ୟବଜାର, ମୁଖ୍ୟ ସ୍କୁଲ ନିକଟରେ ଏମାନଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳୁଥିବା ବେଳେ ମୁଖ୍ୟ ଡାକ୍ତରଖାନାରେ ମଧ ବୁଲା କୁକୁରଙ୍କ ଉପଦ୍ରବ ଦେଖିବାକୁ ମିଳିଛି ।ଖୋଦ ଚିକିତ୍ସାଧିକାରୀଙ୍କ ବାସ ଭବନରେ ଅସଂଖ୍ୟ କୁକୁର ସର୍ବଦା ଡେରା ପକାଇ ପଡ଼ି ରହିଥିବା ଦେଖିବାକୁ ମିଳୁଛି । ସର୍ବୋଚ୍ଚ ନ୍ୟାୟାଳୟ ବୁଲା କୁକୁର ଓ ବୁଲା ଗାଇ ଗୋରୁଙ୍କ ଥଇଥାନ ଲାଗି ଶୁଣାଣି କରିଛନ୍ତି । କର୍ତ୍ତୃପକ୍ଷ ଦୃଷ୍ଟିଦେଇ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି ।

# ୨୫ରୁ ଡଙ୍ଗରଗଡ଼ ମହୋତ୍ସବ

**ଭବାନୀପାଟଣା, ୮ ।୧୧ (ସମିସ):** ଭବାନୀପାଟଣା ବ୍ଲକ କଳମପଞ୍ଚାୟତସ୍ଥିତ ଡଙ୍ଗରଗଡ଼ରେ ଡଙ୍ଗରଗଡ଼ ମହୋତ୍ସବ ଆୟୋଜନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରତିବର୍ଷ ଭଳି ଚଳିତ ବର୍ଷ ନଭେମ୍ବର ୨୫ ରେ ?ଙ୍ଗରଗଡ଼ ମହୋତ୍ସବ ପାଳନ କରିବାପାଇଁ ଧାର୍ଯ୍ୟ କରାଯାଇଛି । ଡ଼ଙ୍ଗରଗଡ଼ ସୁରକ୍ଷା ପରିଷଦ ଟ୍ରଷ୍ଟର ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ଅଧକ୍ଷତାରେ ବୈଠକରେ ମହେନ୍ଦ୍ର ବାଗ, ଚନ୍ଦ୍ରସେନ ବାଗ, କୀର୍ତ୍ତନ ମାଝୀ, ଶଶୀଦେବ ମାଝୀ, ଦେବ ମାଝୀ, ଜୟରାମ ମାଝୀ, ଜଗନ୍ନାଥ ଶବର, ମଳର ଶବର, ଯଦୁରାମ ମାଝୀ, ଜୟସେନ ସାହୁ, ହୃଦାପଟେଲ, ଟିକେ ଶବର, ତ୍ରିଲୋଚନ ମାଝୀ, ହରିଶଙ୍କର ମାଝୀ, ଭବାନୀ ବାଗ, କ୍ଷୀର ମାଝୀ, ନୀଳେ ମାଝୀ, ମଞ୍ଜୁସୁତା ମାଝୀ, ଜନକ ମାଝୀ, ଦଳିନି ମାଝୀ, ସୁରଦେଇ ମାଝୀ, ପାର୍ବତୀ ମାଝୀ, ଫକ୍ରି ମାଝୀ, ବନିତା ମାଝୀ, ସୁରୁଦେଇ ମାଝୀ ପ୍ରମୁଖ ଯୋଗଦେଇ ଥିଲେ । କଳା, ସଂସ୍କୃତି ଓ ଡଙ୍ଗରଗଡ଼ ସୁରକ୍ଷା ପାଇଁ ଦୃଢ଼ ସଂକଳ୍ପ ନେଇ ଗତ ଦିନ ମାନଙ୍କରେ ବିଭିନ୍ନ ସମୟରେ ପର୍ବତାରୋହଣ କାର୍ଯ୍ୟକ୍ରମ କରାଯାଇଥିଲା । ଏଠାରେ ୫ଟି ବଡ଼ ଜଳପ୍ରପାତ, ଟୁରିଷ୍ଟ ସ୍ପଟ ଏବଂ ପ୍ରାୟ ୨୦ ହଜାର ବର୍ଷର ପଥର ଗୁମ୍ଫା ଚିତ୍ର ରହିଛି । ବର୍ଷ ତମାମ ଏଠାକୁ କଳାହାଣ୍ଡି ଜିଲ୍ଲା ସମେତ ପଡୋଶୀ ନବରଙ୍ଗପୁର, ନୂଆପଡ଼ା ଏବଂ ଛତିଶଗଡ଼ ରାଜ୍ୟରର ପର୍ଯ୍ୟଟକ ଆସିଥାନ୍ତି । ଡ଼ଙ୍ଗରଗଡ଼ ମହୋତ୍ସବର ଅଧକ୍ଷ ଡ଼. ଭବାନୀ ଶଙ୍କର ନିଆଲ ଅଛନ୍ତି ।

■ ହାତୀ ଆକ୍ରମଣରେ ଶିଶୁ ମୃତ୍ୟୁ ଘଟଣା

# ମୃତକଙ୍କ ପରିବାରକୁ ସହାୟତା

**ଲାଞ୍ଜିଗଡ଼, ୮ ।୧୧(ସମିସ):** କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ଲାଞ୍ଜିଗଡ଼ ବ୍ଲକ ନିୟମଗିରିରେ ପାହାଡ଼ର ପାଦଦେଶରେ ଥିବା ତ୍ରିଲୋଚନପୁର ପଞ୍ଚାୟତର



କୁନ୍ନାକାଡୁଗାଁର କାଣ୍ଡୁ ମାଝୀ ଚାଷ କରିବା ପାଇଁ ନିକଟସ୍ଥ ହରଡ଼ାଗୁଡା ଗାଁରେ ପରିବାର ସହ ରହୁଥିଲା । ଗତ ୩ ତାରିଖରେ ସକାଳ ୮ ଘଣ୍ଟା ସମୟ କାଣ୍ଡୁଙ୍କ ଦୁଇ ପୁଅ ହରଡ଼ାଗୁଡା ଗାଁରୁ ବାହାରି ନିଜ ଚାଷ ଗୁଡ଼ିଆକୁ ଯାଉଥିବା ବେଳେ ଦନ୍ତା ଆକ୍ରମଣରେ ରବି ମାଝୀ(୬)ର ମୃତ୍ୟୁ ଘଟିଥିଲା । ସାଥିରେ ଥିବା ରବିର ବଡ଼ଭାଇ ସାମରି ମାଝୀ (୮)ଙ୍କୁ ହାତୀ ଶୁଣ୍ଢରେ ଫିଙ୍ଗି ଦେଇଥିଲା । ଫଳରେ ତା' ପିଠିରେ ବି ଆଘାତ ହୋଇଥିଲେ ।ଶିଶୁଙ୍କୁ ହରାଇ ବାପା କାଣ୍ଡୁ ମାଝୀ ଓ ମା'ଙ୍କ ଆଖିରୁ ଲୁହ ଶୁଖୁନାହିଁ । ଲାଞ୍ଜିଗଡ଼ ଆଞ୍ଚଳିକ ବିକାଶ ପରିଷଦର ସଭାପତି ସମାଜସେବୀ ଶ୍ରୀଧର ପେସନିଅ ହରଡ଼ାଗୁଡା ଗାଁରେ ପହଞ୍ଚି ମୃତ ଶିଶୁଙ୍କ ବାପମା'ଙ୍କୁ ସମବେଦନା ଜଣାଇବା ସହିତ ଶୀତ ବସ୍ତ୍ର, ଲୁଗାପଟା, ରାସନ ସାମଗ୍ରୀ ଓ ୧୫ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ।ତାଙ୍କ ସହିତ ତ୍ରିଲୋଚନପୁର ନାଏବ ସରପଞ୍ଚ ତରାଣୀ ସେନ ବାଗ, ସମାଜସେବୀ ଶ୍ରୀମୁଖ ଅଗସ୍ତି, ଲାଞ୍ଜିଗଡ଼ ପ୍ରେସକ୍ଲବ୍ ଉପସଭାପତି କ୍ଷମାନିଧି ମହାଖୁଡ, ସାମ୍ବାଦିକ ରମେଶ ନାୟକ, ପିତାମ୍ବର ଦଳପତି ପ୍ରମୁଖ ଉପସ୍ଥିତ ଥିଲେ ।

# ପିଏମ୍‌ଶ୍ରୀ ବିଦ୍ୟାଳୟ ପରିସରରେ ଚାରାରୋପଣ

**କେସିଙ୍ଗା, ୮ ।୧୧ (ସମିସ):** କେସିଙ୍ଗା ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଔଷଧିୟ ଚାରାରୋପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି । ପ୍ରଧାନଶିକ୍ଷକ ସମୀର କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷ ରୋପଣ କରିଥିଲେ । ଇକୋ କ୍ଲବର ଭାରପ୍ରାପ୍ତ ଶିକ୍ଷକ ଗିରିଧାରୀ ଭୋଇ ଓ ଖେଳ ଶିକ୍ଷକ ତୁମେଶ୍ୱର ଶବର ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ ।




# ରାଜ୍ୟସ୍ତରୀୟ ସୁରଭିରେ ଭାଗନେବେ ଦୁଇ ଛାତ୍ରୀ




**କୋକସରା, ୮ ।୧୧(ସମିସ):** କଳାହାଣ୍ଡି ଜିଲ୍ଲାସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମରେ ଭାଗନେଇ ନିଜର ପ୍ରତିଭାର ସର୍ବୋଚ୍ଚ ପ୍ରଦର୍ଶନ କରି କୋକସରା ବ୍ଲକର ଦୁଇ ଜଣ ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମକୁ ଯାଉଛନ୍ତି । ସମାନେ ହେଲେ ବୁଢ଼ାରଜା ଉଚ୍ଚ ମାଧମିକ ବିଦ୍ୟାଳୟର ଛାତ୍ରୀ ହେମାଙ୍ଗିନୀ ନାଏକ ଓ ବଙ୍ଗୋମୁଣ୍ଡାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅନ୍ୟା ଅଗ୍ରୱାଲ । ହେମାଙ୍ଗିନୀ ବରିଷ୍ଠ ବିଭାଗ ଚିତ୍ରାଙ୍କନରେ ପ୍ରଥମ ସ୍ଥାନ ହାସଲ କରିଥିବାବେଳେ ଅନ୍ୟା ଅଗ୍ରୱାଲ ବରିଷ୍ଠ ବିଭାଗ କୁଇଜ୍‌ରେ ପ୍ରଥମ ସ୍ଥାନ ହାସଲ କରି ରାଜ୍ୟସ୍ତରୀୟ ସୁରଭିରେ ଯୋଗଦେବା ନେଇ ସୂଚନା ରହିଛି । ଉଭୟ ଛାତ୍ରୀଙ୍କୁ ନିଜ ନିଜ ସ୍କୁଲ ପକ୍ଷରୁ ରାଜ୍ୟସ୍ତରରେ ମଧ ପ୍ରଥମ ସ୍ଥାନ ହାସଲ କରି ନିଜ ଅଞ୍ଚଳର ନାଁ କରିବା ଶେଭେଚ୍ଛା ଜଣାଇଛନ୍ତି ।

# ଗାଡ଼ିଧୁଆରେ ଅପର୍ଯ୍ୟାପ୍ତ ପାଣି ନଷ୍ଟ

**କେସିଙ୍ଗା, ୮ ।୧୧(ସମିସ):** ଦିନକୁ ଦିନ ଭୂତଳ ଜଳ ତଳକୁ ଖସିବାରେ ଲାଗିଛି । ପ୍ରଥମେ ୫୦ରୁ ୧୦୦ଫୁଟ ଖୋଲିଲେ ମାଟି ତଳୁ ପାଣି ବାହାରୁଥିଲା ବର୍ତ୍ତମାନ ୨୦୦ ଶହ ଫୁଟ ଖୋଲିଲେ ମଧ ପାଣି ବାହାରୁନାହିଁ । ଏହାର କାରଣ ମଧ ରହିଛି ମନଇଛା ବୋରୱେଲ ଖୋଲା ଚାଲିଛି । ବୋରୱେଲ ଖୋଲିବା ପାଇଁ ସରକାରଙ୍କ ପକ୍ଷରୁ କୌଣସି ନିୟମ କାନୁନ ତିଆରି ହୋଇନାହିଁ । ହେଲେ ବର୍ତ୍ତମାନ ପିଇବା ପାଣି ବିକ୍ରି ଏକ ଲାଭଜନକ ଶିଳ୍ପରେ ପରିଣତ ହୋଇ ସାରିଛି । ସ୍ଥାନେ ସ୍ଥାନେ ବଡ଼ ବଡ଼ ଫ୍ୟାକ୍ରି କରି ପିଇବା ପାଣି ୫ ଟଙ୍କା ରୁ ଆରମ୍ଭ ହୋଇ ୫୦ଟଙ୍କା ପର୍ଯ୍ୟନ୍ତ ବିକ୍ରି କରି ମାଲିକମାନେ ଲକ୍ଷ ଲକ୍ଷ ଟଙ୍କା ଲାଭ ପାଉଛନ୍ତି । ଗୋଟିଏ ଗୋଟିଏ ପାଣି ଫ୍ୟାକ୍ଟ୍ରିରେ ୨୦ରୁ ୫୦ ବୋରୱେଲ୍ ଖୋଲି ମାଟିତଳୁ ପାଣି ଶୋଷା ଯାଉଥିଲେ ମଧ କହିବାକୁ କେହି ନାହାନ୍ତି । ଅନ୍ୟପଟେ ୱାଟର ସର୍ଭିସିଂ ନାମରେ ସ୍ଥାନେ ସ୍ଥାନେ ଏକ ବୋରୱେଲ୍ ଖୋଲି ଗୋଟିଏ ବାଇକ୍ ଧୋଇବା ପାଣି ହଜାର ହଜାର ଲିଟର ପାଣି ବ୍ୟବହାର ହେଉଛି । ଯଦି ଗୋଟିଏ ବାଇକ୍ ଧୋଇବା ପାଇଁ ଯଦି ହଜାର ହଜାର ଲିଟର ପାଣି ବରବାଦ ହେଉଛି ତାହା ପୁଣି ୫୦ରୁ ୧୦୦ ଟଙ୍କାରେ ତାହାହେଲେ ବସ୍ ଓ ଟ୍ରକ ଧୋଇବା ପାଇଁ ମାତ୍ର ୩୦୦ ଶହରୁ ୪୦୦ ଶହ ଟଙ୍କାରେ ପ୍ରାୟ ୫ରୁ ୨୦ହଜାର ଲିଟର ପାଣି ବ୍ୟବହାର ହୋଇ ବରବାଦ ହେଉଛି । ସରକାର କିମ୍ବା ସ୍ଥାନୀୟ ପ୍ରଶାସନ ଯଥା ଶୀଘ୍ର ସେହି ୱାଟର ସର୍ଭିଶିଂ ନାମରେ ପାଣି ବରବାଦ କରୁଥିବା ଦୋକାନୀଙ୍କ ପାଇଁ କିଛି ନୀତି ନିୟମ ନ କଲେ ଆଗାମୀ ଦିନରେ ପିଇବା ପାଇଁ ପାଣି ମିଳିବ ନାହି ।






# ମହାବୀର ମହୋତ୍ସବ ଉଦ୍‌ଘାଟିତ

**ଭବାନୀପାଟଣା, ୮ ।୧୧ (ସମିସ):** ସପ୍ତାହବ୍ୟାପୀ ମହାବୀର ମହୋତ୍ସବ ୨୦୨୫ ଶନିବାର ଉଦ୍‌ଘାଟିତ ହୋଇଯାଇଛି । ସକାଳେ ମହାବୀର ସାଂସ୍କୃତିକ ଅନୁଷ୍ଠାନର ପ୍ରତିଷ୍ଠାତା ସଭ୍ୟ ଯତୀନ୍ଦ୍ର କୁମାର ପଣ୍ଡା ପତାକା ଉତ୍ତୋଳନ କରି ଆନୁଷ୍ଠାନିକ ଭାବରେ ୬୧ତମ ଉତ୍ସବର ଉଦ୍‌ଘାଟନ କରିଥିଲେ । ପୂର୍ବାହ୍ନ ୧୦ଘଣ୍ଟାରୁ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ଭଏସ ଅଫ କଳାହାଣ୍ଡି କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥି ଭାବରେ ଅବଦୁଲ କାଦିର, ଭାବତୋଷ ରାୟଗୁରୁ ସମ୍ପାଦକ କଳାହାଣ୍ଡି ଲେଖକ କଳାପରିଷଦ, ସୁନାମଧନ୍ୟ ନୃତ୍ୟଗୁରୁ ପ୍ରତିଭା ଅନୁଷ୍ଠାନର ସଭାପତି ଧାନା ନନ୍ଦ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ । ସଭାପତିତ୍ୱ କରିଥିଲେ ଶାନ୍ତନୁ କୁମାର ବେହେରା, ସ୍ୱାଗତ ଭାଷଣ ସମ୍ପାଦକ ସତ୍ୟନାରାୟଣ ସିଂହ ପ୍ରଦାନ କରିଥିବାବେଳେ ମଞ୍ଚ ସୁଶାନ୍ତ ସିଂହ ପରିଚାଳନା କରିଥିବା ବେଳେ ସଞ୍ଜୀବ କୁମାର ସିଂହ ସଂଯୋଜନା କରିଥିଲେ ।

# ଟେର୍ଚ୍ଚାପଲାରେ କ୍ଷେତ୍ର ଦିବସ




**କର୍ଲାମୁଣ୍ଡା, ୮ ।୧୧(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଶ୍ରୀଅନ୍ନ ଅଭିଯାନ ପ୍ରକଳ୍ପର କାର୍ଯ୍ୟକାରୀ ସଂସ୍ଥା ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ସୋସାଇଟି ଓ ଓଡ଼ିଶା ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଜୋରାଡବରା ପଞ୍ଚାୟତ ଟେର୍ଚ୍ଚାପଲାରେ କ୍ଷେତ୍ର ଦିବସ ପାଳନ ହୋଇଯାଇଛି । ମୁଖ୍ୟଅତିଥି ଭାବେ କର୍ଲାମୁଣ୍ଡା 'ଖ' ଯୋନ ଜିଲ୍ଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ସମ୍ମାନିତ ଅତିଥି ଭାବେ କୃଷି ବିଭାଗ ଏଟିଏମ୍ ଶ୍ୟାମପଦ ଭଞ୍ଜ, ସାମାଜିକ କର୍ମୀ ଚୈତନ୍ୟ ସାହୁ, ୱାର୍ଡ ମେମ୍ବର ପଙ୍କଜ ମାଝୀ ଓ କ୍ଷେତ୍ର ସାହୁ, ଆଇସିଡିଏସ କର୍ମୀ ଚନ୍ଦ୍ରମା ତାଣ୍ଡି, ମାଣ୍ଡିଆ ଚାଷୀ ନନ୍ଦି କିଶୋର ମାଝୀ, ଶ୍ରୀଅନ୍ନ ଅଭିଯାନ ପ୍ରକଳ୍ପର କର୍ଲାମୁଣ୍ଡା ବ୍ଲକ କାର୍ଯ୍ୟକ୍ରମ ସଂଯୋଜକ ଜଗଦୀଶ ପ୍ରସାଦ ରଣା, ଅତିରିକ୍ତ ବ୍ଲକ କାର୍ଯ୍ୟକ୍ରମ ସଂଯୋଜକ ପ୍ରଦୀପ କୁମାର ସାହୁ, ଜୟ ଥୁଆମୁଲରାମପୁର ଅର୍ଗାନିକ ଫାର୍ମର ପ୍ରଡୁସର କମ୍ପାନୀ ଲିମିଟେଡ୍‌ର ସିଇଓ ଟଙ୍କଧର ନାଏକ ପ୍ରମୁଖ ଯୋଗଦେଇ କ୍ଷୁଦ୍ର ଶସ୍ୟର ଚାହିଦା ଓ ତାକୁ ଖାଦ୍ୟ ରୂପେ ଗ୍ରହଣ କରିବା, ଅମଳ ବୃଦ୍ଧି, ଚାଷର ବିଭିନ୍ନ ପଦ୍ଧତି, ମଣ୍ଡିର ବ୍ୟବସ୍ଥା ସହିତ ସରକାରୀସ୍ତରରେ ଥିବା ସୁବିଧା ସୁଯୋଗ ଓ କ୍ରପ କଟିଙ୍ଗର ଅନୁଭୂତି ଉପରେ ଆଲୋଚନା କରିଥିଲେ ।ଶ୍ରୀଅନ୍ନ ଅଭିଯାନ ପ୍ରକଳ୍ପର ସିଆରପି ଜୀବର୍ଦ୍ଧନ ସାହୁ, ବାଲ୍ମୀକି ଛତ୍ରୀଆ, କମଳ ସୁନା, ପ୍ରଫୁଲ୍ଲ ସାହୁ, ଗୋପୀ କାନ୍ତ ମାଝୀ, ଦେବେନ୍ଦ୍ର ମାଝୀ, ପିତାମ୍ବର ମାଝୀ, ଚୈତନ୍ୟ ମାଝୀ, ପ୍ରଶାନ୍ତ ମାଝୀ, କିରଣ ସାହୁ କୃଷକ ସାଥି କିଶୋର ନାଗ, ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ଗାଁରୁ ଶତାଧିକ ମାଣ୍ଡିଆ ଚାଷୀ ଯୋଗ ଦେଇଥିଲେ ।

ଡିସେମ୍ବର ୬ରୁ ରାଜ୍ୟସ୍ତରୀୟ କୁମାରସ୍ୱାମୀ ମହୋତ୍ସବ

# ଦେବଗିରିରେ ଚାଲିବ ସମ୍ରାଟ ଗୋସିଙ୍ଗ ଦୈତ୍ୟଙ୍କ ରାଜୁତି

**ଭବାନୀପାଟଣା, ୮ ।୧୧(ସମିସ)**

କଳାହାଣ୍ଡି କଳା, ସଂସ୍କୃତି, ଐତିହ୍ୟ, ପରମ୍ପରାର ବାର୍ତ୍ତାବହ ଦେବଗିରି ସାଂସ୍କୃତିକ ଅନୁଷ୍ଠାନର ବାର୍ଷିକ ଉତ୍ସବ ତଥା ରାଜ୍ୟସ୍ତରୀୟ କୁମାରସ୍ୱାମୀ ମହୋତ୍ସବ-୨୦୨୫ ଆସନ୍ତା ଡିସେମ୍ବର ୬ରୁ ୮ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଅନୁଷ୍ଠିତ ହେବ । କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ବୁଢ଼ୀପଦର ସ୍ଥିତ ଦେବଗିରି ସାଂସ୍କୃତିକ ଅନୁଷ୍ଠାନରେ ଏନେଇ ପ୍ରସ୍ତୁତି ଆରମ୍ଭ ହୋଇଥିବା ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ବିଜୟ କୁମାର ଧଙ୍ଗଡ଼ାମାଝୀ ପ୍ରକାଶ କରିଛନ୍ତି । ବିଗତ ବର୍ଷ ପରି ଚଳିତ ବର୍ଷ ମଧ କୁମାରସ୍ୱାମୀ ମହୋତ୍ସବର ମୁଖ୍ୟ ଆକର୍ଷଣ ରହିବ 'ଗୋସିଙ୍ଗ ଦୈତ୍ୟ ଦରବାର' । ପ୍ରାଚୀନ ଲୋକନୃତ୍ୟ ଡମ୍ ବଜା, ଡାପ୍, ବନାବାଡ଼ି, ଘୁମୁରା ସହ ରାଜ୍ୟର ଅନେକ ଲୋକସଂସ୍କୃତିରେ ଦୁଲୁକିବ ମଞ୍ଚ । ଲୋକଶ୍ରୁତି ଓ କିମ୍ବଦନ୍ତୀ ଅନୁସାରେ ମହିଷାସୁରଙ୍କ ଅଣନାତି ସମ୍ରାଟ ଗୋସିଙ୍ଗ ଦୈତ୍ୟ ଅସୁରଗଡ଼ରେ ରାଜୁତି କରିବା ସହ ଦେବଗିରି (ପ୍ରାଚୀନ କନକଗିରି) ରେ ଶିବ ଉପାସନା କରୁଥିଲେ । ତେଣୁ ଗୋସିଙ୍ଗ ଦୈତ୍ୟ ଦରବାର ମାଧ୍ୟମରେ ନୂତନ ପିଢ଼ିକୁ ଆଟବିକ ସଭ୍ୟତା ସହ ପରିଚିତ କରାଇବାକୁ ପ୍ରଚେଷ୍ଟା କରାଯାଇଛି ବୋଲି ଅନୁଷ୍ଠାନର ସାଂସ୍କୃତିକ ସମ୍ପାଦକ ସଲିଲ କୁମାର ଧଙ୍ଗଡ଼ାମାଝୀ ସୂଚନା ଦେଇଛନ୍ତି । ଗୋସିଙ୍ଗ ଦୈତ୍ୟ ଭୂମିକାରେ ଅଭିନୟ କରିବେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ବିଜୟ ଧଙ୍ଗଡ଼ାମାଝୀ । ଏହି ଅବସରରେ ରାଜ୍ୟର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିତ୍ୱମାନଙ୍କୁ ସମ୍ମାନିତ କରାଯିବାକୁ ସ୍ଥିରୀକୃତ ହୋଇଛି । ଦେବଗିରି ସାଂସ୍କୃତିକ ଅନୁଷ୍ଠାନ ପରିସରରେ ଆୟୋଜିତ ପ୍ରସ୍ତୁତି ବୈଠକ ସଭାପତି ସଞ୍ଜୟ କୁମାର ଧଙ୍ଗଡ଼ାମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ଉପସଭାପତି ଜୟଦ୍ରଥ ଜାଲ, ଯୁଗ୍ମ ସମ୍ପାଦକ ସୁଧୀର କୁମାର ଧଙ୍ଗଡ଼ାମାଝୀ, କ୍ରୀଡ଼ା ସମ୍ପାଦକ ଅନୀଲ କୁମାର ଧଙ୍ଗଡ଼ାମାଝୀ, ସଂଗଠନ ସମ୍ପାଦକ ପ୍ରକାଶ କୁମାର ଧଙ୍ଗଡ଼ାମାଝୀ, କୋଷାଧକ୍ଷ ସୁରେଶ କୁମାର ଧଙ୍ଗଡ଼ାମାଝୀଙ୍କ ସମେତ ଅନୁଷ୍ଠାନର ସମସ୍ତ କାର୍ଯ୍ୟକର୍ତ୍ତା ଓ ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ଥିଲେ ।



# ସୁବର୍ଣ୍ଣପୁର ଜିଲ୍ଲାପାଳ ପାଇବେ ପ୍ରଶାସନିକ ସେବା ରତ୍ନ ସମ୍ମାନ



ବଲାଙ୍ଗିର,୮ ।୧୧(ସମିସ): ଡିସେମ୍ବର ୨୫ରେ ବଲାଙ୍ଗିର ରାଜ ବୈଦ୍ୟ ଚିନ୍ତାମଣି ବେହେରା ସ୍ମୃତି ପରିଷଦର ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁଙ୍କୁ ଚଳିତ ବର୍ଷର ମର୍ଯ୍ୟାଦାଜନକ ପ୍ରଶାସନିକ ସେବା ରତ୍ନ ସମ୍ମାନ-୨୦୨୫ ପ୍ରଦାନ କରାଯିବ। ସେହିଭଳି ଜାତୀୟସ୍ତରରେ ସୁନାମ ଅର୍ଜନ କରିଥିବା ପୁଇଁନ୍ତଲା ବ୍ଲକ୍ ବନ୍ଧପଡା ଗ୍ରାମର ବିଶିଷ୍ଟ ବୈଦ୍ୟ ଝସକେତନ ଗୁରୁଙ୍କୁ ବୈଦ୍ୟରାଜ ଉପାଧି ପ୍ରଦାନ କରାଯିବ ବୋଲି ସମ୍ପାଦକ ଡ. ନବକିଶୋର ବେହେରା ଏକ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି।

# ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ




ବଲାଙ୍ଗିର,୮ ।୧୧(ସମିସ): ବଲାଙ୍ଗିର ଜିଲ୍ଲା କୃଷି ବିଭାଗ ଦ୍ୱାରା ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ପାଳିତ ହୋଇଛି। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଧୀରେନ୍ଦ୍ର ସିଂହ ବରିହାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବକୀ ସାହୁ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥଲେ। ସମ୍ମାନିତ ଅତିଥି ଭାବରେ ଉପ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ମାଧବ କୁମାର ସା, ଆଞ୍ଚଳିକ କୃଷି ସଂପ୍ରସାରଣ କେନ୍ଦ୍ରର ଅଧ୍ୟକ୍ଷ ସୁଧାକର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଶ୍ରୀ ଅନ୍ନ ଅଭିଯାନ କାର୍ଯ୍ୟକ୍ରମ ତରଫରୁ ପ୍ରତିବର୍ଷ ଏହି ମାଣ୍ଡିଆ ଦିବସ ଜିଲ୍ଲାସ୍ତରରେ ପାଳିତ ହୋଇଆସୁଛି। ଚଳିତ ବର୍ଷ ମାଣ୍ଡିଆ ଦିବସର ମୁଖ୍ୟ ପ୍ରସଙ୍ଗ କୃଷି ଐତିହ୍ୟ ଓ ଜୈବ ବିବିଧତା ସଂରକ୍ଷଣରେ ମହିଳାଙ୍କ ଭୂମିକା ରଖାଯାଇଛି। ଏହି ଅବସରରେ ଜିଲ୍ଲାର ଶ୍ରେଷ୍ଠ ମାଣ୍ଡିଆ ଚାଷୀ ଭାବେ ବେଲପଡା ବ୍ଲକର କୁନ୍ତଳା ଧରୁଆ ଏବଂ ଲଘୁ ଶସ୍ୟ ଓ ବିଲୁପ୍ତ ପ୍ରାୟ ଅନ୍ୟାନ୍ୟ ଫସଲର ଶସ୍ୟ ଓ ଖାଦ୍ୟ ସଂରକ୍ଷଣ ପାଇଁ ମୁରିବାହଲ ବ୍ଲକର ଯଶୋଦା ଭୁଏଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ କୃଷକ ଉତ୍ପାଦକ ସଂସ୍ଥା ହିସାବରେ ମୁରିବାହଲସ୍ଥିତ ଆଶା ମିଲେଟ କୃଷକ ଉତ୍ପାଦକ ସଂସ୍ଥା, ଶ୍ରେଷ୍ଠ ସହଯୋଗୀ ସଂସ୍ଥା ହିସାବରେ ୱାଇସିଡ଼ିଏ, ଶ୍ରେଷ୍ଠ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ହିସାବରେ ମୁରିବାହାଲର ରାଧାରାଣୀ ସ୍ୱୟଂ ସହାୟକ ଗୋଷ୍ଠୀକୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ମିଲେଟ ଜାତୀୟ ଶସ୍ୟର ଉପକାରିତା ବିଷୟରେ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ସମସ୍ତ କାର୍ଯକ୍ରମକୁ ଶ୍ରୀ ଅନ୍ନ ଅଭିଯାନ ଜିଲ୍ଲା ଯୋଜନା ଅଧିକାରୀ ସୁନନ୍ଦା ସାହୁ ପରିଚାଳନା କରିଥିଲେ।

# ଲୋଇସିଂହା ବ୍ଲକ୍ ଅଧ୍ୟକ୍ଷ-ବିଡିଓ ମୁହାଁମୁହିଁ

ବଲାଙ୍ଗିର,୮ ।୧୧(ସମିସ)

- ଭୋଜି ନିଶାରେ ସମସ୍ତେ ନିଜ ଦାୟିତ୍ୱ ଭୁଲିଗଲେ
- ବିଡିଓଙ୍କୁ ନିଶାସକ୍ତ ଅବସ୍ଥାରେ ଦେଖି ଅଧ୍ୟକ୍ଷ ଖପ୍ପା
- ଦୋଷ ସ୍ୱୀକାର କରିବା ବଦଳରେ ବିଡିଓଙ୍କ ଯୁକ୍ତିତର୍କ
- ଘଟଣା ଲୁଚାଇବାକୁ ବ୍ଲକ୍ ପ୍ରଶାସନ ଆପ୍ରାଣ ଉଦ୍ୟମ

ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ୍ ପରିସରରେ ବିଡିଓ-ଅଧ୍ୟକ୍ଷ ମୁହାଁମୁହିଁ ହୋଇଥିବା ଜଣାପଡିଛି। ଗତ କିଛି ମାସ ହେଲା ବ୍ଲକରେ ପ୍ରଶାସନିକ ଅଧିକାରୀମାନଙ୍କ ମନମୁଖୀ କାରବାର ବୃଦ୍ଧି ପାଇଥିବା ବେଳେ ଦୁର୍ନୀତି ମଧ ଚରମସୀମାରେ ପହଞ୍ଚିଛି। ଏହାକୁ ନେଇ କ୍ଷୁବ୍ଧ ଥିବା ବ୍ଲକ୍ ଅଧ୍ୟକ୍ଷ ଶୁକ୍ରବାର ବିଡିଓଙ୍କ ସାମ୍ନାରେ ଅସନ୍ତୋଷ ଜାହିର କରିଥିଲେ। ଏପରିକି ପରିସ୍ଥିତି ହାତାହାତି ପର୍ଯ୍ୟନ୍ତ ଯାଇଥିବା ଚର୍ଚ୍ଚା ହେଉଛି। ଏନେଇ କିନ୍ତୁ ଥାନାରେ କୌଣସି ଅଭିଯୋଗ ହୋଇନି। ବ୍ଲକରେ ଘଟିଥିବା ଏହି ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

ବଲାଙ୍ଗିର ଜିଲ୍ଲାର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ବ୍ଲକ୍ ହେଉଛି ଲୋଇସିଂହା ବ୍ଲକ୍। ତେବେ ଏହି ବ୍ଲକରେ ଗତ କିଛି ମାସ ହେଲା ଦୁର୍ନୀତି ଚରମସୀମାରେ ପହଞ୍ଚିଥିବା ଅଭିଯୋଗ ହୋଇଛି। ଉନ୍ନୟନମୂଳକ କାମରେ ଅନିୟମିତତା ଓ ପିସି କାରବାର ଜୋରସୋରରେ ଚାଲିଛି। ଏହା ପଛରେ ଏବିଡିଓ କିଶୋର ମାନସିଂହ ହାତ ରହିଥିବା ଚର୍ଚ୍ଚା ହେଉଛି। ତେବେ ବିଡିଓ, ଏବିଡିଓ ଓ ଅନ୍ୟ ଅଧିକାରୀମାନେ ଜାଣିଶୁଣି ବିକାଶମୂଳକ କାମରେ ବାଧା ଦେଉଛନ୍ତି। ଠିକ୍ ଭାବେ ସମୟାନୁସାରେ କୌଣସି କାର୍ଯ୍ୟ କରୁ ନ ଥିବା ଅଭିଯୋଗ ହୋଇଛି। ଶୁକ୍ରବାର ସନ୍ଧ୍ୟାରେ ବ୍ଲକ ପରିସରରେ ଏହିଭଳି କିଛି ଅଭିଯୋଗକୁ ନେଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡିଛି। ବ୍ଲକରେ ଶୁକ୍ରବାର ୨/୩ଜଣ କର୍ମଚାରୀକୁ ଛାଡିଦେଲେ କେହି ୧୨ଟା ପରେ ଉପସ୍ଥିତ ନ ଥିବା ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ସମସ୍ତ ଅଧିକାରୀ ଓ କର୍ମଚାରୀ କୁଆଡେ ରତାଖଣ୍ଡିରେ ଛାଡଖାଇ ଭୋଜିରେ ମସଗୁଲ ଥିବା ସେ କହିଛନ୍ତି। ସଂଧ୍ୟାରେ ବିଡିଓ କାର୍ଯ୍ୟାଳୟକୁ ଆସିବା ପରେ ସେ କୁଆଡେ ନିଶାସକ୍ତ ଅବସ୍ଥାରେ ରହିଥିଲେ। ଏହାକୁ ନେଇ ଶ୍ରୀ ପଟେଲ କ୍ଷୁବ୍ଧ ହୋଇ ବିଡିଓଙ୍କ ଉପରେ ରାଗିଯାଇ ବର୍ଷିଥିଲେ। ବିଡିଓ ମଧ ଅଧ୍ୟକ୍ଷଙ୍କ ସହ ଯୁକ୍ତିତର୍କ କରିଥିଲେ।

ଏଣୁ ବ୍ଲକ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ଘଟଣା ଏବେ ଲୋଇସିଂହା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହାକୁ ଲୁଚାଇବାକୁ ବ୍ଲକ ପ୍ରଶାସନ ଉଦ୍ୟମ ଚଳାଇଛି। ଏନେଇ କୌଣସି ମାମଲା ରୁଜୁ ହୋଇନି। ବିଡିଓଙ୍କ ଏହିଭଳି କାରବାର ନେଇ ବ୍ଲକ ଅଧ୍ୟକ୍ଷ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ ବ୍ଲକର ଅନ୍ୟ କର୍ମଚାରୀମାନେ ମୁହଁ ଖୋଲିନାହାନ୍ତି। ସରକାରୀ କାର୍ଯ୍ୟ ଭିତରେ ଛାଡଖାଇ ଭୋଜି ଅଭିଯୋଗକୁ ନେଇ ଜଣେ ଯନ୍ତ୍ରୀଙ୍କୁ ପଚାରିବାରୁ ଭୋଜି ନୁହଁ; ବରଂ ସମସ୍ତଙ୍କ ଖାଇବା ଲାଗି ବ୍ୟବସ୍ଥା ହୋଇଥିଲା। ବିଡିଓ ,ବଂ ଏବିଡିଓ ସେହିପଟେ ସରକାରୀ କାର୍ଯ୍ୟରେ ଯାଇଥିବାରୁ ତାଙ୍କୁ ଡକାଯାଇଥିଲା ବୋଲି କହିଛନ୍ତି। ଏନେଇ ବିଡିଓ ଅକ୍ଷୟ ପାଣିଙ୍କୁ ଫୋନରେ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ ଉଠାଇ ନ ଥିଲେ କିମ୍ବା ଏନେଇ କୌଣସି ଉତ୍ତର ମଧ ରଖିନାହାନ୍ତି। ଏଣୁ ବ୍ଲକ ଅଧ୍ୟକ୍ଷଙ୍କ ଅଭିଯୋଗରେ ସତ୍ୟତା ରହିଛି ବୋଲି ଏହା ସ୍ପଷ୍ଟ କରୁଛି।

# ବସ୍ କର୍ମଚାରୀଙ୍କୁ ଅଗ୍ନି ନିରାପତ୍ତା ତାଲିମ





ବଲାଙ୍ଗିର,୮ ।୧୧(ସମିସ): ଘରୋଇ ବସ୍, ସରକାରୀ ବସ୍ ଏବଂ ସ୍କୁଲବସ୍ କର୍ମ.ରୀଙ୍କୁ ଅଗ୍ନି ନିରାପତ୍ତା ଉପରେ ତାଲିମ ଦିଆଯାଇଚି। ନୂତନ ବସ୍ ଟର୍ମିନାଲରେ ଏହି ତାଲିମ ଦିଆଯାଇଥିଲା। ଆଞ୍ଚଳିକ ପରିବହନ ଓ ଅଗ୍ନିଶମ ବିଭାଗର ମିଳିତ ଆନୁକୂଲ୍ୟରେ ଏହା ଅନୁଷ୍ଠିତ ହୋଇଥିଲା। ଘରୋଇ ବସ୍ ମାଲିକ ସଂଘର ସଭାପତି ଦୁର୍ଗାଚରଣ ବେହେରା ସଂଯୋଜନା କରିଥିଲେ। ଏଥିରେ ଆଞ୍ଚଳିକ ପରିବହନ ଅଧିକାରୀ ପ୍ରିୟବ୍ରତ ମହାନ୍ତି, ଏମ୍‌ଭିଆଇ ଗୌରହରି ହସଁଦା, କନିଷ୍ଠ ଏମ୍‌ଭିଆଇ ପ୍ରଶାନ୍ତ ପାଢୀ, ସହକାରୀ ଅଗ୍ନିଶମ ଅଧିକାରୀ ତେଜ କୁମାର ଏକ୍କା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବସ୍‌ରେ ହଠାତ୍ ଅଗ୍ନିକାଣ୍ଡ ଘଟିଲେ କିପରି ରକ୍ଷା ପାଇ ହେବ ସେ ସଂପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂପାଦକ ଚଗଲା ପରିଚ୍ଛା, ଉପସଭାପତି ଲିକୁନ ଆ.ର୍ଯ୍ୟ, କୋଷାଧ୍ୟକ୍ଷ ଶିବଶଙ୍କର ପଟେଲ, ସହସଂପାଦକ ଶଙ୍କର ପଟ୍ଟନାୟକ, ବରିଷ୍ଠ ସଭ୍ୟ ଅକ୍ଷୟ କଣ୍ଟା, ସୁନିଲ ମିଶ୍ର, ଡମ୍ବରୁଧର ଆ.ର୍ଯ୍ୟ, ମାନସ ରଂଜନ ନାୟକ, ଭବାନି ଶଙ୍କର ପଟେଲ, ଚନ୍ଦ୍ରମଣି ତ୍ରିପାଠି, ଜ୍ୟୋତିପ୍ରକାଶ କୁମ୍ଭାର, ପାରିଶ ପଟେଲ, ଅରୁଣ ବରେଇ, ଜୟନ୍ତ ଦେଓ, ଶିବନାରାୟଣ ଟାଲି, ରୁଦ୍ର ନାରାୟଣ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

# ବାୟୋଡିଗ୍ରେଡେବଲ୍ କ୍ୟାରିବ୍ୟାଗ୍ ଶିଳ୍ପ ଉଦ୍‌ଘାଟିତ



ବଲାଙ୍ଗିର,୮ ।୧୧(ସମିସ): ବଲାଙ୍ଗିର ରାଜକିଶୋର ପୁଟେଲଙ୍କ ସୋନାଲି ସଦର ବ୍ଲକ୍ ବରକାନି ଗ୍ରାମରେ ବାୟୋଡିଗ୍ରେଡେବଲ କ୍ୟାରିବ୍ୟାଗ୍ ଶିଳ୍ପ ଉଦ୍‌ଘାଟିତ ହୋଇଛି। ବଲାଙ୍ଗିର ପୌରାଧ୍ୟକ୍ଷା ଲିକା ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ।

ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବ୍ୟାଙ୍କ ଅଫ୍ ଇଣ୍ଡିଆର ସିନିୟର ମ୍ୟାନେଜର ବିପି ବେହେରା, ଜିଲ୍ଲା ଶିଳ୍ପ ଅଧିକାରୀ ବିଷ୍ଣୁ ପ୍ରସାଦ ଦାଶ ଯୋଗ ଦେଇଥିଲେ। ଏହି ଉଦ୍ୟମ ଦ୍ୱାରା ଗ୍ରାମୀଣ ଯୁବକ ଯୁବତୀଙ୍କୁ ରୋଜଗାର ସୁଯୋଗ ମିଳିବ। ଏହା ସହ ପ୍ଲାଷ୍ଟିକମୁକ୍ତ ପରିବେଶ ଗଠନରେ ଏକ ପଦକ୍ଷେପ ହେବ ବୋଲି ପୌରାଧ୍ୟକ୍ଷା ଶ୍ରୀମତୀ ସାହୁ ଏହି ଅବସରରେ ଜଣାଇଥିଲେ। ପରିବେଶ ସୁରକ୍ଷା ଓ ଉଦ୍ୟମୀତାକୁ ପ୍ରୋତ୍ସାହନ ଦେବା ଏହି ଶିଳ୍ପର ପ୍ରଧାନ ଲକ୍ଷ୍ୟ ବୋଲି ପୌରାଧ୍ୟକ୍ଷା ଶ୍ରୀମତୀ ସାହୁ କହିଥିଲେ।

# ଜିଲ୍ଲାସ୍ତରୀୟ ଛାୟା ସଂସଦ ପ୍ରତିଯୋଗିତା




ବଲାଙ୍ଗିର,୮ ।୧୧(ସମିସ): ବଲାଙ୍ଗିର ପିଏମ୍‌ଶ୍ରୀ ପୃଥ୍ୱିରାଜ ଉଚ୍ଚ ବିଦ୍ୟାଳୟର ସେଣ୍ଟେନରୀ ହଲ୍‌ରେ ଜିଲ୍ଲାସ୍ତରୀୟ ଛାୟା ସଂସଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଉପଜିଲ୍ଲାପାଳ ଆଲୋକ ପଟେଲ ଉଦ୍‌ଘାଟନ କରିଥିଲେ। ନିଜ ବକ୍ତବ୍ୟରେ ସେ ଛାତ୍ରଛାତ୍ରୀଙ୍କ ନେତୃତ୍ୱ ବିକାଶ ଓ ଉତ୍ତର ଦାୟିତ୍ୱ ପ୍ରତି ସଚେତନ କରିବାରେ ଏହି ଛାୟା ସଂସଦ କାର୍ଯକ୍ରମ ସହାୟକ ହେବ ବୋଲି ମତପ୍ରକାଶ କରିଥିଲେ। ଜିଲ୍ଲାର ୨୧ଟି ପିଏମଶ୍ରୀ ହାଇସ୍କୁଲରୁ ମନୋନୀତ ହୋଇ ଆସିଥିବା ୮୪ଜଣ ଛାତ୍ରଛାତ୍ରୀ ବାଚସ୍ପତି, ପ୍ରଧାନମନ୍ତ୍ରୀ, କୃଷିମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ବିରୋଧୀ ଦଳ ନେତା ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ। ଏହି ପ୍ରତିଯୋଗିତାରେ ସ୍କୁଲର ଛାତ୍ର ଶୁଭମ୍ ପଣ୍ଡା ଓ ଦେଓଗାଁ ବ୍ଲକ୍ ରାମଚନ୍ଦ୍ରପୁର ଏସଏସଡିର ଛାତ୍ରୀ ଏଲିନା କୁମାର ଶ୍ରେଷ୍ଠ ସଂସଦ ଭାବେ ଯୋଗ୍ୟ ବିବେଚିତ ହୋଇ ରାଜ୍ୟସ୍ତରୀୟ ଛାୟା ସଂସଦ ପ୍ରତିଯୋଗିତାରେ ଯୋଗ ଦେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ୨୧ଟି ପିଏମଶ୍ରୀ ସ୍କୁଲରୁ ଆସିଥିବା ଛାତ୍ରଛାତ୍ରୀ ନିଜ ବିଦ୍ୟାଳୟର ସଫଳ ଗାଥାକୁ ପ୍ରଦର୍ଶନୀ ମାଧ୍ୟମରେ ଦେଖାଇଥିଲେ। ଏହା ସହ କୁଇଜ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ପୁଇଁତଲା ବିଇଓ ରତ୍ନମୟୀ ପୁରୋହିତ, ଦେଓଗାଁ ବିଇଓ ମମତା ମହାଡ଼ିକ ଓ ଗୁଡଭେଲା ବିଇଓ ନମିତା ଭୋଇ ଏହି କୁଇଜ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଉଭୟ ପ୍ରଦର୍ଶନୀ ଓ କୁଇଜ କାର୍ଯ୍ୟକ୍ରମରେ ପିଏମ୍‌ଶ୍ରୀ ପୃଥ୍ୱିରାଜ ହାଇସ୍କୁଲ ପ୍ରଥମ, ପିଏମଶ୍ରୀ ସରକାରୀ ବାଳିକା ବିଦ୍ୟାଳୟ ପାଟଣାଗଡ ଦ୍ୱିତୀୟ ଓ ପିଏମ୍‌ଶ୍ରୀ ଧବଳେଶ୍ୱର ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଟିଟିଲାଗଡ ତୃତୀୟ ସ୍ଥାନ ଅଧିକାର କରିଥିଲା। ଏଡିଇଓ ପ୍ରବୀର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏଡିଇଓ ରୀନା କୁମାରୀ ବେହେରା, ଏଡିଇଓ ସେବାଶ୍ରୀ ଭୋଇ, ବିଜ୍ଞାନ ଶିକ୍ଷକ ଆନନ୍ଦ ବଡ଼ପଣ୍ଡା, ରାଜ ପ୍ରସାଦ ପ୍ରଧାନ, ସୁନୀଲ ବେହେରା, ଅଗ୍ନି ନାଏକ, ସୁନୀଲ ପାତ୍ର, ଜୟକୃଷ୍ଣ ନାଏକ, ଶଙ୍କର ମିଶ୍ର, ଶ୍ରୀକୃଷ୍ଣ ପଟେଲ ଓ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟର ପ୍ରୋଗ୍ରାମ କୋ-ଅର୍ଡିନେଟର ଦେବେଶ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

# ସମସ୍ୟାରେ ଘାଣ୍ଟି ହେଉଛନ୍ତି ଦୁର୍ଘଟଣାଗ୍ରସ୍ତ

ବଲାଙ୍ଗିର,୮ ।୧୧(ସମିସ)

- ଦୁର୍ଘଟଣା ପରେ ଫେରାର ହୋଇଯାଉଛି ଗାଡି
- ଗୋଟିଏ ବି ଗାଡ଼ି ଧରିବାରେ ସଫଳ ହେଉନି ପୁଲିସ
- ଦୁର୍ଘଟଣାରେ ଅନେକ ଜୀବନ ଯାଉଛି
- ନା କ୍ଷତିପୂରଣ ମିଳୁଛି ନା ବୀମା

ବଲାଙ୍ଗିର ଜିଲ୍ଲାର ରାସ୍ତାରେ ଅଜଣା ଗାଡି ଦୁର୍ଘଟଣାରେ ଲୋକଙ୍କ ଜୀବନ ଯାଉଥିବା ବେଳେ ଆନେକ ଆହତ ହୋଇ ଅର୍କମଣ୍ୟ ହେଉଛନ୍ତି। ଦୁର୍ଘଟଣା ଯୋଗୁଁ ଲୋକଙ୍କ ଜୀବନ ସମସ୍ୟା ଭିତରକୁ ଠେଲି ହୋଇଯାଉଛି। ଦୁର୍ଘଟଣା ଘଟାଇଥିବା ଗାଡି କିନ୍ତୁ ଫେରାର ହୋଇଯାଉଛି। କିଛି ଘଟଣାରେ ନିଜେ ପୁଲିସ ବାବୁମାନେ ଗାଡିକୁ ଫେରାର କରାଇଦେଉଛନ୍ତି। ଆଉ କିଛି ଘଟଣାରେ ଦୁର୍ଘଟଣା ଘଟାଇ ଫେରାର ଗାଡିକୁ ଧରିବାରେ ପୁଲିସ ବିଫଳ ହେଉଛି। ଏହାଫଳରେ ଦୁର୍ଘଟଣାର ଶିକାର ହେଉଥିବା ବ୍ୟକ୍ତିମାନେ ନା କ୍ଷତିପୂରଣ ପାଉଛନ୍ତି ନା ସେମାନଙ୍କ ଚିକିତ୍ସା ପାଇଁ ସହାୟତା ମିଳୁଛି। ଏମିତି ଅନେକ ଘଟଣା କିଛି ଦିନ ଭିତରେ ସାମ୍ନାକୁ ଆସିଛି। ବେପାରୁଆ ଗାଡିଚାଳନା ଯୋଗୁଁ କେମିତି ଲୋକଙ୍କ ଜୀବନ ସମସ୍ୟାରେ ପଡୁଛି ଏହା ସ୍ପଷ୍ଟ କରୁଛି।

ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ୍ ଭରସୁଜା ଛେଲିଆପାଟ ମନ୍ଦିର ନିକଟରେ ବୁଧବାର ରାତିରେ ଏକ ଗାଡି ଧକ୍କାରେ ଦୁଇ ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିଲା। ଏହି ଦୁର୍ଘଟଣା ଘଟାଇଥିବା ଗାଡିଟି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଆଜି ପର୍ଯ୍ୟନ୍ତ ଗାଡିକୁ ଆଗଲପୁର ପୁଲିସ ଠାବ କରିବାରେ ବିଫଳ ହୋଇଛି। ଅନ୍ୟପକ୍ଷରେ ସ୍ଥାନୀୟ ଅଞ୍ଚଳବାସୀଙ୍କ କହିବା ଅନୁସାରେ ଦୁର୍ଘଟଣା ଘଟାଇଥିବା ଜେସିବି ରାସ୍ତା ନିର୍ମାଣ କାମରେ ନିୟୋଜିତ ହୋଇଥିବା ବେଳେ ଦୁର୍ଘଟଣା ଘଟାଇବା ପରେ ଫେରାର ହୋଇଯାଇଥିଲା। ଏପରିକି ଠିକା ସଂସ୍ଥା କ୍ୟାମ୍ପ ମଧ ରାତାରାତି ଉଠାଇ ନିଆଯାଇଥିଲା। ଏହାକୁ ନେଇ ସ୍ଥାନୀୟ ଲୋକେ କ୍ଷତିପୂରଣ ସହ ଗାଡିକୁ ଜବତ କରିବା ଦାବିରେ ଗୁରୁବାର ରାସ୍ତାରୋକ କରିଥିଲେ। ଏଯାଏଁ ମୃତ ପରିବାର ଲୋକଙ୍କୁ ନ୍ୟାୟ ମିଳିନାହିଁ। ସେହିପରି ବୁଧବାର ଆଉ ଏକ ଦୁର୍ଘଟଣାରେ ଜଣେ କୋମଳମତି ଶିଶୁ ଗୁରୁତର ହୋଇଛି। ଲୋଇସିଂହା ଥାନା ରୁଗୁଡିଖାଲରେ ଦ୍ରୁତଗତିରେ ଆସୁଥିବା ଏକ କାର୍ ଶିଶୁଟିକୁ ରାସ୍ତାରେ ଧକ୍କା ଦେଇଥିଲା। ରୁଗୁଡିଖାଲ ଛକରେ ଦୋକାନୀ କରିଥିବା ୱାସିମ କ୍ୟୁରେସୀଙ୍କ ପୁଅ ଆୟାନ କ୍ୟୁରେସୀ ଗୁରୁତର ହୋଇଥିଲେ। ଘଟଣା ଘଟିବା ପରେ କାର୍‌ଟି ଫେରାର ହୋଇଯାଇଥିଲା। ଶିଶୁଟି ଗୁରୁତର ଆହତ ହୋଇ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲା; ଅବସ୍ଥା ସଂକଟାପନ୍ନ ରହିଥିବାରୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା; କିନ୍ତୁ ଅବସ୍ଥା ଅଧିକ ସଂକଟାପନ୍ନ ହେବାରୁ ତାଙ୍କୁ ବରଗଡର ଏକ ଘରୋଇ ଡାକ୍ତରଖାନ ଆସିୟୁରେ ରଖାଯାଇଛି। ତେବେ ତାଙ୍କ ଚିକିତ୍ସା ପାଇଁ ବହୁ ପରିମାଣରର ଅର୍ଥ ଆବଶ୍ୟକ। ଏତେ ଟଙ୍କା କେଉଁଠୁ ଆସିବ ସେ ଚିନ୍ତାରେ ପରିବାର ଲୋକ। ଅନ୍ୟପକ୍ଷରେ ଦୁର୍ଘଟଣା ଘଟାଇଥିବା ଗାଡିକୁ ପୁଲିସ ଜବତ କରିନି। ଏନେଇ ଲିଖିତ ଅଭିଯୋଗ ହୋଇ ନ ଥିବାରୁ ଲୋଇସିଂହା ପୁଲିସ ମାମଲା ରୁଜୁ କରିନାହିଁ; କିନ୍ତୁ ଗାଡିକୁ ଠାବ କରି ପୁଲିସ ଗାଡି ମାଲିକ ସହ ଆଲୋଚନା କରିଥିବା ଜଣାପଡିଛି। ଯଦି ଲିଖିତ ଅଭିଯୋଗ ହୋଇନାହିଁ ତେବେ ଗାଡି ମାଲିକ ସହ ପୁଲିସ କି ଆଲୋଚନା କରିଛି ତାକୁ ନେଇ ପ୍ରଶ୍ନ ଉଠିଛି।

ସେହିପରି କିଛି ଦିନ ପୂର୍ବରୁ ବଲାଙ୍ଗିର-ଲୋଇସିଂହା ରାଜପଥ ଜାମସର ନିକଟରେ ରାସ୍ତା କଡର ପାର୍କିଂ ହୋଇଥିବା ଏକ ଅଜଣା ଗାଡିକୁ ରାତିରେ ଏକ ବୋଲେରୋ ଧକ୍କା ଦେଇଥିଲା। ଏହି ଘଟଣାରେ କଳାହାଣ୍ଡି ଓ ନୂଆପଡାର ଦୁଇ ଜଣଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟିବା ପରେ ଗାଡି ଫେରାର ହୋଇଯାଇଥିଲା। ଗାଡିକୁ ଫେରାର କରିବା ପଛରେ କୁଆଡେ ଦାୟିତ୍ୱରେ ଥିବା କିଛି ପୁଲିସ କର୍ମଚାରୀଙ୍କ ହାତ ରହିଥିବା ଅଭିଯୋଗ ହୋଇଥିଲା। ସେହିପରି କିଛି ଦିନ ପୂର୍ବରୁ ବଲାଙ୍ଗିର-ଟିଟିଲାଗଡ ରାସ୍ତା ଖର୍ଲିକାନୀରେ ଅଜଣା ଗାଡିରେ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ମଧ ପୁଲିସ ଗାଡିକୁ ଠାବ କରିବାରେ ବିଫଳ ହୋଇଥିଲା। ତେବେ ଏସବୁ ମାତ୍ର ଗୋଟିଏ ଗୋଟିଏ ଉଦାରହରଣ। ଏହିଭଳି ଭାବେ ଅନେକ ସମୟରେ ଜିଲ୍ଲାରେ ହେଉଥିବା ଦୁର୍ଘଟଣାରେ ସେହି ଅଜଣା ଗାଡିକୁ ଧରିବାରେ ପୁଲିସ ବିଫଳ ହେଉଛି। ଏହା ଫଳରେ ମୃତକଙ୍କ ପରିବାରକୁ ନା ବୀମା ଟଙ୍କା ମିଳୁଛି ନା ବଡ ଧରଣର କ୍ଷତିପୂରଣ ମିଳୁଛି। ଏମିତିରେ ଯାହାର ଜୀବନ ଗଲା କିମ୍ବା ଯିଏ ଆହତ ହୋଇ ଅର୍କମଣ୍ୟ ହେଲେ ସେ ନିଜ ଭାଗ୍ୟ ଆଦରି ରହୁଛନ୍ତି। ଦୁର୍ଘଟଣା ଘଟାଉଥିବା ଗାଡି ଉପରେ କିଛି କାର୍ଯ୍ୟାନୁଷ୍ଠାନ ହୋଇପାରୁନାହିଁ।

# ଅଗ୍ନିଶମ ବିଭାଗ ତରଫରୁ ସଚେତନ କାର୍ଯ୍ୟକ୍ରମ



ଟିଟିଲାଗଡ଼,୮ ।୧୧(ସମିସ): ସ୍ଥାନୀୟ ଡିଏଭି ପବ୍ଲିକ ସ୍କୁଲ ପରିସରରେ ଅଗ୍ନିଶମ ବିଭାଗ ତରଫରୁ ଜନ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ବାଲକୃଷ୍ଣ ଶର୍ମାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଟିଟିଲାଗଡ଼ ଅଗ୍ନିଶମ ବିଭାଗ ଅଧିକାରୀ ରାଧେଶ୍ୟାମ ବାରିକ ମୁଖ୍ୟ ଅତିଥି ରୂପେ ଯୋଗଦେଇ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଅଗ୍ନିର ଭୟାବହତା ସହିତ କିପରି ସହଜରେ କମ୍ ସମୟରେ ଆୟତ୍ତ କରାଯାଇ ପାରିବ ସେହି ବିଷୟରେ ମାର୍ଗ ଦର୍ଶନ କରିଥିଲେ। ଏହାସହ ବିଭିନ୍ନ କ୍ରିୟାକଳାପ ପ୍ରଦର୍ଶନ କରିଥିଲେ। ଅନ୍ୟପକ୍ଷେ ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡ. ସୁନନ୍ଦା ପାଢ଼ୀଙ୍କ ନେତୃତ୍ୱରେ ତୃତୀୟ ଶ୍ରେଣୀଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଉପଯୁକ୍ତ ମାର୍ଗଦର୍ଶନ କରିଥିଲେ।

# ନୀଳଗିରି ବିଜେଡିର ବିଶାଳ ଜନସମ୍ପର୍କ ପଦଯାତ୍ରା

ନୀଳଗିରି, ୮।୧୧ (ସମିସ)




ରାଜ୍ୟବାସୀଙ୍କୁ ମିଥ୍ୟା ପ୍ରତିଶ୍ରୁତି ଏବଂ ଭୋଟ ଚୋରୀ କରି ଶାସନକ୍ଷମତାକୁ ଆସିଥିବା ବିଜେପି ସରକାର ଇତିମଧ୍ୟରେ ୧୭ମାସ ଶାସନ କରିଥିଲେ ହେଁ ଲୋକଙ୍କୁ ଦେଇଥିବା କୌଣସି ପ୍ରତିଶ୍ରୁତି ପାଳନ କରିନାହାନ୍ତି। ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ। ନାରୀ ନିର୍ଯାତନା, ଏସ୍‌ଆଇ ପରୀକ୍ଷାରେ ମହାଦୁର୍ନୀତି, ନରହତ୍ୟା ଭଳି ଜଘନ୍ୟ ଅପରାଧ ବୃଦ୍ଧିପାଇଛି। ଏପରିକି ପୁଲିସର ନିଷ୍କ୍ରିୟତା ବର୍ତ୍ତମାନର ସରକାରଙ୍କଠାରୁ ଆସ୍ଥା ହରେଇ ଦେଇଛି। ଏଭଳି ସଙ୍ଗୀନ ଆରୋପ ଆଣିଛି ବିଜୁ ଜନତା ଦଳ। ଗତ ଅକ୍ଟୋବର ୯ତାରିଖ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀଠାରୁ ନଭେମ୍ବର ୯ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ନିର୍ବାଚନମଣ୍ଡଳୀ ଓ ବ୍ଲକରେ ଚାଲିଥିବା ବିଜେଡିର ଜନସମ୍ପର୍କ ପଦଯାତ୍ରା ଅବସରରେ ଆଜି ନୀଳଗିରି ଠାରେ ଆୟୋଜିତ ପଦଯାତ୍ରାରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛି ବିଜେଡ଼ି। ପ୍ରାୟ ୩ହଜାର ବିଜେଡ଼ି ନେତା ଓ କର୍ମକର୍ତ୍ତା ନୀଳଗିରି ଜଗନ୍ନାଥ ମନ୍ଦିରଠାରୁ ବାହାରି ବାଇପାସ୍ ଛକ ପର୍ଯ୍ୟନ୍ତ ଆସି ବାଇପାସ୍ ଛକ ନିକଟରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ କେ. ସି ହାଇସ୍କୁଲ ପଡ଼ିଆରେ ଆୟୋଜିତ ସଭାରେ ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପଦଯାତ୍ରା ସମାବେଶରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଜିଲ୍ଲା ସଭାପତି ତଥା ପୂର୍ବତନମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ରେମୁଣାର ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡା, ବ୍ଲକ୍ ଅଧ୍ୟକ୍ଷା ଶୁଭଲକ୍ଷ୍ମି ମାଝୀ, ନୀଳଗିରି ଏନଏସିର ପୂର୍ବତନ ଚେୟାରମ୍ୟାନ ରାଧାଗୋବିନ୍ଦ ଖଟୁଆ, ଭାଗବତ ଖିଲାର, ବିଜେଡ଼ି ବରିଷ୍ଠ ନେତା ଗଙ୍ଗାଧର ମିଶ୍ର, ନଗର ସଭାପତି ରବୀନ୍ଦ୍ର କୁମାର ପରିଡା ମଞ୍ଚାସୀନ ରହି ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ତାପସ ପରିଡା, ଆରବନ୍ଧ ସରପଞ୍ଚ କୁଳମଣୀ ନାୟକ, ଯୁବନେତା ରାଜୀବ ଦାସବାବୁ, ଉପେନ୍ଦ୍ର ଦାସ, ରାମକୃଷ୍ଣ ମହାପାତ୍ର, ଉପେନ୍ଦ୍ର ନାୟକ, ଉଦୟଜ୍ୟୋତି ମହାନ୍ତି, ପ୍ରଫୁଲ୍ଲ ପରିଡା, ରମେଶ ବାଗ, ରମେଶ ମହାନ୍ତି, ଗେଟମ ସାହୁଙ୍କ ସମେତ ବିଜେଡି ସମର୍ଥିତ ସମସ୍ତ ସରପଞ୍ଚ, ସମିତିସଭ୍ୟ ଏବଂ ବହୁ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ପରିବା ଦରବୃଦ୍ଧି ନେଇ ଖାଉଟି ହୀନସ୍ତା



କାଳିପଦା, ୮।୧୧ (ସମିସ): ବାଲିଆପାଳ ବଜାର ସମେତ କାଳିପଦା ଓ ଲଙ୍ଗଳେଶ୍ୱର ବଜାରରେ ଏବେ ଉଭୟ ମଧୁର ଓ କ୍ଷାର ଜଳ ମାଛ ଶସ୍ତା ହୋଇଥିବାବେଳେ ପରିବା ମହଙ୍ଗା ହୋଇଥିବା ଦେଖିବାକୁ ମିଳିଛି। ସୁବର୍ଣ୍ଣ ରେଖା ଓ ଜଳକା ନଦୀର ବନ୍ୟାରେ ଅଞ୍ଚଳର ପରିବା ଚାଷ ସମ୍ପୂର୍ଣ୍ଣ ଉଜୁଡି ଯାଇଥିଲା। ତାହାର ସ୍ଥାନ ପୂରଣ କରିବା ପାଇଁ ପ୍ରତିଦିନ ପଶ୍ଚିମ ବଙ୍ଗର ଗଡ଼ବେତା, ଝାଡ଼ଖଣ୍ଡ, ଆନ୍ଧ୍ର ପ୍ରଦେଶରୁ ପିକ୍‌ଅପ ଭ୍ୟାନ, ଟ୍ରକରେ କୁଇଣ୍ଟାଲ କୁଇଣ୍ଟାଲ ପରିବା ଏ ଅଞ୍ଚଳକୁ ଆସୁଛି। ସବୁ ପରିବାର ଦର ଉଚ୍ଚା ରହିଛି। ସେହିପରି ଏହି ସବୁ ମାର୍କେଟ ରେ ୮୦ରୁ ୧୨୦ ମଧ୍ୟରେ ଭଲ ଲୁଣି ମାଛ ମିଳି ଯାଉଛି। କେବଳ ଇଲିସି, ଚିଙ୍ଗୁଡ଼ି, ଭେକିଟି, ଫିରିକି ମାଛର ଦର ଅଧିକ ରହିଛି। ବାଲିଆପାଳ ବ୍ଲକର ସୁବର୍ଣ୍ଣରେଖା ନଦୀ ଓ ବଙ୍ଗୋପ ସାଗରରୁ ପ୍ରତିଦିନ ଧୀବର ମାନେ ପ୍ରଚୁର ପରିମାଣରେ ମାଛ ମରିଥାନ୍ତି। ମାତ୍ର ବନ୍ୟା ଦାଉ ସାଧୁ ଥିବାରୁ ପରିବା ଦର ଆକାଶ ଛୁଆଁ ହେଉଛି। ପରିବାଦର କ୍ରମା ଗତ ଭାବେ ବଢ଼ି ଚାଲିଛି। ତା ଉପରେ ସରକାର ଓ ପ୍ରଶାସନର କୌଣସି ଅଙ୍କୁଶ ନ ଥିବାରୁ ଅସାଧୁ ବ୍ୟବସାୟୀ ଖୁବ ମୁନଫା ଉଠାଉଛନ୍ତି। ଅଞ୍ଚଳରେ ସରକାରୀ କିମ୍ବା ବେସରକାରୀ ସ୍ତରରେ କୌଣସି ଶୀତଳ ଭଣ୍ଡାର ନାହିଁ। ଶୀତଳ ଭଣ୍ଡାର ଥିଲେ ପରିବା ଦର ସ୍ଥିର ରହନ୍ତା ବୋଲି ମିଥୁନ ନନ୍ଦ, ପର୍ଶୁରାମ ବିଶ୍ୱାଳ, ଗୁଣାକର ସେଠୀ, ସୁମନ୍ତ କୁମାର ଗିରି, ନିଗମାନନ୍ଦ ପଡ଼ିଆରୀ, କରୁଣାକର ସାମନ୍ତରାୟ, ଭିକାରୀ ଚରଣ ମହୁରୀ, ସାବିତ୍ରୀ ସୂତାର, ଦମୟନ୍ତୀ ଜେନା ପ୍ରମୁଖ କହିଛନ୍ତି। ସରକାର ରିହାତି ଦରରେ ପରିବା ଯୋଗାଇ ଦେବାକୁ ଖାଉଟିମାନେ ଦାବି କରିଛନ୍ତି। ଅନ୍ୟପକ୍ଷରେ ଶୀତଳ ଭଣ୍ଡାର ସରକାର ପ୍ରତିଷ୍ଠା କରନ୍ତୁ ବୋଲି ଖାଉଟିମାନେ ମଧ ଦାବି କରିଛନ୍ତି।

## ଆସନ୍ତା ସପ୍ତାହରେ ମୁଖ୍ୟମନ୍ତ୍ରୀଙ୍କ ନୀଳଗିରି ଗସ୍ତ

ନୀଳଗିରି, ୮।୧୧(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୀଳଗିରି ନିର୍ବାଚନ ମଣ୍ଡଳୀକୁ ପ୍ରଥମ କରି ଆସୁଛନ୍ତି। ଆସନ୍ତା ସପ୍ତାହରେ ନୀଳଗିରି ଆସୁଥିବା ନେଇ ବିଶେଷ ସୂତ୍ରରୁ ଜଣାପଡ଼ିଛି। ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ଜିଲ୍ଲାପାଳଙ୍କ ଉପସ୍ଥିତିରେ ନୀଳଗିରି ଡାକବଙ୍ଗଳା ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏନେଇ ସନ୍ଧ୍ୟାରେ ନୀଳଗିରି ଡାକ ବଙ୍ଗଳା ପରିସରରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏ.ଡି.ଏମ ସୁଧାକର ନାୟକ, ଏ.ଡି.ଏମ (ରେଭିନ୍ୟୁ) ହେମନ୍ତ କୁମାର ସିଂ, ପି.ଡି ସଞ୍ଜୟ କୁମାର ରାଉତ, ଜିଲ୍ଲା ଖେଳ ଅଧିକାରୀ, ବାଲେଶ୍ୱର ଉପ ଜିଲ୍ଲାପାଳ ଏସ୍ ମାଲବ୍ୟ, ନୀଳଗିରି ତହସିଲଦାର ସୋନମ୍ ଦାସ, ବିଡ଼ିଓ ବିକ୍ରମ କେଶରୀ ପରିଡ଼ା, ନୀଳଗିରିର ଅତିରିକ୍ତ ଜିଲ୍ଲାପାଳ ରଞ୍ଜନ ସେନାପତି, ପୂର୍ତ୍ତ ବିଭାଗର ଏସ.ଡି.ଓ ଶ୍ରୀନିବାସ ଜେନା ପ୍ରମୁଖ ବୈଠକରେ ସାମିଲ ହୋଇଥିଲେ।

## ଏନ୍‌ଡିଆର୍‌ଏଫ୍ ତରଫରୁ ବିଦ୍ୟାଳୟରେ ସଚେତନତା ଶିବିର




ବସ୍ତା ବ୍ଲକ, ୮।୧୧ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ସ୍ଥିତ ଶମ୍ଭୁନାଥ ସରକାରୀ ହାଇସ୍କୁଲରେ ଶନିବାର ଏନ୍‌ଡିଆର୍‌ଏଫ୍ ବାଟାଲିୟନ-୩ କଟକ ପକ୍ଷରୁ ଆବଶ୍ୟକ ସ୍ଥଳେ କିପରି ଆସନ୍ନ ବିପଦକୁ ସାମ୍ନା କରାଯାଇ ପାରିବ ସେ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଇନିସପେକ୍ଟର ଚିତ୍ତ ରଂଜନ ମାଝୀଙ୍କ ସହିତ ୫ ଜଣିଆ ଟିମ୍ ସ୍କୁଲର ଛାତ୍ରଛାତ୍ରୀଙ୍କୁ କୌଣସି ଦୁର୍ଘଟଣାରେ ଆହତ, କିପରି ରକ୍ତସ୍ରାବ ବନ୍ଦ କରାଯିବ, ସାପ କାମୁଡା, ବନ୍ୟା, ଭୂମିକମ୍ପ, ବଜ୍ରପାତ ଭଳି ଅଚାନକ କୌଣସି ଏକ ନିଶ୍ଚିତ ଦୁର୍ଘଟଣା ପ୍ରତିହତ କରାଯାଇ ପାରିବ ତାହା ଉପରେ ପିଲାଙ୍କୁ ସଚେତନ କରିବା ସହିତ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅଳକା ବିନ୍ଧାଣି, ପିଇଟି ରିତାରାନୀ ମହାପାତ୍ରଙ୍କ ସହିତ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଏନ୍‌ଡିଆର୍‌ଏଫ୍ ଟିମ୍‌ର ଏସ୍‌କେ ପାଢ଼ୀ, ଡି କେ କମାରକର, ଡି. ଘୋଷ, ଟି. କେ ପାଣିଗ୍ରାହୀ ଯୋଗ ଦେଇଥିଲେ।

## ଗ୍ରାମ ରାସ୍ତା ସଫାକଲେ ଜନପ୍ରତିନିଧି

ଭୋଗରାଇ, ୮।୧୧ (ସମିସ) : ଭୋଗରାଇ ବ୍ଲକ ପାଣିଷଣ୍ଡା ପଞ୍ଚାୟତର ଥିବା ପାଣିଷଣ୍ଡା - ସୁଖଷଣ୍ଡାପାଟଣା ରାସ୍ତାକୁ ସଫେଇ କଲେ ସରପଞ୍ଚ ପ୍ରତିନିଧି ବିଦ୍ୟୁତ ଜେନା ଓ ୱାର୍ଡ ସଭ୍ୟ ସଞ୍ଜୟ ଗିରି। ଡବଲ ଇଞ୍ଜିନ ସରକାର ଆସିଲା ପରେ ପଞ୍ଚାୟତ ଗୁଡିକରେ ସଫେଇ କାର୍ଯ୍ୟ ପାଇଁ ଖର୍ଚ୍ଚ ଟଙ୍କା ଆସୁ ନ ଥିବାରୁ ରାସ୍ତା ଘାଟ



ଅପରିଷ୍କାର ହୋଇପଡିଥିବାରୁ ମଶା ମାଛିର ପ୍ରାଦୁର୍ଭାବ ବଢିବାରେ ଲାଗିଛି। ସେଥିପାଇଁ ଗାଁ ଗହଳିରେ ଜ୍ୱର, କାଶ, ମେଲେରିଆ, ଟାଇଫଏଡ ଆଦି ରୋଗ ବଢ଼ିବାରେ ଲାଗିଛି। ସେଥିପାଇଁ ପଞ୍ଚାୟତର ସରପଞ୍ଚ ପ୍ରତିନିଧି ଓ ୱାର୍ଡ ସଭ୍ୟ ଗ୍ରାମ ରାସ୍ତା ସଫାକରିବା ସହିତ ନିଜସ୍ୱ ଟଙ୍କାରେ ବ୍ଲିଚିଂ ଆଣି ରାସ୍ତା ପାଶ୍ୱର୍ରେ ପକାଉଥିବା ଦେଖିବାକୁ ମିଳିଛି।

## ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା




ଖଇରା,୮ ।୧୧(ସମିସ): ବାଲେଶ୍ୱର ଜିଲ୍ଲା ଅଧୀନ ଖଇରା ବ୍ଲକ୍‌ର କୋଚିଆକୋଇଲି ପଡ଼ିଆରେ ଶୁକ୍ରବାର ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା-୨୦୨୫ଅନୁଷ୍ଠିତ ହୋଇଯାଇଛି। ଖଇରା ବିଡିଓ ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ ମୁଖ୍ୟ ଅତିଥି, ଜିଲ୍ଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ, ତହସିଲଦାର ଅମିତ ରଞ୍ଜନ ହୋତା, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ରବିନାରାୟଣ ପଟ୍ଟନାୟକ, ଏଡିଭିଓ ଡା. ଅଜିତ କୁମାର ସାମଲ ଓ ନିଶିକାନ୍ତ ବଳ, ଜିଲ୍ଲା ମୁଖ୍ୟ ମତ୍ସ୍ୟଅଧିକାରୀ ରେଶମାରାଣୀ ସିଂ ପ୍ରମୁଖ ଯୋଗଦେଇ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ପାଳନ ମାଧ୍ୟମରେ ସ୍ୱାବଲମ୍ବୀ ହେବା ପାଇଁ ସରକାର ଅନେକ ଯୋଜନା କରିଛନ୍ତି। ଏଣୁ ଆଗ୍ରହୀ ଚାଷୀ ଏଥିରୁ ଲାଭବାନ ହେବାକୁ ପରାମର୍ଶ ଦେଇଥିଲେ। ବ୍ଲକ୍ ପ୍ରାଣୀ ଚିକିତ୍ସାଧିକାରୀ ଡା. ରୀତାଞ୍ଜଳି ନାୟକ ସ୍ୱାଗତ ଅଭିଭାଷଣ, ମତ୍ସ୍ୟଅଧିକାରୀ ସିଦ୍ଧାର୍ଥ ଶଙ୍କର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଡା ଲଲାଟେନ୍ଦୁ ଦାସଙ୍କ ତତ୍ତ୍ୱାବଧାନରେ ବୈଷୟିକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପାଲା ପରିବେଷଣ କରାଯାଇଥିଲା। ମୋଟ ୭୪୦ ମତ୍ସ୍ୟ ଚାଷୀ ଓ ପ୍ରାଣୀ ପାଳକ ଉପସ୍ଥିତ ଥିଲେ। ଚାଷୀ ମାନଙ୍କର ବୈଷିକ ଜ୍ଞାନ ଆହରଣ ପାଇଁ ବିଭିନ୍ନ ବିଭାଗ ପକ୍ଷରୁ ପ୍ରଦର୍ଶନୀ ଷ୍ଟଲ ଖୋଲାଯାଇଥିଲା। ଡା. ବିଭୁ ପ୍ରସାଦ ନାୟକଙ୍କ ସମେତ ପ୍ରାଣୀ ଚିକିତ୍ସାଳୟର ସମସ୍ତ କର୍ମଚାରୀ ମେଳା ପରିଚାଳନାରେ ସହଯୋଗ କରିଥିଲେ।

## କାଠପାଳରେ ବୋଇତ ବନ୍ଦାଣ ଉତ୍ସବ



ନୀଳଗିରି, ୮।୧୧(ସମିସ): ନୀଳଗିରି ବ୍ଲକ୍ ମଛୁଆ ପଞ୍ଚାୟତ କାଠପାଳଠାରେ ଆଞ୍ଚଳିକ ବୋଇତ ବନ୍ଦାଣ କମିଟିପକ୍ଷରୁ ଚଳିତବର୍ଷ ଦୁଇଦିନିଆ ବୋଇତବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମାଜସେବୀ ତଥା ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୁବନେତା ଦେବାଶିଷ ଆଚାର୍ଯ୍ୟ, ଇଂ ସତ୍ୟ ଦାସ ମଞ୍ଚାସୀନ ରହି ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାର ସ୍ୱର୍ଣ୍ଣିମ ଇତିହାସ ସମ୍ପର୍କରେ ବର୍ଣ୍ଣନା କରିଥିଲେ।ଏହାପରେ ନିକଟସ୍ଥ ସୋନନଦୀରେ ବୋଇତବନ୍ଦାଣ ଉତ୍ସବ ପାଳିତ ହୋଇଥିଲା। ଏହି ଉତ୍ସବରେ ଶିଶୁକଳାକାରଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ନାଚ, ଗୀତ ଅନୁଷ୍ଠିତ ହୋଇଥିବା ବେଳେ ଜି ସାର୍ଥକର ରନର୍ସ ଅପ୍ ଓ ସରେଗାମାପା ଲିଟିଲ୍ ଚାମ୍ପର ସିଲଭର ମେଡାଲ ପାଇଥିବା ବିଶିଷ୍ଟ କଣ୍ଠଶିଳ୍ପୀ ହବିବୁଲ ରେହେମାନଙ୍କୁ ପରିଷଦ ପକ୍ଷରୁ ମାନପତ୍ର, ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେଶ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିବାବେଳେ ଆଞ୍ଚଳିକ ବୋଇତବନ୍ଦାଣ କମିଟିର ସଦସ୍ୟ ପରେଶ ପଣ୍ଡା, ଜଳଧର ମହାନ୍ତି, ରତ୍ନାକର ପାଣିଗ୍ରାହୀ, ଅମରଜିତ୍ ବେହେରା, ହିମାଂଶୁଶେଖର ବେହେରା, ମନୀଷ ପୃଷ୍ଟି ଏବଂ ଗ୍ରାମବାସୀଙ୍କ ସହଯୋଗରେ ଉକ୍ତ କାର୍ଯ୍ୟକ୍ରମ ସୁଚାରୁରୂପେ ପରିଚାଳନା ହୋଇଥିଲା।

## ରାଜମିସ୍ତ୍ରିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବସ୍ତା ବ୍ଲକ, ୮।୧୧ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ କୁଣ୍ଡପୁର୍ ଗ୍ରାମରେ ଏକ ନିର୍ମାଣଧୀନ ଏଏନ୍‌ଏମ ସେଣ୍ଟରରୁ ଜନୈକ ରାଜମିସ୍ତ୍ରିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ଶନିବାର ସକାଳେ ସେହି ନିର୍ମାଣଧୀନ ସେଣ୍ଟରରେ ଅନ୍ୟ ମିସ୍ତ୍ରି କାମ କରିବାକୁ ଯାଇ ଜନୈକ ଯୁବକ ଝୁଲନ୍ତା ଅବସ୍ଥାରେ ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଖବର ପାଇ ଲୋକେ ପହଞ୍ଚିବା ପରେ ତାଙ୍କର ପରିଚୟ ମିଳିଥିଲା। ମୃତକ ହେଲେ କୁଣ୍ଡପୁର ଗ୍ରାମର ଦର୍ଶନ ବେହେରାଙ୍କ ପୁଅ ଅନିଲ (୨୯)। ତାଙ୍କୁ ତୁରନ୍ତ ଉଦ୍ଧାର କରି ବସ୍ତା ହସ୍ପିଟାଲକୁ ଅଣା ଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଗ୍ରାମରେ ଶୋକର ଛାୟା ଖେଳି ଯାଇଥିଲା। ପୁଲିସ ଡାକ୍ତରଖାନାରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରିଛି। ଅନିଲ ଏହି ନିର୍ମାଣ ଧୀନ କୋଠାର ରାଜମିସ୍ତ୍ରି ଭାବେ କାମ କରୁଥିଲେ।

## ନେତାଜୀ ଫୁଟବଲ ଟୁର୍ଣ୍ଣାମେଣ୍ଟ



ଖଇରା, ୮ ।୧୧ (ସମିସ): ବାଲେଶ୍ୱର ଜିଲ୍ଲା ଶ୍ୟାମସୁନ୍ଦରପୁର ଗ୍ରାମପଞ୍ଚାୟତ ଅଧୀନ ଚାନ୍ଦଗୋଛି ଖେଳପଡିଆରେ ଶୁକ୍ରବାର ଦିନ ନେତାଜୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇ ଯାଇଛି। ଉଦ୍ଘାଟନୀ ମ୍ୟାଚ ତଥା ପ୍ରଥମ ସେମିରେ ବାରିପଦା ଭଦ୍ରକୁ ୫-୧ ଗୋଲରେ ପରାସ୍ତ କରିଛି। ଟୁର୍ଣ୍ଣାମେଣ୍ଟକୁ ରାମଚନ୍ଦ୍ର ମହାକୁଡ ଉଦ୍‌ଘାଟନ କରିଥିବାବେଳେ ଚାନ୍ଦଗୋଛି ମଠର ମହନ୍ତ ଅଗଣି ବାବା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଟୁର୍ଣ୍ଣାମେଣ୍ଟର ଆୟୋଜକ ନେତାଜୀ କ୍ଲବର ସଭାପତି ଅରୁଣ ପାଢୀ, ସମ୍ପାଦକ ଦାମୋଦର ବେହେରା, ଅନ୍ୟାନ୍ୟ କର୍ମକର୍ତ୍ତା ଅଭିମନ୍ୟୁ ରାଉଳ, ପଦ୍ମଲୋଚନ ଜେନା, ବିଭୁତି ପତି, ଅଭୟ ମହାନ୍ତି, ଜିତେନ୍ଦ୍ର ଦାସ, ଶ୍ରୀକାନ୍ତ ରାଉଳ, ଜୟନ୍ତ ସାହୁ, ଦିନେଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଶନିବାର ଦ୍ୱତୀୟ ସେମିରେ ପାରଦୀପ ଟିମ୍ କଟକକୁ ୫-୨ ଗୋଲରେ ପରାସ୍ତ କରିଛି। ରିଆଜ କାଦ୍ରୀ ମୁଖ୍ୟ ରେଫେରୀ, ବିଏନ୍ ଜେନା ଓ ଜିତେନ୍ଦ୍ର ବାରିକ ସହଯୋଗୀ ରେଫେରୀ ଦାୟିତ୍ୱ ତୁଲାଇଥିଲେ। ରବିବାର ଦିନ ବାରିପଦା ଶକ୍ତଶାଳୀ ପାରାଦୀପକୁ ଭେଟିବ।

## ମଦ ଜବତ ଘଟଣାରେ ଦୁଇ ଗିରଫ

ସୋର, ୮।୧୧(ସମିସ): ସୋର ଥାନା ଫଟାଆମ୍ବ ଗ୍ରାମରୁ ମଦ ଜବତ ଘଟଣାରେ ସୋର ପୁଲିସ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୋର ପୁଲିସ ପକ୍ଷରୁ ଗତ ୧୦ ତାରିଖରେ ଫଟାଆମ୍ବ ଗ୍ରାମରେ ଚଢ଼ଉ କରି ୧୪୦ ଲିଟର ଦେଶୀମଦ ଜବତ କରିଥିବା ବେଳେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପୁଲିସ ମଦକୁ ଜବତ କରି ସୋର ଥାନାକୁ ଆଣିଥିଲେ। ଏ ବାବଦରେ ପୁଲିସ ଥାନାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ପୁଲିସ ଫଟାଆମ୍ବ ଗ୍ରାମର ଅମିଶା ସିଂ (୨୫) ଏବଂ ଦିଗୀ ଭଅଁରା ଗ୍ରାମର ଗୋପୀନାଥ ନାୟକ (୪୦) ଏହି ମଦ ଚାଲାଣ କରୁଥିବା ଜାଣି ପାରିଥିଲା। ଗତକାଲି ରାତିରେ ପୁଲିସ ଉଭୟଙ୍କୁ ତାଙ୍କ ଘରୁ ଗିରଫ କରିଥିଲା। ଆଜି ଅପରାହ୍ନରେ ସୋର ମେଡିକାଲରେ ଡାକ୍ତରୀ ମାଇନା ପରେ ପୁଲିସ ଉଭୟଙ୍କୁ କୋର୍ଟ ଚାଲାଣ କରିଛି।

## ସାମ୍ବାଦିକଙ୍କ ବିୟୋଗରେ ସ୍ମୃତିସଭା

ଖଇରା, ୮ ।୧୧ (ସମିସ): ଖଇରା ବ୍ଲକର ସାମ୍ବାଦିକ କିଶୋର ବେହେରାଙ୍କ ସ୍ମୃତିସଭା ମାଖନପୁର ପଞ୍ଚାୟତ ବାସିଦିପୁର ଗ୍ରାମରେ ଅନୁଷ୍ଠିତ ହୋଇଛି। ଖଇରା ସାମ୍ବାଦିକ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ସ୍ମୃତିସଭାରେ ଉପଦେଷ୍ଟା କୈଳାସ ଚନ୍ଦ୍ର ଦାସ ସଭାପତିତ୍ୱ କରିଥିଲେ। ଖଇରା ସାମ୍ବାଦିକ ସଂଘର କର୍ମକର୍ତ୍ତା ଅନାମ ଚରଣ ପଣ୍ଡା, ଉତ୍କଳବନ୍ଧୁ ପଣ୍ଡା, ତପୋଧନ ବାରିକ, ଧନଞ୍ଜୟପଣ୍ଡା, ଛାୟାକାନ୍ତ ମହାନ୍ତି, ମନୋଜ ପ୍ରଧାନ, ସଞ୍ଜୟ ବେହେରା, ଉମେଶ ଜେନା, ଆନନ୍ଦ ବେହେରା, ଦେବବ୍ରତ ଦାସ, ବିସ୍ମୟ ବେହେରା ପ୍ରମୁଖ ନିର୍ଭୀକ ସାମ୍ବାଦିକ ଭାବେ କିଶୋର ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଥିଲେ ବୋଲି ପ୍ରକାଶ କରିଥିଲେ।

## ତିନି ଦିବସୀୟ ଫୁଟବଲ ମ୍ୟାଚ୍, ଖନ୍ତାପଡା ଚାମ୍ପିଅନ




ନୀଳଗିରି, ୮।୧୧ (ସମିସ): ନୀଳଗିରି ତେଲିପାଳ ପଞ୍ଚାୟତରେ ଥିବା ସାନ୍ତାଳ ବ୍ରଦର୍ସ ସ୍ପୋର୍ଟିଂ କ୍ଲବ୍ ପକ୍ଷରୁ ଆୟୋଜିତ ୨୮ତମ ତିନି ଦିବସୀୟ ଫୁଟବଲ ମ୍ୟାଚ୍‌ର ଫାଇନାଲ ମ୍ୟାଚ୍ ଖନ୍ତାପଡାର ରକେଟ ଇଲେଭେନ୍ ଏଫ୍ ସି ଏବଂ ମୟୂରଭଞ୍ଜର ପଶୁଦା ଏଫ୍ ସି ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଫାଇନାଲରେ ଖନ୍ତାପଡା ଚାମ୍ପିଅନ ହୋଇଛି। ଫାଇନାଲ ମ୍ୟାଚରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝି, ତେଲିପାଳ ସରପଞ୍ଚ ବାହାମଣୀ ମାର୍ଣ୍ଡି, ଆରବନ୍ଧ ସରପଞ୍ଚ କୁଳମଣି ନାୟକ, ଗଙ୍ଗାଧର ମିଶ୍ର, ମାନ ମୁର୍ମୁ, ମଦନ ମୋହନ ମାଝି, ବିଦ୍ୟାଧର ଦଳାଇ, ଶ୍ରୀନିବାସ ବାଗ ପ୍ରମୁଖ ଉପସ୍ଥିତ ଥିଲେ। ବିଜେତା ଦଳକୁ ଟ୍ରଫି ସହ ନଗଦ ଅର୍ଥ ରାଶି ପ୍ରଦାନ କରିଥିଲେ।

## ନୀଳଗିରିକୁ ଜିଲ୍ଲା ମାନ୍ୟତା ଦାବିକଲା କ୍ରିୟାନୁଷ୍ଠାନ କମିଟି

ନୀଳଗିରି,୮।୧୧(ସମିସ): ଏବେ ସରକାର ଗ୍ରାମପଞ୍ଚାୟତ, ବ୍ଲକ ଓ ଜିଲ୍ଲା ପୁର୍ନଗଠନ କରିବାର ଯୋଜନା କରୁଛନ୍ତି ବୋଲି ବିଭିନ୍ନ ଗଣମାଧ୍ୟମରୁ ଜାଣିବାପରେ ଶୁକ୍ରବାର ନୀଳଗିରି ଡାକବଙ୍ଗଳା ଠାରେ ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ଆବାହକ ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀଙ୍କ ଆବାହନରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଶ୍ରୀ ଷଡ଼ଙ୍ଗୀ କହିଥିଲେ ସରକାରଙ୍କ ଏହି ସୁଯୋଗକୁ ନୀଳଗିରିବାସୀ ହାତଛଡ଼ା ନ କରି ସଂଘବଦ୍ଧ ଭାବେ ଆଗେଇ ଆସିବା ପାଇଁ ଆହ୍ୱାନ ଦେଇଥିଲେ। ନୀଳଗିରି ଗଡଜାତ ନଭେମ୍ବର ୧୪ ତାରିଖ ଦିନ ଭାରତ ବର୍ଷରେ ସାମିଲ ହୋଇଥିଲା। ତେଣୁ ଆସନ୍ତା ନଭେମ୍ବର ୧୪ ତାରିଖରେ ଗଡଜାତ ମିଶ୍ରଣ ଉତ୍ସବରେ ସମସ୍ତେ ଯୋଗଦାନ କରିବାକୁ ଶ୍ରୀ ଷଡ଼ଙ୍ଗୀ ନୀଳଗିରିବାସୀଙ୍କୁ ନିବେଦନ କରିଥିଲେ। ନିକଟରେ ଉଚ୍ଚନ୍ୟାୟାଳୟରେ ଏକ ଜାଚିକା ଦାୟର ପାଇଁ ନିଷ୍ପତ୍ତି ନିଆଯିବା ସହ ସରକାରି ସ୍ତରରେ ମଧ୍ୟ ଉଦ୍‌ୟମ ଜାରି ରଖିବାକୁ ସ୍ଥିର କରାଗଲା। ଏହି ବୈଠକରେ ସୁରେଶ ବେହେରା, ପୀତାମ୍ବର ସିଂ, ଅନାଦି ବେହେରା, ରେଖା ହେମ୍ବ୍ରମ, ପରମାନନ୍ଦ ପାତ୍ର, ପ୍ରକାଶ ଚୌଧୁରୀ, ସୁନିଲ ଚନ୍ଦ୍ର ପ୍ରଧାନ, ବାଞ୍ଛାନିଧି ପାତ୍ର ପ୍ରମୁଖ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ପିପିଲି-ସାହାବନ୍ଧର ବୋଇତ ବନ୍ଦାଣ ଉତ୍ସବ ଉଦ୍‌ଯାପିତ



ଭୋଗରାଇ, ୮।୧୧ (ସମିସ)

ଭୋଗରାଇ ବ୍ଲକ ଆରୁହାବୃତ୍ତି ନଂ ୧ ପଞ୍ଚାୟତ ଅଧିନ ଆରୁହାବୃତ୍ତି ନୋଡ଼ାଲ ଉପ୍ରା ବିଦ୍ୟାଳୟ ପରିସରରେ ଚାଲିଥିବା ପିପିଲି ସାହାବନ୍ଧର ବୋଇତ ବନ୍ଦାଣ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉତ୍ସବ କମିଟିର ସଭାପତି ବରିଷ୍ଠ ସାମ୍ବାଦିକ ସତ୍ୟଶିବ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଆଇଏଏସ ଅବସରପ୍ରାପ୍ତ ମୁଖ୍ୟ ଶାସନସଚିବ ବିଜୟ ପଟ୍ଟନାୟକ, ମୁଖ୍ୟବକ୍ତା ଓଡିଶା ସାହିତ୍ୟ ଏକାଡେମି ଦ୍ୱାରା ସମ୍ବର୍ଦ୍ଧିତ ସାହିତ୍ୟିକ ବ୍ରଜେନ୍ଦ୍ର ନାଥ ଗିରି, ସମ୍ମାନିତ ଅତିଥି ପ୍ରଧାନ ଶିକ୍ଷକ ସୌଭାଗ୍ୟ ରଞ୍ଜନ ଦେ, ସମାଜସେବୀ କାର୍ତ୍ତିକ ଚନ୍ଦ୍ର ପାତ୍ର, ବିଶିଷ୍ଟ ପଣ୍ଡିତ ରାଜେନ୍ଦ୍ର ପଣ୍ଡା, ଶମ୍ଭୁନାଥ ବାରିକ,କବି ସୁକୁମାର ଦାସ, ଶିକ୍ଷକ ସଞ୍ଜୟ ଗିରି, ସମାଜସେବୀ ତପନ ଦେ ଯୋଗଦେଇ ଉତ୍କଳର ଗୌରବ ଫେରାଇ ଆଣିବାକୁ ସାମୁହିକ ପ୍ରଚେଷ୍ଟା ଅବ୍ୟାହତ ରଖିବାକୁ ଆହ୍ୱାନ ଦେଇଥିଲେ। ବିଶିଷ୍ଟ ଜନନେତା ବରିଷ୍ଠ ସାମ୍ବାଦିକ ସତ୍ୟଶିବ ଦାସଙ୍କ ପ୍ରଚେଷ୍ଟାରେ ଏବଂ ଅଞ୍ଚଳବାସୀଙ୍କ ପୂର୍ଣ୍ଣ ସହଯୋଗରେ ଆଜକୁ ପାଞ୍ଚବର୍ଷ ଧରି ପିପିଲି ସାହାବନ୍ଧର ବୋଇତ ବନ୍ଦାଣ ଉତ୍ସବ ମହା ସମାରୋହରେ ପାଳନ ହୋଇଆସୁଛି। ଉତ୍ସବ କମିଟି ସଦସ୍ୟ ସାହିତ୍ୟିକ ମଳୟ ସୁର ମଞ୍ଚ ଆହ୍‌ୱାନ କରିଥିବା ବେଳେ ପଣ୍ଡିତ ରାଜେନ୍ଦ୍ର କୁମାର ପଣ୍ଡା ବେଦପାଠ କରିଥିଲେ । ଉତ୍ସବ କମିଟିର ସଦସ୍ୟ ରାମଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରଦ୍ଧା କ୍ରିଏଟିଭ ଆର୍ଟ କୁନିକୁନି କଳାକାରମାନଙ୍କ ଦ୍ୱାରା ସ୍ୱାଗତନୃତ୍ୟ ପରିବେଷଣ ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରଖ୍ୟାତ ସିନେ କଣ୍ଠଶିଳ୍ପୀ ବିଷ୍ଣୁ ମୋହନ କବି ଓ ସିରିଏଲ ଜଗତର ନାୟିକା ଲିସା ମହାପାତ୍ର ଓ ଟ୍ରୁପଙ୍କ ସୁଲଳିତ ସଂଗୀତର ତାଳେ ତାଳେ ସହସ୍ରାଧିକ ଦର୍ଶକ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ଝୁମିଥିଲେ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# ସିପିଆଇ ଜିଲ୍ଲା ପରିଷଦ ବୈଠକ

ବାଲେଶ୍ୱର, ୮ ।୧୧(ସମିସ): ସିପିଆଇର ଜିଲ୍ଲା ପରିଷଦ ବୈଠକ ଅନାମ ପ୍ରସାଦ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ରାଜ୍ୟ ସମ୍ପାଦକ ଡ ପ୍ରଶାନ୍ତ ମିଶ୍ର ଓ ସହସମ୍ପାଦକ ଜୟନ୍ତ ଦାସ ଯୋଗଦେଇ ଚଣ୍ଡିଗଡ ପାର୍ଟିର ମହା ଅଧିବେଶନରେ ଗୃହିତ ହୋଇଥିବା ପ୍ରସ୍ତାବ ଗୁଡ଼ିକ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଚଳିତବର୍ଷ ପାର୍ଟି ପ୍ରତିଷ୍ଠାର ଶହେବର୍ଷ ପୂରଣ ହେଉଥିବାରୁ ବାଲେଶ୍ୱର, ଭଦ୍ରକ ଓ ମୟୁରଭଞ୍ଜ ଜିଲ୍ଲା ମିଳିତଭାବେ ଆସନ୍ତା ଡିସେମ୍ବର୧୭ତାରିଖରେ ବାଲେଶ୍ୱର ସହରରେ ଶତବାର୍ଷିକୀ ଉତ୍ସବ ପାଳନ କରାଯିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି। ନୀଳଗିରି ପ୍ରଜାମଣ୍ଡଳ ଆନ୍ଦୋଳନ, ଇଂଚୁଡ଼ିର ଲବଣ ସତ୍ୟାଗ୍ରହ ଓ ଇରମର ରକ୍ତାକ୍ତ ସ୍ୱାଧୀନତା ଆନ୍ଦୋଳନରେ କମ୍ୟୁନିଷ୍ଟମାନଙ୍କର ଭୂମିକାକୁ ଲୋକଲୋଚନକୁ ଆଣି ପାର୍ଟିର ପ୍ରଚାର ପ୍ରସାର କରିବାକୁ ରାଜ୍ୟ ସହସମ୍ପାଦକ ଜୟନ୍ତ ଦାସ କହିଥିଲେ। ଜିଲ୍ଲା ସମ୍ପାଦକ ଭାଗବତ ପ୍ରତିହାରୀ ସାମ୍ପ୍ରତିକ ରାଜନୈତିକ ଅବସ୍ଥା, କାମଦାମର ବିବରଣୀ ଓ ଆଗାମୀ କାର୍ଯ୍ୟପନ୍ଥାର ଖସଡ଼ା ପ୍ରଦାନ କରିଥିଲେ। ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ନିରଞ୍ଜନ ବାରିକ ନୀଳଗିରିରେ 'ଇକୋ ସେନ୍ସିଟିଭ ଜୋନ' ବିରୋଧରେ ଲଗାତର ଭାବରେ ଚାଲିଥିବା ଜନ ଆନ୍ଦୋଳନ ସମ୍ପର୍କରେ ସୂଚନା ଦେଇଥିଲେ। ଆଗାମୀ୧୯ତାରିଖରେ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଗଣବିକ୍ଷୋଭ କରାଯିବ ବୋଲି ପ୍ରକାଶ କରିଥିଲେ। ଜିଲ୍ଲା ସହସମ୍ପାଦକ ମାୟାଧର ନାୟକ, କାର୍ଯ୍ୟକାରୀ କମିଟି ସଭ୍ୟ ଗୌରାଙ୍ଗ ପାଣିଗ୍ରାହୀ, ଜନ୍ମେଜୟ ଶତପଥୀ, ଯତୀନ ପାତ୍ର, ଅଜୟ ପଟ୍ଟନାୟକ, ବିଜୟ ସଙ୍କ ସମେତ ଜୋନ ସମ୍ପାଦକ ଶଶୀକାନ୍ତ ପଣ୍ଡା, ଆଶୁତୋଷ ପରିଡ଼ା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ନିହାର ଜେନା ଧନ୍ୟବାଦ ଦେଇଥିଲେ।

# ୧୭ ଲକ୍ଷ ଟଙ୍କାର ମଦ ଜବତ, ୪ ଗିରଫ

ବାଲେଶ୍ୱର,୮ ।୧୧(ସମିସ)



ବାଲେଶ୍ୱର ମୋବାଇଲ ଅବକାରୀ ବିଭାଗ ପକ୍ଷରୁ କୁରୁଡାଛକ ନିକଟସ୍ଥ ୧୬ନମ୍ବର ଜାତୀୟ ରାଜପଥ ଠାରେ ଚଢ଼ଉ କରି ସେଠାରେ ଗାଡି ସହ ବିପୁଳ ମଦ ଜବତ କରିଥିବା ବେଳେ ଦୁଇଟି ପୃଥକ ମାମଲରେ ଚାରିଜଣଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ବ୍ୟକ୍ତିମାନେ ହେଲେ ମୟୂରଭଞ୍ଜ ଜିଲ୍ଲା ରଘୁନାଥପୁର ଅଞ୍ଚଳର ସେକ ଜମାଲଉଦ୍ଦିନ(୩୫), ବିହାର ଅଞ୍ଚଳର ସଞ୍ଜୟ କୁମାର (୫୫), ମାର୍କୋଣା ଅଞ୍ଚଳର ସୁଶାନ୍ତ ମହାନ୍ତି(୩୮) ଏବଂ ଭଦ୍ରକ ଜିଲ୍ଲା ଚୁଡାମଣି ଅଞ୍ଚଳର ସମୀର କୁମାର ଦାସ(୫୦)। ଏହାସହ ଦୁଇଟି ଗାଡିକୁ ମଧ୍ୟ ଜବତ କରିଛି। ଦୁଇଟି ଗାଡିରେ ବେଆଇନ ଚୋରା ମଦ ବାହାରକୁ ଚାଲାଣ ହେଉଥିବା ନେଇ ଅବକାରୀ ବିଭାଗ ଖବର ପାଇଥିଲା। ଏ ନେଇ ସେମାନେ କୁରୁଡା ଛକ ନିକଟସ୍ଥ ଜାତୀୟ ରାଜପଥ ୧୬ରେ ଚଢ଼ଉ କରି ଦୁଇଟି ଗାଡିକୁ ଅଟକ ରଖିଥିଲେ। ତେବେ ଦୁଇଟି ଗାଡିରୁ ମୋଟ ୩୫ଶହ ଲିଟର ମଦ ଜବତ କରିଥିଲେ। ଏହି ଜବତ ମଦର ମୂଲ୍ୟ ୧୭ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଏହି ଚଢ଼ଉରେ ମୋବାଇଲ ଅବକାରୀ ବିଭାଗର ସମସ୍ତ କର୍ମଚାରୀମାନେ ସାମିଲ ଥିଲେ।

# ଘରୋଇ ଜମିରେ ରାସ୍ତା ନିର୍ମାଣ ଅଭିଯୋଗ

ବାଲେଶ୍ୱର, ୮ ।୧୧ (ସମିସ): ବାଲେଶ୍ୱର ଜିଲ୍ଲା ବରହମପୁର ଥାନା ଗରିଡି ଅଞ୍ଚଳର ଶ୍ରୀଧର ବେହେରାଙ୍କ ନିଜସ୍ୱ ଜମି ଉପରେ ଗ୍ରାମବାସୀ ଏବଂ ଠିକାଦାର ରାସ୍ତା ନିର୍ମାଣ କରୁଛନ୍ତି। ଏହାକୁ ବିରୋଧ କରି ସେ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି। ଏହି ଜମିର ଖଜଣା ଶ୍ରୀଧର ଦେଉଛନ୍ତି। ହେଲେ ଗତ ମାସ ୧୩ତାରିଖରେ ବେଆଇନ ଭାବେ ଠିକାଦାର ଏବଂ କିଛି ବ୍ୟକ୍ତି ଜୋର ଜବରଦସ୍ତ ତାଙ୍କ ଜାଗା ଉପରେ ରାସ୍ତା କରାଇବା ପାଇଁ ଉଦ୍ୟମ ଚଳାଇଛନ୍ତି।



ଏହି ଜମି ଉପରେ ସେମାନେ ମାପଚୁପ କରୁଥିବା ବେଳେ ସେ ପ୍ରତିବାଦ କରିବାରୁ ତାଙ୍କୁ ଜାତିଆଣ ଆକ୍ଷେପ କରି ଗାଳି ଗୁଲଜ କରିଥିଲେ। ଏପରିକି ଜୀବନରୁ ମାରିଦେବାକୁ ଧମକ ମଧ୍ୟ ଦେଇଛନ୍ତି। ଏ ନେଇ ସେମାନେ ନୀଳଗିରି ଉପଜିଲ୍ଲାପାଳଙ୍କ କୋର୍ଟରେ ଏକ ମାମଲା କରିଛନ୍ତି। ଏଣୁ ଏହାକୁ ସଠିକ ଭାବେ ତଦନ୍ତ କରି ତାଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ସେ ଦାବି କରିଛନ୍ତି।

# ଦୃଷ୍ଟିହୀନ ବିଦ୍ୟାଳୟରେ ଖାଦ୍ୟ ବଣ୍ଟନ

ବାଲେଶ୍ୱର, ୮।୧୧(ସମିସ): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଓ ବୋଇତ ବନ୍ଦାଣ ଉପଲକ୍ଷେ ସଂକଳ୍ପ ଭରତ ଟ୍ରଷ୍ଟ ପକ୍ଷରୁ ବାଲେଶ୍ୱରର ରାଣୀପାଟଣାଠାରେ ଥିବା ଦୃଷ୍ଟିହୀନ ବିଦ୍ୟାଳୟରେ ଶୁଖିଲା ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଟ୍ରଷ୍ଟର ସଭାପତି ସୁଦର୍ଶନ ଦାସଙ୍କ ସହ ଭବେଶ ପରିଡ଼ା, ଜୟଦେବ ପାତ୍ର, ଦୀପକ ପାତ୍ର, କମଳାକାନ୍ତ ପରିଡ଼ା, ରତିକାନ୍ତ ଜେନା, ବିଶ୍ୱନାଥ ଗିରି, ରଞ୍ଜନ ଦାସ ଓ ସଂକଳ୍ପ ବାଲେଶ୍ୱର ଟ୍ରଷ୍ଟ ପକ୍ଷରୁ ସମ୍ପାଦିକା ସୌଦାମିନୀ ସେନାପତି, ପ୍ରଦୀପ୍ତ ସେନାପତି, ହରିହର ବାରିକ, ପ୍ରଫୁଲ୍ଲ ଚନ୍ଦ୍ର କେଶ, ପୂର୍ଣ୍ଣଚନ୍ଦ୍ର ନାୟକ, କୁଞ୍ଜମଣି ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

● ରାସ୍ତା କଡ଼ରେ ଅଳିଆ ଢାଳିଲେ

# ପୌର କର୍ମଚାରୀଙ୍କୁ କାରଣଦର୍ଶାଅ ନୋଟିସ

ସୋର,୮।୧୧(ସମିସ): ସୋର ପୌରପାଳିକାର ସଫେଇ କାର୍ଯ୍ୟରେ ବ୍ୟାପକ ଅନିୟମିତତା ପରିଲକ୍ଷିତ ହେଉଛି। ସହର ସାରା ଅଳିଆ ଗଦା ସାଙ୍ଗକୁ ଅସ୍ୱାସ୍ଥ୍ୟକର ପରିବେଶରେ ସହରବାସୀ ଦିନ କାଟୁଛନ୍ତି। ଏପରି ପରିସ୍ଥିତିରେ ପୌରପାଳିକା ଅଧିନରେ କାମ କରୁଥିବା କର୍ମଚାରୀମାନେ ରାସ୍ତା କଡରେ ଅଳିଆ ଆବର୍ଜନା ପକାଇଥିବାରୁ ସେମାନଙ୍କୁ ପରିଚାଳିତ କରୁଥିବା ମ୍ୟାନେଜରମାନଙ୍କୁ ପୌରପାଳିକା ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ସହରରୁ ପ୍ରତିଦିନ ବାହାରୁଥିବା ଅଳିଆକୁ ଖତରେ ପରିବର୍ତ୍ତନ କରିବା ପାଇଁ ଏକ ଡମ୍ପିଂୟାର୍ଡର ବ୍ୟବସ୍ଥା କରାଯାଇଛି। ମାତ୍ର ଲୋକମାନଙ୍କଠାରେ ସଚେତନତା ଅଭାବରୁ ଓଦା ଅଳିଆ ଓ ଶୁଖିଲା ଅଳିଆ ଅଲଗା କରାନଯାଇ ଏକତ୍ରିତ ଭାବେ ଦିଆଯାଉଥିବାରୁ ଏହି ଖତ ନିର୍ମାଣରେ ଅସୁବିଧା ହେଉଛି। ଫଳରେ ସଫେଇ କର୍ମଚାରୀ ମାନେ ଉକ୍ତ ଅଳିଆକୁ ଜାତୀୟ ରାଜପଥ କଡରେ ଢାଳୁଛନ୍ତି। ଯେଉଁ କାରଣରୁ ଅଳିଆ ଆବର୍ଜନା ରାଜପଥ ଉପରେ ଉଡିବା ସହିତ ଉକ୍ତ ସ୍ଥାନରେ ଅସ୍ୱାସ୍ଥ୍ୟକର ପରିବେଶ ସାଙ୍ଗକୁ ଦୁର୍ଗନ୍ଧରେ ପଥଚାରୀଙ୍କ ନାକ ଫାଟିପଡୁଛି। ପୌରପାଳିକା ପକ୍ଷରୁ ଏଠାରେ ଅଳିଆ ଆବର୍ଜନା ପକାଯାଉଥିବାରୁ ଅନ୍ୟ ଅଞ୍ଚଳରୁ ଲୋକେ ମଧ୍ୟ ବିଭିନ୍ନ ପ୍ରକାର ଆବର୍ଜନାକୁ ଏହ ଜାତୀୟରାଜପଥ କଡରେ ପକାଉଛନ୍ତି। ଏ ନେଇ ଅଭିଯୋଗ ହେବା ପରେ ଗତ ୩ ତାରିଖରେ ସୋର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ପ୍ରଧାନ ୪୭୨୧ ନମ୍ବର ଚିଠିରେ ସମସ୍ତ ପ୍ଲାଣ୍ଟ ମ୍ୟାନେଜରମାନଙ୍କୁ ରାସ୍ତା କଡରେ ଅଳିଆ ପକାଇବା ଓ କାର୍ଯ୍ୟରେ ଅବହେଳା ପାଇଁ କାରଣ ଦର୍ଶାଅ ନୋଟିସ ଜାରି କରିଥିବା ଜଣାପଡିଛି।

# ଦୈନିକ କାର୍ଯ୍ୟ ସମୟ ୧୦ଘଣ୍ଟା ବୃଦ୍ଧିକୁ ବିରୋଧ




୨୧ରେ ହେବ ବିକ୍ଷୋଭ ଓ ଶୋଭାଯାତ୍ରା

ବାଲେଶ୍ୱର,୮ ।୧୧(ସମିସ): ଶ୍ରମିକମାନଙ୍କ ଦୈନିକ କାର୍ଯ୍ୟ ଦିବସକୁ ୮ରୁ ୧୦ ଘଣ୍ଟାକୁ ବୃଦ୍ଧି ଓ ରାତି ସମୟରେ ବ୍ୟବସାୟ ପ୍ରତିଷ୍ଠାନରେ ମହିଳା ଶ୍ରମିକ କାର୍ଯ୍ୟ କରିବା ପାଇଁ ରାଜ୍ୟ ସରକାରଙ୍କ ଅଧ୍ୟାଦେଶକୁ ବାଲେଶ୍ୱରର ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଓ ସ୍ୱାଧୀନ ସଂଘମାନଙ୍କର ସମନ୍ୱୟ କମିଟି ଟିୟୁଏସିସି ଦୃଢ଼ ବିରୋଧ କରିଛି। ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ଓ ସ୍ୱାଧୀନ ସଙ୍ଗଠନର କର୍ମକର୍ତ୍ତା ଭାଗବତ ପ୍ରତିହାରୀ, ରାଜକିଶୋର ଲେଙ୍କା, ନିର୍ମଳ ନାୟକ, ଜଗଦୀଶ ବାରିକ, ଶ୍ୟାମସୁନ୍ଦର ଜେନା ଓ ସତ୍ୟନାରାୟଣ ମିଶ୍ର ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ଆଠଘଣ୍ଟା ଶ୍ରମଦିବସ ପାଇଁ ସଂଗ୍ରାମର ଇତିହାସ ଓ ଶ୍ରମିକରକ୍ତର ଲାଲଝଣ୍ଡାର ଜନ୍ମ ଇତିହାସ ସମ୍ପର୍କରେ କହିଥିଲେ। ମହିଳାମାନେ କାର୍ଯ୍ୟକ୍ଷେତ୍ରରେ ନିର୍ଯାତନା ଘଟଣା ବୃଦ୍ଧି ପାଉଥିବା ବେଳେ ରାତି ସମୟରେ ସେମାନଙ୍କୁ ଚାକିରି ସ୍ଥଳରେ କାର୍ଯ୍ୟ କରିବାକୁ ଅଧ୍ୟାଦେଶ ଜାରି କରିବା ଘଟଣା ସରକାରଙ୍କ ଅପରିଣାମଦର୍ଶୀ ନିଷ୍ପତ୍ତି ବୋଲି ସେମାନେ ମତ ଦେଇଥିଲେ। ଡବଲ ଇଞ୍ଜିନ ସରକାର ଶ୍ରମିକମାନଙ୍କ ସମସ୍ୟା ଦ୍ୱିଗୁଣିତ କରୁଛି ବୋଲି ଅନେକ ବକ୍ତା ମତ ଦେଇଥିଲେ। ସେହିପରି ବିର୍ଲା ଟାୟାର୍ସର ଶ୍ରମିକମାନେ ନ୍ୟାୟପାଇଁ ଦାବି ଓ ଆନ୍ଦୋଳନ ଚଳାଇଥିବା ବେଳେ ଆଇନକୁ ମାନୁ ନ ଥିବା ବିର୍ଲାଟାୟାର୍ସର କର୍ତ୍ତୃପକ୍ଷଙ୍କ ବିରୋଧରେ ଜିଲ୍ଲା ପ୍ରଶାସନ ଓ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଓ ସ୍ୱାଧୀନ ଫେଡେରେସନମାନଙ୍କ ମିଳିତ ମଞ୍ଚ ପକ୍ଷରୁ ଏ ସମସ୍ତ ଶ୍ରମିକ ବିରୋଧି ନୀତି ବିରୋଧରେ ଚଳିତ ମାସ ୨୧ତାରିଖରେ ରେଳଷ୍ଟେସନରୁ ଏକ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଁଚି ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ ପାଇଁ ବୈଠକରେ ସର୍ବସମ୍ମତି ନିଷ୍ପତ୍ତି ନିଆଯାଇଛି। ଆସନ୍ତା ଡିସେମ୍ବରମାସ ୩, ୪ ଓ ୫ ତାରିଖରେ ତିନିଦିନ ବ୍ୟାପୀ ଭୁବନେଶ୍ୱରରେ ଶ୍ରମଜୀବୀମାନଙ୍କ ବିକ୍ଷୋଭ ସମାବେଶରେ ବାଲେଶ୍ୱରର ସାଥୀମାନେ ଯୋଗଦେବାକୁ ଆହ୍ୱାନ ଦିଆଯାଇଛି। ଶେଷରେ ସର୍ବେଶ୍ୱର ମିଶ୍ର ଉପସ୍ଥିତମାନଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ବୈଠକରେ ବିଭିନ୍ନ ସଂଘ ପକ୍ଷରୁ ହରେକୃଷ୍ଣ ଚାନ୍ଦ, ଭରତ ଚନ୍ଦ୍ର ସେଠୀ, ଚନ୍ଦନା ଆଚାର୍ଯ୍ୟ, ଯତୀନ ପାତ୍ର, ତପନ ଭୂୟାଁ, ସରୋଜିନୀ ବିଶ୍ୱାଳ ଓ ପୂର୍ଣ୍ଣଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ରସୁଲପୁର ପଞ୍ଚାୟତରେ ବିଜେଡିର ମିଶ୍ରଣ ପର୍ବ



ବାଲେଶ୍ୱର, ୮।୧୧(ସମିସ): ରସୁଲପୁର ସରପଞ୍ଚ ଭାରତୀ ତରେଇଙ୍କ ଅଧ୍ୟକ୍ଷତାରେ ୭ନମ୍ବର ୱାର୍ଡ ଉଲାଡି ଗ୍ରାମରେ ବିଜୁ ଜନତା ଦଳର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ମିଶ୍ରଣ ପର୍ବରେ ପୂର୍ବତନ ସମିତି ସଭ୍ୟ ଅକ୍ରୁର ତରେଇ ସଭା ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ୨୮ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ କୁମାର ସେଠୀ, ସମ୍ମାନିତ ଅତିଥି ରୂପେ ରାଇସୁଆଁ ସରପଞ୍ଚ ଅଜିତ ମହାପାତ୍ର, ହଳଦିପଦା ସରପଞ୍ଚ ବରେନ୍ଦ୍ର ସେଠୀ, ରାଇସୁଆଁ ସମିତିସଭ୍ୟ ଦୀପକ ଜେନା, ରସୁଲପୁର ପଞ୍ଚାୟତର ବିଜେଡି ସଭାପତି ସୁବ୍ରତ ପରିଡା ଏବଂ ରସୁଲପୁର ପଞ୍ଚାୟତର ନାଏବ ସରପଞ୍ଚ ରମେଶ ପାଣି ପ୍ରମୁଖ ଉପସ୍ଥିତ ଥିଲେ । ବର୍ତ୍ତମାନ ଡବଲ ଇଞ୍ଜିନ ସରକାରଙ୍କ ବିଫଳତା ଏବଂ ମିଥ୍ୟା ପ୍ରତିଶ୍ରୁତି ଗାଁ ଗଣ୍ଡାରେ ସାଧାରଣ ଲୋକେ ଅକ୍ଷରେ ଅକ୍ଷରେ ବୁଝିଗଲେଣି ବୋଲି ମୁଖ୍ୟ ଅତିଥି ଶ୍ରୀ ସେଠୀ କହିଥିଲେ। ସରକାରୀ ଦଳର କର୍ମୀମାନଙ୍କ ଦ୍ୱାରା ସାଧାରଣ ଲୋକ ଶୋଷଣର ଶିକାର ହେଉଛନ୍ତି। ଏହି ମିଶ୍ରଣ ପର୍ବରେ ୧୦ରୁ ଅଧିକ ପରିବାର ବିଜେପି ଦଳ ଛାଡ଼ି ବିଜେଡି ଦଳରେ ଯୋଗ ଦେଇଛନ୍ତି । ସ୍ଥାନୀୟ ନେତା ଏବଂ କର୍ମୀଙ୍କ ଶୋଷଣ ରେ ଅତିଷ୍ଠ ହୋଇ ଦଳ ଛାଡିଛନ୍ତି ବୋଲି ରତ୍ନାକର ଦଲେଇ କହିଛନ୍ତି । ଏହି ମିଶ୍ରଣ ପର୍ବରେ ରତ୍ନାକର ଦଳାଇ ସମେତ କୁନି ଦଲେଇ, ଚକ୍ରଧର ଦଲେଇ, ଲକ୍ଷ୍ମୀଧର ଦଳାଇ, ଜଳଧର ଦଳାଇ, ପ୍ରତାପ ଦଳାଇ, ଡମ୍ବୁରୁଧର ଦଳାଇ, ଗୌରୀ ଦଲେଇ ପ୍ରମୁଖ ୪୦ରୁ ଅଧିକ ଲୋକ ବିଜେଡିରେ ଯୋଗ ଦେଇଛନ୍ତି।

# ଅସହାୟ ନାବାଳକକୁ ଭେଟିଲା ଶିଶୁ ମଙ୍ଗଳ କମିଟି

ବାଲେଶ୍ୱର, ୮।୧୧(ସମିସ): ଅସହାୟ ଅନାଥ ନାବାଳକକୁ ଅକଥନୀୟ ନିର୍ଯାତନା ଦେବା ଫଳରେ ରେମୁଣା ମେଡିକାଲ କଲେଜ ହସ୍ପିଟାଲ ଚିକିତ୍ସିତ ହେଉଥିବା ସୁଜିତ ଦାସଙ୍କୁ ଶିଶୁ ମଙ୍ଗଳ କମିଟିର ସଭ୍ୟ ଶତ୍ରୁଘନ ମାଲିକଙ୍କ ଓ ସଭ୍ୟା ଅନିତା କରଙ୍କ ସହ ବିଏଡିସିର ସମ୍ପାଦକ ଗୋପାଳ କୃଷ୍ଣ କର ଓ ଜେଆରସିର ପ୍ରକଳ୍ପ ଅଧିକାରୀ ତାଙ୍କୁ ରେମୁଣା ହସ୍ପିଟାଲରେ ସାକ୍ଷାତ କରିଛନ୍ତି। ଖନ୍ତାପଡ଼ା ଥାନା ଅଧୀନ ଭୀମଦା ଗ୍ରାମର ସ୍ୱର୍ଗତ ବଦଳ ଦାସଙ୍କ ପୁଅ ସୁଜିତ (୮) ଙ୍କୁ ଏକ ହୋଟେଲରେ ଅକଥନୀୟ ନିର୍ଯାତନା ଦିଆଯାଇଥିଲା। ପରେ ପିଲାଟି ଗୁରୁତର ହେବାରୁ ତାଙ୍କୁ ଡାକ୍ତରଖାନରେ ଭର୍ତ୍ତି ହୋଇଥିବା ଜାଣିବାକୁ ପାଇଥିଲେ। ବାପା ମାଆଙ୍କର ମୃତ୍ୟୁ ପରେ ହୀରାଟିକିରି ଗ୍ରାମର ଜଣେ ବ୍ୟକ୍ତି ସୁଜିତକୁ ପୋଷ୍ୟପୁତ୍ର କରି ରଖିଥିଲେ ଓ ନିଜ ହୋଟେଲରେ କାମ କରାଉଥିଲେ। ତେବେ କାର୍ଯ୍ୟରେ ତ୍ରୁଟି ହେବାରୁ ସେ ପିଲାକୁ ନିସ୍ତୁକ ମାଡ଼ ମାରି ଲହୁଲୁହାଣ କରି ପକାଇଥିଲେ। ପିଲାଟି କାନ୍ଦି କାନ୍ଦି ରାସ୍ତାରେ ଯାଉଥିବା ବେଳେ ଶେରଗଡ ହୀରାଟିକିରି ଅଞ୍ଚଳରେ କୈଳାଶ ଦାସ ତାକୁ ଉଦ୍ଧାର କରିବା ସହ ଖନ୍ତାପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ସୁଜିତକୁ ନେଇ ପ୍ରଥମେ ଖନ୍ତାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ପରେ ଅଧିକ ଚିକିତ୍ସା ପାଇଁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି। ଏହି ଥାନା ଅଧୀନ ରାଜପଥ ପାଶ୍ୱର୍ ଏକାଧିକ ଢ଼ାବା ଓ ହୋଟେଲରେ ଶିଶୁ ଶ୍ରମିକମାନଙ୍କୁ ନିର୍ଯାତନା ଦିଆଯାଉଥିବାରୁ ପୁଲିସ ପକ୍ଷରୁ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ବିଏଡିସିର ସମ୍ପାଦକ ଗୋପାଳକୃଷ୍ଣ କର ଦାବି କରିଛନ୍ତି।

# ସିଟୁ, କୃଷକ ସଭା ଓ କ୍ଷେତ ମଜଦୁର ୟୁନିଅନର ଗଣବିକ୍ଷୋଭ



ବାଲେଶ୍ୱର, ୮।୧୧ (ସମିସ): ଋଷ ବିପ୍ଳବର ୧୦୯ତମ ବିଜୟ ଦିବସ ପାଳନ ଅବସରରେ ସିପିଆଇଏମ ପାର୍ଟି ରାଜ୍ୟ ଅଫିସରେ ପାର୍ଟିର ଲାଲ ପତାକା ଉତ୍ତୋଳନ ସହିତ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଛି। ଏଥିସହ ସିଆଇଟିୟୁ ଓଡିଶା କୃଷକ ସଭା ଏବଂ ଓଡିଶା କ୍ଷେତ ମଜଦୁର ସଂଗଠନର ଏକ ଜିଲ୍ଲାସ୍ତରୀୟ ମିଳିତ କର୍ମୀ ବୈଠକ କୃଷକ ସଭାର ରାଜ୍ୟ ସଭାପତି ସୀତାଂଶୁ ସେନାପତିଙ୍କ ସଭାପତିତ୍ୱରେ ବସି ତୁରନ୍ତ ନଭେମ୍ବର ମାସ ଶେଷ ବେଳକୁ ଧାନ କିଣିବା ପାଇଁ ସରକାରୀ କ୍ରୟ କେନ୍ଦ୍ର ଖୁଲିବା, କେ ୱାଇ ସି ନାମରେ ଜିଲ୍ଲାର କାଟିଥିବା ରେସନ ପାଉଥିବା ହିତାଧିକାରୀଙ୍କୁ ପୁନଃ ରେସନ କାର୍ଡ ଦେବା, ଏମ ଏନ ରେଗାରେ ମିଳିନଥିବା ମାସ ମାସର ମଜୁରୀ ତୁରନ୍ତ ଦେବା, ଟ୍ରମ୍ପଙ୍କ ଶୁଳ୍କ ବସାଇବା ଫଳରେ ଉପୁଜୁ ଥିବା ବେକାରୀ ଓ ଅର୍ଥନୈତିକ ସଙ୍କଟ ଦୂର କରିବା ପାଇଁ ପଦକ୍ଷେପ ନେବା, ନୀଳଗିରି କୁଳଡିହା ଅଭୟାରଣ୍ୟ ରୁ ଲୋକ ବସତି ଉଚ୍ଛେଦ କରିବା ବିରୋଧରେ, ସେ ସମସ୍ତ ବୃଦ୍ଧ, ବୃଦ୍ଧାଙ୍କୁ ତିନି ହଜାର ଟଙ୍କା ଭତ୍ତା ଦେବା, ଆଠ ଘଣ୍ଟା ବଦଳରେ ୧୦ଘଣ୍ଟା କାର୍ଯ୍ୟ ସମୟକୁ ବୃଦ୍ଧି କରିବା, ମହିଳା ମାନଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ବିଫଳ ହୋଇଥିବା ବେଳେ ରାତିରେ ମହିଳା ମାନେ କାମ କରିବା ନିଷ୍ପତ୍ତି ବିରୁଦ୍ଧରେ ଜିଲ୍ଲାର ସମସ୍ତ ବ୍ଲକରେ ଏହି ଉପୋରକ୍ତ ସଂଗଠନ ମାନଙ୍କ ତରଫରୁ ଏହି ମାସ ୧୦ତାରିଖରୁ ଘରକୁ ଘର ପ୍ରଚାର କରିବା ସହିତ ନଭେମ୍ବର ୧୬ ତାରିଖରୁ ୨୪ତାରିଖ ପର୍ଯ୍ୟନ୍ତ ବିଭିନ୍ନ ତାରିଖରେ ବ୍ଲକ ଅଫିସ ସମ୍ମୁଖରେ ବିଶାଳ ବିକ୍ଷୋଭ ମାନ ସଂଗଠିତ କରାଯିବ ବୋଲି ଆହ୍ୱାନ ଦିଆ ଯାଇଛି। ସେହିପରି ସିଟୁର ଜିଲ୍ଲା ନେତା ରାଜକିଶୋର ଲେଙ୍କା, କୃଷକ ସଭା ଜିଲ୍ଲା ସମ୍ପାଦକ ଦିଲ୍ଲୀପ ଗିରି, କ୍ଷେତ ମଜଦୁର ଜିଲ୍ଲା ଆବାହକ ଦୀପ୍ତିମାନ ଆଚାର୍ଯ୍ୟ, ପ୍ରେମ ରଞ୍ଜନ ପାତ୍ର, ଶ୍ୟାମ ସୁନ୍ଦର ଜେନା, ସତ୍ୟଜିତ ଦାସ, ଲକ୍ଷ୍ମୀକାନ୍ତ ଦାସ, ଗୋବିନ୍ଦ ବାରିକ, ପ୍ରଭାକର ବେହେରା, ମୃତ୍ୟୁଞ୍ଜୟ ରାଉତ, ସୁଶାନ୍ତ ଜେନା, ଜୀବନ ପରିଡା, ପ୍ରସନ୍ନ ଷଡଙ୍ଗୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ ଏବଂ ପ୍ରେମ ରଞ୍ଜନ ପାତ୍ର ଧନ୍ୟବାଦ ଦେଇଥିଲେ।

# ସବୁଠି ଗାଇଲେ ବନ୍ଦେ ମାତ୍‌ରମ



ବାଲେଶ୍ୱର, ୮।୧୧(ସମିସ)

ଦେଶଭକ୍ତିର ଗାନ "ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ସରକାରଙ୍କ ନିର୍ଦ୍ଦେଶାନୁସାରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଏକ୍ରାତାର ସୂତ୍ରରେ ମିଳିତ ଭାବେ ପାଳନ କରିଛନ୍ତି। ବିଶ୍ୱବିଦ୍ୟାଳୟ ପରିସରରେ ସମସ୍ତ ଶିକ୍ଷକ, ଶିକ୍ଷାର୍ଥୀ ଓ ଅଧିକାରୀମାନେ ଏକତ୍ରିତ ହୋଇ ସାମୂହିକ ଭାବରେ "ବନ୍ଦେ ମାତରମ୍' ଗାନ କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ରଚନା, ଚିତ୍ରାଙ୍କନ, କୁଇଜ୍ ଓ କବିତା ଲିଖନ ଓ ଆବୃତ୍ତି ଇତ୍ୟାଦି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଉତ୍କର୍ଷ ପ୍ରଦର୍ଶନକାରୀ ଶିକ୍ଷାର୍ଥୀମାନଙ୍କୁ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଓ କୁଳସଚିବ କୁକୁମୀନା ଦାସ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଡ଼କ୍ଟର ଅସିମ ଅମିତାଭ ପ୍ରଧାନଙ୍କ ନେତୃତ୍ୱରେ କରାଯାଇଥିଲା। ବନ୍ଦେ ମାତରମ୍ ଉତ୍ସବ ଫକୀରମୋହନ ବିଶ୍ୱବିଦ୍ୟାଳୟର ପକ୍ଷରୁ ଦେଶର ଅମର ସଂସ୍କୃତି ଓ ଏକତା ପ୍ରତି ଏକ ଶ୍ରଦ୍ଧାଞ୍ଜଳୀ ରୂପେ ରହି ଯୁବପିଢ଼ୀ ମଧ୍ୟରେ ଜାତୀୟ ଅଭିମାନ, ସାମାଜିକ ଦାୟିତ୍ୱ ଓ ସମ୍ମିଳନର ବାର୍ତ୍ତା ପ୍ରଦାନ କରିଛି।



ସେହିପରି ବାଲେଶ୍ୱର ପୁଲିସ ଲାଇନ ସେଲଫି ପଏଣ୍ଟରେ ଜିଲ୍ଲା ସଭାପତି ଇଶ୍ୱର ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ବନ୍ଦେ ମାତରମ୍ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ସଂଯୋଜକ ଓ ପରିଚାଳନା କରିଥିଲେ। ସମବେତ ବୃନ୍ଦ ହାତରେ ଜାତୀୟ ପତାକା ଧରି ଋଷି ବଙ୍କିମ ଚନ୍ଦ୍ରଙ୍କ ଦ୍ୱାରା ରଚିତ ସମ୍ପୂର୍ଣ୍ଣ ବନ୍ଦେ ମାତରମ୍ ସଂଗୀତ ଗାନ କରିଥିଲେ। ସମ୍ମିଳିତ ଅତିଥି ଭାବେ ସେବାନିବୃତ କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର ବନ୍ଦେ ମାତରମ ଉପରେ ଆଲୋକପାତ କରିଥିଲେ। ପୂର୍ବତନ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ରାଜ୍ୟ ଉପସଭାପତି ସିପ୍ରା ବାଜପେୟୀ, ଉତ୍ତର ବାଲେଶ୍?ର ଜିଲ୍ଲା ସଭାପତି ପ୍ରଦୀପ ପଣ୍ଡା, ନାରୀ ନେତ୍ରୀ ସୁଷମା ରାଣୀ ବିଶ୍ୱାଳ, ବିଧାୟକ ପାର୍ଥୀ ରବିନ୍ଦ୍ର ଅଣ୍ଡିଆ ଓ ଆଶିଷ ପାତ୍ର, ସିପ୍ରାରେଖା ମହାପାତ୍ର, ସନ୍ତୋଷ ସେଠୀ, ରାଜେଶ ମହାପାତ୍ର, କରୁଣାକର ପଣ୍ଡା, ନିରାକାର ପଣ୍ଡା, ସୁକୁମାର ଦାସ, ଭଗବାନ ଗୁପ୍ତା, ସୁଧାଂଶୁ ଶେଖର ପଣ୍ଡା, ରଘୁନାଥ ପରିଡ଼ା, ଧୀରଜ ମହାନ୍ତି, ପ୍ରଫୁଲ୍ଲ ଦିବେଦୀ, କୃଷ୍ଣଚନ୍ଦ୍ର ଦତ୍ତ, ରବିନ୍ଦ୍ର ଜୈନ, କମଳଲୋଚନ ଦାସ, ମାନସ ମହାନ୍ତି, ପରମାନନ୍ଦ ମହାପାତ୍ର, ସସ୍ମିତା ଚାନ୍ଦ, ମହୁଆ ପ୍ରଧାନ, ସୁସ୍ମିତା ପଣ୍ଡା ଚିତ୍ତରଞ୍ଜନ ପଣ୍ଡାଙ୍କ ସମେତ ଉଭୟ ସାଂଗଠନିକ ସଂସ୍କାର ସମସ୍ତ ପଦାଧିକାରୀ ଓ ଆଗଧାଡ଼ିର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଜିଲ୍ଲା ସମ୍ପାଦକ ବିଜୟ ସାହୁ, ଚନ୍ଦ୍ରଶେଖର ନନ୍ଦ ଓ ଜିଲ୍ଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

**ନୀଳକଣ୍ଠେଶ୍ୱର ଉଚ୍ଚମାଧ୍ୟମିକ ବିଦ୍ୟାଳୟ :** ବାଙ୍ଗରାସ୍ଥିତ ନୀଳକଣ୍ଠେଶ୍ୱର ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଶଶୀଭୂଷଣ କରଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମ ବିଦ୍ୟାଳୟର ଅଡିଟୋରିୟମ ଗୃହରେ ସମୂହ ଭାବେ ଗାନ କରାଯାଇଥିଲା। ୧୮ ୭୫ମସିହାରେ ନଭେମ୍ବର ମାସ ୭ତାରିଖ ଦିନ ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟ ଲିଖିତ ରାଷ୍ଟ୍ରୀୟ ଗୀତ ବନ୍ଦେମାତରମ ଆନନ୍ଦ ମଠ ଉପନ୍ୟାସରେ ପ୍ରକାଶିତ ହୋଇଥିଲା। ଏହି ଗୀତରେ ପ୍ରଭାବିତ ହୋଇ ରାଣୀ ଲକ୍ଷ୍ମୀବାଇ, ଭଗତ ସିଂ, ଜୟ ରାଜଗୁରୁ, ବିର୍ସା ମୁଣ୍ଡା, ବାଜି ରାଉତ ଏବଂ ଆଧୁନିକ ଭାରତର ବିନ୍ଧାଣୀ ବାଲ ଗଙ୍ଗାଧର ତିଳକ, ଲାଲା ଲଜପତ ରାୟ,ବିପିନ ଚନ୍ଦ୍ର ପାଲ, ଜବାହାରଲାଲ ନେହରୁ, ସୁଭାଷ ଚନ୍ଦ୍ର ବୋଷଙ୍କ ଭଳି ସଂଗ୍ରାମୀମାନେ ଭାରତକୁ ସ୍ୱାଧୀନ କରିବା ପାଇଁ ଲହୁଲୁହ ପ୍ରଦାନ କରିଥିଲେ। ଏହି ଗୀତର ୧୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ବିଦ୍ୟାଳୟରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ପାଳିତ ହୋଇଥିଲା। ଅଧ୍ୟାପକ ଗୌରାଙ୍ଗ ଚରଣ ବେହେରା ଧନ୍ୟବାଦ ଦେଇଥିଲେ।

# ଅନନ୍ତପୁରରେ ନୂତନ ମଦ ଦୋକାନ ଖୋଲିବାକୁ ବିରୋଧ

ସୋର, ୮।୧୧ (ସମିସ): ସୋର ବ୍ଲକ ଅନନ୍ତପୁର ପଞ୍ଚାୟତରେ ପୂର୍ବରୁ ଏକ ମଦ ଦୋକାନ ଥିବା ବେଳେ ବର୍ଷେ ତଳେ ନକଲି ବିଦେଶୀ ମଦ ବିକ୍ରି ଅଭିଯୋଗରେ ଏହି ମଦ କାରଣରୁ ଏହାକୁ ସିଲ୍ କରାଯାଇଥିଲା। ମଦ ଦୋକାନ ବନ୍ଦ ହେବା ଫଳରେ ଉକ୍ତ ଅଞ୍ଚଳରେ ଶାନ୍ତିର ବାତାବରଣ ଥିବାବେଳେ ଏବେ ପୁନଶ୍ଚ ଏହି ଅଞ୍ଚଳରେ ଏକ ମଦ ଦୋକାନ ଖୋଲବାକୁ ନେଇ ସ୍ଥାନୀୟ ଅନନ୍ତପୁର, ଗୁଡ଼, ତେଣ୍ଟେଇ ଚିତ୍ତଳ, ବାଳଙ୍ଗ ଆଦି ପଞ୍ଚାୟତର ମହିଳା ଓ ବୁଦ୍ଧିଜୀବୀମାନେ ବିରୋଧ କରୁଛନ୍ତି। ଏ ନେଇ ସୋର ବ୍ଲକ ଅଧକ୍ଷା ଅନୁସୟା ମଲିକ ଓ ଜିଲ୍ଲା ପରିଷଦ ସଦସ୍ୟ ଜୟରାମ ଦାସଙ୍କ ସମେତ ବିଭିନ୍ନ ପଞ୍ଚାୟତର ଶତାଧିକ ଲୋକେ ଗତ ଅକ୍ଟୋବର ୨୮ ତାରିଖରେ ଅନନ୍ତପୁର ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଥିବା ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଜିଲ୍ଲାପାଳଙ୍କୁ ଏକ ଲିଖିତ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ଏହାକୁ ବିଚାର କରି କାର୍ଯ୍ୟାନୁଷ୍ଠାନ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ବିଭିନ୍ନ ପଞ୍ଚାୟତର ଲୋକ ମାନେ ଆନ୍ଦୋଳନ କରିବାକୁ ଅଣ୍ଟା ଭିଡୁଥିବା ଜଣାପଡିଛି। ପୂର୍ବରୁ ଏହି ଅନନ୍ତପୁର ମୌଜାରେ ଏକ ସରକାରୀ ସ୍ୱୀକୃତି ପ୍ରାପ୍ତ ବିଦେଶୀ ମଦ ଦୋକାନ ଥିବା ବେଳେ ଉକ୍ତ ଦୋକାନରେ ସ୍ୱୀକୃତିପ୍ରାପ୍ତ ମଦ ବଦଳରେ ନକଲି ମଦ ବିକ୍ରି ହେଉଥିଲା। ଏହି ନକଲି ମଦ ପିଇ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଥିଲେ। ବିଭାଗୀୟ ଅଧିକାରୀ ମାନେ କୌଣସି ସୂତ୍ରରୁ ଖବର ପାଇ ଚଢ଼ାଉ କରି ଦୋକାନର ଲାଇସେନ୍ସ ବାତିଲ କରିବା ସହିତ ତାହାକୁ ସିଲ କରିଥିଲେ। ଦେଢବର୍ଷ ପରେ ଗତ ଅକ୍ଟୋବର ୨୨ ତାରିଖରେ ଏହି ସ୍ଥାନରେ ନୂଆ ଦୋକାନ କରିବାକୁ ସରକାର ନିଲାମ କରିଥିଲେ। ଉକ୍ତ ମଦ ଦୋକାନ ପାଇଁ ବିଭିନ୍ନ ଅଞ୍ଚଳରୁ ୩୨ ଜଣ ଲଟେରୀ ପକାଇଥିବା ବେଳେ ବିହାର ଅଞ୍ଚଳର ପଙ୍କଜ ସାହା ନାମରେ ଲଟେରୀ ଉଠିଥିଲା। ଫଳରେ ତାଙ୍କ ନାମରେ ସ୍ୱୀକୃତି ମିଳିବା ସହିତ ମଦ ଦୋକାନ ଖୋଲିବାକୁ ସମସ୍ତ ପ୍ରକାର କାର୍ଯ୍ୟ ଶେଷ ଅବସ୍ଥାରେ ଥିବା ବେଳେ ଉକ୍ତ ଅଞ୍ଚଳରେ ଫେରିଥିବା ଶାନ୍ତ ପରିବେଶ ପୁନଶ୍ଚ ଅଶାନ୍ତ ନହେବା ଓ ନିକଟରେ ଅଙ୍ଗନବାଡି, ସ୍କୁଲ ଓ ମନ୍ଦିର ଆଦି ପବିତ୍ର ସ୍ଥାନ ଥିବାରୁ ଏହି ମଦ ଦୋକାନକୁ ବନ୍ଦ କରିବାକୁ ସାଧାରଣରେ ଦାବୀ ହୋଇଛି।

## କେନ୍ଦ୍ରାପଡ଼ା ବାଲିଯାତ୍ରାରେ 'ମୋ ସ୍ୱପ୍ନର କେନ୍ଦ୍ରାପଡ଼ା' ଆଲୋଚନାଚକ୍ର

# 'ମେଡିକାଲ କଲେଜ ବ୍ୟତିରେକ କେନ୍ଦ୍ରାପଡ଼ାରେ ସ୍ୱାସ୍ଥ୍ୟ ଉନ୍ନତି ଅସମ୍ଭବ'




କେନ୍ଦ୍ରାପଡ଼ା,୮।୧୧(ସମିସ)

ଐତିହାସିକ କେନ୍ଦ୍ରାପଡ଼ା ବାଲିଯାତ୍ରା ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଆୟୋଜିତ 'ମୋ ସ୍ୱପ୍ନର କେନ୍ଦ୍ରାପଡ଼ା' ଶୀର୍ଷକ ଆଲୋଚନାଚକ୍ରରେ ସର୍ବଦଳୀୟ ନେତା ଏକ ସ୍ୱରରେ କହିଥିଲେ, କେନ୍ଦ୍ରାପଡ଼ାରେ ମେଡିକାଲ କଲେଜ ସ୍ଥାପନା ବ୍ୟତିରେକ ଚିକିତ୍ସା କ୍ଷେତ୍ରର ମୂଳଗାମୀ ପରିବର୍ତ୍ତନ ସମ୍ଭବ ନୁହେଁ। ମହୋତ୍ସବ କମିଟି ସଭାପତି ପ୍ରଦୀପ ଦାଶଙ୍କ ପରିଚାଳନାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସମ୍ପାଦକ ସଂଜୟ ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉପସଭାପତି ଅଭିମନ୍ୟୁ ଗୋଚ୍ଛାୟତଙ୍କ ସଂଯୋଜନାରେ ଆୟୋଜିତ ଆଲୋଚନାଚକ୍ରରେ ବହୁ ବିଶିଷ୍ଟ ଅତିଥି ମତ ଦେଇଥିଲେ, ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ଓ ଅର୍ଥନୀତିର ସମନ୍ୱିତ ଉନ୍ନତି ବିନା କେନ୍ଦ୍ରାପଡ଼ା ଆଗେଇ ପାରିବନାହିଁ। ଜିଲ୍ଲାର ବିକାଶ ଏବେ ମଧ ରାଜ୍ୟରେ ୩୦ତମ ସ୍ଥାନରେ ଥିବାରୁ ଅତିଥିମାନେ ଦୁଃଖ ପ୍ରକାଶ କରିଥିଲେ। ମନ୍ତ୍ରୀପଦ ଥିବା ଜିଲ୍ଲା ଥିଲେ ମଧ ଆଜି କେନ୍ଦ୍ରାପଡାରେ ମନ୍ତ୍ରୀ ନାହାନ୍ତି। ଯାହାକୁ ଜିଲ୍ଲା ଉନ୍ନତିର ଅନ୍ୟତମ ବଡ଼ କାରଣ ବୋଲି ମତ ଦିଆଯାଇଥିଲା। ସମାଜସେବୀ ରଞ୍ଜନ ବେହେରା, ବିଜେପି ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ସୁନାକର ବେହେରା, ବିଜୁ ଜନତା ଦଳ ଯୁବ ଜିଲ୍ଲା ସଭାପତି ରାଜେଶ ଦାସ, କଂଗ୍ରେସ ପ୍ରବକ୍ତା ଅମୀୟକୁମାର ପାଣ୍ଡବ, ବାର୍ କାଉନସିଲର ପ୍ରାକ୍ତନ ସଭାପତି ବିଚିତ୍ରାନନ୍ଦ ମହାନ୍ତି, ସାମ୍ମୁଖ୍ୟ ସଭାପତି ଅଜୟ କୁମାର ସାମଲ, ନିଶା ନିବାରଣ ସମିତି ସମ୍ପାଦକ ଆଦିକନ୍ଦ ରାଉଳ, ପ୍ରଫେସର ସୁରେନ୍ଦ୍ର କୁମାର ମିଶ୍ର ପ୍ରମୁଖ ମତ ରଖିଥିଲେ। ମହେନ୍ଦ୍ର କୁମାର ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପୀତବାସ ବେହେରା ଧନ୍ୟବାଦ ଦେଇଥିଲେ। ରାଜୁ କୁବେର, ମୃତ୍ୟୁଞ୍ଜୟ ସାହୁ, ସତ୍ୟବ୍ରତ ସିଂହ, ଧିରେନ୍ଦ୍ର ଦାସ, ଟୁଟୁ ଗେରୁ, ମନୋରଞ୍ଜନ ତ୍ରିପାଠୀ, ପୀତବାସ ଦାସ, ପଞ୍ଚାନନ ଗେରୁ, ଗୋଲକ ପରିଡା ପ୍ରମୁଖ ସହଯୋଗ କରିଥିଲେ। ବିଭିନ୍ନ ସଂସ୍ଥା ପକ୍ଷରୁ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।



## ପ୍ରିସୁଭ ତନୟା ଦାସଙ୍କୁ ଆଇବିଆର ଆଚିଭର ସମ୍ମାନ

କେନ୍ଦ୍ରାପଡ଼ା,୮।୧୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରିସୁଭ ତନୟା ଦାସ ବାଲ୍ୟବସ୍ଥାରୁ ଅସାଧାରଣ ସ୍ମୃତି ଓ ଜ୍ଞାନ କ୍ଷମତା ଦେଖାଇ ଆଇବିଆର ଆଚିଭର ସମ୍ମାନ ଲାଭ କରିଛନ୍ତି। ମାତ୍ର ୨ ବର୍ଷ ୧ ମାସ ବୟସରେ ପ୍ରିସୁଭ ୨୭ ପ୍ରକାର ପ୍ରାଣୀ, ୧୬ ପ୍ରକାର ଫଳ ନାମ କହିବା ସହିତ ୧ରୁ ୨୦ ପର୍ଯ୍ୟନ୍ତ ଗଣନା କରିପାରୁଛନ୍ତି। ଏହାଛଡ଼ା ଭାରତର ୧୫ଟି ଜାତୀୟ ପ୍ରତୀକ, ୨୮ଟି ରାଜ୍ୟର ରାଜଧାନୀ, ବର୍ଷର ୧୨ ମାସ, ପୃଥିବୀର ୭ଟି ଖଣ୍ଡ ଓ ଏ-ରୁ ଜେଡ୍ ପର୍ଯ୍ୟନ୍ତ ୨୬ଟି ଶବ୍ଦ ସ୍ମରଣ କରିପାରିବା ସେ ତାଙ୍କ ବୟସ ପାଇଁ ଅତ୍ୟନ୍ତ ଚମତ୍କାର ଉପଲବ୍ଧି। ଏହି ସମସ୍ତ କୃତିତ୍ୱ ୪ ଅକ୍ଟୋବର ୨୦୨୫ରେ ଅଧିକୃତ ଭାବେ ସ୍ୱୀକୃତ ହୋଇ ତାଙ୍କୁ "ଆଇବିଆର ଆଚିଭର ମାନ୍ୟତା ଦିଆଯାଇଛି।



## ପୂର୍ବତନ ସରପଞ୍ଚ ଅଦ୍ୱୈତ ପ୍ରଧାନଙ୍କ ପରଲୋକ

ଗୋବିନ୍ଦପୁର, ୮।୧୧(ସମିସ): ଆଳି ବ୍ଲକ୍ ଅନ୍ତର୍ଗତ ପେତପଡ଼ା ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଦ୍ୱୈତ ପ୍ରଧାନ (୭୩)ଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କ ପରଲୋକରେ ଆଳି ଧୋୟାଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ, ଭାଇ, ପୁଅବୋହୂ, ନାତିନାତୁଣୀ ଉପସ୍ଥିତ ଥିଲେ। ମରଶରୀରକୁ ଗୋବିନ୍ଦପୁର, ଜୁଆଣିଆ, ପେତପଡ଼ା ପଞ୍ଚାୟତ ପରିକ୍ରମା କରାଯାଇଥିଲା। ପ୍ରାକ୍ତନ ସରପଞ୍ଚ ଶିବପ୍ରସାଦ ବେହେରା, ଜୁଆଣିଆ ସରପଞ୍ଚ ସୁବ୍ରତ ନାୟକ, ସଂସିଧା ସରପଞ୍ଚ ଦୀପକ ଭୂୟାଁ, ଯୁବନେତା କେଦାରନାଥ ବେହେରା, ପୂର୍ବତନ ସରପଞ୍ଚ ସୁରେଶ ଜେନା, ନିଖିଳ ସାମଲ, ପ୍ରଦୀପ ଖିଲାର, ଜ୍ୟୋତିରଞ୍ଜନ ଭୂୟାଁ, ସାମ୍ବାଦିକ ଅନଙ୍ଗ ଉଦୟ ବେଉରିଆ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥଲେ। ଆଳି ବିଧାୟକ ପ୍ରତାପ କେଶରୀ ଦେବ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଭୀଷ୍ମ ମହାନ୍ତି, ବ୍ଲକ୍ ଅଧ୍ୟକ୍ଷ ମନୋରଞ୍ଜନ ସାମଲ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।



## ଦୀନବନ୍ଧୁ ସାହୁ ଆଇନ୍ କଲେଜରେ ଆଲୋଚନାଚକ୍ର

କେନ୍ଦ୍ରାପଡ଼ା,୮।୧୧(ସମିସ): ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟରେ 'ଆଇନ, ନୈତିକତା ଓ ଆଧ୍ୟାତ୍ମିକତା' ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଭାରତର ସର୍ବୋଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ସଞ୍ଜୀବ ମହାନ୍ତି ମୁଖ୍ୟବକ୍ତା ଭାବେ ଅଂଶଗ୍ରହଣ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ବଳ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଶ୍ରୀ ମହାନ୍ତି କହିଲେ, ଜଣେ ସଫଳ ଆଇନଜୀବୀ ହେବା ଆଗରୁ ଜଣେ ଭଲ ମଣିଷ ହେବା ଅତ୍ୟାବଶ୍ୟକ। ଆଇନ, ନୈତିକତା ଓ ଆଧ୍ୟାତ୍ମିକତାର ସମନ୍ୱୟ ହେଉଛି ଏକ ସୁସ୍ଥ ସମାଜର ଭିତ୍ତି। ଆଇନ କେବଳ ନିୟମ ନୁହେଁ, ଏହା ଜୀବନଶୈଳୀ। ଯାହାକୁ ନୈତିକତା ଓ ମାନବୀୟ ମୂଲ୍ୟବୋଧ ସମୃଦ୍ଧ କରେ। ସେ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଆଇନର ପ୍ରାସଙ୍ଗିକତା, ପ୍ରୟୋଗ ଓ ସେଗୁଡିକର ଦୈନନ୍ଦିନ ଜୀବନ ଓ ସମାଜ ଉପରେ ପ୍ରଭାବ ବିଷୟରେ ସ୍ପଷ୍ଟ ବ୍ୟାଖ୍ୟା କରିଥିଲେ। ପାଠ ପ୍ରଣାଳୀ ସହିତ ସଂସ୍କାର ଓ ଜୀବନମୂଲ୍ୟ ଉପରେ ଛାତ୍ରମାନେ ସମାନ ଗୁରୁତ୍ୱ ଦେବା ଉଚିତ ବୋଲି କହିଥିଲେ। ପରେ ଛାତ୍ରଛାତ୍ରୀଙ୍କ ବିଭିନ୍ନ ପ୍ରଶ୍ନକୁ ସେ ଧୀରେ ଧୀରେ ସମାଧାନ କରିଥିଲେ ଓ ପ୍ରାକ୍ଟିକାଲ୍ ଆଇନ ଜ୍ଞାନ ଉପରେ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସଞ୍ଜୀବ କୁମାର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟାପକ କଳିଙ୍ଗ କେଶରୀ ବେହେରା ଧନ୍ୟବାଦ ଦେଇଥିଲେ। ଏହି ଆଲୋଚନାଚକ୍ରରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, କର୍ମଚାରୀ ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ।



## ଶ୍ରୀଧରପୁର ଗ୍ରାମରେ କାର୍ତ୍ତିକେଶ୍ୱରଙ୍କ ପୂଜା





ଡେରାବିଶ, ୮।୧୧(ସମିସ): ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଶ୍ରୀଧରପୁର ଗ୍ରାମରେ କାର୍ତ୍ତିକ ପୂର୍ଣ୍ଣିମାରେ କାର୍ତ୍ତିକେଶ୍ୱରଙ୍କ ପୂଜା ଆରମ୍ଭ ହୋଇଛି। ୯ ଦିନ ଧରି ଏହି ପୂଜା ଅନୁଷ୍ଠିତ ହେବା ପରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ମଣ୍ଡପ କର୍ମକର୍ତ୍ତା ସୂଚନା ଦେଇଛନ୍ତି। ବଟଗୋସେଇଁ ପୀଠ, ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ମଠ ଓ ଗୋପାଳଜୀଉ ମନ୍ଦିର ନିକଟ ମଧୁସାଗର ଘାଟରେ କାର୍ତ୍ତିକେଶ୍ୱରଙ୍କ ପୂଜା ହେଉଥିବାବେଳେ ପ୍ରତ୍ୟେହ ସନ୍ଧ୍ୟାରେ ବିଭିନ୍ନ ମଣ୍ଡପରେ ଭଜନ ସନ୍ଧ୍ୟା, ଘୋଡ଼ାନାଚ, ପାଲା ଆଦି ପରିବେଷଣ ହେଉଛି। ସେହିପରି ମୁକୁନ୍ଦପୁର ଗ୍ରାମରେ ପ୍ରାରମ୍ଭରେ ଓ ଗ୍ରାମଦେବତୀଙ୍କ ମନ୍ଦିର ନିଟକରେ ପ୍ରଭୁ କାର୍ତ୍ତିକେଶ୍ୱର ପୂଜା ପାଉଛନ୍ତି।

## 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ପାଳନ

କେନ୍ଦ୍ରାପଡ଼ା,୮।୧୧(ସମିସ): ରାଷ୍ଟ୍ର ଗୀତ "ବନ୍ଦେ ମାତରମ'ର ୧୫୦ ବର୍ଷ ପୂର୍ତ୍ତି ପାଳନ କରାଯାଇଛି। ଏଅବସରରେ ଆଜି କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସଦଭାବନା ସଭାଗୃହରେ ଗାମ୍ଭୀର୍ଯ୍ୟପୂର୍ଣ୍ଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାପାଳ ରଘୁରାମ ଆର.ଆୟର, ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ସାମୂହିକ ଭାବେ "ବନ୍ଦେ ମାତରମ' ଗାନ କରିଥିଲେ। ଜିଲ୍ଲାର ସମସ୍ତ ବିଡିଓ, ତହସିଲ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ବିଭାଗରେ ମଧ ଏହି ସାମୂହିକ ଗାନ ଆୟୋଜିତ ହୋଇଥିଲା। ପରେ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱଦେଶୀ ଶପଥ ପାଠ କରାଇଥିଲେ। ସ୍ୱଦେଶୀ ଉତ୍ପାଦ ବ୍ୟବହାର, ଦେଶୀ ପଣ୍ୟକୁ ପ୍ରାଥମିକତା, ଯୁବପିଢ଼ିଙ୍କୁ ସ୍ୱଦେଶୀ ଗ୍ରହଣରେ ପ୍ରେରିତ କରିବା ଓ ଆଗାମୀ ପିଢ଼ି ପାଇଁ ସ୍ୱଦେଶୀର ଗୁରୁତ୍ୱ ବିଷୟରେ ଗୁରୁତ୍ୱ ଦିଆଯାଇଥିଲା। 'ବନ୍ଦେ ମାତରମ' ୧୫୦ ବର୍ଷ ପୂର୍ତ୍ତି ଅବସରରେ ଦିଲ୍ଲୀରେ ଆୟୋଜିତ ବିଶେଷ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ସହ ବିଭିନ୍ନ କାର୍ଯ୍ୟକ୍ରମକୁ ସିଧା ପ୍ରସାରଣ ମାଧ୍ୟମରେ ଅନୁସରଣ କରାଯାଇଥିଲା।

**ରାଜନଗର:** ରାଜନଗରସ୍ଥ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ "ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ପାଳିତ ହୋଇଛି। ଅଧ୍ୟକ୍ଷ ମେଜର ମନୋରଞ୍ଜନ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ବିଭିନ୍ନ ବିଭାଗ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀ ଯୋଗଦାନ କରି ରାଷ୍ଟ୍ରୀୟ ଗୀତ "ବନ୍ଦେ ମାତରମ୍' ଗାନ କରିବା ସହିତ ୧୫୦ ବର୍ଷ ଐତିହ୍ୟକୁ ସ୍ମରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶୈକ୍ଷିକ କୋଷାଧ୍ୟକ୍ଷ ଅଧ୍ୟାପକ ବିଚିତ୍ରାନନ୍ଦ ପାଣି, ପ୍ରଶାସନିକ କୋଷାଧ୍ୟକ୍ଷ ଅଧ୍ୟାପକ ପ୍ରଣୟ ବେହେରା, ବ୍ୟୟଅଧୀକ୍ଷକ ଅଧ୍ୟାପକ ବାଣିଜ୍ୟ ବିଭାଗ ମୁଖ୍ୟ ଅଭିମନ୍ୟୁ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଜମ୍ବୁ ସାମୁଦ୍ରିକ ପୁଲିସ ପକ୍ଷରୁ ସାଇବର ଠକେଇ ସଚେତନତା

ମହାକାଳପଡ଼ା,୮।୧୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଜମ୍ବୁ ସାମୁଦ୍ରିକ ପୁଲିସ ପକ୍ଷରୁ ସାଇବର ଠକେଇ ସଚେତନତା ଶିବିର ଆଇଆଇସି ସୌମ୍ୟରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଛି। ଗ୍ରାମାଞ୍ଚଳ ଲୋକଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ସାଇବର ଠକ ଅର୍ଥ ଲୁଟୁଥିବାରୁ ଲୋକଙ୍କୁ ସଚେତନ କରାଯିବା ପାଇଁ ସଭା, ପଥପ୍ରାନ୍ତ ସଂସ୍କୃତିକ କାର୍ଯ୍ୟକ୍ରମ ଓ ଚକୁଳିଆ ପଣ୍ଡା ମାଧ୍ୟମରେ ନାଟକ ପରିବେଷଣ କରାଯାଇଥିଲା। ଛପାଳିଗଡ଼ା ନିକଟ ପ୍ରଭାକରପୁରରେ ଆୟୋଜିତ ସଚେତନତା ସଭାରେ ମହାକାଳପଡ଼ା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବିଜୟ ଶୁକ୍ଳା, ସମାଜସେବୀ ଜଗା ଦଳେଇ ଅତିଥି ଭାବେ ଯୋଗ ଦେଇଥିବାବେଳେ ଖରିନାସୀରେ ଅନୁଷ୍ଠିତ ଶିବିରରେ ଆଇଆଇସି ଶ୍ରୀ ବିଶ୍ୱାଳଙ୍କ ସମେତ ଖରିନାସୀ ସରପଞ୍ଚ ବନୀତା ରାଉତ, ସମିତିସଭ୍ୟା ରୀତାବାଳା ରକ୍ଷିତ ଅତିଥି ଭାବେ ଯୋଗଦେଇଥିଲେ। ଲୁଣିମାଠିଆ ଖେଳ ପଡ଼ିଆରେ ଅନୁଷ୍ଠିତ ଶିବିରରେ ପେଟଛେଲା ସରପଞ୍ଚ ପ୍ରସନ୍ନ ବେହେରା, ରାମନଗର ସରପଞ୍ଚ ମିଳନ ଦେବନାଥ ଅତିଥି ଭାବେ ଯୋଗଦେଇଥିଲେ। ସାଇବର ଠକଙ୍କ ଦ୍ୱାରା ପ୍ରଲୋଭନଭିତ୍ତିକ ମେସେଜ ଆସିଲେ କୌଣସି ପ୍ରକାର ଡକୁମେଣ୍ଟ ନ ଦେଇ ତୁରନ୍ତ ପୁଲିସକୁ ସୂଚନା ଦେବା ଆବଶ୍ୟକ କିମ୍ବା ଜମାଖାତା ଥିବା ବ୍ୟାଙ୍କ ସହିତ ତୁରନ୍ତ ଯୋଗାଯୋଗ କରିବାକୁ ଆଇଆଇସି ସୌମ୍ୟରଞ୍ଜନ ବିଶ୍ୱାଳ ପରାମର୍ଶ ଦେଇଥିଲେ। ଜମ୍ବୁ ସାମୁଦ୍ରିକ ପୁଲିସ ପକ୍ଷରୁ ସଦାଶିବ ମଲ୍ଲିକ, ରଶ୍ମିତା ଦାସ, ପୁରୁଷୋତ୍ତମ ସାହୁ, ନାବର ତିର୍କୀ, ତନୟ ବିଶ୍ୱାଳ, ପୀତବାସ ସେଠୀ, ସୌରଭ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅରଡ଼ା ଗ୍ରାମରେ କାର୍ତ୍ତିକେଶ୍ୱର ପୂଜା



ପଟ୍ଟାମୁଣ୍ଡାଇ,୮।୧୧(ସମିସ): ସ୍ଥାନୀୟ ଅରଡ଼ା ଗ୍ରାମରେ କାର୍ତ୍ତିକେଶ୍ୱରଙ୍କ ପୂଜା ନିଆରା ଢଙ୍ଗରେ ପାଳିତ ହୋଇଯାଇଛି। ପୂଜା କମିଟି ଉପଦେଷ୍ଟା ପ୍ରଦୀପ ମହାନ୍ତି, ରଶ୍ମିରଞ୍ଜନ ନାୟକ ଓ ସଭାପତି ଆଡଭୋକେଟ ମନୋଜ ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ପୂଜାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ଅଜିତ ନାୟକଙ୍କ ଅକାଳ ବିୟୋଗ ଘଟିଥିବାରୁ କାର୍ଯ୍ୟକ୍ରମ ଆରମ୍ଭରେ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରି ପୂଜା କମିଟି ସଦସ୍ୟ ନିରବ ପ୍ରାର୍ଥନା କରିବା ସହିତ ମହମବତୀ ଶୋଭାଯାତ୍ରା କରିଥିଲେ। ପୂଜା ଉତ୍ସବକୁ କୋଷାଧ୍ୟକ୍ଷ ସୁବ୍ରତ ଦାଶ, ବରିଷ୍ଠ ସଦସ୍ୟ ଅସିତ ମହାନ୍ତି, ଅଜିତ ଦାଶ, ହେମନ୍ତ ସେଠୀ, ଉମାକାନ୍ତ ରାଉତ, ଦୀପ୍ତିରଞ୍ଜନ ନାୟକ, ରମାକାନ୍ତ ରାଉତ, ଜ୍ୟୋତିରଞ୍ଜନ ମହାନ୍ତି, ଜ୍ୟୋତିରଞ୍ଜନ ଦାଶ, ଉମଙ୍ଗ ଦାଶ, ସାଇ ଅମରେଶ ଦାସ, ସିଦ୍ଧାର୍ଥ ନାୟକ ପ୍ରମୁଖ ପରିଚାଳନା କରିଥିଲେ। ବରିଷ୍ଠ ସଭ୍ୟ ଶାରଦା ମହାନ୍ତି, ଗୌତମ ଦାଶ, ମହେନ୍ଦ୍ର ଦାଶ, ସୁବାସ ସାହୁ, ଉମେଶ ଦାସ, ବିଜୟ ନାୟକ ପ୍ରମୁଖ ସଂଯୋଜନା କରିଥିଲେ।

## ସୁସ୍ଥ ହୋଇ ଘରକୁ ଫେରିଲେ ସାମ୍ବାଦିକ ଅରୁଣ

ଗରଦପୁର,୮।୧୧(ସମିସ): ଜୀବନ ମାନେ ଲଢେଇ। ଏହି ଲଢେଇରେ ଜିତି ଘରକୁ ଫେରିଲେ ସାମ୍ବାଦିକ ଅରୁଣ କୁମାର ମହାପାତ୍ର। ହୃଦ୍‌ରୋଗରେ ପୀଡ଼ିତ ହୋଇ ଓପନ ହାର୍ଟ ସର୍ଜରୀ ପରେ ସେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। କାର୍ଡିଓଲୋଜି ବିଶେଷଜ୍ଞ ଡ. ଚନ୍ଦନ ରାୟମହାପାତ୍ର ଅରୁଣଙ୍କୁ ଦ୍ୱିତୀୟ ଜୀବନ ଦେଇଥିବା ସେ କହିଛନ୍ତି। ଡାକ୍ତର ଓ ଚିକିତ୍ସକ ଦଳ ଓ ଭଗବାନଙ୍କ କୃପାରେ ସେ ଏବେ ସମ୍ପୂର୍ଣ୍ଣ ସୁସ୍ଥ ହୋଇପାରିଛନ୍ତି। ସେ କହିଛନ୍ତି, ଜୀବନକୁ ଦ୍ୱିତୀୟଥର ଉପହାର ମିଳିଲା ଭଳି ଅନୁଭବ କରୁଛି। ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଯେଉଁମାନେ ସହଯୋଗର ହାତ ବଢ଼ାଇଥିଲେ, ସେମାନଙ୍କୁ ହୃଦୟରୁ କୃତଜ୍ଞତା ଜଣାଉଛି। ସାମ୍ବାଦିକ ଭାଇ, ମିତ୍ର ଓ ବହୁ ଅଜଣା ଲୋକଙ୍କ ଆଶୀର୍ବାଦ ଓ ଭଲପାଇବା ମୋତେ ଆଜି ନୂଆ ଜୀବନ ଦେଇଛ ବୋଲି ଅରୁଣ ମହାପାତ୍ର କହିଛନ୍ତି।



## ମା' ବୁଢ଼ୀ ବାସୁଳାଇ ଯୁବକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ

ପଟ୍ଟାମୁଣ୍ଡାଇ,୮।୧୧(ସମିସ): ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ୧୦ନମ୍ବର ୱାର୍ଡ ମଝିସାହି କାର୍ତ୍ତିକେଶ୍ୱର ପୂଜା କମିଟି ପକ୍ଷରୁ କାର୍ତ୍ତିକେଶ୍ୱରଙ୍କ ପୂଜା ବୈଦିକ ରୀତିନୀତିରେ ଅନୁଷ୍ଠିତ ହୋଇଛି। ଏ ଅବସରରେ ପୂଜା କମିଟି ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରାଯାଇଥିଲା। ସଭାପତି ଯୁଧିଷ୍ଠିର ମଲିକଙ୍କ ତତ୍ତ୍ୱାବଧାନ ଓ ସମ୍ପାଦକ ସଞ୍ଜୟ ମଲିକଙ୍କ ପରିଚାଳନାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ପଟ୍ଟାମୁଣ୍ଡାଇ ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକ ମୁଖ୍ୟଅତିଥି, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ବିଶେଷ ଅତିଥି ଓ ବରିଷ୍ଠ ସାମ୍ବାଦିକ ଅନୀଲ ଚୌଧୁରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପୂଜା କମିଟି ସହସମ୍ପାଦକ ଚିତ୍ତରଞ୍ଜିତ ମଲିକ, କୋଷାଧ୍ୟକ୍ଷ ମନୋଜ ମଲିକ ଓ ବରିଷ୍ଠ ସଭ୍ୟ ପ୍ରଦୀପ ମଲିକ, ଚିନ୍ମୟ ମଲିକ, ରବୀନ୍ଦ୍ର ମଲିକ, ରାଜକିଶୋର ମଲିକ, ମନୋଜ ମଲିକ, ଗୋବିନ୍ଦ ମଲିକ, ଓମ ମଲିକ, ରଞ୍ଜନ ମଲିକ, କାଳନ୍ଦୀ ମଲିକ, ରାନୁ ମଲିକ, ବିପିନ ମଲିକ, ପ୍ରକାଶ ମଲିକ, ରୁଦ୍ର ମଲିକ, ସୋମନାଥ ମଲିକ, ବିଶ୍ୱଜିତ ମଲିକ, ସନାତନ ମଲିକ, ସତ୍ୟ ମଲିକ, ଆଶିଷ ମଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ପୂର୍ବତନ ନାଏବ ସରପଞ୍ଚଙ୍କ ପରଲୋକ

ଡେରାବିଶ, ୮।୧୧(ସମିସ): ଚାନ୍ଦୋଳ ପଞ୍ଚାୟତର ପୂର୍ବତନ ନାଏବ ସରପଞ୍ଚ ମାଧବାନନ୍ଦ କର (୯୫)ଙ୍କ ପରଲୋକ ହୋଇଯାଇଛି। ସ୍ୱର୍ଗତ କର ଜଣେ ହୋମିଓପାଥି ଡାକ୍ତର ଭାବେ ଅଞ୍ଚଳର ଲୋକଙ୍କୁ ସେବା ପ୍ରଦାନ କରିଆସୁଥିଲେ। ଏଥିସହିତ ପବିତ୍ରପଡ଼ାସ୍ଥ ନଗମାନନ୍ଦ ସାରସ୍ୱତ ସଂଘର ଜଣେ ସଂଘସେବୀ ଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସାରସ୍ୱତ ସଂଘର ବରିଷ୍ଠ ସଂଘ ସେବୀ ସୁଧିର ମହାନ୍ତି, କବିସୂର୍ଯ୍ୟବ୍ରହ୍ମା ମଠ ସଦସ୍ୟ ରଘୁନାଥ ଦାସ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ଅନ୍ତର୍ଯ୍ୟାମୀ କର ମୁଖାଗ୍ନି ଦେଇଥିଲେ।



## ତୁଳସୀକ୍ଷେତ୍ର କଳାକାର ସଂଘ ବୈଠକ

ରାଜନଗର,୮।୧୧(ସମିସ): ବରଗାଁର ଆରାଧ୍ୟ ଦେବୀ ମା' ମାଟିଆ ମଙ୍ଗଳା ପୀଠରେ ରାଜନଗର ବ୍ଲକ୍‌ର ସମସ୍ତ କଳାକରଙ୍କୁ ନେଇ ତୁଳସୀକ୍ଷେତ୍ର କଳାକାର ସଂଘ କେନ୍ଦ୍ରାପଡ଼ା ଜିଲ୍ଲାର ଏକ ବୈଠକ ଅନୁଷ୍ଠିତ ହୋଇଛି। କଳାକାର ନକୁଳ ଚନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ ତୁଳସୀକ୍ଷେତ୍ର କଳାକାର ସଂଘ କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି କେଦାର ସାମନ୍ତରା, କାର୍ଯ୍ୟକାରୀ ସମ୍ପାଦକ ଗଗନ ବିହାରୀ ସିଂ, ସମ୍ପାଦକ ବିଦ୍ୟୁଭୂଷଣ ତ୍ରିପାଠୀ ଓ କୋଷାଧ୍ୟକ୍ଷ ସତ୍ୟବ୍ରତ ପରିଡା, ସାଂସ୍କୃତିକ ସମ୍ପାଦକ ବାବାଜୀ ପଟ୍ଟନାୟକ ଯୋଗ ଦେଇଥିଲେ। ଆଗାମୀ ୨୧,୨୨,୨୩ ତାରିଖରେ ହେବାକୁ ଥିବା ତୁଳସୀକ୍ଷେତ୍ର ମହୋତ୍ସବକୁ ସଫଳ କରିବା ପାଇଁ ଆଲୋଚନା କରାଯାଇ ବିଭିନ୍ନ କଳାକାରଙ୍କୁ ବିଭିନ୍ନ ଦାୟିତ୍ୱ ଦିଆଯାଇଥିଲା। ରାଜନଗର କର୍ମକର୍ତ୍ତାଙ୍କ ମଧ୍ୟରେ ନକୁଳ ଚରଣ ଦାସ, କୁଳମଣି ଦାସ, ତ୍ରିଲୋଚନ ଦାସ, କାହ୍ନୁଚରଣ ଚଣ୍ଡ, ତ୍ରିଲୋଚନ ରାଉତ, କାହ୍ନୁଚରଣ ଦାସ, ଅଲେଖ ଦାସ, ରାଜକିଶୋର ସାହୁ, ବିଜନ ଦାସ, ଚକ୍ରଧର ଦାସ ଅଂଶଗ୍ରହଣ କରି ମହୋତ୍ସବକୁ ସଫଳ କରିବା ପାଇଁ ଶପଥ ନେଇଥିଲେ।

## ଆଲୋକ ସ୍ୱାଇଁଙ୍କ ସଫଳ ଅସ୍ତ୍ରୋପଚାର

ମହାକାଳପଡ଼ା, ୮।୧୧(ସମିସ): ମହାକାଳପଡ଼ା ବ୍ଲକ୍ ରାଜଗଡ଼ ସ୍ୱାଇଁସାହିର ଆଲୋକ ସ୍ୱାଇଁ ମସ୍ତିଷ୍କାଘାତରେ ପୀଡ଼ିତ ହୋଇ ଚିକିତ୍ସିତ ହୋଇ ଫେରିବା ପରେ ସଂକ୍ରମଣ ହେବାରୁ ପୁନଃଅସ୍ତ୍ରୋପଚାର ପାଇଁ ଆବଶ୍ୟକ ଅର୍ଥ ସ୍ୱାସ୍ଥ୍ୟବୀମା କାର୍ଡରୁ ଶେଷ ହୋଇଯାଇଥିଲା। ଏ ନେଇ ସାମାଜିକ ଗଣମାଧ୍ୟମରେ ସୂଚନା ପାଇ ରାଜ୍ୟ ଯାଦବ ମହାସଭାର ଯୁବ ସମ୍ପାଦକ ଚିତ୍ତ ଦାସ ସହାୟତାର ହାତ ବଢ଼ାଇଥିଲେ। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଆଲୋକଙ୍କ ଅସ୍ତ୍ରୋପଚାର ହୋଇଛି। ଶ୍ରୀ ଦାସ ହସ୍ପିଟାଲରେ ଆଲୋକଙ୍କୁ ଭେଟିଛନ୍ତି। ଆଲୋକ ସୁସ୍ଥ ହେଉଥିବା ସେ ସୂଚନା ଦେଇଛନ୍ତି।

## ରାଜ୍ୟସ୍ତରୀୟ ସୁରଭି ପାଇଁ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ଛାତ୍ରୀ ମନୋନୀତ

ରାଜନଗର,୮।୧୧(ସମିସ): ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ରାଜନଗର ବ୍ଲକ୍‌ର ୮ ଜଣ ଛାତ୍ରଛାତ୍ରୀ ମନୋନୀତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ୩ ଜଣ +୨ ଛାତ୍ରୀ ରହିଛନ୍ତି। ଜିଲ୍ଲା ସଂସ୍କୃତି ଭବନରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମର ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ ଗାୟତ୍ରୀ ନାୟକ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ବକ୍ତୃତା ପ୍ରତିଯୋଗିତାରେ ଅଙ୍କିତା ରାଉତ ପ୍ରଥମ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ଜ୍ୟୋତିର୍ମୟୀ ଲେଙ୍କା ଦ୍ୱିତୀୟ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟତା ଲାଭ କରିଥିଲେ। ଅଧ୍ୟକ୍ଷ ମେଜର ମନୋରଞ୍ଜନ ମହାନ୍ତି, ଅଧ୍ୟାପକ ରତ୍ନାକର ନାୟକ, ପର୍ଶୁରାମ ନାଥ, ଅଭିଜିତ ଖୁଣ୍ଟିଆ ଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର +୨ ଛାତ୍ରୀ ଶୁଭଶ୍ରୀ ବେହେରା ସଂଗୀତରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟକୁ ମନୋନୀତ ହୋଇଥିବାବେଳେ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ସୌମ୍ୟରଞ୍ଜନ ପ୍ରଧାନ ବକ୍ତୃତା, ମନୋରଞ୍ଜନ ମଣ୍ଡଳ ରଚନା ଲିଖନ, ଶୁଭଶ୍ରୀ ରାଉତ କୁଇଜ ଓ ନାଗାନାରାୟଣ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଛାତ୍ରୀ ତୃପ୍ତି ପ୍ରିୟଦର୍ଶନୀ ବାରିକ ମଡେଲ ଓରିଏନଟେସନରେ ସଫଳ ହୋଇଥିଲେ।



# ଡେରାବିଶ ସାଂସ୍କୃତିକ ସଂଗଠନର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

ଡେରାବିଶ, ୮।୧୧(ସମିସ)



ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ତିଳକପୁରରେ ଡେରାବିଶ ସାଂସ୍କୃତିକ ସଂଗଠନର ନୂତନ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟନ ହୋଇଛି। ଜିଲ୍ଲା ଚାଷୀ ଶ୍ରମିକ ସଂଘ ସଭାପତି ତଥା ସାଂସ୍କୃତିକ ସଂଗଠନର ବରିଷ୍ଠ ସଭ୍ୟ ପଣ୍ଡିତ ଶରତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବେ ଡେରାବିଶ ବ୍ଲକ୍ ଅଧ୍ୟକ୍ଷା ପ୍ରଭାତୀ ମଲିକ, ବିଡିଓ ନମିତା ବାରିକ, ତହସିଲଦାର ସରୋଜ ନାୟକ ଯୋଗଦେଇ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଏହି ସଂଗଠନ ଦ୍ୱାରା ଗତ ୧୩ ବର୍ଷ ଧରି ବ୍ଲକ୍ ଅନ୍ତର୍ଗତ ଗୋଲରାହାଟ ପଞ୍ଚାୟତର ଦୁମୁକାହାଟସ୍ଥ ମିନି ଷ୍ଟାଡିୟମରେ ଡେରାବିଶ ମହୋତ୍ସବ ପାଳନ କରି ଡେରାବିଶର ଐତିହ୍ୟ, ସଂସ୍କୃତି ଓ ଡେରାବିଶ ବ୍ଲକ୍‌ର ଲୁକ୍କାୟିତ ପ୍ରତିଭାକୁ ସାରା ରାଜ୍ୟରେ ଉଦ୍‌ଭାଷିତ କରାଯାଇପାରୁଛି। ସଂଗଠନର ସ୍ଥାୟୀ କାର୍ଯ୍ୟାଳୟ ନ ଥିବାରୁ ଏହାର ବିଭିନ୍ନ ବୈଠକ, ମହୋତ୍ସବ ପ୍ରସ୍ତୁତି ବୈଠକ ହେବା ନେଇ ସମସ୍ୟା ହେଉଥିଲା। ଏହାକୁ ଦୃଷ୍ଟିରେ ରଖି ସଂଗଠନର କର୍ମକର୍ତ୍ତା ସ୍ଥାୟୀ କାର୍ଯ୍ୟାଳୟ ପାଇଁ ଜିଲ୍ଲା ପ୍ରଶାସନ ନିକଟରେ ଆବେଦନ କରିଥିଲେ। ପୂର୍ବତନ ଜିଲ୍ଲାପାଳ ଅମୃତ ଋତୁରାଜ ସଂଗଠନର କାର୍ଯ୍ୟାଳୟ ଗୃହ ନିର୍ମାଣ ନିମନ୍ତେ ୧୫ ଲକ୍ଷ ଟଙ୍କାର ଅନୁଦାନ ଘୋଷଣା କରିଥିଲେ। ଏହି ଅନୁଦାନରେ ସଂଗଠନ ଗୃହ ନିର୍ମାଣ କରାଯାଇଥିବାରୁ ଉପଦେଷ୍ଟା ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ସରୋଜ ସାହୁ, ସଚ୍ଚିଦାନନ୍ଦ ରଥ, ତ୍ରିଲୋଚନ ରାଉତ, ପୂର୍ଣ୍ଣଚନ୍ଦ୍ର ବେହେରା, ସମ୍ପାଦକ ସରୋଜ ଦାସ, କୋଷାଧ୍ୟକ୍ଷ ରାମଚନ୍ଦ୍ର ରାଉତ, ସଭ୍ୟ ନିରଞ୍ଜନ କର ପ୍ରମୁଖ ଜିଲ୍ଲା ଓ ବ୍ଲକ୍ ପ୍ରଶାସନକୁ ଧନ୍ୟବାଦ ଅର୍ପଣ କରିଥିଲେ। ସଦସ୍ୟ ଅନୁପ ରାଉତ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସାହାଜାହାନ ଖାଁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜୁଆର ମାଡ଼ରେ ତାଳସାରୀ ଜେଟି କ୍ଷତିଗ୍ରସ୍ତ

ବାଲେଶ୍ୱର(ଉତ୍ତର)/ଚନ୍ଦନେଶ୍ୱର, ୮।୧୧(ସମିସ)



**● ପାଣିଟାଙ୍କି ଓ ୪ଟି ଦୋକାନ ଗୃହ ଭାଙ୍ଗିଲା**

**● ଆତଙ୍କିତ ସ୍ଥାନୀୟ ଲୋକ ସମେତ ପର୍ଯ୍ୟଟକ**

ଜୁଆର ମାଡ଼ରେ ତାଳସାରୀ ଜେଟିର ପାଣି ଟାଙ୍କି ସହ ୪ଟି ଦୋକାନ ଗୃହ ଭାଙ୍ଗି ଯାଇଛି । ଭୟରେ ତଳସାରୀର ମତ୍ସ୍ୟଜୀବୀ, ବ୍ୟବସାୟୀ । ପୂର୍ବରୁ ପ୍ରଶାସନକୁ ଅବଗତ କରିବା ପରେ ମଧ୍ୟ ପ୍ରଶାସନର ଅବହେଳା ଯୋଗୁ ପୁଣି ଏଭଳି ଅଘଟଣ ଦେଖିବା ପାଇଁ ମିଳିଛି । ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ତାଳସାରୀ ବେଳାଭୂମିର ଥିବା ମତ୍ସ୍ୟ ଅବତରଣ କେନ୍ଦ୍ରଟି ସମୁଦ୍ରର ଉଚ୍ଚ ଜୁଆର ମାଡ଼ରେ ପୁଣି ଧ୍ୱସ୍ତବିଧ୍ୱସ୍ତ ହୋଇଛି । ପୂର୍ବରୁ ୪ଟି ଦୋକାନ ଗୃହ ଓ ଶୌଚାଳୟ ସମୁଦ୍ର ଭିତରକୁ ଟାଣି ହୋଇ ଯାଇଥିଲା ବେଳେ ଆଜି ପୁଣି ପାଣି ଟାଙ୍କି ସମେତ ୩ଟି ଦୋକାନ ଗୃହ ଧୋଇ ଯିବାର ଦେଖିବାକୁ ମିଳିଛି । ଫଳରେ ଏଠାକୁ ଆସୁଥିବା ହଜାର ହଜାର ପର୍ଯ୍ୟଟକ, ମତ୍ସ୍ୟଜୀବୀ, ଗ୍ରାମବାସୀ ଓ ହୋଟେଲ ମାଲିକ ମାନେ ଆତଙ୍କିତ ହୋଇ ପଡ଼ିଛନ୍ତି । ତାଳସାରୀଠାରେ ମତ୍ସ୍ୟଜୀବୀ ଓ ଗ୍ରାମବାସୀମାନଙ୍କ ଅର୍ଥନୈତିକ ବିକାଶ ପାଇଁ ୨୦୦୩ ମସିହା ଏପ୍ରିଲ ୧୬ ତାରିଖରେ ୧ କୋଟି ୫୭ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇ ତତ୍କାଳୀନ ରାଜ୍ୟ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗର ରାଷ୍ଟ୍ର ମନ୍ତ୍ରୀ ତଥା ବର୍ତ୍ତମାନର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ମତ୍ସ୍ୟ ଅବତରଣ କେନ୍ଦ୍ରଟି ଉଦଘାଟିତ ହୋଇଥିଲା । ପ୍ରତ୍ୟେକ ଦିନ ଶହ ଶହ ମତ୍ସ୍ୟଜୀବୀ ସେମାନଙ୍କର ମାଛ ଡ଼ଙ୍ଗାରୁ ଅବତରଣ କରି ଏଠାରେ ବ୍ୟବସାୟ କରିଥାନ୍ତି । ଏହା ସହ ବେଳାଭୂମିକୁ ପ୍ରତ୍ୟେକ ଦିନ ହଜାର ହଜାର ପର୍ଯ୍ୟଟକ ଆସି ପ୍ରକୃତିର ମନୋରମ ଦୃଶ୍ୟ ଦେଖି ମଜା ଉଠାଇଥାନ୍ତି । ମାତ୍ର ଗତ ଅମାବାସ୍ୟା ଜୁଆର ମାଡ଼ରେ ଜେଟି ଧ୍ୱସ୍ତବିଧ୍ୱସ୍ତ ହେବା ସହି ଏହା ଉପରେ ୧୦ ଫୁଟ ଉଚ୍ଚର ଜୁଆର ପାଣି ପ୍ରଭାବିତ ହେବା ଯୋଗୁ ବେଳାଭୂମିରେ ଥିବା ଶତାଧିକ ଦୋକାନ ସମୁଦ୍ର ପାଣିରେ ଭାସି ଯାଇଥିଲା । ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ନବୀକରଣ ପାଇଁ ୨କୋଟି ଟଙ୍କା ମଞ୍ଜୁର କରିଥିଲେ ମଧ୍ୟ ଏଯାବତ ପୂର୍ଣ୍ଣାଙ୍ଗୀକରଣ ହୋଇ ନ ଥିବା ସ୍ଥାନୀୟ ମତ୍ସ୍ୟଜୀବୀ ମାନେ ଅଭିଯୋଗ କରିଛନ୍ତି । ସେହିଭଳି ଜେଟି ସଂଲଗ୍ନ ଏକମାତ୍ର ଶୌଚାଳୟଟି ଚାରି ବର୍ଷ ତଳେ ୩ ଲକ୍ଷ ଟଙ୍କା ବ୍ୟୟରେ ତାଳସାରୀ ଗଙ୍ଗାମାତା ଫିସାରମେନ କୋଅପରେଟିଭ ସୋସାଇଟି ତରଫରୁ ନିର୍ମାଣ କରାଯାଇଥିଲା । ଫଳରେ ଉକ୍ତ ଶୌଚାଳୟରେ ଏଠାକୁ ଆସୁଥିବା ପର୍ଯ୍ୟଟକ ଓ ମତ୍ସ୍ୟଜୀବୀ ମାନେ ଶୌଚକାର୍ଯ୍ୟ କରୁଥିଲେ ମାତ୍ର ଉଚ୍ଚ ଜୁଆର ମାଡ଼ରେ ଉକ୍ତ ଶୌଚାଳୟଟି ଭାଙ୍ଗିରୁଜି ସମୁଦ୍ର ଗର୍ଭରେ ଲୀନ ହେବାକୁ ବସିଛି ।

## ଔପଦା ଡିଗ୍ରୀ କଲେଜରେ ବନ୍ଦେ ମାତରମ ଗାନ




ଔପଦା, ୮।୧୧ (ସମିସ) : ଔପଦା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ସରକାରଙ୍କ ନିର୍ଦ୍ଦେଶାବଳୀକୁ ପାଥେୟ କରି ଆଜି ବନ୍ଦେ ମାତରମ ସଂଗୀତ ପାଠ କରାଯାଇଥିଲା । ମହାବିଦ୍ୟାଳୟର ଜାତୀୟ ସେବା ସଂସ୍ଥା ଅଧିକାରୀ ପ୍ରାଧ୍ୟାପକ ଦ୍ୱାରିକନାଥ ଶତପଥୀ ଓ ୱାଇଆରସିର ସଂଯୋଜିକା ଅଧ୍ୟାପିକା ବନୀଷା ମୁଦୁଲିଙ୍କ ମିଳିତ ତତ୍ତ୍ୱାବଧାନରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ମୋହନ ଚରଣ ସାହୁ ଉକ୍ତ ସଭାର ଶୁଭ ଉଦଘାଟନ କରିଥିଲେ । ଅଧ୍ୟକ୍ଷଙ୍କ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ପରେ ପ୍ରାଧ୍ୟାପକ ଦ୍ୱାରିକାନାଥ ସତପଥୀ ତଥା ଛାତ୍ରୀ ସୁଜାତା ଓ ରାଜଲକ୍ଷ୍ମୀ ବନ୍ଦେ ମାତରମ ଜାତୀୟ ସଂଗୀତକୁ ଉଚ୍ଚସ୍ୱରରେ ଗାନ କରିଥିଲେ । ସେଠାରେ ଉପସ୍ଥିତ ପ୍ରାଧ୍ୟାପକ ମଳୟ କୁମାର ବେହେରା, ପୂର୍ଣ୍ଣଚନ୍ଦ୍ର ନାୟକ, ଲକ୍ଷ୍ମୀନାରାୟଣ ଦାସ, ପ୍ରାଧ୍ୟାପିକା ସବିତା ମହାରଣା, ପ୍ରଭାସିନୀ ବେହେରା, କର୍ମଚାରୀ ମୁକ୍ତିକାନ୍ତ ଦାଶ, ରମେଶ ବିଶ୍ୱାଳ, ଅନାଦି ଧଳ ତଥା ବହୁ ଛାତ୍ରଛାତ୍ରୀ ମିଳିତ ସ୍ୱରରେ ଗାନକରି ଦୀର୍ଘ ୧୫୦ ବର୍ଷ ତଳେ ବିରଚିତ ପୂଜ୍ୟପାଦ ବଙ୍କିମଚନ୍ଦ୍ର ଚାଟାର୍ଜିଙ୍କ ଜାତୀୟତା ଦେଶଭକ୍ତି ଓ ଦେଶପ୍ରେମକୁ ସୁସମ୍ମାନ ପ୍ରଦାନ କରିଥିଲେ ।

## ଫିଆଟ ଲକ୍ସ ନୀଳଗିରି ଓ ଏଫ.ଏମ ଆଲୁମନି ତରଫରୁ ସ୍ୱାସ୍ଥ୍ୟ ଶିବିର




ନୀଳଗିରି, ୮।୧୧ (ସମିସ): ଫିଆଟ ଲକ୍ସ କ୍ଲବ ନୀଳଗିରି ଓ ଏଫ୍ ଏମ. ଆଲୁମନି ମିଳିତ ଆନୁକୁଲ୍ୟରେ ନୀଳଗିରିର "ବରିସାହି' କଲ୍ୟାଣ ମଣ୍ଡପରେ ଏକ ନିଶୁଳ୍କ ମେଗା ସ୍ୱାସ୍ଥ୍ୟମେଳାର ଆୟୋଜନ କରାଯାଇଥିଲା । ଆଲୁମନିର ସଭାପତି ଡ. ପ୍ରଭାତ ଚୌଧୁରୀଙ୍କ ପୌରୋହିତ୍ୟରେ ଫିଆଟ ଲକ୍ସ ର ସଭାପତି ସୁରଞ୍ଜନ ମହାପାତ୍ର, ସେକ୍ରେଟାରୀ ବିଜୟ ନାୟକ, ଡା.କିଶୋର କୁମାର ବେହେରା, ଡ଼ା. ବୁଦ୍ଧେଶ୍ୱର ମାଝୀ, ଡ଼ା.ପ୍ରମୋଦ ଟୁଡୁ, ଡ଼ା ତାରାକାନ୍ତ ନନ୍ଦ, ପୂର୍ବତନ ନୀଳଗିରି ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ପ୍ରମୁଖ ନିଜ ନିଜ ବକ୍ତବ୍ୟ ରଖିଥିଲେ । ପାଥୋଲୋଜି ଟେକ୍ନିସିଆନ ଯଥା ଶୁଭମ୍ ଖଣ୍ଡେଇ, ଚିରଞ୍ଜିବୀ ଦାସ, ସତିଶ ଜେନା, ରାମ କୃଷ୍ଣ ଦାସ, ଆଶ୍ୱିନ ଦାସ, ଶିବ ଦାସ, ବିଶ୍ୱଜିତ୍ ଦାସ ମହାପାତ୍ର, କିଶୋର ଦାସ, ରଞ୍ଜୁ ବୋଷ ପ୍ରଭୃତିଙ୍କ ଦ୍ୱାରା ଇସିଜି, ମଧୁମେହ, ଲିପିଡ ପ୍ରୋଫାଇଲ୍, ହେମୋଗ୍ଲୋବିନ, ଭିଟାମିନ ଡି, ବି. ଏମ୍.ଡି ପ୍ରଭୃତି ଟେଷ୍ଟ କରାଯାଇ ରିପୋର୍ଟ ପ୍ରଦାନ କରାଯାଇଥିଲା । ପରେ ଡାକ୍ତର ରୋଗୀମାନଙ୍କୁ ଔଷଧ ଖାଇବାକୁ ପରାମର୍ଶ ଦେଇଥିଲେ ।

## ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ତିନି ଗୁରୁଙ୍କୁ ଶ୍ରଦ୍ଧାଞ୍ଜଳି

ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୮।୧୧ (ସମିସ): ଜଳେଶ୍ୱର ଷ୍ଟେସନ ବଜାର ମିଲବାଡ଼ିସ୍ଥିତ ଶିକ୍ଷକ ଭବନ ପରିସରରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ୩ ଜଣ ଦିବଂଗତ ଶିକ୍ଷକଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ସଂଘର ସଭାପତି ଖଗେନ୍ଦ୍ର ନାଥ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ବାଘମାରି ଉପ୍ରା ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିବଂଗତ ସ୍ମୃତି ରଞ୍ଜନ ମହାନ୍ତି, ମଥୁରାନାଥ ବଜାର ଶୋଳ ୟୁଜିୟୁପି ସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିବଂଗତ ହରିଶ୍ଚନ୍ଦ୍ର ସେଠୀ ଓ ବାରିପଦା ଏବିଇଓ ଦିବଂଗତ ବେଣୁଧର ପାଳଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରାଯିବା ସହିତ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଅବସରପ୍ରାପ୍ତ ଏବିଇଓ କପିଳେଶ୍ୱର ମହାନ୍ତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଜିତ କୁମାର ମହାନ୍ତି, ଶରତ ଚନ୍ଦ୍ର ପରିଡା, ଭାଗବତ ପରିଡ଼ା, କାଳି ଚରଣ ପୃଷ୍ଟି, କମଳଲୋଚନ ମହାପାତ୍ର, ବିଶ୍ୱନାଥ ଘୋଷ, ରଜତ ଚନ୍ଦ୍ର ଦାସ, ଉମେଶ ଚନ୍ଦ୍ର ମହାନ୍ତି, ରାଜାରାମ କରଶର୍ମା, ମହେଶ୍ୱର ଦାସ, ଅଧିର ପ୍ରମାଣିକ, ପ୍ରଫୁଲ୍ଲ ମହାନ୍ତି, ଦେବେନ୍ଦ୍ର ନାଥ ପାଳ, ଗୁଣାଧର ଭୂୟାଁ, ଫନୀ ଭୂଷଣ ଭୂୟାଁ, ରଜତ ଦାସ, ମଦନମୋହନ ମହାନ୍ତି, ବସନ୍ତ ମାହାନା, ପୂର୍ଣ୍ଣଚନ୍ଦ୍ର ଓଝା ପ୍ରମୁଖ ସ୍ମୃତିଚାରଣ କରିଥିଲେ ।

**ସିଂଲା ବଜାରରେ ସରକାରୀ ଜାଗାରୁ ଦୋକାନ ଘର ଉଚ୍ଛେଦ ଘଟଣା**

## ସ୍ଥିତି ଅନୁଧ୍ୟାନ କଲେ ଅତିରିକ୍ତ ତହସିଲଦାର



ରାଜଘାଟ, ୮।୧୧ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ସିଂଲା ପଞ୍ଚାୟତର ସିଂଲା ବଜାରରେ ଆଜକୁ ଦୀର୍ଘ ୩୦ ବର୍ଷ ଧରି ଦୋକାନୀମାନେ ବିଭିନ୍ନ ଦୋକାନ କରି ତାଙ୍କର ପରିବାର ପ୍ରତିପୋଷଣ କରିଆସୁଛନ୍ତି । ପଞ୍ଚାୟତର ବିଭିନ୍ନ ଉନ୍ନୟନ ମୂଳକ ସରକାରୀ କାର୍ଯ୍ୟ ନିମନ୍ତେ ସ୍ଥାନ ଅଭାବ ସମସ୍ୟା ସୃଷ୍ଟି ହୋଇଥିବାରୁ ଉକ୍ତ ବଜାରରେ ଥିବା କିଛି ଦୋକାନ ଘର ଉଚ୍ଛେଦ ପାଇଁ ସ୍ଥାନୀୟ ଅଞ୍ଚଳର ରଘୁନାଥ ସାହୁ ନାମକ ବ୍ୟକ୍ତି ଅଦାଲତର ଆଶ୍ରୟ ନେଇଥିଲେ । ମାମଲାର ବିଚାର କରି ଅଦାଲତର ଆଦେଶ ମୁତାବକ ତତକାଳୀନ ତହସିଲଦାର କିଛି ମାସ ତଳେ ୨ ଟି ଦୋକାନ ଘର ଉଚ୍ଛେଦ କରିଥିବା ବେଳେ ଅନ୍ୟ ୭ ଜଣଙ୍କ ଦୋକାନ ଘର ପରେ ଉଚ୍ଛେଦ ହେବ ବୋଲି ତହସିଲଦାର କହିଥିଲେ । ଉକ୍ତ ଦୋକାନୀ ମାନଙ୍କ ମଧ୍ୟରୁ ରବିନ୍ଦ୍ର ଗିରି ତାଙ୍କ ଘର ଭାଙ୍ଗିବା ପରେ ଦୋକାନରେ ଥିବା ଆଳୁ ପିଆଜ ରଖିବାକୁ ଜାଗା ନ ଥିବାରୁ ଅସ୍ଥାୟୀ ଭାବେ ଉକ୍ତ ଜାଗାରେ ଜରି ପାଲରେ ଦୋକାନ ଖୋଲିଥିଲେ । ଉଚ୍ଛେଦ ପରେ ପୁଣି ସେହି ଜାଗାରେ ଦୋକାନ କରିଥିବାରୁ ସରପଞ୍ଚଙ୍କ ଅଭିଯୋଗ କ୍ରମେ ଆଜି ବସ୍ତା ଅତିରିକ୍ତ ତହସିଲଦାର ପିଜ୍ୟୁସ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ଘଟଣାର ଅନୁଧ୍ୟାନ କରିବା ସହିତ ଶ୍ରୀ ଗିରିଙ୍କ ସହିତ ଅନ୍ୟ ଦୋକାନୀମାନଙ୍କୁ ୧୫ ଦିନ ସମୟ ଦେଇଥିଲେ । ଏହି ସମୟ ମଧ୍ୟରେ ଉକ୍ତ ଜାଗା ଖାଲି ନ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇ ଥିଲେ । ସୂଚନା ଅନୁଯାଇ ଶ୍ରୀ ଗିରିଙ୍କ ସମେତ ଅନ୍ୟ ଦୋକାନୀମାନଙ୍କର ସ୍ଥାୟୀ ଦୋକାନ ନିମନ୍ତେ ସେମାନଙ୍କୁ ନିର୍ଦ୍ଦିଷ୍ଟ ଜାଗା ଦେବାକୁ ଅନୁରୋଧ କରିଛନ୍ତି ।

**ସୋର ଇଣ୍ଡେନ ଗ୍ୟାସ ଏଜେନ୍ସିର ମନମାନି**

## ବୁକିଂର ୧୨ ଦିନ ପରେ ବି ମିଳୁନି ଟାଙ୍କି

ସୋର, ୮।୧୧(ସମିସ): ସୋର ଇଣ୍ଡେନ ଗ୍ୟାସ ଏଜେନ୍ସି କର୍ତ୍ତୃପକ୍ଷଙ୍କ ମନମାନି ଦେଖିବାକୁ ମିଳିଛି । ପୂର୍ବରୁ ଜଣେ ବିଚାରପତିଙ୍କୁ ପାଣି ଭରାଥିବା ଗ୍ୟାସ ଟାଙ୍କି ଦେଇ ଚର୍ଚ୍ଚାକୁ ଆସିଥିବା ଏହି ଏଜେନ୍ସ ଏବେ ସାଧାରଣ ଲୋକଙ୍କ ପ୍ରତି ମନମାନି ଜାହିର କରୁଥିବା ଅଭିଯୋଗ ହୋଇଛି । ଅଭିଯୋଗ ଅନୁସାରେ ସୋର ଇଣ୍ଟିଗ୍ରେଟେଡ ଇଣ୍ଡେନ ଗ୍ୟାସ ଏଜେନ୍ସିରେ ଏବେ ୨୫ ହଜାରରୁ ଅଧିକ ଗ୍ରାହକ ଅଛନ୍ତି । ସେମାନଙ୍କ ମଧ୍ୟରୁ ସୋର ବ୍ଲକ ବୁଡେଇ ଗ୍ରାମର ପ୍ରହଲ୍ଲାଦ ପତ୍ରୀ ଜଣେ ଗ୍ରାହକ । ତାଙ୍କ ଗ୍ୟାସ ଶେଷ ହେବାରୁ ସେ ଗତ ଅକ୍ଟୋବର ମାସ ୨୬ ତାରିଖରେ ଗ୍ୟାସ ବୁକିଂ କରିଥିଲେ । ସେ ସମୟରେ ମୋବାଇଲରେ ୩ ଦିନ ମଧ୍ୟରେ ଟାଙ୍କି ପ୍ରଦାନ କରାଯିବାର ମେସେଜ ଆସିଥିବା ବେଳେ ଆଜିକୁ ୧୨ଦିନ ବିତିଯାଇଥିଲେ ମଧ୍ୟ ତାଙ୍କୁ ଟାଙ୍କି ମିଳିପାରିନାହିଁ । ଫଳରେ ତାଙ୍କ ପରିବାର ଲୋକେ ରୋଷେଇ କରିବାରେ ବ୍ୟାପକ ଅସୁବିଧାକୁ ସମ୍ମୁଖିନ ହେଉଛନ୍ତି । ପ୍ରହଲ୍ଲାଦଙ୍କ ପରି ଦହିସଡା ଗ୍ରାମର ଗୟାଧର ଦ୍ୱାରୀ ଏକ ମାସ ପରେ ଟାଙ୍କି ପାଇଥିଲେ । ତେବେ ଅନେକ ଲୋକ ଏହି ସମାନ ଅସୁବିଧାକୁ ସମ୍ମୁଖିନ ହେଉଥିବା ବେଳେ ଏଜେନ୍ସି ଜଣଙ୍କ ଟାଙ୍କି କଳାବଜାରି କରୁଥିବା ଅଭିଯୋଗ ହେଉଛି । ଗତ କିଛି ମାସ ପୂର୍ବରୁ ମଧ୍ୟ ସମାନ ଘଟଣା ଘଟିଥିବାରୁ ଏ ନେଇ ଖବର ପ୍ରକାଶିତ ହୋଇଥିଲା । ପରେ ମାତ୍ର କିଛିଦିନ ଲୋକଙ୍କୁ ଉଚିତ ସେବା ମିଳୁଥିବା ବେଳେ କିଛି ମାସର ବ୍ୟବଧାନ ପରେ ଏବେ ପୁନଶ୍ଚ ଏପରି ଘଟଣା ଘଟୁଥିବାରୁ ଉକ୍ତ ଏଜେନ୍ସିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହୋଇଛି । ପ୍ରକାଶ ଥାଉକି ଉକ୍ତ ଏଜେନ୍ସି ପାଣି ଭର୍ତ୍ତି ଟାଙ୍କି ଦେଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଥିବା ବେଳେ ଗତ ଅଗଷ୍ଟ ମାସ ୨୧ ତାରିଖରେ ଜଣେ ମାଜିଷ୍ଟ୍ରେଟଙ୍କୁ ପାଣି ଭର୍ତ୍ତି ଗ୍ୟାସ ଟାଙ୍କି ଦେଇଥିବାରୁ ଥାନାରେ ଅଟକ ରହିବା ସହିତ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ଆଗାମୀ ଦିନରେ ଠକାମୀ ନ କରିବାକୁ ଲିଖିତ ପ୍ରତିଶୃତି ଦେଇଥିଲେ । ଏ ନେଇ ଏଜେନ୍ସିର ମାଲିକ କରୁଣାକର ବେହେରାଙ୍କୁ ବାରମ୍ବାର ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ ଉଠାଇ ନଥିଲେ । ଯୋଗାଣ ଅଧିକାରୀ ଦେବାଶିଷ କରଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଥିଲେ ।

## ହାତୀ ପାଇଁ ୨୨ ମିନିଟ ଅଟକିଲା ମେମୁ ଟ୍ରେନ

ବୈଶିଙ୍ଗା, ୮।୧୧(ସମିସ): ବାଙ୍ଗିରିପୋଷିରୁ ରୂପ୍ସା ଅଭିମୁଖେ ଯାଉଥିବା ମେମୁ ଟ୍ରେନକୁ ଶୁକ୍ରବାର ରାତି ୮ଟାରେ ବେତନଟୀ ବନବିଭାଗ ପକ୍ଷରୁ ହାତୀଝୁରିଠାରେ ଅଟକା ଯାଇଥିଲା । ପରେ ହାତୀ ରେଳପଥ ଅତିକ୍ରମ କରିବାପରେ ପୁଣି ମେମୁ ଟ୍ରେନ ଗତି କରିଥିଲା । ସୂଚନା ମୁତାବକ ଚଳିତମାସ ୧ତାରିଖ ରାତିରେ ଶାଳିମାର ସୁପରଫାଷ୍ଟ ଟ୍ରେନ ଧକ୍କାରେ ଆଗ୍ରିଆ ରେଳଫାଟକ ଠାରେ ଏକ ବିଶାଳ ଦନ୍ତାହାତୀର ମୃତ୍ୟୁହୋବ ପରଠାରୁ ରୂପ୍ସା-ବାଙ୍ଗିରିପୋଷି ମଧ୍ୟରେ ଚଳାଚଳ କରୁଥିବା ରାତ୍ରିକାଳୀନ ଟ୍ରେନର ଗତି ହ୍ରାସ କରାଯାଇଛି । ଶୁକ୍ରବାର ରାତି ବେତନଟୀ ରେଞ୍ଜ ଅଧୀନ ତିଳପଦା, ତିଳଦା ଅଞ୍ଚଳରେ ବିଚରଣ କରୁଥିବା ଗୋଠଛଡା ହାତୀ ଗୁରୁବାର ରାତି ସାଢେ ସାତଟା ପାଖାପାଖି ସମୟରେ ଜଙ୍ଗଲରୁ ବାହାରି ହାତୀ ଗାଁ ମୁହାଁ ହୋଇଥିଲା । ରାତି ଆଠଟା ପାଖାପାଖି ସମୟରେ ଗୋଠଛଡା ହାତୀ ହାତୀଝୁରୀ ନିକଟରେ ପହଞ୍ଚିଥିବା ବେଳେ ସେହି ସମୟରେ ବାଙ୍ଗିରିପୋଷିରୁ ରୂପ୍ସା ଅଭିମୁଖେ ଯାଉଥିବା ମେମୁ ଟ୍ରେନକୁ ବନବିଭାଗ ପକ୍ଷରୁ ରେଳବିଭାଗ ସହାୟତାରେ ଅଟକାଯାଇଥିଲା । ଗୋଠଛଡା ହାତୀ ରେଳଧାରଣା ଅତିକ୍ରମ କରିବାପରେ ପାଖାପାଖି ୨୨ମିନିଟ ବିଳମ୍ବରେ ମେମୁଟ୍ରେନ ନିଜର ଗନ୍ତବ୍ୟସ୍ଥଳ ରୂପ୍ସା ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା ।

## ତାଲା ଭାଙ୍ଗି ଦୋକାନ ସାମଗ୍ରୀ ଚୋରି ଅଭିଯୋଗ

ଚନ୍ଦନେଶ୍ୱର, ୮।୧୧(ସମିସ): ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ଦୋକାନ ସାମଗ୍ରୀ ସମେତ ନଗଦ ୭ହଜାର ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି । ଭୋଗରାଇ ବ୍ଲକ ନାରାୟଣ ମହାନ୍ତି ପଡିଆ ପଞ୍ଚାୟତରେ ଥିବା ଦୁର୍ଗାଦେବୀ ହାଟରେ ଏକ ଭୁସିମାଲ ଦୋକାନରୁ ଗତକାଲି ବିଳମ୍ବିତ ରାତିରେ ଚୋରି ହୋଇଥିବା ନେଇ ଲକ୍ଷ୍ମୀପାଟଣା ଫାଣ୍ଡିରେ ଅଭିଯୋଗ ହୋଇଛି । ସେହି ଗ୍ରାମର ବିନୋଦ କୁମାର ପାତ୍ର ଦୁର୍ଗାଦେବୀ ହାଟରେ ଦୀର୍ଘ ବର୍ଷ ହେଲା ଏକ ଭୁସିମାଲ ଦୋକାନ କରି ପରିବାର ପ୍ରତିପୋଷଣ କରନ୍ତି । ସେ ସବୁଦିନ ପରି ଗତକାଲି ଶୁକ୍ରବାର ରାତି ପ୍ରାୟ ୧୦ ଟାରେ ଦୋକାନ ବନ୍ଦ କରି ଘରକୁ ଫେରିଥିଲେ । ଆଜି ସକାଳୁ ପ୍ରାୟ ୮ଟା ସମୟରେ ଦୋକାନ ଖୋଲିବାକୁ ଆସି ଦେଖିବାରୁ ଦୋକାନର ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ଦୋକାନ ସାମଗ୍ରୀ ସମେତ ନଗଦ ପ୍ରାୟ ୭ ହଜାର ଟଙ୍କା ଚୋରି ହୋଇଯାଇଛି । ଦୁର୍ବୃତ୍ତମାନେ ଚୋରି କରିଥିବା ନେଇ ଲକ୍ଷ୍ମୀପାଟଣା ଫାଣ୍ଡିରେ ଅଭିଯୋଗ ପାଇ ଫାଣ୍ଡି ଅଧିକାରୀ ଗତିକୃଷ୍ଣ ଜେନା ଘଟଣା ସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛନ୍ତି ।

## ନସ୍କରପୁର-ନୂଆବଣୀ ଶରିଷା ଜଗଦ୍ଧାତ୍ରୀ ପଡ଼ିଆ ଉତ୍ସବ ଉଦ୍‌ଯାପିତ



ଚନ୍ଦନେଶ୍ୱର, ୮।୧୧ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇର ଜଗନ୍ନାଥପୁର ପଞ୍ଚାୟତ ଅଧୀନ ନସ୍କରପୁରରେ ଚାଲିଥିବା ଜଗଦ୍ଧାତ୍ରୀ ପୂଜା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ଶୁକ୍ରବାର ଉଦଯାପନୀ ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାବିତ, କବି, ଲେଖକ ଗବେଷକ ଡ. ସନ୍ତୋଷ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପୂର୍ବ ଭାରତ ପ୍ରସିଦ୍ଧ ଚନ୍ଦନେଶ୍ୱର ମନ୍ଦିରର ମୌରସୀ ତଥା ଶଙ୍ଖାରୀ ସେବା ସମବାୟର୍ ସଭାପତି ତପନ ପଣ୍ଡା ମୁଖ୍ୟ ଅତିଥି , ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ସତୀଶ ଚନ୍ଦ୍ର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ଜିଲ୍ଲାପରିଷଦ ସଦସ୍ୟା ପ୍ରତିମା ଚାନ୍ଦ, ସାମ୍ବାଦିକ ଶିଶିର କୁମାର ପ୍ରଧାନ, ବ୍ୟାଙ୍କ ଅଫ ଇଣ୍ଡିଆର ବରିଷ୍ଠ ଶାଖା ପରିଚାଳକ ବିଜୟ କୁମାର ପ୍ରଧାନ, ହୁଗୁଳି ପଞ୍ଚାୟତର କାର୍ଯ୍ୟରତ ସରପଞ୍ଚ ବିଭୁତି ପ୍ରଧାନ ପ୍ରମୁଖ ଯୋଗଦେଇ ସମସ୍ତଙ୍କର ଉଦ୍ୟମ ସହ ଏବର ସାମାଜିକ ଅବସ୍ଥା ଓ ବ୍ୟବସ୍ଥା ଭିତରେ ଆତିଯତା ଭରି ରହିଲେ ସମସ୍ତ ସଫଳତା ମିଳିଥାଏ ବୋଲି ବକ୍ତବ୍ୟ ରଖିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷାବିତ କାମଦେବ ଭୂୟାଁ, ସାମ୍ବାଦିକ ଭଗବାନ ବେହେରା, ଶୁଶାନ୍ତ ମଣ୍ଡଳ, ବନମାଳୀ ବେହେରା ସମେତ ବିଭିନ୍ନ ପ୍ରାୟୋଜକ ଓ ସାହାଯ୍ୟକାରୀ ସଂସ୍ଥାକୁ ଉତ୍ତରୀୟ, ଫୁଲତୋଡ଼ା ସହ ମାଁ ଜଗଦ୍ଧାତ୍ରୀଙ୍କ ଫଟୋଚିତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ମଞ୍ଚ ଆହ୍ୱାନ ଡ଼ା ସୌରଭ କୁମାର ପାତ୍ର ଓ ଅତିଥି ପରିଚୟ ନନୀଗୋପାଳ ପାତ୍ର ଦେଇଥିବା ବେଳେ ଯତୀନ୍ଦ୍ର ନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଉଦଯାପନୀ ସଭା ଶେଷରେ ବହୁ ଚର୍ଚ୍ଚିତ ସୁନାମଧନ୍ୟ କଣ୍ଠଶିଳ୍ପୀ ଅର୍ପିତା ଚୈାଧୁରୀଙ୍କ ସହ ତାଙ୍କ ଟିମ ଦ୍ୱାରା ଅର୍କେଷ୍ଟ୍ରା ଅନୁଷ୍ଠିତ ହୋଇଥିଲା । ରାଜେନ୍ଦ୍ର ପ୍ରଧାନ, ରବିନ୍ଦ୍ର ପ୍ରଧାନ, ଜୟନାରାୟଣ ପ୍ରଧାନ, ସୁଦିପ୍ତ ପାତ୍ର, ଚିନ୍ମୟ ପାତ୍ର, ମହାପ୍ରସାଦ ପାତ୍ର, ଓମ୍ ପ୍ରକାଶ ପାତ୍ର, ଅଜୟ ପାତ୍ର, ଜ୍ଞାନେନ୍ଦ୍ର ସାମଲ, ପ୍ରଦୀପ ପାତ୍ର, ରାଧାଶ୍ୟାମ ପାତ୍ର, ନିର୍ମଳ ପାତ୍ର, ମହାପ୍ରସାଦ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ବ୍ୟବସାୟୀଙ୍କ ଅପହରଣର ଡେମୋ ଦେଖାଇଲା ଅଭିଯୁକ୍ତ

ବୈଶିଙ୍ଗା, ୮।୧୧(ସମିସ): ବୈଶିଙ୍ଗା ନିକଟ ୧୮ନଂ ଜାତୀୟ ରାଜପଥ ଉପରୁ ଜଣେ ପ୍ରତିଷ୍ଠିତ ବ୍ୟବସାୟୀଙ୍କୁ ଅପହରଣ କରି ୮୦ ଲକ୍ଷ ଟଙ୍କା ମୁଣ୍ଡ ଜାମିନ ରଖିବା ଘଟଣାକୁ କିଛି ଦିନ ହେବ ବାରିପଦା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ଏହି ଅପହରଣ ମାମଲାରେ ମାଷ୍ଟରମାଇଣ୍ଡଙ୍କ ସମେତ ୬ଜଣଙ୍କୁ ପୁଲିସ ଗିରଫ କରିଥିବାବେଳେ ତାଙ୍କ ନିକଟରୁ ୩ଟି କାର ସହିତ ୨ଟି ବାଇକ, ୪ଟି ତେଲେଙ୍ଗା କଟୁରୀ ଓ ୪୦ଲକ୍ଷ ଟଙ୍କାରୁ ୯ଲକ୍ଷ ପାଖାପାଖି ଟଙ୍କା ଜବତ କରିଛି । ଜମିଜମା କିଣାବିକା କାରବାରକୁ ନେଇ ନିଜର କିଛି ପରିଚିତ ଲୋକ ହିଁ ରଚିଥିଲେ ଏହି ଅପହରଣ ନାଟକ । ତେବେ ଶୁକ୍ରବାର ମୁଖ୍ୟ ଅଭିଯୁକ୍ତ ରାଜା ଓରଫ ରାଜେଶ ବାରିକକୁ ପୁଲିସ ଘଟଣାସ୍ଥଳକୁ ନେଇ ସିନ ରିକ୍ରିଏସନ କରିଛି । ଅଭିଯୁକ୍ତ ରାଜା ବ୍ୟବସାୟୀ ସୁନୀଲଙ୍କୁ କିଭଳି ଅପହରଣ କରିଥିଲେ ତାହାର ସମ୍ପୂର୍ଣ୍ଣ ଡେମୋ ଦେଖାଇଛି ।



**ସୁରକ୍ଷା ମାଗୁଛି ପଞ୍ଚୁଘୁଣ୍ଟା**

## ନଦୀବନ୍ଧ କାଟି କୋରି ନେଉଛନ୍ତି ବାଲି

ଜଳେଶ୍ୱର ବ୍ଲକ, ୮।୧୧(ସମିସ)



ଜଳେଶ୍ୱର ଅଞ୍ଚଳରେ ଓଲମରା ରାଜନଗର ଠାରୁ ବାଲିଆପାଳ ପର୍ଯ୍ୟନ୍ତ ସୁବର୍ଣ୍ଣରେଖା ନଦୀ ବୋହି ଯାଇଛି । ସାଧାରଣତଃ ନଦୀ କୂଳ ଉର୍ବର ମାଟି ହୋଇ ଥିବାରୁ ନଦୀକୂଳରେ ଚାଷୀକୂଳ ବସବାସ କରିଥାନ୍ତି ଓ ପନିପରିବା ଚାଷ କରି ପରିବାର ପ୍ରତି ପୋଷଣ କରିଥାନ୍ତି । ବାରମ୍ବାର ବନ୍ୟା ଓ ବେଆଇନ ବାଲି ଉତ୍ତୋଳନ ଯୋଗୁ ଆଜି ନଦୀର ଗତି ପଥ ବଦଳାଇ ଗାଁ ଗୁଡିକ ନଦୀ ଗର୍ଭକୁ ଯିବାକୁ ବସିଲାଣି । ନଦୀ କୂଳରେ ଅବସ୍ଥିତ ଗାଁର ସୁରକ୍ଷାକୁ ଦୃଷ୍ଟିରେ ରଖି ସରକାର ନଦୀବନ୍ଧ ସାଙ୍ଗକୁ ରିଙ୍ଗ ରୋଡ ପ୍ରସ୍ତୁତି କରିଛନ୍ତି କିନ୍ତୁ ତାହା ଏବେ ବିପଦରେ ।

ଜଳେଶ୍ୱର ପଞ୍ଚୁଘୁଣ୍ଟା ଗ୍ରାମ ଠାରୁ ଆରମ୍ଭ କରି ପୀର ପର୍ଯ୍ୟନ୍ତ ୭ଟି ବେଆଇନ୍ ବାଲି ଖାଦାନ କରି ଦିନରେ ନୌକା ଓ ରାତିରେ ଜେସିବି ଲଗାଇ ବାଲି ଉତ୍ତୋଳନ କରି ରିଙ୍ଗ ରୋଡକୁ କାଟି ହଜାର ହଜାର ସଂଖ୍ୟାରେ ବେଆଇନ୍ ବାଲି ଟ୍ରାକ୍ଟର ଯିବା ଆସିବା ଦ୍ୱାରା ରିଙ୍ଗ ରୋଡ ଏବେ ବିପଦରେ । ୨୦୦୮ ବନ୍ୟାରେ ନଦୀବନ୍ଧ ଭାଙ୍ଗି ଯିବାରୁ ବାଲେଶ୍ୱର ଜିଲ୍ଲାର ୪ ବ୍ଲକ ଜଳେଶ୍ୱର, ବସ୍ତା, ବାଲିଆପାଳ, ଭୋଗରାଇ ଅଞ୍ଚଳର ଅନେକ ଗାଁ ଜଳମଗ୍ନ ହୋଇଯାଇଥିଲା । ସେଥିରେ ଅଧିକ କ୍ଷତି ଗ୍ରସ୍ତ ହୋଇଥିଲା ଜଳେଶ୍ୱର ବ୍ଲକ ହଜାର ହଜାର ଲୋକ ପାଣି ଘେରରେ ରହିଥିଲେ ଏବଂ ଜଳେଶ୍ୱର୍ ସହର ସମ୍ପୂର୍ଣ୍ଣ ଜଳମଗ୍ନ ହୋଇ ଦୀର୍ଘ ଦିନ ଧରି ରହିଥିଲା । ସବୁଠାରୁ ବଡ଼ କଥା ଥାନାର ମାତ୍ର ଅଳ୍ପ ମିଟର ଦୂରରେ ଚାଲିଛି ବାଲି ଉତ୍ତୋଳନ ଆଉ ଦିନ ଦି ପହରରେ ଜଳେଶ୍ୱର ଜେଲ୍ ରୋଡ ଦେଇ ଯାଉଛି ଶହ ଶହ ବେଆଇନ ବାଲି ଟ୍ରାକ୍ଟର । ଜଳେଶ୍ୱର ର ବିଭିନ୍ନ ସ୍ଥାନରେ ଗଚ୍ଛିତ କରି ରାତି ହେଲେ ବଡ଼ ବଡ଼ ଡମ୍ଫର ଯୋଗେ ଯାଉଛି ପଶ୍ଚିମବଙ୍ଗ । ନିଦାବିଷ୍ଟ ସାଜିଛନ୍ତି ଜଳେଶ୍ୱର ପ୍ରଶାସନ । ଏ ନେଇ ପଞ୍ଚୁଘୁଣ୍ଟା ବାସୀ ବାରମ୍ବାର ଖଣି ଅଧିକାରୀଙ୍କ ଠାରୁ ଆରମ୍ଭ କରି ଜଳେଶ୍ୱର ତହସିଲ, ଥାନା, ଏସଡିପିଓ ଓ ଜଳ ସମ୍ପଦ ବିଭାଗ ଜଣାଇ ଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଯାହା ଫଳରେ ଆଗାମୀ ଦିନରେ ଯଦି ପ୍ରଶାସନ ପକ୍ଷରୁ ବେଆଇନ ବାଲି ଉତ୍ତୋଳନ ରୋକିବା ସହିତ ରିଙ୍ଗ ରୋଡ ସୁରକ୍ଷା ପାଇଁ କୌଣସି ପଦକ୍ଷେପ ଗ୍ରହଣ ନ କରନ୍ତି ରାସ୍ତା ଅବରୋଧ କରିବାର ଚେତାବନୀ ଦେଇଛନ୍ତି । ଏ ନେଇ ଜଳ ସମ୍ପଦର ବିଭାଗର ନିର୍ବାହୀ ଯନ୍ତ୍ରୀ ପ୍ରିୟବ୍ରତ ସିଂଙ୍କୁ ଯୋଗା ଯୋଗ ହୋଇ ପାରି ନ ଥିଲା । ଜଳେଶ୍ୱର ଏସଡିପିଓ ସୁବ୍ରତ କୁମାର ବେହେରାଙ୍କୁ ପଚାରିବାରୁ ସେ କହିଥିଲେ ତହସିଲ କର୍ତ୍ତୃପକ୍ଷଙ୍କୁ ନେଇ ଖୁବ୍ ଶୀଘ୍ର ପଞ୍ଚୁଘୁଣ୍ଟା ଗ୍ରାମରେ ଚାଲିଥିବା ବେଆଇନ୍ ବାଲି ଖାଦାନକୁ ସମ୍ପୂର୍ଣ୍ଣ ବନ୍ଦ କରାଇବା ସହିତ ଯେଉଁମାନେ ନଦୀବନ୍ଧ କାଟି ବାଲି ପାଇଁ ରାସ୍ତା ନିର୍ମାଣ କରାଯାଇ ଥିବା ଜମି ମାଲିକଙ୍କୁ ନୋଟିସ ପ୍ରଦାନ କରିବୁ ।

ସକାଳ
THE SAKALA



## ପ୍ରଦର୍ଶିତ ହେଲା ୧୩୦ ରୁ ଉର୍ଦ୍ଧ୍ୱ ପ୍ରକଳ୍ପ



ଖଣ୍ଡପଡ଼ା,୮।୧୧(ସମିସ): ଖଣ୍ଡପଡ଼ା ସହରାଞ୍ଚଳ ସ୍ଥିତ ଓମ୍‌ସାଇ ଇଣ୍ଟରନ୍ୟାସନାଲ ସ୍କୁଲ ପରିସରରେ ଶନିବାର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ଶିକ୍ଷାବିତ ପଞ୍ଚାନନ ମିଶ୍ର ବିଜ୍ଞାନ ମେଳାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଅତିଥି ଭାବେ ଖଣ୍ଡପଡ଼ା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ରଶ୍ମିରେଖା ପାତ୍ର, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବିଦ୍ୟାଧର ମହାରଣା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ୧୩୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ବିଜ୍ଞାନ ମେଳାରେ ପ୍ରଦର୍ଶିତ ହୋଇଥିଲା। ଡ. ପ୍ରଦୀପ କୁମାର ପାଇକରାୟ, ଶ୍ରୀନିବାସ ମହାନ୍ତି, ଆଶିଷ କୁମାର ବିଶୋଇ, ନାରାୟଣ ଭୋଳ, ସ୍ନେହମୟୀ ସାହୁ ପ୍ରମୁଖ ବିଚାରକ ମଣ୍ଡଳୀଙ୍କ ଦ୍ୱାରା ଶ୍ରେଷ୍ଠ ବିବେଚିତ ପ୍ରକଳ୍ପ ଗୁଡିକୁ ଚିହ୍ନଟ କରାଯାଇଥିବା ବେଳେ ଆସନ୍ତା ୧୪ ତାରିଖରେ ଶିଶୁଦିବସ ପାଳନ ଅବସରରେ ଶ୍ରେଷ୍ଠ ପ୍ରକଳ୍ପ ପ୍ରଦର୍ଶନ କରିଥିବା ବରିଷ୍ଠ ବିଭାଗର ଛାତ୍ର ସ୍ୱସ୍ତିକ ମିଶ୍ର କନିଷ୍ଠ ବିଭାଗରେ ରୋହନ କୁମାର ମଲ୍ଲ, ସବ ଜୁନିଅର ବିଭାଗରେ ଅର୍ପିତା ପଣ୍ଡା, ନର୍ସରୀ ବିଭାଗରେ ଆରକ୍ଷୀ ପ୍ରିୟଦର୍ଶନୀ, ନିହାରିକା କର, ଶିବନ୍ୟା ଅଗ୍ରଓ୍ୱାଲ ପ୍ରମୁଖଙ୍କୁ ପୁରସ୍କୃତ କରାଯିବ ବୋଲି ଅନୁଷ୍ଠାନ କର୍ତ୍ତୃପକ୍ଷଙ୍କ ସୂତ୍ରରୁ ଜଣାପଡିଛି।

**ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ**

# କ୍ଷୋଭ ଓ ଅସନ୍ତୋଷ ବ୍ୟକ୍ତ କଲେ ଚାଷୀ

ନୟାଗଡ଼,୮।୧୧(ସମିସ)

ନୟାଗଡ଼ ଜିଲ୍ଲା କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଆଜି ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ, ବିଧାୟକ କିମ୍ବା ସାଂସଦ ଯୋଗ ଦେଇନଥିବା ବେଳେ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରୋଜିନା

- **କାର୍ଯ୍ୟକ୍ରମକୁ ଆସିଲେନି ଜିଲ୍ଲାପାଳ, ବିଧାୟକ ଓ ସାଂସଦ**
- **ଜିଲ୍ଲାରେ ମାଣ୍ଡିଆ ଚାଷ ପ୍ରଭାବଶାଳୀ ହେଉନି: ଏଡିଏମ୍**

ଦାଶ, କନ୍ଧମାଳ ସାଂସଦଙ୍କ ପ୍ରତିନିଧି ପର୍ଶୁରାମ ସ୍ୱାଇଁ ଯୋଗ ଦେଇଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶିବ ନାରାୟଣ ସିଂଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୃଷି ବୈଜ୍ଞାନିକ ଅନୀଲ କୁମାର ସ୍ୱାଇଁ, ଡ. ଅଜୟ କୁମାର ଜେନା ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସ୍ୱାଗତ ଅଭିଭାଷଣ ରଖିବା ପରେ ଜୈନିକ ଚାଷୀ କ୍ଷୋଭ ଓ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବାଲୁଗାଁ ଅଞ୍ଚଳର ଚାଷୀ ରଣଜିତ ଦଳବେହେରା, ମାଣ୍ଡିଆ ଚାଷ କରୁଥିବା ଚାଷୀଙ୍କ ତାଲିକା ମାଗିବା ସହ ଜିଲ୍ଲାରେ ମାଣ୍ଡିଆ ଚାଷ ଆଦୌ ନହୋଇ କାଗଜ ପତ୍ରରେ ଦର୍ଶାଯାଉଥିବା କହିଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଏହାକୁ ନେଇ ହଡ଼ବଡ଼େଇ ଯାଇଥିବା ବେଳେ ଏହା ପ୍ରକୃତ ଫୋରମ୍ ନୁହେଁ ବୋଲି କହିଥିଲେ। ଅତିରିକ୍ତ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ଚାଷୀ ରଣଜିତ ଦଳବେହେରା ଚୁପ ରହିଥିଲେ। ଏହି ଅବସରରେ ମୁଖ୍ୟଅତିଥି ତଥା ଅତିରିକ୍ତ ଜିଲ୍ଲାପାଳ ମାଣ୍ଡିଆ ଏକ ପାରମ୍ପରିକ ଖାଦ୍ୟ ବୋଲି ବକ୍ତବ୍ୟ ରଖିଥିଲେ। ଜିଲ୍ଲାରେ ମାଣ୍ଡିଆ ଚାଷ ପ୍ରଭାବଶାଳୀ ହେଉନି, କିନ୍ତୁ ଚାଷୀଙ୍କୁ ପ୍ରୋତ୍ସାହିତ କରି ଚାଷ ବୃଦ୍ଧି କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଆୟୋଜିତ ମାଣ୍ଡିଆ ଦିବସ ଉପରେ ଅନୁଷ୍ଠିତ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରିଥିଲେ। ଏହା ସହିତ କିଛି ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀକୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଜିଲ୍ଲାରେ ମାଣ୍ଡିଆ ଚାଷ ନହୋଇ ଏନଜିଓ ଗୁଡ଼ିକ କାଗଜ ପତ୍ରରେ ମାଣ୍ଡିଆ ଚାଷ ହେଉଥିବା ଦର୍ଶାଉଥିବା ବେଳେ ଆଜି କାର୍ଯ୍ୟକ୍ରମରେ ପ୍ରାୟୋଜିତ ଭାବେ ଲୁଚାଇବାକୁ ଯଥେଷ୍ଟ ଚେଷ୍ଟା କରାଯାଇଥିବା ଦେଖାଯାଇଥିଲା। ଅତିଥିମାନେ ଆୟୋଜିତ ଏକ ଫଟୋ ଗ୍ୟାଲେରୀକୁ ଉଦଘାଟନ କରିଥିଲେ। ଏହି ଅବସରରେ କୃଷି ଐତିହ୍ୟ ଓ ଜୈବ୍ୟ ବିବିଧତା ସଂରକ୍ଷଣ ଉପରେ କୃଷି ବୈଜ୍ଞାନିକମାନେ ଆଲୋଚନା ରଖିଥିଲେ। ଏହି କାର୍ଯ୍ୟକ୍ରମରେ କୃଷି ବିଭାଗର ସମସ୍ତ ଅଧିକାରୀ, କର୍ମଚାରୀ ଓ ଅନେକ ଚାଷୀ ଓ ଏନଜିଓମାନେ ସାମିଲ ହୋଇଥିଲେ।



### ମାଣ୍ଡିଆ ଦିବସ ପାଳନ ନାଁରେ ଲକ୍ଷେ ସ୍ୱାହା

ନୟାଗଡ଼: ନୟାଗଡ଼ ଜିଲ୍ଲା କୃଷି ଓ କୃଷକ ସଶକ୍ତି କରଣ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ପାଳନ ପାଇଁ ବିଭାଗ ପକ୍ଷରୁ ଏକ ଲକ୍ଷ ଟଙ୍କା ଅନୁଦାନ ଆସିଛି। ଯେନତେନ ଏହି କାର୍ଯ୍ୟକ୍ରମ ଆୟୋଜନ କରି କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଏହି ଅର୍ଥକୁ ବ୍ୟୟ କରିବା ଯୋଜନାରେ ରହିଛି। କାର୍ଯ୍ୟକ୍ରମରେ ୩ଟି ଷ୍ଟଲ, ୧ଟି ଫଟୋ ଗ୍ୟାଲେରୀ ନିର୍ମାଣ କରାଯାଇଥିବା ବେଳେ ବ୍ଲକ ସଭାଗୃହରେ ସଭା ଅନୁଷ୍ଠିତ ହୋଇଛି। ଖାଦ୍ୟପେୟ ଓ ଅନ୍ୟାନକୁ ମିଶାଇ ଅଳ୍ପ କିଛି ଅର୍ଥ ବ୍ୟୟ କରାଯାଇ ବଳକା ଅର୍ଥକୁ କୃଷି ବିଭାଗ କର୍ମଚାରୀ ବିଲ କରିବା ପାଇଁ ଯୋଜନା କରିଥିବା ସୂଚନା ମିଳିଛି।

## ସାଇବର ସଚେତନତା ସାଇକଲ୍ ଶୋଭାଯାତ୍ରା



ନୟାଗଡ଼,୮।୧୧(ସମିସ): ନୟାଗଡ଼ ଜିଲ୍ଲା ପୁଲିସ ଆନୁକୂଲ୍ୟରେ ସାଇବର ସୁରକ୍ଷା ସଚେତନତା ଉଦ୍ଦେଶ୍ୟରେ ଏକ ସାଇକଲ ଶୋଭାଯାତ୍ରା ଓ ସଚେତନତା ରଥ ଉଦଘାଟିତ ହୋଇଯାଇଛି। ନୟାଗଡ଼ ପିଟିଏସ୍ ପଡ଼ିଆଠାରୁ ନୟାଗଡ଼ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ସାଇକଲ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହା ସହିତ ସଚେତନତା ରଥକୁ ଉଦଘାଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ନୟାଗଡ଼ ଆରକ୍ଷୀ ଅଧିକ୍ଷକ ଏସ୍ ସୁଶ୍ରୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁବାଷ ଚନ୍ଦ୍ର ପଣ୍ଡା, ଏସଡିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟ, ଡିଏସପି ସୁଶାନ୍ତ ପାତ୍ର, ଖଣ୍ଡପଡ଼ା ଏସଡିପିଓ ମଦନ ମୋହନ ପ୍ରଧାନଙ୍କ ସମେତ ଅନେକ ଥାନା ଅଧିକାରୀ ଯୋଗ ଦେଇଥିଲେ। ନୟାଗଡ଼ ଜଗନ୍ନାଥ ମନ୍ଦିରଠାରେ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଚକ୍ଷୁ ଚିକିତ୍ସା ଶିବିର

ଓଡ଼ଗାଁ, ୮।୧୧(ସମିସ): ଓଡ଼ଗାଁ ବ୍ଲକ ରଙ୍ଗଣିପାଟଣା ପଞ୍ଚାୟତ ପରିସରରେ ଅର୍ବାନ ଭିଜନ କେୟାର, ଭୁବନେଶ୍ୱର ଏବଂ ରଙ୍ଗଣିପାଟଣା ପଞ୍ଚାୟତର ମିଳିତ ସହଯୋଗରେ ଏକ ଚକ୍ଷୁ ଚିକିତ୍ସା ଏବଂ ଚଷମା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡା. କିଶୋର ଚନ୍ଦ୍ର ସାହୁଙ୍କ ଦ୍ୱାରା ପଞ୍ଜିକୃତ ମାନଙ୍କର ଚକ୍ଷୁ ପରୀକ୍ଷା କରାଯାଇ ୯୨ ଜଣଙ୍କୁ ମାଗଣା ଚଷମା ବଣ୍ଟନ କରାଯାଇଥିଲା। ୧୧ ଜଣ ରୋଗୀଙ୍କୁ ଭିଜନ କେୟାର, ଭୁବନେଶ୍ୱର ମାଧ୍ୟମରେ ଚକ୍ଷୁ ଅପରେସନ କରାଯାଇ ରବିବାର ସେମାନଙ୍କୁ ତାଙ୍କ ଘରେ ପହଞ୍ଚାଇ ଦିଆଯିବ ବୋଲି ଜଣାପଡିଛି। ରଙ୍ଗଣିପାଟଣା ସରପଞ୍ଚ ସସ୍ମିତା ପାତ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବା ବେଳେ ଅନ୍ୟ କର୍ମଚାରୀ ଓ ସାମାଜିକ କର୍ମୀ ମାନେ ସହଯୋଗ କରିଥିଲେ।

## ଢୋଲାଚଣ୍ଡି କ୍ରିକେଟ: ଫାଇନାଲରେ ବଘେଇ



ଭାପୁର,୮।୧୧(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ବଡ଼ସହରା ଗ୍ରାମରେ ଚାଲିଥିବା ଢୋଲାଚଣ୍ଡି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ବଡ଼ସହରା କ୍ରିକେଟ କ୍ଲବ୍ ଓ ବଘେଇ କ୍ରିକେଟ କ୍ଲବ ପରସ୍ପରକୁ ଭେଟିଥିଲେ। ଟସ୍ ଜିତି ବଘେଇ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୨୩୨ ରନର ବିଶାଳ ସ୍କୋର କରିପାରିଥିଲା। ଜବାବରେ ବଡସହରା କ୍ରିକେଟ ଟିମ୍ ୧୫.୪ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୯୯ ରନ କରି ପାରିଥିଲା। ବିଜୟୀ ଦଳର ଦିପ୍ତିରଞ୍ଜନ ସାହୁ ୧୮ ବଲରେ ୩୮ ରନ କରି ମ୍ୟାଚ ଶ୍ରେଷ୍ଠ ଖେଳାଳୀ ଭାବେ ବିବେଚିତ ହୋଇଥିଲେ। ଆଜିର ମ୍ୟାଚରେ ଅତିଥି ଭାବରେ ବଡସହରା ଗ୍ରାମର ସମାଜସେବୀ ବିଶ୍ୱନାଥ ସାହୁ ଓ ତପନ ସ୍ୱାଇଁ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅମ୍ପାୟର ଭାବେ ଭଜମନ ରଣା ଓ ସରୋଜ ଦାସ ପରିଚାଳନା କରିଥିଲେ। ଧାରା ବିବରଣୀ ପ୍ରଦାନ କରିଥିଲେ ରତ୍ନାକର ସାହୁ ଓ ଅଗସ୍ତି ଦାଶ ଓ ସ୍କୋର ଦାୟିତ୍ୱରେ ସତ୍ୟବ୍ରତ ମହାରଣା ଓ ସାଗର ପରିଡ଼ା ଥିଲେ। ଆସନ୍ତା କାଲି ଫାଇନାଲ ମ୍ୟାଚରେ ଏଲପଡ଼ା କ୍ରିକେଟ କ୍ଲବ୍ ଓ ବଘେଇ କ୍ରିକେଟ କ୍ଲବ୍ ପରସ୍ପର ମୁହାଁମୁହିଁ ହେବେ।

## ଖଣ୍ଡପଡ଼ା ବିଡିଓଙ୍କୁ ଗଣିଆ ଦାୟିତ୍ୱ



ଗଣିଆ,୮।୧୧(ସମିସ): ଗଣିଆ ବିଡ଼ିଓ ସାଗର କୁମାର ନନ୍ଦଙ୍କର ବଦଳି ହେବା ପରେ ଗଣିଆରେ ଦୀର୍ଘଦିନ ହେବ ସ୍ଥାୟୀ ବିଡିଓ ପଦବୀ ଖାଲି ପଡିଛି। ସରକାରଙ୍କ ତରଫରୁ ନୂତନ ବିଡ଼ିଓ ଭାବେ ସଞ୍ଜୀବ କୁମାର ମହାପାତ୍ରଙ୍କୁ ଗଣିଆ ବିଡ଼ିଓ ଦାୟିତ୍ୱ ଦିଆଯାଇଥିବା ବେଳେ ସେ କାର୍ଯ୍ୟରେ ଯୋଗ ଦେଇ ନାହାନ୍ତି। ପରବର୍ତ୍ତୀ ମୁହୁର୍ତରେ ତହସିଲଦାର ପ୍ରିତିବାଳା ରଣାଙ୍କୁ ବିଡ଼ିଓ ଦାୟିତ୍ୱ ଦିଆଯାଇଥିବା ବେଳେ ତାଙ୍କର ମଧ୍ୟ ବଦଳି ହୋଇଯାଇଛି। ଖଣ୍ଡପଡ଼ା ବିଡ଼ିଓ ଅଙ୍କୁର ଅଭିଳାଶଙ୍କୁ ଗଣିଆ ବିଡ଼ିଓ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ନୂତନ ବିଡ଼ିଓଙ୍କୁ ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବିଭୂତି ଭୂଷଣ ପଣ୍ଡାଙ୍କ ସମେତ ବ୍ଲକର କର୍ମଚାରୀମାନେ ଉପସ୍ଥିତ ରହି ସ୍ୱାଗତ କରିଛନ୍ତି। କେତେଦିନ ଏଭଳି ଭାରପ୍ରାପ୍ତ ବିଡ଼ିଓଙ୍କ ହାତରେ ବ୍ଲକ ଚାଲିବ ବୋଲି ସାଧାରଣରେ ଆଲୋଚନା ହେଉଛି। ରାଜ୍ୟ ସରକାର ତୁରନ୍ତ ଜଣେ ସ୍ଥାୟୀ ବିଡ଼ିଓଙ୍କୁ ଗଣିଆ ବ୍ଲକରେ ଦାୟିତ୍ୱ ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ମସ୍ତିଷ୍କାଘାତରେ ଡ୍ରାଇଭରଙ୍କ ମୃତ୍ୟୁ

କଣ୍ଟିଲୋ,୮।୧୧(ସମିସ): ନିକଟସ୍ଥ ପଥରଚକଡା ଗ୍ରାମର ଜନୈକ ଡ୍ରାଇଭର ବସନ୍ତ କୁମାର ନାୟକ(ମଣ୍ଟୁ, ୪୫)ଙ୍କ ମୃତ୍ୟୁ ହୋଇଯାଇଛି। ସେ ଗତ ୧୫ଦିନ ପୂର୍ବେ ଉଚ୍ଚ ରକ୍ତଚାପ ଓ ମସ୍ତିଷ୍କାଘାତ ହେବାରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ଗୁରୁତ୍ୱପୂର୍ଣ୍ଣ ଅଙ୍ଗପ୍ରତ୍ୟଙ୍ଗ ଧୀରେ ଧୀରେ ଅକାମି ହୋଇପଡିବା ଫଳରେ ସେ ଗତକାଲି ମୃତ୍ୟୁବରଣ କରିଥିବା ପରିବାର ସୂତ୍ରରୁ ପ୍ରକାଶ। ଜଣେ କୁଶଳୀ ଡ୍ରାଇଭର ଭାବେ ଜଣାଶୁଣା ହେବା ସହିତ ଅମାୟିକ, ବନ୍ଧୁବତ୍ସଳ ବ୍ୟକ୍ତି ରୂପେ ପରିଚିତ ଥିଲେ। ପରିବାରର ଏକମାତ୍ର ରୋଜଗାରକ୍ଷମ ହୋଇଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସାହାଯ୍ୟ ନିମନ୍ତେ ଦାବି ହୋଇଛି। ତାଙ୍କ ମୃତ୍ୟୁରେ ଡ୍ରାଇଭର ସଂଘ ପକ୍ଷରୁ ତଥା ଗ୍ରାମରେ ଶୋକ ପ୍ରକାଶ ପାଇଛି।

## ନିଶା ଖାଇ ଛାତ୍ରଛାତ୍ରୀଙ୍କୁ ପିଟିଲେ ଶିକ୍ଷକ

**ଗ୍ରାମବାସୀ ଅଟକ ରଖିଲେ; ପୁଲିସ୍ ଉଦ୍ଧାର କଲା**

ଦଶପଲ୍ଲା,୮।୧୧(ସମିସ): ନୟାଗଡ଼ ଜିଲ୍ଲା ଦଶପଲ୍ଲା ଥାନା ଅନ୍ତର୍ଗତ ତେଣ୍ଡାବାଡ଼ି ପଞ୍ଚାୟତ ପଙ୍କୁଆ ସରକାରୀ ପ୍ରାଥମିକ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରାମଚନ୍ଦ୍ର ପ୍ରଧାନ ଆଜି ମାତାଲା ଅବସ୍ଥାରେ ଛାତ୍ରଛାତ୍ରୀଙ୍କୁ ଦୁର୍ବ୍ୟବହାର ସହ ମାରପିଟି କରିଥିଲେ। ବିଦ୍ୟାଳୟ ସମୟରେ ଶିକ୍ଷକଙ୍କ ଏଭଳି କାଣ୍ଡ ଗ୍ରାମବାସୀଙ୍କ କାନରେ ପଡ଼ିଥିଲା। ଶନିବାର ସକାଳୁଆ ସ୍କୁଲ ହୋଇଥିବାରୁ ସ୍କୁଲ ଛୁଟି ପରେ ଅଭିଭାବକଙ୍କୁ ଏନେଇ ଜଣାଇଥିଲେ। ଅଭିଭାବକମାନେ ବିଦ୍ୟାଳୟକୁ ଆସି ଶିକ୍ଷକଙ୍କୁ ମାତାଲ ଅବସ୍ଥାରେ ଦେଖିବାକୁ ପାଇଥିଲେ। ବିଦ୍ୟାଳୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରଧାନଶିକ୍ଷକଙ୍କ ଅଫିସରେ ଭାତ, ମାଂସ ଓ ମଦ ବୋତଲ ଦେଖିବାକୁ ମିଳିଥିଲା। ଯାହାକୁ ନେଇ ଗ୍ରାମବାସୀ କ୍ଷୁବ୍ଧ ହୋଇ ଶିକ୍ଷକଙ୍କୁ ଅଟକ ରଖିଥିଲେ। ଖବରପାଇ ଦଶପଲ୍ଲା ଥାନା ଅଧିକାରୀ ବିନୟ ରଞ୍ଜନ ପରିଡ଼ା ଘଟଣାସ୍ଥଳରେ ପହଞ୍ଚି ଶିକ୍ଷକଙ୍କୁ ଉଦ୍ଧାର କରିଥିଲେ। ଗ୍ରାମବାସୀଙ୍କୁ ବୁଝାଶୁଝା କରି ପରିସ୍ଥିତି ନିୟନ୍ତ୍ରଣକୁ ଆଣିଥିଲେ। ଏନେଇ ବ୍ଲକ ଶିକ୍ଷା ଅଧିକାରୀ ଭକ୍ତିବିନୋଦ ଶଳଙ୍କୁ ପଚାରିବାରେ, ଆଜି ଛୁଟିଦିନ ଥିବାରୁ କୌଣସି ଅଭିଯୋଗ ଆସିନଥିବା କହିଛନ୍ତି। ସୋମବାର ଘଟଣାର ଅନୁଧ୍ୟାନ କରାଯିବ ବୋଲି ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ, ଘଟଣାକୁ ନେଇ ଥାନାରେ ମଧ୍ୟ କୌଣସି ଅଭିଯୋଗ ହୋଇନାହିଁ।

## ରୋଟାରୀ କ୍ଲବର ୩୬ତମ ପ୍ରତିଷ୍ଠା ଦିବସ



ନୟାଗଡ଼,୮।୧୧(ସମିସ): ନୟାଗଡ଼ ରୋଟାରୀ କ୍ଲବ ୩୬ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରତିଷ୍ଠା ଦିବସରେ ରୋଟାରୀ କ୍ଲବ ଅନେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ରରେ ବୃକ୍ଷରୋପଣ, ସମର୍ପଣ ବୃଦ୍ଧାଶ୍ରମରେ ଅନ୍ତେବାସୀଙ୍କୁ ଚାଲିବାରେ ସହାୟକ ବାଡ଼ି ବଣ୍ଟନ ସହିତ "ଥିଲେ ଦିଅ ନଥିଲେ ନିଅ' ଭଳି ଏକ ନିଆରା କାର୍ଯ୍ୟକ୍ରମ ଆରମ୍ଭ କରିଛି। ରୋଟାରୀ କ୍ଲବ ସଭାପତି ବସିରନ ବିବିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ରୋଟାରୀ ଓଡ଼ିଶାର ପ୍ରାନ୍ତପାଳ ମନୋଜ ତ୍ରିପାଠୀ ଯୋଗ ଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବେ ଓଡ଼ିଶା ଇନରହୁଇଲ କ୍ଲବର ଚେୟାରମ୍ୟାନ ମଧୁସ୍ମିତା ତ୍ରିପାଠୀ ଓ ଉପପ୍ରାନ୍ତପାଳ ସନ୍ତୋଷ କୁମାର ଜେନା ଯୋଗ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ ୟୁନିଟେକ ଡିଗ୍ରୀ କଲେଜର ଛାତ୍ରଙ୍କୁ ନେଇ ଏକ ନୂତନ ରୋଟ୍ରାକ୍ଟ କ୍ଲବ ଗଠନ କରାଯାଇଥିଲା। ରୋଟାରୀ କ୍ଲବ ପ୍ରତିଷ୍ଠାତା ସଦସ୍ୟ ସାୱରମଲ ଅଗ୍ରୱାଲ୍ ଓ ଗୋଦାବରୀଶ ସାହୁଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ଦୀପେଶ୍ ରଞ୍ଜନ ସାହୁଙ୍କୁ ୨୦୨୪-୨୫ର ଶ୍ରେଷ୍ଠ ରୋଟାରିଆନ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର, ଭଞ୍ଜନଗର, ଢେଙ୍କାନାଳ, ନିମାପଡ଼ା ଆଦି ବିଭିନ୍ନ ରୋଟାରୀ କ୍ଲବ୍ ସଦସ୍ୟଙ୍କ ସହ ନୟାଗଡ଼ ରୋଟାରୀ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସଭାକାର୍ଯ୍ୟକୁ ପ୍ରଶନ୍ନ କୁମାର ବସନ୍ତିଆ ପରିଚାଳନା କରିଥିବାବେଳେ ସଂପାଦକ ଅବିନାଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ବାଣପୁର,୮।୧୧(ସମିସ): ବାଣପୁର ଥାନା ଅନ୍ତର୍ଗତ ଓଡ଼ଗାଁ ଗ୍ରାମରେ ଶନିବାର ପୋଖରୀରେ ବୁଡ଼ି ଜଣେ ୭୦ ବର୍ଷୀୟ ବୃଦ୍ଧଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ବାଣପୁର ବ୍ଲକ୍ ଦେଓଗାଁ ପଞ୍ଚାୟତ ଅନ୍ତର୍ଗତ ଓଡ଼ଗାଁ ଗ୍ରାମର ଭଜମନ ପରିଡ଼ା। ସୂଚନା ମୁତାବକ, ଓଡ଼ଗାଁର ଭଜମନ ଶନିବାର ପୂର୍ବାହ୍ଣ ୧୦ଟାରେ ଘରୁ ବାହାରି ଗାଁ ମଧ୍ୟରେ ଥିବା ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିବାବେଳେ ପୋଖରୀ ତୁଠରେ ଭଜମନଙ୍କର ବାଙ୍କୁଲି ବାଡ଼ି ଓ ଚପଲ ପଡ଼ିଥିବାର ଦେଖି ସନ୍ଦେହରେ ପରିବାର ଲୋକ, ଗ୍ରାମର କିଛି ଯୁବକଙ୍କ ସହାୟତାରେ ପୋଖରୀରେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ଭଜମନଙ୍କୁ ନ ପାଇବାରୁ ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ। ଖବର ପାଇ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ପୋଖରୀରୁ ଭଜମନଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ନାଚୁଣୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

**ଚାଷୀଙ୍କ ଉପରେ ସରକାରଙ୍କ ଚାବୁକ୍ ମାଡ଼**

# ଲକ୍ଷାଧିକ ଲୋକଙ୍କ କଟିବ ରାସନକାର୍ଡ

ନୟାଗଡ଼,୮।୧୧(ସମିସ)

ରାଜ୍ୟ ସରକାର ରାସନ କାର୍ଡଧାରୀ ଚାଷୀଙ୍କ ଉପରେ ଚାବୁକ ମାଡ଼ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି। ଯେଉଁ ଚାଷୀଙ୍କ ଅଢ଼େଇ ଏକର ଚାଷ ଜମି ରହିଛି କିମ୍ବା ୩୦ କ୍ୱିଣ୍ଟାଲରୁ ଉର୍ଦ୍ଧ୍ୱ ଧାନ ବିକ୍ରି କରୁଛନ୍ତି ସେମାନଙ୍କ ରାସନକାର୍ଡ କାଟିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ନୟାଗଡ଼ ଜିଲ୍ଲାର ବିଭିନ୍ନ ବ୍ଲକ ଏମ୍‌ଆଇଙ୍କ ପାଖକୁ ଲମ୍ବା ତାଲିକା ଆସିଛି। ଏହି ତାଲିକାକୁ ଅନୁଧ୍ୟାନ କରି ରାସନକାର୍ଡରୁ ବାଦ ଦେବାକୁ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ରହିଛି। ଧାନ ବିକ୍ରି ଓ ଚାଷ ଜମିକୁ ବାଦ ଦେଲେ ଆହୁରି ଅନେକ ମାନଦଣ୍ଡ ରଖାଯାଇଛି। ଯାହାକୁ ନେଇ ଚାଷୀ ମହଲରେ ଗଭୀର ଅସନ୍ତୋଷ ସୃଷ୍ଟି ହୋଇଛି। ଜିଲ୍ଲା ଯୋଗାଣ ବିଭାଗ ଏନେଇ କୌଣସି ତଥ୍ୟ ପ୍ରଦାନ କରୁନଥିବା ବେଳେ ନୟାଗଡ଼ ବ୍ଲକର ୧୫ ହଜାର ୭୨୪ ଚାଷୀଙ୍କ ନାମ ଏହି ତାଲିକାରେ ରହିଛି। ଏହା ସହିତ ଓଡ଼ଗାଁ ବ୍ଲକର ୧୮ ହଜାରରୁ ଉର୍ଦ୍ଧ୍ୱ, ଗଣିଆ ବ୍ଲକର ୪ ହଜାରରୁ ଉର୍ଦ୍ଧ୍ୱ ଚାଷୀ ତାଲିକାଭୁକ୍ତ ହୋଇଥିବା ସୂଚନା ମିଳିଛି। ଖଣ୍ଡପଡ଼ା ବ୍ଲକର ୧୨ ହଜାର ୨୮୫ ଜଣ

### ଧାନ ବିକୁଥିବା ଚାଷୀ ଓ ପିଏମ୍ କିଷାନ ପାଉଥିଲେ କଟିବ କାର୍ଡ

ଚାଷୀଙ୍କ ତାଲିକା ପ୍ରସ୍ତୁତ ହୋଇଛି। ନୟାଗଡ଼ ଜିଲ୍ଲାର ୮ଟି ବ୍ଲକରୁ ଲକ୍ଷାଧିକ ଚାଷୀଙ୍କ ନାମ ରାସନ କାର୍ଡରୁ ବାଦ ଦେବାକୁ ଚିଠା ପ୍ରସ୍ତୁତ ହୋଇଥିବା ସୂଚନା ମିଳିଛି। ପିଏମ୍ କିଷାନ ପାଉଥିବା ଚାଷୀ ମଧ୍ୟ ବାଦ ପ?ିବେ ବୋଲି ସୂଚନା ମିଳିଛି। ନୟାଗଡ଼ ଜିଲ୍ଲାରେ ଚାଷୀଙ୍କ ପାଇଁ ଧାନଚାଷ ଏକମାତ୍ର ବିକଳ୍ପ ହୋଇଥିବା ବେଳେ ସରକାର ଏହାକୁ ନେଇ ଚାଷୀଙ୍କ ଭାତ ଥାଳିରେ ଗୋଇଠା ମାରିବା ନୀତି ଆପଣାଇବା ବଡ଼ ବିଷମ ସ୍ଥିତି ସୃଷ୍ଟି କରିଛି। ନୟାଗଡ଼ ଜିଲ୍ଲାରେ ଲକ୍ଷାଧିକ ଚାଷୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ନାମରେ ଚାଷ ଜମିରେ ରହିଛି। ଚାଷ କରି ବର୍ଷକ ପାଇଁ ଖାଦ୍ୟ ମହଜୁଦ ରଖିବା ସହ ବଳକା ଶସ୍ୟକୁ ସେମାନେ ମଣ୍ଡିରେ ବିକ୍ରି କରିଥାନ୍ତି। ମଣ୍ଡିରେ ଧାନ ବିକୁଥିବା ଚାଷୀଙ୍କୁ ଟାର୍ଗେଟ କରିବା ସରକାରଙ୍କ ବ୍ୟବସ୍ଥା ପ୍ରତି ସାଧାରଣରେ ପ୍ରଶ୍ନ ଉଠିଛି। ସରକାରଙ୍କ ପକ୍ଷରୁ ପ୍ରସ୍ତୁତ ତାଲିକା ଅନୁସାରେ, ୬ ମାସରୁ ଉର୍ଦ୍ଧ୍ୱ ସମୟ ଚାଉଳ ଉଠାଇ ନଥିବା ହିତାଧିକାରୀଙ୍କୁ ମଧ୍ୟ ରାସନ କାର୍ଡରୁ ବାଦ ଦେବାକୁ ତାଲିକା ଅନ୍ତର୍ଭୁକ୍ତ କରାଯାଇଛି। ଖାଦ୍ୟ ସୁରକ୍ଷା ଯୋଜନା ଜରିଆରେ ପୂର୍ବ ସରକାର ଲୋକଙ୍କ ଆସ୍ଥା ଭାଜନ ହୋଇଥିବା ବେଳେ ଚାଷୀଙ୍କ ରାସନ କାର୍ଡ କାଟିବା ପାଇଁ ପ୍ରସ୍ତୁତି କରିଥିବା ସରକାରଙ୍କୁ ଚାଷୀ ଉଚିତ୍ ଜବାବ ଦେବେ ବୋଲି ମତ ପ୍ରକାଶ ପାଇଛି। ନୟାଗଡ଼ଜିଲ୍ଲାରେ ପ୍ରତ୍ୟେକ ବର୍ଷ ୫୦ ହଜାରରୁ ଉର୍ଦ୍ଧ୍ୱ ଚାଷୀ ଧାନ ପଞ୍ଜୀକରଣ କରି ଧାନ ବିକ୍ରି କରୁଛନ୍ତି। କିଛି ଚାଷୀଙ୍କୁ ବାଦ ଦେଲେ ପ୍ରାୟ ଅଧିକାଂଶ ଚାଷୀ ୩୦ କ୍ୱିଣ୍ଟାଲରୁ ଉର୍ଦ୍ଧ୍ୱଧାନ ମଣ୍ଡିରେ ବିକ୍ରି କରୁଛନ୍ତି। ଏହି ଚାଷୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ନାମ ଯୋଗାଣ ବିଭାଗ ପାଖରେ ରହିଥିବା ଚିଠାରେ ରହିଛି। ପ୍ରତ୍ୟେକ ବ୍ଲକ ଯୋଗାଣ ଅଧିକାରୀ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଜରିଆରେ ଏହାର ଅନୁଧ୍ୟାନ କରି ରାସନ କାର୍ଡ ହିତାଧିକାରୀଙ୍କ ନାଁକୁ ବାଦ ଦେବାକୁ ଯୋଜନା ଚାଲିଛି। ରାସନ ହିତାଧିକାରୀମାନେ ସରକାରଙ୍କ ଆୟୁଷ୍ମାନ ଯୋଜନାରେ ମଧ୍ୟ ରହିଛନ୍ତି। ସେହି ଅନୁସାରେ, ରାସନ କାର୍ଡରୁ ନାଁ ବାଦ ପଡ଼ିଲେ ଆୟୁଷ୍ମାନ ଯୋଜନାରୁ ମଧ୍ୟ ନାଁ ବାଦ ପଡ଼ିବ ବୋଲି ଜଣାପଡ଼ିଛି।

### ଦଲାଲଙ୍କୁ ଧାନ ବିକିବେ ଚାଷୀ

ନୟାଗଡ: ରାଜ୍ୟ ସରକାରଙ୍କ ଏଭଳି ନିୟମ ଦ୍ୱାରା ଚାଷୀ ଆଉ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ସାହାସ ଜୁଟାଇ ପାରିବେନାହିଁ। ଦଲାଲ ଜରିଆରେ ନିଜ ଧାନକୁ ସ୍ୱଳ୍ପ ମୂଲ୍ୟରେ ବିକ୍ରି କରିବାକୁ ବାଧ ହେବେ। ଚାଷୀ ପରିବାର ପାଇଁ ରାସନ କାର୍ଡ ଅତ୍ୟନ୍ତ ଜରୁରୀ ହୋଇଥିବା ବେଳେ ସରକାର ଲଗାଇଥିବା ଅଙ୍କୁଷ ଚାଷୀଙ୍କୁ ମଣ୍ଡିରେ ଧାନ ବିକ୍ରି ଉପରେ ରୋକ ଲଗାଇବାକୁ ଏକ ଷଡ଼ଯନ୍ତ୍ର ବୋଲି ଆଲୋଚନା ହେଉଛି। ରାଜ୍ୟ ସରକାର ଏମ୍‌ଏସପି ବୃଦ୍ଧି କରି ଚାଷୀଙ୍କୁ କଷ୍ଟ ଅର୍ଜିତ ଫସଲକୁ ଉଚିତ ମୁଲ୍ୟ ଦେଉଥିଲେ। ଏଭଳି ପ୍ରତିବନ୍ଧକ ଲଗାଇବା ଦ୍ୱାରା ଚାଷୀ ବାଧ ହୋଇ ବେସରକାରୀ ଭାବେ ଦଲାଲଙ୍କୁ ଧାନ ବିକ୍ରି କରିବେ ବୋଲି ଆଲୋଚନା ହେଉଛି।

# ବିଡିଓଙ୍କ ନକଲି ଦସ୍ତଖତରେ ସୂଚନା ଅଧିକାର ତଥ୍ୟ ପ୍ରଦାନ

## ଧରାକୋଟ ସବ୍-ରେଜିଷ୍ଟ୍ରାରଙ୍କ ଚିଠିରେ କୁକୁଡ଼ାଖଣ୍ଡି ବିଡିଓଙ୍କ ଦସ୍ତଖତ

## ତଦନ୍ତ ପରେ ନିଆଯିବ କାର୍ଯ୍ୟାନୁଷ୍ଠାନ: ବିଡିଓ

କୁକୁଡ଼ାଖଣ୍ଡି,୮ ।୧୧(ସମିସ): କୁକୁଡ଼ାଖଣ୍ଡି ବ୍ଲକ କାର୍ଯ୍ୟାଳୟରେ ଏକ ଚକିତ କଲା ଭଳି ଘଟଣା ନଜରକୁ ଆସିଛି । ବିଡିଓଙ୍କ ଦସ୍ତଖତର ନକଲ କରି ଆବେଦନକାରୀଙ୍କୁ ସୂଚନା ଅଧିକାରରେ ତଥ୍ୟ ଦିଆଯାଇଥିବା ହସ୍ତଗତ ହୋଇଥିବା ଚିଠିରୁ ସ୍ପଷ୍ଟ ହୋଇଛି । ସୂଚନା ଅଧିକାର ଭଳି ଗୁରୁତ୍ୱପୂର୍ଣ୍ଣ ତଥ୍ୟକୁ ବ୍ଲକ କର୍ମଚାରୀ ହେୟ ଜ୍ଞାନ କରୁଥିବା ଏଥିରୁ ସ୍ପଷ୍ଟ ପ୍ରମାଣିତ ହୋଇଛି । ହସ୍ତଗତ ହୋଇଥିବା ଚିଠିଟି ଧରାକୋଟ ଉପ ନିବନ୍ଧକଙ୍କ କାର୍ଯ୍ୟାଳୟର ହୋଇଥିବା ବେଳେ ଏଥିରେ କୁକୁଡ଼ାଖଣ୍ଡି ବିଡିଓଙ୍କ ଦସ୍ତଖତ ଥିବାରୁ ଚିଠିକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା । ଫଳରେ ଚିଠିଟି ଧରାକୋଟ ଉପ ନିବନ୍ଧକଙ୍କ କାର୍ଯ୍ୟାଳୟର ଅଥବା କୁକୁଡାଖଣ୍ଡି ବିଡିଓଙ୍କ କାର୍ଯ୍ୟାଳୟର ତାକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଥିଲା । ଏପରିକି ଧରାକୋଟ ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟର ନକଲି କାଗଜପତ୍ର କୁକୁଡ଼ାଖଣ୍ଡି କାର୍ଯ୍ୟାଳୟରେ ପ୍ରସ୍ତୁତ ହେଲାଭଳି ମନେ ହେଉଛି । ଅଥବା ଧରାକୋଟ ବ୍ଲକ କାର୍ଯ୍ୟାଳୟଟି କୁକୁଡ଼ାଖଣ୍ଡି ବ୍ଲକ ଅଧିନରେ ଥିବା ଭଳି ଜ୍ଞାତ ହେଉଛି ।



ସୂଚନା ଅଧିକାର ଆଇନ ବଳରେ ଜଣେ ଆବେଦନକାରୀଙ୍କୁ ତଥ୍ୟ ପ୍ରଦାନରେ ତଥ୍ୟ ଲୁଚାଇବାକୁ ଯାଇ ଏଭଳି ଜାଲିଆତି କରାଯାଇଥିବା ଜଣାପଡିଛି । ଏନେଇ କୁକୁଡ଼ାଖଣ୍ଡି ବିଡିଓ ପଲ୍ଲବୀ ସ୍ୱାଇଁଙ୍କ ସହ ଯୋଗାଯୋଗ କରାଯିବାରେ ସେ ଘଟଣା ସମ୍ପର୍କରେ ଅବଗତ ନଥିବା କହିଥିଲେ । ପରେ ଚିଠିକୁ ଦେଖିବା ପରେ ନିଜେ ଆଶ୍ଚର୍ଯ୍ୟ ହୋଇଥିଲେ । ଏବଂ ସେ ଗତ ୩ ଓ ୪ତାରିଖରେ ସ୍ୱତନ୍ତ୍ର ତାଲିମ ପାଇଁ ଦିଲ୍ଲୀ ଗସ୍ତ କରିଥିଲେ । ଗସ୍ତ ପୂର୍ବରୁ ସେ ଏହି ନିର୍ଦ୍ଦିଷ୍ଟ ସୂଚନା ଅଧିକାର ତଥ୍ୟର ଉତ୍ତରରେ ସ୍ୱାକ୍ଷର କରିଥିଲେ ହେଁ କିରାଣିଙ୍କ ସ୍ତରରେ କିଛି ଏପଟ ସେପଟ ହୋଇଥିବା ସେ ଆଶଙ୍କା କରିଛନ୍ତି । ତେବେ ତଥ୍ୟ ପ୍ରଦାନ ପାଇଁ ନଭେମ୍ବର ୧୫ତାରିଖ ପର୍ଯ୍ୟନ୍ତ ସମୟ ଥିବାରୁ ଆବେଦନକାରୀଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଆବଶ୍ୟକ ତଥା ସଠିକ୍ ସୂଚନା ପ୍ରଦାନ କରାଯିବ ବୋଲି ବିଡିଓ କହିଛନ୍ତି । ସୋମବାର କାର୍ଯ୍ୟାଳୟକୁ ଯାଇ ଚିଠି ସମ୍ପର୍କିତ ତଦନ୍ତ ପରେ ସଠିକ ତଥ୍ୟ ମିଳିବ । ଯଦି କାହାରି କିଛି ମନ୍ଦ ଉଦ୍ଦେଶ୍ୟ ରହିଥିବା ଜଣାପଡେ ତେବେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ ସେ କହିଛନ୍ତି ।

## ପୁଅ-ବୋହୂଙ୍କ ମାଡ଼ରେ ମା’ ଗୁରୁତର



ଆସିକା,୮ ।୧୧(ସମିସ): ସ୍ତ୍ରୀ ସହ ମିଶି ମା’କୁ ମାଡ଼ ମାରି ମୁଣ୍ଡ ଫଟାଇଛି ଜନ୍ମକଲା ପୁଅ । ଘଟଣା ଘଟିଛି ଆସିକା ଥାନା କରାତଳୀ ଗ୍ରାମରେ । ଗତ ଶୁକ୍ରବାର ଥାନାରେ ଅଭିଯୋଗ ପରେ ପୁଲିସ ଗାଁରେ ପହଞ୍ଚି ଆହତ ବୃଦ୍ଧାଙ୍କୁ ଉଦ୍ଧାର କରି ଆସିକା ମେଡିକାଲରେ ଭର୍ତ୍ତି କରିଥିଲେ । କରାତଳି ଗ୍ରାମର ରମା ଛଟେଇ (୬୫) ତାଙ୍କ ବୋହୂ ଶର୍ମିଷ୍ଠା ଛଟେଇ ଓ ତାଙ୍କ ପୁଅ ରାଜୀବ ଛଟେଇଙ୍କ ସହ ରହୁଛନ୍ତି । ରାତି ପାହିଲେ ସବୁଦିନେ ସାମାନ୍ୟ କଥାକୁ ନେଇ ରମାଙ୍କ ସହ ପୁଅ ବୋହୂ କଳହ କରୁଥିଲେ । ଏପରିକି ମା’ ରମାଙ୍କୁ ଉଭୟ ମାଡ଼ ମାରିବା ସହ ଧମକ ଚମକ ଦେଇ ଆସୁଥିଲେ । ହେଲେ ଶୁକ୍ରବାର ସାମାନ୍ୟ କଥାକୁ କେନ୍ଦ୍ରକରି ମା’ ରମାଙ୍କ ମୁଣ୍ଡକୁ ମାଡ଼ ମାରିବା ସହ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ ବୋଲି ରମା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

## ଓକିଲଙ୍କୁ ଆକ୍ରମଣ ଘଟଣାରେ ଜଣେ ଗିରଫ

ବୁଗୁଡା,୮ ।୧୧(ସମିସ): ବୁଗୁଡ଼ା ଥାନା ଅନ୍ତର୍ଗତ କୈଳାଶନଗର ଗ୍ରାମର ଓକିଲ ସୀମାଞ୍ଚଳ ନନ୍ଦଙ୍କୁ ଆକ୍ରମଣ ଘଟଣାରେ ସେହି ଗ୍ରାମର କାଳୀ ଚରଣ ନନ୍ଦଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିବାବେଳେ ଆଉ ଜଣେ ଅଭିଯୁକ୍ତ ବିଭୂତି ଭୂଷଣ ନନ୍ଦ ଫେରାର ଥିବା ଜଣାପଡିଛି । ଶୁକ୍ରବାର ସକାଳେ ସୀମାଞ୍ଚଳଙ୍କୁ ପୂର୍ବରୁ ରାଗ ରଖିଥିବା କାଳୀଚରଣ ଓ ତା’ର ଭାଇ ବିଭୁତି ମିଶି ଆକ୍ରମଣ କରିଥିଲେ । ଏହି ସମୟରେ ଆକ୍ରମଣ ପ୍ରତିଆକ୍ରମଣ ଯୋଗୁ କାଳୀଚରଣଙ୍କ ମୁଣ୍ଡରେ ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା ଏବଂ କଟୁରୀ ମାଡ଼ରେ ସୀମାଞ୍ଚଳଙ୍କ ବାମ ହାତ ପାପୁଲିରେ ଆଘାତ ଲାଗିଥିଲା । ଉଭୟେ ବୁଗୁଡା ମେଡ଼ିକାଲରେ ଚିକିତ୍ସିତ ହୋଇଥିଲେ । ଏନେଇ ପ୍ରଥମେ ଓକିଲ ସୀମାଞ୍ଚଳଙ୍କ ଅଭିଯୋଗ କ୍ରମେ ପୁଲିସ ଏକ ମାମଲା ଏବଂ ପରେ କାଳିଚରଣଙ୍କ ପାଲଟା ଅଭିଯୋଗ ପ୍ରକାରେ ଅନ୍ୟ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା । ଏଥିସହ ଆକ୍ରମଣରେ ବ୍ୟବହୃତ ରକ୍ତଭିଜା କାଠ ଫାଳିଆ ଜବତ କରିଥିବା ଜଣାଯାଇଛି ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ; ୨ ଗିରଫ

ବୁଗୁଡା,୮ ।୧୧(ସମିସ): ବୁଗୁଡ଼ା ଥାନା ଅନ୍ତର୍ଗତ ଗୌଡ଼ିଆବୋରଦା ଗ୍ରାମର ଯୁବକ ନାରାୟଣ ନାଇକ(୩୬)ଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ସେହି ଗ୍ରାମର ଶିବ ନାଇକ ଓ ଶଙ୍କର ନାଇକକୁ ପୁଲିସ ଗିରଫ କରିଛି । ଗତ ୫ ତାରିଖ ରାତିରେ ଶିବ ନାଇକ, ଶଙ୍କର ନାଇକ, ଅଭି ନାଇକ ଓ ଗରିବ ନାଇକ ମିଳିମିଶି ନାରାୟଣଙ୍କ ଘରକୁ ଜୋର୍‌ଜବରଦସ୍ତ ପ୍ରବେଶ କରି ଗାଳିଗୁଲଜ କରିବା ସହ କାତି ଓ ଲାଠିରେ ମରଣାନ୍ତକ ଆକ୍ରମଣ କରିଥିଲେ । ଫଳରେ ନାରାୟଣ ଗୁରୁତର ହୋଇଥିଲେ । ନାରାୟଣଙ୍କ ସ୍ତ୍ରୀ ସେଠାରେ ପହଞ୍ଚି ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ । ଏନେଇ ନାରାୟଣଙ୍କ ଅଭିଯୋଗ କ୍ରମେ ବାଲିପଦର ଫାଣ୍ଡି ଅଧିକାରୀ କେ. ନୀଳାଦ୍ରି ରେଡି ଘଟଣାର ତଦନ୍ତ କରି ଅଭିଯୁକ୍ତ ଶିବ ଓ ଶଙ୍କରକୁ ଗିରଫ କରିଥିଲେ ।

## ପଞ୍ଚାୟତିରାଜ ସଚିବଙ୍କ ତିନିଦିନିଆ ଗଞ୍ଜାମ ଗସ୍ତ




ଛତ୍ରପୁର,୮ ।୧୧(ସମିସ): ଓଡିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର କମିଶନ ତଥା ସଚିବ ଏବଂ ଗଂଜାମ ଜିଲ୍ଲା ସେକେଟ୍ରାରୀ ଦାୟିତ୍ୱରେ ଥିବା ବରିଷ୍ଠ ଆଇଏଏସ ଅଧିକାରୀ ଗିରୀଶ ଏସ.ଏନ ଗଞ୍ଜାମ ଜିଲ୍ଲାକୁ ତିନିଦିନିଆ ଗସ୍ତରେ ଆସିଛନ୍ତି ।

ଶନିବାର ପ୍ରଥମ ଦିନରେ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିବା ସହିତ ତାହାର ସମୀକ୍ଷା କରିଛନ୍ତି । ସେ ଖଲିକୋଟ ଓ ଗଂଜାମ ବ୍ଲକର ବିଭିନ୍ନ ଅଞ୍ଚଳରେ ଚାଲିଥିବା ପ୍ରକଳ୍ପ କାର୍ଯ୍ୟର ଅନୁଧ୍ୟାନ କରିବା ସହିତ ବିଭାଗୀୟ ଅଧିକାରୀ ମାନଙ୍କ ସହ ଆଲୋଚନା କରିଛନ୍ତି । ପରେ ସନ୍ଧ୍ୟାରେ ଛତ୍ରପୁର ସ୍ଥିତ ଜିଲ୍ଲାପରିଷଦ ଭାବନର ରଷିକୂଲ୍ୟା ସମ୍ମିଳନୀ କକ୍ଷରେ ଜିଲ୍ଲାୱାରୀ ସମୀକ୍ଷା କରିଛନ୍ତି । ସ୍ୱାସ୍ଥ୍ୟ, ସ୍ୱଚ୍ଛଭାରତ ମିଶନ, ଗୃହ ଓ ନଗର ଉନ୍ନୟନ, ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ଠାରୁ ଆରମ୍ଭ ସମସ୍ତ ବିଭାଗର ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର କମିଶନ ତଥା ସଚିବ ଆଲୋଚନା କରିଛନ୍ତି । ଜିଲ୍ଲାରେ ଚାଲିଥିବା ପ୍ରକଳ୍ପ କାର୍ଯ୍ୟ ଗୁଡିକର ଅଗ୍ରଗତି ଏବଂ ନିର୍ଦ୍ଧାରିତ ସମୟ ସୀମ ମଧ୍ୟରେ ବିଭିନ୍ନ କାର୍ଯ୍ୟ ଗୁଡିକ କିପର ଶେଷ ହେବ ସେ ସମ୍ପର୍କରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ ।

ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଗୁଡିକର କାର୍ଯ୍ୟକାରିତା ବିଷୟରେ ବିଭାଗୀୟ ଅଧିକାରୀ ମାନଙ୍କ ସହ ସେ ପଚାରି ବୁଝିଥିଲେ । ଜିଲ୍ଲାରେ କ’ଣ କ’ଣ ସମସ୍ୟା ରହିଛି ତାହାର ବି ସେ ଅନୁଧ୍ୟାନ କରିଥିଲେ । ଆସିକା, ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟରେ ନିଶ୍ଚେତକ ଡାକ୍ତର ଅଭାବ ଥିବା ଯୋଗୁ ବିଭିନ୍ନ ଅପରେସନ ହୋଇପାରୁନାହିଁ, ହିଂଜିଳିକାଟୁ ଏସ୍‌ଡିଏଚ୍‌ରେ ଆହୁରି ଅଧିକ ବେଡର ଆବଶ୍ୟକତା ରହିଛି ।

ସିଟି ମେଡିକାଲରେ ଦାନ୍ତ ସର୍ଜନ ଆବଶ୍ୟକତା ରହିଥିବାରୁ ଏହାର ଉପରେ ଦୃଷ୍ଟି ଦେବାକୁ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ମାନେ କମିଶନ ତଥା ସଚିବଙ୍କୁ କହିଥିଲେ । ସହରାଞ୍ଚଳରେ ପାନୀୟ ଜଳ ବ୍ୟବସ୍ଥା କିପରି ରହିଛି ସେ ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା । ବୈଠକରେ ଗଂଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ, ଅତିରିକ୍ତ ଜିଲ୍ଲାପାଳ ଡଃ ପ୍ରମୋଦ କୁମାର ପୃଷ୍ଟି, ଦେବଦତ୍ତ ପଣ୍ଡା ଓ ସୁନିଲ କୁମାର କେର୍କେଟା, ବିଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା ଓ ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

## ୧୬ରୁ ସାଂସଦ ଖେଳ ମହୋତ୍ସବ



ଛତ୍ରପୁର,୮ ।୧୧(ସମିସ): ଗଂଜାମ ଜିଲ୍ଲାରେ ସାଂସଦ ଖେଳ ମହୋତ୍ସବ ଆସନ୍ତା ୧୬ ତାରିଖ ଠାରୁ ୩୦ ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ଲକ ଅଞ୍ଚଳରେ ଆୟୋଜିତ ହେବ । ଏଥି ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଜୁନିୟର ବର୍ଗ(୧୨ ଠାରୁ ୧୬ ବୟସ) ଓ ସିନିୟର (୧୭ଠାରୁ ୨୪ ବୟସ) ବର୍ଗରେ ଯୁବକ /ଯୁବତୀ ମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ । ଏଥି ନିମନ୍ତେ ସମସ୍ତ ବ୍ଲକ ସ୍ତରରେ ସେମାନେ ଆସନ୍ତା ୧୦ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ନିଜ ନିଜ ଆବଶ୍ୟକପତ୍ର ଦେଇ ନାମ ପଞ୍ଜୀକରଣ କରିପାରିବେ ।

ଏଥି ସକାଶେ ବ୍ଲକରେ ହେଲ୍ପଡେସ୍କ ମଧ୍ୟ ଖୋଲାଯାଇଛି । ଏନେଇ ଶନିବାର ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ଡଃ ପ୍ରମୋଦ କୁମାର ପୃଷ୍ଟି ସାମ୍ବାଦିକ ସମ୍ମିଳନୀ ଯୋଗେ ସୂଚନା ଦେଇଛନ୍ତି । ଯେଉଁ ମାନେ ବ୍ଲକ ସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିବେ, ସେମାନଙ୍କୁ ଜିଲ୍ଲାସ୍ତର ନିମନ୍ତେ ଚିହ୍ନଟ କରାଯିବ । ଏହା ସହିତ କିଏ କେଉଁ ଖେଳରେ ଅଂଶ ଗ୍ରହଣ କରିବେ ପଞ୍ଜିକୃତ ପ୍ରତିଯୋଗୀମାନଙ୍କୁ ଏସଏମଏସ ଦ୍ୱାରା ମଧ୍ୟ ସୂଚନା ଦିଆଯିବ ।

ଜିଲ୍ଲାରେ ବ୍ରହ୍ମପୁର ସଂସଦୀୟ ମଣ୍ଡଳୀ, ଆସିକା ସଂସଦୀୟ ମଣ୍ଡଳୀ ଏବଂ କନ୍ଧମାଳ ସଂସଦୀୟ ମଣ୍ଡଳୀର ଭଞ୍ଜନଗର ବିଧାନସଭା ମଣ୍ଡଳି ରହିଛି । ଜିଲ୍ଲାସ୍ତରରେ ହେବାକୁ ଥିବା କାର୍ଯ୍ୟକ୍ରମ ନିମନ୍ତେ ତାରିଖ ଧାର୍ଯ୍ୟ ହୋଇ ନଥିବା ବେଳେ ଏହା ଛତ୍ରପୁର ଏବଂ ବ୍ରହ୍ମପୁର ଠାରେ ଅନୁଷ୍ଠିତ ହେବ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପୃଷ୍ଟି କହିଛନ୍ତି । ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ସୁନିଲ କୁମାର କେର୍କେଟା ଓ ଜିଲ୍ଲା କ୍ରିଡା ଅଧିକାରୀ ସନ୍ତୋଷ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ‘ବନ୍ଦେ ମାତରମ୍’ର ୧୫୦ ବର୍ଷ ପୂର୍ତ୍ତି ପାଳନ



କବିସୂର୍ଯ୍ୟନଗର,୮ ।୧୦(ସମିସ): କବିସୂର୍ଯ୍ୟନଗର ପୌରପରିଷଦରେ ଶୁକ୍ରବାର ଭାରପ୍ରାପ୍ତ ଅଧକ୍ଷ ବିକ୍ରାନ୍ତ କୁମାର ସାହୁଙ୍କ ଅଧକ୍ଷତାରେ ରାଷ୍ଟ୍ରୀୟସଙ୍ଗୀତ "ବନ୍ଦେ ମାତରମ୍’ର ୧୫୦ ବର୍ଷ ପୂର୍ତ୍ତି ପାଳନର ସିଧାପ୍ରସାରଣ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସ୍ୱଦେଶୀ ହେବା ସହ ଭାରତୀୟ ବସ୍ତୁକୁ ପ୍ରାଥମିକତା ଦେବା, କୃଷକ ଓ ଶିଳ୍ପୀମାନଙ୍କୁ ସହାୟତା କରି ସ୍ଥାନୀୟ ଜିନିଷକୁ ବଢ଼ାଇବା, ନିଜ ପରିବାର ଓ ସାମାଜିକ ଜୀବନରେ ଭାରତୀୟ ଭାଷାର ବ୍ୟବହାର, ସ୍ୱଚ୍ଛତା ଏବଂ ପର୍ଯ୍ୟଟନସ୍ଥଳୀର ପ୍ରାଥମିକତା ଦେବା ପାଇଁ ଉଦବୋଧନ ଦେବା ସହ ଶପଥ ପାଠ କରାଯାଇଥିଲା । କାର୍ଯ୍ୟକ୍ରମରେ ପୌରପରିଷଦ ର ସମସ୍ତ କାଉନସିଲର, କାର୍ଯ୍ୟନିର୍ବାହୀ ଅଧିକାରୀ, ସମସ୍ତ କାର୍ଯ୍ୟକର୍ତ୍ତା, ସମସ୍ତ ସାମ୍ବାଦିକ ଏବଂ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

## ପୋଲସରା ଏନ୍‌ଏସିରେ ‘ବନ୍ଦେ ମାତରମ୍’ କାର୍ଯ୍ୟକ୍ରମ



ପୋଲସରା,୮ ।୧୧(ସମିସ): ଶୁକ୍ରବାର ପୋଲସରା ଏନ୍‌ଏସି ବୈଠକ ଗୃହରେ କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଜେନା ଓ ଅଧ୍ୟକ୍ଷା ସଂଗୀତା ବେହେରାଙ୍କ ମିଳିତ ତତ୍ତ୍ୱାବଧାନରେ ରାଷ୍ଟ୍ରୀୟ ଗୀତ "ବନ୍ଦେ ମାତରମ୍’ର ୧୫୦ ବର୍ଷ ପୂର୍ତ୍ତି ଦିବସ ପାଳନ କରାଯାଇଛି । ଏହି କ୍ରମରେ ସମସ୍ତ ବିଭାଗୀୟ ଅଧିକାରୀ, କାଉନସିଲର ଓ ସ୍ୱଚ୍ଛସାଥି କର୍ମକର୍ତ୍ତା ଉପସ୍ଥିତ ରହି ‘ବନ୍ଦେ ମାତରମ୍’ ଗାନ କରିଥିଲେ । କାର୍ଯ୍ୟକ୍ରମରେ ପୂର୍ବତନ ଅଧ୍ୟକ୍ଷ ପ୍ରଫୁଲ୍ଲ ପ୍ରଧାନ, କାଉନସିଲର ଯଜ୍ଞ ନାରାୟଣ ସାହୁ, ନାରାୟଣ ସାହୁ, ବରିଷ୍ଠ କିରାଣୀ ପ୍ରଦୀପ କୁମାର ସାହୁ, ଅମିନ ଭଗବାନ ପ୍ରଧାନ, ଗୋଷ୍ଠୀ ସଂଗଠିକା ଅନିତା ଅନଶୁମାଳୀ ସାହୁ, ସାନିଟାରୀ ଏକ୍ସପର୍ଟ ତେଜେଶ୍ୱିନୀ ନାୟକ, ସୁପରଭାଇଜର୍ ଅପର୍ଣ୍ଣା ଆଚାରୀ, ସ୍ୱଚ୍ଛସାଥୀ ବବିତା ବେହେରା, ରୁନୁ ସାହୁ, ଗୀତାଞ୍ଜଳି ସାହୁ, ଗୀତାଞ୍ଜଳି ପ୍ରଧାନ, ରଶ୍ମିତା ରାଉତ ପ୍ରମିଳା ପତି, ମିନତୀ ଜେନା, ନମିତା ଦାସ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

## ୨ କୋଟି ୨୫ ଲକ୍ଷର ଗଞ୍ଜେଇ ଜବତ

ଏମ୍‌ଭି-୭୯/କାଳିମେଳା,୮ ।୧୧ (ସମିସ): ମାଲକାନଗିରି ଜିଲ୍ଲାରେ ଗଞ୍ଜେଇ ଚୋରା ଚାଲାଣକାରୀଙ୍କ ଉପରେ ରୋକ ଲଗାଇବା ପାଇଁ ଜିଲ୍ଲା ପୁଲିସ ବିଶେଷ ଦୃଷ୍ଟି ଦେଇ ପଦକ୍ଷେପ ନେଉଥିବା ବେଳେ ଆଜି ପୁଣି ପୁଲିସ ଦ୍ୱାରା ୨କୋଟି ୨୫ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ କରାଯାଇଛି । ବାହାରରାଜ୍ୟକୁ ଚୋରା ଚାଲାଣ ପାଇଁ ଘଞ୍ଚ ଜଙ୍ଗଲରେ ଏହି ଗଞ୍ଜେଇ ଗଚ୍ଛିତ ଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇ ଏହାକୁ ଜବତ କରିଛି ପୁଲିସ । ତଥ୍ୟ ଅନୁଯାୟୀ ମାଲକାନଗିରି ଜିଲ୍ଲା ଏମ୍‌ଭି ୭୯ ଥାନାସ୍ଥ ତେଲରାଇ ପଞ୍ଚାୟତର ଯାକଲଗୁଣ୍ଡି ଜଙ୍ଗଲରେ ବିପୁଳ ଗଞ୍ଜେଇ ଲୁଚାଇ ରଖାଯାଇଥିବାବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଏମ୍‌ଭି୭୯ ଥାନା ପୁଲିସ ସେଠାରେ ଚଡ଼ଉ କରିଥିଲେ । ପୁଲିସ ଟିମ୍ ଜଙ୍ଗଲର ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ଘଞ୍ଚ ଜଙ୍ଗଲ ମଧ୍ୟରେ କିଛି ପ୍ଲାଷ୍ଟିକ ବସ୍ତାରେ ଗଞ୍ଜେଇ ଥିବାର ଦେଖି ତାହାକୁ ଜବତ କରିଥିଲେ । ଏହି ଗଞ୍ଜେଇଗୁଡିକୁ ଓଜନ କରିବାରୁ ତାହା ୪ କୁଇଣ୍ଟାଲ ୫୦କେଜି ହୋଇଥିଲା । ଯାହାର ମୂଲ୍ୟ ପ୍ରାୟ ୨ କୋଟି ୨୫ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି । ଏସମ୍ପର୍କରେ ଏମ୍‌ଭି ୭୯ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି ।

ପ୍ରାଥମିକ ତଦନ୍ତରୁ ମାଲକାନଗିରି ଜିଲ୍ଲା କୋରକୁଣ୍ଡା ଅଞ୍ଚଳର ରାଜଦୀପ ରାୟ ଓ ଅନ୍ୟକିଛି ବ୍ୟକ୍ତି ଏହି ଗଞ୍ଜେଇଗୁଡ଼ିକୁ ବାହାର ରାଜ୍ୟକୁ ଚାଲାଣ ପାଇଁ ଜଙ୍ଗଲରେ ଲୁଚାଇ ରଖିଥିଲେ ବୋଲି ସୂଚନା ମିଳିଛି । ପୁଲିସକୁ ଦେଖି ସେ ଜଙ୍ଗଲରୁ ଲୁଚିପଳାଇ ଥବାର ଜଣାପଡିଛି । ପୁଲିସ ପକ୍ଷରୁ ଏସମ୍ପର୍କରେ ତଦନ୍ତ ଜାରି ରହିଛି ବୋଲି ଅତିରିକ୍ତ ଏସ୍‌ପି ରଶ୍ମି ରଞ୍ଜନ ସେନାପତି ଏକ ପ୍ରେସ ନୋଟ ମାଧ୍ୟମରେ ସୂଚନା ଦେଇଛନ୍ତି ।

## ବୈପାରୀଗୁଡ଼ାକୁ ଛୁଇଁଲା ପହିଲି ଶୀତ



ବୈପାରିଗୁଡ଼ା,୮ ।୧୧(ସମିସ): ମୌସୁମୀ ବିଦାୟ ନେବା ପରେ ବୈପାରୀଗୁଡ଼ାକୁ ଛୁଇଁଛି ଶୀତର ପହଲି ସ୍ପର୍ଶ । ବଣପାହାଡ଼ ଘେରା ଅଞ୍ଚଳରେ ଅନୁଭୂତ ହେଉଛି ପହିଲି ଶୀତ । ବର୍ଷା ଛାଡିବା ପରେ ବୈପାରୀଗୁଡ଼ା ବ୍ଲକକୁ ଛୁଇଁଛି ଶୀତ । ସକାଳୁ ସକାଳୁ ସାରା ଅଞ୍ଚଳକୁ ଢାଙ୍କି ରଖିଛି କୁହୁଡ଼ି । ଘାସରେ ଢଳଢଳ କାକର ବିନ୍ଦୁ ଶୀତ ଆଗମନର ସଂକେତ ଦେଉଛି । ଆଜି ସହରରେ କୁହୁଡ଼ିର ଘନତା ଏତେ ବେଶି ଥିଲା ଯେ, ୫୦ ମିଟର ଦୂର ଯାଏ କିଛି ବି ଦୃଶ୍ୟମାନ ହେଉନଥିଲା । ଯାହାଫଳରେ ଯାନବାହାନକୁ ଲାଇଟ୍ ଜାଳି ଯିବାପାଇଁ ବାଧ ହେଉଥିଲେ । ସକାଳ ୮ଟା ଯାଏ କୁହୁଡ଼ି ଛାଡ଼ି ନଥିଲା । ସୂର୍ଯ୍ୟ ଉଦୟ ହୋଇଥିଲେ ମଧ୍ୟ କୁହୁଡ଼ି ଯୋଗୁଁ ସୂର୍ଯ୍ୟ କିରଣ ମାଟି ଛୁଇଁ ନଥିଲା । ପ୍ରାତଃ ଭ୍ରମଣକାରୀ କୁହୁଡ଼ି ଘେରା ସକାଳକୁ ଦେଖି ବେଶ୍ ଉପଭୋଗ କରିଥିଲେ । ଗତ ଦୁଇଦିନ ଧରି ସନ୍ଧ୍ୟା ପରେ ହାଲକା ଶୀତ ଅନୁଭବ କରାଯାଉଥିବା ବେଳେ ଆଜି କୁହୁଡ଼ି ପଡ଼ିବା ଯୋଗୁଁ ଅସଲି ଶୀତର ମଜା ସମସ୍ତେ ଉଠାଇଥିଲେ ।

## ନଳକୂପ ଅଚଳ; ଲୋକେ ହନ୍ତସନ୍ତ

କୋଷାଗୁମୁଡା,୮ ।୧୧(ସମିସ): ମାସେରୁ ଅଧିକ ସମୟ ହେଲା ନଳକୂପ ଅଚଳ ହୋଇଥିବା ବେଳେ ଅଙ୍ଗନବାଡି ସମ୍ମୁଖରେ ଥିବା ନଳକୂପକୁ ସମ୍ପୂର୍ଣ୍ଣ ଗାଁ ଲୋକଙ୍କ ଭରସା । ଅନେକ ଥର ସ୍ଥାନୀୟ ପ୍ରଶାସନକୁ କହି ଥକିଗଲେଣି ଗ୍ରାମବାସୀ । ଗ୍ରାମବାସୀ କହିବା ଅନୁଯାୟୀ, ସୋଲାର ପ୍ଲେଟ ଖରାପ ଯୋଗୁଁ ପାଣି ଉଠୁ ନାହିଁ । ଏହି ସମସ୍ୟା ହେଉଛି ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକର ବାଲେଙ୍ଗା ପଞ୍ଚାୟତର ଚୋଚୋରାଗୁଡା ଗ୍ରାମରେ । ଗଣ୍ଡା ସାହି ତଥା ତଳସାହିର ମୁଖ୍ୟ ରାସ୍ତା କଡରେ ଥିବା ସୋଲାର ସିଷ୍ଟମର ଚାରି ନଳା ବିଶିଷ୍ଟ ଷ୍ଟାଣ୍ଡଟି ପ୍ରାୟ ଏକ ମାସରୁ ଅଧିକ ସମୟ ହେବ କୌଣସି କାରଣରୁ ବନ୍ଦ ହୋଇଯାଇଛି । ଫଳରେ ଗ୍ରାମବାସୀ ସ୍ଥାନୀୟ ଅଙ୍ଗନବାଡି ନିକଟରେ ଥିବା ନଳକୂପରୁ ନିତ୍ୟ ବ୍ୟବହାର୍ଯ୍ୟ ପାଇଁ ଲମ୍ବା ଲାଇନ୍‌ରେ ନାହିଁ ନଥିବା ଅସୁବିଧାର ସହ ପାଣି ନେଉଥିବା କହିଛନ୍ତି । ଏହି ଘଟଣାକୁ ନେଇ ଗ୍ରାମ୍ୟ ଜଳ ଯୋଗାଣର ସହକାରୀ ଯନ୍ତ୍ରୀଙ୍କୁ ପଚାରି ବୁଝିବାରୁ ସେହି ସୋଲାର ସିଷ୍ଟମ୍‌ର ନଳକୂପକୁ ସ୍ଥାନୀୟ ପଞ୍ଚାୟତ ଦ୍ୱାରା ମରାମତି ହେବ ବୋଲି କହିଛନ୍ତି । ଏ ବିଷୟରେ ବାଲେଙ୍ଗା ପିଇଓଙ୍କୁ ପଚାରିବାରୁ ସେ ଯାଞ୍ଚ କରି ମରାମତି କରାଯିବ ବୋଲି କହିଛନ୍ତି । ତେବେ କେତେ ଦିନ ମଧ୍ୟରେ ସୋଲାର ସିଷ୍ଟମର ନଳକୂପ ପଞ୍ଚାୟତ ପକ୍ଷରୁ ମରାମତି କରାଯିବ ତାହାକୁ ଦେଖିବାକୁ ବାକି ରହିଛି ।

## କୂଅରେ ପଡ଼ି ବୃଦ୍ଧା ମୃତ

ନନ୍ଦପୁର,୮ ।୧୧(ସମିସ): ନନ୍ଦପୁର ଥାନା ଅନ୍ତର୍ଗତ ମାଲିବେଲଗା ଗ୍ରାମ ପଞ୍ଚାୟତ ଅଧୀନସ୍ଥ କମାର ବେଲଗାଁ ଗ୍ରାମର ଦଶରଥ ତାଳନାୟକ ନାମକ ଜଣେ ୫୩ ବର୍ଷୀୟ ବୃଦ୍ଧାଙ୍କ କୂଅରେ ପଡ଼ି ମୃତ୍ୟୁ ହୋଇଛି । ଦଶରଥ ସକାଳୁ ଘରୁ ଶୌଚ ପାଇଁ ଯିବାକୁ କହି ଚାଷ ବିଲ ପଟକୁ ଯାଇଥିଲେ । ସେ ଘରକୁ ନ ଫେରିବାରୁ ଖୋଜାଖୋଜି କରିବା ପରେ କୂଅ ଭିତରେ ତାଙ୍କର ମୃତଦେହ ଭାସୁଥିବା ଦେଖିଥିଲେ । ଅଗ୍ନିଶମ ବିଭାଗ କର୍ମଚାରୀ ଓ ପୁଲିସ ପହଞ୍ଚି ଶବ ଉଦ୍ଧାର କରିଥିଲା । ବ୍ୟବଚ୍ଛେଦ ପରେ ଶବକୁ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି । ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାପଡିଛି ।

## ଗୁଡାରୀରେ କଟା ହେଲା ୩୦୦୦ ଗଞ୍ଜେଇ ଗଛ

ଗୁଡାରୀ,୮ ।୧୧(ସମିସ): ପୁଲିସ, ଅବକାରୀ ବିଭାଗ ଏବଂ ବନ କର୍ମଚାରୀ ପ୍ରାୟ ୩୦୦୦ ଗଞ୍ଜେଇ ଗଛ ଉପାଡ଼ି ନଷ୍ଟ କରିଛନ୍ତି । ଏହି ସମ୍ପର୍କରେ ଗୁମୁଡ଼ା ଏସ୍‌ଆଇ ବୀରେନ୍ଦ୍ର ରାୟ ମାମଲା ରୁଜୁ କରିଛନ୍ତି । ଗୁଡାରୀ ଏସ୍‌ଆଇ ସଞ୍ଜୟ ଛତ୍ର ଏହି ମାମଲାର ତଦନ୍ତ କରିଥିଲେ ।

## ଅଭିଯୋଗ ଶୁଣିଲାନି ପ୍ରଶାସନ

# ନିଜ ଖର୍ଚ୍ଚରେ ଗାଁ ରାସ୍ତା ମରାମତି କଲେ ଗ୍ରାମବାସୀ



ରାୟଗଡ଼ା,୮ ।୧୧(ସମିସ): ବାରମ୍ବାର ଅଭିଯୋଗ ପରେ ବି ପ୍ରଶାସନ ନ ଶୁଣିବାରୁ ରାୟଗଡ଼ା ଜିଲ୍ଲାର କଲ୍ୟାଣସିଂପୁର ବ୍ଲକର କୁରୁକୁଟି ଗ୍ରାମବାସୀ ନିଜ ଗାଁର ରାସ୍ତା ନିଜ ଖର୍ଚ୍ଚରେ ମରାମତି କରି ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି । ବର୍ଷା ଓ ଦୈନନ୍ଦିନ ବ୍ୟବହାରରେ ଗାଁକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ନଷ୍ଟ ହୋଇଥିବାରୁ ଗ୍ରାମବାସୀମାନେ ଦୈନିକ ଯାତାୟାତରେ ବହୁ ଅସୁବିଧା ଭୋଗୁଥିଲେ । ଗ୍ରାମବାସୀମାନେ ବାରମ୍ବାର ରାସ୍ତା ନିର୍ମାଣ ତଥା ମରାମତି ପାଇଁ ଦାବି ଓ ଗୁହାରୀ କରିବା ପରେ ମଧ୍ୟ ସ୍ଥାନୀୟ ପଞ୍ଚାୟତ ଓ ପ୍ରଶାସନ ନ ଶୁଣିବାରୁ ଗ୍ରାମବାସୀ ନିଜେ ମିଶି ବୈଠକ କରି ନିଜ ନିଜ ମଧ୍ୟରେ ୫୦୦ରୁ ୧୦୦୦ଟଙ୍କା ପର୍ଯ୍ୟନ୍ତ ଚାନ୍ଦା ଆଦାୟ କରି ଟ୍ରାକ୍ଟର ପିଛା ମାଟି ଲୋଡ ଭଡ଼ା ଦେଇ ଶୋଚନୀୟ ଅବସ୍ଥାରେ ଥିବା ରାସ୍ତାର ମରାମତି କରିଛନ୍ତି । ଏହି ପଦକ୍ଷେପ ସମାଜରେ ସ୍ୱୟଂସେବୀ ଭାବନା ଦୃଢ଼ କରିଥିବା ବେଳେ ଲୋକଙ୍କ ସରକାର ଗ୍ରାମବାସୀଙ୍କ ମୌଳିକ ଅଧିକାରକୁ ପୂରଣ କରିବା ଦିଗରେ କେତେ ଆନ୍ତରିକତା ରଖିଛି ତାହା ପ୍ରଶାସନିକ ଅଧିକାରୀ, ଜନ ପ୍ରତିନିଧିଙ୍କ ଦାୟିତ୍ୱ ନିର୍ବାହକୁ ସୂଚାଇ ଦେଉଛି । ଜିଲ୍ଲାର କଲ୍ୟାଣସିଙ୍ଗପୁର ବ୍ଲକ୍ ସେରିଗୁମା ପଞ୍ଚାୟତ ଅଧୀନସ୍ଥ କୁରୁକୁଟି ଗ୍ରାମବାସୀମାନେ ଦୀର୍ଘ ଦିନ ଧରି ଗାଁର ଶୋଚନୀୟ ମାଟି ରାସ୍ତାକୁ ପକ୍କା ରାସ୍ତାରେ ପରିଣତ କରିବା ତଥା ଆବଶ୍ୟକ ସ୍ଥଳେ ମରାମତି କରିଦେବାକୁ ଅନେକ ଥର ସ୍ଥାନୀୟ ବ୍ଲକ୍ ପ୍ରଶାସନ ନିକଟରେ ଗୁହାରୀ କରିବା ସହ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ମଧ୍ୟ ଏହାର ସମାଧାନ କରିବାକୁ ଜିଲ୍ଲାପାଳଙ୍କୁ ନିବେଦନ କରିଥିଲେ । ତେବେ କେହି ହେଲେ ଗ୍ରାମବାସୀଙ୍କ ଅସୁବିଧାକୁ କର୍ଣ୍ଣପାତ କରି ନ ଥିଲେ । ଗାଁର ରାସ୍ତା ଏତେ ଶୋଚନୀୟ ହୋଇପଡିଥିଲା ଯେ, ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ଯୋଗାଉଥିବା ଆମ୍ବୁଲାନ୍ସ ମଧ୍ୟ ଗାଁରେ ପହଞ୍ଚି ପାରୁ ନଥିଲା । ଫଳରେ ଗର୍ଭବତୀ ମହିଳା, ରୋଗୀ, ବରିଷ୍ଠ ନାଗରିକମାନଙ୍କୁ ଭାରରେ ବୋହି ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ବୋହି ବୋହି ନେବାକୁ ପଡୁଥିଲା ଏବଂ ଚାଲି ଯିବାରେ ମଧ୍ୟ କଷ୍ଟସାଧ୍ୟ ଥିଲା ବୋଲି ଗ୍ରାମବାସୀ ରାଜୁ ତୋଇକା ପ୍ରକାଶ କରିଛନ୍ତି । ତେବେ ନିଜ ଗାଁ ରାସ୍ତା ପାଇଁ ପ୍ରଶାସନ ତଥା ସରକାର, ଜନପ୍ରତିନିଧିଙ୍କଠାରେ ଗୁହାରୀ କରିବା ଠାରୁ ନିଜେ ମିଶି ଶ୍ରମ ଦାନ କରି ମରାମତି ପାଇଁ ନିଜ ଭିତରେ ଆବଶ୍ୟକ ଅର୍ଥ ଯୋଗାଡ଼ କରି ମରାମତି କରିବାକୁ ନିଷ୍ପତ୍ତି ନେଇ ଆଜି ପ୍ରାୟ ଦେଢ଼ କିମି ଗାଁ ରାସ୍ତା ମରାମତି କରିଛନ୍ତି ଗ୍ରାମବାସୀ । ଆଗାମୀ ଦିନରେ ସରକାର ଏହି ରାସ୍ତାକୁ ପକ୍କା ରାସ୍ତାରେ ନିର୍ମାଣ କରିବାକୁ ପୁଣି ଆଶା ରଖି ଗ୍ରାମବାସୀ ନିବେଦନ କରିଥିବାବେଳେ ଯଦି ରାସ୍ତା ନିର୍ମାଣ ନ ହୁଏ ତେବେ ଆଗାମୀ ପଞ୍ଚାୟତ ନିର୍ବାଚନରେ ରାସ୍ତା ନାହିଁ ତ ଭୋଟ ନାହିଁ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି ।

## ଖରିଫ୍ ଧାନମଣ୍ଡି ପୂର୍ବରୁ ହେବ ଡିଏଲ୍‌ପିସି ବୈଠକ

# ମଣ୍ଡିରୁ ଧାନ ଉଠାଇବାକୁ ଚାଷୀଙ୍କ ଦାବି

ନିରାକାରପୁର,୮।୧୧(ସମିସ)

ସରକାରଙ୍କ ତରଫରୁ ଗତ ଖରିଫ୍ ଧାନ ଫସଲ ମଣ୍ଡିରେ ଚାଷୀ କିପରି ସୁବିଧାରେ ବିକ୍ରି କରି ପ୍ରୋତ୍ସାହନ ରାଶି ପାଇପାରିବେ ସେଥିପାଇଁ ବିଭିନ୍ନ ସେବା ସମିତିରେ ଧାନମଣ୍ଡି ଖୋଲାଯାଇଥିଲା। ପରେ କଟ୍‌ନୀ ଛଟ୍‌ନୀ ନେଇ ଛକାପଞ୍ଝା ଲାଗିବା ପରେ ମଣ୍ଡି ଚାଲିଥିଲା। କିନ୍ତୁ ବିଭିନ୍ନ ଜାଗାରେ ଚାଷୀ ଧାନମଣ୍ଡିରେ ଦେବା ପରିବର୍ତ୍ତେ ନିଜେ ଧାନ ନେଇ ମିଲର ନିକଟରେ ଧାନ ଦେବାକୁ ପଡ଼ିଥିଲା। ସେଠାରେ ଚାଷୀମାନେ ମିଲରମାନଙ୍କ ମନମାନୀର ଶିକାର ହୋଇ ବାଧ ହୋଇ କ୍ଷତି ହେଲେ ବି ଧାନ ଦେଇ ଆସୁଥିଲେ। ସେହିପରି ଟାଙ୍ଗୀ ବ୍ଲକ୍ ସାନରାଉତପଡ଼ା ଗ୍ରାମ ପଞ୍ଚାୟତର କୁସୁମୀ ଗ୍ରାମ ବୈକୁଣ୍ଠ ବଳିଆରସିଂହଙ୍କ କହିବ ଅନୁସାରେ, ଧାନମଣ୍ଡି ପରିବର୍ତ୍ତେ ମିଲର ନିକଟକୁ ନେଇଥିବାବେଳେ ଖରାପ ଧାନ କହି ମୋଟ୍ ୩୬ କ୍ୱିଣ୍ଟାଲରୁ ୬ କ୍ୱିଣ୍ଟାଲ କଟ୍‌ନୀ ଛଟ୍‌ନୀ କରିଥିଲେ, ଯାହାକି ଅତି କଷ୍ଟଦାୟକ ହୋଇଥିଲା। ଏ ବିଷୟରେ ଅଭିଯୋଗ କରିଲେ ବି କେହି ସେ କଥାକୁ ଏତେ ଗୁରୁତ୍ୱ ଦେଇ ନ ଥିଲେ। ତେଣୁ ଚଳିତ ବର୍ଷ ମଣ୍ଡିରୁ ମିଲର ଧାନ ଉଠାଇବାକୁ ଦାବି କରିଛନ୍ତି। ଧାନମଣ୍ଡି ହେବା ପୂର୍ବରୁ ଯୋଗାଣ ବିଭାଗ, ସମବାୟ ବିଭାଗ, ଜିଲ୍ଲାପାଳ, ମିଲର୍, ବ୍ଲକ୍ ଉନ୍ନୟନ ଅଧିକାରୀ, ରାଜସ୍ୱ ବିଭାଗ ଅଧିକାରୀଙ୍କୁ ନେଇ ଏକ ସଭା କିଛି ବର୍ଷ ହେବ ହେଉ ନ ଥିବାରୁ ଧାନମଣ୍ଡିରେ ବିଭିନ୍ନ ସମସ୍ୟା ଉପୁଜୁଥିବାର ଦେଖାଯାଉଛି। ଯେପରିକି ଟାଙ୍ଗୀ ବ୍ଲକ୍‌ରେ କମ୍ ସଂଖ୍ୟକ ମିଲର ଥିବାରୁ ଜଣେ ଜଣେ ମିଲରଙ୍କୁ ୨୦ରୁ ଅଧିକ ସମିତିରୁ ଧାନ ଉଠାଇବା ପାଇଁ ନିର୍ଦ୍ଦେଶ ଥିବାରୁ ସେମାନେ ମନମାନୀ କରିବାର ଅଭିଯୋଗ ହେଉଛି। ଟାର୍ଗେଟ୍ ଦେବାରେ ବିଳମ୍ବ, ଯୋଗାଣ ବିଭାଗର ମିଲ୍ ପଏଣ୍ଟକୁ ଯାଇ ଷ୍ଟକ୍, ମିଲର ଟାର୍ଗେଟ ମୁତାବକ ଧାନ ଉଠାଇ ପାରୁଛନ୍ତି କି ନାହିଁ, ଆବଶ୍ୟକ ସ୍ଥଳେ ମିଲର୍ ବଦଳାଇବା, ଟୋକନ୍ ଅବଧି ସରିବା ପୂର୍ବରୁ ଧାନ ଉଠେଇବା ଇତ୍ୟାଦି ଖବର ସମସ୍ତ ବିଭାଗୀୟ ଅଧିକାରୀ ଅବଗତ ହୋଇପାରୁ ନ ଥିଲେ। ଏଭଳି ସବୁ ଜିଲ୍ଲାର ମଣ୍ଡି ପରିଚାଳନାଗତ ତ୍ରୁଟି ଦେଖି ଚଳିତ ବର୍ଷ ଖାଦ୍ୟ ଖାଉଟି କଲ୍ୟାଣ ବିଭାଗ ସୁଦାମ ଚରଣ ମଣ୍ଡଳ ଅତିରିକ୍ତ ସଚିବ ଚଳିତ ମାସ ୧୫ ତାରିଖ ସୁଦ୍ଧା ସମସ୍ତ ଜିଲ୍ଲାରେ ଜିଲ୍ଲାପାଳ ଡିଏଲ୍‌ପିସି ବୈଠକ ସାରିବାକୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ଯୋଗାଣ ବିଭାଗ ତରଫରୁ ମାଷ୍ଟର ଟ୍ରେନରଙ୍କ ଜରିଆରେ ସମିତି କର୍ମଚାରୀମାନଙ୍କୁ ଟ୍ରେନିଂ ଦିଆଯିବ। ଚୂଡ଼ାନ୍ତ ଯୋଗ୍ୟ ତାଲିକା ଜିଲ୍ଲା ଉପନିବନ୍ଧକ ସମବାୟ ସମିତି ସମୂହଙ୍କ ଜରିଆରେ ପ୍ରସ୍ତୁତ କରାଯିବ। ଜିଲ୍ଲାର ନୋଡାଲ ଅଫିସର୍ ଭାବରେ ପ୍ରତି ସମିତିରେ ଆବଶ୍ୟକ ସ୍ଥଳେ ବ୍ଲକ୍ ଉନ୍ନୟନ ଅଧିକାରୀଙ୍କ ସହାୟତାରେ ଚାଷୀ କମିଟି ପ୍ରସ୍ତୁତ କରିବ। ରାଜସ୍ୱ ବିଭାଗ, ସମବାୟ ବିଭାଗ, ପୁଲିସ, ଟ୍ରାନ୍ସପୋର୍ଟ, ଯୋଗାଣ ବିଭାଗର ଜିଲ୍ଲା ଅଧିକାରୀମାନଙ୍କୁ ନେଇ ଏକ ଡିଏଲ୍‌ପିସି ବୈଠକ କରିଯିବ ଯେଉଁଭଳି ସଠିକ୍ ଭାବରେ ମଣ୍ଡି ପରିଚାଳନା ହୋଇପାରିବ ଏବଂ ସମସ୍ତ ଚାଷୀଙ୍କର ଧାନ ଉଠିପାରିବ। ତା’ ପୂର୍ବରୁ ଜିଲ୍ଲା ଯୋଗାଣ ଅଧିକାରୀଙ୍କ ଦ୍ୱାରା ପ୍ରତିଟି ମିଲର ଷ୍ଟକ୍, ଯନ୍ତ୍ରପାତି, ବିଦ୍ୟୁତ୍ ମିଟରର ଅବସ୍ଥା ଦେଖି ଉପରିସ୍ଥ ଅଧିକାରୀଙ୍କୁ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବ ବର୍ଷ ଧାନମଣ୍ଡି ସମୟରେ ନିମ୍ନମାନର ଧାନ କହି ଅଧିକ କଟ୍‌ନୀ ଛଟ୍‌ନୀ କରିଥିବାର ଅନେକ ଅଭିଯୋଗ ଆସିଥିଲା। ଟାଙ୍ଗୀ ବ୍ଲକ୍‌ର ସମ୍ପୂର୍ଣ୍ଣ ୧୪ଟି ସମିତି ମଧ୍ୟରୁ ୧୨ଟି ସମିତିରୁ ଜନୈକ ରାଇସ୍ ମିଲରକୁ ଧାନ ଉଠାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସପ୍ତାହକୁ ଯେଉଁ ସମିତିରୁ ୨ ଦିନ ଉଠେଇବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଥିବାବେଳେ କିଛି ସମିତି ଗୋଟିଏ ଦିନ ଧାନ ଉଠେଇଥିଲେ। ଯାହାଫଳରେ ଲୋକେ ବାଧ ହୋଇ ମିଲ୍ ପଏଣ୍ଟରେ ଧାନ ଦେଇ ଅଧିକ କଟ୍‌ନୀର ଶିକାର ହୋଇଥିଲେ। ଧାନମଣ୍ଡି ପୂର୍ବରୁ ଧାନ ରଖିବା ପାଇଁ ବସ୍ତା ଦେବା କଥା କିନ୍ତୁ ମିଲରମାନେ ଧାନ ବସ୍ତା ଦେଉନାହାନ୍ତି। ଯାହାଫଳରେ ଲୋକେ ଅଧିକ ପଇସା ଦେଇ ବାହାରୁ କିଣୁଛନ୍ତି ବୋଲି ମତପ୍ରକାଶ କରିଛନ୍ତି।

## ‘ମନରେଗା’ରେ କାର୍ଯ୍ୟକ୍ଷମ ହୋଇପାରୁନି କୂଅ ଖନନ



ନିରାକାରପୁର,୮।୧୧(ସମିସ): ଜଳ ସଙ୍କଟ ଦିନକୁ ଦିନ ବଢ଼ିବାରେ ଲାଗିଛି। ଆଗାମୀ ପିଢ଼ିଙ୍କ ପାଇଁ ଜଳ ସମ୍ପଦକୁ ଗଚ୍ଛିତ ରଖିବା ପାଇଁ ସରକାର ବିଭିନ୍ନ ଯୋଜନାମାନ କରୁଛନ୍ତି। ଚାଷୀଟିଏ ନିଜ ଜମିରେ କୂଅ ଖୋଳିବା ପାଇଁ ‘ମନରେଗା’ ଯୋଜନାରେ ସୁବିଧା ଅଛି କିନ୍ତୁ ଟାଙ୍ଗୀ ବ୍ଲକ୍‌ରେ ଏହା ନୈରାଶ୍ୟଜନକ ହୋଇଛି। ଦୀର୍ଘ ୪ ବର୍ଷ ହେବ ଗୋଟିଏ ବି କୂଅ ‘ମନରେଗା’ ଯୋଜନାରେ ମଞ୍ଜୁର ହୋଇନାହିଁ ଯାହାକି ବ୍ଲକ୍ ପ୍ରଶାସନର ଆନ୍ତରିକତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଯେଉଁ ଚାଷୀ ନିଜ ଜମିରେ କୂଅ ଖୋଳିବା ପାଇଁ ଇଚ୍ଛୁକ ଗ୍ରାମରେ ୱାର୍ଡ ମେମ୍ବରଙ୍କ ଜରିଆରେ ଗ୍ରାମସଭା ମାଧ୍ୟମରେ ସେମାନଙ୍କର ଏକ ତାଲିକା ପ୍ରସ୍ତୁତ କରି ସରପଞ୍ଚ ପରେ ପଞ୍ଚାୟତ ସମିତି ଏବଂ ଜିଲ୍ଲା ପରିଷଦ କାର୍ଯ୍ୟାଳୟରୁ ମଞ୍ଜୁର କରାଯାଇଥାଏ। କିନ୍ତୁ ଟାଙ୍ଗୀ ବ୍ଲକ୍‌ରେ ୨୦୨୨-୨୩, ୨୦୨୩-୨୪, ୨୦୨୪-୨୫, ୨୦୨୫-୨୬ରେ ଚଳିତ ମାସ ୫ ତାରିଖ ସୁଦ୍ଧା କୌଣସି ଗୋଟିଏ ବି କୂଅ ମଞ୍ଜୁର ହୋଇନାହିଁ। କିଛି ଚାଷୀ ଗ୍ରାମ ପଞ୍ଚାୟତରେ ସଚେତନ ଅଭାବରୁ ଲୋକେ କୂଅଟିଏ କିଭଳି ଖୋଳାଯିବ ଏବଂ ସରକାରଙ୍କ ପକ୍ଷରୁ ଏଥିପ୍ରତି କେତେ ଅର୍ଥ ମଞ୍ଜୁର ହୋଇପାରିବ ସେ ବିଷୟରେ କେହି ଚାଷୀ ଜାଣିପାରୁ ନାହାନ୍ତି ବୋଲି କିଛି ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି। ଖୋର୍ଦ୍ଧା ଜିଲ୍ଲାରେ ଆର୍ଥିକ ବର୍ଷ ୨୦୨୨-୨୩ରେ ୮ଟି, ୨୦୨୩-୨୪ରେ ୮ଟି, ୨୦୨୪-୨୫ରେ ୭ଟି, ୨୦୨୫-୨୬ରେ ଚଳିତ ମାସ ୫ ତାରିଖ ସୁଦ୍ଧା ୧ଟି କୂଅ ମଞ୍ଜୁର ହୋଇଛି। ‘ମନରେଗା’ ଯୋଜନାରେ କୂଅ ଖୋଳିବା ପାଇଁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମଞ୍ଜୁର ସୁବିଧା ଅଛି। ଯାହାଫଳରେ ଗୋଟିଏ ଗରିବ ଚାଷୀଟି ଗୋଟିଏ ଜବ୍‌କାର୍ଡ ଥିଲେ ଏହି ଯୋଜନାର ଫାଇଦା ଉଠେଇପାରିବ। ଜିଲ୍ଲାରେ କିଭଳି ‘ମନରେଗା’ ଯୋଜନାରେ ଅଧିକରୁ ଅଧିକ ଚାଷୀ ନୂତନ କୂଅ ଖନନ ବିଷୟରେ ଜାଣିପାରିବେ ଏବଂ ମଞ୍ଜୁର ହୋଇପାରିବ ଏଥିପ୍ରତି ଜିଲ୍ଲା ପ୍ରଶାସନର ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

## ଧର୍ମପରାୟଣ ମହିଳାଙ୍କ ପରଲୋକ



ଭୂଷଣ୍ଡପୁର,୮।୧୧(ସମିସ): ଖୋର୍ଦ୍ଧା ବ୍ଲକ୍ ଅନ୍ତର୍ଗତ ଗୋଳବାଇ ଗ୍ରାମ ପଞ୍ଚାୟତର ସମିତିସଭ୍ୟ ଗୌତମ ପ୍ରଧାନଙ୍କ ମାଆ ସୁରମା ପ୍ରଧାନଙ୍କ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୫୮ ବର୍ଷ ବୟସ ହୋଇଥିଲା। ସେ ଛାତିରେ ଯନ୍ତ୍ରଣା ଅନୁଭବ କରି ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ମୃତ୍ୟୁଶଯ୍ୟା ନିକଟରେ ପୁଅ ଗୌତମ ଓ ବୋହୂ ଉପସ୍ଥିତ ଥିଲେ। ସେ ଜଣେ ଧର୍ମପରାୟଣ, ମେଳାପୀ, ମିଷ୍ଟଭାଷୀ ଓ ପରୋପକାରୀ ମହିଳା ଥିଲା। ତାଙ୍କ ମୃତ୍ୟୁ ଖବର ପାଇ ଆଖପାଖ ପଞ୍ଚାୟତର ଲୋକ ପ୍ରତିନିଧି, ବୁଦ୍ଧିଜୀବୀ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ପୁଅ ଗୌତମ ମୁଖାଗ୍ନି ଦେଇଥିଲେ।

## ଜଟଣୀ ପ୍ରେସ୍ କ୍ଲବ୍‌ର ନୂତନ କମିଟି ଗଠିତ



ଜଟଣୀ,୮।୧୧(ସମିସ): ଜଟଣୀ ପ୍ରେସ୍ କ୍ଲବ୍ ପକ୍ଷରୁ ନୂତନ କମିଟି ଗଠନ ସହିତ ଜାତୀୟ ପ୍ରେସ୍ ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ କ୍ଲବ୍ ପକ୍ଷରୁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ସାମ୍ବାଦିକ ରବୀନ୍ଦ୍ର ନାଥ ମହାକୁଡ଼, ସମ୍ପାଦକ ସୁରେଶ ମହାରଣା, କୋଷାଧ୍ୟକ୍ଷ ଗୌତମ ମହାରଣା ଓ କାର୍ଯ୍ୟକାରୀ ସଂଗଠକ ଭାବରେ ଶୁଭେନ୍ଦ୍ର ଶତପଥୀଙ୍କୁ ଚୟନ କରାଯାଇଛି। ଏହି ଅବସରରେ ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ସହିତ ପ୍ରେସ୍ କ୍ଲବ୍‌ର ଉନ୍ନତି ଦିଗରେ କାମ କରିବାକୁ ସଂକଳ୍ପ କରାଯାଇଥିଲା। ସେହିପରି ଆସନ୍ତା ୧୬ ତାରିଖରେ ଜାତୀୟ ପ୍ରେସ୍ ଦିବସ କିପରି ଜାକଜମକରେ ପାଳିତ ହେବ ସେନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ଅମରେଶ ରାଉତରାୟ, ରବୀନ୍ଦ୍ର ନାଥ ମହାକୁଡ଼, ସୁରେଶ ମହାରଣା, ଗୌତମ ମହାରଣା, ସୁବ୍ରତ ନାୟକ, ଯଯାତି କେଶରୀ ପ୍ରଧାନ, ମହମ୍ମଦ ଅତିକ୍, ସୁଭେନ୍ଦ୍ର ଶତପଥୀ, ହରିହର ସ୍ୱାଇଁ, ସଞ୍ଜୀବ କୁମାର, ମହମ୍ମଦ ଇଶ୍ମାଇଲ୍ ଅଲ୍ଲୀ, ହୃଦାନନ୍ଦ କୋଦମାସିଂହଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ।

## ସର୍ବପୁରାତନ ଚିଲିକା କ୍ଲବ୍ ପୁନରୁଦ୍ଧାର ପାଇଁ ଦାବି

ଟାଙ୍ଗୀ,୮।୧୧(ସମିସ): ଟାଙ୍ଗୀ ଚିଲିକା ଷ୍ଟାଡିୟମ୍ ନିକଟରେ ଥିବା ସର୍ବପୁରାତନ ଚିଲିକା କ୍ଲବ୍‌ର ଛାତ ଘରଟି ଭାଙ୍ଗିରୁଜି ଯାଇଥିବାରୁ ଏହାର ପୁନରୁଦ୍ଧାର ପାଇଁ ଦାବି କରାଯାଇଛି। ଏଥିପ୍ରତି ଭୁବନେଶ୍ୱର ସାଂସଦ ଓ ଖୋର୍ଦ୍ଧା ବିଧାୟକ ନିଜସ୍ୱ ପାଣ୍ଠି ଅନୁଦାନ ସହ ସହଯୋଗର ହାତ ବଢ଼ାଇବା ପାଇଁ ଶନିବାର କ୍ଲବ୍‌ରେ ଅନୁଷ୍ଠିତ ଏକ ବୈଠକରେ ମତପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ଏହି କ୍ଲବ୍ ପରିସରରେ ଏ ଅଞ୍ଚଳର ବିଭିନ୍ନ ସାମାଜିକ, ସାଂସ୍କୃତିକ, ସର୍ବଦଳୀୟ ବୈଠକ ସହ ଏ ଅଞ୍ଚଳରେ ବିଭିନ୍ନ ବିବାହ, ବ୍ରତ କାର୍ଯ୍ୟକ୍ରମ ବର୍ଷସାରା ଅନୁଷ୍ଠିତ ହୋଇଥାଏ। ୧୯୮୩ ମସିହାରେ ଏହି କ୍ଲବ୍ ବିଲ୍ଡିଂ ପ୍ରତିଷ୍ଠାଲାଭ କରିଥିଲା। ତେବେ ଆର୍ଥିକ ସଂକଟ ଯୋଗୁଁ ଏହାର ଛାତ ସଙ୍କଟାପନ୍ନ ଅବସ୍ଥାରେ ଥିବାବେଳେ କବାଟ, ଝରକା ଭାଙ୍ଗିରୁଜି ଗଲାଣି। ଶନିବାର କ୍ଲବ୍ ସଭାପତି ତଥା ପୂର୍ବତନ ଖୋର୍ଦ୍ଧା ଜିଲ୍ଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ହମିଦ ମିରା, ଉପଦେଷ୍ଟା ହିମାଂଶୁ ଭୂଷଣ ରଥ, ପ୍ରଦୀପ ମହାପାତ୍ର, ସନାତନ ଚମ୍ପତି, ବ୍ରଜବନ୍ଧୁ ଦାସ, ମୁରଲୀଧର ମହାନ୍ତି ପ୍ରମୁଖ ପରିଚାଳନା କମିଟିର ସଦସ୍ୟଙ୍କ ଉପସ୍ଥିତିରେ ଜରୁରୀ ମରାମତି ପାଇଁ ସଭ୍ୟମାନଙ୍କଠାରୁ ପାଣ୍ଠି ସଂଗ୍ରହ କରି କାର୍ଯ୍ୟ କରିବାକୁ ନିଷ୍ପତ୍ତି ହୋଇଛି। ଏଥିସହ ସମ୍ପୂର୍ଣ୍ଣ କାର୍ଯ୍ୟ ପାଇଁ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ନିଜସ୍ୱ ସରକାରୀ ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇ ଏହାକୁ ପୁନରୁଦ୍ଧାର କରିବାକୁ ଅନୁରୋଧ କରାଯାଇଛି।

## ଦେଶୀ ମଦ ଓ ବାଇକ୍ ଜବତ, ୪ ଗିରଫ

ବାଲୁଗାଁ,୮।୧୧(ସମିସ): ସମଗ୍ର ବାଣପୁର, ବାଲୁଗାଁ ତଥା ଚିଲିକା ଅଞ୍ଚଳରେ ବେଆଇନ ଭାବେ ବ୍ୟାପକ ପରିମାଣର ନିଶା କାରବାର ହେଉଥିବା ନେଇ ଅଭିଯୋଗ ହୋଇଆସୁଛି। ଏପରିସ୍ଥଳେ ଜିଲ୍ଲା ଅବକାରୀ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ଟାଙ୍ଗୀ ରେଞ୍ଜ ଅବକାରୀ ନିରୀକ୍ଷକ ଅଜିତ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଓ ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲିଙ୍କ ନେତୃତ୍ୱରେ ଅବକାରୀ ଟିମ୍ ଶୁକ୍ରବାର ଓ ଶନିବାର ଦୁଇ ଦିନ ଧରି ଲଗାତାର ବାଣପୁର ଥାନା ଅଞ୍ଚଳରେ ଚଢ଼ଉ କରିଥିଲେ। ଏଥିରେ ୯୦ ଲିଟର ଦେଶୀ ମଦ ସହ ଏକ ବାଇକ୍ ଜବତ କରି ସମ୍ପୃକ୍ତ ୪ ଜଣ ମଦ ବେପାରୀଙ୍କୁ ଗିରଫ କରିବାରେ ସଫଳ ହୋଇଛି ଅବକାରୀ ବିଭାଗ।



ସୂଚନା ମୁତାବକ, ଶୁକ୍ରବାର ପୂର୍ବାହ୍ଣରେ ବାଣପୁର ଥାନା ଅନ୍ତର୍ଗତ ବେରିଗାଁରେ ଅବକାରୀ ଟିମ୍ ଚଢ଼ଉ କରି ଶିଶିର ରଣସିଂହଙ୍କୁ ଗିରଫ କରି ତାଙ୍କ ନିକଟରୁ ୩୦ଲିଟର ଦେଶୀ ମଦ ସହ ଏକ ବାଇକ୍ ଜବତ କରିଥିବାବେଳେ ତୁମୁରାପୁଟ ଗ୍ରାମରେ ଚଢ଼ଉ କରି ନାରାୟଣ ସେଠୀଙ୍କୁ ଗିରଫ କରିବା ସହ ୧୦ ଲିଟର ଦେଶୀ ମହୁଲି ମଦ ଜବତ କରିଥିଲେ। ସେହିପରି ଅନୁରୂପ ଭାବେ ଶନିବାର ସକାଳେ ଅବକାରୀ ଟିମ୍ ତୁମୁରାପୁଟ ଗ୍ରାମରେ ଚଢ଼ଉ କରି ବେଆଇନ ଭାବେ ଦେଶୀ ମଦ ବିକ୍ରି କରୁଥିବା କାର୍ତ୍ତିକ ସେଠୀଙ୍କୁ ଗିରଫ କରି ତାଙ୍କଠାରୁ ୩୦ଲିଟର ଦେଶୀ ମହୁଲି ମଦ ଜବତ କରିଥିବାବେଳେ ଗଦାଧରପୁର ଗ୍ରାମରେ ଚଢ଼ଉ କରି ମୁନା ଦାଶଙ୍କୁ ଗିରଫ କରିବା ସହ ୨୦ଲିଟର ଦେଶୀ ମଦ ଜବତ କରିବାରେ ସଫଳ ହୋଇଛି ବିଭାଗ। ଏ ସଂକ୍ରାନ୍ତରେ ଅବକାରୀ ବିଭାଗ ପକ୍ଷରୁ ଗିରଫ ସମସ୍ତ ୪ ଜଣଙ୍କ ବିରୋଧରେ ୧୯୦, ୧୯୧, ୧୯୪ ଓ ୧୯୫/୨୫ରେ ଚାରୋଟି ପୃଥକ୍ ମାମଲା ରୁଜୁ କରି କୋର୍ଟଚାଲାଣ କରିଥିବା ବାଲୁଗାଁ ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଉକ୍ତ ଚଢ଼ଉରେ ଅବକାରୀ ବିଭାଗର ଏଏସ୍‌ଆଇ ମୀନକେତନ ମାହାଲିକ, କନେଷ୍ଟବଳ ଅଶେଷ କୁମାର ପ୍ରଧାନ, ରଞ୍ଜିତ ପଟେଲ, କାଳୁ ପ୍ରଧାନ, ସୁନିତା ମହାରଣା ପ୍ରମୁଖ ସାମିଲ୍ ଥିଲେ।

## ରାମ ନାଟକ ପ୍ରତିଯୋଗିତା ଉଦ୍‌ଯାପିତ



ନିରାକାରପୁର,୮।୧୧(ସମିସ): ଖୋର୍ଦ୍ଧା ଜିଲ୍ଲା ରମାବିଲ ଗ୍ରାମର କାର୍ତ୍ତିକେଶ୍ୱର ପୂଜା କମିଟି ଆନୁକୂଲ୍ୟରେ ଦ୍ୱିତୀୟ ବାର୍ଷିକ ରାମନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ତିନିଦିନ ଧରି ଚାଲିଥିବା ଉକ୍ତ ପ୍ରତିଯୋଗିତାରେ ଓଡ଼ିଶାର ୩ଟି ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ ଭାଗନେଇଥିଲେ। ଓଁ ଶ୍ରୀଶ୍ରୀ ବାବା ଅମୃତନିଧ ବାଳିକା ରାମନାଟ୍ୟ ସଂସଦ କଳାପଥରର କଳାକାରମାନେ ବାଳିବଧ ନାଟକ ମଞ୍ଚସ୍ଥ କରିଥିବାବେଳେ ମା’ ତାରିଣୀ ରାମନାଟ୍ୟ ସଂସଦ ଟିକାତାଳ ଇନ୍ଦ୍ରଜିତ ବଧ, ଓଁ ଶ୍ରୀରଘୁନାଥ ନାଟ୍ୟ ସଂସଦ ପୋଡ଼ାକେରାର କଳାକାର ମହିରାବଣ ବଧ ନାଟକ ମଞ୍ଚସ୍ଥ କରିଥିଲେ। ଏଥିରେ ମା’ ତାରିଣୀ ରାମନାଟ୍ୟ ସଂସଦ ଟିକାତାଳ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଓଁ ଶ୍ରୀରଘୁନାଥ ନାଟ୍ୟ ସଂସଦ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ନାଟ୍ୟ ସଂସଦର ମୁଖ୍ୟ ପରିଚାଳକ ରବିନ୍ଦ୍ର ସୁନ୍ଦରାୟଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଶିକ୍ଷକ ନେତା ରମାକାନ୍ତ ମହାପାତ୍ର, ୱାର୍ଡ ସଭ୍ୟ ଶ୍ରୀନିବାସ ସାମନ୍ତରାୟ, ବିଶ୍ୱମ୍ବର ବେହେରା, ରମେଶ ସୁନ୍ଦରାୟ, ସମାଜସେବୀ କୃଷ୍ଣ ସାମନ୍ତରାୟ, ଉମେଶ ସୁନ୍ଦରାୟ, ରମେଶ ମାର୍ଥା ପ୍ରମୁଖ ବିଜୟୀ ଓ ରନର୍ସ ଅପ୍ ଦଳକୁ ଟ୍ରଫି ଓ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ। ମୁଖ୍ୟ ବିଚାରକ ଭାବେ ରଙ୍କନାଥ ଶ୍ରୀଚନ୍ଦନ, ସନ୍ତୋଷ ରଣସିଂହ, ସଂସାରୀ ବୈରୀଗଞ୍ଜନ ଯୋଗଦେଇଥିଲେ। କମଳେଶ ମହାରଣା ମଞ୍ଚ ପରିଚାଳନା ଓ ଭରତ ସୁନ୍ଦରାୟ ଧନ୍ୟବାଦ ଅର୍ପଣ କରିଥିଲେ। ସୋମନାଥ ବେହେରା, ଗୋପିନାଥ ସାମନ୍ତରାୟ, ସନାତନ ସୁନ୍ଦରାୟ, ଦିବାକର ବେହେରା, ସତ୍ୟବାନ ସୁନ୍ଦରାୟ, ଦିଲ୍ଲୀପ କହଲସିଂହ, ଅଶୋକ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଗୋଡ଼ାରେ ହାତୀ ନଷ୍ଟ କରୁଛି ଧାନ ଫସଲ

ବେଗୁନିଆ,୮।୧୧(ସମିସ): ବେଗୁନିଆ ବ୍ଲକ୍ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଗୋଡ଼ା ଗ୍ରାମର ଅମଳ ଧାନ ଫସଲ ଜମିରେ ଶୁକ୍ରବାର ଅପରାହ୍ଣରେ ଏକ ବଣୁଆ ହାତୀ ବିଚରଣ କରୁଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ଚାଷୀ ବର୍ଷ ସାରା ଅକ୍ଲାନ୍ତ ପରିଶ୍ରମ କରି ଜମିରେ ଧାନ ଫସଲର ଅମଳ ସମୟ ଉପନୀତ ହୋଇଥିବାବେଳେ ବଣୁଆ ହାତୀ ଖାଦ୍ୟ ଅନ୍ୱେଷଣରେ ଜନବସତିମୁହାଁ ହେଉଛନ୍ତି। ଯାହା ଫଳରେ ଅମଳ ଧାନ ଫସଲ ନଷ୍ଟ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ହାତୀ ଜମିରେ ପଶି ଫସଲ ନଷ୍ଟ କରୁଥିବାରୁ ବିଚରା ଚାଷୀ ଚିନ୍ତିତ ହୋଇପଡ଼ିଛି। ତୁରନ୍ତ ପ୍ରଶାସନ ଆବଶ୍ୟକୀୟ ପଦକ୍ଷେପ ନେଇ ହାତୀ ଘଉଡ଼ାଇ ଫସଲକୁ ରକ୍ଷା କରିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।



## ନଗର ପରିକ୍ରମା ଓ ଗ୍ରନ୍ଥ ଲୋକାର୍ପିତ



ଖୋର୍ଦ୍ଧା,୮।୧୧(ସମିସ): ପ୍ରତିବର୍ଷ ପରି ଚଳିତବର୍ଷ ଶ୍ରୀ ଚୈତନ୍ୟ ରିସର୍ଚ୍ଚ ଆସୋସିଏସନ୍ ପକ୍ଷରୁ ଭକ୍ତି ଦୟିତ୍ ବୋଧାୟନ୍ ମହାରାଜଙ୍କ ସଂଯୋଜନାରେ ଖୋର୍ଦ୍ଧାରେ ନଗର ପରିକ୍ରମା ଏବଂ ଗ୍ରନ୍ଥ ଲୋକାର୍ପଣ କରାଯାଇଛି। ପ୍ରାରମ୍ଭରେ ନଗର ପରିକ୍ରମାର ଶୁଭାରମ୍ଭ ଅନନ୍ତ ହରି ଦାସଙ୍କ ନେତୃତ୍ୱରେ ହୋଇଥିବାବେଳେ ଶ୍ରୀ ଚୈତନ୍ୟ ବିହାରରୁ ବାହାରି ଗଡ଼ଖୋର୍ଦ୍ଧା ଶ୍ରୀଜଗନ୍ନାଥଙ୍କ ଲୀଳା କ୍ଷେତ୍ର, ଜିଲ୍ଲାପାଳ ଛକ, ନୂଆ ବସ୍‌ଷ୍ଟାଣ୍ଡର ବିଭିନ୍ନ ମଠ ମନ୍ଦିର ପରିକ୍ରମା କରିଥିଲେ।

ନଗର ପରିକ୍ରମା ପରେ ୩ଟି ଚୈତନ୍ୟ ଚାଳିଶା ଆସୋସିଏସନ୍ ପକ୍ଷରୁ ପ୍ରକାଶ କରାଯାଇ ଲୋକାର୍ପିତ ହେବା ସହ ଭକ୍ତମାନଙ୍କ ଦ୍ୱାରା ସାମୂହିକ ପାରାୟଣ ଓ ସଂକୀର୍ତ୍ତନ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ପଣ୍ଡିତ ଗୋପବନ୍ଧୁ ପଣ୍ଡା, ଜନାକୀ ବଲ୍ଲଭ ପଟ୍ଟନାୟକ, ଜଗଦୀଶ ପଟ୍ଟନାୟକ, ଜୟ ନାରାୟଣ ପଟ୍ଟନାୟକ, ଯୁଧିଷ୍ଠିର ଛୁଆଳସିଂହ, କାଦମ୍ବିନୀ ସାମନ୍ତରାୟ, ସୁସଙ୍ଗୀତା ପଟ୍ଟନାୟକ, ବନ୍ଦିତାରାଣୀ ପଟ୍ଟନାୟକ, ପ୍ରବଚକ ହାଲୁ ପ୍ରଧାନ, ଅଶୋକ ରଣା, ବ୍ରଜ ବାବା ପ୍ରମୁଖ ଯୋଗଦେଇଥିଲେ। ସାଗର ମହାରାଜଙ୍କ କୀର୍ତ୍ତନମଣ୍ଡଳୀ, ରାଧାବଲ୍ଲଭ କୀର୍ତ୍ତନମଣ୍ଡଳୀ, କୁଞ୍ଜବିହାରୀ କୀର୍ତ୍ତନମଣ୍ଡଳୀ ପ୍ରଭୃତି ଶତାଧିକ ଭକ୍ତ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସମ୍ପାଦକ ଜୟନାରାୟଣ ପଟ୍ଟନାୟକ ସଂଯୋଜନା କରିଥିଲେ।

## କ୍ଷେତ୍ରୀୟ ବିଜ୍ଞାନ କଂଗ୍ରେସ ସମାରୋହ ଉଦ୍‌ଯାପିତ

ଖୋର୍ଦ୍ଧା,୮।୧୧(ସମିସ): ଗୁରୁଜଙ୍ଗସ୍ଥିତ ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ୫ଦିନ ଧରି ଚାଲିଥିବା ୨୧ତମ କ୍ଷେତ୍ରୀୟ ବିଜ୍ଞାନ କଂଗ୍ରେସ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଛତିଶଗଡ଼ ଏବଂ ଓଡ଼ିଶାର ୬ଟି କ୍ଲଷ୍ଟରରୁ ୫୯ଜଣ ବଛାବଛା ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ଡେପୁଟି ଡାଇରେକ୍ଟର (ବାଇ ଟେକ୍ନୋଲୋଜି) ଶଶିକାନ୍ତ ଦାସ, ମୁଖ୍ୟବକ୍ତା ଭାବରେ ଡି.ସି କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ (ରିଜିଓନାଲ ଅଫିସ ଭୁବନେଶ୍ୱର) ଡ. ଶିହରଣ ବୋଷ, ସମ୍ମାନିତ ଅତିଥି ଭାବରେ ଆଇଆଇଟି ଭୁବନେଶ୍ୱରର ପ୍ରଫେସର ଶ୍ୟାମପ୍ରସାଦ ଦାସ ଯୋଗଦେଇଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ସଙ୍ଗୀତ କ୍ଲବ୍‌ର ଛାତ୍ରୀମାନଙ୍କ ଦ୍ୱାରା ସରସ୍ୱତୀ ବନ୍ଦନା ଓ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ପରେ ସ୍ଥାନୀୟ ବିଦ୍ୟାଳୟର ଅଧ୍ୟକ୍ଷା କବିତା କର ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ବିଦ୍ୟାର୍ଥୀ ଓ ଅଧ୍ୟାପକ ପ୍ରତିନିଧି ଭାବରେ ଜବାହର ନବୋଦୟ ବିଦ୍ୟାଳୟ ଦୁର୍ଗର ପଦାର୍ଥ ବିଜ୍ଞାନର ଅଧ୍ୟାପକ ଦେଶମୁଖ ସାର ଓ ଛାତିଶଗଡ଼ ଯଶପୁର ଜବାହର ନବୋଦୟ ବିଦ୍ୟାଳୟର ସୁମନ ଏହି ୫ ଦିନର ଅନୁଭୂତି ବଖାଣିଥିଲେ। ଏହି ଅବସରରେ ଅଂଶଗ୍ରହଣ କରିଥିବା ସମସ୍ତ ବିଦ୍ୟାର୍ଥୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ଦେଇ ଅତିଥିମାନେ ସମ୍ମାନିତ କରିଥିଲେ। ସେହିପରି ଅଧ୍ୟାପକମାନଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟକ୍ଷ ତପନ ଚୋଟୋପାଧ୍ୟାୟ ବିଜ୍ଞାନ କଂଗ୍ରେସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ବୁଝାଇଥିଲେ। ସୁମନ ଅନୱର ମଞ୍ଚ ପରିଚାଳନା କରିଥିବାବେଳେ ଉପାଧ୍ୟକ୍ଷ ନୃସିଂହ ଚରଣ ଚକ୍ର ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ସରୋଜ କୁମାର ସାହୁ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।



## ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ‘ସୁରଭି’

# ‘ଉନ୍ନତ ଚିନ୍ତାଧାରା ଓ କଠିନ ପରିଶ୍ରମ ଦ୍ୱାରା ସଫଳତା ସୁନିଶ୍ଚିତ’

ଖୋର୍ଦ୍ଧା,୮।୧୧(ସମିସ)

ସ୍ଥାନୀୟ ବକ୍ସି ଜଗବନ୍ଧୁ ବିଦ୍ୟାଧର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସମଗ୍ର ଶିକ୍ଷା ଖୋର୍ଦ୍ଧା ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଅମ୍ରିତ ଋତୁରାଜ ଯୋଗଦେଇ ପିଲାମାନଙ୍କ ଉଦ୍ଦେଶ୍ୟରେ ନିଜର ଆତ୍ମଜୀବନୀ ସର୍ବସମ୍ମୁଖରେ ଉପସ୍ଥାପନ କରି ନିଜର ଶିଶୁ ସମୟର ସଂଘର୍ଷକୁ ସମସ୍ତଙ୍କ ସମ୍ମୁଖରେ ପ୍ରଦାନ କରିଥିଲେ। ଉତ୍କୃଷ୍ଟ ଚିନ୍ତାଧାରା ଓ ନିଜ ପରିଶ୍ରମ ମାଧ୍ୟମରେ ସଫଳତାକୁ ସ୍ପର୍ଶ କରିବା ସହିତ ନିଜର ଅନ୍ତର୍ନିହିତ ଗୁଣାବଳୀର ବିକାଶ କରିବା ପାଇଁ ଜୀବନର ଲକ୍ଷ୍ୟ ପଥରେ ଅନୁପ୍ରେରିତ ହେବା ଉଚିତ୍। ମୁଖ୍ୟବକ୍ତାଭାବେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ଯୋଗଦେଇ ଆଦର୍ଶ ବିଦ୍ୟାଳୟ ଗଠନ ଉପରେ ଗୁରୁତ୍ୱ ଦେବା ସହିତ ଗୁରୁଜୀ, ଗୁରୁମା’ମାନଙ୍କର ଅବଦାନ ଓ କର୍ତ୍ତବ୍ୟନିଷ୍ଠ ଏକାନ୍ତ ଜରୁରୀ ହେବା ଉଚିତ୍। ପିଲାଙ୍କ ପ୍ରତି ଦାୟିତ୍ୱବୋଧ ଓ ଉତ୍ତରଦାୟିତ୍ୱ ରହିଲେ ଗୋଟିଏ ଭଲ ଶିଶୁ ଉତ୍ପନ୍ନ ହୋଇ ସମାଜରେ ପ୍ରତିଷ୍ଠିତ ହୋଇପାରିବ ବୋଲି କହିଥିଲେ।



ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ରାୟଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂହ, ସମ୍ମାନିତ ଅତିଥିଭାବେ ଜିଲ୍ଲା ପରିଷଦ ଉପସଭାପତି ଗୋପିନାଥ ମହାରଣା, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ କୁମାର ବେଉରା, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ରଶ୍ମିବାଳା ପରିଡ଼ା, ଡ. ପ୍ରଜ୍ଞା ପରମିତା ଜେନା, ବିଜୟ କୁମାର ବେହେରା, ପ୍ରଧାନଶିକ୍ଷକ ବିଭୁପ୍ରସାଦ ସେନାପତି, ବିଶିଷ୍ଟ ଅତିଥି ଭାବେ କଣ୍ଠଶିଳ୍ପୀ ରବିନ୍ଦ୍ର କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଅନୁସୂଚିତ ଜାତି ଓ ଜନଜାତିର ସଂଯୋଜିକା ସୁନିତା ପଟ୍ଟନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜିକା ରେବତୀ ପଣ୍ଡା, ଗୀତାଞ୍ଜଳି ସାହୁ ଓ ଶିକ୍ଷକ ଅଖିଳେଶ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଜିଲ୍ଲାର ୧୦ଟି ବ୍ଲକ୍ ଏବଂ ଭୁବନେଶ୍ୱର ମହାନଗର ନିଗମର ୩୭ଜଣ ଲେଖାଏ ମୋଟ ୪୦୭ ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ବିଶିଷ୍ଟ ଅତିଥି ହାସ୍ୟ ଅଭିନେତା ପ୍ରଜ୍ଞା ଓ ଶଙ୍କର ହାସ୍ୟ ଅଭିନୟ କରି ପିଲାମାନଙ୍କୁ ହସାଇବା ସହିତ ଆନନ୍ଦମୟ ପରିବେଶ ସୃଷ୍ଟି କରିଥିଲେ। ଖୋର୍ଦ୍ଧା ଜିଲ୍ଲାର ୧୦ଟି ବ୍ଲକ୍‌ର ସମସ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ଏବଂ ସମସ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ବିଜେବି ହାଇସ୍କୁଲର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ଖୋର୍ଦ୍ଧା ବ୍ଲକ୍‌ର ଅତିରିକ୍ତ ଶିକ୍ଷା ଅଧିକାରୀ ଭରତ ଚନ୍ଦ୍ର ପ୍ରଧାନ, ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ସନ୍ଧ୍ୟାବତୀ ଲେଙ୍କା, ଶିକ୍ଷକ ଯୁଧିଷ୍ଠିର ସାହୁ, ରବି ନାରାୟଣ ପଣ୍ଡା, ଅଗାଧୁ ସେଠୀ, ମୃତ୍ୟୁଞ୍ଜୟ ମହାପାତ୍ର, ଖୋର୍ଦ୍ଧା ବ୍ଲକ୍‌ର ସମସ୍ତ ସିଆର୍‌ସି ପ୍ରମୁଖ ସହଯୋଗ କରିଥିଲେ।

# ବାଇକ୍‌ରୁ ବିକଟାଳ ଶବ୍ଦ; ଲୋକେ ଭୟଭୀତ

ବାଲୁଗାଁ,୮।୧୧(ସମିସ): ବାଇକ୍ ସାଇଲେନ୍ସର ବଦଳାଇ ସେଥିରୁ ଅଧିକ ବିକଟାଳ ଶବ୍ଦ କରିବା ସହ ଭଳିକି ଭଳି ଉଚ୍ଚ ଶବ୍ଦକାରୀ ହର୍ଣ୍ଣ ଲଗାଇ ଗାଁଗଣ୍ଡା ରାସ୍ତାଘାଟରେ ବହୁ ବାଇକ୍ ଯାତାୟାତ କରୁଥିବା ଦେଖିବାକୁ ମିଳୁଛି। ଫଳରେ ବାଇକ୍‌ରୁ ବାହାରୁଥିବା ବିକଟାଳ ହର୍ଣ୍ଣ ଶବ୍ଦରେ କାନ ଫାଟିପଡୁଛି। ମଝିରେ ମଝିରେ ବାଇକ୍ ସାଇଲେନ୍ସରରୁ ବାଣ ଫୁଟିଲା ଭଳି ଶବ୍ଦ କରି କିଛି ଅସାମାଜିକ ଯୁବକ ବଜାର ଘାଟରେ ଘୂରି ବୁଲୁଛନ୍ତି। ବାଲୁଗାଁ ବାଣପୁର ସହରରେ ଭଳିକି ଭଳି ସ୍ପିଡ୍ ବାଇକ୍ ଓ ବୁଲେଟ୍ ଗାଡ଼ିରେ କମ୍ପାନୀ ଦେଉଥିବା ସାଇଲେନ୍ସର ଓ ହର୍ଣ୍ଣ ପରିବର୍ତ୍ତନ କରି ସାଇଲେନ୍ସରରୁ ବିକଟାଳ କାନଫଟା ଶବ୍ଦ ବାହାର କରିବା ସହ ଉଚ୍ଚ ଶବ୍ଦ ଯୁକ୍ତ ହର୍ଣ୍ଣ ଦେଇ ଯିବାର କିଛି ଉଦ୍ଧତ ଯୁବପିଢ଼ିଙ୍କ ଏକ ସଉକରେ ପରିଣତ ହୋଇଯାଇଛି। ଏଭଳି ବିକଟାଳ ଶବ୍ଦ କରି ବାଇକ୍ ରାସ୍ତାରେ ଯାତାୟାତ କରିବାରେ ଜନସାଧାରଣଙ୍କ ଲାଗି ବିପଦ ସୃଷ୍ଟି କରୁଛି। ଏପରି ଶବ୍ଦ ଶହ ଦ୍ରୁତଚାଳନା ପଥଚାରୀଙ୍କୁ ଭୟଭୀତ କରିବା ସହ ଦୁର୍ଘଟଣା ମୁହଁକୁ ଟାଣି ନେଉଛି। ମାତ୍ର ଏଥିପ୍ରତି ପରିବହନ ବିଭାଗର ଲଗାମ ନ ଥିବାବେଳେ ସ୍ଥାନୀୟ ପୁଲିସ କିଛି ବାଇକ୍‌କୁ ଜବତ କରି ବାଇକ୍ ଚାଳକଙ୍କୁ ଗିରଫ କରିବା ସତ୍ତ୍ୱେ କିଛି ଉଦ୍ଧତ ଯୁବପିଢ଼ି ଏହାକୁ ଖାତିର୍ କରୁନାହାନ୍ତି।



ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ବାଣପୁର ଅଞ୍ଚଳର ଜନବହୁଳ ପରିବେଶ ମଧ୍ୟରେ ଆଜିର ଯୁବସମାଜ ବାୟୁମଣ୍ଡଳକୁ ପ୍ରଦୂଷଣରୁ ରକ୍ଷା କରିବା ପରିବର୍ତ୍ତେ ଅଧିକ ପ୍ରଦୂଷିତ କରିବାକୁ ପଛାଉ ନ ଥିବା ଦେଖିବାକୁ ମିଳୁଛି। ଆଜିକାଲିର ଫେସନ୍‌ରେ ପରିଣତ ହୋଇଥିବା ଶବ୍ଦ ପ୍ରଦୂଷଣକାରୀ ବାଇକ୍ ସାଇଲେନ୍ସର ଓ ହର୍ଣ୍ଣକୁ ବର୍ତ୍ତମାନ ଯୁବସମାଜ ବହୁଳ ମାତ୍ରାରେ ବ୍ୟବହାର କରି ବିକଟାଳ ଶବ୍ଦ କରୁଥିବା ପରିଲକ୍ଷିତ ହୋଇଛି। ବିଶେଷ କରି ବରିଷ୍ଠ ନାଗରିକ, ହୃଦ୍‌ରୋଗୀଙ୍କ ପାଇଁ ଏହି ବିକଟାଳ ଶବ୍ଦକାରୀ ସାଇଲେନ୍ସର ଓ ହର୍ଣ୍ଣ ବିପଦ ସୃଷ୍ଟି କରୁଥିବା ଯୋଗୁଁ ଏହାକୁ ବନ୍ଦ କରିବା ଲାଗି ବରିଷ୍ଠ ନାଗରିକମାନେ ଦୃଢ଼ ଦାବି କରିଆସୁଛନ୍ତି। ଏଥିପ୍ରତି ପୁଲିସ କିଛି ଅମାନିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଥିବାବେଳେ ଏହାକୁ ଅଞ୍ଚଳରୁ ସମ୍ପୂର୍ଣ୍ଣ ରୋକ୍ ଲଗାଯାଇପାରୁ ନାହିଁ। ଯାହାଫଳରେ ବାଲୁଗାଁ ବାଣପୁର ଅଞ୍ଚଳରେ ଏହାର ବ୍ୟବହାର ବହୁଳ ମାତ୍ରାରେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ବିଭିନ୍ନ ସ୍ପୋର୍ଟସ୍ ବାଇକ୍, ବୁଲେଟ୍ ଆଦି ଗାଡ଼ିଗୁଡ଼ିକରେ ଏହାର ଅଧିକା ବ୍ୟବହାର କରାଯାଉଥିବା ବେଳେ ବିଶେଷ କରି ବହୁ ବାଇକ୍ ଗ୍ୟାରେଜ୍ ମେକାନିକ୍ ଏଭଳି ବିକଟାଳ ଶବ୍ଦ ପ୍ରଦୂଷଣକାରୀ ସାଇଲେନ୍ସର ଓ ହର୍ଣ୍ଣ ବାଇକ୍‌ରେ ଲାଗାଇ ଯା ଆସ କରୁଥିବା ଦେଖିବାକୁ ମିଳୁଛି। ଯାହାକି ସମ୍ପୂର୍ଣ୍ଣ ରୂପେ ପରିବହନ ବିଭାଗର ନିୟମ ବହିର୍ଭୂତ ଅଟେ। ଏହି ଗାଡ଼ିଗୁଡ଼ିକ ଯୋଗୁଁ ଶବ୍ଦ ପ୍ରଦୂଷଣ ବୃଦ୍ଧି ପାଉଥିବା ହେତୁ ଏ ଦିଗରେ ପରିବହନ ବିଭାଗ ତରଫରୁ ଦୃଢ଼ ପଦକ୍ଷେପ ଗ୍ରହଣ କରି ରୋକ୍ ଲଗାଇବା ପାଇଁ ସାଧାରଣରେ ଦୃଢ଼ ଦାବି ହେଉଛି।

● ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା

# ପ୍ରେମିକର ଘର ଆଗରେ ପ୍ରେମିକାର ଧାରଣା

ଗୋପ,୮।୧୧(ସମିସ): ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ପରେ ପ୍ରତାରଣା କରିବା ପରେ ନିରୁପାୟ ହୋଇ ଶନିବାର ସମ୍ପୃକ୍ତ ଯୁବତୀ ଜଣକ ପ୍ରେମିକଙ୍କ ଘର ଆଗରେ ଜଗନ୍ନାଥ ମହାପ୍ରଭୁଙ୍କ ଫଟୋ ଧରି ନିଜର ସିନ୍ଦୂର ଭିକ୍ଷା ପାଇଁ ଧାରଣା ଦେଇଛନ୍ତି। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଗୋପ ଥାନା ବିସରପୁର ଗାଁରେ।ଖବରରୁ ପ୍ରକାଶ, କଟକ ଜିଲ୍ଲା ବଡ଼ମ୍ବା ଥାନା ଅନ୍ତର୍ଗତ ଇଚ୍ଛାପୁର ଗାଁର ଜନୈକା ଯୁବତୀଙ୍କ ସହିତ ବିସରପୁର ଗାଁର ଉପେନ୍ଦ୍ର ପ୍ରଧାନଙ୍କ ପୁଅ ଅର୍ଜିତ ପ୍ରଧାନଙ୍କ ମଧ୍ୟରେ ପୁରୀ ଶ୍ରୀମନ୍ଦିର ସମ୍ମୁଖରେ ଦେଖାସାକ୍ଷାତ୍ ହୋଇଥିଲା। ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଅର୍ଜିତ ବିଭିନ୍ନ ସମୟରେ ତାଙ୍କ ସହିତ ବିବାହର ପ୍ରଲୋଭନ ଦେଖାଇ



ଶାରୀରିକ ସମ୍ପର୍କ ରଖି ବାରମ୍ବାର ଗର୍ଭପାତ କରିଥିବା ଯୁବତୀ ଜଣକ ଅଭିଯୋଗ କରିଛନ୍ତି। ଦୀର୍ଘ ୨ ବର୍ଷ ଧରି ପୁରୀରେ ଏକ ଭଡ଼ା ଘରେ ରହୁଥିବାବେଳେ ଗତ ଦୁଇ ମାସ ପୂର୍ବେ ଅର୍ଜିତ ପ୍ରେମିକାଙ୍କୁ କିଛି ନ ଜଣାଇ ଚମ୍ପଟ ମାରିଥିଲେ। ଯୁବତୀ ଜଣକ ଅର୍ଜିତଙ୍କୁ ଫୋନ୍ କରିଥିଲେ ମଧ୍ୟ ସେ ଫୋନ୍ ନ ଉଠାଇବାରୁ ତାଙ୍କ ସନ୍ଦେହ ବଢ଼ିଥିଲା। ତେବେ ଯୁବତୀ ଜଣକ ନିରୁପାୟ ହୋଇ ବହୁ ଖୋଜାଖୋଜି କରି ଶେଷରେ ଶୁକ୍ରବାର ଗୋପ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ଗୋପ ପୁଲିସ କିଛି ନ ବୁଝିବାରୁ ଶନିବାର ପୂର୍ବାହ୍ନ ୧୧ଟାରେ ଯୁବତୀ ଜଣକ ପ୍ରତାରିତ ପ୍ରେମିକ ଅର୍ଜିତଙ୍କ ଘର ସମ୍ମୁଖରେ ଧାରଣା ଦେଇଥିଲେ। ଦୀର୍ଘ ୬ ଘଣ୍ଟା ଧରି ଧାରଣାରେ ବସିବା ପରେ ଗୋପ ପୁଲିସ ବିସରପୁର ଗାଁରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଯୁବକଙ୍କ ଘର ସମ୍ମୁଖରେ ଯୁବତୀ ଧାରଣା ଦେବା ପରେ ତାଙ୍କ ପରିବାର ଲୋକେ ବାରିପଟ ଦେଇ ଅର୍ଜିତଙ୍କୁ ଫେରାର୍ କରାଇ ଦେଇଥିଲେ। ଏ ସମ୍ପର୍କରେ ଗୋପ ଥାନା ଅଧିକାରୀ ପ୍ରଶାନ୍ତ ପଡ଼ିଆରୀଙ୍କୁ ପଚାରିବାରୁ ସେ କହିଥିଲେ ସମ୍ପୃକ୍ତ ଯୁବକ ଫେରାର୍ ଅଛନ୍ତି, ଘଟଣାର ତଦନ୍ତ ଚାଲିଛି।

# ସରକାରୀ ଶିକ୍ଷକଙ୍କ ଦ୍ୱାରା ଚାଲିଛି ବେଆଇନ କୋଚିଂ ସେଣ୍ଟର୍

ନୟାହାଟ,୮।୧୧(ସମିସ): ସରକାରଙ୍କ ନୀତି ନିୟମକୁ ଶିକ୍ଷକମାନେ ମାନୁ ନ ଥିବାବେଳେ ନୟାହାଟ ଅଞ୍ଚଳରେ ବିଭିନ୍ନ ସ୍ଥାନରେ କୋଚିଂ ସେଣ୍ଟର୍ ଖୋଲି ଏକ ବ୍ୟବସାୟରେ ପରିଣତ କରିଛନ୍ତି। ପ୍ରାଥମିକ ଶିକ୍ଷକମାନେ ମାସକୁ ହଜାର ହଜାର ଟଙ୍କା ଦରମା ପାଉଥିବାବେଳେ ସେମାନେ କୋଚିଂ ସେଣ୍ଟର ଖୋଲିପାରିବେ ନାହିଁ ବୋଲି ସରକାରୀ ନିର୍ଦ୍ଦେଶ ଥିବାବେଳେ ନୟାହାଟର ଧୂମଳ ଗଳି, ଜହ୍ନିମାଳିଆ, ବାଉଁଶ ପୋଖରୀ ପ୍ରମୁଖ ସ୍ଥାନରେ ସରକାରୀ ଶିକ୍ଷକଙ୍କ ଦ୍ୱାରା ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ ଦିଆଯାଇଥାଏ। କୋଚିଂ ସେଣ୍ଟର୍ ନିକଟରେ ଶହଶହ ସାଇକଲ ଦେଖିବାକୁ ମିଳୁଛି। ଶିକ୍ଷିତ ବେକାର ଯୁବକ କୋଚିଂ ସେଣ୍ଟର୍ ଖୋଲିଥିଲେ ମଧ୍ୟ ପିଲାମାନେ ସେଠାକୁ ଡରରେ ଯାଉନାହାନ୍ତି। ପିଲାଙ୍କୁ ଫେଲ୍ କରାଯିବାର ଧମକ ଦେବାରୁ ଛାତ୍ରଛାତ୍ରୀମାନେ ବାଧ୍ୟ ହୋଇ ସରକାରୀ ଶିକ୍ଷକମାନଙ୍କ ପାଖକୁ ଯାଇଥାନ୍ତି। ଯାହାଫଳରେ ଶିକ୍ଷକମାନେ ମାଲାମାଲ ହେଉଥିବାବେଳେ ବେକାରୀ ଶିକ୍ଷିତ ଯୁବକଯୁବତୀମାନେ ହାତବାନ୍ଧି ବସିଛନ୍ତି। ସରକାରୀ ଶିକ୍ଷକ ଖୋଲିଥିବା କୋଚିଂ ସେଣ୍ଟର୍ ଉପରେ ଶିକ୍ଷା ବିଭାଗ ପକ୍ଷରୁ ଚଢ଼ଉ କରାଯାଇ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବେକାର ଶିକ୍ଷିତ ଯୁବକଯୁବତୀମାନେ ଦାବି କରିଛନ୍ତି।

# ପୁଲିସ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ

ବାଣପୁର,୮।୧୧(ସମିସ): ସାରା ରାଜ୍ୟରେ ବର୍ତ୍ତମାନ ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଚାଲିଥିବାବେଳେ ତଦନୁଯାୟୀ ଶୁକ୍ରବାର ଖୋର୍ଦ୍ଧା ଜିଲ୍ଲା ବାଣପୁର ପୁଲିସ ପକ୍ଷରୁ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଛାତ୍ରଛାତ୍ରୀ ଓ ଜନସାଧାରଣଙ୍କ ମଧ୍ୟରେ ସୁରକ୍ଷିତ ଡିଜିଟାଲ ଅଭ୍ୟାସର ବିକାଶ କରିବା। ଏହି ଅବସରରେ ପ୍ରଥମେ ବାଣପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ବିଦ୍ୟାଳୟସ୍ତରୀୟ କାର୍ଯ୍ୟକ୍ରମରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ବାଣପୁର ସେଣ୍ଟ୍ ଜାଭିୟର୍ସ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ସାମିଲ୍ ହୋଇଥିବାବେଳେ ପୁଲିସ ତରଫରୁ ଛାତ୍ରଛାତ୍ରୀ, ଶିକ୍ଷକ ଓ କର୍ମଚାରୀଙ୍କୁ ସାଇବର ସୁରକ୍ଷା ସମ୍ପର୍କରେ ଅବଗତ କରାଯିବା ସହ ସୁରକ୍ଷିତ ଇଣ୍ଟରନେଟ୍ ବ୍ୟବହାର ସମ୍ପର୍କରେ ସଚେତନ କରାଯାଇଥିଲା। ଏହି ଅବସରରେ ଆୟୋଜିତ ସାଇବର ସଚେତନତା ଶୋଭାଯାତ୍ରାରେ ସାଇବର ରଥ ସହିତ ବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ସାମିଲ୍ ହୋଇ ହାତରେ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ବାଣପୁର ବଜାର ପରିକ୍ରମା କରି ଲୋକଙ୍କୁ ସାଇବର ସୁରକ୍ଷା ପତ୍ରିକା ବଣ୍ଟନ କରିଥିଲେ। ଏହି ଅବସରରେ ଅପରାହ୍ଣରେ ସ୍ଥାନୀୟ ଗୋଦାବରୀଶ ମହାବିଦ୍ୟାଳୟରେ ଆୟୋଜିତ ମହାବିଦ୍ୟାଳୟସ୍ତରୀୟ କାର୍ଯ୍ୟକ୍ରମରେ ବାଲୁଗାଁ ଉପଖଣ୍ଡ ଆରକ୍ଷୀ ଅଧିକାରୀ ସଞ୍ଜୟ ପଟ୍ଟନାୟକ, ଜିଲ୍ଲା ସାଇବର ସେଲ ନିରୀକ୍ଷକ ସୁଚିତ୍ରା ଜେନା ଓ ବାଣପୁର ଥାନାଧିକାରୀ ରମେଶ କୁମାର ଦେବତା ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସୁରକ୍ଷା ସମ୍ପର୍କିତ ନାଟିକା ଓ ପୋଷ୍ଟର ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟାପକ ଓ ଯୁବ ସ୍ୱେଚ୍ଛାସେବୀମାନେ ସାମିଲ ହୋଇଥିବାବେଳେ ଡିଜିଟାଲ ସୁରକ୍ଷା ଓ ଦାୟିତ୍ୱପୂର୍ଣ୍ଣ ବ୍ୟବହାର ସମ୍ପର୍କରେ ପୁଲିସ ତାଲିମ ପ୍ରଦାନ କରିଥିଲେ।

ବାଲୁଗାଁ: ବାଲୁଗାଁ ମହାବିଦ୍ୟାଳୟ ପକ୍ଷରୁ ବାଲୁଗାଁ ପୁଲିସ ସହଯୋଗରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମକୁ ଅଧ୍ୟାପକ ଡ. କୈଳାଶ ଚନ୍ଦ୍ର ମହାରଣା ଓ ଅଧ୍ୟାପିକା ରୀନା ରାଉତ ପରିଚାଳନା କରିଥିଲେ। ମହାବିଦ୍ୟାଳୟ ଯୁକ୍ତ ଦୁଇ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ ଓ ବାଲୁଗାଁ ଥାନାର ତାଲିମରତ ପୁଲିସ ଅଧିକାରୀମାନେ ଯୋଗଦେଇ ସାଇବର ଠକେଇର ଶିକାର ହୋଇ କିପରି ନିରୀହ ଯୁବପିଢ଼ି ଓ ମହିଳାମାନେ ହନ୍ତସନ୍ତ ହେଉଛନ୍ତି ସେ ସମ୍ପର୍କରେ ଉପସ୍ଥିତ




ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ ଓ ଇଂରାଜୀ ଭାଷାରେ ସାଇବର ସୁରକ୍ଷା ସମ୍ପର୍କିତ ମଣ୍ଡଳସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଯସ୍ମିନ୍ ବେଗମ ଓ ବିଜୟଲକ୍ଷ୍ମୀ ପଣ୍ଡା ଶ୍ରେଷ୍ଠ ସ୍ଥାନ ଅଧିକାର କରି ଜିଲ୍ଲାସ୍ତରକୁ ଉତ୍ତୀର୍ଣ୍ଣ ହୋଇଥିଲେ। ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଖୋର୍ଦ୍ଧା ଆରକ୍ଷୀ ଅଧୀକ୍ଷକ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପିକା ମନସ୍ୱିନୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୋକାନରୁ ଚୋରି କରି ଗିରଫ

ବଳଙ୍ଗା,୮।୧୧(ସମିସ): ଶୁକ୍ରବାର ବିଳମ୍ବିତ ରାତିରେ ବଳଙ୍ଗା ଥାନା ଅନ୍ତର୍ଗତ ଗଡ଼ଚାନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସାମ୍ନାରେ ଥିବା ଏକ କ୍ୟାବିନ୍‌ରୁ ବିଭିନ୍ନ ସାମଗ୍ରୀ ଓ ନଗଦ ଟଙ୍କା ଚୋରି ମାମଲାରେ ପୁଲିସ ଶନିବାର ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣକ ଏହି ଥାନା ଅନ୍ତର୍ଗତ ଗୋପିନାଥପୁର ଗ୍ରାମରେ ଆକାଶ ବେହେରା ଓରଫ ଟିକିଲି ବୋଲି ପୁଲିସ ସୂଚନା ଦେଇଛି। ତା' ନିକଟରୁ ଚୋରିରେ ବ୍ୟବହୃତ ଏକ ବାଇକ୍‌କୁ ଜବତ କରାଯାଇଛି। ସୂଚନା ମୁତାବକ, ଗଡ଼ଚାନ୍ଦପୁର ଗ୍ରାମର ନୀଳମାଧବ ସ୍ୱାଇଁଙ୍କର ଗଡ଼ଚାନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସାମ୍ନାରେ ଏକ କ୍ୟାବିନ ପକାଇ ବ୍ୟବସାୟ କରନ୍ତି। ଆକାଶ ଅନ୍ୟ ୩ ଜଣଙ୍କ ସହ ମିଶି ଶୁକ୍ରବାର ବିଳମ୍ବିତ ରାତିରେ କ୍ୟାବିନ୍ ଭାଙ୍ଗି ଡ୍ର'ରେ ଥିବା ନଗଦ ୩୦ ହଜାର ଟଙ୍କା ଓ ୩୦ ହଜାର ଟଙ୍କା ମୂଲ୍ୟର ବିଭିନ୍ନ ସାମଗ୍ରୀକୁ ଏକ ଅଖାରେ ଲଦି ବାଇକ୍ ଯୋଗେ ଯିବା ସମୟରେ ନୀଳମାଧବଙ୍କ ହାବୁଡ଼ରେ ପଡ଼ିଥିଲେ। ସେ ଆକାଶକୁ ପୂର୍ବରୁ ଚିହ୍ନି ଥିବାରୁ ତାକୁ ଅଟକାଇବାକୁ ଚେଷ୍ଟା କରିବାକୁ ଆସିବାରୁ ଅଭିଯୁକ୍ତମାନେ ଫେରାର୍ ହୋଇଯାଇଥିଲେ। ଏନେଇ ନୀଳମାଧବଙ୍କ ପକ୍ଷରୁ ଶୁକ୍ରବାର ଥାନାରେ ଅଭିଯୋଗ ହେବା ପରେ ବଳଙ୍ଗା ଥାନା ଆଇଆଇସି ଦିବ୍ୟରଞ୍ଜନ ପଣ୍ଡା ଘଟଣାକୁ ଗୁରୁତ୍ୱର ସହ ନେଇ ୨୪୩/୨୫ରେ ଏକ ମାମଲା ରୁଜୁ କରିଥିଲେ। ତଦନ୍ତକାରୀ ଅଧିକାରିଣୀ ଶୁଭଲକ୍ଷ୍ମୀ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ ଶନିବାର ଭୋର୍ ସମୟରେ ଗୋପିନାଥପୁରସ୍ଥିତ ଆକାଶର ଘରେ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ଆକାଶ ପୁଲିସକୁ ଚକ୍‌ମା ଦେଇ ବାରିପଟେ ଖସିଯିବାକୁ ଉଦ୍ୟମ କରିବା ସମୟରେ ପୁଲିସ ଟିମ୍ ତାକୁ କାବୁ କରିବାରେ ସକ୍ଷମ ହୋଇଥିଲେ।

# ଆଶୀର୍ବାଦ ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା

କଣାସ,୮।୧୧(ସମସ): କଣାସ ବ୍ଲକ୍ ବଡ଼ାଲ ଗ୍ରାମ ପଞ୍ଚାୟତ ଆଶୀର୍ବାଦ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶନିବାର ବିଜ୍ଞାନ ମେଳା ପ୍ରଦର୍ଶିତ ହୋଇଯାଇଛି। ଏହି ମେଳାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ୨୩୭ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ପ୍ରକଳ୍ପଗୁଡ଼ିକ ପରିଦର୍ଶନ କରି ପ୍ରକଳ୍ପ



ନିର୍ମାଣ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରକଳ୍ପର ଉପକାରିତା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ମଣ୍ଡଳ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ବେହେରା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ କବିକସ୍ତୁରୀ ଦିଲ୍ଲୀପ ଶ୍ରୀଚନ୍ଦନ, ଅତିଥିଭାବେ ପ୍ରଫୁଲ୍ଲ ସ୍ୱାଇଁ, ଅଜୟ ସେଠୀ, ସର୍ବେଶ୍ୱର ଜେନା ପ୍ରମୁଖ ବିଜ୍ଞାନର ଉପାଦେୟତା ସମ୍ପର୍କରେ କହିଥିଲେ। ଅଜୟ କୁମାର ବଳିଆରସିଂହ ସଭାପତିତ୍ୱ କରିଥିଲେ। ପ୍ରଧାନଶିକ୍ଷକ କୈବଲ୍ୟ ସ୍ୱାଇଁ ଯୋଗଦେଇ ପ୍ରକଳ୍ପଗୁଡ଼ିକ ବୁଲି ଦେଖିବା ସହିତ ଛାତ୍ରଛାତ୍ରୀମାନେ ନିର୍ମାଣ କରିଥିବା ପ୍ରକଳ୍ପକୁ ପ୍ରଶଂସା କରିଥିଲେ।

# ମଞ୍ଚରେ ମହିଳା ସୁରକ୍ଷା ବାର୍ତ୍ତା ଦେଲେ କୁନି ଝିଅ

ଅସ୍ତରଙ୍ଗ,୮।୧୧(ସମିସ): ଅସ୍ତରଙ୍ଗ ବ୍ଲକ୍ ତାଳେଦା ଦେବୀ ନଦୀ ପଠାରେ ଥିବା ବାଲିଯାତ୍ରା ପଡ଼ିଆର ସାଂସ୍କୃତିକ ମଞ୍ଚରେ ୮ ବର୍ଷର କୁନି ଝିଅ ମହିଳା ସୁରକ୍ଷା ପାଇଁ "ଉଇ ୱାଣ୍ଟ ଫର୍ ଜଷ୍ଟିସ୍' ନୃତ୍ୟରେ ହଜାର ହଜାର ଦର୍ଶକଙ୍କୁ ସ୍ତମ୍ଭୀଭୂତ କରିଦେଲେ। ତାଳଦା ଦୀପାଞ୍ଚଳରେ ବାଲିଯାତ୍ରାର ଦ୍ୱିତୀୟ ବର୍ଷରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅନେକ କୁନି ପ୍ରତିଭାଙ୍କୁ ସେମାନଙ୍କ କଳା ପ୍ରଦର୍ଶନ ପାଇଁ ସୁଯୋଗ ଦିଆଯାଇଥିଲା। ମାତ୍ର ୮ ବର୍ଷର ଝିଅ ରେସ୍ମା ନୃତ୍ୟ ମାଧ୍ୟମରେ ମହିଳାଙ୍କ ସ୍ୱାଧୀକାର ଓ ସୁରକ୍ଷା ପାଇଁ ଜନସାଧାରଣ ଏବଂ ସରକାରଙ୍କୁ ପରାମର୍ଶ ଦେଇଥିଲେ। ଆମେ ଏବେ ବି




ଅବହେଳିତ, ଆମକୁ ଏଭଳି ସୁରକ୍ଷା ଦିଅ ସନ୍ଧ୍ୟା ସମୟରେ ଆମେ ବି ମୁଣ୍ଡ ଟେକି ନିଜକୁ ସୁରକ୍ଷିତ ମନେକରି ରାଜରାସ୍ତାରେ ଯେପରି ଚାଲିପାରିବୁ ବାର୍ତ୍ତା ଦେଇଥିଲେ। ରେସ୍ମା ହେଉଛନ୍ତି ଅସ୍ତରଙ୍ଗ ବ୍ଲକ୍ ନଗର ପଞ୍ଚାୟତ ରାମଚନ୍ଦ୍ର ବେହେରା ଓ ରାନୁ ବେହେରାଙ୍କ ଝିଅ। ସେ ଭୁବନେଶ୍ୱର ନୂଆଗାଁସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୫ ଶ୍ରେଣୀରେ ଅଧ୍ୟୟନରତ। ସମସ୍ତେ ରେସ୍ମା ଭଳି କୁନି ଝିଅଠୁ ଆଜିର ନାରୀ ସୁରକ୍ଷା ପାଇଁ କିଛି ଶିଖିବା ଦରକାର। ତାଙ୍କ ନୃତ୍ୟରେ ଥିଲା ଗୋଟେ ଅବହେଳିତ ପୀଡ଼ିତା ନାରୀର ଯନ୍ତ୍ରଣା। ଆଉ ସମସ୍ତେ ଏକାଠି ହୋଇ ମହିଳାଙ୍କୁ ସୁରକ୍ଷା ଦେବା ସହ ଏହା ଆମର ଦାୟିତ୍ୱ ବୋଲି ଗ୍ରହଣ କରିବା।

# ବିଦ୍ୟାଳୟରେ ଜାତୀୟ ଗୀତର ୧୫୦ତମ ପୂର୍ତ୍ତି ଦିବସ

ବାଣପୁର,୮।୧୧(ସମିସ): ବାଣପୁର ବାଲୁଗାଁ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଜାତୀୟ ଗୀତର ୧୫୦ତମ ପୂର୍ତ୍ତି ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ପୂର୍ବାହ୍ନରେ ବାଣପୁର ଗୋଦାବରୀଶ ମହାବିଦ୍ୟାଳୟ, ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ବାଲୁଗାଁ ମହାବିଦ୍ୟାଳୟ ସମେତ ଅଞ୍ଚଳର ସମସ୍ତ ଶିକ୍ଷାନୁଷ୍ଠାନ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପକ, ଶିକ୍ଷକ, ଛାତ୍ରଛାତ୍ରୀ ସାମିଲ୍ ହୋଇ ଜାତୀୟ ଗୀତ 'ବନ୍ଦେ ମାତରମ୍' ଗାନ କରିଥିଲେ। ଏହି କ୍ରମରେ ବାଣପୁର ଗୋଦାବରୀଶ ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ଏସ୍‌ପି ଏନ୍‌ଏସ୍ ବର୍ମାଙ୍କ ପୌରୋହିତ୍ୟରେ ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ସର୍ବେଶ୍ୱର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଜାତୀୟ ଗୀତର ୧୫୦ତମ ପୂର୍ତ୍ତି ଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଅଧ୍ୟକ୍ଷ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କୁ ଜାତୀୟ ଗୀତର ଉଦ୍ଦେଶ୍ୟ ଓ ପବିତ୍ର ଦିବସର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିବାବେଳେ ଏଥିରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ସାମିଲ୍ ହୋଇ ସାମୂହିକ ଭାବେ 'ବନ୍ଦେ ମାତରମ୍' ଗାନ କରିଥିଲେ।

# ଜିଲ୍ଲାସ୍ତରୀୟ 'ସୁରଭି' ବିଜେତାଙ୍କୁ ସମ୍ବର୍ଦ୍ଧନା

କଣାସ,୮।୧୧(ସମସ): କଣାସ ହାୟର ସେକେଣ୍ଡାରୀ ବିଦ୍ୟାଳୟର ୨ଜଣ ମେଧାବୀ ଛାତ୍ରୀ ଜିଲ୍ଲାସ୍ତରୀୟ 'ସୁରଭି' ପ୍ରତିଯୋଗିତାରେ ଭାଗ ନେଇ ଶିକ୍ଷାନୁଷ୍ଠାନ ପାଇଁ ଗୌରବ ହାସଲ କରିଛନ୍ତି। ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ଭାଗନେଇ ପ୍ରଥମ ବର୍ଷ କଳା ଛାତ୍ରୀ ମିନତୀ ନାୟକ ଦ୍ୱିତୀୟ ସ୍ଥାନ ଅଧିକାର କରି କଲେଜର ମର୍ଯ୍ୟାଦା ବଢ଼ାଇଛନ୍ତି। ସେହିପରି ସଙ୍ଗୀତ ପ୍ରତିଯୋଗିତାରେ ଭାଗନେଇ ଦ୍ୱିତୀୟ ବର୍ଷ କଳା ଛାତ୍ର ଦୀପକ ମାର୍ଥା ଜିଲ୍ଲାର ଦ୍ୱିତୀୟ




ସର୍ବୋଚ୍ଚ ସମ୍ମାନ ହାସଲ କରି ଉକ୍ତ ଶିକ୍ଷାନୁଷ୍ଠାନର ବିଜୟ ବାନା ଉଡ଼ାଇବାରେ ସମର୍ଥ ହୋଇଛନ୍ତି। ଉଭୟ ବିଜେତାଙ୍କୁ କଲେଜ ତରଫରୁ ଅଧ୍ୟାପକ ନିରଞ୍ଜନ ସ୍ୱାଇଁ ତଥା ଅନ୍ୟ ସହକର୍ମୀଙ୍କ ସହ ଅଧ୍ୟକ୍ଷା ସଞ୍ଜୁ ପଟ୍ଟନାୟକ ସମ୍ବର୍ଦ୍ଧିତ କରିଛନ୍ତି। ସେମାନଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରି ସମସ୍ତ ଅଧ୍ୟାପକ ଓ କର୍ମଚାରୀ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# କୃଷି ବିଜ୍ଞାନ କେନ୍ଦ୍ରରେ ଆର୍ଯ୍ୟା ପ୍ରକଳ୍ପର ଜିଲ୍ଲାସ୍ତରୀୟ ବୈଠକ

ସାକ୍ଷୀଗୋପାଳ,୮।୧୧(ସମିସ): କୃଷି ବିଜ୍ଞାନ କେନ୍ଦ୍ର ସାକ୍ଷୀଗୋପାଳ ପରିସରରେ ଶନିବାର ଏକ ଦିବସୀୟ ଜିଲ୍ଲାସ୍ତରୀୟ ଆର୍ଯ୍ୟା ପ୍ରକଳ୍ପର ବାର୍ଷିକ ବୈଠକ ଅନୁଷ୍ଠିତ ହୋଯାଇଛି। କାର୍ଯ୍ୟକ୍ରମରେ ଜାତୀୟସ୍ତରରେ ଅଟାରି ଜୋନ୍‌ର ପ୍ରକଳ୍ପ ନିର୍ଦ୍ଦେଶକ ଡ. ଅଭିଜିତ୍ ହାଲ୍‌ଦାର, କୃଷି ସମ୍ପ୍ରସାରଣର ସହ ନିର୍ଦ୍ଦେଶକ ଡ. ରବି ରତନ ଦାସ, ରାଜ୍ୟ ଆର୍ଯ୍ୟା ପ୍ରକଳ୍ପ ନିର୍ଦ୍ଦେଶିକା ଡ. ସର୍ବାଣୀ ଦାସ ପ୍ରକଳ୍ପ ଅନ୍ତର୍ଗତ ଯୁବ ଚାଷୀ ଜିଲ୍ଲାରେ କାର୍ଯ୍ୟରତ ଉଦ୍ୟାନ ଅଧିକାରୀ, କୃଷି ଅଧିକାରୀ, ମତ୍ସ୍ୟ ଅଧିକାରୀ, ପ୍ରାଣୀ ସମ୍ପଦ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ମତ୍ସ୍ୟ ବିଜ୍ଞାନୀ ଅଧିକାରୀ ଡ. ଅମ୍ବିକା ପ୍ରସାଦ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଏହି କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ସୂର୍ଯ୍ୟ ନାରାୟଣ ମିଶ୍ର ଉକ୍ତ କାର୍ଯ୍ୟକ୍ରମର ବିଗତ ବର୍ଷର କାର୍ଯ୍ୟକ୍ରମର ସୂଚନା ଦେବା ସହିତ ଓ ଚଳିତ ବର୍ଷର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଓୟୁଏଟି ସମ୍ପ୍ରସାରଣ ସହ ନିର୍ଦ୍ଦେଶକ ଡ. ରବି ରତନ ଦାସ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ପ୍ରକଳ୍ପର ସଫଳତା ଦୃଷ୍ଟାନ୍ତମୂଳକ ଉଦାହରଣ ବର୍ତ୍ତମାନ ପ୍ରକଳ୍ପଗୁଡ଼ିକୁ ଲୋକଲୋଚନକୁ ଆଣିବା ପାଇଁ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଜୋନାଲ ପ୍ରକଳ୍ପ ନିର୍ଦ୍ଦେଶକ ଡ. ଅଭିଜିତ୍ ହାଲ୍‌ଦାର ମହୁମାଛି, ମତ୍ସ୍ୟ, କୁକୁଡ଼ା ପାଳନ ଓ ଛତୁ ଚାଷରେ ଦକ୍ଷତା ଅବଲମ୍ବନ ପରେ କେନ୍ଦ୍ର ସହାୟତାରେ ସଫଳ ଯୁବପିଢ଼ିଙ୍କୁ ଅଭିନନ୍ଦନ ଜଣାଇଥିଲେ। ରାଜ୍ୟ ପ୍ରକଳ୍ପର ନିର୍ଦ୍ଦେଶିକା ସଫଳତା ଓ ବିଫଳତାର କାହାଣୀ ପ୍ରକାଶ କରି ଯୁବଚାଷୀଙ୍କୁ ଅନୁପ୍ରାଣିତ କରିବା ସହିତ କୃଷି କ୍ଷେତ୍ରରେ ଅନୁବନ୍ଧିତ କରି ରଖିବ ସେ ଦିଗରେ ଆଲୋକପାତ କରିଥିଲେ।



ଯୁବ ଚାଷୀମାନେ ପ୍ରକଳ୍ପ ମାଧ୍ୟମରେ କିପରି ସଫଳ ହୋଇପାରିଛନ୍ତି ତାହା ଅବଗତ କରିଥିଲେ। ବିଫଳତାର ସାମ୍ନା କରିଥିବା ଯୁବ ଚାଷୀମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରକଳ୍ପ ଅଧିକାରୀମାନେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନଙ୍କ ସହିତ ମହୁ ଚାଷରେ ସଫଳତା ପାଇଥିବା ପିପିଲି ବ୍ଲକ୍‌ର ସୁଶାନ୍ତ ସାହୁ ଏବଂ ସଦର ବ୍ଲକ୍‌ର ମତ୍ସ୍ୟ ଚାଷୀ ସନ୍ତୋଷ ଦାସଙ୍କ କ୍ଷେତ୍ର ପରିଦର୍ଶନ କରିଥିଲେ। କ୍ଷେତ୍ରର ପ୍ରକଳ୍ପ ଅଧିକାରୀ ଡ. ସୁମିତା ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ଡ. ଦୀପଶିଖା ପରମ୍‌ଜିତା, ଡ. ବିଷ୍ଣୁପଦ ଗିରି, ଡ. ସାର୍ଥକ ପଟ୍ଟନାୟକ, ରାଜେଶ ମହାପାତ୍ର, ବିଭୁପ୍ରସାଦ ଦାଶ, ଗୋପାଳ କୃଷ୍ଣ ଓଝା, ଶୁଭମ୍ ସାଗର ନାୟକ, ସ୍ମୃତିମୟୀ ମିଶ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ।

# ଗୋପୀନାଥ ଦେବ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ପ୍ରସ୍ତୁତି

କଣାସ,୮।୧୧(ସମିସ): କଣାସ ବ୍ଲକ୍ ଗଡ଼ିଶାଗୋଦାଠାରେ ପ୍ରତିଷ୍ଠିତ ଗୋପୀନାଥ ଦେବ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ତଥା ବିଦ୍ୟାଳୟର ପ୍ରତିଷ୍ଠାତା ଗୋପୀନାଥ ମଙ୍ଗରାଜଙ୍କ ୧୧୪ତମ ଜନ୍ମବାର୍ଷିକୀ ଓ ବିଦ୍ୟାଳୟର ୬୧ତମ ବାର୍ଷିକ ଉତ୍ସବ ପାଳନ ହେବା ସହ ବିଦ୍ୟାଳୟର ହୀରକ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ ଶନିବାର ବିଦ୍ୟାଳୟ ପରିସରରେ ପ୍ରଭାକର ମଙ୍ଗରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଡମ୍ବରୁଧର ସେଠୀ, ଗଙ୍ଗାଧର ପ୍ରଧାନ, ନିରଞ୍ଜନ ପାତ୍ର, ଚକ୍ରଧର ପ୍ରଧାନ, ଗୋବର୍ଦ୍ଧନ ବେହେରା, ରତ୍ନାକର ସାହୁ, ଦିଗମ୍ବର ସୁବୁଦ୍ଧି, ମଧୁସୂଦନ ଜେନା, ପ୍ରଭାକର ବେହେରା, ନିମାଇଁ ଚରଣ ସାହୁ, ଭରତ ହରିଚନ୍ଦନ, ମୃତ୍ୟୁଞ୍ଜୟ ଦକ୍ଷିଣରାୟ, ଭାସ୍କର ଚନ୍ଦ୍ର ପ୍ରଧାନ, ସତ୍ୟପିର ବଳିୟାରସିଂହଙ୍କ ସମେତ ବହୁ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ୨୦୨୬ ମାର୍ଚ୍ଚ ମାସରେ ହୀରକ ଜୟନ୍ତୀ ଉତ୍ସବ ପାଳନ ପାଇଁ ବିଶେଷ ଭାବେ ଆଲୋଚନା କରାଯାଇଥିଲା। ସୁଦୂର ମଫସଲ ଅଞ୍ଚଳରେ ରାସ୍ତାଘାଟ ନ ଥିବାବେଳେ ଶିକ୍ଷାର ଅଗ୍ରଗତି ପାଇଁ ସ୍ୱର୍ଗତ ଗୋପୀନାଥ ମଙ୍ଗରାଜ ଯେଉଁ ସ୍ୱପ୍ନ ଦେଖି ବିଦ୍ୟାଳୟ ସ୍ଥାପନ କରିଥିଲେ, ସେହି ବିଦ୍ୟାଳୟରୁ ବହୁ ଛାତ୍ରଛାତ୍ରୀ ଭଲ ମଣିଷ ହୋଇ ଉତ୍ତୀର୍ଣ୍ଣ ହେବା ସହ ରାଜ୍ୟ ଓ ରାଜ୍ୟ ବାହାରେ କାର୍ଯ୍ୟ କରୁଥିବା ଅତିଥିମାନେ ସମ୍ୟକ୍ ସୂଚନା ଦେଇଥିଲେ। ପ୍ରଧାନଶିକ୍ଷକ ଅମୀୟ ଜଗଦ୍ଦେବ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ନିମାଇଁ ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷାବିତ୍ ମୃତ୍ୟୁଞ୍ଜୟ ଦକ୍ଷିଣରାୟ ମଞ୍ଚ ପରିଚାଳନା କରିଥିଲେ।



BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112



ସିଟି କଟକ

ଐତିହାସିକ ବାଲିଯାତ୍ରା କଟକ

# ଚତୁର୍ଥ ଦିନରେ ରେକର୍ଡ ଛୁଇଁଲା ଭିଡ଼



କଟକ, ୮ ।୧୧(ସମିସ)

ଐତିହାସିକ ବାଲିଯାତ୍ରାର ଆଜି ଥିଲା ଚତୁର୍ଥଦିନ। ଯାତ୍ରା ପଡ଼ିଆରେ ଅପରାହ୍ନରୁ ଲୋକଙ୍କ ଭିଡ଼ ଜମିବା ଆରମ୍ଭ ହୋଇ ସନ୍ଧ୍ୟା ସୁଧା ପଡ଼ିଆରେ ଲୋକଙ୍କ ଗହଳି ଜମିଥିଲା। ମେଳା ପଡ଼ିଆରେ ପାଦ ରଖିବାକୁ ଜାଗା ନଥିଲା। ତଳପଡ଼ିଆରେ ଅପରାହ୍ନ ୪ଟାରୁ ଗହଳି ବଢ଼ିଥିଲା। ସନ୍ଧ୍ୟା ୫ଟା ବେଳକୁ ଯାତ୍ରା ପଡ଼ିଆ ଜାମ୍। ଏପଟେ ଟ୍ରାଫିକ୍ ସମସ୍ୟା ଉତ୍କଟ ହୋଇ ପଡ଼ିଥିଲା। ଶିଖରପୁର ଛକ ଠାରୁ ମାଲଗୋଦାମ ଥାନା ଦେଇ ଡିସିପିଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ, ତାଳଦଣ୍ଡା କେନାଲ୍ ରୋଡ୍, ମଲାଚଣ୍ଡିଆ ଛକ ଠାରୁ ଜୁଡିସିଆଲ୍ ଏକାଡେମୀ ଛକ ରାସ୍ତା ଦେଇ ସତୀଚଉରା ରାସ୍ତା, ଚହଟା ଛକଠାରୁ କ୍ୟାଣ୍ଟନମେଣ୍ଟ୍ ଥାନା ପର୍ଯ୍ୟନ୍ତ ଶହ ଶହ ଲୋକ ଭିଡ଼ରେ ଫସି ରହିଥିଲେ। ଆଜି ଯେମିତି ସହରର ସମସ୍ତ ରାସ୍ତା ବାଲିଯାତ୍ରାକୁ ହିଁ ଥିଲା। ମୁଖ୍ୟତଃ ଙ୍ଗିବନ୍ଧ ଜାମ୍ ହୋଇଯିବାରୁ ଯାତ୍ରା ପଡ଼ିଆକୁ ଯିବା ଓ ଫେରିବାରେ ସମସ୍ୟା ସୃଷ୍ଟି ହୋଇଥିଲା। କମିଶନରେଟ୍ ପୁଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା। ଟ୍ରାଫିକ୍‌ରେ ଶହ ଶହ ଯାତ୍ରୀ ଫସି ରହିଥିବାର ଦେଖିବାକୁ ମିଳିଥିଲା। ସହରର ରାସ୍ତା ଗୁଡ଼ିକରୁ ସହଜରେ ଜଣାପଡୁଥିଲା ଆଜିର ବାଲିଯାତ୍ରା ବ୍ୟବସାୟ ଜୋରଦାର୍ ହେବ ବୋଲି। ଠିକ୍ ପୂର୍ବାନୁମାନ ଅନୁସାରେ, ୩ଦିନ ଅପେକ୍ଷା ଆଜି ଜୋର୍‌ଦାର ବ୍ୟବସାୟ ହୋଇଥିଲା।

ମିଳିଥିବା ସୂଚନା ଅନୁସାରେ, କେବଳ ଆଜି ଏଡପୋଷ୍ଟ ଗୁଡ଼ିକରେ ପୁଲିସକୁ ଫୁରସତ୍ ନଥିଲା। ତଳ ପଡ଼ିଆରେ ହୋଇଥିବା ୨୧ଟି ଏଡପୋଷ୍ଟରେ ଉଭୟ ଅଫିସର ଓ କର୍ମଚାରୀ ଭିଡ଼ ନିୟନ୍ତ୍ରଣ କରିବା ସହିତ ଦର୍ଶକଙ୍କୁ ସୁରକ୍ଷା ଯୋଗାଇଥିଲେ। ମହିଳା, ଦିବ୍ୟାଙ୍ଗ, ବରିଷ୍ଠ ନାଗରିକ ଓ ହଜିଯାଇଥିବା ଜିନିଷପତ୍ରକୁ ଠାବ କରିବା ଲାଗି ୪ଟି ସ୍ୱତନ୍ତ୍ର ଦଳ ନାକେଦମ ହୋଇଥିଲେ। ଆଜି ଗହଳି ଥିବାରୁ ଭିଡ଼ ଭିତରେ ଅପରାଧ ଭିଆଇବାକୁ ମସୁଧା କରୁଥିବା ଅପରାଧୀଙ୍କ ଉପରେ ସ୍ୱତନ୍ତ୍ର ନଜର ରଖାଯାଇଥିଲା। ଚୋରି ଓ ଛିନତାଇ ଅଭିଯୋଗରେ ୩୦ ଜଣ ବଞ୍ଜାରା ଅଭିଯୁକ୍ତଙ୍କୁ ପୁଲିସ ଅଟକ ରଖିଥିଲା। ଅନ୍ୟପଟେ ପ୍ରତି 'ରୋ'ରେ ସାଦାପୋଷାକଧାରୀ ପୁଲିସ ଏହି ଅଭିଯୁକ୍ତଙ୍କୁ ଧରିଥିଲେ। ବାଲିଯାତ୍ରାରେ ଲୋକଙ୍କର ବେଶ ଘର କରଣା ସମଗ୍ରୀ କିଣିବାକୁ ଓରମାସ ପରିସରରେ ଭିଡ଼ ଜମିଥିଲା। ଏହାସହ ବ୍ରହ୍ମପୁର ଆଚାର, ପାମ୍ପଡ କିଣିବାକୁ ଲୋକ ବେଶ ଆଗ୍ରହ ଥିବା ଦେଖିବାକୁ ମିଳିଥିଲା। ସେହିପରି ପଡ଼ିଆରେ ଖାସ କରି ଛୋଟ ପିଲା ଓ ଯୁବପିଢ଼ି ଦୋଳି କାଉଣ୍ଟର ପାଖରେ ବେଶ ଭିଡ଼ ଜମାଇ ଦୋଳି'ର ମଜା ନେଇଥିଲେ। ପଡ଼ିଆରେ ନିରାମିଷ ଖାଦ୍ୟ ମଧ୍ୟରେ ଦହିବରା ଆଳୁଦମ, ଚାଟ, ମୋମୋ, ଠୁଙ୍କାପୁରୀ, ଲଙ୍କାଚପ ଇତ୍ୟାଦି ଖାଦ୍ୟ ଷ୍ଟଲ ଗୁଡିକରେ ଲୋକ ଭିଡ଼ ଜମାଇ ଖାଇବାର ମଜା ନେଉଥିବା ଦେଖିବାକୁ ମିଳିଥିଲା।











## କସ୍‌ମେଟିକ୍ ଟ୍ରେଣ୍ଡ

ବାଲିଯାତ୍ରାରେ କସ୍‌ମେଟିକ୍‌ର ଚାହିଦା ଏଥର ଜୋର୍‌ଦାର ଦେଖିବାକୁ ମିଳିଛି। ଉପରପଡ଼ିଆରେ କସ୍‌ମେଟିକ୍‌ର ସମ୍ଭାର ମେଳାକୁ ଆସୁଥିବା ଲୋକମାନଙ୍କୁ ଟାଣି ନେଉଛି। ତେବେ ଏହି ବ୍ୟବସାୟରେ ଅଫର୍ ଏବଂ ଦରକୁ ନେଇ ରହିଛି ସ୍ୱତନ୍ତ୍ର ଡିମାଣ୍ଡ ନାମୀଦାମୀ କମ୍ପାନୀର କସ୍‌ମେଟିକ୍ ଆଇଟମ୍‌ଗୁଡ଼ିକ ଦର ଅଧାଦାମରେ ମିଳୁଛି। ମ୍ୟାରିମ୍ ଫ୍ୟାସନ୍ ଆଣ୍ଡ ଗ୍ଲୋର ପରିଚାଳନା ନିର୍ଦ୍ଦେଶକ ସୁଜାତା ହୋତା କସ୍‌ମେଟିକ୍ ସାମଗ୍ରୀ ବିଷୟରେ ସୂଚନା ଦେଇ କହିଛନ୍ତି, ବାଲିଯାତ୍ରାକୁ ଥାଏ ଏକ ବଡ଼ ଅପେକ୍ଷା। ଆଇଲାଇନର୍, ଫାଉଣ୍ଡେସନ୍, ମାସ୍କାରା ଭଳି ବିଭିନ୍ନ ଫ୍ୟାସନ୍ ସାମଗ୍ରୀର ମୂଲ୍ୟକୁ ବାଲିଯାତ୍ରା ନିମନ୍ତେ କମାଇ ଦିଆଯାଇଛି। ଯାହାଫଳରେ ଲୋକମାନେ ସାଧାରଣ ଦରରେ ଅସାଧାରଣ ବ୍ରାଣ୍ଡର ସାମଗ୍ରୀ ପାଇ ପାରୁଛନ୍ତି। ଅଧାଦାମରେ ଆର୍ଷଣୀୟ ପରଫ୍ୟୁମ୍ ଗୁଡ଼ିକ ଏଠାରେ ଉପଲବ୍ଧ ହେଉଛି। ଏଣୁ ବାଲିଯାତ୍ରାରେ କସ୍‌ମେଟିକ୍ ଟ୍ରେଣ୍ଡ ଜୋରଦାର ରହିଥିବା ଦେଖିବାକୁ ମିଳୁଛି।




## କାଗଜଫୁଲର ମହକ

ଖାସ୍ କରି ବାଲିଯାତ୍ରାରେ ସୋଲ, ବାଉଁଶ, କାଗଜରେ ତିଆରି ଫୁଲର ଡିମାଣ୍ଡ ରହିଥାଏ। ଏଥର ବି ଯାତ୍ରାର ପ୍ରଥମ ଦିନରେ ଯାତ୍ରା ପଡ଼ିଆରେ ଫୁଲର ପସରା ମେଲିଛି। ଜଣେ ମେଳା ବୁଲିବାକୁ ଆସିଛି ଆଉ ହାତରେ ଏହି ନେଚୁରାଲ୍ ପେପର୍ ଫିନିସିଂ ଫୁଲ ନକିଣିଛି, ତାହା କେମିତି ହେବ! ଗେଣ୍ଡୁ, ଡାଲିଆ, ହେନା, ବିଭିନ୍ନ ପ୍ରଜାତିର କାକଟସ୍, ଭଳି ଭଳିକା ଫରେନ୍ ଫ୍ଲାୱାର୍ ଗୋଟିଏ ଷ୍ଟଲ୍‌ରେ ମିଳୁଛି। ନେଚୁରାଲ୍ ରଙ୍ଗ ସାଙ୍ଗକୁ ପ୍ଲାଷ୍ଟିକ୍ ଗମଲାର ସୌନ୍ଦର୍ଯ୍ୟ ମନ କିଣୁଥାଏ। ଦୀର୍ଘ ୧୭ବର୍ଷ ହେବ ବାଲିଯାତ୍ରାକୁ ଆସୁଥିବା ଫୁଲ ବ୍ୟବସାୟୀ ସ୍ୱାତୀ ବାନାର୍ଜୀ ଏଥର ଆଣିଛନ୍ତି ବିଭିନ୍ନ ପ୍ରକାର କାଗଜଫୁଲ। ତଳପଡ଼ିଆ ଓରମାସ୍ ପ୍ରଦର୍ଶନୀ ପଡ଼ିଆରେ ସେ ଷ୍ଟଲ୍ ପକାଇଛନ୍ତି। ତାଙ୍କ ଫୁଲ ଷ୍ଟଲରେ ୫ଟଙ୍କାରୁ ଆରମ୍ଭ କରି ୧ହଜାର ଟଙ୍କା ପର୍ଯ୍ୟନ୍ତ ବିଭିନ୍ନ ପ୍ରଜାତିର କାଗଜଫୁଲ ମିଳୁଛି। ସେ ୨ବର୍ଷ ପରେ ପୁଣି ଥରେ କଟକ ବାଲିଯାତ୍ରାକୁ ଆସିଥିବା ବେଳେ ଏଥର ବ୍ୟବସାୟ ଜମିବ ବୋଲି କହିଛନ୍ତି।



## ବିଶୃଙ୍ଖଳିତ ଘୋଡ଼ା ଓଟ ବେପାରୀ

ବାଲିଯାତ୍ରାର ନଦୀକୂଳରେ ଖାସ୍ ପର୍ଯ୍ୟଟକଙ୍କ ଆକୃଷ୍ଟ କରିବାକୁ ଓଟ ଓ ଘୋଡ଼ା ଧରି ବେପାରୀମାନେ ଛିଡ଼ା ହୋଇଛନ୍ତି। ୫୦ରୁ ୧୦୦ଟଙ୍କା ମଧ୍ୟରେ ଟିକେଟ୍ ରହିଛି। ଅଭିଭାବକମାନେ ନିଜର ପିଲାକୁ ଓଟ କିମ୍ବା ଘୋଡା ପିଠିରେ ବସାଇ ବୁଲାଇବାକୁ ପସନ୍ଦ କରୁଛନ୍ତି। ମହିଳାମାନେ ମଧ୍ୟ ଏହି ଘୋଡ଼ା ଏବଂ ଓଟ ପିଠିରେ ସନ୍ଧାରୁ ରାତି ୧୦ଟା ପର୍ଯ୍ୟନ୍ତ ବସୁଥିବାର ଦେଖିବାକୁ ମିଳୁଛି। ତେବେ ଏହି ଘୋଡ଼ା ଓ ଓଟ ବେପାରୀଙ୍କ ଦୌରାତ୍ମ୍ୟ ମେଳା ପଡ଼ିଆରେ ଦର୍ଶକଙ୍କୁ ଅତିଷ୍ଠ କରୁଛି। ମଦ୍ୟପାନ କରି ଘୋଡା ଓ ଓଟ ବେପାରୀମାନେ ଉତ୍ପାତ କରୁଛନ୍ତି। ପୁଲିସ ଆଢୁଆଳରେ ଯାତ୍ରା ପଛପଟେ ଏହି ଘୋଡା ଓ ଓଟ ବୋପାରୀମାନେ ବ୍ୟବସାୟ କରୁଥିବାରୁ ସାଧାରଣ ଦର୍ଶକ ଏମାନଙ୍କ ଯୋଗୁଁ ହଇରାଣରେ ପଡୁଛନ୍ତି।

## ଧରାପଡ଼ିଲେ ୭ ବଞ୍ଜାରା

ବାଲିଯାତ୍ରା ସମୟରେ ବଞ୍ଜାରାଙ୍କ ଉତ୍ପାତ ରୋକିବା ଲାଗି ଉଭୟ ପୁଲିସ ଓ ଆରପିଏଫ ସଜାଗ ରହିଛି। ବାଲଇଯାତ୍ରା ପଡ଼ିଆରେ ପୁଲିସ ବଞ୍ଜାରାଙ୍କ ଗତିବିଧି ଉପରେ ନଜର ରଖିଥିବା ବେଳେ ରେଳଷ୍ଟେସନ୍‌ରେ ଆରପିଏଫ୍ ଦୃଷ୍ଟି ଦେଇଛି। ପୂର୍ବରୁ ବାଲିଯାତ୍ରା ପଡ଼ିଆରେ ଥିବା କେତେକ ବଞ୍ଜାରାଙ୍କୁ ଖୋଜି ତଡି ଦିଆଯାଇଥିଲା। ଏବେ ରାଜ୍ୟ ବାହାରୁ ଆସୁଥିବା ବଞ୍ଜାରାଙ୍କୁ କଟକ ପ୍ରବେଶ ପୂର୍ବରୁ ରୋକିବାକୁ ପଦକ୍ଷେପ ନିଆଯାଇଛି। ଏହି ଅନୁସାରେ କଟକ ଓ ଏହାର ଆଖପାଖ ଷ୍ଟେସନରେ ଆରପିଏଫ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ଷ୍ଟେସନରେ ଟ୍ରେନ୍ ଆସି ପହଞ୍ଚିବା ପରେ ଆରପିଏଫ ଟ୍ରେନରୁ ଓହ୍ଲାଉଥିବା ସମସ୍ତ ଯାତ୍ରୀଙ୍କ ଗତିବିଧି ଉପରେ ନଜର ରଖୁଛି। ସନ୍ଦିଗ୍ଧ ତଥା ଟ୍ରେନ୍ ଟିକେଟ ନଥିବା ଯାତ୍ରୀଙ୍କୁ ଅଟକାଇ ପଚରାଉଚରା କରୁଛି। ସେଭଳି କେତେକ ବଞ୍ଜାରା ପରିବାର ଟ୍ରେନରୁ ଓହ୍ଲାଉଥିବା ବେଳେ ଧରାପଡ଼ିଥିଲେ। ଯାଞ୍ଚ କରିବାରୁ ସେମାନଙ୍କ ମଧ୍ୟରେ ୭ ଜଣ ବଞ୍ଜାରା ଥିବା ସ୍ପଷ୍ଟ ହୋଇଥିଲା। ଏମାନେ କଟକ ଷ୍ଟେସନ ସମେତ କାଠଯୋଡି ପାସେଞ୍ଜର ହଲ୍ଟ, ନିର୍ଗୁଣ୍ଡି ଆଦି ଷ୍ଟେସନରୁ ଧରାପଡ଼ିଥିଲେ। ଏହାପରେ ଆରପିଏଫ ସମସ୍ତଙ୍କୁ କଟକ ପୋଷ୍ଟକୁ ଧରି ଆଣି ପଚରାଉଚରା କରାଯାଇଥିଲା। ଧରାପଡ଼ିଥିବା ବଞ୍ଜାରାଙ୍କ ମଧ୍ୟରୁ ଅଧିକାଂଶ ନାବାଳକ। ସେମାନଙ୍କ ଘର ପଶ୍ଚିମବଙ୍ଗ ଓ ବିହାର ଅଞ୍ଚଳରେ। ପୂର୍ବରୁ ସେମାନେ ଓଡ଼ିଶାର ବିଭିନ୍ନ ଛୋଟ ଛୋଟ ଷ୍ଟେସନ ଓ ପାସେଞ୍ଜର ହଲଟରେ ଓହ୍ଲାଇ ଡେରା ପକାଉଛନ୍ତି। ଖାସକରି ଗଣେଶ ପୂଜାରୁ ପାର୍ବଣ ଆରମ୍ଭ ହେବା ପରଠାରୁ ସେମାନେ ଓଡ଼ିଶା ପଳାଇ ଆସି ଚୋରି, ଛିନତାଇ ଭଳି କାର୍ଯ୍ୟରେ ଲିପ୍ତ ରହୁଛନ୍ତି।






## ମନ କିଣୁଛି ପେପର୍ ମାସ୍କ

ପେପର୍ ମାସ୍କରେ ପ୍ରସ୍ତୁତ ସାମଗ୍ରୀ ପାଖରେ ଯାତ୍ରାର ପ୍ରଥମ ଦିନରୁ ଭିଡ଼ ଲାଗି ଥିବାର ଦେଖିବାକୁ ମିଳିଥିଲା। ଭଳି ଭଳିକା ଫଟୋ ଫ୍ରେମ୍ ଭିତରେ ପ୍ରକୃତିଠାରୁ ଆରମ୍ଭ କରି ଆମ ରାଜ୍ୟର କଳା, ସଂସ୍କୃତି ଓ ଐତିହ୍ୟର ଝଲକ ରହିଥିଲା। ଏହି ଷ୍ଟଲ୍‌ରେ ୫୦ଟଙ୍କାରୁ ଆରମ୍ଭ କରି ୧୫ହଜାର ଟଙ୍କା ପର୍ଯ୍ୟନ୍ତ ଫଟୋ ଫ୍ରେମ୍ ବିକ୍ରୟ ହେଉଛି। ଷ୍ଟଲ୍ ପକାଇଥିବା ପ୍ରିୟଙ୍କା ସେଠି କୁହନ୍ତି, ୨ବର୍ଷ ଯାତ୍ରା ହୋଇ ପାରି ନଥିଲା। ଏଥର କିନ୍ତୁ ଜୋରଦାର ବ୍ୟବସାୟ ହେବ ବୋଲି ଆଶା ବାନ୍ଧିଛୁ। ସର୍ବଦା ଫଟୋ ଫ୍ରେମ୍ ଓ ଡିଜାଇନ୍ ଉପରେ ଲୋକଙ୍କ ଚାହିଦା ଅଧିକ ରହିଥାଏ। ବାଲିଯାତ୍ରାରେ ଫଟୋ ଫ୍ରେମ୍ ବିକ୍ରୟ ଉଭୟ ତଳ ପଡ଼ିଆ ଓ ଉପର ପଡ଼ିଆରେ ହେଉଛି। ଖାସ୍ କରି ତଳପଡ଼ିଆରେ ଫଟୋ ଫ୍ରେମ୍ ବିକ୍ରି ଅଧିକ ହୋଇଥାଏ। ପ୍ଲାଷ୍ଟିକ୍, ଷ୍ଟିଲ୍ ଫ୍ରେମ୍ ଠାରୁ ପେପର୍ ମାକ୍ସ ସାମଗ୍ରୀର ଚମକ ଆକର୍ଷଣୀୟ ରହିଛି।



'ଆଶ୍ରୟ ଦି ସେଲ୍‌ଟର'ର ୩୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ପିଲାଙ୍କୁ ବାଲିଯାତ୍ରା ବୁଲାଇ ମୁହଁରେ ହସ ଫୁଟାଇଲେ ଯୁବ ସମାଜସେବୀ ଡ ରଞ୍ଜନ ବିଶ୍ୱାଳ ଓ ସାଥୀ




BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# ବିବାହ ପ୍ରତିଶୃତି ଦେଇ ପ୍ରେମିକାଙ୍କୁ ପ୍ରତାରଣା; ପ୍ରେମିକ ଗିରଫ

ଜୟପୁର, ୮ ।୧୧(ସମିସ): ଜୟପୁର ଟାଉନଥାନା ପୁଲିସ ଯୁବତୀଙ୍କୁ ବିବାହ ପ୍ରତିଶୃତି ଦେଇ ଦୁଷ୍କର୍ମ ଏବଂ ପ୍ରତାରଣା କରିବା ଅଭିଯୋଗରେ ପ୍ରେମିକ କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଥାନା ବାଗବେଢ଼ା ଗ୍ରାମର ଅଭିଯୁକ୍ତ ବୈକୁଣ୍ଠ ହରିଜନ (୨୩)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ପୁଲିସ ସୂଚନାନୁଯାୟୀ, ମାଲକାନଗିରି ଜିଲ୍ଲା ମାଥିଲି ଥାନା ଅଞ୍ଚଳର ପୀଡିତା ଯୁବତୀ ଏବଂ ଅଭିଯୁକ୍ତ ଯୁବକ ଜୟପୁର ସହରର ଏକ ଘରୋଇ ଚିକିତ୍ସାଳୟର କାର୍ଯ୍ୟ କରୁଥିଲେ । ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । ଅଭିଯୁକ୍ତ ବିବାହ ପ୍ରତିଶୃତି ଦେଇ ପୀଡିତାଙ୍କ ସହିତ ବାରମ୍ବାର ଶାରିରୀକ ସମ୍ପର୍କ ରଖିଥିଲେ । ଯୁବତୀ ଗର୍ଭବତୀ ହେବାରୁ ଔଷଧ ଦେଇ ତାଙ୍କର ଗର୍ଭପାତ କରୁଥିଲେ । ଶେଷରେ ଯୁବତୀ ଜଣକ ବିବାହ କରିବାକୁ ଜିଦ୍ କରିବାରୁ ଯୁବକ ମନା କରିଦେଇଥିଲେ । ଯୁବତୀ ଜଣକ ଜୟପୁର ଟାଉନଥାନାର ଦ୍ୱାରସ୍ଥ ହୋଇଥିଲେ । ଏନେଇ ଥାନାରେ ଏକ ମାମଲା ରୁଜୁ କରାଯିବା ପରେ ଅଭିଯୁକ୍ତ ପ୍ରେମିକକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ସୂଚାଛନ୍ତି ।

# ଆଦର୍ଶ ବିଦ୍ୟାଳୟରେ 'ବାଲ ବୈଜ୍ଞାନିକ ପ୍ରଦର୍ଶନୀ'




ବୈପାରୀଗୁଡ଼ା, ୮ ।୧୧(ସମିସ): ବୈପାରୀଗୁଡା ବ୍ଲକ୍ ଅନ୍ତର୍ଗତ ଚନ୍ଦ୍ରପଡ଼ା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟଠାରେ ବିଦ୍ୟାଳୟସ୍ତରୀୟ "ବାଲ ବୈଜ୍ଞାନିକ ପ୍ରଦର୍ଶନୀ' ଉଦ୍‌ଯାପିତ ହୋଇଯାଇଛି । ଏହି ପ୍ରଦର୍ଶନୀକୁ ବିଦ୍ୟାଳୟର ଅଧ୍ୟକ୍ଷ ଶଶିଭୂଷଣ ମହାପାତ୍ର ଉଦ୍‌ଘାଟନ କରିଥିବାବେଳେ ଏଥିରେ ବିଜ୍ଞାନ, ଗଣିତ ଓ ପରିବେଶଗତ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା । ମୋଟ ୪୫ଟି ଅଭିନବ ପ୍ରକଳ୍ପ ୬୦ ଜଣ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା । ସେଥିମଧ୍ୟରୁ ପ୍ରମୁଖ ସାତଟି ପ୍ରୋଜେକ୍ଟ ଚୟନ କରାଯାଇଛି । ଆଗାମୀ ଦିନରେ ହେବାକୁ ଥିବା ବ୍ଲକସ୍ତରୀୟ "ବାଲ ବୈଜ୍ଞାନିକ ପ୍ରଦର୍ଶନୀ'ରେ ଉକ୍ତ ସାତଟି ପ୍ରୋଜେକ୍ଟ ଆଦର୍ଶ ବିଦ୍ୟାଳୟ ତରଫରୁ ଭାଗ ନେବେ ବୋଲି ଜଣାପଡିଛି । ବିଜେତା ଛାତ୍ରଛାତ୍ରୀମାନେ ହେଲେ ସୁପ୍ରଜ୍ଞାନ ପରିଡ଼ା ଓ ସୁବିଦ୍ୱାନ ପରିଡ଼ା, ସ୍ମୃତି ସ୍ୱରୂପା ମହାନ୍ତି, ସମର୍ଥ ରାଉତରାୟ, ଆରାଧ୍ୟା ଚର୍ଚ୍ଚି, ଏସ୍. ସୁଭ୍ରାଂଶୁ ରାଓ, ତୃପ୍ତି ପାଙ୍ଗି, ୟଶବୀର ସିଂହ । ଏହି ଚୟନିତ ପ୍ରକଳ୍ପଗୁଡ଼ିକ ବ୍ଲକ୍‌ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ ଆଦର୍ଶ ବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରିବ । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ରେଶ୍ମାରାଣି ପଲେଇ ପରିଚାଳନା କରିଥିବାବେଳେ ବିଦ୍ୟାଳୟର ଆର୍ଟ ଶିକ୍ଷକ ଭିସାଲ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ ।

# ମୁଖ୍ୟମନ୍ତ୍ରୀ ବସ୍ ପାର୍କିଂ ସ୍ଥଳ ଅସୁରକ୍ଷିତ

● କର୍ତ୍ତୃପକ୍ଷଙ୍କୁ ଅବଗତ କଲେ କର୍ମଚାରୀ




କୋରାପୁଟ, ୮ ।୧୧(ସମିସ): କୋରାପୁଟ ଜିଲ୍ଲାର ବିଭିନ୍ନ ଗ୍ରାମ ପଞ୍ଚାୟତରେ ଯାତ୍ରୀ ପରିବହନ କ୍ଷେତ୍ରରେ ଗୁରୁତ୍ୱ ଭୂମିକା ତୁଲାଉଥିବା ଲକ୍ଷ୍ମୀ ବସ ଗୁଡ଼ିକର ପାର୍କିଂ ସ୍ଥାନ ଅସୁରକ୍ଷିତ ଥିବା ନେଇ କର୍ମଚାରୀମାନେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି । ଗତ ଦୁଇ ବର୍ଷ ହେଲା ଜିଲ୍ଲାର ବିଭିନ୍ନ ଉପାନ୍ତ ଅଞ୍ଚଳରେ ଲକ୍ଷ୍ମୀ ବସ୍ ଯାତ୍ରୀ ପରିବହନରେ ନିୟୋଜିତ ହୋଇଛି । କେତେକ ଗ୍ରାମ ପଞ୍ଚାୟତସଦର ମହକୁମାରେ କର୍ମଚାରୀ ଓ ବସ୍‌ଗୁଡ଼ିକ ରାତ୍ରୀ ରହଣୀ କରୁଛନ୍ତି; କିନ୍ତୁ ସେଠାରେ ରହିବା ପାଇଁ କୌଣସି ବ୍ୟବସ୍ଥା ନଥିବା ବେଳେ ବସ୍‌ଗୁଡ଼ିକ ମଧ ରଖିବା ପାଇଁ ଗ୍ରାମ ପଞ୍ଚାୟତରେ ସୁରକ୍ଷିତ ସ୍ଥାନ ନାହିଁ । ଫଳରେ କର୍ମଚାରୀମାନେ ଏକ ଅସୁରକ୍ଷିତ ପରିସ୍ଥିତିରେ ରାତ୍ରୀ ଯାପନ କରୁଛନ୍ତି । ବିଶେଷ କରି ଜିଲ୍ଲାର ଜୟପୁର, ବୋରିଗୁମ୍ମା, ସେମିଳିଗୁଡ଼ା, କୁନ୍ଦୁରା, ଏବଂ ଲକ୍ଷ୍ମୀପୁର ବ୍ଲକ୍‌ରେ ଏଭଳି ସ୍ଥିତି ରହିଛି । ତେଣୁ ଜିଲ୍ଲା ପ୍ରଶାସନ ଉପରୋକ୍ତ ସ୍ଥାନ ଗୁଡିକରେ ସୁରକ୍ଷିତ ରାତ୍ରୀ ରହଣୀ ବ୍ୟବସ୍ଥା ଓ ବସ୍ ପାର୍କିଂ ବ୍ୟବସ୍ଥା କରିବା ପର୍ଯ୍ୟନ୍ତ ସେଠାରେ ବସ୍ ରାତ୍ରୀ ରହଣୀ ବନ୍ଦ ରଖିବାକୁ କର୍ମଚାରୀମାନେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି ।

# ବିଷପିଇ ଚାଷୀଙ୍କ ଆତ୍ମହତ୍ୟା

ଜୟପୁର, ୮ ।୧୧(ସମିସ): ଜୟପୁର ସଦରଥାନା ଫାମ୍ପୁଣି ଗ୍ରାମପଞ୍ଚାୟତର କୁମୁଲିପୁଟ ଗ୍ରାମ ଠାରେ ଜଣେ ଚାଷୀ ବିଷପିଇ ଆତ୍ମହତ୍ୟା କରିଥିବା ଥାନାରେ ତାଙ୍କ ପତ୍ନୀ ଅଭିଯୋଗ କରିଛନ୍ତି । ପୁଲିସ ସୂଚନାନୁଯାୟୀ, ଗତକାଲି ଅପରାହ୍ନରେ କୁମୁଲିପୁଟ ଗ୍ରାମର ବାସିନ୍ଦା ତଥା ଚାଷୀ ହରି ଗୌଡ (୩୫) ନିଜ ଜମିରେ ଚାଷ କାର୍ଯ୍ୟକୁ ଶେଷ କରିବା ପରେ ମଧ୍ୟାହ୍ନରେ ଫେରିଥିଲେ । ଅପରାହ୍ନରେ ଶୋଇଥିଲେ । ତାଙ୍କ ପାଟିରୁ ଫେଣ ବାହାରୁଥିବା ଓ ସେ ଚେତାଶୂନ୍ୟ ହୋଇଥିବା ଦେଖି ପତ୍ନୀ ତିଳତ୍ତୋମା ଗୌଡ ଓ ପରିବାର ସଦସ୍ୟ ଗ୍ରାମବାସୀଙ୍କ ସହାୟତାରେ ଅଟୋ ଯୋଗେ ଚିକିତ୍ସାଳୟକୁ ନେଇଥିଲେ । ଆଜି ପୂର୍ବାହ୍ନରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି । ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଆଜି ତାଙ୍କର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ସଦରଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି ।

# ସାଇବର ସୁରକ୍ଷା ସଚେତନତା ଶିବିର



ଡାବୁଗାଁ, ୮।୧୧(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ଅଧୀନ ଡାବୁଗାଁ ସରକାରୀ (ଏସଏସଡି) ବାଳିକା ଉଚ୍ଚ ବିଦ୍ୟାଳୟ ଓ ଶିଂସାରି ସରକାରୀ (ଏସଏସଡି) ଉଚ୍ଚ ବିଦ୍ୟାଳୟ ଠାରେ ସାଇବର ସୁରକ୍ଷା ସଚେତନତା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରଥମେ ଛାତ୍ରଛାତ୍ରୀମାନେ ସାଇବର ରଥକୁ ସ୍ୱାଗତ କରିଥିଲେ । ପରେ ବିଦ୍ୟାଳୟରେ ଅନୁଷ୍ଠିତ ସଚେତନତା ଶିବିରରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ ଯୋଗଦେଇ ସାଇବର ଠକେଇ, ଅପରାଧର ବିଭିନ୍ନ କୌଶଳ ଯଥା ସାମାଜିକ ଗଣମାଧ୍ୟମ ଠକାମି, ଲଟେରୀ, ଅନଲାଇନ ଟ୍ରାଞ୍ଜାକ୍ସନ ଭଳି ଠକାମିରୁ ରକ୍ଷା ପାଇବାର ଉପାୟ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଏଥିରେ ଉମରକୋଟ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଶୁଭେନ୍ଦୁ ଶବର, ଡାବୁଗାଁ ଥାନା ଆଇଆଇସି ଗୋପାଳକୃଷ୍ଣ ଆଗୁପାତ୍ର, ସବ୍‌ଇନିସ୍ପେକ୍ଟର ଚନ୍ଦନ ସାହୁ, ଏଏସ୍‌ଆଇ ଗୋପାଳ କୃଷ୍ଣ ହଲଓ୍ୱା, ଶିଂସାରି ଫାଣ୍ଡି ଅଧିକାରୀ ହରିହର ଭତ୍ରା, ଡାବୁଗାଁ ସରକାରୀ (ଏସଏସଡି) ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସଞ୍ଜୁକ୍ତା ଦାସ ଓ ଶିଂସାରି ସରକାରୀ (ଏସଏସଡି) ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅବନୀ ମଜୁମଦାର, ୨ ଟି ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଓ ପୁଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ । କୁଇଜ୍ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା ।

# ପାକନାଗୁଡ଼ା ରାସ୍ତା ମରଣଯନ୍ତା

କୁନ୍ଦୁରା, ୮ ।୧୧(ସମିସ):



କୁନ୍ଦୁରା ବ୍ଲକ୍ ଅନ୍ତର୍ଗତ ଫୁଲଭଟ୍ଟା ଓ ଆସନା ପଞ୍ଚାୟତ ସଦର ଠାରୁ ବ୍ଲକ୍ ସଦରକୁ ସଂଯୋଗ କରୁଥିବା ମୁଖ୍ୟ ପାକନାଗୁଡା ରାସ୍ତା ପାଲଟିଛି ମରଣଯନ୍ତା । କୁନ୍ଦୁରା ଠାରୁ ପଖନାଗୁଡ଼ା ପର୍ଯ୍ୟନ୍ତ ୭ କିମି ରାସ୍ତା ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଛି । ପ୍ରାଧାନମନ୍ତ୍ରୀ ସଡ଼କ ଯୋଜନାରେ ଏହି ରାସ୍ତା ଗତ ୨୦୧୯ ରେ ୨ କୋଟି ୮୨ ଲକ୍ଷ ୨୮ ହଜାର ଟଙ୍କା ବ୍ୟୟରେ ନିର୍ମିତ ହୋଇଥିଲା । ପୂର୍ବରୁ ବହୁ ଦୟନୀୟ ଅବସ୍ଥାରେ ଥିବା ଏହି ମେଟାଲ୍ ମୋରମ୍ ରାସ୍ତା ପିଚୁ ହେବା ପରେ ଏହି ଦୁଇ ପଞ୍ଚାୟତବାସୀ ଖୁସିବ୍ୟକ୍ତ କରିଥିଲେ । ରାସ୍ତା କାମ ମଧ ଭଲ ହୋଇଥିଲା, କିନ୍ତୁ ମରାମତି ପାଇଁ ନିୟମ ଥିଲେ ବି ପରବର୍ତ୍ତୀ ସମୟରେ ଆଉ ମରାମତି କରାଗଲା ନାହିଁ । ମାତ୍ର ୬ ବର୍ଷରେ ରାସ୍ତା ଅବସ୍ଥା ପୂର୍ବଭଳି ହୋଇଯାଇଛି । ଏ ଭିତରେ ଗୁଲ୍‌ମି ତାପଜ ବିଦ୍ୟୁତ ପ୍ରକଳ୍ପ ନିର୍ମାଣରେ ଆବଶ୍ୟକ ସମାଗ୍ରୀ, ମେଟାଲ୍, ବଲ୍ଡର, ଚିପ୍ସ ଠାରୁ ପ୍ରକଳ୍ପ ପାଇଁ ଆବଶ୍ୟକ ଭାରି ଯନ୍ତ୍ରପାତି ସବୁ ଭାରିଯାନରେ ନିଆଗଲା । ରାସ୍ତାର କ୍ଷମତା ଠାରୁ ଅଧିକ ମାତ୍ରାର ଭାରି ଯାନ ପ୍ରତିଦିନ ଯାତାୟାତ କରିବା ଦ୍ୱାରା ରାସ୍ତା ୫୦ ପ୍ରତିଶତ ନଷ୍ଟ ହୋଇଯାଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଗତ ବର୍ଷ ଠାରୁ ରାମଗିରି ବାଗଦେରୀ ମୁଖ୍ୟରାସ୍ତା ପୂର୍ତ୍ତ ବିଭାଗ ଦ୍ୱାରା ନୂତନ ରାସ୍ତା ନିର୍ମାଣ ଚାଲିଛି । ସେଥିରେ ଆବଶ୍ୟକ ସମସ୍ତ ଜିନିଷ ବାଲି, ମେଟାଲ୍, ଚିପ୍ସ ଆଦି ଏହି ରାସ୍ତା ଦେଇ ନିଆଯାଉଛି । ବର୍ତ୍ତମାନ ପୂର୍ବରୁ ଥିବା ମୋରମ୍ ରାସ୍ତା ଠାରୁ ବି ଅଧିକ ଶୋଚନୀୟ ହୋଇପଡ଼ିଛି ଏହି ମୁଖ୍ୟ ରାସ୍ତା । ପ୍ରତିଦିନ ଉଚ୍ଚ କ୍ଷମତା ଭାରିଯାନ ଯାତାୟାତ କରିବା ଦ୍ୱାରା ବର୍ଷେ ଭିତରେ ରାସ୍ତାର ୮୦ ପ୍ରତିଶତ ସ୍ଥାନରେ ଦବି ଯାଇ ଫୁଟେ ଦୁଇ ଫୁଟର ଗାତ ହୋଇଛି । ଏହି ରାସ୍ତା ଦେଇ ଏହି ଦୁଇ ପଞ୍ଚାୟତର ସାଧାରଣ ଲୋକଙ୍କ ସମେତ ସ୍କୁଲ କଲେଜ ଛାତ୍ରଛାତ୍ରୀ, କୁନ୍ଦୁରା ସାପ୍ତାହିକ ହାଟ ଓ ଦୈନନ୍ଦିନ ବଜାର, ବ୍ଲକ୍ ସଦରରେ ବିଭିନ୍ନ ସରକାରୀ ବେସରକାରୀ କାର୍ଯ୍ୟାଳୟ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରତିଦିନ ଶହଶହ ଲୋକ ଯାତାୟାତ କରନ୍ତି । କେବଳ ଏହି ଦୁଇ ପଞ୍ଚାୟତ ନୁହଁ ବୈପାରୀଗୁଡ଼ା ବ୍ଲକର ଚେରକା, ସିନ୍ଧିଗାଁ, ବଡ଼ ଦୁର୍ଘଟଣା ମାନ ଘଟୁଛି । ଏହି ରାସ୍ତା ଦେଇ ଆସନା ଓ କେରମେଟି ପଞ୍ଚାୟତକୁ ଲକ୍ଷ୍ମୀବସ ଯାତାୟତ କରୁଛି, ଯାହାଦ୍ୱାରା କୁନ୍ଦୁରା ବ୍ଲକ୍‌ର ଉପାନ୍ତ ଏହି ପଞ୍ଚାୟତବାସୀ ବହୁ ଉପକୃତ ହେଉଛନ୍ତି । ରାସ୍ତା ଦିନକୁ ଦିନ

## ସମସ୍ୟା ଭୋଗୁଛନ୍ତି ୨ ପଞ୍ଚାୟତବାସୀ

ହଳଦୀକୁଣ୍ଡ ଓ ଗୁପ୍ତେଶ୍ୱର ଆଦି ଅଞ୍ଚଳରୁ ବହୁ ଲୋକ କୁନ୍ଦୁରା ହାଟ, ବଜାର ଓ ଅନ୍ୟାନ୍ୟ କାମରେ କୁନ୍ଦୁରାକୁ ଯାତାୟାତ କରିଥାନ୍ତି । କୁନ୍ଦୁରା ଠାରୁ ଗୁପ୍ତେଶ୍ୱର ଶୈବ ପୀଠକୁ ଯିବାକୁ ରାମଗିରି ବାଗଦେରୀ ମୁଖ୍ୟ ରାସ୍ତାକୁ ଏହି ରାସ୍ତାର ଦୂରତା ମାତ୍ର ୭ କିମି ମଧ୍ୟରେ ରହିଛି । ଆସନା, ଫୁଲଭଟ୍ଟା, କେରମେଟି ବଗଦେରୀ ଆଦି ପଞ୍ଚାୟତ ଅଞ୍ଚଳ ପାଇଁ ଆସନା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ୧୦୮ ଆମ୍ବୁଲାନ୍ସ ରହିଛି । ଏହି ଆମ୍ବୁଲାନ୍ସ ଏ ସବୁ ଅଞ୍ଚଳରୁ ଏହି ରାସ୍ତା ଦେଇ ବ୍ଲକ୍ ସଦରକୁ ଯାତାୟାତ କରିଥାଏ । ପ୍ରତିଦିନ ଛୋଟ ଖରାପ ହେଉଥିବାରୁ ତୁରନ୍ତ ମରାମତି ନ ହେଲେ ବସ୍ ଚଳାଚଳ ମଧ ବନ୍ଦ ହୋଇଯିବ ବୋଲି ଅଞ୍ଚଳବାସୀ ଆଶଙ୍କା ପ୍ରକାଶ କରିଛନ୍ତି । ଏନେଇ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ଇନ୍ଦ୍ର ବାସ୍କେଙ୍କୁ ପଚାରିବାରୁ ପ୍ରତିଦିନ ଭାରିଯାନ ଯାତାୟତ କରୁଥିବାରୁ ରାସ୍ତା ଅବସ୍ଥା ଖରାପ ହୋଇପଡ଼ିଛି । ଉନ୍ନୟନ ବିଭାଗ ଦ୍ୱାରା ରାସ୍ତା ଉନ୍ନତିକରଣ ନିମନ୍ତେ ପ୍ରକଳ୍ପ ପ୍ରସ୍ତାବ ପଠାଯାଇଛି । ଦୁଇ ତିନି ମାସ ମଧ୍ୟରେ ଅନୁମୋଦନ ହେବା ପରେ ଖୁବଶୀଘ୍ର କାମ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି ।

# ନାବାଳିକାଙ୍କୁ ଅପହରଣ ଓ ଦୁଷ୍କର୍ମ; ଯୁବକ ଗିରଫ

ଜୟପୁର, ୮ ।୧୧(ସମିସ): ଜୟପୁର ଟାଉନ ଥାନା ପୁଲିସ ନାବାଳିକାଙ୍କୁ ଅପହରଣ ଏବଂ ଦୁଷ୍କର୍ମ ମାମଲାରେ ସ୍ଥାନୀୟ ସଦରଥାନା ଥାନା ସୌରାଗୁଡାର ଅଭିଯୁକ୍ତ ଯୁବକ ବୁଡୁ ହରିଜନ (୨୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରିଫ ଅଭିଯୁକ୍ତ ଜୟପୁର ଟାଉନଥାନା ଅଞ୍ଚଳର ଜଣେ ୧୪ ବର୍ଷିଆ ନାବାଳିକାଙ୍କୁ ଅପହରଣ କରିବା ସହ ଜୋରଜବରଦସ୍ତ ଦୁଷ୍କର୍ମ କରିଥିଲେ । ନାବାଳିକାଙ୍କ ପରିବାର ଗତ ୫ ତାରିଖରେ ଟାଉନଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ଏନେଇ ନାବାଳିକା ଉତ୍ପିଡନା ଏବଂ ଅପହଣ ମାମଲା ରୁଜୁ କରି ତଦନ୍ତ ବେଳେ ଅଭିଯୁକ୍ତ ଯୁବକଙ୍କୁ କୋରାପୁଟଠାରେ ଗିରଫ କରିଥିଲେ । ନାବାଳିକାଙ୍କୁ ଉଦ୍ଧାର କରିବା ସହ ଉଭୟଙ୍କ ଡାକ୍ତର ମାଇନା ପରେ ନାବାଳିକାଙ୍କୁ ଶିଶୁ କଲ୍ୟାଣ ସମିତି ନିକଟରେ ହାଜର କରିଥିବା ବେଳେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଟାଉନ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି ।

# ବନ୍ଧୁଗାଁରେ 'ପରବ' ପ୍ରସ୍ତୁତି ବୈଠକ




ବନ୍ଧୁଗାଁ, ୮ ।୧୧(ସମିସ): ଚଳିତବର୍ଷ ପରବ ମହୋତ୍ସବ କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକର କୂଟଣିପଦର ସ୍ଥିତ ଶୈବପିଠରୁ ଉଦ୍‌ଘାଟିତ ହେବ । ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ଜିଲ୍ଲାର ୧୪ ଗୋଟି ବ୍ଲକର ପ୍ରତିନିଧି ନିଜନିଜ ବ୍ଲକ ପାଇଁ ମଶାଲ ନେଇ ପ୍ରଥମେ ପଞ୍ଚାୟତସ୍ତରୀୟ ଓ ପରେ ବ୍ଲକ୍‌ସ୍ତରୀୟ ପରବ ଆୟୋଜନ କରିବେ । ଏହି ଅବସରରେ ବନ୍ଧୁଗାଁ ବ୍ଲକ୍‌ରେ ପରବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଗସ୍ତକରି ଅଞ୍ଚଳ ବୁଲି ଦେଖିବା ସହ ପ୍ରସ୍ତୁତି ସମ୍ପର୍କରେ ବ୍ଲକ୍ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଆସନ୍ତା ନଭେମ୍ବର ୧୨ ତାରିଖରେ ହେବାକୁ ଥିବା ଉଦ୍‌ଘାଟନୀ ଉତ୍ସବରେ ବନ୍ଧୁଗାଁ ବ୍ଲକ୍‌ରୁ ଢେମଶା ଓ ବିଡ଼ିଓ ଓ ବ୍ଲକ୍ ଅଧ୍ୟକ୍ଷା ଓ କିଛି ସରକାରୀ କର୍ମଚାରି ଓ ପିଆର ମେମ୍ବର ଓ ରାଜନେତା କେଉଁ ପ୍ରକାର ଭାବରେ କୁଟୁଣୀପଦର ଯାଇ ବ୍ଲକ୍ ପରବ ଉଦ୍‌ଘାଟନ ପାଇଁ ମଶାଲ ଅଣିବେ ତା ଉପରେ ଆଜି ବ୍ଲକ ଅଧ୍ୟକ୍ଷା ସୁଶ୍ରୀ ଲକ୍ଷ୍ମୀ ମିଣ୍ୟାକାଙ୍କ ଅଧ୍ୟକ୍ଷତାରେ ହୋଇଥିବା ପ୍ରସ୍ତୁତି ବୈଠକରେ ÷ଆଲୋଚନା ହୋଇଥିଲା । ଆଜିର ଏହି ପରବ ବୈଠକରେ ବ୍ଲକ୍ ଅଧିକାରୀ ବିଡିଓ ମୀନତି ଜଗଦେବ, ଜିପିଇଓ ଅକ୍ଷୟ କୁମାର ପ୍ରଦାନ ବୈଠକର ଆୟୋଜନ କରିଥିଲେ । ବ୍ଲକର ସମସ୍ତ ପିଇଓ, ସମସ୍ତ ପଞ୍ଚାୟତର ସରପଞ୍ଚ, ସମସ୍ତ କନିଷ୍ଠ ଯନ୍ତ୍ରୀ ଓ ସମସ୍ତ ସମିତି ସଭ୍ୟସଭ୍ୟା, ବ୍ଲକ୍‌ର ବିଜେଡି ସଭାପତି ବାଲା ନାଗ, ଜିଲ୍ଲା ବିଜେପି ଦଳର ସାଧାରଣ ସମ୍ପାଦକ ସରତ ପାତ୍ର, ବନ୍ଧୁଗାଁ ବ୍ଲକ୍‌ର ସାଂସଦ ପ୍ରତିନିଧି ଲକ୍ଷଣ ଖସଲା, ବ୍ଲକ୍ ବିଧାୟକ ପ୍ରତିନିଧି ଡି.ଏଙ୍କାଟି ଓ ପ୍ରମୁଖ ମାନ୍ୟଗନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ନାବାଳିକାଙ୍କୁ ଅପହରଣ ଓ ଦୁଷ୍କର୍ମ; ଯୁବକ ଗିରଫ

ଜୟପୁର, ୮ ।୧୧(ସମିସ): ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାରେ ନବରଙ୍ଗପୁର ଜିଲ୍ଲା କୋଡିଗାଁ ଥାନା ଗାଦବାଗୁଡ଼ା ଅଞ୍ଚଳର ଅଭିଯୁକ୍ତ ଯୁବକ ଅର୍ଜୁନ ପରଜା (୨୧)ଙ୍କୁ ଜୟପୁର ମହିଳା ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ କୁନ୍ଦୁରା ଥାନା ଅଞ୍ଚଳର ଜଣେ ୧୬ ବର୍ଷିଆ ନାବାଳିକାକୁ ଅପହରଣ କରିବା ସହ ଦୁଷ୍କର୍ମ କରିଥିବା ନେଇ ନାବାଳିକାଙ୍କ ପିତା ଜୟପୁର ମହିଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ନାବାଳିକା ନିର୍ଯାତନା ସମେତ ଅନ୍ୟାନ୍ୟ ଧାରାରେ ମାମଲା ରୁଜୁ କରିଥିଲା । ତଦନ୍ତ ବେଳେ ଅଭିଯୁକ୍ତଙ୍କୁ ତାଙ୍କ ଗ୍ରାମରୁ ଗିରଫ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରିଥିଲେ । ଉଭୟଙ୍କ ଡାକ୍ତର ମାଇନା ପରେ ନାବାଳିକାଙ୍କୁ ଶିଶୁ କଲ୍ୟାଣ ସମିତି ନିକଟରେ ଉପସ୍ଥିତ କରାଯାଇଛି ବୋଲି ମହିଳା ଥାନା ଅଧିକାରୀ ଅଶ୍ରିତା ଖାଲକୋ ସୂଚନା ଦେଇଛନ୍ତି ।

# ଜିଲ୍ଲାସ୍ତରୀୟ 'ସୁରଭି' ଓ ଛାୟା ସଂସଦ ପ୍ରତିଯୋଗିତା

ନବରଙ୍ଗପୁର, ୮ ।୧୧(ସମିସ):




ସାଇ କଲ୍ୟାଣୀ ମଣ୍ଡପଠାରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ଛାୟା ସଂସଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ମୁଖ୍ୟ ଆତିଥି ଭାବେ ଯୋଗଦେଇ ସୁରଭି ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କର ଲୁକ୍କାୟିତ ପ୍ରତିଭାର ପରିପ୍ରକାଶ ହୋଇପାରିବ ଏବଂ ନବରଙ୍ଗପୁର ଜିଲ୍ଲାର ଲୋକକଳାର ମହକ ସାରା ରାଜ୍ୟରେ ସୁନାମ ଆଣିବ ବୋଲି ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବରେ ସିଡିଓ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଲକା, ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀ ସୁରେଶ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ମେହେର ଯୋଗଦେଇଥିଲେ । ୩୩ ବିଭାଗରେ ୬୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ବାପୁଜୀ ଉଚ୍ଚ ବିଦ୍ୟାଳୟ ତେନ୍ତୁଳିଖୁଣ୍ଟି ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଚନ୍ଦନା ମଲ୍ଲିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରକାଶ ମହଲିକ ଧନ୍ୟବାଦ ଅର୍ପଣ କରିଥିଲେ । ଏହାବ୍ୟତୀତ ଜିଲ୍ଲାସ୍ତରୀୟ ଛାୟା ସଂସଦ କାର୍ଯ୍ୟକ୍ରମରେ ୧୯ ଗୋଟି ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟର୧୬୨ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ସେମାନଙ୍କର ମଧ୍ୟରେ ବିଭିନ୍ନ ରାଜ୍ୟର କଳା, ସଂସ୍କୃତି, ବେଶଭୂଷା ଓ ଐତିହ୍ୟ ସ୍ଥାନକୁ ପ୍ରଦର୍ଶନ କରାଯାଇଥିଲା । ଏଥିରେ ଜଗଦାନନ୍ଦ ସୁନାରି, ବାଳକୃଷ୍ଣ ସାହୁ, ରାଜେଶ ନାୟକ, ବିଥିକ ମିଶ୍ର, ଅର୍ ଭି କିଶନ, ସନ୍ତୋଷ ଶତପଥୀ, ସୁନିଲ ତ୍ରିପାଠୀ, ଗୋକୁଳ ପୂଜାରୀ ସହଯୋଗ କରିଥିଲେ ।

# ବିଜେଡି ନେତାଙ୍କ ପରଲୋକ



ନନ୍ଦପୁର, ୮ ।୧୧(ସମିସ): କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକର ଜଣେ ବରିଷ୍ଠ କର୍ମୀ ଇରାୟ ଖରାଙ୍କ ପରଲୋକ ହୋଇଯାଇଛି । ୧୯୯୦ ମସିହାରେ ବିଜୁ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜୁ ଜନତା ଦଳରେ ଯୋଗ ଦାନ କରିଥିଲେ । ନନ୍ଦପୁର ବ୍ଲକ୍‌ର କୁଲାର ସିଂହ ଗ୍ରାମ ପଞ୍ଚାୟତ ଅଧୀନସ୍ଥ ସିପୁର ଝୋଲା ଗ୍ରାମର ଇରାୟା ଖରା କୁଲାର୍ଶି ଗ୍ରାମ ପଞ୍ଚାୟତର ତିନିତିନି ଥର ୱାର୍ଡ ମେମ୍ବର ଭାବେ ନିର୍ବାଚିତ ହୋଇଥିଲେ । ତାଙ୍କ ବିୟୋଗରେ ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗି, ପୀତମ୍ ପାଢ଼ିଙ୍କ ସମେତ ବରିଷ୍ଠ ନେତା ଗୋପାଳ କୃଷ୍ଣ ବେବର୍ତ୍ତା, ଜଗନ୍ନାଥ ପାଙ୍ଗି, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ କାର୍ତ୍ତିକ ଖେମୁଣ୍ଡୁ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷା ଲକ୍ଷ୍ମୀ ହନ୍ତାଳ, ଯୁବନେତା ଅନ୍ତର୍ଯ୍ୟାମୀ ଗୁଣ୍ଟା, ସୁରେଶ ପଟ୍ଟନାୟକ, ପ୍ରଭାତ ଗୁରୁମାଇ, ମୁନା ଦଳପତି, ବ୍ଲକ୍ ସଭାପତି କାଶୀନାଥ ଗୋଲରିଙ୍କ ସମେତ ବହୁ କର୍ମୀ ଶୋକ ପ୍ରକାଶ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି ।

## ଭିନ୍ନକ୍ଷମ ହେଲେ ବି ସକ୍ଷମ କମୁଲୁ

# ଗୋଟିଏ ହାତ ନାହିଁ; ବମ୍ବେ ଲଡୁ ବିକ୍ରି କରି ୫ ପ୍ରାଣୀଙ୍କୁ ପୋଷୁଛନ୍ତି



ମାଲକାନଗିରି, ୮ ।୧୧ (ସମିସ): ଜଣେ ପୁରୁଷ ଉପରେ ଯେବେ ପରିବାରକୁ ଚଳାଇବାର ଦାୟିତ୍ୱ ରହିଥାଏ ତାହା ସେହି ପୁରୁଷ ପାଇଁ କେବେ ବୋଝ ହୋଇ ନଥାଏ, ପରିସ୍ଥିତି ଚାହେଁ ଯେମିତି ବି ଥାଉ, ସେ ନିଜ କର୍ତ୍ତବ୍ୟ କରିବାରେ କେବେ ଅବହେଳା କରି ନଥାଏ । ସମାଜରେ ଏପରି ଅନେକ ଉଦାହରଣ ରହିଛି । ଏପରି ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲାରେ । ଜଣେ ଭିନ୍ନକ୍ଷମ ବ୍ୟକ୍ତି ନିଜର ଗୋଟିଏ ହାତ ହରାଇ ହତାଶ ନ ହୋଇ ନିଜ ପାଞ୍ଚ ପ୍ରାଣୀ କୁଟୁମ୍ବଙ୍କ ପେଟକୁ ଦାନା ଯୋଗାଡ଼ କରିବା ପାଇଁ ନୀତିଦିନ ନିଜ କର୍ତ୍ତବ୍ୟକୁ ସୂଚାରୁରୂପେ ତୁଲାଉଛନ୍ତି । ସଭ୍ୟ ଶିକ୍ଷିତ ସମାଜରେ ହାତ ଗୋଡ ଭଲ ଥାଇ ଚାକିରି ପଛରେ ଗୋଡ଼ାଇ ବେକାର ହୋଇ ବୁଲୁଥିବା ଯୁବ ଗୋଷ୍ଠୀଙ୍କ ପାଇଁ ସେ ପାଲଟିଛନ୍ତି ଉଦାହରଣ । ଏପରି ବ୍ୟକ୍ତି ହେଉଛନ୍ତି କମୁଲୁ କୋଡେ । ମାଲକାନଗିରି ଜିଲ୍ଲା ସଦର ମହକୁମାସ୍ଥ ଦୁର୍ଗାଗୁଡ଼ି ସାହିର କମୁଲୁ ଜଣେ ଭିନ୍ନକ୍ଷମ ଓ ଗରିବ ବ୍ୟକ୍ତି । ନିଜ ପରିବାର ପ୍ରତିପୋଷଣ ପାଇଁ କମୁଲୁ ହାଇଦ୍ରାବାଦରେ ଦାଦନ ଭାବେ କାର୍ଯ୍ୟ କରୁଥିବା ସମୟରେ ଗତ ୨୦୧୦ ମସିହାରେ ଏକ ଦୁର୍ଘଟଣାରେ ତାଙ୍କର ଡାହାଣ ହାତଟି ହରାଇ ଭିନ୍ନକ୍ଷମ ହୋଇଯାଇଥିଲେ । କାମ ଛାଡି ନିଜ ଘରକୁ ଫେରି ଆସିଲେ । ଘରେ ବସିରହିଲେ କିପରି ପରିବାର ଚଲାଇବେ ଭାବି କମୁଲୁ ଚିନ୍ତାରେ ରହୁଥିଲେ । ତେବେ ମନ ଭିତରେ ଦୃଢ ଇଚ୍ଛା ଶକ୍ତି ଓ ପରିବାର ପ୍ରତିପୋଷଣର ଦାୟିତ୍ୱକୁ ନେଇ ସେ ଭାଙ୍ଗିନପଡି ଗୋଟିଏ ହାତରେ ଆରମ୍ଭ କରିଥିଲେ ବମ୍ବେ ଲଡୁ ବିକ୍ରିର ଛୋଟିଆ ବ୍ୟବସାୟ । ଧାର କରଜ କରି ବମ୍ବେ ଲଡୁ ତିଆରିର ଛୋଟ ମେସିନଟିଏ କିଣି ନିଜ ଘରେ ଆରମ୍ଭ କରିଥିଲେ ବମ୍ବେ ଲଡୁ ତିଆରି କରିବା । ଗୋଟିଏ ବାମ ହାତରେ ସେ ଚିନିସିରା କରି ସେଥିରେ ନାଲି, ଗୋଲାପୀ ରଙ୍ଗ ଗୋଳାଇ ବମ୍ବେ ଲଡୁ ତିଆରି କଲେ । ତାଙ୍କର ଏହି କାର୍ଯ୍ୟରେ ପତ୍ନୀ ଫୁଲମତୀ, ଦୁଇ ଝିଅ ବିଦୃସ୍ମିତା ଓ ଲିପିସ୍ମିତା ଏବଂ ପୁଅ ହିମାଂଶୁ ମଧ ବାପାଙ୍କୁ ସାହାଯ୍ୟ କରିଥାନ୍ତି । ଭୋରୁ ୪ଟା ରୁ ଉଠି ପରିବାର ଲୋକେ ବମ୍ବେ ଲଡୁ ତିଆରି କରିବା ପରେ ସକାଳ ୭ଟାରୁ ଏକ ସାଇକେଲରେ ଓ ଚାଲି ଚାଲି ଏହାକୁ ବିକ୍ରି ପାଇଁ ବାହାରି ପଡ଼ନ୍ତି ଭିନ୍ନକ୍ଷମ କମୁଲୁ । ତେବେ ଜିଲ୍ଲା ସଦର ଠାରୁ ପ୍ରାୟ ୨୦ ରୁ ୨୫ କିମି ଯାଏଁ ସେ ସାଇକେଲରେ ଯାଇ ବିଭିନ୍ନ ହାଟରେ ମଧ ଏହି ବମ୍ବେ ଲଡୁ ବିକ୍ରୟ କରନ୍ତି । ସେହି ବିକ୍ରି ଟଙ୍କାରେ ପରିବାର ଚଲାଇବା ସହ ଦୁଇ ଝିଅଙ୍କୁ କଲେଜରେ ଓ ପୁଅକୁ ହାଇସ୍କୁଲରେ ପାଠ ପଢ଼ାଉଛନ୍ତି କମୁଲୁ । ସେ ଅଧିକ ପାଠ ପଢ଼ି ନଥିଲେ ମଧ ଶିକ୍ଷାର ମୂଲ୍ୟ ବୁଝିଛନ୍ତି, ଅଭାବୀ ସଂସାର ମଧ୍ୟରେ ଦୁଇ ଝିଅ ଓ ପୁଅକୁ ପାଠ ପଢ଼ାଇ ବଡ଼ ମଣିଷ କରିବା ପାଇଁ ଗୋଟିଏ ହାତରେ ପରିଶ୍ରମ କରିଚାଲିଛନ୍ତି କମୁଲୁ । ସରକାରଙ୍କ ପକ୍ଷରୁ ତାଙ୍କୁ କେବଳ ଭିନ୍ନକ୍ଷମ ଭତ୍ତା ଟଙ୍କା ମିଳୁଛି । ସ୍ୱଳ୍ପ ରୋଜଗାରରେ ମଧ ହସହସ ମୁହଁରେ କମୁଲୁ ବମ୍ବେ ଲଡୁ ବିକି ବେସ ଖୁସି ବାଣ୍ଟିବା ସହ ନିଜେବି ବେସ ଖୁସିରେ ରୁହନ୍ତି । ଗୋଟିଏ ହାତ ନଥିଲେ ବି ଅନ୍ୟ ଉପରେ ନିର୍ଭର ନକରି ନିଜ କାମ ନିଜେ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# ଐତିହାସିକ ବାଲିଯାତ୍ରା କଟକ

# ବିଭୋର କଲେ ସ୍ୱୟମ୍, ଶଶାଙ୍କ









**କଟକ,୮।୧୧(ସମିସ):** ଐତିହାସିକ ବାଲିଯାତ୍ରା କଟକର ଚତୁର୍ଥ ଦିନରେ ଓଲିଉଡ୍ କଣ୍ଠଶିଳ୍ପୀ ସ୍ୱୟମ୍ ପାଢ଼ୀ ଓ ଶଶାଙ୍କ ଶେଖରଙ୍କ ସଂଗୀତକୁ ଦର୍ଶକମାନେ ମନଭରି ଉପଭୋଗ କରିଥିଲେ। ସ୍ୱୟମ୍‌ଙ୍କ ଡ୍ୟାନ୍ସ ନମ୍ବର ହେଉ କି ଶଶାଙ୍କ କଣ୍ଠରୁ ରୋମାଣ୍ଟିକ୍ ନମ୍ବର, ଦୀର୍ଘ ସମୟ ଧରି ଦର୍ଶକଙ୍କୁ ବାନ୍ଧି ରଖିଥିଲା। ତୁ ଚଞ୍ଚଳ ନଇ'ଟେ-ମୁଁ ଚଗଲା ଦରିଆ, ମତେ ପିଲେଇ ଦେ, ପ୍ରେମର ଖଜୁରୀ ତାଡ଼ି, କାଉ ତୋ ବୋଉ କୁ ନଉ, ତୋ ଦେହରେ ଲାଗିଯାଉ ମୋ ଆୟୁଷ, ଦଶମ ଝିଅ ଭଳି ଗୋଟିଏ ପରେ ଗୋଟିଏ ହିଟ୍ ଗୀତକୁ ବୈଷ୍ଣବ ପାଣି ମଞ୍ଚରେ ଭେଟି ଦେଇଥିଲେ ଓଲିଉଡ୍ ରୋମାଣ୍ଟିକ୍ କଣ୍ଠଶିଳ୍ପୀ ସ୍ୱୟମ୍ ପାଢ଼ୀ। ସେହିପରି ଅକ୍ଷୟ ମହାନ୍ତିଙ୍କ ମଞ୍ଚଲରେ ଦର୍ଶକଙ୍କୁ ବାନ୍ଧି ରଖିଥିଲେ ଶଶାଙ୍କ ଶେଖର। ହିରୀ ଲୀଳା ମୋତି ମାଣିକ, ତୋ ଆଖି ନୀଳ କଇଁ, ରୁମୁକ୍ ଝୁମାନା, ଏ ଜୀବନ ମୋ ଜବନ, ତୁ ମୋର ଜୀବନର ସୁନେଲି ସନ୍ଧ୍ୟା..ନାଁ ତୋର ଦେଇଛି ମୁଁ ରଜନୀ ଗନ୍ଧା....ଭଳି ରୋମାଣ୍ଟିକ୍ ଗୀତ ଗାଇ ଦର୍ଶକଙ୍କୁ ବେଶ୍ କିଛି ସମୟ ବାନ୍ଧି ରଖିଥିଲେ।

ଆଜି ବାଲିଯାତ୍ରା ପଡ଼ିଆର ୨ ମଞ୍ଚ ଗଣକବି ବୈଷ୍ଣବ ପାଣି ମଞ୍ଚ ଓ ଅକ୍ଷୟ ମହାନ୍ତି ମଞ୍ଚରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସାଇ ଶମ୍ଭୁ ଭଜନ ସମାରୋହ, ବ୍ଲୁ ଆଣ୍ଡ ବ୍ରାଇଟ୍ ଇନର୍ ଟ୍ୟାଲେଣ୍ଟ୍ ଏକାଡେମୀର ସାଂସ୍କୃତିକ ବିଚିତ୍ରା ଓ ରାଜସ୍ଥାନୀ ନୃତ୍ୟ, ଡିଭାଇନ୍ ଡ୍ୟାନ୍ସ ଆଣ୍ଡ ମ୍ୟୁଜିକ୍ ସ୍କୁଲ୍ ପକ୍ଷରୁ ଶାସ୍ତ୍ରୀୟ ନୃତ୍ୟ, କଟକ ନୃତ୍ୟସ୍ରୋବ କମିଟିର ନୃତ୍ୟ, ଲୋକ-ଶାସ୍ତ୍ର କଳା ପରିଷଦ ପକ୍ଷରୁ ନୃତ୍ୟ ଦର୍ଶକଙ୍କୁ ମନୋରଞ୍ଜନ କରାଇଥିଲା। ସେହିପରି ନୃତ୍ୟ ଜ୍ୟୋତି କାର୍ଯ୍ୟକ୍ରମ, ନୃତ୍ୟ ମୟୂରୀର କ୍ରିଷ୍ଣାୟ ନମଃ କାର୍ଯ୍ୟକ୍ରମକୁ ଦର୍ଶକ ବେଶ୍ ପ୍ରଶଂସା କରିଥିଲେ। ଦୀପ୍ତି ରାଉତରାୟଙ୍କ ନମାମି ରାମମ୍, ସାଇ ଶ୍ରଦ୍ଧା ଟେଲିପ୍ରଡକ୍ସନର ସାଧବ ସାଧବାଣୀ, ସଙ୍ଗୀତ କଥକ ଡ୍ୟାନ୍ସ ଏକାଡେମୀର ସାଂସ୍କୃତିକ ବିଚିତ୍ରାକୁ ଦର୍ଶକ ଅନେକ ସମୟ ଧରି ଉପଭୋଗ କରିଥିଲେ। ସଙ୍ଗୀତା ସାହୁଙ୍କ 'କଥକ' ନୃତ୍ୟ, ନୃତ୍ୟ ଭାରତୀର ଝୁମର୍ ନୃତ୍ୟରେ ଦୁଲୁକିଥିଲା ବୈଷ୍ଣବପାଣି ମଞ୍ଚ। ସେହିପରି 'ଅକ୍ଷୟ ମହାନ୍ତି ମଞ୍ଚ'ରେ ମ୍ୟୁଜିକ୍ ୱାର୍ଲ୍ଡ କଲଚରାଲ ଆସୋସିଏସନ୍‌ର କଳାକାରମାନେ ମେଲୋଡ଼ି ପରିବେଷଣ କରିଥିଲେ। ଜ୍ଞାନଲକ୍ଷ୍ମୀ କଳା ପ୍ରତିଷ୍ଠାନ ପକ୍ଷରୁ 'ଢେମସା' ନୃତ୍ୟ ଥିଲା ଆଜି ସନ୍ଧ୍ୟାର ଅନ୍ୟତମ ଆକର୍ଷଣ। ଗଣକବି ବୈଷ୍ଣବ ପାଣି କ୍ଲବ, ମାହାଙ୍ଗା ପକ୍ଷରୁ ପରିବେଷଣ କରାଯାଇଥିଲା 'କର୍ଣ୍ଣ ବଦ୍ଧ ଗୀତିନାଟ୍ୟ'। ନୃତ୍ୟ ପ୍ରଜ୍ଞା ପବ୍ଲିକ ଚାରିଟେବଲ୍ ଟ୍ରଷ୍ଟ ପକ୍ଷରୁ ସାଂସ୍କୃତିକ ବିଚିତ୍ରା ବେଶ୍ ଉପଭୋଗ୍ୟ ହୋଇଥିଲା। ଅନ୍ୟପଟେ ରୋଜ ଟ୍ରି ଡ୍ୟାନ୍ସ ଇନଷ୍ଟିଚ୍ୟୁଟ୍ ପକ୍ଷରୁ ଜ୍ଞାନ ରଞ୍ଜନ ନାୟକ 'ମୁଁ ଓଡ଼ିଆ' କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷରେ ଶିଳ୍ପୀକଳା ନିକେତନ, କଟକ ପକ୍ଷରୁ ସବିତା ମହାନ୍ତି ଓଡ଼ିଶୀ ନୃତ୍ୟରେ ଦର୍ଶକଙ୍କୁ କିଛି ସମୟ ଧରି ବାନ୍ଧି ରଖିଥିଲେ। ୨ଟି ମଞ୍ଚରେ ଶହ ଶହ ଦର୍ଶକ ଭିଡ଼ ଜମାଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।



## ସୃଜନଶୀଳତାର ଅଭିନବ ପ୍ରୟାସ

## ଗୁଆପତ୍ରରେ ପ୍ଲେଟ୍, ବାଟି ଓ ଚାମଚ୍



ସୁପାରି ତଥା ଗୁଆ ପତ୍ରରୁ ତିଆରି ହେଉଛି ପ୍ଲେଟ୍, ବାଟି ଓ ଚାମଚ୍। ଭୋଗରାଇର ମହିଳାମାନଙ୍କ ଦ୍ୱାରା ଏଭଳି ସଫଳ ଉଦ୍ୟମ କରାଯାଇଥିବା ବେଳେ ବାଲିଯାତ୍ରାରେ ଏହାର ସ୍ୱତନ୍ତ୍ର ଡିମାଣ୍ଡ ରହିଛି। ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ୍‌ର ସ୍ୱୟଂସହାୟକ ଗୋଷ୍ଠୀ ମହିଳାମାନେ ନିଜ ଶ୍ରମ ଓ ସୃଜନଶୀଳତା ଦ୍ୱାରା ଏହି ଅଭୁତ ଉଦ୍ୟମ ଆରମ୍ଭ କରିଛନ୍ତି। ସେମାନେ ସୁପାରି (ଗୁଆ) ଗଛର ପତ୍ରକୁ ବ୍ୟବହାର କରି ପ୍ଲେଟ୍, ବାଟି, ଚାମଚ ତିଆରି କରୁଛନ୍ତି। ଏହି ପଦାର୍ଥଗୁଡ଼ିକ ପ୍ଲାଷ୍ଟିକ ଓ ଥର୍ମୋକୋଲ୍ ପଦାର୍ଥର ବିକଳ୍ପ ଭାବେ ପରିବେଶ ଉପଯୋଗୀ ହେବାରୁ ଲୋକମାନଙ୍କ ମଧ୍ୟରେ ବିଶେଷ ଆକର୍ଷଣ ସୃଷ୍ଟି କରିଛି। ଏହି ସାମଗ୍ରୀ ମଜବୁତ, ହାଲୁକା ଓ କମ୍ ଖର୍ଚ୍ଚ ହେବାରୁ ଗ୍ରାହକମାନେ ଆନନ୍ଦର ସହ ସେଗୁଡ଼ିକ କିଣୁଛନ୍ତି। ଏହି ଉଦ୍ୟମ ମାଧ୍ୟମରେ ଗ୍ରାମୀଣ ମହିଳାମାନଙ୍କ ଆତ୍ମନିର୍ଭରଶୀଳତା ଓ ଆର୍ଥିକ ସ୍ୱାଧୀନତା ବୃଦ୍ଧି ପାଇଛି। ପୂର୍ବରୁ ଯେଉଁମାନେ ଗୃହକାର୍ଯ୍ୟରେ ସୀମିତ ଥିଲେ, ଆଜି ସେମାନେ ନିଜ ହାତରେ ପରିବେଶ ସୁରକ୍ଷା ସହିତ ଆର୍ଥିକ ଉନ୍ନତିର ନୂଆ ପଥ ତିଆରି କରୁଛନ୍ତି। ଏହି ପଦାର୍ଥଗୁଡ଼ିକରେ ରାସାୟନିକ ପଦାର୍ଥ ବ୍ୟବହାର ନ ହେବାରୁ ସେଗୁଡ଼ିକ ପ୍ରାକୃତିକ ଓ ସ୍ୱାସ୍ଥ୍ୟ ସୁରକ୍ଷିତ। ସାଧାରଣ ଲୋକଙ୍କ ପାଇଁ ଏହା ଏକ ଶସ୍ତା ଏବଂ ପରିବେଶରସହଜ ବିକଳ୍ପ। ଭୋଗରାଇ ବ୍ଲକ୍‌ର ଏହି ସ୍ୱୟଂସହାୟକ ଗୋଷ୍ଠୀ ଆଜି ସମଗ୍ର ଓଡ଼ିଶା ପାଇଁ ଏକ ପ୍ରେରଣାଦାୟକ ଉଦାହରଣ ହୋଇଛନ୍ତି।

## ଅପମିଶ୍ରିତ ଓ ବାସିଖାଦ୍ୟ



ବାଲିଯାତ୍ରାରେ ଅପମିଶ୍ରିତ ତଥା ବାସି ଖାଦ୍ୟର ପସରା ମେଲିଛି। ଏହି ଅଭିଯୋଗ ନେଇ ଶନିବାର କଟକ ମହାନଗର ନିଗମର ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି। ଯାଞ୍ଚବେଳେ ପ୍ରାୟ ୫କ୍ୱିଣ୍ଟାଲ ବାସି ଖାଦ୍ୟକୁ ନଷ୍ଟ କରାଯାଇଛି। ସେହିଭଳି ଅନେକ ସ୍ଥାନରେ ବ୍ୟବହାର ତାରିଖ ଅତିକ୍ରାନ୍ତ ହୋଇଥିବା ଦହି, ସସ୍, ଖାଇବା ତେଲ, ମସଲା ଆଦି ମଧ୍ୟ ନଷ୍ଟ କରାଯାଇଛି। ଭ୍ରାମ୍ୟମାଣ ପରୀକ୍ଷାଗାରରେ ଜବତ ଖାଦ୍ୟ ନମୁନା ଯାଞ୍ଚ କରାଯାଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସଚେତନତା ସତ୍ତ୍ୱେ ଯେଉଁ ବ୍ୟବସାୟୀମାନେ ବାରମ୍ବାର ଏଭଳି ଖାଦ୍ୟ ପସରାରେ ଅପମିଶ୍ରଣ କରି ଧରାପଡୁଛନ୍ତି ସେମାନଙ୍କୁ ଆସନ୍ତା ବାଲିଯାତ୍ରାରେ ଆଉ ଷ୍ଟଲ ନଦେବା ପାଇଁ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରାଯିବ ବୋଲି କୁହାଯାଇଛି।

## ଶୁଖୁଆ କିଲୋ ଦେଢ଼ ହଜାର




ବାଲିଯାତ୍ରାରୁ ଘରକୁ ଶୁଖୁଆ କିଣିକରି ନେବା ପାଇଁ ସମସ୍ତଙ୍କ ଲାଳସା। ଏଥିପାଇଁ ରାସ୍ତାପାଖରେ ବିକ୍ରି ହେଉଥିବା ଶୁଖୁଆ ହେଉ କି ଷ୍ଟଲରେ ମିଳୁଥିବା ଶୁଖୁଆର ଚାହିଦା ସବୁ ବର୍ଷ ରହିଥାଏ। ଏଥର ବାଲିଯାତ୍ରାର ଶୁଖୁଆ ଷ୍ଟଲରେ ବେଶ୍ ଗହଳି ଦେଖିବାକୁ ମିଳୁଛି। ଏପରିକି ଇଲିସି ଶୁଖୁଆ କିଲୋ ପ୍ରତି ୧ ହଜାରରୁ ଦେଢ଼ ହଜାର ଟଙ୍କାରେ ବିକ୍ରି ହେଉଛି। ଛୋଟ ଇଲିସି ଶୁଖୁଆର ଦାମ ଏକ ହଜାର ମଧ୍ୟରେ ରହିଛି। ଶୁଖୁଆ ଉତ୍ପାଦକ ଗୋଷ୍ଠୀ ଆଣିଥିବା ଷ୍ଟଲରେ ମିଳୁଛି ଏହି ଶୁଖୁଆ। ମେସିନ ଦ୍ୱାରା ପ୍ରସ୍ତୁତ ଏହି ଶୁଖୁଆ ତିଆରି କରାଯାଉଛି। ଷ୍ଟଲରେ ଇଲିସି, ଚିଙ୍ଗୁଡ଼ି, ଖଅଙ୍ଗା, ଖାବଲ, ପାମ୍ପଲେଟ ଆଦି ୪୦ ପ୍ରକାର ଶୁଖୁଆ ଗୋଟା କିମ୍ବା ପ୍ୟାକେଟ କରି ବିକ୍ରି ହେଉଛି।

ଭୁବନେଶ୍ୱର ବାଲିଯାତ୍ରା

# ମଞ୍ଚରେ କମାଲ କଲେ ଅନ୍ତରା



**ନନ୍ଦନକାନନ,୮।୧୧(ସମିସ):** ଆଜିଥିଲା ଦ୍ୱିତୀୟ ଶନିବାର ସରକାରୀ ଛୁଟିଦିନ। ଏଥିପାଇଁ ସନ୍ଧ୍ୟା ହେବା ପୂର୍ବରୁ ଭୁବନେଶ୍ୱର ବାଲିଯାତ୍ରା ପଡ଼ିଆକୁ ହୁ ହୁ ହୋଇ ମାଡି ଆସିଲେ ହଜାର ହଜାର ସଂଖ୍ୟକ ଦର୍ଶକ। ବିଭିନ୍ନ ଫୁଡ୍ ଷ୍ଟଲରୁ ମାତ୍ର କିଛି ସମୟ ମଧ୍ୟରେ ଖାଲି ହୋଇଗଲା ଖାଦ୍ୟ ପଦାର୍ଥ। ଶନିବାର ଭୁବନେଶ୍ୱର ବାଲିଯାତ୍ରାରେ ଏହିଭଳି ଦେଖିବାକୁ ମିଳିଥିଲା। ସନ୍ଧ୍ୟା ଯେତେ ବଢୁଥାଏ ଦର୍ଶକ ହୁ ହୁ ହୋଇ ଜୁଆର ଭଳି ମାଡି ଆସୁଥାନ୍ତି। ଲକ୍ଷ ଲକ୍ଷ ଦର୍ଶକଙ୍କ ସମାଗମରେ ଚାହୁଁ ଚାହୁଁ ଭୁବନେଶ୍ୱର ବାଲିଯାତ୍ରା ପଡିଆ ରୁନ୍ଧି ହୋଇଯାଇଥିଲା। ଆଉ ବିନା ପିଆଜ ରସୁଣରେ ମଞ୍ଚୁରିଆନ, ଚାଓମିନ ସିଙ୍ଗଡା, ଲଙ୍କା ଚାପ, ମଥୁରା କେକ, କଟଲେଟ,ମିଠା ମକା ସିଝା,ମସଲା ଚାଇ, ମୋଜୀଟୋ, ପିଜା, ବାଇଟସ, ସାଂଡଉଇଚ, ବର୍ଗର,ପିଜା, ରୋଟି, ଚିକେନ, ଲଚ୍ଛା ପରଠା, ପନିର ପକୋଡା, ଚିଲି ଚିକେନ, ଚିକେନ ଲେଗ ପିସ, ବିରିୟାନୀ, ଦହିବରା, ଛୋଲେ ବଟୁରେ, ଦୋସା, ଠୁଙ୍କା ପୁରି, ପାପଡି ଚାଟ, ମୋକଟେଲ, ରୋଲ, ପତ୍ର ପୋଡା ଚିକେନ, କଙ୍କଡା, ଅଣ୍ଡା, ଚୁଙ୍ଗୁଡ଼ି, ଆଇସ କ୍ରିମ ସବୁ ଖାଇ ସଫା କରିଦେଇଥିଲେ। ଖାଲି ଖାଇ ନଥିଲେ ବହେ ଲେଖା ଘରକୁ ନେଇ ଯାଇଥିଲେ। ସେମିତି ଘରକରଣା ଜିନିଷ, ମନୋହରି, ଶଙ୍ଖା, ଚୁଡି, ଶାଢ଼ି, ବସ୍ତ୍ର, ଆଚାର, କନ୍ଧମାଳ ହଳଦୀ, ମସଲା, ଖେଳନା, କାନରେ, ନାକର, ମଙ୍ଗଳ ସୂତ୍ର, ହରେକମାଲ, ବେଡ଼ସିଟ, ତକିଆ, ଝାଡୁ, କୁଲା, ବାଉଁଶିଆ, ଫଟଚିତ୍ର,ହସ ବେଲୁଣି, ସବୁ ଗଣ୍ଡା ଗଣ୍ଡା କରି ନେଇ ଯାଇଥିଲେ। ପ୍ରଥମ ମଞ୍ଚରେ ଖଚାଖଚ୍‌ଚ ଦର୍ଶକଙ୍କ ଭିଡ଼ ଜମିଥିଲା। ଅନ୍ତରା ଚକ୍ରବର୍ତ୍ତୀ ଦର୍ଶକଙ୍କ ମେଳରେ ଗାୟି ନାଚି ଦର୍ଶକଙ୍କୁ ଫୁଲ ବୋବାଲିଆ କରି ଦେଇଥିଲେ। ଦର୍ଶକ ବି ଉଠି ଆସି ଅନ୍ତରାଙ୍କ ସହ ଧୁମ ନାଚିଥିଲେ। ଜାନୁ ଉଡ଼ି ଉଡ଼ି ବାଇକରେ ଯିବା ଭୁବନେଶ୍ୱର ବାଲିଯାତ୍ରା ବୁଲି ଆସିବା , ତୁ ମୋ କୁଲଫି ବାର,ସହର ରେ ଲାଗିଯିବ ନିଆଁ,ଯାଯାବର ଯାଯାବର,ତୁ ପାଗଳ କରିଛୁ ମତେ ଛାତି ତଳେ ଲାଗେ ନିଆଁ,ଜାନୁ କାହିଁ ତମେ ଚମକୁଛ,ଆମ ଗାଁ ଝିଅ,ତାଳେ ତାଳେ ଲେଫ୍ଟ ରାଇଟ ଅଣ୍ଟା ହଲେଇ, ରଙ୍ଗବତୀ ରଙ୍ଗେଇ ଫୁଲ, ରାତି ବାରଟା ରେ ଖଜୁରୀ ବଣରେ ତୋତେ ଡୁଙ୍ଗୁଥିଲି, ମୋତେ ପାଉଚ ପିଇଲେ ଡେ'ରେ ସାଙ୍ଗ, ଜୁଗୁନି ଜୁଗୁନି ଚମକ ଉଠେ, ଆଦି ଗୀତର ତାଳେ ତାଳେ ଯୁବକ, ତରୁଣୀ, ମହିଳା, ଛୁଆ ନାଚି ନାଚି ଧୂଳା ଉଡାଇ ଦେଇଥିଲେ।

ଦ୍ୱିତୀୟ ମଞ୍ଚରେ ବହୁ ସୁନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦର୍ଶକ ମନ ଭରି ଉପଭୋଗ କରିଥିଲେ। ଶ୍ରୀ ଅରବିନ୍ଦ ଡାନ୍ସ ଗ୍ରୁପ,ଫିଦା ଡାନ୍ସ ଗ୍ରୁପ,ବିଶ୍ୱାଦୀପନ ପତି ଓ ସାଥି ନୃତ୍ୟଗୀତ ପରିବେଷଣ କରିଥିଲା ବେଳେ ମଞ୍ଚ ପରିଚାଳନା କରିଥିଲେ ସନ୍ତୋଷ ତ୍ରିପାଠୀ,ବିରଞ୍ଚି ତ୍ରିପାଠୀ, ଦିପକ ତ୍ରିପାଠୀ, ମିଟୁ ତ୍ରିପାଠୀ, ରଙ୍କନିଧି ରାଉତ, ଉପଦେଷ୍ଟା ଅକ୍ଷୟ ବେହେରା।



# ମତୁଆଲା କଲେ ଅସୀମା

**ଧଉଳି, ୮।୧୧ (ସମିସ):** ଏକାମ୍ର ନିର୍ବାଚନମଣ୍ଡଳୀ ଅଧିନ ବାସୁଆଘାଇପୁର ପଞ୍ଚାୟତ ବାଙ୍କୁଆଳ କୁଆଖାଇ ନଦୀପଠାରେ "ଏକାମ୍ର କ୍ଷେତ୍ର ବାଲିଯାତ୍ରା ମହୋତ୍ସବ" ଚତୁର୍ଥ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି । ଆଜିର ଏହି ସନ୍ଧ୍ୟାକୁ ଅଧିକ ମତୁଆଲା କରିଥିଲେ ଖ୍ୟାତନାମା କଣ୍ଠଶିଳ୍ପୀ ଅସୀମା ପଣ୍ଡା ଧୁଳିଆ ଜନ୍ଦା... ମହୁଲ ପାଣି... ଝିପି ଝିପି ମେଘରେ... ଏ ଫୁଲ କହ ଥରେ... ଆଦି ଗୋଟାକ ପରେ ଗୋଟାଏ ୨୦ ରୁ ଉର୍ଦ୍ଧ ଚଳଚିତ୍ର ଓ ଆଲବମ, ଓ ସମ୍ବଲ୍‌ପୁରୀ ଗୀତ ଗାଇ ଆଜିର ସନ୍ଧ୍ୟାକୁ ମନ୍ତ୍ରମୁଗ୍ଧ କରିଥିଲେ । ବାଲିଯାତ୍ରା କମିଟିର ସମ୍ପାଦକ କବିରାଜ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଜିର ଚତୁର୍ଥ ସନ୍ଧ୍ୟାରେ ଅତିଥି ଭାବେ ନାରୀନେତ୍ରୀ ଶ୍ରୀମୟୀ ମିଶ୍ର, ଧଉଳି ସରପଞ୍ଚ ଚନ୍ଦନ କୁମାର ମଲ୍ଲିକ, ଲିଙ୍ଗିପୁର ସରପଞ୍ଚ ଖିରୋଦ ପ୍ରଧାନ, ଶିଶୁପାଳଗଡ଼ ସରପଞ୍ଚ ରଶ୍ମିରଞ୍ଜନ ଶ୍ରୀଚନ୍ଦନ, ଯୁବନେତା ଭଗବାନ ସାହୁ, ପ୍ରଫୁଲ୍ଲ ସ୍ୱାଇଁ, ହାଡିବନ୍ଧୁ ସ୍ୱାଇଁ, କର୍ପୋରେଟର ରାମଚନ୍ଦ୍ର ରଣସିଂ,ଲକ୍ଷ୍ମୀପ୍ରିୟା ପରିଡା, ଗୀତାଞ୍ଜଳି ସ୍ୱାଇଁ, ଅଜିତ ରାୟ ସମେତ ଉପଦେଷ୍ଟା ଖିରୋଦ କୁମାର ସ୍ୱାଇଁ, ଆଇନ ପରାମର୍ଶଦାତା ଭାଗବତ ମୁଖି, ରମାକାନ୍ତ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୩୧ ଗୋଟି ଗ୍ରାମର ମୁରବୀଙ୍କୁ ମହୋତ୍ସବ କମିଟି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଆଜି ବିଶେଷ ଭାବରେ ଏହି ବାଲିଯାତ୍ରାରେ ଲୋକଙ୍କ ଭିଡ଼ ଜମିଥିଲା। ରାମ ଦୋଳି, ଡାର୍ଗନ୍ ଦୋଳି, ଖାଦ୍ୟ ଷ୍ଟଲ, ପିଲାଙ୍କ ଖେଳଣା, ସପିଙ୍ଗ ବଜାରରେ ଲୋକଙ୍କ ଭିଡ଼ ଲାଗିରହିଥିଲା।



**ଯୁବକଙ୍କୁ ଛୁରାମାଡ଼ ଘଟଣାରେ ନୂଆ ମୋଡ଼**

# ଅର୍ଥ ଲୁଟ୍ ପାଇଁ ଯୁବକ କରିଥିଲେ ଷଡ଼ଯନ୍ତ୍ର

**ବ୍ୟାସନଗର, ୮ ।୧୧(ସମିସ)**

ଗତ ଗୁରୁବାର ବ୍ୟାସନଗର ସହର ନୂଆଗଡ଼ ଗୋଲେଇ ଛକରେ କୋରେଇ ଥାନା ଜଇଁତଳ ଗ୍ରାମର ରୋହିତ ସାହୁ (ରାଜା)ଙ୍କୁ ଛୁରାମାଡ଼ କରି ଅର୍ଥ ଲୁଟ୍ ମାମଲାରେ ଏକ ନୂଆ ମୋଡ଼ ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ ଯେ ଯାଜପୁର ରୋଡ୍ ସହରରୁ ନିଜ ଗ୍ରାମକୁ ଯାଉଥିବା ସମୟରେ ଯାଜପୁର ରୋଡ୍ ଆଦର୍ଶ ଥାନା ନିକଟସ୍ଥ ଗୋଲେଇ ଛକରେ ପୂର୍ବରୁ ତାଙ୍କୁ ଫଲୋ କରୁଥିବା ୨ ଜଣ ଯୁବକ ଅଟକାଇବା ସହିତ ତାଙ୍କ ପାଖରେ ଥିବା ଟଙ୍କା ଛଡ଼ାଇବାକୁ ଉଦ୍ୟମ କରି ବିଫଳ ହେବା ପରେ ତାଙ୍କୁ ଛୁରାମାଡ଼ କରି ତାଙ୍କ ନିକଟରେ ଥିବା ଅର୍ଥ ନେଇ ଘଟଣାସ୍ଥଳରୁ ଫେରାର ହେବାରେ ସକ୍ଷମ ହୋଇଥିବା ନେଇ ରୋହିତ ସେଦିନ ପ୍ରତିକ୍ରିୟା ଦେଇଥିଲେ। ତେବେ ଏହି ଘଟଣାର ସତ୍ୟାସତ୍ୟ ଶନିବାର ଦେଖିବାକୁ ମିଳିଛି। ଆହତ ରୋହିତଙ୍କୁ ଘଟଣା ସମ୍ପର୍କରେ ଗୁଡ଼େଇ ତୁଡ଼େଇ ପଚାର ଘଟଣାର ସତ୍ୟାସତ୍ୟ ଲୋକଲୋଚନକୁ ଆଣିଛନ୍ତି କୋରେଇ ଥାନାଧିକାରୀ ରାକେଶ କୁମାର ତ୍ରିପାଠୀ। ତେବେ ଅର୍ଥ ଲୁଟ୍ କରିବା ପାଇଁ ରୋହିତ ଏଭଳି କାଣ୍ଡ ନିଜେ ଭିଆଇଥିବା ପୁଲିସ ସାମ୍ନାରେ ମାନିଥିବା ବେଳେ ନିକଟସ୍ଥ ଏକ ଦୋକାନରୁ ୧୦୦ ଟଙ୍କା ଦେଇ ଏକ ଛୁରି କିଣି ନିଜକୁ ଆଘାତ କରାଇ ଏଭଳି କାଣ୍ଡ ଘଟାଇଥିଲା। ତେବେ ସୂଚନା ମୁତାବକ ରୋହିତ ତାଙ୍କ ମଉସାଙ୍କ ଅର୍ଥ ଜମା କରିବାକୁ ନେବା ସମୟରେ ଏଭଳି କାଣ୍ଡ କରିବା ପରେ ପୁଲିସ ଉପରେ ପ୍ରବଳ ଚାପ ସୃଷ୍ଟି ହୋଇଥିଲା। ତେବେ ମାମଲାର ମୂଳ ରହସ୍ୟ ଉନ୍ମୋଚନ କରି ପୁଲିସ ରୋହିତ ଭଳି ଯୁବକଙ୍କ ମୁଖା ଖୋଲାଥିବା ବେଳେ ଏଭଳି ବ୍ୟକ୍ତିଙ୍କୁ ଦୃଢ଼ ସଜା ଦେବାକୁ ସାଧାରଣରେ ଦାବି ହେଉଛି। ତେବେ ରୋହିତ ଅନ୍‌ଲାଇନ ଗେମ୍ ଖେଳି ଅନେକ ଅର୍ଥ ବରବାଦ କରିଥିବା ବେଳେ ଏହି ଅର୍ଥ ଲୁଟ୍ କରିବାକୁ ଯୋଜନା କରିଥିବା ବେଳେ ଏଥିରେ ବିଫଳ ହୋଇଛି। ତେବେ ଏନେଇ କୌଣସି ମାମଲା ରୁଜୁ ହୋଇନଥିବା ବେଳେ କୋରେଇ ଥାନାଧିକାରୀ ରାକେଶ କୁମାର ତ୍ରିପାଠୀଙ୍କ ପ୍ରତିକ୍ରିୟା ନେବାରୁ ସେ ଘଟଣାପରେ ରୋହିତ ସାହୁଙ୍କ ଚିକିତ୍ସା ପରେ ତାଙ୍କୁ ତାଙ୍କ ବାପା ଏବଂ ମଉସାଙ୍କୁ ଥାନାକୁ ଡାକି ପଚରା ଉଚୁରା କରିବା ପରେ ତାଙ୍କ ବାପା ପୁଲିସର ବିଭିନ୍ନ ପ୍ରଶ୍ନରେ ଚୁପ ରହିବାରୁ ସନ୍ଦେହ ବଢ଼ିଥିଲା। ପରେ ବାପା ପୁଅର ଏପରି କାରନାମା ବିଷୟରେ ଜାଣିଥିବା ନେଇ କହିଥିଲେ। ତେବେ ରୋହିତଙ୍କ ଏପରି କାର୍ଯ୍ୟ ଦ୍ୱାରା ୨ ଦିନ ସାଧାରଣ ଜନତା ୧୦ ପୁଲିସ କର୍ମଚାରୀ ଏବଂ ଗଣମାଧ୍ୟମ ପ୍ରତିନିଧି ଅକାରଣରେ ହଇରାଣ ହୋଇଛନ୍ତି।

# ସତ୍ୟସାଇ ସେବା ସମିତିର ଆନନ୍ଦ ମହୋତ୍ସବ




**ମଙ୍ଗଳପୁର, ୮।୧୧(ସମିସ):** ଶ୍ରୀସତ୍ୟସାଇ ସତ୍ୟ ସମିତି ତରଫରୁ ଜିଲ୍ଲାସ୍ତରୀୟ ଆନନ୍ଦ ଉତ୍ସବ ମଙ୍ଗଳପୁର ସ୍ଥିତ ଥାଲକୁଡ଼ି ବିଜୁ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସାଂସ୍କୃତିକ ତଥା ଦିବ୍ୟ କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲାର କୁନି କୁନି ବାଳବିକାଶ ପିଲାମାନଙ୍କ ମଧ୍ୟରେ ଆନନ୍ଦ ମହୋତ୍ସବ ପ୍ରତିଯୋଗିତା ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଯାଜପୁର ସତ୍ୟସାଇ ସେବା ସଂଗଠନର ଜିଲ୍ଲା ସଭାପତି ମନୋରଞ୍ଜନ ସାମଲ ଉଦଘାଟନୀ ଭାଷଣ ପ୍ରଦାନ କରିଥିବା ବେଳେ ଶ୍ରୀମତୀ ପୁଷ୍ପଲତା ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷା ସଂଯୋଜକ ଜିତେନ୍ଦ୍ର ସୁତାର, ରଶ୍ମିରଞ୍ଜନ ରାୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ। ଉକ୍ତ ଦିବ୍ୟ କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲାର ପୂର୍ବତନ ଜିଲ୍ଲା ସଭାପତି ଆଭାସ ମଜୁମଦାର, ଜିଲ୍ଲା ଆଧ୍ୟାତ୍ମିକା ସଂଯୋଜିକା ଅଧ୍ୟାପିକା ମମତା ସାମଲ, କାଜଲ ମଜୁମଦାର ଉପସ୍ଥିତ ଥିବାବେଳେ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିବାରେ ବିଭୁତି ଭୂଷଣ ସାହୁ, ବଦ୍ରିନାରାୟଣ ପାତ୍ର ସମେତ ଶ୍ରୀସତ୍ୟସାଇ ସେବା ସମିତିର ସମସ୍ତ ଭାଇ ଭଉଣୀ ମାନେ ସହଯୋଗ କରିଥିଲେ। ଶେଷରେ ସମିତିର ଆବାହକ ରାଜକିଶୋର ଦାସ କୃତଜ୍ଞତା ଜ୍ଞାପନ କରିଥିଲେ।

# ଆଶ୍ରମ ବିଦ୍ୟାଳୟରେ ଶିଶୁ ସ୍ୱାସ୍ଥ୍ୟ ଶିବିର



**ଶଙ୍ଖଚିଲା, ୮।୧୧(ସମିସ):** କୋରେଇ ଉନ୍ନୟନ ପରିଷଦ ତରଫରୁ କୋରେଇ ବ୍ଲକ ଅନ୍ତର୍ଗତ କାଚରାସାହି ପଞ୍ଚାୟତ ତାଳଗାଡ଼ିଆ ସ୍ଥିତ ଆଶ୍ରମ ବିଦ୍ୟାଳୟ ପରିସରରେ ଏକ ଶିଶୁ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେଇଯାଇଛି। ଏହି ଶିବିରକୁ ପରିଷଦର ସଭାପତି ଶ୍ରୀଧର ଦାସଙ୍କ ଉଦ୍‌ଘାଟନ କରିବା ସହିତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ମଲ୍ଲିକ ଓ ସୁଶାନ୍ତ କୁମାର ମଲ୍ଲିକ, ଶିକ୍ଷୟିତ୍ରୀ ପ୍ରମିଳା ସାହୁଙ୍କ ଉପସ୍ଥିତିରେ ଶିବିରକୁ ଆରମ୍ଭ କରାଯାଇଥିଲା। ପରେ କଟକ ଶିଶୁଭବନର ଶିଶୁ ରୋଗ ବିଶେଷଜ୍ଞ ବିଶ୍ୱନାଥ ପ୍ରତାପ ଦାସଙ୍କ ଦ୍ୱାରା ଛାତ୍ରଛାତ୍ରୀ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପରିଷଦର ଉପଦେଷ୍ଟା ମଦନ ମୋହନ କର, ଉପସଭାପତି ଅମୂଲ୍ୟ କୁମାର ଦାଶ, ସମ୍ପାଦକ ଆଲୋକ କୁମାର ଦାଶ, ସହ ସମ୍ପାଦକ ବରିଷ୍ଠ ସଭ୍ୟ ତଥା କର୍ପୋସ ଫଣ୍ଡର ଚେୟାରମ୍ୟାନ ରବିନାରାୟଣ ଦାସ, ଜଳଧର ଜେନା, ବସନ୍ତ କୁମାର କର, ଶରତ କୁମାର ଦାସ, ଶରତ ଚନ୍ଦ୍ର ପୃଷ୍ଟି, କୋଷାଧକ୍ଷ ପ୍ରସନ୍ନ ସ୍ୱାଇଁ, ସୂର୍ଯ୍ୟମଣି ମହାପାତ୍ର, ଶରତ କୁମାର ପୃଷ୍ଟି, ପ୍ରଭାକର ସାହୁ, ବୈଷ୍ଣବ ପାତ୍ର, ଜଗନ୍ନାଥ ଦାସ ଉପସ୍ଥିତ ରହିଥିଲେ। ସେହିପରି ବିଦ୍ୟାଳୟର ଚେୟାରମ୍ୟାନ ସୁରେଶ କୁମାର ମିଶ୍ର, ସଚିତା ନନ୍ଦ ଦାଶ, ଧନେଶ୍ୱର ମୁର୍ମୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ଅନେକ ଛାତ୍ରଛାତ୍ରୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି ଶିବିରରେ ୮୦ ଜଣ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଶେଷରେ ବରିଷ୍ଠ ସଦସ୍ୟ ରବିନାରାୟଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

**ଚୋରା ମଦ ବିକ୍ରିକୁ ବିରୋଧ**

# ଏକାଠି ହେଲେ ଗ୍ରାମବାସୀ

**ଶଙ୍ଖଚିଲା, ୮।୧୧(ସମିସ):** ଯାଜପୁର ଜିଲ୍ଲା କୋରେଇ ବ୍ଲକ ଅନ୍ତର୍ଗତ ତଣ୍ଡରା ପଞ୍ଚାୟତ ତଣ୍ଡରା ଗ୍ରାମରେ ବେଆଇନ ମଦ ବିକ୍ରି ବନ୍ଦକୁ ନେଇ ତଣ୍ଡରା ଗ୍ରାମର ମହାଦେବ ମନ୍ଦିର ନିକଟରେ ଏକ ପ୍ରତିବାଦ ବୈଠକ ଅନୁଷ୍ଠିତ ହେଇଯାଇଛି। ଗ୍ରାମର ସମାଜସେବୀ ପ୍ରସନ୍ନ ସ୍ୱାଇଁଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ଏକତ୍ରିତ ହୋଇ ଗ୍ରାମରେ ବିକ୍ରି ହେଉଥିବା ବେଆଇନ ମଦ ବିକ୍ରିକୁ ଘୋର ବିରୋଧ କରିବା ସହିତ ସମସ୍ତଙ୍କୁ ଏକତ୍ରିତ କରି ଗ୍ରାମକୁ ସମ୍ପୂର୍ଣ୍ଣ ମଦମୁକ୍ତ କରିବାକୁ ସଂକଳ୍ପ ନେଇଥିଲେ। ଚୋରା ମଦ ବିକ୍ରି ଦ୍ୱାରା ଗ୍ରାମରେ ମଦ ପିଉଥିବା ଗ୍ରାମ ଓ ପରିବାର ମଧ୍ୟରେ ଅଶାନ୍ତି ସୃଷ୍ଟି ହେଉଛି। ପରିବାର ଆତ୍ମୀୟଙ୍କ ମଧ୍ୟରେ ସମ୍ପର୍କ ଭାଙ୍ଗିଯାଉଥିବା ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ। ଆଗାମୀ ଦିନରେ ପଞ୍ଚାୟତର ପ୍ରତ୍ୟେକ ୱାର୍ଡରେ ବୈଠକ କରାଯାଇ ଗ୍ରାମର ବୁଦ୍ଧିଜୀବୀଙ୍କ ମତାମତ ସଂଗ୍ରହ କରାଯାଇ କିଭଳି ଭାବରେ ଗ୍ରାମକୁ ନିଶାମୁକ୍ତ କରି ଏକ ଭାଇଚାରାର ଗ୍ରାମ ହେଇପାରିବ ସେ ନେଇ ସମସ୍ତେ ମତପ୍ରକାଶ କରିଥିଲେ। ଏଥିରେ ମାଧବ ବେହେରା, ପୂର୍ଣ୍ଣ ପଣ୍ଡା, ସତ୍ୟରଞ୍ଜନ ଖଣ୍ଡାଇ, ବିଶ୍ୱଜିତ୍ ପଣ୍ଡା, ସୁନୁଲ ଆଇଚ, ରତିକାନ୍ତ ସ୍ୱାଇଁ, ପୂର୍ଣ୍ଣ ଜେନା, ମନମୋହନ ପରିଡ଼ା, ନରେଶ ପରିଡ଼ା, ସ୍ୱରୂପ ରଞ୍ଜନ ସ୍ୱାଇଁ, ଅଜୟ ସାହୁ, ରାଧାମାଧବ ସେଠୀ, ଗୌତମ ଦାସ, ଗୋପାଳ ସେଠୀ, ପ୍ରତାପ ଦଳାଇ, ଧୀରେନ୍ଦ୍ର ଦଳାଇ, ଗୋପାଳ ଦଳାଇ, ଅନୁ ମଳିକ, ସଂଗ୍ରାମ ମଳିକ, ସୌମ୍ୟରଞ୍ଜନ ପରିଡ଼ା, ଯଯାତି ରାଉତ, ଭରତ ମଳିକ, ବିମଳ ମଳିକ, ଗଜେନ୍ଦ୍ର ମଳିକ ପ୍ରମୁଖ ଯୋଗ ଦେଇଥିଲେ।



# ଚହଟା ଗ୍ରାମରେ ଅବାଧ ନିଶା କାରବାର

**ଧର୍ମଶାଳା, ୮।୧୧(ସମିସ):** ଧର୍ମଶାଳା ଥାନା ଚହଟା ପଞ୍ଚାୟତ ଚହଟା ଗ୍ରାମରେ ଦିନକୁ ଦିନ ନିଶା କାରବାର ବୃଦ୍ଧି ପାଇବା ଫଳରେ ଯୁବ ସମାଜ ପଥଭ୍ରଷ୍ଟ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଗ୍ରାମ ଗୋଛାୟତ ସାହିରେ ନିଶା କାରବାର ଦିନ ଦ୍ୱିପହରରେ ଚାଲୁଥିବା ନେଇ ଗ୍ରାମବାସୀ ଥାନାରେ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ କହିବା ମୁତାବକ, ଚହଟା ଗ୍ରାମ ଗୋଛାୟତ ସାହିରେ କିଛିବର୍ଷ ହେଲା ଅବକାରୀ ଦ୍ରବ୍ୟ ବିକ୍ରୟ ହେଉଥିବା ନେଇ ଅଭିଯୋଗ ହୋଇଆସୁଛି। ବାରମ୍ବାର ଅଭିଯୋହ ସତ୍ତ୍ୱେ ପୁଲିସ ଏ ସଂକ୍ରାନ୍ତରେ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ତାହା ବ୍ୟାପକ ହେବା ସହିତ ଦିନ ଦ୍ୱିପହରରେ ଗଞ୍ଜେଇ, ବ୍ରାଉନସୁଗର ଓ ଅବକାରୀ ଦ୍ରବ୍ୟ କାରବାର ବଢୁଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଦ୍ରବ୍ୟକୁ ଯୁବକମାନେ ସେବନ କରି ଅନେକ ସମୟରେ ରାସ୍ତା ଘାଟରେ ଗଣ୍ଡଗୋଳ କରିବା ସହ ଗ୍ରାମର ଝିଅ ବୋହୂଙ୍କୁ କମେଟ୍ କରିଥାନ୍ତି। ନିଶା ସେବନ ଫଳରେ ଦୁର୍ଘଟଣା ବଢ଼ିବାରେ ଲାଗିଛି। ଏହା ଫଳରେ ଚହଟା ଗ୍ରାମର ବିଭିନ୍ନ ସାହି ପ୍ରଭାବିତ ହେଉଛନ୍ତି। ଏହାର ପ୍ରତିବାଦରେ ଚହଟା ଗ୍ରାମର କିଛି ଯୁବକ ଥାନା ଅଧିକାରୀ ରଞ୍ଜନ କୁମାର ମାଝୀଙ୍କୁ ଜଣାଇଛନ୍ତି। ଅବକାରୀ ଦ୍ରବ୍ୟ ଚୋରାରେ ବିକ୍ରୟ କରୁଥିବା ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଗ୍ରାମର ସରପଞ୍ଚଙ୍କ ପ୍ରତିନିଧି ବିଚିତ୍ର ସ୍ୱାଇଁ, ମହସିନ ଖାଁନ, ପ୍ରଦୀପ୍ତ ଗୋଛାୟତ, ଫରତ ବିବି, ସୁହାନ ବିବି, ଅଲିମ ଖାନ, ଅକ୍ଷୟ ସେଠୀ, ମନୋରମା ପ୍ରଧାନ, ରଞ୍ଜନ କୁମାର ମହାନ୍ତି, ତ୍ରିଲୋଚନ ପ୍ରଧାନ, ପ୍ରଶାନ୍ତ ରାଉତ, ଉର୍ବଶୀ ସାହୁ, ମନୋରମା ମହାନ୍ତି, ସୁଜାତା ପ୍ରଧାନ ପ୍ରମୁଖ ଅଭିଯୋଗ କରିଛନ୍ତି। ଯଦି ପ୍ରଶାସନ ପକ୍ଷରୁ ଚୋରା ନିଶା କାରବାର ବନ୍ଦ କରାନଯାଏ ତେବେ ଧର୍ମଶାଳା ଥାନା ସମ୍ମୁଖରେ ଗ୍ରାମବାସୀ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

**ନକଲି ଭିନ୍ନକ୍ଷମ ପ୍ରମାଣପତ୍ର ଦେଇ ଚାକିରି ଘଟଣା**

# ଦୁଇ ଫାର୍ମାସିଷ୍ଟଙ୍କୁ କୈଫିୟତ ତଲବ

**ଯାଜପୁର, ୮।୧୧(ସମିସ):** ନକଲି ଭିନ୍ନକ୍ଷମ ପ୍ରମାଣପତ୍ର ଦେଇ ଫାର୍ମାସିଷ୍ଟ ଭାବେ ଚାକିର କରିଥିବା ଦୁଇ ଜଣଙ୍କୁ ମହଙ୍ଗା ପଡ଼ିବା ନେଇ ଚର୍ଚ୍ଚା ହେଉଛି। ନିଜର ଭିନ୍ନକ୍ଷମତା ନେଇ ତଦନ୍ତ ହେବା ପାଇଁ ବାରମ୍ବାର ଉଭୟ ଫାର୍ମାସିଷ୍ଟଙ୍କୁ ନୋଟିସ କରାଯାଉଥିଲେ ମଧ୍ୟ ସେମାନେ ବିଭିନ୍ନ ବାହାନା ଦେଖାଇ ଅନୁପସ୍ଥିତ ରହୁଛନ୍ତି। ଯାହାକୁ ନେଇ ଯାଜପୁର ସିଡିଏମ୍‌ଓ ବରୀ ଓ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀଙ୍କୁ ଏ ନେଇ କୈଫିୟତ ତଲବ କରିବା ପରେ ଉଭୟ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସମ୍ପୃକ୍ତ ଦୁଇ ଜଣ ଫାର୍ମାସିଷ୍ଟଙ୍କୁ କୈଫିୟତ ତଲବ କରିଛନ୍ତି। ସୂଚନା ମୁତାବକ ଅଧୁନା ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନ ବାଲିଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ପରେଶ କୁମାର ମଲ୍ଲିକ ଏବଂ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ ଥିବା ଜେନାପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଅମ୍ଳାନ କୁମାର ପାଣିଙ୍କ ବିରୋଧରେ ନକଲି ଭିନ୍ନକ୍ଷମ ପ୍ରମାଣପତ୍ର ଦେଇ ନିଯୁକ୍ତି କରିଥିବା ଅଭିଯୋଗ କରାଯାଇଥିଲା। ଏହି ଅଭିଯୋଗ ହେବା ପରେ ଉଭୟଙ୍କୁ ଦୁଇ ଦୁଇ ଥର କଟକ ଏସ୍‌ସିବି ବୋର୍ଡରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଉଭୟ ନିର୍ଦ୍ଧାରିତ ତାରିଖରେ ଛୁଟିରେ ରହି ଅନୁପସ୍ଥିତ ରହିବା ପରେ ଯାଜପୁର ସିଡିଏମ୍‌ଓ କଡ଼ା ଆଭିମୁଖ୍ୟ ଗ୍ରହଣ କରି ଉଭୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ କୈଫିୟତ ତଲବ କରିଥିଲେ। ଏହା ପରେ ଉଭୟ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଉଭୟ ଫାର୍ମାସିଷ୍ଟଙ୍କୁ ନୋଟିସ୍ କରି କେଉଁ ପରିସ୍ଥିତିରେ ବୋର୍ଡରେ ହାଜର ନ ହୋଇ ଛୁଟିରେ ରହିଥିଲ ବୋଲି କୈଫିୟତ ତଲବ କରାଯାଇଥିବା ଜଣାପଡ଼ିଛି। ବାରମ୍ବାର ନୋଟିସ୍ ପରେ ବି ଉଭୟ ଫାର୍ମାସିଷ୍ଟ ବିଭିନ୍ନ ବାହାନା ଦେଖାଇ ରାଜ୍ୟ ବୋର୍ଡରେ ହାଜର ହେଉନଥିବା ବେଳେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କାହିଁକି ଉଭୟଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ସାଧାରଣରେ ପ୍ରଶ୍ନ ହେଉଛି। ତୁରନ୍ତ ଏହି ଘଟଣାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କଡ଼ା ଆଭିମୁଖ୍ୟ ଗ୍ରହଣ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏଭଳି ଅନିୟମିତତା ସମ୍ପର୍କରେ ଅଭିଯୋଗ କରିଥିବା ଫାର୍ମାସିଷ୍ଟ ତ୍ରିଲୋଚନ ପଲେଇ ଲିଖିତ ଦାବି କରିଛନ୍ତି।




କୁଆଖିଆ-ମଙ୍ଗଳପୁର ଜାତୀୟ ରାଜପଥ ବରୁଆଁ ନିକଟ ଖରସ୍ରୋତା ସେତୁ ଉପରେ ପୋକ ଆତଙ୍କ। ହନ୍ତସନ୍ତ ହେଉଛନ୍ତି ଗାଡ଼ିଚାଳକ

# ଶିଶୁ ବିଦ୍ୟାମନ୍ଦିରରେ ମାତୃ କର୍ମଶାଳା




**ଧର୍ମଶାଳା, ୮।୧୧(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ କାଏମାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆଜି ଶିଶୁବାଟିକା ବିଭାଗର ମାତୃ କର୍ମଶାଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସହ ସମ୍ପାଦକ ସୁକାନ୍ତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଉକ୍ତ ଉତ୍ସବରେ ବିଶିଷ୍ଟ ସାହିତ୍ୟିକ ସଂଯୁକ୍ତା ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏଥିସହ ଶିଶୁଙ୍କର ଉନ୍ନତି ପାଇଁ ମାଆ ମାନଙ୍କର ଭୂମିକା ଓ କର୍ତ୍ତବ୍ୟ ସମ୍ବନ୍ଧରେ ସେ ଆଲୋକପାତ କରିଥିଲେ। ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟା ରୀତାରାଣୀ ସ୍ୱାଇଁ ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଧ୍ରୁବଚରଣ ପୃଷ୍ଟି ମୁଖ୍ୟଅତିଥିଙ୍କୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଯାଜପୁର ଜିଲ୍ଲା ଶିଶୁବାଟିକା ପ୍ରମୁଖ ପ୍ରକାଶ ଚନ୍ଦ୍ର ପୃଷ୍ଟି କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରିବା ସହିତ ଶିଶୁର ବିକାଶରେ ମାଆଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ବରିଷ୍ଠ ଅଚାର୍ଯ୍ୟା ରିତାଞ୍ଜଳି ନାୟକ, ସ୍ମୃତିରେଖା ସାମଲ, ଲକ୍ଷ୍ମିଲତା ଜେନା, ସସ୍ମିତା ଦାସ, ମାମିନା ରାଉତ, ଚନ୍ଦନାବତି ରାଉତ, ଗୀତାଞ୍ଜଳି ଦାସ, ରିତାଞ୍ଜଳି ପୃଷ୍ଟିଙ୍କ ଦ୍ୱାରା ବାରଟି ଶୈକ୍ଷିକ ବ୍ୟବସ୍ଥାର କାଳାଂଶ ନିଆଯାଇଥିଲା। ଉକ୍ତ ଉତ୍ସବରେ ମୋଟ ୧୩୦ ଜଣ ମାଆ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପରିଚାଳନା ସମିତିର କୋଷାଧକ୍ଷ ନିଗମାନନ୍ଦ ମାହାଣା, ତୁଳସୀ ଦେଇ ତଥା ପୂର୍ବତନ ସମ୍ପାଦକ ଚିତ୍ତ ରଞ୍ଜନ ମଲ୍ଲିକ ଓ ବିଦ୍ୟାଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କୁନି କୁନି ଶିଶୁ ମାନଙ୍କ ଦ୍ୱାରା ନାଟକ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟା କଳ୍ପନା କୁମାରୀ କର ଧନ୍ୟବାଦ ଅର୍ପଣ କରିଥିଲେ।

# 'ସୁରଭି'ରେ ଛାତ୍ରୀ ସମ୍ବର୍ଦ୍ଧିତ



**ମଙ୍ଗଳପୁର, ୮।୧୧(ସମିସ):** ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ପ୍ରତିଯୋଗିତା ଦଶରଥପୁର ବ୍ଲକ ଅନ୍ତର୍ଗତ ରାମଲକ୍ଷ୍ମଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ୩୧ଟି ବିଭାଗରେ ପ୍ରତିଯୋଗିତା ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଯୁକ୍ତ ୨ ସ୍ତରୀୟ ପ୍ରତିଯୋଗିତାରେ ଅନୁଷ୍ଠିତ କ୍ରିଏଟିଂ ରାଇଟିଂ ବିଭାଗରେ ଅଂଶଗ୍ରହଣ କରି ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରଥମ ବର୍ଷ ବିଜ୍ଞାନ ଛାତ୍ରୀ ସ୍ମୃତି ସୁବର୍ଣ୍ଣା ତ୍ରିପାଠୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ପ୍ରକାଶ ଯୋଗ୍ୟ ସ୍ମୃତିଙ୍କ ଜନ୍ମସ୍ଥାନ ଦଶରଥପୁର ବ୍ଲକ ଦୁଦୁରାଅନ୍ତା ପଞ୍ଚାୟତସ୍ତ ପରମାନନ୍ଦପୁର ଶାସନ ଗ୍ରାମର ଦୁଦୁରାଅନ୍ତା ପଞ୍ଚାୟତ ପୂର୍ବତନ ସରପଞ୍ଚ ଶରତ ଚନ୍ଦ୍ର ତ୍ରିପାଠୀଙ୍କ କନ୍ୟା ହୋଇଥିବା ବେଳେ ଗରିବବନ୍ଧୁ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଅଟନ୍ତି। ସ୍ମୃତିଙ୍କ ସଫଳତା ପାଇଁ ଯାଜପୁର ଜିଲ୍ଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର, ଦଶରଥପୁର ବିଡିଓ ଆକାଶ ପଟ୍ଟନାୟକ, ଏବିଡିଓ ତ୍ରିଲୋଚନ ସେଠୀ, ଦୁଦୁରାଅନ୍ତା ସରପଞ୍ଚ ଅପର୍ଣ୍ଣା ସେଠୀ, ଦୁଦୁରାଅନ୍ତା ପୂର୍ବତନ ସରପଞ୍ଚ ହିମାଦ୍ରି ଭୂଷଣ କୁଅଁର, ଦୁଦୁରାଅନ୍ତା ପଞ୍ଚାୟତ ବିଜେପି ସଭାପତି ଧନଞ୍ଜୟ ମଲ୍ଲିକ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# କବି ଚିନ୍ତାମଣି ବେହେରାଙ୍କ ୯୯ତମ ଜୟନ୍ତୀ

**ଉଦଳା,୮।୧୧(ସମିସ):** ଉଦଳା କବି ଚିନ୍ତାମଣି ବେହେରା ସ୍ମୃତି ପରିଷଦ ତରଫରୁ ଆଧୁନିକ ଓଡିଆ ଭାଷା ସାହିତ୍ୟର ଏକ ନିଷ୍ଠ କାବ୍ୟଶିଳ୍ପୀ, ଧୂରୀଣ ସମାଲୋଚକ, ପ୍ରବିଣ ଅନୁସ୍ରଷ୍ଟା, ସୁଯୋଗ୍ୟ ସଂକଳକ, ସୁସମ୍ପାଦକ, ଲୋକପ୍ରିୟ ଶିଶୁ ସାହିତ୍ୟିକ ତଥା ପ୍ରାକ୍ତନ ପ୍ରାଧ୍ୟାପକ କବି ଚିନ୍ତାମଣି ବେହେରାଙ୍କ ୯୯ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ବରିଷ୍ଠ ସାରସ୍ୱତ ସାଧକ ରବିକାନ୍ତ ମହାପାତ୍ର ଅଧକ୍ଷତା କରିଥିବା ବେଳେ ଡ. ଦିଲ୍ଲୀପ କୁମାର ଦିକ୍ଷୀତ ମୁଖ୍ୟ ଅତିଥି ଏବଂ ଉଦ୍‌ଘାଟକଭାବେ ଏନଏସି ଅଧକ୍ଷା ପ୍ରମିଳା ପଣ୍ଡା, ମୁଖ୍ୟବକ୍ତା ଡ. ଶ୍ୟାମସୁନ୍ଦର ପଣ୍ଡା, ବରେଣ୍ୟ ଅତିଥି ପଣ୍ଡିତ ଲକ୍ଷ୍ମୀଧର ପୁଥାଳ, ସମ୍ମାନିତ ବକ୍ତା ପ୍ରଫୁଲ୍ଲ ଚନ୍ଦ୍ର ମହାଳିକ, ସମ୍ମାନିତ ଅତିଥି କିଶୋର ଚନ୍ଦ୍ର ଦାସବାବୁ, ଆଲୋଚକ ଭୋଳାନାଥ ସାହୁ, ସଙ୍ଗଠନର ସମ୍ପାଦକ ପ୍ରଫୁଲ୍ଲ ଖିଲାର ଯୋଗଦେଇ କବି ଚିନ୍ତାମଣି ବେହେରାଙ୍କ ସାହିତ୍ୟ କୃତି ସମ୍ପର୍କରେ ଆଲୋଚନା କରିବା ସହ ଅନୁଷ୍ଠାନର ସ୍ରଷ୍ଟା ଡ. ପ୍ରଶାନ୍ତ କୁମାର ବେହେରାଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରାକ୍ତନ ସଂସ୍କୃତ ଶିକ୍ଷକ ବେଦ ପାଠ ସହ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କବିଙ୍କ ପୌତ୍ର ରତିକାନ୍ତ ବେହେରା ଜେଜେଙ୍କ ସହିତ ଥିବା କିଛି ସ୍ମୃତିର ଝଲକ ପ୍ରଦାନ କରିଥିଲେ। ଶିଶୁ ସାହିତ୍ୟିକ ଶ୍ରୀକାନ୍ତ ବେହେରା, ସାମ୍ବାଦିକ ସୁବ୍ରତ ମହାନ୍ତି, କୃଷି ବୈଜ୍ଞାନିକ ପରେଶ ପାତ୍ର ପ୍ରମୁଖ ନିଜର ଅନୁଭୂତି ପ୍ରଦାନ କରିଥିଲେ। ପ୍ରାକ୍ତନ ପ୍ରାଧ୍ୟାପକ ଭୋଳାନାଥ ସାହୁଙ୍କୁ ସାହିତ୍ୟ କ୍ଷେତ୍ରରେ ସମାଜସେବା ଓ ନିଶା ନିବାରଣ ପାଇଁ ସୁନା ହାଁସଦାଙ୍କୁ ମାନପତ୍ର ତଥା ଉତ୍ତରୀୟ ସହ ସମ୍ମାନିତ କରାଯାଇଥିଲା। ଶେଷରେ ରଜତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।ତିନି ଗୋଟି ଅଧିକ ପଏଣ୍ଟ ଦେଇ ଚାମ୍ପିଅନ ହୋଇଛି।

# ଅରେଇ ଛକ-ବରୁଣେଶ୍ୱର ରାସ୍ତା ପୁନରୁଦ୍ଧାର ଦାବି

**ବିଞ୍ଝାରପୁର, ୮।୧୧(ସମିସ)**



ଯାଜପୁର ପ୍ରସିଦ୍ଧ ଶୈବକ୍ଷେତ୍ର ଭାବେ ଅରେଇ ପଞ୍ଚାୟର ବରୁଣେଶ୍ୱର କ୍ଷେତ୍ର ଜଣାଶୁଣା। ଏହି କ୍ଷେତ୍ରକୁ ଅରେଇ ଛକ ଦେଇ ମୁଖ୍ୟତଃ ଭକ୍ତ ମାନେ ଯାତାୟତ କରିଥାନ୍ତି। କିନ୍ତୁ ବଡ ଦୁଃଖର କଥା ଏହି କ୍ଷେତ୍ରରୁ ଅରେଇ ଛକ ଠାରେ ନିର୍ମାଣଧୀନ ବରୁଣେଶ୍ୱର କ୍ଷେତ୍ର ସ୍ୱାଗତମ ଗେଟ୍ ମଧ୍ୟରେ ଯୋଗାଯୋଗ ରକ୍ଷା କରିଛି ପୂର୍ତ୍ତ ବିଭାଗ ରାସ୍ତା। ଏହି ରାସ୍ତାଟି କେବଳ ମକର ମେଳା ସମୟ ଆସିଲେ ମରାମତି କରାଯାଉଛି। ରାସ୍ତାର ପୁନରୁଦ୍ଧାର କାର୍ଯ୍ୟ ଆବଶ୍ୟକତା ଥିବା ବେଳେ ରାସ୍ତାଟିକୁ ମାତ୍ର ପିଚୁ ପକାଇ ପ୍ୟାଚ୍ ମରାଯାଉଛି। ୨୦୨୫ ମସିହା ମେଳା ସମୟରେ ମଧ ପିଚୁ ଗୋଡିରେ ପ୍ୟାଚ୍ ମରାଯାଇଥିବା ବେଳେ ରାସ୍ତାଟିକୁ ପୂନରୁଦ୍ଧାର ପାଇଁ ଗ୍ରାମବାସୀ ଅଧିକାରୀମାନଙ୍କୁ ଜଣାଇଥିଲେ। ଆଉ ମାତ୍ର ଅଳ୍ପ ଦିନ ରହିଲା ବରୁଣେଶ୍ୱର ମକର ମେଳା ଏ ପର୍ଯ୍ୟନ୍ତ ଏହି ରାସ୍ତା ଉପରେ ଅଧିକାରୀ ଠାରୁ ରାଜନେତା କାହାର ଶୁଭ ଦୃଷ୍ଟି ପଡ଼ିଲାନାହିଁ। ସବୁଠୁ ବଡ କଥା ହେଲା ଜାନୁଆରୀ ୧୪ରୁ ୨୨ ପର୍ଯ୍ୟନ୍ତ ଯେଉଁ ମେଳା ଲାଗେ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ସମସ୍ତ ବିଭାଗର ଅଧିକାରୀମାନେ ଉକ୍ତ ରାସ୍ତା ଦେଇ ଯାତାୟତ କରିଥିଲେ ସୁଦ୍ଧା ରାସ୍ତାକୁ କିପରି ସରସ ସୁନ୍ଦର କରିବାକୁ ହେବ ତାହା ଦୃଷ୍ଟି ଦେଉନାହାନ୍ତି। କେବଳ ମକର ସମୟ ହେଲେ ଗୋଡ଼ି ପିଚୁ ପକାଇ ନିରବ ବସିଯାଉଛନ୍ତି। ଏହି ରାସ୍ତାଟି ସମ୍ପୂର୍ଣ୍ଣ ରୂପେ ଏକ ଗାଉଁଲି ରାସ୍ତା ହୋଇଥିବାରୁ ବର୍ଷା ଦିନରେ ମଧ୍ୟ ରାସ୍ତାରେ ବନ୍ୟା ସୃଷ୍ଟି ହେଉଛି। ଜଣେ ପଥଚାରୀ ରାସ୍ତାରେ ଯିବା ବେଳେ ଗାଡ଼ି ମଟର ଚଳାଚଳରେ କାଦୁଅ ପାଣି ଛିଟିକାରେ କାଦୁଅ ହୋଇଯାଇଛି। ଏହି ରାସ୍ତାଟି ନିର୍ମାଣରେ ବହୁ ତ୍ରୁଟି ରହିଛି। ଯାହାଫଳରେ ବର୍ଷା ପାଣି ନିଷ୍କାସନ ହେବାରେ ବାଧା ସୃଷ୍ଟି ହେଉଛି। ରାସ୍ତାଟି ଦିନକୁ ଦିନ ତାର ସ୍ଥିତି ହରାଇ ବସୁଛି। କେଉଁଟି ବ୍ୟକ୍ତିବିଶେଷ ମାନେ ରାସ୍ତାରେ ବାଡ଼ ବସାଇଲେଣି ତ କେଉଁଟି ଅଳିଆ ଆବର୍ଜନା ପଡ଼ି ରହିଛି। ଚଳିତ ବର୍ଷ ମାର୍ଚ୍ଚ ମାସରେ ଉକ୍ତ ରାସ୍ତା ଉପରେ ବିଭାଗ ପକ୍ଷରୁ ୧୦ ଲକ୍ଷ ଟଙ୍କା ଅର୍ଥ ଖର୍ଚ୍ଚ ହୋଇ ରାସ୍ତା ମରାମତି କରାଗଲା। କିନ୍ତୁ ଏହା ଫଳପ୍ରଦ ହେଲାନାହିଁ। ଠିକାଦାର ଆବଶ୍ୟକ ପରିମାଣରେ ଉନ୍ନତ ମାନରେ କାମ କରି ମଧ୍ୟ ରାସ୍ତାରେ ବନ୍ୟା ପରିସ୍ଥିତି ସୃଷ୍ଟି ହେଲା। ତେବେ ଜନ ସାଧାରଣଙ୍କ କହିବା କଥା ଏହା ଏକ ଗାଉଁଲି ରାସ୍ତା ଏହି ରାସ୍ତା କଡରେ ଡ୍ରେନେଜ୍ ନଥିବା ବେଳେ ରାସ୍ତାକୁ ଠିକ୍ ଭାବରେ ନିର୍ମାଣ କରାଗଲେ ଜଳ ନିଷ୍କାସନ ହୋଇପାରିବ ନାହିଁ। ତେଣୁ ବିଭାଗୀୟ ଅଧିକାରୀ କେବଳ ମକରରେ ପିଚୁ ପକାଇ ରାଜକୋଷରୁ ଅର୍ଥ ଖର୍ଚ୍ଚ ନ କରି ରାସ୍ତା ପ୍ରତି ଦୃଷ୍ଟି ଦେଇ ରାସ୍ତାର ପୁନରୁଦ୍ଧାର କରିବା ଆବଶ୍ୟକତା ରହିଛି। ଯଦି ମକର ମେଳା ସମୟରେ ପିଚୁ ପକାଇ ରାଜ କୋଷରୁ ଅର୍ଥ ହଡପ କରାଯାଏ ତେବେ ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହେବାର ସମ୍ଭାବନା ରହିଛି।

### ଅଭିଯୋଗ ଶୁଣିଲାନି ପ୍ରଶାସନ

# ନିଜ ଖର୍ଚ୍ଚରେ ଗାଁ ରାସ୍ତା ମରାମତି କଲେ କୁରୁକୁଟି ଗ୍ରାମବାସୀ



ରାୟଗଡ଼ା,୮।୧୧(ସମିସ): ବାରମ୍ବାର ଅଭିଯୋଗ ପରେ ବି ପ୍ରଶାସନ ନ ଶୁଣିବାରୁ ରାୟଗଡ଼ା ଜିଲ୍ଲାର କଲ୍ୟାଣସିଂପୁର ବ୍ଲକର କୁରୁକୁଟି ଗ୍ରାମବାସୀ ନିଜ ଗାଁର ରାସ୍ତା ନିଜ ଖର୍ଚ୍ଚରେ ମରାମତି କରି ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି। ବର୍ଷା ଓ ଦୈନନ୍ଦିନ ବ୍ୟବହାରରେ ଗାଁକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ନଷ୍ଟ ହୋଇଥିବାରୁ ଗ୍ରାମବାସୀମାନେ ଦୈନିକ ଯାତାୟାତରେ ବହୁ ଅସୁବିଧା ଭୋଗୁଥିଲେ। ଗ୍ରାମବାସୀମାନେ ବାରମ୍ବାର ରାସ୍ତା ନିର୍ମାଣ ତଥା ମରାମତି ପାଇଁ ଦାବି ଓ ଗୁହାରୀ କରିବା ପରେ ମଧ୍ୟ ସ୍ଥାନୀୟ ପଞ୍ଚାୟତ ଓ ପ୍ରଶାସନ ନ ଶୁଣିବାରୁ ଗ୍ରାମବାସୀ ନିଜେ ମିଶି ବୈଠକ କରି ନିଜ ନିଜ ମଧ୍ୟରେ ୫୦୦ରୁ ୧୦୦୦ଟଙ୍କା ପର୍ଯ୍ୟନ୍ତ ଚାନ୍ଦା ଆଦାୟ କରି ଟ୍ରାକ୍ଟର ପିଛା ମାଟି ଲୋଡ ଭଡ଼ା ଦେଇ ଶୋଚନୀୟ ଅବସ୍ଥାରେ ଥିବା ରାସ୍ତାର ମରାମତି କରିଛନ୍ତି। ଏହି ପଦକ୍ଷେପ ସମାଜରେ ସ୍ୱୟଂସେବୀ ଭାବନା ଦୃଢ଼ କରିଥିବା ବେଳେ ଲୋକଙ୍କ ସରକାର ଗ୍ରାମବାସୀଙ୍କ ମୌଳିକ ଅଧିକାରକୁ ପୂରଣ କରିବା ଦିଗରେ କେତେ ଆନ୍ତରିକତା ରଖିଛି ତାହା ପ୍ରଶାସନିକ ଅଧିକାରୀ, ଜନ ପ୍ରତିନିଧିଙ୍କ ଦାୟିତ୍ୱ ନିର୍ବାହକୁ ସୂଚାଇ ଦେଉଛି। ଜିଲ୍ଲାର କଲ୍ୟାଣସିଙ୍ଗପୁର ବ୍ଲକ୍ ସେରିଗୁମା ପଞ୍ଚାୟତ ଅଧୀନସ୍ଥ କୁରୁକୁଟି ଗ୍ରାମବାସୀମାନେ ଦୀର୍ଘ ଦିନ ଧରି ଗାଁର ଶୋଚନୀୟ ମାଟି ରାସ୍ତାକୁ ପକ୍କା ରାସ୍ତାରେ ପରିଣତ କରିବା ତଥା ଆବଶ୍ୟକ ସ୍ଥଳେ ମରାମତି କରିଦେବାକୁ ଅନେକ ଥର ସ୍ଥାନୀୟ ବ୍ଲକ୍ ପ୍ରଶାସନ ନିକଟରେ ଗୁହାରୀ କରିବା ସହ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ମଧ୍ୟ ଏହାର ସମାଧାନ କରିବାକୁ ଜିଲ୍ଲାପାଳଙ୍କୁ ନିବେଦନ କରିଥିଲେ। ତେବେ କେହି ହେଲେ ଗ୍ରାମବାସୀଙ୍କ ଅସୁବିଧାକୁ କର୍ଣ୍ଣପାତ କରି ନ ଥିଲେ। ଗାଁର ରାସ୍ତା ଏତେ ଶୋଚନୀୟ ହୋଇପଡିଥିଲା ଯେ, ଜରୁରୀକାଳନୀ ସ୍ୱାସ୍ଥ୍ୟ ସେବା ଯୋଗାଉଥିବା ଆମ୍ବୁଲାନ୍ସ ମଧ୍ୟ ଗାଁରେ ପହଞ୍ଚି ପାରୁ ନଥିଲା। ଫଳରେ ଗର୍ଭବତୀ ମହିଳା, ରୋଗୀ, ବରିଷ୍ଠ ନାଗରିକମାନଙ୍କୁ ଭାରରେ ବୋହି ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ବୋହି ବୋହି ନେବାକୁ ପଡୁଥିଲା ଏବଂ ଚାଲି ଯିବାରେ ମଧ୍ୟ କଷ୍ଟସାଧ ଥିଲା ବୋଲି ଗ୍ରାମବାସୀ ରାଜୁ ତୋଇକା ପ୍ରକାଶ କରିଛନ୍ତି। ତେବେ ନିଜ ଗାଁ ରାସ୍ତା ପାଇଁ ପ୍ରଶାସନ ତଥା ସରକାର, ଜନପ୍ରତିନିଧିଙ୍କଠାରେ ଗୁହାରୀ କରିବା ଠାରୁ ନିଜେ ମିଶି ଶ୍ରମ ଦାନ କରି ମରାମତି ପାଇଁ ନିଜ ଭିତରେ ଆବଶ୍ୟକ ଅର୍ଥ ଯୋଗାଡ଼ କରି ମରାମତି କରିବାକୁ ନିଷ୍ପତ୍ତି ନେଇ ଆଜି ପ୍ରାୟ ଦେଢ଼ କିମି ଗାଁ ରାସ୍ତା ମରାମତି କରିଛନ୍ତି ଗ୍ରାମବାସୀ। ଆଗାମୀ ଦିନରେ ସରକାର ଏହି ରାସ୍ତାକୁ ପକ୍କା ରାସ୍ତାରେ ନିର୍ମାଣ କରିବାକୁ ପୁଣି ଆଶା ରଖି ଗ୍ରାମବାସୀ ନିବେଦନ କରିଥିବାବେଳେ ଯଦି ରାସ୍ତା ନିର୍ମାଣ ନ ହୁଏ ତେବେ ଆଗାମୀ ପଞ୍ଚାୟତ ନିର୍ବାଚନରେ ରାସ୍ତା ନାହିଁ ତ ଭୋଟ ନାହିଁ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

### ● ମାନବିକତା ଦେଖାଇ ଚର୍ଚ୍ଚାରେ ମହିଳା କନଷ୍ଟେବଲ

# ରଜନୀଙ୍କ ଯୋଗୁଁ ପରୀକ୍ଷା ଦେଇ ପାରିଲେ ମହିଳା



ମାଲକାନଗିରି, ୮ ।୧୧(ସମିସ): ଡ୍ୟୁଟି ସମୟରେ ମାନବିକତାର ପରିଚୟ ଦେଇ ଚର୍ଚ୍ଚାକୁ ଆସିଛନ୍ତି ଜଣେ ମହିଳା କନଷ୍ଟେବଲ। ଗୋଟିଏ ସମୟରେ ସେ ସମ୍ଭାଳିଲେ ଦୁଇ ଦୁଇଟି ଦାୟିତ୍ୱ। ପୁଲିସର ଖାକୀ ପୋଷାକ ଦେଖିଲେ ଅନେକଙ୍କ ମନରେ ଭୟ ସୃଷ୍ଟି ହୁଏ। ହେଲେ ସେହି ଖାକୀ ପୋଷାକ ଭିତରେ ଥିବା ମଣିଷର ମଧ୍ୟ ମଣିଷ ପଣିଆ ରହିଛି ବୋଲି ମହିଳା କନଷ୍ଟେବଲ ଜଣଙ୍କ ପ୍ରମାଣିତ କରିଛନ୍ତି। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲାସଦର ମହକୁମାରେ। ସୂଚନାନୁଯାୟୀ, ଜିଲ୍ଲା ସଦରରେ ଥିବା ବିବିଗୁଡା ବିଦ୍ୟାଳୟରେ ଆରଆଇ ଓ ଅମିନ ପରୀକ୍ଷା ଚାଲିଥିବା ବେଳେ ସେଠାରେ ଭୈରବୀ ମଣ୍ଡଳ ନାମକ ଜଣେ ମହିଳା ତାଙ୍କର ଶିଶୁ ପୁତ୍ରକୁ ଧରି ପରୀକ୍ଷା ଦେବାକୁ ଆସିଥିଲେ। ଏହି ପରୀକ୍ଷାର ସୁରକ୍ଷା ପାଇଁ ଅନେକ ମହିଳା ଓ ପୁରୁଷ ପୁଲିସ କର୍ମୀ ସେଠାରେ ନିଯୁକ୍ତ ହୋଇଥିଲେ। ତେବେ ପରୀକ୍ଷା କେନ୍ଦ୍ରରେ ଭୈରବୀ ଛୁଆଟିକୁ ଧରି ପହଞ୍ଚିବା ପରେ କୋମଳମତି ଛୁଆକୁ ଧରି ପରୀକ୍ଷା ଦେବାକୁ ଅନିଚ୍ଛା ପ୍ରକାଶ କରିଥିଲେ। ଗୋଟିଏପଟେ ପରୀକ୍ଷା ନଦେଇ ପରିବା କଥା ଭାବି ଚିନ୍ତିତ ହୋଇ ପଡୁଥିବା ବେଳେ ଅନ୍ୟପଟେ ଛୁଆକୁ କେଉଁଠି ଛାଡି ପରୀକ୍ଷା ଦେବେ ତାହାକୁ ନେଇ ଅଧିକ ଚିନ୍ତିତ ହୋଇ ଶେଷରେ ପରୀକ୍ଷା ନଦେବାକୁ ନିଷ୍ପତ୍ତି ନେଇଥିଲେ। ଭୈରବୀଙ୍କୁ ଚିନ୍ତିତ ଦେଖି ସେଠାରେ ଡ୍ୟୁଟିରେ ଥିବା ମହିଳା ପୁଲିସ କନଷ୍ଟେବଲ ରଜନୀ ମାଝୀ ତାଙ୍କୁ କଣ ହୋଇଛି ବୋଲି ପଚାରି ବୁଝିଥିଲେ। ତେବେ ଶିଶୁ ପୁତ୍ରକୁ ଧରି ପରୀକ୍ଷା ଦେବା କଷ୍ଟକର ଓ ପିଲାଟିକୁ କେହି ଧରିବା ପାଇଁ ନଥିବାରୁ ଭୈରବୀ ଚିନ୍ତିତ ଥିବା ଜାଣି ତୁରନ୍ତ ରଜନୀ ଛୁଆଟିକୁ ନିଜ ପାଖକୁ ନେଇ ବେସ ଖୁସିରେ ପିଲାଟିକୁ ଖେଳାଇଥିଲେ। ଏହା ଦେଖି ଭୈରବୀ ମଧ୍ୟ ଖୁସି ବ୍ୟକ୍ତ କରିଥିବା ସହ ନିଦ୍ୱନ୍ଦ୍ୱରେ ପରୀକ୍ଷା ଦେବାକୁ ଯାଇଥିଲେ। ଗୋଟିଏ ସମୟରେ ରଜନୀ ଦୁଇଦୁଇଟି କର୍ତ୍ତବ୍ୟ କରି ମାନବିକତାର ପରିଚୟ ଦେଇଥିବା ବେଳେ ତାଙ୍କର ଏପରି କାର୍ଯ୍ୟକୁ ସାଧାରଣରେ ବେସ ପ୍ରଶଂସା କରାଯାଇଥିଲା। ଏନେଇ ରଜନୀ କହିଛନ୍ତି, ମୁ ବି ଜଣେ ମା', ମୁଁ ଡ୍ୟୁଟିରେ ଥିଲେ ମଧ୍ୟ ଅନ୍ୟ ଜଣେ ମା'ର ମନ କଥାକୁ ବିଝି ପାରିଥିଲି। ତେଣୁ ଏହା ମୋର କର୍ତ୍ତବ୍ୟ ଥିଲା ଓ ମୁଁ ଏହାକୁ ଖୁସିର ସହ କରିଥିଲି।

# ସେଞ୍ଚୁରିଅନ୍ ପବ୍ଲିକ୍ ସ୍କୁଲର 'କାଲେଇଡୋସ୍କୋପ୍' ପ୍ରଦର୍ଶନୀ



ରାୟଗଡା, ୮।୧୧(ସମିସ): ରିଜିଅନାଲ୍ ଡାଇରେକ୍ଟର ଡ. ରାଜେଶ କୁମାର ପାଢ଼ୀଙ୍କର ସଶକ୍ତ ନେତୃତ୍ୱରେ ସେଞ୍ଚୁରିଅନ ପବ୍ଲିକ୍ ସ୍କୁଲ୍ ଦ୍ୱାରା 'କାଲେଇଡୋସ୍କୋପ୍' ନାମକ ମେଗା ପ୍ରଦର୍ଶନୀ ସଫଳତାର ସହ ୮ ତାରିଖ ଦିନ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବରେ ସେଣ୍ଟ ଜାଭିଅର ସ୍କୁଲର ଅଧକ୍ଷ ୟୁ. ରବି କୁମାର ଉପସ୍ଥିତ ଥିଲେ। ପ୍ରିନ୍ସିପାଲ୍ ଆର.କେ. ମହାପାତ୍ର, ଫାର୍ମାର ଅଧକ୍ଷ ଡ଼. ଚନ୍ଦ୍ରଶେଖର ପାତ୍ର, ଏଓ. ସୁଶ୍ରୀ ସସ୍ମିତା ମହାନ୍ତି ଓ ବ୍ରାଣ୍ଡ ବିଲ୍ଡିଙ୍ଗ୍ ହେଡ୍ ତପସ୍ କୁମାର ବାରିକ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ରବି କୁମାର ଗୁଣବତ୍ତା ଉପରେ ଶିକ୍ଷା, କୌଶଳ ବିକାଶ, ଭାଗ ଗ୍ରହଣର ମହତ୍ତ୍ୱ ଓ ନୂତନ ପରିବେଶ ସହ ପରିଚୟ ହେବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ । ପ୍ରଦର୍ଶନୀରେ ପାଖାପାଖି ୯୦ଟି ପ୍ରକଳ୍ପ ଓ ମୋଡେଲ୍ ପ୍ରଦର୍ଶିତ ହୋଇଥିଲା, ଯାହା ଅତିଥି ଓ ଅଭିଭାବକଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା। ଏହି ପ୍ରକଳ୍ପଗୁଡିକୁ ଗ୍ରୀନ୍ ଭାଲି ପବ୍ଲିକ୍ ସ୍କୁଲର ସନ୍ତୋଷ ସମନ୍ତ୍ରାୟ ଓ ସେଣ୍ଟ ଜାଭିଅର୍ ହାଇସ୍କୁଲର ଚିତ୍ତ ରଞ୍ଜନ ପାତ୍ର ବିଚାରକ ଭାବରେ ମୂଲ୍ୟାଙ୍କନ କରିଥିଲେ। ଚୟନ ହୋଇଥିବା ପ୍ରକଳ୍ପଗୁଡ଼ିକ ଜିଲ୍ଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଓ ଅନ୍ୟାନ୍ୟ ପ୍ରତିଷ୍ଠିତ ମଞ୍ଚରେ ପ୍ରଦର୍ଶିତ ହେବ ବୋଲି ଭାଇସ୍- ପ୍ରିନ୍ସିପାଲ ଧୀରାଜ ମହାନ୍ତି କହିଛନ୍ତି। ବିଶେଷତଃ ବିଜ୍ଞାନ ବିଭାଗ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କ ପ୍ରବଳ ଉତ୍ସାହ ଓ ଉଦ୍ୟମ ବଳରେ ଏହି ପ୍ରଦର୍ଶନୀଟି ସଫଳତାର ସହ ସମ୍ପନ୍ନ ହୋଇଥିବାରୁ ଅନୁଷ୍ଠାନର ପରିଚାଳକ ଡ଼. ରାଜେଶ କୁମାର ପାଢ଼ୀ ସାଧୁବାଦ ଜଣେଇଥିଲେ।

### ● ପୁହୁଣ୍ଡିରେ 'ଜ୍ଞାନବୃଦ୍ଧି ପାଠଶାଳା' ଉଦ୍‌ଯାପିତ

# 'ଗ୍ରାମର ପିଲାଙ୍କୁ ଶିକ୍ଷିତ ଓ ସଚେତନ କରିବା ମୂଳ ଉଦ୍ଦେଶ୍ୟ'



ଟିକିରି,୮।୧୧(ସମିସ): ଗ୍ରାମର ଜୀବନ ଶାନ୍ତ ପରିବେଶ ମଧ୍ୟରେ ଶିକ୍ଷା ଓ ଜ୍ଞାନର ନୂତନ ପ୍ରଭାତ ଆଣିଛି ଆଦିତ୍ୟ ଆଲୁମିନା ରିଫାଇନାରୀ। ପୁହୁଣ୍ଡି ଗ୍ରାମ ପ୍ରାଙ୍ଗଣରେ ଗମ୍ଭୀର ଉତ୍ସାହ ଓ ହସ ମଧ୍ୟରେ ଉଦ୍‌ଯାପିତ ହୋଇଛି ଜ୍ଞାନବୃଦ୍ଧି ପାଠଶାଳା। ଏହି ପାଠଶାଳା ଅଭିଯାନରେ ପ୍ରଥମ ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ। ଆଦିତ୍ୟ ଆଲୁମିନା ରିଫାଇନାରୀ ପକ୍ଷରୁ ସେମାନଙ୍କୁ ଖାତା, ପେନ, ପେନସିଲ ଏବଂ ଶିକ୍ଷା ସାମଗ୍ରୀ ବଣ୍ଟନ କରାଗଲା। ଶିଶୁମାନେ ନୂଆ ଖାତା ଓ ପେନ ହାତରେ ନେଇ ଆନନ୍ଦିତ ହୋଇଥିଲେ। ୟୁନିଟ୍ ହେଡ୍ ମଜହର ବେଗ, ଏଚଆର୍ ହେଡ୍ ଦୀପକ ମହାନ୍ତି, ସିଏସଆର୍ ଏବଂ ଆର୍‌ଆର୍ ହେଡ୍ ତନ୍ମୟ ମହାନ୍ତି, ଜେଷ୍ଠ ଶିକ୍ଷାବିଦ୍ ଅର୍ଜୁନ ଝୋଡିଆ ଓ ପୁହୁଣ୍ଡି ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଶ୍ରୀଧର ଝୋଡିଆଙ୍କ ସହିତ ସିଏସଆର୍ ବିଭାଗର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଗ୍ରାମର ନୀଳକଣ୍ଠ ଝୋଡିଆ, ଅଖିଳ ଝୋଡିଆ, ଭୀମ ଝୋଡିଆ, ମହେଶ୍ୱର ଝୋଡିଆ, କିଚକ ବାଘ, ତ୍ରିପତି ଝୋଡିଆ, ମଧୁ ଝୋଡିଆ ଓ ଅନେକ ମହିଳା ଓ ଯୁବ ଗୋଷ୍ଠୀ ଏହି ଅବସରରେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ସିଏସଆର୍ ବିଭାଗ ପରିଚାଳନା କରିଥିଲେ। ଜ୍ୟେଷ୍ଠ ଶିକ୍ଷାବିଦ୍ ଅର୍ଜୁନ ଝୋଡିଆ ଜୀବନର ସଫଳତା ରାସ୍ତା ହେଉଛି ଶିକ୍ଷା ବୋଲି କହିବା ସହ ଯେପରି ଗଛ ଆଲୋକ ଦେଖି ବଢ଼େ, ସେପରି ମନ ଜ୍ଞାନ ଆଲୋକ ଦେଖି ଉନ୍ନତି କରେ। ତୁମେ ଆଗକୁ ବଢ଼, ଗ୍ରାମର ନାମ ଆଲୋକିତ କର ବୋଲି ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ୟୁନିଟ୍ ହେଡ୍ ଶ୍ରୀ ବେଗ ଶିକ୍ଷା ହେଉଛି ସବୁଠୁ ବଡ଼ ଶକ୍ତି। ଆମର ଉଦ୍ଦେଶ୍ୟ କେବଳ କାରଖାନା ଚଳାଇବା ନୁହେଁ, ଗ୍ରାମକୁ ଶିକ୍ଷିତ ଓ ସଚେତନ କରିବା; ଜ୍ଞାନବୃଦ୍ଧି ପାଠଶାଳା ଦ୍ୱାରା ଆମେ ଗ୍ରାମର ପିଲାମାନଙ୍କ ଭିତରେ ଶିକ୍ଷାର ଆଲୋକ ପ୍ରଜ୍ୱଳିତ କରିବାକୁ ଚାହୁଁଛୁ ବୋଲି କହିବା ସହ ଗ୍ରାମବାସୀମାନଙ୍କ ସହଯୋଗ ଓ ସ୍ନେହ ବିନା ଏହି ଉଦ୍ୟମ ସଫଳ ହେଇପାରି ନଥାନ୍ତା ବୋଲି କହିଥିଲେ। କାର୍ଯ୍ୟକ୍ରମ ଶେଷରେ ଗ୍ରାମବାସୀମାନେ ଆଦିତ୍ୟ ଆଲୁମିନା ରିଫାଇନାରୀ ପ୍ରତି ଆଭାର ପ୍ରକାଶ କରିଥିଲେ। ଶେଷରେ ୟୁନିଟ୍ ହେଡ୍ ଶ୍ରୀ ବେଗ ସମସ୍ତ ଗ୍ରାମବାସୀଙ୍କୁ ଧନ୍ୟବାଦ ଜଣାଇଥିଲେ।

# ଜିଲ୍ଲାସ୍ତରୀୟ ଛାୟା ସଂସଦ କାର୍ଯ୍ୟକ୍ରମ




ରାୟଗଡା,୮।୧୧(ସମିସ): ରାୟଗଡାରେ ଜିଲ୍ଲାସ୍ତରୀୟ ଛାୟା ସଂସଦ କାର୍ଯ୍ୟକ୍ରମ ଶନିବାର ଜିସିଡି ହାଇସ୍କୁଲ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଶଙ୍କର ଉଲାକା ଓ ଅପରାହ୍ନରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟତମ ଅତିଥି ରୂପେ ଜିଲ୍ଲା ଶିକ୍ଷାଧିକାରୀ ରାମଚନ୍ଦ୍ର ନାହକ, ଅତିରିକ୍ତ ଶିକ୍ଷାଧିକାରୀ ଭଜନଲାଲ ମାଝୀ ଓ ଶାନ୍ତିଲତା ମୁନୀ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧକ୍ଷ ଜଗନ୍ନାଥ ମେହେର, ସମସ୍ତ ବ୍ଲକ ଶିକ୍ଷାଧିକାରୀ ବୃନ୍ଦ ଉପସ୍ଥିତ ଥିଲେ। ଛାୟା ସଂସଦରେ ଶପଥପାଠ, ବିଲ ଓ ବଜେଟ ଉପସ୍ଥାପନ, ଶୁନ୍ୟ କାଳରେ ବିଭିନ୍ନ ପ୍ରସଙ୍ଗରେ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ହୋଇଥିଲା। ସଂସଦରେ ଜିଲ୍ଲାବାସୀଙ୍କ ସମସ୍ୟା ସମାଧାନ ନିମନ୍ତେ ଅନେକ ପ୍ରଶ୍ନ ଉତ୍ଥାପନ କରିବା ସହ ବିକାଶ ପାଇଁ ସର୍ବଦା ପ୍ରୟାସ କରି ଆସୁଥିବା ଅତିଥିମାନେ ପ୍ରକାଶ କରିଥିଲେ। ଏଥିରେ ଏଗାର ବ୍ଲକ୍‌ର ୮୦ ଜଣ ଶିଶୁ ଅଂଶଗ୍ରହଣ କରିଥିଲେ।

# ରାୟଗଡ଼ାରେ ୧୦ କିମି ଏକତା ପଦଯାତ୍ରା




ରାୟଗଡା,୮।୧୧(ସମିସ): ଭାରତର ପ୍ରଥମ ଉପ ପ୍ରଧାନମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ରାୟଗଡାଠାରେ ଦୀର୍ଘ ୧୦କିମି ପର୍ଯ୍ୟନ୍ତ ଏକତା ପଦଯାତ୍ରା ଆଜି ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମହାତ୍ମାଗାନ୍ଧୀ ପ୍ରମୋଦ ଉଦ୍ୟାନ ଠାରୁ ଅନୁଷ୍ଠିତ ପଦଯାତ୍ରାକୁ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ସ୍ଥାନୀୟ ଗାନ୍ଧୀ ପାର୍କରେ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ପଦଯାତ୍ରା ସ୍ଥାନୀୟ ମହାତ୍ମାଗାନ୍ଧୀ ପ୍ରମୋଦ ଉଦ୍ୟାନ ଠାରୁ ଆରମ୍ଭ ହୋଇ ନୂଆ ବସ୍ ଷ୍ଟାଣ୍ଡ, ଓଭର ବ୍ରିଜ ଦେଇ ଜିଲ୍ଲାପାଳଙ୍କ ବାସଭବନ, ସ୍ୱୟଂ ଶାସିତ ମହାବିଦ୍ୟାଳୟଠାରେ ପହଞ୍ଚିଥିଲା। ସେଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ସେଠାରୁ ଜିଲ୍ଲା ସଂସ୍କୃତି ଭବନରେ ପହଞ୍ଚି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସଂସ୍କୃତି ଭବନରୁ ବାହାରି ସାକ୍ରେଡ଼ ହାର୍ଟ ସ୍କୁଲ ଦେଇ ସ୍ଥାନୀୟ ମହିଳା ମହାବିଦ୍ୟାଳୟଠାରେ ତୃତୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେଠାରୁ ସ୍ଥାନୀୟ ରିଙ୍ଗ ରୋଡ଼ରୁ ମା' ମାଝୀ ଘରିଆଣି ମନ୍ଦିର ଦେଇ ରେଲୱାଇ ଅଣ୍ଡର ଗ୍ରାଉଣ୍ଡ ଦେଇ ଭାରତୀୟ ଷ୍ଟେଟ ବ୍ୟାଙ୍କରୁ ସ୍ଥାନୀୟ ଗୋବିନ୍ଦ ଚନ୍ଦ୍ର ଜିଲ୍ଲା ଉଚ୍ଚ ବିଦ୍ୟାଳୟ ପଡ଼ିଆଠାରେ ପହଞ୍ଚିବା ପରେ ଉଦ୍‌ଯାପନୀ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ପଦଯାତ୍ରା ସହ ଏକତା ରଥ ପରିକ୍ରମା କରିଥିଲା। ମୁଖ୍ୟଅତିଥି ଭାବେ କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଶଙ୍କର ଉଲ୍ଲକା, ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି, ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁର, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲ୍ଲାପାଳ ରମେଶ କୁମାର ଜେନା ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାରତର ଏକତ୍ରୀକରଣ ତଥା ଗଣରାଜ୍ୟ ଗଠନ ପାଇଁ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ଶେଖ ଅଲେନୁର ସମସ୍ତ କାର୍ଯ୍ୟକ୍ରମ ଆୟୋଜନ କରିଥିବାବେଳେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଜିତ କୁମାର ମିଶ୍ର, ପୌର ପରିଷଦ ନିର୍ବାହୀ ଅଧିକାରୀ କୁଲଦୀପ କୁମାର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଜିଲ୍ଲାସଂସ୍କୃତି ଅଧିକାରୀ ସୁଶ୍ରୀ ସୁସ୍ମିତା ବାଉରୀ, ମେରା ଯୁବା ଭାରତର ଜିଲ୍ଲା ଯୁବ ଅଧିକାରୀ ଏ ଭି ନରସିଂହ ଓ ଅନ୍ୟାନ୍ୟ ଅଧିକାରୀ ଏବଂ କର୍ମଚାରୀ ସହଯୋଗ କରିଥିଲେ। ପଦଯାତ୍ରାରେ ହଜାର ହଜାର ସଂଖ୍ୟାରେ ସ୍ଥାନୀୟ ଜନ ସାଧାରଣ, କେନ୍ଦ୍ରୀୟ ପୁଲିସ ସୁରକ୍ଷା ବଳ, ଛାତ୍ରଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଟିକିରି ଉଚ୍ଚ ବିଦ୍ୟାଳୟର ଛାତ୍ରୀଙ୍କ କୃତିତ୍ୱ

ଟିକିରି,୮।୧୧(ସମିସ): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ଟିକିରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ରୀ ଯଶୋଦା ପୁରୁସେଟ୍ଟି ରାଜ୍ୟସ୍ତରୀୟ ମୋଡେଲ୍ ପାର୍ଲିଆମେଣ୍ଟ ପାଇଁ ମନୋନୀତ ହୋଇଛନ୍ତି। ବିଦ୍ୟାଳୟସ୍ତରରୁ ଯଶୋଦା ପୁରୁସେଟି, ପାୟଲ ବିଶୋଇ,ମନୀଷା ବିଶୋଇ, ଶ୍ରାବଣୀ ନାୟକ ଜିଲ୍ଲାସ୍ତରରେ ଅଂଶଗ୍ରହଣ ପାଇଁ ମନୋନୀତ ହୋଇଥିଲେ। ଆଜି ରାୟଗଡ଼ା ଜିସିଡି ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଟିକିରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ଯଶୋଦା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ମନୋନୀତ ହୋଇଛନ୍ତି। ଏହି ଅବସରରେ ବିଦ୍ୟାଳୟର ଅଧକ୍ଷା ବକୁଳାରାଣୀ ଦାସ ତଥା ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ କୃତି ପ୍ରତିଯୋଗୀକୁ ଶୁଭେଚ୍ଛା ଜଣାଇଛନ୍ତି।

# ବୈପାରିଗୁଡ଼ାକୁ ଛୁଇଁଲା ପହିଲି ଶୀତ



ବୈପାରିଗୁଡ଼ା,୮।୧୧(ସମିସ): ମୌସୁମୀ ବିଦାୟ ନେବା ପରେ ବୈପାରୀଗୁଡ଼ାକୁ ଛୁଇଁଛି ଶୀତର ପହଲି ସ୍ପର୍ଶ। ବଣପାହାଡ଼ ଘେରା ଅଞ୍ଚଳରେ ଅନୁଭୂତ ହେଉଛି ପହିଲି ଶୀତ। ବର୍ଷା ଛାଡିବା ପରେ ବୈପାରୀଗୁଡ଼ା ବ୍ଲକକୁ ଛୁଇଁଛି ଶୀତ। ସକାଳୁ ସକାଳୁ ସାରା ଅଞ୍ଚଳକୁ ଢାଙ୍କି ରଖିଛି କୁହୁଡ଼ି। ଘାସରେ ଢଳଢଳ କାକର ବିନ୍ଦୁ ଶୀତ ଆଗମନର ସଂକେତ ଦେଉଛି। ଆଜି ସହରରେ କୁହୁଡ଼ିର ଘନତା ଏତେ ବେଶି ଥିଲା ଯେ, ୫୦ ମିଟର ଦୂର ଯାଏ କିଛି ବି ଦୃଶ୍ୟମାନ ହେଉନଥିଲା। ଯାହାଫଳରେ ଯାନବାହାନକୁ ଲାଇଟ୍ ଜାଳି ଯିବାପାଇଁ ବାଧ ହେଉଥିଲେ। ସକାଳ ୮ଟା ଯାଏ କୁହୁଡ଼ି ଛାଡ଼ି ନଥିଲା। ସୂର୍ଯ୍ୟ ଉଦୟ ହୋଇଥିଲେ ମଧ୍ୟ କୁହୁଡ଼ି ଯୋଗୁଁ ସୂର୍ଯ୍ୟ କିରଣ ମାଟି ଛୁଇଁ ନଥିଲା। ପ୍ରାତଃ ଭ୍ରମଣକାରୀମାନେ କୁହୁଡ଼ି ଘେରା ସକାଳକୁ ଦେଖି ବେଶ୍ ଉପଭୋଗ କରିଥିଲେ। ଗତ ଦୁଇଦିନ ଧରି ସନ୍ଧ୍ୟା ପରେ ହାଲକା ଶୀତ ଅନୁଭବ କରାଯାଉଥିବା ବେଳେ ଆଜି କୁହୁଡ଼ି ପଡ଼ିବା ଯୋଗୁଁ ଅସଲି ଶୀତର ମଜା ସମସ୍ତେ ଉଠାଇଥିଲେ।

# ଅନ୍ୟ ପାଇଁ ଉଦାହାରଣ ସାଜିଲେ ଜନଜାତି ଯୁବକ ରାମଚନ୍ଦ୍ର



ଖଇରପୁଟ,୮ ।୧୧(ସମିସ): କଠିନ ପରିଶ୍ରମ ଓ ନିଷ୍ଠା ବଳରେ ମାଲାକାନଗିରି ଜିଲ୍ଲାର ଜନଜାତି ଯୁବକ ସଫଳତା ହାସଲ କରିଛନ୍ତି। ସ୍ୱର୍ଗତ ସାନିଆ କ୍ରିସାନି ଏବଂ ସମ୍ବାରୀ କ୍ରିସାନିଙ୍କ ପୁଅ ଡକ୍ଟର ରାମ ଚନ୍ଦ୍ର କ୍ରିସାନିଙ୍କୁ ଭୁବନେଶ୍ୱରର କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସେସ୍(କିସ୍) ଡିମ୍‌ଡ ଟୁ ବି ୟୁନିଭର୍ସିଟିରୁ ସଫଳତାର ସହ ଡକ୍ଟର ଅଫ୍ ଫିଲୋସୋଫି (ପିଏଚଡି) ଡିଗ୍ରୀ ହାସଲ କରିଛନ୍ତି। ଏକ ଆଦିବାସୀ ଗ୍ରାମରୁ ସର୍ବୋଚ୍ଚ ଶିକ୍ଷାଗତ ଡିଗ୍ରୀ ହାସଲ କରିବା ପର୍ଯ୍ୟନ୍ତ ତାଙ୍କର ଉଲ୍ଲେଖନୀୟ ଯାତ୍ରା ଏବେ ଅନେକ ଅବହେଳିତ ଛାତ୍ରଙ୍କ ପାଇଁ ଆଶାର ଆଲୋକ ସଦୃଶ୍ୟ ହେବା ସହ ଅନ୍ୟପାଇଁ ଉଦାହରଣ ସୃଷ୍ଟି କରିଛି। ଡ. କ୍ରିସାନି ମାଲକାନଗିରି ଜିଲ୍ଲାର କୁଡୁମୁଲୁଗୁମ୍ମାର ଦିଦାୟୀ ସମ୍ପ୍ରଦାୟ (ପିଭିଟିଜି)ରୁ ଆସିଛନ୍ତି। ସେ କୁଡୁମୁଲୁଗୁମ୍ମାର ୟୁଜିଏନ୍‌ଇ ସ୍କୁଲରେ ଶିକ୍ଷା ଆରମ୍ଭ କରି ମାଲକାନଗିରିର ପଦ୍ମଗିରି ହାଇସ୍କୁଲ, କୁଡୁମୁଲୁଗୁମ୍ମାର କଲେଜରେ ଅଧ୍ୟୟନ ପରେ ଜୟପୁରର ବିକ୍ରମ ଦେବ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସ୍ନାତକ, କୋରାପୁଟର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ସମାପ୍ତ କରିଥିଲେ। ସ୍ନାତକୋତ୍ତର ସମୟରେ ତାଙ୍କ ପିତାଙ୍କ ଦେହାନ୍ତ ହୋଇଥିଲା। ତଥାପି ସେ ପରିବାର ପ୍ରତିପୋଷଣର ଦାୟିତ୍ୱ ପ୍ରତିପାଦିତ କରିବା ସହ ପାଠପଢ଼ା ଜାରି ରଖିଥିଲେ। ତାଙ୍କ ମାଆ ଜଣେ ଦିନମଜୁରିଆ ଭାବେ କାର୍ଯ୍ୟ କରୁଥିଲେ। ଆର୍ଥିକ ଏବଂ ଭାବପ୍ରବଣ ଚ୍ୟାଲେଞ୍ଜ ସତ୍ତ୍ୱେ ଡକ୍ଟର କ୍ରିସାନି ଡକ୍ଟରେଟ୍ ଅଧ୍ୟୟନ ଆରମ୍ଭ କରି ତାହାକୁ ପୂର୍ଣ୍ଣ କରି ଅନ୍ୟ ଅଦିବାସୀ ଓ ଜନଜାତି ଯୁବକଙ୍କ ପାଇଁ ଉଦାହରଣ ସାଜିଛନ୍ତି। ଡକ୍ଟର ଚିତ୍ତରଞ୍ଜନ ଭୋଇଙ୍କ ମାର୍ଗଦର୍ଶନରେ ସେ ପ୍ରତିରୋଧର ବୃତ୍ତାନ୍ତ: ଗୋପୀନାଥ ମହାନ୍ତି ଏବଂ ଟେମସୁଲା ଆଓଙ୍କ ଚୟନିତ ଉପନ୍ୟାସ ଏବଂ କ୍ଷୁଦ୍ର କାହାଣୀର ଏକ ଅଧ୍ୟୟନ ଶୀର୍ଷକ ପିଏଚଡି ସମାପ୍ତ କରିଥିଲେ। ତାଙ୍କର ସଫଳତା କେବଳ ଏକ ବ୍ୟକ୍ତିଗତ ମାଇଲଖୁଣ୍ଟ ନୁହେଁ ବରଂ ସମଗ୍ର ଆଦିବାସୀ ସମ୍ପ୍ରଦାୟ ପାଇଁ ଏକ ପ୍ରେରଣା ବୋଲି କ୍ରିସାନି କହିଛନ୍ତି।

### ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

# 'ପ୍ରତିଭାର ବିକାଶ କରନ୍ତୁ; ନିଜ ମାଟିର ବିକାଶ ପାଇଁ ସମୟ ଦିଅନ୍ତୁ'



ରାୟଗଡା,୮।୧୧(ସମିସ): ରାୟଗଡ଼ା ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଶନିବାର ସ୍ଥାନୀୟ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଶଙ୍କର ଉଲାକା ଓ ଅପରାହ୍ନରେ ରାୟଗଡ଼ା ବିଧାୟକ କାଡ୍ରାକା ଆପାଲାସ୍ୱାମୀ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାଏକ, ଜିଲ୍ଲା ଶିକ୍ଷାଧିକାରୀ ରାମଚନ୍ଦ୍ର ନାହକ, ଏଡିଇଓ ଭଜନଲାଲ ମାଝୀ, ଶାନ୍ତିଲତା ମୁନୀ, ଡିଆଇଇଟି ଅଧକ୍ଷ ଜଗନ୍ନାଥ ମେହେର , କୋଲନରା ବିଇଓ ମଞ୍ଜୁଲତା ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ରାୟଗଡାରେ ପ୍ରତିଭାର ଅଭାବ ନାହିଁ। ଜାତୀୟ ଓ ଆନ୍ତର୍ଜାତିକସ୍ତରରେ ନିଜର ପ୍ରତିଭାର ବିକାଶ କରନ୍ତୁ, କିନ୍ତୁ ନିଜ ମାଟିର ବିକାଶ ନିମନ୍ତେ ପ୍ରତିଭାଶାଳୀ ହୋଇ ନିଜ ମାଟିକୁ ଫେରିଆସି ମାଟିର ବିକାଶ ପାଇଁ ସମୟ ଦେବାକୁ ଅନୁରୋଧ କରିଥିଲେ ସାଂସଦ। ବିଧାୟକ ଶ୍ରୀ କାଡ୍ରାକା ପ୍ରଚେଷ୍ଟା ସର୍ବଦା ସଫଳତା ଆଡକୁ ପହଞ୍ଚାଇଥାଏ ବୋଲି କହିଥିଲେ। ମୋଟ ୩୭ ଗୋଟି ପ୍ରତିଯୋଗିତାରେ ୪୫୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରଥମ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀ ରାଜ୍ୟସ୍ତରରେ ଅଂଶଗ୍ରହଣ କରିବେ ବୋଲି ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ନାହାକ କହିଛନ୍ତି। ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଞ୍ଚ ଦୁଲୁକି ଉଠିଥିଲା। 'ସୁରଭି' ଲୁକ୍କାୟିତ ପ୍ରତିଭା ଅନ୍ୱେଷଣର ଉପଯୁକ୍ତ ମଞ୍ଚ ତଥା ଏକ ମହାକୁମ୍ଭ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାଏକ କହିଥିଲେ। ସଂଯୋଜକ ଜ୍ଞାନରଂଜନ ସାହୁ ଏହାକୁ ଆୟୋଜନ କରିଥିବା ବେଳେ ଜିଲ୍ଲାର ସମସ୍ତ ବିଇଓ, ଏବିଇଓ, ସିଆରସିସି, ଶିକ୍ଷକ ସଂଘ କର୍ମକର୍ତ୍ତା ଓ ଶିକ୍ଷକ ଶିକ୍ଷୟିତ୍ରୀ, ସମଗ୍ର ଶିକ୍ଷା କାର୍ଯ୍ୟାଳୟ କର୍ମକର୍ତ୍ତା ସହଯୋଗ କରିଥିଲେ।

## ରାଜ୍ୟ ସରକାରଙ୍କ ବନ୍ଦ ସ୍କୁଲ ପୁନଃ ଖୋଲିବା ଘୋଷଣା ଧୂଆଁବାଣ

# ନଈ, ଜଙ୍ଗଲ ପାରହୋଇ ପଢ଼ିବାକୁ ଯାଉଛନ୍ତି କାଳନ୍ଦୀସାହିର ପିଲା

ବାରିପଦା, ୮ ।୧୧(ସମିସ)



ପୂର୍ବରୁ ବନ୍ଦ ରହିଥିବା ବିଦ୍ୟାଳୟକୁ ପୁନଃ ଖୋଲିବା ନେଇ ରାଜ୍ୟ ସରକାରଙ୍କ ଘୋଷଣା ଏବେ ମୟୂରଭଞ୍ଜ ଜିଲ୍ଲାରେ ଧୂଆଁବାଣ ସଦୃଶ୍ୟ ହୋଇଛି। ଛାତ୍ରଛାତ୍ରୀଙ୍କୁ ଘର ନିକଟରେ ଶିକ୍ଷା ଯୋଗାଇବା ଯୋଜନା ବିଫଳ ହୋଇଥିବା ବେଳେ ଶିକ୍ଷାରେ ଡୋରି ଲାଗିଛି। ଏହିପରି ଘଟଣା ଜିଲ୍ଲାର ଶ୍ୟାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ଜୟବିଲା ଗ୍ରାମ ପଞ୍ଚାୟତର କାଳନ୍ଦୀସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ସ୍ୱଳ୍ପ ଛାତ୍ରଛାତ୍ରୀଙ୍କ ଉପସ୍ଥିତିକୁ ଦୃଷ୍ଟିରେ ରଖି ପୂର୍ବରୁ ଉକ୍ତ ବିଦ୍ୟାଳୟକୁ ବନ୍ଦ କରାଯାଇଥିଲା। ଉକ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ୨କିମି ଦୂର ବଡ଼ଶୋଳ ପ୍ରାଥମିକ ବିଦ୍ୟାଳୟ ଓ ୩କିମି ଦୂର ନଦୀ ଆରପାରି ବାଲିମୁଣ୍ଡଳୀ ଉପ୍ରାବିଦ୍ୟାଳୟରେ ନାମ ଲେଖାଯାଇଥିଲା। ତେବେ ରାଜ୍ୟ ସରକାର ବନ୍ଦ ଥିବା ବିଦ୍ୟାଳୟଗୁଡ଼ିକରେ ଅନ୍ୟୂନ୍ୟ ୨୦ ଜଣ ପିଲା ହେଲେ ପୁନଃ ଖୋଲିବା ପାଇଁ ଘୋଷଣା କରିଛନ୍ତି; କିନ୍ତୁ ଉକ୍ତ ବିଦ୍ୟାଳୟକୁ ପୁନଃ ଖୋଲିବା ପାଇଁ ବାରମ୍ବାର ଦାବି ସତ୍ତ୍ୱେ ଜିଲ୍ଲା ଶିକ୍ଷା ବିଭାଗ ତିଳେମାତ୍ର ଦୃଷ୍ଟି ଦେଉନାହିଁ। କାଳନ୍ଦୀସାହି ଗ୍ରାମବାସୀ ମୂଲଲାଗିବା ସହିତ ଚାଷବାସ କରି ପରିବାର ପ୍ରତିପୋଷଣ କରନ୍ତି। ତେଣୁକରି ନିଜ ପିଲାଙ୍କୁ ସରକାରୀ ବିଦ୍ୟାଳୟ ପରିବର୍ତ୍ତେ ଅନ୍ୟ କେଉଁଠି ପାଠ ପଢ଼ାଇବାରେ ଅସମର୍ଥ। ଫଳରେ ଗ୍ରାମରୁ ୨/୩ କିମି ଦୂର ବଡ଼ଶୋଳ ଓ ବାଲିମୁଣ୍ଡଳୀ ବିଦ୍ୟାଳୟକୁ ନଦୀ ଓ ଜଙ୍ଗଲ ରାସ୍ତା ଦେଇ ବିପଦପୂର୍ଣ୍ଣ ଭାବେ ପିଲାମାନେ ଯାଉଛନ୍ତି। ଅଭିଭାବକମାନେ ସକାଳୁ ନିଜ କାର୍ଯ୍ୟସ୍ଥଳକୁ ମୂଳ ଲାଗିବାକୁ ଯାଉଥିବା ବେଳେ ପିଲାଙ୍କୁ ବିଦ୍ୟାଳୟକୁ ନେବା ଆଣିବା କରିପାରୁନାହାନ୍ତି। ବାଧ୍ୟ ହୋଇ ପିଲାମାନେ ଦୂର ବିଦ୍ୟାଳୟକୁ ଯାଉଥିବା ବେଳେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାହାକୁ ନେଇ ଅଧିକାଂଶ କୋମଳମତି ଛାତ୍ରଛାତ୍ରୀଙ୍କ ପାଠ ପଢ଼ାରେ ବେଡ଼ି ଲାଗିଛି। ଏ ନେଇ ବାରମ୍ବାର ଦାବି ସତ୍ତ୍ୱେ ଘର ନିକଟର କାଳନ୍ଦୀସାହି ବିଦ୍ୟାଳୟ ନ ଖୋଲିବାରୁ ଛାତ୍ରଛାତ୍ରୀଙ୍କ ପଢ଼ିବା ଅଧାରୁ ବନ୍ଦ ହୋଇଛି। ଯାହାକି ମୟୂରଭଞ୍ଜ ଜିଲ୍ଲାରେ ଡ୍ରପ ଆଉଟଙ୍କ ସଂଖ୍ୟାକୁ ବୃଦ୍ଧି ପାଇବାରେ ସହାୟକ ହୋଇଛି। ଉକ୍ତ ଗ୍ରାମରେ ୯୦ ପ୍ରତିଶତ ଭୂମି ଥିବାବେଳେ ପ୍ରାଥମିକ ଶିକ୍ଷା ପରି ମୌଳିକ ଅଧିକାରରୁ ମଧ୍ୟ ସେମାନେ ବଞ୍ଚିତ ହୋଇରହୁଛନ୍ତି। ବର୍ତ୍ତମାନ ସମୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୩୫ଜଣରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରିବାର ଯୋଗ୍ୟ ଥିବା ସତ୍ତ୍ୱେ ବିଦ୍ୟାଳୟକୁ ପୁନଃ ଖୋଲିବା ନେଇ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏନେଇ ଜିଲ୍ଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ଶ୍ୟାମାଖୁଣ୍ଟା ବ୍ଲକ ଅଧ୍ୟକ୍ଷ ଚନ୍ଦ୍ର ମୋହନ ସିଂ, ସରପଞ୍ଚ ସୁକାନ୍ତୀ ସିଂ ଓ ୱାର୍ଡ ମେମ୍ବରମାନେ ଲିଖିତ ଭାବେ ଜିଲ୍ଲା ପ୍ରଶାସନଙ୍କୁ ଜଣାଇଛନ୍ତି। ଏ ନେଇ ବାଙ୍ଗିରିପୋଷି ବିଧାୟିକା ସଞ୍ଜଲୀ ମୁର୍ମୁ ଓ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର, ଆଦିବାସୀ ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ମଧ୍ୟ ଘଟଣା ବାବଦରେ ଅବଗତ କରାଯାଇଛି; କିନ୍ତୁ ଫଳ ଶୂନ। ତେଣୁକରି ଛାତ୍ରଛାତ୍ରୀଙ୍କୁ ଶିକ୍ଷାରୁ ବଞ୍ଚିତ ନ କରି ପୁନଃ ସ୍କୁଲ ଖୋଲିବାକୁ ଗ୍ରାମବାସୀ ଦାବି କରିଛନ୍ତି।

**ଅଧାରୁ ପାଠ ଛାଡ଼ିଲେଣି ଅଧିକାଂଶ ଶିଶୁ**

## ବାର୍ଷିକ ଗୀତା ଜ୍ଞାନଯଜ୍ଞ ଉଦ୍‌ଘାଟିତ



**ବାରିପଦା, ୮ ।୧୧(ସମିସ):** ଜୁବିଲି ଲାଇବ୍ରେରୀ ପଡ଼ିଆରେ ଚିନ୍ମୟ ମିଶନ ବାରିପଦା ଆନୁକୂଲ୍ୟରେ ବାର୍ଷିକ ଗୀତା ଜ୍ଞାନଯଜ୍ଞ (ପ୍ରବଚନ) ଉଦଘାଟିତ ହୋଇଯାଇଛିଙ୍ଗ ପ୍ରବକ୍ତା ଚିନ୍ମୟ ମିଶନ ଓଡ଼ିଶାର ମୁଖ୍ୟ ଆଚାର୍ଯ୍ୟ ସ୍ୱାମୀ ସଦାନନ୍ଦ ସରସ୍ୱତୀ, ବାରିପଦାର ଆଚାର୍ଯ୍ୟ ସ୍ୱାମୀ ଗୋବିନ୍ଦାନନ୍ଦ ସରସ୍ୱତୀ, ଦେଉଳଡିହା, କେଉଁଝରର ଆଚାର୍ଯ୍ୟ ବ୍ରହ୍ମଚାରୀ ଅନିକେତ ଚୈତନ୍ୟ, ଜଗନ୍ନାଥ ସଂସ୍କୃତି ଗବେଷକ ଭାଗବତ ପଣ୍ଡା, ସଭାପତି ବିଜୟ ଲେଙ୍କା ଉଦଘାଟନ ସମାରୋହରେ ଯୋଗ ଦେଇଥିଲେ। ଆସନ୍ତା ୧୪ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ସନ୍ଧ୍ୟା ୬ରୁ ୮ଟା ଶ୍ରୀମଦ ଭାଗବତ ଗୀତାର ଚତୁର୍ଦ୍ଦଶ ଅଧ୍ୟାୟ ଗୁଣତ୍ରୟ ଯୋଗ ଓ ସକାଳ ୭ରୁ ୮ଟା କଠୋପନିଷଦ ବିଷୟରେ ସ୍ୱାମୀ ସଦାନନ୍ଦ ସରସ୍ୱତୀ ପ୍ରବଚନ ଦେବେ। ଏଥିସହିତ ବିଭିନ୍ନ ସ୍କୁଲ କଲେଜ ପିଲାଙ୍କୁ ସ୍ୱାମୀଜୀ ଉଦବୋଧନ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସମ୍ପାଦକ ଅଜିତ ବେହେରା ସୂଚନା ଦେଇଥିଲେ। କୋଷାଧ୍ୟକ୍ଷ ପ୍ରଦୀପ ମହାନ୍ତି, ବରିଷ୍ଠ ଆଇନଜୀବି ସତ୍ୟବ୍ରତ ମହାନ୍ତି, ତପନ ପଟ୍ଟନାୟକ, ସମ୍ପଦ ଦାସ, ହୃଦାନନ୍ଦ ଆଚାର୍ଯ୍ୟ, ଲକ୍ଷ୍ମୀ ପାଣି, ଶ୍ରୀଧର ପରିଡ଼ା, ଗିରିଜା ଶଙ୍କର ମହାନ୍ତି, କବିତା ଦାସ, ଡ଼ା ସୁନନ୍ଦନ ମିଶ୍ର, ବିଷ୍ଣୁପଦ ବେରା, କମଳିନୀ ଷଡ଼ଙ୍ଗୀ, ମାଳତୀ ପରିଡ଼ା, ସୁରେଶ୍ୱରୀ ମହାନ୍ତି, ସ୍ୱର୍ଣ୍ଣଲତା ସାହୁ, ସୌଦାପ୍ରଭା ମହାନ୍ତି, ବାପି ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଉଦ୍‌ଯାପିତ



**ବାରିପଦା, ୮ ।୧୧(ସମିସ):** ସହିଦ ସ୍ମୃତି ଭବନ ପରିସରରେ ସମଗ୍ର ଶିକ୍ଷା, ମୟୂରଭଞ୍ଜ ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଶନିବାର ଉଦଯାପିତ ହୋଇଯାଇଛି। 'ମୋ ସ୍ୱପ୍ନର ଓଡ଼ିଶା-୨୦୩୬' ପ୍ରସଙ୍ଗ ଉପରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ୨୬ଟି ବ୍ଲକରୁ ପ୍ରାୟ ୯୬୨ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ସମ୍ମାନିତ ଅତିଥିଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ବାରିପଦା ଉପ-ଜିଲ୍ଲାପାଳ ଡ ଦୟାସିନ୍ଧୁ ପରିଡ଼ା, ସ୍ୱତନ୍ତ୍ର ଅତିଥି ଭାବେ ଆନ୍ତର୍ଜାତୀୟ ରଗବି ଖେଳାଳୀ ସନ୍ଧ୍ୟା ରାଣୀ ଟୁଡୁ ଓ ଜାତୀୟ ସ୍ତରର ବିଜ୍ଞାନ ସେମିନାର-୨୦୨୫ର ବିଜେତା କୁମାରୀ ଅଲିସା ପଣ୍ଡା ଯୋଗଦାନ କରିଥିଲେ। ସମସ୍ତ ପ୍ରତିଯୋଗୀ ୩୧ଟି ବିଭାଗରେ ଅଂଶଗ୍ରହଣ କରିଥିଲେ। ସେଥିରୁ ପ୍ରତ୍ୟେକ ବିଭାଗରେ ଶ୍ରେଷ୍ଠ ତିନି ଜଣ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପ୍ରତ୍ୟେକ ବିଭାଗରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଆସନ୍ତା ନଭେମ୍ବର ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭିରେ ଅଂଶ ଗ୍ରହଣ କରିବେ। ସମସ୍ତ କାର୍ଯ୍ୟକ୍ରମକୁ ସମଗ୍ର ଶିକ୍ଷା କାର୍ଯ୍ୟାଳୟର ଆଦିବାସୀ ଶିକ୍ଷା ସଂଯୋଜକ ସପନ କୁମାର ପୃଷ୍ଟି, ସମନ୍ୱିତ ଶିକ୍ଷା ସଂଯୋଜକ ନିରଞ୍ଜନ ନାୟକ, ବାଳିକା ଶିକ୍ଷା ସଂଯୋଜକ ପ୍ରଫୁଲ୍ଲ କୁମାର ବାରିକ, ଶୈକ୍ଷିକ ସଂଯୋଜିକା ଶୈଳବାଳା ବେହେରା, ଅର୍ଥ ପରାମର୍ଶଦାତା ଅଶୋକ କୁମାର ସାମଲ ଓ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ହରେନ୍ଦ୍ର ମହାନ୍ତ ମଞ୍ଚ ପରିଚାଳନା କରିଥିଲା ବେଳେ ଶିକ୍ଷକ ସୋମନାଥ ସିଂ, ସତ୍ୟନାରାୟଣ ନାୟକ, ନାରାୟଣ କିଙ୍କର ଦତ୍ତ, ପୁଲକ ଚନ୍ଦ୍ର ମହାନ୍ତ, ଗରେନ୍ଦ୍ର ସିଂ, ଜଗନ୍ନାଥ ସିଂ, ଶିକ୍ଷୟିତ୍ରୀ ପଦ୍ମିନୀ ପାଢ଼ୀ, ମୌସୁମୀ ଦୀକ୍ଷିତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଭଞ୍ଜପୁର ଜଗଦ୍ଧାତ୍ରୀ ମେଳାରେ ରକ୍ତଦାନ ଶିବିର

**ବାରିପଦା, ୮ ।୧୧(ସମିସ):** ଭଞ୍ଜପୁର ଜଗଦ୍ଧାତ୍ରୀ ମେଳାର ୬ଷ୍ଠ ଦିନରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୭ ଜଣ ମହିଳା ସମେତ ୪୩ ଜଣ ରକ୍ତଦାନ କରିଥିଲେ। ମୁଖ୍ୟଅତିଥି ଭାବେ ବାରିପଦା ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡ଼ା ଓ ସମ୍ମାନିତ ଅତିଥି ଭାବେ ଭଞ୍ଜପୁର ଥାନା ଭାରପ୍ରାପ୍ତ ଅଧିକାରୀ ଅଜୟ କୁମାର ଜେନା ଯୋଗଦେଇ ଶିବିରକୁ ଉଦଘାଟନ କରିବା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟିର କାର୍ଯ୍ୟକାରୀ ସଭାପତି କୃଷ୍ଣାନନ୍ଦ ମହାନ୍ତି, ମୁଖ୍ୟ ସାଧାରଣ ସମ୍ପାଦକ ଦର୍ପନାରାୟଣ ପାଲ, ସମାଜସେବୀ ଅମର କୁମାର ସେଠୀ ଓ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ରକ୍ତଦାତାଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଡଃ ନୀଲେଶ ଦାସଙ୍କ ନେତୃତ୍ୱରେ ରୁଚିକା ଖୁରାନା, ପାର୍ଥସାରଥି ମହାନ୍ତ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ।



# ବିଜୁ ଜନତା ଦଳର ଜନସମ୍ପର୍କ ପଦଯାତ୍ରା




**ରାଇରଙ୍ଗପୁର/ବାଦାମପାହାଡ଼, ୮।୧୧ (ସମିସ):** ରାଜ୍ୟ ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ଯଶିପୁର ନିର୍ବାଚନ ମଣ୍ଡଳୀର କୁସୁମୀ ବ୍ଲକ ବିଜୁ ଜନତା ଦଳ ତରଫରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁସୁମୀ ବ୍ଲକ ବିଜେଡି ସଭାପତି ସୁଲୋଚନା ହେମ୍ବ୍ରମ ଓ ପୂର୍ବତନ ଯୁବ ସଭାପତି ଅଭିଷେକ ସାହୁଙ୍କ ନେତୃତ୍ୱରେ ବରିଷ୍ଠ ନେତା ଚକ୍ରଧର ହେମ୍ବ୍ରମଙ୍କ ତତ୍ତ୍ୱାବଧାନରେ ୧୪ଟି ଗ୍ରାମପଞ୍ଚାୟତର ପଞ୍ଚାୟତ ସଭାପତିଙ୍କ ସହଯୋଗରେ 'ଜନସମ୍ପର୍କ ପଦଯାତ୍ରା' ମା' ବନଦୁର୍ଗା ମନ୍ଦିର ଠାରୁ ଆରମ୍ଭ କରାଯାଇ ବ୍ଲକ ନିକଟ କଲ୍ୟାଣୀ ମଣ୍ଡପରେ ଶେଷ ହୋଇଥିଲା। ପଦଯାତ୍ରାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ହୋଇଥିବା ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଇଥିଲା। ବର୍ତ୍ତମାନର ବିଜେପି ସରକାରଙ୍କ ଜନବିରୋଧୀ କାର୍ଯ୍ୟ ବିରୋଧରେ ନେତାମାନେ ବକ୍ତବ୍ୟ ରଖିଥିଲେ। ପୋଦଯାତ୍ରାରେ ପୂର୍ବତନ ବ୍ଲକ ଅଧ୍ୟକ୍ଷା ଚନ୍ଦ୍ରିକା ଟୁଡୁ, ଜିଲ୍ଲା ପରିଷଦ ସଦସ୍ୟା ମିନତି ନାଏକ, ସମିତି ସଭ୍ୟା ଗୌରୀ ବାସ୍କେ, ବିଶ୍ୱନାଥ ସାହୁ, ଶଶି ଗିରି, ରୁଦ୍ର ବାରିକ, ସାର୍ଥକ ମହାନ୍ତ, ଦୀପ୍ତି ସିଂ ଲାଗୁରି, ସୁକୁମତି ଟୁଡୁ, ମୁନା କାରୁଆ, ରାଜିବ ସାହୁ, ଦିପୁ ସାହୁ, ଶିବ ଗିରି, ରମେଶ ମହାନ୍ତି, ପ୍ରଦୀପ ବେହେରା, ମଟକା ଚାତାର, ବିଶ୍ୱନାଥ ବାରିକ, ଦିଲ ବାହାଦୁର, ଆଫତାବ ହୁସେନ, ବିଜୟ ନାଏକ, ପଙ୍କଜ ଚକ୍ରବର୍ତ୍ତୀ, ସାଜାଦ ହୁସେନ, ଜ୍ଞାନ ମହାକୁଡ଼, ମାନସ ମହାନ୍ତି, ଅଭିରାମ ହେମ୍ବ୍ରମ, ସୋନୁ ଚାତାର ତରଣୀସେନ ମହାନ୍ତ, ଯଶିପୁର ବ୍ଲକ ସଭାପତି ଦର୍ପ ନାରାୟଣ ମହାନ୍ତ, ସାରଦା ବାରିକ, ରାଜୁ ତିୟୁ ରୋହିତ ସାହୁ, ଜହର ନାଏକ, ସୁନୀଲ ମହାନ୍ତି ସମେତ ୧୪ଟି ଗ୍ରାମପଞ୍ଚାୟତର ପଞ୍ଚାୟତ ସଭାପତି, ବରିଷ୍ଠ ନେତା ଏବଂ ଶତାଧିକ ଦଳୀୟ କର୍ମୀ ସାମିଲ ହୋଇଥିଲେ।

# ବିଶ୍ୱବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗର ସେମିନାର ଉଦ୍‌ଘାଟିତ



**ବାରିପଦା, ୮ ।୧୧(ସମିସ):** ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗର ସେମିନାର ଉଦ୍‌ଘାଟିତ ହୋଇଯାଇଛି। ଏହା ସହିତ 'ସ୍ଥଳୀୟ କୀଟଜନ୍ତୁର ସଂଗ୍ରହ, ସଂରକ୍ଷଣ ଓ ଡକୁମେଣ୍ଟେସନ' ବିଷୟରେ ଏକ ଦୁଇ ଦିନିଆ କୌଶଳ ବିକାଶ କାର୍ଯ୍ୟଶାଳା ବିଶ୍ୱବିଦ୍ୟାଳୟ ଜୁଲୋଜି ଆଲମୁନି ଆସୋସିଏସନ ସହଯୋଗରେ ଆୟୋଜିତ ହୋଇଥିଲା। ବିଭାଗର ମୁଖ୍ୟ ପ୍ରଫେସର ହେମନ୍ତ କୁମାର ସାହୁଙ୍କ ଅତିଥିଙ୍କୁ ସ୍ୱାଗତ କରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ଦୃଷ୍ଟିକୋଣ ଓ ବ୍ୟବହାରିକ କୌଶଳ ବିକାଶ ପାଇଁ ଏହି କାର୍ଯ୍ୟକ୍ରମର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ। ସେମିନାରର ଭାରପ୍ରାପ୍ତ ଶିକ୍ଷକ ଡ. କୁକୁ ମହାପାତ୍ର ବାର୍ଷିକ ଭାବେ ଆୟୋଜିତ ସେମିନାର କାର୍ଯ୍ୟକଳାପ ବିଷୟରେ ଅବଗତ କରାଇଥିଲେ। ଏହି ସେମିନାରର ମୁଖ୍ୟଅତିଥି ପ୍ରସିଦ୍ଧ ହର୍ପେଟୋଲୋଜିଷ୍ଟ ପ୍ରଫେସର ସୁଶିଳ କୁମାର ଦତ୍ତ ଯୋଗଦେଇ ଜୈବ ବିବିଧତାକୁ ବୁଝିବା ଏବଂ ସଂରକ୍ଷଣ କରିବାରେ ବର୍ଗୀକରଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ସେ ଲିନିୟନ ବର୍ଗୀକରଣରୁ ଆରମ୍ଭ କରି ଆଧୁନିକ ଅଣୁଜୀବ ବିଜ୍ଞାନ ଓ ତଥ୍ୟ ବିଜ୍ଞାନ ସହିତ ଏହାର ଏକତ୍ରିକରଣ ପର୍ଯ୍ୟନ୍ତ ଟ୍ୟାକ୍ସୋନୋମିର ଉନ୍ନତିକୁ ଉଲ୍ଲେଖ କରିଥିଲେ। ସେ ପ୍ରଜାତି ଚିହ୍ନଟ କରିବା, ପରିବେଶଗତ ସମ୍ପର୍କକୁ ବୁଝିବା ଏବଂ ସଂରକ୍ଷଣ ପ୍ରୟାସକୁ ପ୍ରାଥମିକତା ଦେବା ପାଇଁ ବର୍ଗୀକରଣ କିପରି ମୂଳଦୁଆ ଭାବରେ କାର୍ଯ୍ୟ କରେ ସେ ଉପରେ ଗୁରୁତ୍ୱାରୋପ କରିଥିଲେ। ଉଦଘାଟନୀ ସେମିନାର ପରେ ଅନୁଷ୍ଠିତ ଦୁଇଦିନିଆ କର୍ମଶାଳାରେ ପ୍ରାଣୀ ବିଜ୍ଞାନ ବିଭାଗର ସହାୟକ ପ୍ରଫେସର ଓ ବିଶ୍ୱବିଦ୍ୟାଳୟ ଜୁଲୋଜି ଆଲମୁନି ଆସୋସିଏସନର ଅଧ୍ୟକ୍ଷ, ଡ଼ ଗାର୍ଗୀ ମହାନ୍ତି, ଜନ୍ତୁ ବନ୍ୟଜୀବ ସଂସ୍ଥା, ଦେହରାଦୁନର ପ୍ରକଳ୍ପ ବିଜ୍ଞାନୀ, ଡ଼. ବିବେକ ସର୍କାରଙ୍କୁ ପରିଚୟ କରାଇଥିଲେ। ଡ଼ ସର୍କାର ୮୦ ଜଣ ଛାତ୍ରଛାତ୍ରୀ ଓ ଗବେଷଣାକାରୀଙ୍କୁ କୀଟଜନ୍ତୁ ତଥ୍ୟ ସଂଗ୍ରହ ଓ ଡକୁମେଣ୍ଟେସନ ବିଷୟରେ ବ୍ୟବହାରିକ ପ୍ରଶିକ୍ଷଣ ଦେଇଥିଲେ। ବିଭାଗର ଅନ୍ୟାନ୍ୟ ଅଧ୍ୟାପକ, ପ୍ରଫେସର ପୁଷ୍ପାଞ୍ଜଳି ପରିଡ଼ା, ଡ଼ ପ୍ରିୟରଞ୍ଜନ ଦେବତା, ସାଏଦା ଫୌଜିଆ ମାନୋୱାର ଓ ଲ୍ୟାବ ଆସିଷ୍ଟାଣ୍ଟ ଓ ଡ଼ ଜ୍ୟୋତିପ୍ରଗ୍ୟାନ ମାଝି ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

## କୁମାନୀ ସହରାୟ ପର୍ବର ଚତୁର୍ଥ ଦିନରେ ଗୋରୁ ଖୁଣ୍ଟା ପରମ୍ପରା ସବୁଠୁ ନିଆରା

# ପାରମ୍ପରିକ ନାଚଗୀତରେ ଝୁମିଲେ ଆଦିବାସୀ

ରାଇରଙ୍ଗପୁର, ୮।୧୧(ସମିସ)



ମୟୂରଭଞ୍ଜ ଜିଲ୍ଲାର ଆଦିବାସୀଙ୍କ ସଂସ୍କୃତି ଓ ପରମ୍ପରା ନିଆରା। ଚାଲିଚଳଣି ଠାରୁ ଆରମ୍ଭ କରି ପର୍ବପର୍ବାଣୀ ପର୍ଯ୍ୟନ୍ତ ସବୁଠି ନିଆରା ଝଲକ ଦେଖିବାକୁ ମିଳିଥାଏ। ଜିଲ୍ଲାବାସୀ ବର୍ଷକ ବାର ମାସରେ ତେର ପର୍ବ ପାଳନ ପାଳନ କରିଥାନ୍ତି। ସେଥିମଧ୍ୟରୁ ସହରାୟ ପର୍ବ ଅନ୍ୟତମ। ଏହା ଆଦିବାସୀ ସମ୍ପ୍ରଦାୟର ଏକ କୃଷି ଭିତ୍ତିକ ପର୍ବ। ଥିରେ ଗୋସମ୍ପଦଙ୍କୁ ପୂଜା କରାଯାଇଥାଏ। ଆବାହନ କାଳରୁ ସାନ୍ତାଳୀ ସମ୍ପ୍ରଦାୟର ସହରାୟ ପର୍ବ ପାଳନ ହୋଇଆସୁଛି। କାର୍ତ୍ତିକ ପୂର୍ଣ୍ଣିମାରୁ ଉକ୍ତ ପର୍ବ ପାଳନ ହୋଇଥାଏ। ସେଥିପାଇଁ ଏହାକୁ ପୂର୍ଣ୍ଣିମା ସହରାୟ ବା କୁମାନୀ ସହରାୟ କୁହାଯାଏ। ସହରାୟ ପର୍ବ ପାଞ୍ଚ ଦିନ ଧରି ସାନ୍ତାଳ ସମ୍ପ୍ରଦାୟର ଲୋକେ ପାଳନ କରିଥାନ୍ତି। ସେଥିମଧ୍ୟରୁ ଚତୁର୍ଥ ଦିନର ଗୋରୁ ଖୁଣ୍ଟା ପରମ୍ପରା ସବୁଠୁ ନିଆରା। ବିଭିନ୍ନ ଅଞ୍ଚଳରେ ଗୋରୁ ଖୁଣ୍ଟା କରିବାର ପରମ୍ପରା ରହିଛି। ରାଇରଙ୍ଗପୁର ଉପଖଣ୍ଡର ବହଳଦା ବ୍ଲକ ଦେଉରାଇଡ଼ିହି ଗ୍ରାମର ଗୋରୁ ଖୁଣ୍ଟା ଉତ୍ସବ ନିଆରା ଢଙ୍ଗରେ ପାଳିତ ହୁଏ। ନିଜ ନିଜ ଘର ଦାଣ୍ଡରେ ସୁସଜ୍ଜିତ ଖୁଣ୍ଟରେ ଗ୍ରାମବାସୀ ଗୋରୁଙ୍କୁ ବାନ୍ଧିଥାନ୍ତି। ପୁରୁଷମାନେ କୌତୁକିଆ ପୋଷାକ ପିନ୍ଧି ଢୋଲ ମାଦଳ ଓ ବାଣ ଫୁଟାଇ ବାନ୍ଧିଥିବା ଗୋରୁଙ୍କୁ ନଚାଇଥାନ୍ତି। ଏଥିସହିତ ମହିଳାମାନେ ଅରୁଆ ଚାଉଳ ଦୁବ ଘାସ ଓ ଧୂପ ଦୀପ ଦେଇ ଗୋରୁଙ୍କୁ ବନ୍ଦାପନା କରିଥାନ୍ତି। ପାରମ୍ପରିକ ଗୀତ ଗାଇ ଗୋରୁଙ୍କୁ ଉତ୍ସାହିତ କରି ପୂଜାର୍ଚ୍ଚନା କରନ୍ତି। ଏଭଳି କରିବା ଦ୍ୱାରା ଗାଈ ଗୋରୁଙ୍କ ଭିତରେ ଥିବା ଭୟ ଓ ରୋଗ ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏହି ପର୍ବ ସମୟରେ ଦୂରଦୁରାନ୍ତରେ ଥିବା ପରିବାର ଲୋକେ ମଧ୍ୟ ଘରକୁ ଫେରିଥାନ୍ତି। ସମସ୍ତେ ମିଳିତ ଭାବେ ପରିବାର ଲୋକଙ୍କ ସମେତ ଉକ୍ତ ପର୍ବକୁ ବେଶ ଉତ୍ସାହରେ ପାଳନ କରିଥାନ୍ତି। ଏହି ଗୋରୁ ଖୁଣ୍ଟା ଦେଖିବା ପାଇଁ ଶହ ଶହ ଦର୍ଶକ ଭିଡ଼ ଦେଖିବାକୁ ମିଳିଥାଏ। ଘଣ୍ଟ, ଘଣ୍ଟା ଶବ୍ଦରେ ଅଞ୍ଚଳ ପ୍ରକମ୍ପିତ ହୋଇଥାଏ। ପାରମ୍ପରିକ ନାଚ ଗୀତରେ ଆଦିବାସୀ ନାଚିଗାଇ ଝୁମିଥାନ୍ତି। ଏହା ସହିତ ସୁସଜ୍ଜିତ ଗୋ ସମ୍ପଦକୁ ପୂଜା କରି ବେଶ ଖୁସି ହୁଅନ୍ତି। ବହୁ ପୁରାତନ କାଳରୁ ଏହି ପର୍ବ ଚାଲିଥିବା ବେଳେ ଆଜିବି ତାହାକୁ ଲୋକେ ବଞ୍ଚାଇ ରଖିଛନ୍ତି।

## କାଶୀନଗରରେ ଏକ୍ସପାଏରୀ ସାମଗ୍ରୀ ବିକ୍ରି

# ଜରିମାନାରେ ସୀମିତ କାର୍ଯ୍ୟାନୁଷ୍ଠାନ; ଚିନ୍ତାରେ ଖାଉଟି

କାଶୀନଗର, ୮।୧୧(ସମିସ)

କାଶୀନଗରର ବିଭିନ୍ନ ହୋଲ୍‌ସେଲ ଦୋକାନରେ ଏକ୍ସପାଏରୀ ସାମଗ୍ରୀ ବିକ୍ରି ହେଉଥିବା ଅଭିଯୋଗ ସହ ଜିଲ୍ଲା ଖାଦ୍ୟ ପରିଦର୍ଶକଙ୍କ ଉପସ୍ଥିତିରେ ଉକ୍ତ ଦୋକାନ ବନ୍ଦ କରି ଜରିମାନା ଆଦାୟ କରାଯାଇଛି। ମାତ୍ର କେବଳ ଜରିମାନାରେ କାର୍ଯ୍ୟାନୁଷ୍ଠାନ ସୀମିତ ରହୁଥିବାରୁ ବେପାରି ଖାତିର କରୁନଥିବାବେଳେ ଗ୍ରାହକ ଏବେ ଚିନ୍ତାରେ।

ସୂଚନା ମୁତାବକ, ବିନା ଫୁଡ୍ ଲାଇସେନ୍ସରେ ସୀମାଦ୍ରୀ ସନ୍ତୋଷ ନାମକ ଜଣେ ବେପାରୀ ଏକ୍ସପାଏରୀ ବିସ୍କୁଟ, ଚକୋଲେଟ୍, କୋଲ୍‌ଡ୍ରିଙ୍କ୍ସ ବିକ୍ରି କରୁଥିବା ନେଇ ଶୁକ୍ରବାର ପ୍ରଥମେ ଅଭିଯୋଗ ହୋଇଥିଲା। ଅଭିଯୋଗ ଅନୁସାରେ ପ୍ରଥମେ କାଶୀନଗର ପୁଲିସ ଉକ୍ତ ଦୋକାନରେ ପହଞ୍ଚି ବିଭିନ୍ନ ସାମଗ୍ରୀ ତଦାରଖ କରିଥିଲେ। ଏକ୍ସପାଏରୀ ଡେଟ୍ ସାମଗ୍ରୀ ଦେଖି ପୁଲିସ ଦୋକାନ ବନ୍ଦ କରିଥିଲା। ପରେ ଜିଲ୍ଲା ଖାଦ୍ୟ ପରିଦର୍ଶକ ତପସ୍ୱିନୀ ବେହେରା ପହଞ୍ଚି ତଦାରଖ କରିଥିଲେ। ଜିଲ୍ଲା ଖାଦ୍ୟ ପରିଦର୍ଶକ ସେଠାରେ ଥିବା କିଛି ସାମଗ୍ରୀ ନମୂନା ନେଇ ଉକ୍ତ ଦୋକାନୀ ମାଲିକଙ୍କୁ ଶନିବାର ନିଜ ଅଫିସକୁ ଡାକି ମାତ୍ର ୧୦ ହଜାର ଟଙ୍କା ଜରିମାନା ଆଦାୟ କରି ଛାଡ଼ି ଦେଇଥିଲେ।




ଏନେଇ ଜିଲ୍ଲା ଖାଦ୍ୟ ପରିଦର୍ଶକଙ୍କୁ ପ୍ରଶ୍ନ କରାଯିବାରୁ ଜରିମାନା ଆଦାୟ କରାଯିବା ପରେ ପୁଲିସ ଉପସ୍ଥିତିରେ ଉକ୍ତ ଦୋକାନରେ ଥିବା ଏକ୍ସପାଏରୀ ସାମଗ୍ରୀ ନଷ୍ଟ କରାଯାଇଥିଲା। ପରେ ଦୋକାନ ଖୋଲିବାକୁ ନିର୍ଦ୍ଦେଶ ଦିଆଯିବ ବୋଲି କହିଛନ୍ତି। ହେଲେ ଉକ୍ତ ଦୋକାନୀ ଅଧିକାରୀଙ୍କ ନିୟମକୁ ଫୁ' କରି ଜରିମାନା ଆଦାୟ କରାଯାଇଥିବା ଦିନ ହିଁ ଦୋକାନ ଖୋଲିବା ସହ ବିକ୍ରି ଆରମ୍ଭ କରିଥିଲେ। ଏକ୍ସପାଏରୀ ଡେଟର ସାମଗ୍ରୀ ପୁଲିସ ଉପସ୍ଥିତିରେ ନଷ୍ଟ ନକରି କିପରି ଦୋକାନ ଖୋଲି ବିକ୍ରି କରୁଛନ୍ତି ଓ ଏହାର ପଛରେ କିଏ ସହଯୋଗ କରୁଛି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଘଟଣାକୁ ନେଇ ଏସ୍‌ଆଇ କହିଛନ୍ତି, ଫାଇନ ଆଦାୟ କରିବା ୨୪ ଘଣ୍ଟା ଭିତରେ ଉକ୍ତ ଏକ୍ସପାଏରୀ ଡେଟର ସାମଗ୍ରୀ ନଷ୍ଟ କରାଯିବ। ଇତିମଧ୍ୟରେ ସେ ଦୋକାନ ଖୋଲିପାରିବ କିନ୍ତୁ ବିକ୍ରି କରିପାରିବ ନାହିଁ ବୋଲି କହିଛନ୍ତି। ହେଲେ ଦୋକାନୀ ମାଲିକ ଦୋକାନ ଖୋଲିବା ସହ ବିକ୍ରି କରୁଥିବା ଦେଖିବାକୁ ମିଳିଛି। ଯଦି ଏକ୍ସପାଏରୀ ଜିନିଷ କିଣି ଖାଇ କିଛି ଅଘଟଣ ଘଟେ କିଏ ଦାୟୀ ରହିବ ବୋଲି ଲୋକେ ପ୍ରଶ୍ନ କରିଛନ୍ତି।

ପୂର୍ବରୁ ଯାଞ୍ଚ ପରେ ବହୁ ଏକ୍ସପାୟରୀ ସାମଗ୍ରୀ ରାସ୍ତା କଡ଼ରେ ପକାଇ ଦିଆଯାଇଥିଲା। ଯାହାକୁ ଗାଈଗୋରୁ ଖାଇ ଅସୁସ୍ଥ ହୋଇଥିବା ଅଭିଯୋଗ ବି ହୋଇଥିଲା। ବର୍ତ୍ତମାନ ଉକ୍ତ ଦୋକାନରେ ବହୁ ମାତ୍ରାରେ ଏକ୍ସପାଏରୀ ସାମଗ୍ରୀ ବିକ୍ରି ହେଉଥିବା ନେଇ ଯାଞ୍ଚ ପରେ ବି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କାହିଁକି କରାଯାଇନାହିଁ ସେନେଇ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ଘଟଣା ଓ ଜରିମାନା ଆଦାୟ ନେଇ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଅବଗତ କରାଯାଇଛି। ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଏସମ୍ପର୍କରେ କହିଛନ୍ତି ଉକ୍ତ ଘଟଣାର ତଦନ୍ତ କରାଯାଇ ଉଚିତ୍ ପଦକ୍ଷେପ ଗ୍ରହଣ କରାଯିବ।

## ଜିଲ୍ଲା ପାଠାଗାର କୋଠାକୁ ସ୍ଥାନାନ୍ତର ହେଲା ଶିଶୁ ସୁରକ୍ଷା ୟୁନିଟ୍

ଫିରିଙ୍ଗିଆ, ୮।୧୧(ସମିସ): କନ୍ଧମାଳ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର କାର୍ଯ୍ୟାଳୟ ନୂତନ ସ୍ଥାନକୁ ସ୍ଥାନାନ୍ତର ହୋଇଛି। ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର ବା ଅପାଙ୍ଗ କେନ୍ଦ୍ର ନିକଟ ଜିଲ୍ଲା ପାଠାଗାର କୋଠାରେ କାର୍ଯ୍ୟ କରିବ ଏହି କାର୍ଯ୍ୟାଳୟ। ଏହି ନୂତନ ଗୃହ ପ୍ରବେଶକୁ ଜିଲ୍ଲାପାଳ ବେଦଭୂଷଣ ଉଦଘାଟନ କରିଥିଲେ। ପିଲାମାନଙ୍କ ପାଇଁ ଏହି



ନୂତନ କାର୍ଯ୍ୟାଳୟ ପ୍ରସସ୍ତ ହେବା ସହିତ ଶିଶୁଙ୍କ ଉପଯୋଗୀ ହୋଇପାରିବ ବୋଲି ଜିଲ୍ଲାପାଳ କହିଥିଲେ। ଶିଶୁଙ୍କ ପାଇଁ ପର୍ଯ୍ୟାପ୍ତ ଖେଳନା ଓ ଅନ୍ୟାନ୍ୟ ସୁବିଧା ରଖିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ଜିଲ୍ଲା ଶିକ୍ଷା ଅଧିକାରୀ ରାଜେଶ୍ କୁମାର ସ୍ୱାଇଁ, ଜିଲ୍ଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ରଜତ କୁମାର ଦିଗାଲ, ସଭ୍ୟା ମମତା ଦାସ, ସଦାଶିବ ପାତ୍ର, ଡସିପିୟୁର ସୁନିଲ କୁମାର ପ୍ରଧାନ, ଏଲ୍‌ପିଓ ଅଭିରାମ କହଁର, ଚାଇଲ୍ଡ ହେଲ୍ପ ଲାଇନର କ୍ଷୀରୋଦ ନାୟକ, ସାଧନ ଶିଶୁ ଯତ୍ନ ଅନୁଷ୍ଠାନର ସହକାରୀ ସମ୍ପାଦକ ଶିବା ମାଥ୍ୟୁ ଓ ଉତ୍କଳ ବାଳାଶ୍ରମର ଶ୍ରଦ୍ଧାଞ୍ଜଳି ରାଉତଙ୍କ ସମେତ ଅନ୍ୟ ମାନେ ଯୋଗ ଦେଇଥିଲେ। ଦୁଇ ଶିଶୁ ଅନୁଷ୍ଠାନର ଅନ୍ତେବାସୀ ମାନେ ସ୍ୱାଗତ ସଙ୍ଗୀତ ଓ ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମକୁ ଡିସିପିଓ ରଶ୍ମିତା କରନ୍ ସଂଯୋଜନା କରିଥିଲେ। ପୂର୍ବରୁ ମିଶନ ଶକ୍ତି ଭବନ ପରିସରରେ ଏହି କାର୍ଯ୍ୟାଳୟ ଥିଲା।

## ଅନୁଗ୍ରହ ଓ ସୁସ୍ଥତା ମହୋତ୍ସବର ଉଦ୍‌ଯାପିତ



ଦାରିଙ୍ଗବାଡ଼ି, ୮।୧୧(ସମିସ): ଦାରିଙ୍ଗବାଡ଼ି ବ୍ଲକ ଶ୍ରାନିକେତା ପଞ୍ଚାୟତ ସୁଗାନକେତା ବିର୍ସାମୁଣ୍ଡା ପଡ଼ିଆରେ ଅନୁଷ୍ଠିତ ୩ ଦିନିଆ ଅନୁଗ୍ରହ ଓ ସୁସ୍ଥତା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ପୂର୍ବତନ ଉପ ବାଚସ୍ପତି ସାଲୁଗା ପ୍ରଧାନ ଏବଂ ଜି. ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ଦାରିଙ୍ଗବାଡ଼ି ସମିତି ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନଙ୍କ ସମେତ ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ କୁମାର ପ୍ରଧାନ, ଶ୍ରାନିକେତା ସରପଞ୍ଚ ଗଙ୍ଗା ପ୍ରଧାନ, ସିଆଙ୍ଗବାଲି ସରପଞ୍ଚ ଆନ୍ଦ୍ରିକ ପ୍ରଧାନ ଓ ଅନ୍ୟମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଟ୍ରାଇବାଲ ଡାୟସେସ୍ ଅଫ କନ୍ଧମାଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବକ୍ତା ଭାବେ ବିଶପ ଦିଲୀପ କୁମାର ବଳ, ପ୍ରେରିତ ପ୍ରେମଜି ପିଟର ଏବଂ ଭବିଷ୍ୟବକ୍ତା ରମାକାନ୍ତ ପାଣି ଉପସ୍ଥିତ ରହି ବାକ୍ୟ ପରିବେଷଣ କରିଥିଲେ। ଏଥିରେ ବକ୍ତା ମାନେ ସୁସ୍ଥତା ପ୍ରାର୍ଥନାରେ ମାଧ୍ୟମ ହୋଇ ସହଯୋଗ କରିଥିଲେ। ବିଭିନ୍ନ ପ୍ରକାର ରୋଗୀ ସୁସ୍ଥତା ହେବା ଆଶା ନେଇ ଅନୁଗ୍ରହ ଓ ସୁସ୍ଥତା ମହୋତ୍ସବ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଶେଷ ଦିନରେ କେତେକ ରୋଗୀ ରୋଗରୁ ସୁସ୍ଥତା ହୋଇଥିବା ନେଇ ସର୍ବ ସମ୍ମୁଖରେ ସାକ୍ଷ୍ୟ ପ୍ରଦାନ କରିଥିଲେ।

## ରାଜ୍ୟସ୍ତରୀୟ ବିଜ୍ଞାନ ମେଳା: ୧୩୫ ପ୍ରକଳ୍ପ ପ୍ରଦର୍ଶିତ

ଜି.ଉଦୟଗିରି, ୮।୧୧(ସମିସ): ଜି.ଉଦୟଗିରି ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ରାଜ୍ୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା। ଶିକ୍ଷାନୁଷ୍ଠାନ ସମ୍ପାଦକ ଅରୁଣ କୁମାର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ମେଳାକୁ ଥାନା ଅଧିକାରୀ ବିଜୟ କୁମାର ସ୍ୱାଇଁ ଏବଂ ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ କୁମାର ବାଘ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଆୟୋଜିତ ରାଜ୍ୟସ୍ତରୀୟ ଏହି ବିଜ୍ଞାନ ମେଳାରେ ବିଭିନ୍ନ ଜିଲ୍ଲାର ୧୨ଟି ସ୍କୁଲରୁ ୧୩୫ ପ୍ରତିଯୋଗୀ ଅଂଶଗ୍ରହଣ କରି ସେମାନଙ୍କ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ଉଦଯାପନୀ ଉତ୍ସବରେ ଏନ୍‌ଏସି ଅଧ୍ୟକ୍ଷା ଦେବସ୍ମିତା ଶତପଥୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଜି.ଉଦୟଗିରି ଏସଡିପିଓ ବିଜୟ କୁମାର ବିଶି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ରାଜ୍ୟ ଶିକ୍ଷା ପରିଷଦ ସଭାପତି ପ୍ରଶାନ୍ତ କୁମାର ଦାସ, ଶିକ୍ଷା ପରିଷଦ କୋଷାଧ୍ୟକ୍ଷ ବିଷ୍ଣୁ ପ୍ରସାଦ ରଥ, ଶିକ୍ଷା ପରିଷଦ ସଭ୍ୟ ଦିଲୀପ କୁମାର ଖାଡ଼ଙ୍ଗା ଯୋଗ ଦେଇଥିବା ବେଳେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବଳରାମ ସାହୁ, ବାଳିକା ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମଳୟ କୁମାର ନାୟକ ବିଚାରକ ଭାବେ ଯୋଗ ଦେଇ ଶ୍ରେଷ୍ଠ ପ୍ରକଳ୍ପ ଗୁଡିକୁ ଚୟନ କରିଥିଲେ। ତିନୋଟି ବର୍ଗରେ




କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହିତ ପୁରସ୍କୃତ କରାଯାଇଥିଲା। ଏଥିସହିତ ମେଧା ବୃତ୍ତି ପାଇଥିବା କୃତି ଛାତ୍ରଛାତ୍ରୀଙ୍କୁ ପଦକ ସହିତ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଶେଷରେ ଶିକ୍ଷା ପରିଷଦ କୋଷାଧ୍ୟକ୍ଷ ବିଷ୍ଣୁ ପ୍ରସାଦ ରଥ ଧନ୍ୟବାଦ ପ୍ରଦାନ କରିଥିଲେ।

## ଜଳିଗଲା ଗୁହାଳ; ମଇଁଷି ମୃତ

ଫିରିଙ୍ଗିଆ, ୮।୧୧(ସମିସ): ଫିରିଙ୍ଗିଆ ବ୍ଲକ ପବିଙ୍ଗିଆ ପଞ୍ଚାୟତ କାମ୍ବା ସାହିରେ ବିଳମ୍ବିତ ରାତିରେ ଗୁହାଳ ଘରେ ନିଆଁ ଲାଗି ଗୋଟିଏ



ମଇଁଷିର ମୃତ୍ୟୁ ହୋଇଥିବାବେଳେ ୩ ମଇଁଷି ପଘା ଛିଣ୍ଡାଇ ପଳାଇବାରୁ ବଞ୍ଚି ଯାଇଛନ୍ତି। କାମ୍ବା ସାହିର ସିନ୍ଧୁ ପାଣି କହଁରଙ୍କ ପୁରୁଣା କାଳିଆ କାଠପଟାରେ ନିର୍ମିତ ଘରେ ନିଜେ ରହୁଥିଲେ। କିଛିଦିନ ତଳେ ଆବାସ ଗୃହ ମିଳିବାରୁ ସେହି ଘରେ ନିଜର ପାଳିତ ପୋଡ଼ ଓ ମଇଁଷିକୁ ଗୋଟିଏ ପଟେ ରଖି ଅନ୍ୟ ଏକ ବଖରାରେ ନିଜର ଜିନିଷ ପତ୍ର ରଖୁଥିଲେ। ଗତକାଲି ବିଳମ୍ବିତ ରାତିରେ ଘରର ମହିଳା ବାହାରକୁ ଆସିଥିବା ବେଳେ ଉକ୍ତ ଘରଟି ଜଳୁଥିବା ଦେଖି ତୁରନ୍ତ ଘର ଲୋକଙ୍କୁ ଡାକିବାରୁ ସମସ୍ତେ ମିଶି ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ପରେ ଫିରିଙ୍ଗିଆ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଏହା ପୂର୍ବରୁ ୩ ମଇଁଷି ପଘା ଛିଣ୍ଡାଇ ବାହାରି ଯାଇଥିବାବେଳେ ଗୋଟିଏ ମଇଁଷି ଗୁହାଳ ଘର ଭିତରେ ରହି ଜଳି ଯାଇଥିଲା। ସକାଳେ ସିନ୍ଧୁ କହଁର ତହସିଲଦାରଙ୍କୁ ଲିଖିତ ଭାବରେ ଜଣାଇଥିଲେ। ତହସିଲଦାର ଜ୍ୟୋତି ପ୍ରକାଶ ସେଠୀଙ୍କ ନିର୍ଦ୍ଦେଶ କ୍ରମେ ତୁରନ୍ତ ବିଭାଗ ତରଫରୁ ଅତିରିକ୍ତ ରାଜସ୍ୱ ନିରୀକ୍ଷକ ଦୀପ୍ତିରେଖା ସାସମଲ ଘଟଣା ସ୍ଥଳରେ ପହଞ୍ଚି ପରିବାରକୁ ଗୋଟିଏ ପାଲ ପ୍ରଦାନ କରିଥିଲେ। ଫିରିଙ୍ଗିଆ ଭିଏସ୍‌ଙ୍କୁ ମଧ୍ୟ ସିନ୍ଧୁ କହଁର ଲିଖିତ ଭାବରେ ଜଣାଇଥିଲେ।

## ଡିଆରଏମ୍‌ଙ୍କ ପାରଳା ଷ୍ଟେସନ ପରିଦର୍ଶନ

ପାରଳାଖେମୁଣ୍ଡି, ୮।୧୧(ସମିସ): ପୂର୍ବତଟ ରେଳ ମଣ୍ଡଳ ପ୍ରବନ୍ଧକ(ଡିଆରଏମ) ଲଳିତ ବୋହରା ପାରଳାଖେମୁଣ୍ଡି ରେଳଷ୍ଟେସନ୍ ପରିଦର୍ଶନରେ ଆସି ଚାଲୁ ରହିଥିବା ଅମୃତଭାରତ ଯୋଜନାର ବିକାଶ କାର୍ଯ୍ୟର ଅଗ୍ରଗତି



ସମ୍ପର୍କିତ ସମସ୍ତ କାର୍ଯ୍ୟର ତଦାରଖ ତଥା ନିରୀକ୍ଷଣ କରିଥିଲେ। ନିର୍ମାଣାଧୀନ କୋଠାବାଡ଼ି, ପ୍ଲାଟଫର୍ମର ଉନ୍ନତିକରଣ, ଲେବେଲକ୍ରସିଂ ସହ ରେଳ ଷ୍ଟେସନର ଲମ୍ବା ଓ ଉଚ୍ଚତାକୁ ବୁଲି ଦେଖିଥିଲେ। ଅମୃତଭାରତ ଯୋଜନା ଅନ୍ତର୍ଗତ ଏହି ପାରଳାଖେମୁଣ୍ଡି ରେଳଷ୍ଟେସନର ବିକାଶ କାମ ଆଗେଇ ଚାଲିଛି। ବର୍ତ୍ତମାନ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହାପରେ ଆକର୍ଷଣୀୟ ଦେଖାଯିବା ସହ ଦେଶରେ ଏହା ଏକ ସୁନ୍ଦର ଷ୍ଟେସନ ଭାବେ ପରିଗଣିତ ହେବା ଲକ୍ଷ୍ୟ ରହିଛି ବୋଲି ଶ୍ରୀ ବୋହରା କହିଛନ୍ତି। ଥେରୁବାଲି ପର୍ଯ୍ୟନ୍ତ ଦୁଇ ଲେନ୍ ପାଇଁ ମଞ୍ଜୁର ମିଳିସାରିଛି ଏବଂ ଏହି ଅଞ୍ଚଳରେ ଆହୁରି ତିନୋଟି ଷ୍ଟେସନର ଉନ୍ନତିକରଣ ପାଇଁ ଚିହ୍ନଟ ହୋଇସାରିଛି। ଏହି କାର୍ଯ୍ୟ ସମାପନ ହେଲେ ପାରଳାଖେମୁଣ୍ଡି ରେଳଷ୍ଟେସନ୍ ଦେଶର ରେଳ ନେଟୱାର୍କରେ ପ୍ରମୁଖ ରେଳମାର୍ଗ ହେବ। ପୂର୍ବାଞ୍ଚଳରେ ଯେତେ ସବୁ ବନ୍ଦର ଦେଶର ମଧ୍ୟଭାଗ ମଧ୍ୟପ୍ରଦେଶ, ଛତିଶଗଡ଼ ଆଦି ରାଜ୍ୟ ସହିତ ଯୋଡ଼ି ହେବ। ଏହାଦ୍ୱାରା ପାରଳାଖେମୁଣ୍ଡି ରେଳଷ୍ଟେସନ ଦେଶର ଏକ ପ୍ରମୁଖ ରେଳଷ୍ଟେସନ ଭାବେ ଗୁରୁତ୍ୱ ବହନ କରିବା ସହ ପାରଳାଖେମୁଣ୍ଡି ରେଳ ଷ୍ଟେସନ ଏକ ନୂଆରୂପ ପାଇବ ବୋଲି ଡିଆରଏମ୍. ସୂଚନା ଦେଇଛନ୍ତି।

## ବାଇକ ଦୁର୍ଘଟଣାରେ ଚାଳକ ମୃତ



ମୋହନା, ୮।୧୧(ସମିସ): ମୋହନା ଥାନା ଲେଡବନ୍ଧ ବୁଲାଣି ରାସ୍ତାରେ ଶନିବାର ଭାରସାମ୍ୟ ହରାଇ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଚାଳକଙ୍କ ମୃତ୍ୟୁ ଘଟିଛି। ଆଜି ସକାଳେ ଏହି ଦୁର୍ଘଟଣା ହୋଇଥିବା ବେଳେ ଚାଳକ ଗଞ୍ଜାମ ଜିଲ୍ଲା ଗୋଳନ୍ଥରା ଥାନା କଇଠା ଗ୍ରାମର ରାମଚନ୍ଦ୍ର ବେହେରା ଆହତ ଅବସ୍ଥାରେ ଦୀର୍ଘଘଣ୍ଟା ରାସ୍ତା କଡ଼ର ଏକ ବୁଦା ମୂଳରେ ପଡ଼ି ରହିଥିଲେ। ଅପରାହ୍ନରେ କିଛି ଲୋକ ଦେଖି ପୁଲିସକୁ ଖବର ଦେଇଥିଲେ। ମୋହନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୌଣସି କାମରେ ରାମଚନ୍ଦ୍ର ଆସି ନିଜ ଗ୍ରାମକୁ ଫେରୁଥିବା ବେଳେ ଏହି ଦୁର୍ଘଟଣା ହୋଇଥିବା ଜଣାପଡ଼ିଛି। ମୋହନା ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇବା ସହ ବାଇକ୍ ଜବତ କରିଛି।

## ହାତଗୋଡ଼ ବାନ୍ଧି ଲୁଟିନେଲେ ସୁନା ଅଳଙ୍କାର ଓ ୨ ଲକ୍ଷ ଟଙ୍କା



ବାଲିଗୁଡା, ୮।୧୧(ସମିସ): କୋଟଗଡ଼ ଥାନା ବଣ୍ଡାପିପିଲି ଗ୍ରାମରେ ଜଣେ ବୃଦ୍ଧଙ୍କ ହାତଗୋଡ଼ ବାନ୍ଧି ବୁଧବାର ବିଳମ୍ବିତ ରାତିରେ ସୁନା ଗହଣା ଓ ଟଙ୍କା ଲୁଟି ନେଇଛନ୍ତି ଦୁର୍ବୃତ୍ତ। ପ୍ରକାଶ ଯେ, ବଣ୍ଡାପିପିଲି ଗ୍ରାମର ଜଣେ ଫଳ ବ୍ୟବସାୟୀ ଧ୍ରୁବ ଚରଣ ମହାନ୍ତି ବିଳମ୍ବିତ ରାତିରେ ପିଣ୍ଡାରେ ଶୋଇଥିବାବେଳେ ୪ ଜଣ ଯୁବକ ଆସି ଉଠାଇଥିଲେ ଏବଂ ତାଙ୍କୁ ନେଇ ଘର ଭିତରେ ଦୁଇଟି ଗାମୁଛାରେ ଗୋଡ଼ ଓ ହାତ ବାନ୍ଧି ଦେଇଥିଲେ। ଏହାପରେ ଘରେ ଥିବା ଦୁଇଟି ବାକ୍ସ ଭାଙ୍ଗି ୨୦ ଭରି ସୁନା ଅଳଙ୍କାର ଓ ନଗଦ ୨ ଲକ୍ଷ ଟଙ୍କା ଲୁଟି ନେଇଯାଇଥିବା ଅଭିଯୋଗ କରିଛନ୍ତି ଧ୍ରୁବ। ପୁଲିସ କିମ୍ବା ବାହାରେ କାହାକୁ ଜଣାଇଲେ ଘରର ସମସ୍ତଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିବା ମଧ୍ୟ କହିଛନ୍ତି। ଏନେଇ କୋଟଗଡ଼ ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛନ୍ତି।

## ଜଙ୍ଗଲରୁ ଝୁଲନ୍ତା ମୃତଦେହ ଉଦ୍ଧାର

ରାଇକିଆ, ୮।୧୧(ସମିସ): ରାଇକିଆ ଥାନା ବିଅରପାଙ୍ଗା ପାହାଡ଼ ନିକଟ ଜଙ୍ଗଲରୁ ରାଇକିଆ ପୁଲିସ ଶୁକ୍ରବାର ସନ୍ଧ୍ୟାରେ ଏକ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ମୃତ ବ୍ୟକ୍ତି ଜଣକ ଡ଼ାମ୍ବା ଗ୍ରାମର ଦାଉଦ ନାୟକ (୬୬)। ମୃତଦେହକୁ ରାଇକିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ସର୍ଦ୍ଦାର ପଟେଲଙ୍କ ଜୟନ୍ତୀ ଓ ଏକତା ପଦଯାତ୍ରା

ପାରଳାଖେମୁଣ୍ଡି, ୮।୧୧(ସମିସ): ପାରଳାଖେମୁଣ୍ଡି ସ୍ଥିତ ଗଜପତି ଷ୍ଟାଡିୟମ୍‌ରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଓ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମଧୁମିତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ସାଂସଦ ଡ଼. ପ୍ରଦୀପ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ମୋହନା ବିଧାୟକ ଦାଶରଥି ଗମାଙ୍ଗ, ଜିଲ୍ଲାପରିଷଦ ସଭାପତି ଗାବରା ତିରୁପତି ରାଓ ଓ ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ ଯୋଗ ଦେଇଥିଲେ। ପଦଯାତ୍ରା ସକାଳ ୭ଟା ବେଳେ ଗଜପତି ଷ୍ଟାଡିୟମରୁ ବାହାରି ସହର ପରିକ୍ରମା କରିବା ପରେ ଗଜପତି ଷ୍ଟାଡିୟମ୍‌ରେ ଶେଷ ହୋଇଥିଲା। ବିଭିନ୍ନ କାର୍ଯ୍ୟକ୍ରମ ପରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଏଥିର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶଙ୍କର କେର୍କେଟା, ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା ଓ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର ଉପସ୍ଥିତ ଥିବାବେଳେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ସ୍ଥାନୀୟ ବୁଦ୍ଧିଜୀବୀ ଓ ବିଶିଷ୍ଟ ନାଗରିକ ଯୋଗ ଦେଇଥିଲେ।

## ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ 'ଶ୍ରୀ ଅନ୍ନ' ଓ ବିସ୍ତୃତ ଖାଦ୍ୟ ମେଳା



ପାରଳାଖେମୁଣ୍ଡି, ୮।୧୧(ସମିସ): ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ତଥା 'ଶ୍ରୀ ଅନ୍ନ' ଓ ବିସ୍ତୃତ ଖାଦ୍ୟ ମେଳା ପ୍ରଦର୍ଶନୀ ଶନିବାର ଗଜପତି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହୋଇଯାଇଛି। ଗଜପତି ଜିଲ୍ଲାପାଳ ମଧୁମିତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଖାଦ୍ୟ ମେଳାରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ସାଂସଦ ଡ଼.ପ୍ରଦୀପ କୁମାର ପାଣିଗ୍ରାହୀ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବରେ ମୋହନା ବିଧାୟକ ଦାଶରଥି ଗମାଙ୍ଗ, ଜିଲ୍ଲାପରିଷଦ ସଭାପତି ଗାବରା ତିରୁପତି ରାଓ, ପାରଳାଖେମୁଣ୍ଡି ପୌରଅଧ୍ୟକ୍ଷା ନିର୍ମଳା ସେଠୀ, ଓ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଏମ. ପ୍ରକାଶ ରାଓ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଥମେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସ୍ୱାଗତ ଭାଷଣ ପ୍ରଦାନ କରି ମାଣ୍ଡିଆ ଚାଷର ପୃଷ୍ଠଭୂମି, ପ୍ରୋଟିନ୍, ଡାଏଟାରୀ ଫାଇବର, ପୁଷ୍ଟିସାର ଅନେକ ଭିଟାମିନର ରହିଅଛି ବୋଲି ଅଭିଭାଷଣ ରଖିଥିଲେ। ଏହି ଅବସରରେ ଜିଲ୍ଲା କୃଷି ବିଭାଗ ଦ୍ୱାରା ପ୍ରଦର୍ଶନୀ ଷ୍ଟଲ ଖୋଲା ଯାଇ ଚାଷୀ ମାଣ୍ଡିଆରୁ ବିଭିନ୍ନ ପ୍ରକାର ତିଆରି କରିଥିବା ଜିନିଷର ପ୍ରଦର୍ଶନ କରାଯାଇଥିଲା। ଏଥି ଉପଲକ୍ଷେ ଜିଲ୍ଲାର ଉତ୍କୃଷ୍ଟ ଶ୍ରୀ ଅନ୍ନ ଫସଲ ଚାଷୀ ଭାବରେ ୧୦ ଜଣଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଫାଲ୍‌ଗୁନୀ ମାଝୀ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶଙ୍କର କେର୍କେଟା, ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା, ଜିଲ୍ଲାପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର, ଜିଲ୍ଲା କୃଷି ଅଧିକାରୀ ରବୀନ୍ଦ୍ର କୁମାର ଆଡେକ୍, ଅତିରିକ୍ତ କୃଷି ଅଧିକାରୀ ତଥା ମିଲଟ୍ ମିଶନ ଅଧିକାରୀ ସଙ୍ଘମିତ୍ରା ପ୍ରଧାନ, ଅତିରିକ୍ତ କୃଷି ଅଧିକାରୀ ଶୁଭଶ୍ରୀ ପ୍ରିୟଦର୍ଶିନୀ, କେ.ସୁରଜ କୁମାର ପାତ୍ର ଉପସ୍ଥିତ ଥିଲେ। ଜିଲ୍ଲା କୃଷି ବିଭାଗର ସମସ୍ତ କର୍ମଚାରୀ ଓ ଜିଲ୍ଲାର ସାତଗୋଟି ବ୍ଲକ ମାଣ୍ଡିଆ ଚାଷୀ ଯୋଗଦେଇ ଦେଇଥିଲେ।

## ରାହାସ ଯାତ୍ରା ଉଦ୍‌ଯାପିତ

# ମନୋରଞ୍ଜନ କଲେ ସବ୍ୟସାଚୀ, ହସାଇଲେ ଯୋଗେଶ

ଫିରିଙ୍ଗିଆ, ୮।୧୧(ସମିସ)

ଫିରିଙ୍ଗିଆ ବ୍ଲକ ଲୁଇସିଂ ପଞ୍ଚାୟତ କୁମେଲସିଂ ଗାଁରେ କାର୍ତ୍ତିକ ପୂର୍ଣ୍ଣମୀ ଉପଲକ୍ଷେ ୫ଦିନ ଧରି ଚାଲିଥିବା ପ୍ରସିଦ୍ଧ ରାହାସ ଯାତ୍ରା ଉଦ୍‌ଯାପିତ ହୋଇଛି। ଦୀର୍ଘ ୧୦ବର୍ଷ ଧରି ଏହି ଗାଁରେ ଏହି ରାହାସ ଯାତ୍ରା ଅନୁଷ୍ଠିତ ହୋଇଆସୁଛି। ପାରମ୍ପରିକ ରୀତିନୀତି ଅନୁସାରେ ପୂଜାପାଠ ସହ ୫ଦିନ ଧରି ମୀନାବଜାର ଓ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ହୋଇଥିଲା। ଯାତ୍ରା ଶେଷ ଦିନରେ ଓଡ଼ିଆ ଚଳଚିତ୍ର ଜଗତର ପ୍ରତିଷ୍ଠିତ ଅଭିନେତା ସବ୍ୟସାଚୀ ମିଶ୍ର ଦର୍ଶନଙ୍କ ମନୋରଞ୍ଜନ କରିଥିବାବେଳେ ଓ ପଶ୍ଚିମ ଓଡ଼ିଶାର ହାସ୍ୟ ଅଭିନେତା ଯୋଗେଶ ଜୋଜୋଙ୍କ ହସାଇଥିଲେ। ଏହାସହ



ପଶ୍ଚିମ ଓଡ଼ିଶାର କଣ୍ଠଶିଳ୍ପୀ କୃଷ୍ଣ ମୁଖିଙ୍କ ସମ୍ବଲପୁରୀ ମେଲୋଡି କାର୍ଯ୍ୟକ୍ରମରେ ଝୁମି ଉଠିଥିଲେ ହଜାର ହଜାର ଦର୍ଶକ। ଯାତ୍ରା କମିଟି ସଭାପତି ପ୍ରବେଶ କୁମାର ଦିଗାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଯାତ୍ରାର ଉଦ୍‌ଯାପନୀ ଉତ୍ସବରେ ଫିରିଙ୍ଗିଆ ବ୍ଲକ ଅଧ୍ୟକ୍ଷା ନମିତା କହଁର ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କନ୍ଧମାଳ ଜିଲ୍ଲା ଯୁବ ବିଜେଡି ସଭାପତି ବିଷ୍ଣୁ ଚରଣ ମଲିକ, କଂଗ୍ରେସ ନେତା ଘନ କୁମାର ଶବର, କନ୍ଧମାଳ ଜିଲ୍ଲା ତଥା ଓଡ଼ିଶାର ପ୍ରତିଷ୍ଠିତ କଣ୍ଠଶିଳ୍ପୀ ଜଳନ୍ଧର ବେହେରା, କୁଏରମାଣ୍ଡୁ ସମିତିସଭ୍ୟ ପଞ୍ଚାନନ ଦିଗାଳ, ପକାରୀ ସମିତିସଭ୍ୟ ଅରୁଣ ଦିଗାଳ, ଗୋଚ୍ଛାପଡ଼ା ସରପଞ୍ଚ ଯୁଗାନ୍ତ କହଁର, ଗାଁ ମୁଖିଆ ଭୁବନେଶ୍ୱର ସାହୁ, ଲୋଇସିଂ ସରପଞ୍ଚ ପ୍ରତିନିଧି ଆଲୋକ କହଁର, ବରିଷ୍ଠ ସାମ୍ବାଦିକ ସୁବ୍ରତ ମିହାନ୍ତି, କମିଟି ମୁଖ୍ୟ ତଥା ଯାତ୍ରା ପ୍ରତିଷ୍ଠାତା ବନ ଦିଗାଳ, କୁଇ ସମାଜ ସଭାପତି ରାମଚନ୍ଦ୍ର ମଲିକ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଲୋଇସିଂ ନାମଯଜ୍ଞ କମିଟି ସଭାପତି ପଞ୍ଚୁଦେବ ପ୍ରଧାନ ପରିଚାଳନା କରିଥିବା ବେଳେ ସମ୍ପାଦକ ବିବଛ ବରର୍ଡ୍ଡି ଅତିଥି ପରିଚୟ ପ୍ରଦାନ କରିଥିଲେ। ଯାତ୍ରା କମିଟିର ସମ୍ପାଦକ ଗୋବିନ୍ଦ ଦିଗାଳଙ୍କ ସହ ସମସ୍ତ ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ସାମ୍ବାଦିକଙ୍କ ମାତୃ ବିୟୋଗରେ ଶୋକ



**ନିଶ୍ଚିନ୍ତକୋଇଲି, ୮ ।୧୧(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ସାମ୍ବାଦିକ ଜଗନ୍ନାଥ ପଣ୍ଡାଙ୍କ ମାଆ ସତ୍ୟଭାମା ପଣ୍ଡା(୬୨)ଙ୍କର ଶୁକ୍ରବାର ସନ୍ଧ୍ୟାରେ ପରଲୋକ ହୋଇଛି । ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି । ମାହାଙ୍ଗା ବିଧାୟକ ସାରଦା ପ୍ରଧାନ, ସଦର ବିଧାୟକ ଇଂ ପ୍ରକାଶଚନ୍ଦ୍ର ସେଠୀ, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା, ଅଶୋକ କୁମାର ଓଝା, ଜିଲ୍ଲା ପରିଷଦ ସଭ୍ୟ ବିପ୍ଳବ କେଶରୀ କାପ, ସରପଞ୍ଚ ହିମାଂଶୁ ନାରାୟଣ ମଲ୍ଲ, ସମିତିସଭ୍ୟ ପ୍ରଦୋଷ କୁମାର ସାହୁ, ବିଜେଡି ନେତା ରାମଚନ୍ଦ୍ର ସାହୁ, ବରିଷ୍ଠ ସାମ୍ବାଦିକ ବଲ୍ଲଭ ଚରଣ ପଲେଇ, ସୁରେନ୍ଦ୍ରନାଥ ରାଉତ, ପ୍ରଫୁଲ୍ଲ କୁମାର ଦାଶ, ପ୍ରମୋଦ କୁମାର ପରିଡା, ଅଶୋକ କୁମାର ମହାପାତ୍ର, ପ୍ରକାଶଚନ୍ଦ୍ର ରାଉଳ, ରମେଶଚନ୍ଦ୍ର ଜେନା, ସୌମ୍ୟରଞ୍ଜନ ନିହାଣ, ଲକ୍ଷ୍ମୀଧର ଦାସ, ରଞ୍ଜନ କୁମାର ଦାସଙ୍କ ସମେତ ନିଶ୍ଚିନ୍ତକୋଇଲି ମିଡିଆ ବ୍ରଦର୍ସର ସମସ୍ତ ସାମ୍ବାଦିକ ଏବଂ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଗଭୀର ଶୋକବ୍ୟକ୍ତ କରିବା ସହ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ସ୍ୱର୍ଗତା ପଣ୍ଡାଙ୍କ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । କନିଷ୍ଠପୁତ୍ର ରଘୁନାଥ ପଣ୍ଡା ମୁଖାଗ୍ନି ଦେଇଥିଲେ ।

## ବେଗୁନିଆପଦା ଗୋଷ୍ଠୀ ସଙ୍ଘର୍ଷ: ୩ ଅଟକ

**ଭଦ୍ରେଶ୍ୱର, ୮ ।୧୧(ସମିସ):** ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ଥାନା ଗୋପାଳପୁର ଗ୍ରାମପଞ୍ଚାୟତ ବେଗୁନିଆପଦା ଗ୍ରାମରେ ଶୁକ୍ରବାର ହୋଇଥିବା ଗୋଷ୍ଠୀ ସଙ୍ଘର୍ଷ ଘଟଣାରେ ପୁଲିସ ୩ଜଣଙ୍କୁ ଥାନାରେ ଅଟକ ରଖିଥିବାର ଜଣାଯାଇଛି । ଏହି ବ୍ୟକ୍ତିମାନଙ୍କୁ କୋର୍ଟ ଚାଲାଣ କରା ନଯାଇ ଥାନାରେ କଣ ପାଇଁ ଅଟକ ରଖାଯାଇଛି ତାହା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବେଗୁନିଆପଦା ଗ୍ରାମର ରାନୁ ଦାସଙ୍କ ଏକ ଜମିକୁ କେନ୍ଦ୍ରକରି ଗ୍ରାମରେ ଦୀର୍ଘ ଦିନ ହେଲା ଦୁଇ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଓ ବିବାଦ ଲାଗିରହିଥିଲା । ଏ ସମ୍ପର୍କରେ ଥାନାରେ ଏକାଧିକବାର ଅଭିଯୋଗ କରାଯାଇଥିଲେ ମଧ୍ୟ ପୁଲିସ ତରଫରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା । ଶୁକ୍ରବାର ଏହି ଘଟଣା ଗ୍ରାମରେ ଗୋଷ୍ଠୀ ସଙ୍ଘର୍ଷ ରୂପ ନେଇଥିଲା । ୪ଜଣ ଲୋକ ଆହତ ହୋଇଥିଲା ବେଳେ ୨ଜଣଙ୍କ ଅବସ୍ଥା ଗୁରୁତର ରହିଥିଲା । କଟକ ବଡ ଡାକ୍ତରଖାନାରେ ସ୍ଥାନୀୟ ଗ୍ରାମର ଶୈଳେନ୍ଦ୍ର ଗୁରୁ ଏବେ ସଙ୍କଟାପନ୍ନ ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି । ଏ ସମ୍ପର୍କରେ ଥାନାରେ ପୃଥକ ପୃଥକ ଭାବେ ୩ଟି ଅଭିଯୋଗ କରାଯାଇଛି । ୩ଜଣଙ୍କୁ ପୁଲିସ ଅଟକ ରଖିଥିବା ବେଳେ ଗାଁର ବହୁ ଲୋକ ଫେରାର ହୋଇଯାଇଛନ୍ତି । ଯେକୌଣସି ମୁହୂର୍ତ୍ତରେ ଏହି ଗ୍ରାମରେ ପରିସ୍ଥିତି ଭୟାନକ ଅବସ୍ଥା ସୃଷ୍ଟି କରିବା ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

## ଥାନାରେ ବାଲି ଗାଡ଼ି ଅଟକ



**ଭଦ୍ରେଶ୍ୱର, ୮ ।୧୧(ସମିସ):** ଭଦ୍ରେଶ୍ୱର ଥାନାରେ ଦୁଇ ଦିନ ହେଲା ଏକ ବାଲି ଗାଡି ଅଟକ ରହିଥିବାର ଜଣାଯାଇଛି । ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳ ଦେଇ ପ୍ରବାହିତ ବିଭିନ୍ନ ନଦୀରୁ ବେଆଇନ ଭାବେ ଦୈନନ୍ଦିନ ବାଲି ଚାଲାଣ କରାଯାଉଛି । ଏହି ବାଲି ବିଭିନ୍ନ ଟ୍ରକ ଟ୍ରାକ୍ଟର ଓ ହାଇୱା ସାହାଯ୍ୟରେ ମାହାଙ୍ଗାକୁ ଆସିଥାଏ । ଶୁକ୍ରବାର ଆକସ୍ମିକ ଭାବେ ସାଲେପୁର ଏସଡିପିଓ ବିରଞ୍ଚି ନାରାୟଣ ପତି ଭଦ୍ରେଶ୍ୱର ଥାନାକୁ ଆସୁଥିଲା ବେଳେ ତାଙ୍କ ସମ୍ମୁଖରେ ଏକ ବାଲି ବୋଝେଇ ହାଇୱା ନଜରରେ ପଡିଥିଲା । ଶ୍ରୀ ପତି ଏହି ଗାଡିକୁ ଅଟକାଇ ଥାନା ମାର୍ଫତରେ ରଖିଥିବାର ଜଣାଯାଇଛି ।

## କରତ କଳ, ଟ୍ରାକ୍ଟର ଓ କାଠ ଜବତ



**ଟିଗିରିଆ, ୮ ।୧୧ (ସମିସ):** ଟିଗିରିଆ ବନାଞ୍ଚଳ ଅନ୍ତର୍ଗତ ଭେଜିଆ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଦୀର୍ଘ ଦିନ ଧରି ଚାଲିଥିବା ବେଆଇନ କରତ କଳ ଉପରେ ସ୍ଥାନୀୟ ବନ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି । ଏହି ଚଢ଼ାଉ ସମୟରେ କାଠ ମାଫିଆମାନେ ବନ ବିଭାଗର କର୍ମଚାରୀଙ୍କୁ ଦେଖି ଫେରାର ହୋଇଯାଇଛନ୍ତି । ବନ ବିଭାଗ ପକ୍ଷରୁ ବେଆଇନ କରତ କଳ ସହ ଦୁଇଟି ଟ୍ରାକ୍ଟର, ଲକ୍ଷାଧିକ ଟଙ୍କାର ମୂଲ୍ୟବାନ କାଠ ଜବତ କରାଯାଇଥିବା ଜଣାପଡିଛି ।

## ଉପକୋଷାଗାର କାର୍ଯ୍ୟାଳୟ ଖୋଲିବାକୁ ଦାବି ଜୋର୍

**ନିଶ୍ଚିନ୍ତକୋଇଲି, ୮।୧୧ (ସମିସ):** ନିଶ୍ଚିନ୍ତକୋଇଲିରେ ଗତ ନଭେମ୍ବର ୧ ତାରିଖ ତହସିଲ କାର୍ଯ୍ୟାଳୟ ପରିସରରେ ଉପନିବନ୍ଧକ (ସବ୍‌ରେଜିଷ୍ଟର)ଙ୍କ କାର୍ଯ୍ୟାଳୟ ଖୋଲାଯିବା ପରେ ଏବେ ଏଠାରେ ଏକ ଉପକୋଷାଗାର (ସବ୍‌ଟ୍ରେଜେରୀ) କାର୍ଯ୍ୟାଳୟ ଖୋଲିବାକୁ ଦାବି ଜୋର ଧରିଛି । ଏହି ବ୍ଲକ ଅଧୀନରେ ଥିବା ୪୧ଟି ପଞ୍ଚାୟତର ପେନ୍‌ସନଭୋଗୀମାନେ ବିଭିନ୍ନ କାର୍ଯ୍ୟରେ ସୁଦୂର ସାଲେପୁର ଉପକୋଷାଗାର କାର୍ଯ୍ୟାଳୟକୁ ଯାଇ ବିଭିନ୍ନ ହଇରାଣ ହରକତ ହେଉଥିବାରୁ ଏଠାରେ ଗୋଟିଏ ଉପକୋଷାଗାର କାର୍ଯ୍ୟାଳୟ ଖୋଲିବାକୁ ଦାବି କରିଛନ୍ତି । ଦୀର୍ଘ ବର୍ଷ ହେବ ସାଲେପୁର ଉପନିବନ୍ଧକ ଓ ଉପକୋଷାଗାର କାର୍ଯ୍ୟାଳୟ ଅଧୀନରେ ରହି ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଉକ୍ତ ଅସୁବିଧାକୁ ଦୂର କରିବା ପାଇଁ ସ୍ଥାନୀୟ ଆଇନଜୀବୀ ପ୍ରମୋଦ କୁମାର ରାଉତ ନିଶ୍ଚିନ୍ତକୋଇଲିରେ ଏକ ଉପନିବନ୍ଧକ ଓ ଏକ ଉପକୋଷାଗାର କାର୍ଯ୍ୟାଳୟ ଖୋଲିବା ପାଇଁ ଉଚ୍ଚ ନ୍ୟାୟାଳୟରେ ଜନସ୍ୱାର୍ଥ ମାମଲା କରିଥିଲେ । ଏହି ମାମଲା ରୁଜୁ କରିବା ପରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏଠାରେ ଉପ ନିବନ୍ଧକ କାର୍ଯ୍ୟାଳୟ ଖୋଲାଯାଇଥିଲେ ମଧ୍ୟ କ'ଣ ପାଇଁ ଉପକୋଷାଗାର କାର୍ଯ୍ୟାଳୟ ଖୋଲାଗଲା ନାହିଁ ସେନେଇ ପ୍ରଶ୍ନ ଉଠାଇଛନ୍ତି । ଏହି ବ୍ଲକ ଅଞ୍ଚଳରେ ଥିବା ହଜାର ହଜାର ପେନସନଭୋଗୀ ସେମାନଙ୍କ ବିଭିନ୍ନ କାର୍ଯ୍ୟ କରିବା ପାଇଁ ସାଲେପୁର ଉପକୋଷାଗାର କାର୍ଯ୍ୟାଳୟ ଉପରେ ନିର୍ଭର କରୁଥିଲା ବେଳେ ଜନସାଧାରଣରେ ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର ପାଇବାପାଇଁ ଟ୍ରେଜେରୀ ଚାଲାଣ କରିବା ଏବଂ ଅନ୍ୟାନ୍ୟ ବହୁ ସରକାରୀ କାର୍ଯ୍ୟରେ ଟ୍ରେଜେରୀ ମାଧ୍ୟମରେ ଅର୍ଥ ପ୍ରଦାନ ନିମନ୍ତେ ସାଲେପୁର ଯାଉଛନ୍ତି ।

ଯାହାଦ୍ୱାରା ସେମାନଙ୍କ ବହୁ ସମୟ ନଷ୍ଟ ହେବା ସହିତ ଖର୍ଚ୍ଚାନ୍ତ ମଧ୍ୟ ହେଉଛନ୍ତି । ଅପରପକ୍ଷରେ, ଉପନିବନ୍ଧକ କାର୍ଯ୍ୟାଳୟ ଖୋଲିବା ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ତତ୍ପରତା ଦେଖାଇ ଖୋଦ୍ ରାଜସ୍ୱ ମନ୍ତ୍ରୀ ଏଠାରେ ସବ୍‌ରେଜିଷ୍ଟର କାର୍ଯ୍ୟାଳୟ ଖୋଲିଥିଲେ । ହେଲେ ରାଜ୍ୟ କୋଷାଗାର ନିର୍ଦ୍ଦେଶକଙ୍କ ପକ୍ଷରୁ ଏଠାରେ ଉପକୋଷାଗାର କାର୍ଯ୍ୟାଳୟ ଖୋଲାଯାଇ ନଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ତୁରନ୍ତ ବିଭାଗୀୟ ଅଧିକାରୀ ଏଠାରେ ସବ୍‌ଟ୍ରେଜେରୀ କାର୍ଯ୍ୟାଳୟ ଖୋଲିବାକୁ ଦାବି ହୋଇଛି ।

## ଅଣସରପୁରରେ କାର୍ତ୍ତିକେଶ୍ୱର ପୂଜା



**ନିଶ୍ଚିନ୍ତକୋଇଲି, ୮ ।୧୧(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ପଞ୍ଚାୟତ ଅଣସରପୁର ଗ୍ରାମରେ ୨୬ତମ ବାର୍ଷିକ କାର୍ତ୍ତିକେଶ୍ୱରଙ୍କ ପୂଜାର୍ଚ୍ଚନା ସମାରୋହରେ କରାଯାଉଛି । ଲୁଣାନଦୀରୁ ଜଳଉତ୍ତୋଳନ କରାଯାଇ କଳସଯାତ୍ରାରେ ଆସି ପୂଜାମଣ୍ଡପରେ ଘଟ ସ୍ଥାପନ ହୋଇଥିଲା । ପଣ୍ଡିତ ଜିତେନ୍ଦ୍ର ମିଶ୍ରଙ୍କ ଦ୍ୱାରା ଯଥାରୀତି ପୂଜାର୍ଚ୍ଚନା କରାଯାଉଥିଲା ବେଳେ ଏଥିରେ କର୍ତ୍ତା ଭାବେ ଅଜୟ କୁମାର ସାହୁ କାର୍ଯ୍ୟ ତୁଲାଉଛନ୍ତି । ପୂଜା ମଣ୍ଡପକୁ ବିଭିନ୍ନ ଆଲୋକମାଳାରେ ସାଜସଜ୍ଜା କରାଯାଇଥିଲା ବେଳେ ପ୍ରତେକ ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ୧୦ ଦିନ ଧରି ଏହି ପୂଜାର୍ଚ୍ଚନା କରାଯାଇ ୧୪ ତାରିଖ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

## ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ର ମାତୃପୀଠରେ ବିଜ୍ଞାନ ମେଳା



**ଟିଗିରିଆ, ୮।୧୧(ସମିସ):** ଟିଗିରିଆ ବ୍ଲକ ନୂଆପାଟଣା ପଞ୍ଚାୟତସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ମାତୃପୀଠରେ ଶନିବାର ବାର୍ଷିକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ମହେଶ୍ୱର ବର୍ଦ୍ଧନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଅମର କୁମାର ମହାରଣା, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଭାକର ସାହୁ, ସମ୍ପାଦକ ନିହାର ରଞ୍ଜନ ସାହୁ, କୋଷାଧ୍ୟକ୍ଷ ମନୋଜ ଗୁଇଁ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଚନ୍ଦ୍ରମଣି ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ । ବିଚାରକ ଭାବେ ସ୍ଥାନୀୟ ଚୈତନ୍ୟ ସାହୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ପଦ୍ମନାଭ ଶତପଥୀ, ଅଧ୍ୟାପିକା ସୁଦେଷ୍ଣା ନନ୍ଦ, ଡେମୋନଷ୍ଟ୍ରେଟର ଗୟାଧର ବେହେରା, ଜେମାଦେଇପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଚିତ୍ରାନନ୍ଦ ବେହେରା, ନୂଆପାଟଣା ନୋଡାଲ ସ୍କୁଲ ପ୍ରଧାନଶିକ୍ଷକ କର୍ଣ୍ଣାର୍ଜୁନ ନାୟକ ପ୍ରମୁଖ ବିଦ୍ୟାଳୟର ୧୧୮ ଜଣ ଛାତ୍ରଛାତ୍ରୀ ଆଣିଥିବା ବିଜ୍ଞାନ ସମ୍ବନ୍ଧୀୟ ପ୍ରକଳ୍ପ ବୁଲି ଦେଖିବା ସହ ସେମାନଙ୍କୁ ଉକ୍ତ ପ୍ରକଳ୍ପ ସମ୍ବନ୍ଧରେ ବିଭିନ୍ନ ପ୍ରଶ୍ନ କରିଥିଲେ ।

## ପାଇପ୍ ଫାଟି ରାସ୍ତା ଉପରେ ପାଣି



**ବଡମ୍ବା, ୮ ।୧୧ (ସମିସ):** ବଡ଼ମ୍ବା ବ୍ଲକ ଗୋପୀନାଥପୁର ଶାସନସାହିରେ ୮ଦିନ ହେବ ପାନୀୟଜଳ ପାଇପଲାଇନ ଫାଟି ରାସ୍ତା ଉପରେ ପାଣି ଅନବରତ ଭାବେ ପ୍ରବାହିତ ହେଉଛି । ଏଥିପାଇଁ ରାସ୍ତା କୃତ୍ରିମ ହ୍ରଦରେ ପରିଣତ ହୋଇଛି । ଏହାକୁ ନେଇ ଶାସନସାହି ତରଫରୁ ବିଭଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ବି ଆଜି ପର୍ଯ୍ୟନ୍ତ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଫଳରେ ୮ ଦିନ ହେଲା ଶାସନସାହିର ଲୋକମାନେ ଘରୁ ବାହାରି ନପାରି ଘୋର ଅସୁବିଧାର ସମୁଖୀନ ହେଉଛନ୍ତି । ଉଚ୍ଚପଦସ୍ଥ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରାଯିବା, ଫାଟିଥିବା ପାଇପକୁ ମରାମତି କରିବା ସହ ମରାମତି ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହୋଇଛି ।

## ପ୍ରଶାସନର ବିଚିତ୍ର ନୀତି: ପିଣ୍ଡି ନିର୍ମାଣ ପାଇଁ ଗଛ କାଟିଦେଲେ



**ଭଦ୍ରେଶ୍ୱର, ୮।୧୧(ସମିସ):** ପରିବେଶର ସୁରକ୍ଷା ନିମନ୍ତେ ସରକାର ବନୀକରଣ ଉପରେ ଗୁରୁତ୍ୱାରୋପ କରୁଛନ୍ତି । ଏଥିନିମନ୍ତେ ସରକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଉଛି । ଏପରି ସ୍ଥିତିରେ ହାଟ ପିଣ୍ଡି ନିର୍ମାଣ ନିମନ୍ତେ ସମ୍ପୃକ୍ତ ପ୍ରଶାସନିକ ଅଧିକାରୀ ଜୀବନ୍ତ ଗଛକୁ ବଳି ଦେବାକୁ ପଛାଇ ନଥିବାର ଅଭିଯୋଗ ହୋଇଛି । ମାହାଙ୍ଗା ବ୍ଲକ୍ କୁହୁଣ୍ଡା ଗ୍ରାମପଞ୍ଚାୟତ ଅଞ୍ଚଳରେ ଥିବା ଏକ ହାଟ ପରିସରରେ ୨ଟି ବହୁ ପୁରାତନ ବର୍ଷର ଜୀବନ୍ତ ଗଛ ରହିଥିଲା । ଏହି ହାଟ ପରିସରରେ ବ୍ୟବସାୟୀଙ୍କ ବସିବା ନିମନ୍ତେ ପିଣ୍ଡି ତିଆରି କରାଯିବା ପାଇଁ ସରକାରଙ୍କ ତରଫରୁ ପ୍ରାୟ ୧୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିଲା । ଏହି ସ୍ଥାନରେ ପିଣ୍ଡି ନିର୍ମାଣ ନିମନ୍ତେ ସ୍ଥାନୀୟ ମଣ୍ଡଳ ଉନ୍ନୟନ ଅଧିକାରୀ କ୍ଷେତ୍ର ପରିଦର୍ଶନ କରିଥିଲେ । ପିଣ୍ଡି ନିର୍ମାଣରେ ବାଧକ ସାଜିବା ଆଶଙ୍କା ଥିବା କାରଣରୁ ଜୀବନ୍ତ ଗଛକୁ କାଟିଦେବା ନିମନ୍ତେ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ବିଡିଓ । ନିର୍ଦ୍ଦେଶମତେ ଠିକାଦାର ଏହି ମୂଲ୍ୟବାନ ପୁରାତନ ଜୀବନ୍ତ ଗଛ ୨ଟିକୁ କାଟି ଦେଇଥିଲେ । ତେବେ ସରକାରୀ ନିୟମକୁ ଏଠାରେ ଖୁଲମଖୁଲା ଭାବେ ଉଲଙ୍ଘନ କରାଯାଇଥିବାର ଅଭିଯୋଗ ହୋଇଛି । ଅପରପକ୍ଷରେ ଦୀର୍ଘ ଦିନ ହେଲା ମାହାଙ୍ଗା ବ୍ଲକରେ ସ୍ଥାୟୀ ବିଡିଓ ନଥିଲା ବେଳେ ତହସିଲଦାର ଦ୍ୱୈତ ଦାୟିତ୍ୱ ଶାସନରେ ରହିଛନ୍ତି । ସରକାରଙ୍କ ତରଫରୁ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯିବା ନିମନ୍ତେ ସାଧାରଣରେ ଦୃଢ ଦାବି ହୋଇଛି ।

## ନିୟୁକ୍ରାନ୍ତି ଡିଜିଟାଲର ଦ୍ୱିତୀୟ ବାର୍ଷିକ ଉତ୍ସବ



**ନିଶ୍ଚିନ୍ତକୋଇଲି, ୮ ।୧୧(ସମିସ):** ନିଶ୍ଚିନ୍ତକୋଇଲି ବଉଳବଜାରରେ ଥିବା ଅତ୍ୟାଧୁନିକ ନିୟୁକ୍ରାନ୍ତି ଡିଜିଟାଲର ଦ୍ୱିତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠାନର ପରିଚାଳକ ସମ୍ବିତ୍ କୁମାର ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଛି । ପ୍ରକୃତିବନ୍ଧୁ ଅଭୟ କୁମାର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ରମାନାଥ ସାହୁ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଧନଞ୍ଜୟ ବରାଳ, ଶିକ୍ଷାବିତ୍ ଭରତଚନ୍ଦ୍ର ଲେଙ୍କା, ସାହିତ୍ୟିକ ଉତ୍କଳଜ୍ୟୋତି ରଘୁନାଥ ମହାନ୍ତି, ସିଆରସିସି ପ୍ରଭାତ କୁମାର ବେହେରା, ରାଜକିଶୋର ନାୟକ, କିଶୋର ଚନ୍ଦ୍ର ନାଥ, ଶିକ୍ଷାବିତ୍ ଦେବପ୍ରସାଦ କର, ଅବସରପ୍ରାପ୍ତ ବିଇଓ ଡ. ଦୁର୍ଗାଚରଣ ନାୟକ, ଶିକ୍ଷକ ସର୍ଫରୁଦ୍ଦିନ ଖାଁ, ସୁରଥ୍ କୁମାର ରାଉତ, ତନ୍ମୟକିଶୋର ଦାସ, କନକଲତା ସାହୁ ପ୍ରମୁଖ ଯୋଗ ଦେଇଥିଲେ । ରଂଜିତ ବେହେରା, ଭାଗବତ ମିଶ୍ର ସହଯୋଗ କରିଥିଲା ବେଳେ ଅନୁଷ୍ଠାନର ପ୍ରତିଷ୍ଠାତା କବି ସଚ୍ଚିଦାନନ୍ଦ ମିଶ୍ର ଧନ୍ୟବାଦ ଦେଇଥିଲେ ।

## ନରସିଂହପୁରରେ ଯୁବ ସମ୍ମେଳନ



**ନରସିଂହପୁର, ୮ ।୧୧(ସମିସ):** ନରସିଂହପୁର ବ୍ଲକ ଯଅଞ୍ଚଳରେ ଖଣ୍ଡ ଯୁବ ସମ୍ମେଳନ ଚମ୍ପେଶ୍ୱରସ୍ଥିତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ କୁଳମଣି ପ୍ରଧାନ, ରମେଶଚନ୍ଦ୍ର ବେହେରା ଯୁବଗୋଷ୍ଠୀଙ୍କୁ ମାର୍ଗ ଦର୍ଶନ କରିଥିଲେ । ମୁଖ୍ୟଅତିଥି ଭାବେ ଜିଲ୍ଲା ପ୍ରଚାରକ ହରିହର ଗୋଛି ଆଜିର ଦିବସ ସମ୍ପର୍କରେ ସୂଚନା ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ନର ନାରାୟଣ ବାରିକ ସଂଯୋଜନା କରିଥିଲେ । ଶେଷଦେବ ଭଞ୍ଜ, ହର ଦେହୁରୀ ସରୋଜ କୁମାର ରଣା, ସଞ୍ଜୟ ରାଉଳ, ଆକାଶ ସାହୁ, ପ୍ରଦୀପ ସାହୁ, ସୁନୀଲ ହୋତା, ଲକ୍ଷ୍ମୀଧର ମହାରଣା ସହଯୋଗ କରିଥିଲେ ।

## ସମନ୍ୱିତ ରୋଗପୋକ ପରିଚାଳନା ତାଲିମ ଶିବିର




**ନିଶ୍ଚିନ୍ତକୋଇଲି, ୮ ।୧୧(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ବରାଦୋ ଗ୍ରାମରେ ଥିବା ତାରିଣୀ ପୀଠ ସମ୍ମିଳନୀ କକ୍ଷରେ ଏକ ଦିନିକିଆ ସମନ୍ୱିତ ରୋଗପୋକ ପରିଚାଳନା ସଂକ୍ରାନ୍ତ ଚାଷୀମାନଙ୍କ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱରର କେନ୍ଦ୍ରୀୟ ସମନ୍ୱିତ ରୋଗପୋକ ପରିଚାଳନା କେନ୍ଦ୍ର ପକ୍ଷରୁ ଆୟୋଜିତ ଏହି ମାନବ ସମ୍ବଳ ବିକାଶ କାର୍ଯ୍ୟକ୍ରମରେ କେନ୍ଦ୍ରର ମୁଖ୍ୟ ଅଧିକାରୀ ଡା. ପ୍ରାଣବଲ୍ଲଭ ସାହାଣୀ ଅଧ୍ୟକ୍ଷତା କରିଥିଲେ । ଫସଲରେ ରୋଗପୋକ ନିୟନ୍ତ୍ରଣ ପାଇଁ ଚାଷୀମାନେ ବହୁଳ ଭାବେ ରାସାୟନିକ ସାର ଓ କୀଟନାଶକ ବ୍ୟବହାର କରୁଥିବାରୁ ମାଟି, ପାଣି ଓ ପରିବେଶ ପ୍ରଦୂଷିତ ହୋଇଯାଉଛି । ଫଳରେ ଏହି ମାଟିରେ ଉତ୍ପାଦନ ହେଉଥିବା ବିଭିନ୍ନ ଶସ୍ୟ ଓ ପନିପରିବାକୁ ଲୋକମାନେ ଓ ପଶୁପକ୍ଷୀମାନେ ଖାଇ ବିଭିନ୍ନ ଅଜଣା ତଥା ଦୂରାରୋଗ୍ୟ କର୍କଟ ଭଳି ରୋଗରେ ପୀଡିତ ହୋଇ ଅକାଳ ମୃତ୍ୟୁବରଣ କରୁଛନ୍ତି । ଚାଷୀମାନେ ଫସଲରେ କିପରି ସଠିକ୍ ଭାବେ ଉପଯୁକ୍ତ ପରିମାଣର ଠିକ୍ ସମୟରେ କେଉଁ ସବୁ ରୋଗପୋକକୁ କିଭଳି କୀଟନାଶକ ବିଷ ପ୍ରୟୋଗ କରାଯିବ ସେ ସଂପର୍କରେ ପ୍ରାଞ୍ଜାଳ ଭାବେ ଡ. ସାହାଣୀ ଉପସ୍ଥିତ ଚାଷୀମାନଙ୍କୁ ବୁଝାଇଥିଲେ । ଏଥିରେ କେନ୍ଦ୍ରର ସହକାରୀ ଅଧିକାରୀ ମଧୁମିତା ପାତ୍ର, ସାଲିନୀ ଗୋଡସାରା, ସୁତାପା ରାୟ, ଧ୍ରୁବଚରଣ ରାୟ ପ୍ରମୁଖ ଯୋଗଦେଇ ଜୈବିକ ବିଷ ଓ ସାରର ବ୍ୟବହାର ତଥା ନିମ୍ବତେଲ, ନିମ୍ବପତ୍ର, ବେଲପତ୍ର, ଗୋମୂତ୍ର, ଗୋବରରୁ ପ୍ରସ୍ତୁତ କରି କିପରି ଜୈବିକ ବିଷକୁ ବ୍ୟବହାର କରାଯାଇ କ୍ଷେତରେ ପ୍ରୟୋଗ କରି ରୋଗପୋକକୁ ନିୟନ୍ତ୍ରଣ କରିହେବ ସେ ନେଇ ଅନୁସ୍ଥାପନ ପ୍ରଶିକ୍ଷଣ ପ୍ରଦାନ କରୁଥିଲେ । ସ୍ଥାନୀୟ ତାରିଣୀ ପରିବାର ପକ୍ଷରୁ ଗଣେଶ୍ୱର ରାଉତ ଓ ଅର୍ଜୁନ ବାଗ୍‌ଙ୍କ ସଂଯୋଜନାରେ ସମସ୍ତ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ । ଗ୍ରାମର ସଫଳ ଚାଷୀ ରଞ୍ଜନ ରାଉତ ଧନ୍ୟବାଦ ଅର୍ପଣ କରିଥିଲା ବେଳେ ଗ୍ରାମର ଶତାଧିକ ଚାଷୀମାନେ ଏଥିରେ ଯୋଗଦେଇ ପ୍ରଶିକ୍ଷଣ ନେବା ସହ ବିଭିନ୍ନ ପ୍ରଶ୍ନ ପଚାରି ତାହାର ସରଳ ସମାଧାନ ପାଇଁ ଉପାୟ ପାଇଥିଲେ ।

## ବାଳିକା ବିଭାଗ କବାଡ଼ି ପ୍ରତିଯୋଗିତା ଉଦ୍‌ଯାପିତ



**ଭଦ୍ରେଶ୍ୱର,୮ ।୧୧(ସମିସ):** ୩ଦିନ ଧରି ଚାଲିଥିବା ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଓଡିଶା ଜୋନ-୧ସ୍ତରୀୟ ବାଳିକା କବାଡି ପ୍ରତିଯୋଗିତା ମାହାଙ୍ଗା ବ୍ଲକ୍ ପଲ୍ଲିସାହି ମହିଳା ମହାବିଦ୍ୟାଳୟରେ ଉଦଯାପିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରତାପଚନ୍ଦ୍ର ଷଡଙ୍ଗୀ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥିଭାବେ ଜବାହାରଲାଲ ନେହରୁ ମହାବିଦ୍ୟାଳୟ କୁଆଁପାଳର ଅଧ୍ୟକ୍ଷ ଚିତରଞ୍ଜନ ଦାସ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ । ଏହି ପ୍ରତିଯୋଗିତାରେ ଅସୁରେଶ୍ୱର ସୁଭଦ୍ରା ମହତାବ ମହାବିଦ୍ୟାଳୟ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା ବେଳେ ମାହାଙ୍ଗା ମହିଳା ମହାବିଦ୍ୟାଳୟ ରନର୍ସ ହୋଇଥିଲା । ଅଧ୍ୟାପିକା ପ୍ରମିଳା ରାଉତ ସ୍ୱାଗତ ଭାଷଣ ଦେଇଥିଲେ । ରାଜ୍ୟସ୍ତରୀୟ କ୍ରୀଡ ଶିକ୍ଷକମାନେ ଏହି ଖେଳକୁ ପରିଚାଳନା କରିଥିଲେ । ଏଥିରେ କ୍ରୀଡ଼ା ଶିକ୍ଷକ ପ୍ରଶାନ୍ତ ସିଂଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ ।

ସକାଳ
THE SAKALA



# କେବେ ପୂରଣ ହେବ ବ୍ରାହ୍ମଣୀ ବ୍ଲକ୍ ଗଠନ ଦାବି

ପଟ୍ଟାମୁଣ୍ଡାଇ, ୮।୧୧(ସମିସ): ସମ୍ପ୍ରତି ପଟ୍ଟାମୁଣ୍ଡାଇ ଧୋଆଞ୍ଚଳରେ ବ୍ରାହ୍ମଣୀ ବ୍ଲକ ଗଠନ ପାଇଁ ବ୍ରାହ୍ମଣୀ ବ୍ଲକ ଗଣ ସଂଗ୍ରାମ ସମିତି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିବାବେଳେ ନୂତନ ବ୍ରାହ୍ମଣୀ ବ୍ଲକ ଗଠନ କେବେ ହେବ, ସେନେଇ ଧୋଆଞ୍ଚଳ ବାସୀ ପ୍ରଶ୍ନ ଉଠାଇଛନ୍ତି। ଜିଲ୍ଲା ଓ ବ୍ଲକ ପୁନର୍ଗଠନ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବାରୁ କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଧୋଆଞ୍ଚଳରେ ନୂତନ ବ୍ରାହ୍ମଣୀ ବ୍ଲକ ଗଠନ ପାଇଁ ବ୍ରାହ୍ମଣୀ ବ୍ଲକ ଗଣ ସଂଗ୍ରାମ ସମିତି ପକ୍ଷରୁ ଏକ ସ୍ମାରକପତ୍ର ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକଙ୍କୁ ପ୍ରଦାନ କରାଯାଇଛି। ବ୍ରାହ୍ମଣୀ ବ୍ଲକ ଗଣସଂଗ୍ରାମ ସମିତି ଆବାହକ ଅଭିମନ୍ୟୁ ମଲ୍ଲିକଙ୍କ ନେତୃତ୍ୱରେ ଡ. ଚକ୍ରଧର ଦାଶ, ଅଶୋକ ମଲ୍ଲିକ, ଦିଲ୍ଲୀପ ବିଶ୍ୱାଳ, ଧନେଶ୍ୱର ପ୍ରଧାନ, ରଜତ ବାରିକ, ପ୍ରସନ୍ନ ପାଢ଼ୀ, ଆଦିକନ୍ଦ ଦାସ, ଅରୋଶିଷ ରାଉତ, ସତ୍ୟସୁନ୍ଦର ରାୟ ପ୍ରମୁଖ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକଙ୍କୁ ତାଙ୍କ ଭୁବନେଶ୍ୱରସ୍ଥ ବାସଭବନରେ ଭେଟି କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ବ୍ଲକର ୭ଟି ପଞ୍ଚାୟତ ଓ ଆଳି ବ୍ଲକର ୧୧ଟି ପଞ୍ଚାୟତ, ପଟ୍ଟାମୁଣ୍ଡାଇ ତହସିଲର ୨ଟି ଆର୍‌ଆଇ ସର୍କଲ ଓ ଆଳି ତହସିଲର ୫ଟି ଆର୍‌ଆଇ ସର୍କଲକୁ ନେଇ ନୂତନ ବ୍ଲକ ଓ ତହସିଲ ଗଠନ ଦାବି କରି ସ୍ମାରକପତ୍ର ପ୍ରଦାନ କରିଥିଲେ। ନୂତନ ବ୍ରାହ୍ମଣୀ ବ୍ଲକ ଗଠନ ଦାବିର ବିଚାର କରିବାକୁ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ।

## କଳିଙ୍ଗ ବାଲିଯାତ୍ରାର ପଞ୍ଚମ ସନ୍ଧ୍ୟା

# ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟ, ପାଇକ ଆଖଡ଼ା ମନ ମୋହିଲା





ପାରାଦୀପ, ୮।୧୧(ସମିସ)

ପାରାଦୀପ ସମୁଦ୍ର ବେଳାଭୂମିରେ ଆୟୋଜିତ କଳିଙ୍ଗ ବଳିଯାତ୍ରାର ଆଜି ଥିଲା ପଞ୍ଚମ ସନ୍ଧ୍ୟା। ଆଜି ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମଞ୍ଚଳରେ ଓଡ଼ିଶୀ, ସମ୍ବଲପୁରୀ, ଝାରସୁଗୁଡ଼ାର ୱେଷ୍ଟର୍ଣ୍ଣ ନୃତ୍ୟ, କଟକ ସାଲେପୁରର କ୍ରିଏଟିଭ ଡ୍ୟାନ୍ସ, ଖୋର୍ଦ୍ଧାର ପାଇକ ଆଖଡା ଓ ଗଞ୍ଜାମର କଣ୍ଢେଇ ନାଚ ଦର୍ଶକଙ୍କ ମନ ମୋହିଥିଲା। ସାଂସ୍କୃତିକ ସଭାରେ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରାଙ୍କ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପାରାଦୀପ ଫସଫେଟ୍ ଲିମିଟେଡ଼ର ମୁଖ୍ୟ ସାଧାରଣ ପରିଚାଳକ ସୁମିତ କୁମାର ସେନାପତି, ସମ୍ମାନିତ ଅତିଥି ଭାବେ ଇଫ୍‌କୋର ମାନବ ସମ୍ବଳ ବିଭାଗ ମୁଖ୍ୟ ବିଜୟ କୁମାର ପରିଡ଼ା, କୁଜଙ୍ଗ ବିଡିଓ ଦୀପକ ପ୍ରସାଦ ସ୍ୱାଇଁ, ଏଏମ୍/ଏନ୍‌ଏସ୍ ରାଜସ୍ୱ ଓ ମାନବ ସମ୍ବଳ ମୁଖ୍ୟ ଡ. ଦେବବ୍ରତ ଦାଶ ଯୋଗଦେଇ ପ୍ରଶାସନ କଳିଙ୍ଗ ବଳିଯାତ୍ରା ସମସ୍ତ ଓଡ଼ିଆ ପରିବାରଙ୍କୁ ଏକାଠି କରିବାକୁ ସୁଯୋଗ ଦେଉଥିବାରୁ ପ୍ରଶଂସା କରିଥିଲେ। ଆଜି ପଞ୍ଚମ ଦିନରେ ଅଧିକ ଭିଡ଼ ଦେଖିବାକୁ ମିଳିଥିଲା।

# ଟେଲିତୋଳ ବାଲିଯାତ୍ରା ମହୋତ୍ସବ



ତିର୍ତ୍ତୋଲ, ୮।୧୧(ସମିସ): ପ୍ରାଚୀନ ନୌବାଣିଜ୍ୟ ପରମ୍ପରାକୁ ଉଜ୍ଜୀବିତ କରୁଥିବା ତିର୍ତ୍ତୋଲର ଟେଲିତୋଳ ବାଲିଯାତ୍ରା ମହୋତ୍ସବର ତୃତୀୟ ସନ୍ଧ୍ୟା ସାଂସ୍କୃତିକ ସଭା ମହୋତ୍ସବ କମିଟି ସଭାପତି ତଥା ତିର୍ତ୍ତୋଲ ବିଧାୟକ ଡ. ରମାକାନ୍ତ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ବିଶିଷ୍ଟ ଶ୍ରମିକ ନେତା ଅରିନ୍ଦମ ସର୍ଖେଲ ଯୋଗଦେଇ ଏହି ବାଲିଯାତ୍ରାରେ ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଦୁଇଟି ଜିଲ୍ଲାର ସମାଗମ ହୋଇଥିବାରୁ ଜିଲ୍ଲା ପ୍ରଶାସନ ଏହି ବାଲିଯାତ୍ରାକୁ ସହାୟତା ଯୋଗାଇ ଦେବାକୁ ଦାବି କରିଥିଲେ। ମୁଖ୍ୟବକ୍ତା ରଘୁନାଥପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷ ରଜତ ପାତ୍ର ଯୋଗଦେଇ ଏହି ମାଟି ଐତିହ୍ୟ। ମାଟି ବୋଲି କହିଥିଲେ। ସମ୍ମାନିତ ଅତିଥି ରଘୁନାଥପୁର ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ଜିଲ୍ଲା ପରିଷଦ ସଭ୍ୟା ରୀନାରାଣୀ ମଲ୍ଲିକ, ମହିଳା ନେତ୍ରୀ ଶାନ୍ତିଲତା ଦ୍ୱିବେଦୀ, ରବୀନ୍ଦ୍ର ରାଉଳ, ସଂଗଠକ ଅନ୍ତର୍ଯ୍ୟାମୀ ରାଉତ, ସମାଜସେବୀ ରବୀନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ପ୍ରାଚୀନ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାର ସ୍ମୃତି ଚାରଣ କରିବା ସହ ସାରଳା ଦାସ ଓ ସାରଳା ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ପ୍ରକାଶ ମଲ୍ଲିକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ବିମଳ ମହାପାତ୍ର, ଅରବିନ୍ଦ ହୋତା, ଚିତ୍ତରଞ୍ଜନ ରଥ, ସୁବ୍ରତ ଦାଶ ସହଯୋଗ କରିଥିଲେ। ବିଶ୍ୱଜିତ୍ ଦାସ ଧନ୍ୟବାଦ୍ ଦେଇଥିଲେ।

# ଟେଲିତୋଳ ବାଲିଯାତ୍ରାରେ ଭାଗବତ ଟୁଙ୍ଗି



ତିର୍ତ୍ତୋଲ, ୮।୧୧(ସମିସ): ତିର୍ତ୍ତୋଲ ନିକଟ ଗୋପିଆକୁଦ ମହାନଦୀ ବେଳାଭୂମିରେ ଚାଲିଥିବା ଟେଲିତୋଳ ବାଲିଯାତ୍ରାରେ ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ରାମାୟଣି ପଣ୍ଡିତ ଅଭୟ ଦାଶଙ୍କ ପରିଚାଳନାରେ ଭାଗବତ ଟୁଙ୍ଗି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ତିର୍ତ୍ତୋଲ ବିଧାୟକ ଡ. ରମାକାନ୍ତ ଭୋଇ ଏହି ଟୁଙ୍ଗିର ଉଦ୍‌ଘାଟନ କରିଥିଲେ। ବାଲିଯାତ୍ରା ମହୋତ୍ସବର ସାଂସ୍କୃତିକ ସନ୍ଧ୍ୟାର ଅତିଥି ଜଗତସିଂହପୁର ଜିଲ୍ଲାପାଳ ଜେ ସୋନାଲ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ ଭୋଇ, ବିଶିଷ୍ଟ ଶ୍ରମିକ ନେତା ଅରିନ୍ଦମ ସର୍ଖେଲ ଏହି ଭାଗବତ ଟୁଙ୍ଗି ପରିଦର୍ଶନ କରି ପ୍ରଶଂସା କରିଥିଲେ। ଆଧ୍ୟାତ୍ମିକ ଓ ଭକ୍ତି ଭାବ ଜନସାଧାରଣ ମଧ୍ୟରେ ସୃଷ୍ଟି କରିବା ଉଦ୍ଦେଶ୍ୟରେ ବାଲିଯାତ୍ରାରେ ଏହି ଭାଗବତ ଟୁଙ୍ଗି ପ୍ରତିଷ୍ଠା କରି ଭାଗବତର ବାଣୀ ପ୍ରଚାର ପ୍ରସାର କରିଥା'ନ୍ତି ବୋଲି ପଣ୍ଡିତ ଅଭୟ ଦାଶ ପ୍ରକାଶ କରିଛନ୍ତି।

# ତିର୍ତ୍ତୋଲ କୁମାର ଉତ୍ସବ ସମିତିର ବାର୍ଷିକ ଉତ୍ସବ

ତିର୍ତ୍ତୋଲ, ୮।୧୦(ସମିସ): ତିର୍ତ୍ତୋଲ ଜୟ ପ୍ରକାଶ ମଇଦାନରେ ତିନିଦିନ ଧରି ଚାଲିଥିବା ତିର୍ତ୍ତୋଲ କୁମାର ଉତ୍ସବ ସମିତିର ୫୨ତମ ବାର୍ଷିକୋତ୍ସବ ଓ ଗଣକବି ବୈଷ୍ଣବ ପାଣି ଜୟନ୍ତୀ ସମାରୋହ ଉଦଯାପିତ ହୋଇଯାଇଛି। ସମିତି ସଭାପତି ବିମଳ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପିତ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି ଯୋଗଦେଇ ଓଡ଼ିଆ



ସଂସ୍କୃତି ଓ ପରମ୍ପରା ଗାଁରେ ରହିଛି। କିନ୍ତୁ ଗାଁ ପୁଅ ବାହାରେ ରହି ଗାଁ ଓ ମା'କୁ ଭୁଲିଯାଉଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ସ୍ୱତନ୍ତ୍ର ଅତିଥି ପୂର୍ବତନ ସାଂସଦ ଡଃ ରାଜଶ୍ରୀ ମଲ୍ଲିକ, ମୁଖ୍ୟବକ୍ତା ପାରାଦୀପର ପୂର୍ବତନ ବିଧାୟକ ଇଂ ସମ୍ବିତ ରାଉତରାୟ, ସମ୍ମାନିତ ଅତିଥି ତିର୍ତ୍ତୋଲ ବିଧାୟକ ଡଃ ରମାକାନ୍ତ ଭୋଇ, ପାରାଦୀପର ବିଶିଷ୍ଟ ଶ୍ରମିକ ନେତା ଅରିନ୍ଦମ ସର୍ଖେଲ, କୁଜଙ୍ଗ ବ୍ଲକ ଅଧ୍ୟକ୍ଷା ନୀନାରାଣୀ ସାହୁ, ସମାଜସେବୀ ଲୋରା ମହାପାତ୍ର ପ୍ରମୁଖ ଯୋଗଦେଇ ଗଣକବି ବୈଷ୍ଣବ ପାଣି ଓ କୁମାର ପୂର୍ଣ୍ଣିମା ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସଭ୍ୟ ପ୍ରଦୀପ୍ତ ମହାପାତ୍ର ଅତିଥି ପରିଚୟ ପ୍ରଦାନ ଓ ସମ୍ପାଦକ ଅନୀଲ ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏ ଅବସରରେ ସମାଜସେବୀ ସ୍ୱର୍ଗତ ନିତ୍ୟାନନ୍ଦ ଜେନାଙ୍କ ପତ୍ନୀ ପ୍ରମିଳା ଜେନାଙ୍କୁ ଶ୍ରେଷ୍ଠ ମାତା ଭାବେ ମାତେଶ୍ୱରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଥିଲା। ଉପସଭାପତି ଜେନାମଣି ଅନୀଲ ରାୟ, ସହସମ୍ପାଦକ ଧୀରେନ୍ଦ୍ର ଦାସ, କୋଷାଧ୍ୟକ୍ଷ ନବକୁମାର ମହାପାତ୍ର, ପ୍ରଯୋଜକ ପ୍ରଶାନ୍ତ ମହାନ୍ତି, ସମୀକ୍ଷକ ମନୋଜ ରାୟ, ନରେଶ ମହାପାତ୍ରଙ୍କ ସମେତ ସମିତିର କର୍ମକର୍ତ୍ତା ପରିଚାଳନା କରିଥିଲେ। ରାତିରେ ସାମାଜିକ ନାଟକ ଚାବୁଲା ସାରଙ୍କ ନିର୍ଦ୍ଦେଶନାରେ 'ଆସିଛି ଏକା ଯିବି ମୁଁ ଏକା' ନାଟକ ସମିତିର କଳାକାରଙ୍କ ପକ୍ଷରୁ ମଞ୍ଚସ୍ଥ କରାଯାଇଥିଲା।

# ଏଏମ୍/ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ ପ୍ରତିଷ୍ଠା ହୋଇଛି 'ଦକ୍ଷ ଏକାଡ଼େମୀ'

ପାରାଦୀପ, ୮।୧୧(ସମିସ): ସ୍ଥାନୀୟ ଯୁବପିଢ଼ିଙ୍କୁ ସଶକ୍ତ କରିବା ଲକ୍ଷ୍ୟରେ ଆର୍ସେଲର ମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍‌ଏସ୍ ଇଣ୍ଡିଆ) ପକ୍ଷରୁ ଗୁରୁକୁଳ ଫାଉଣ୍ଡେସନର ସହଯୋଗରେ ଜଗତସିଂହପୁର ଜିଲ୍ଲାର ପାରାଦୀପଗଡ଼ରେ 'ଦକ୍ଷ ଏକାଡେମୀ' ପ୍ରତିଷ୍ଠା କରାଯାଇଛି। ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ଦ୍ୱାରା ଏହି କୋଚିଂ ସେଣ୍ଟରକୁ ଉଦ୍‌ଘାଟନ କରାଯାଇଛି। ଆଇଏଏସ୍, ଓଏଏସ୍, ବ୍ୟାଙ୍କିଙ୍ଗ୍, ରେଳବାଇ, ପ୍ରତିରକ୍ଷା, ଓଏସଏସସି, ଓଏସଏସଏସସି, ଓପିଏସସି, କ୍ଲର୍କ, ଶିକ୍ଷକ, ସଚିବାଳୟ ଓ ଅନ୍ୟାନ୍ୟ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଆଶାୟୀଙ୍କୁ ମାଗଣା, ଉଚ୍ଚମାନର କୋଚିଂ ପ୍ରଦାନ କରିବା ଏଏମ୍ /ଏନ୍‌ଏସ୍ ଇଣ୍ଡିଆର ପ୍ରମୁଖ ସିଏସ୍‌ଆର୍ ପଦକ୍ଷେପ 'ଦକ୍ଷ' ଅଧୀନରେ ପ୍ରତିଷ୍ଠିତ ଏହି କେନ୍ଦ୍ରର ମୁଖ୍ୟ ଉଦ୍ଦେଶ୍ୟ। ସ୍ମାର୍ଟ ଶ୍ରେଣୀ ଗୃହ, କ୍ୟାରିୟର କାଉନସେଲିଂ, ଡିଜିଟାଲ୍ ଲାଇବ୍ରେରୀ, ୱାଇଫାଇ ସହିତ କମ୍ପ୍ୟୁଟର ଲ୍ୟାବ୍ ଓ ଅଭିଜ୍ଞ ଅଧ୍ୟାପକଙ୍କୁ ନେଇ ପ୍ରତିଷ୍ଠା ହୋଇଥିବା ଦକ୍ଷ ଏକାଡେମୀ ଛାତ୍ରଛାତ୍ରୀଙ୍କୁ ରୋଜଗାରକ୍ଷମ ଓ ଆତ୍ମବିଶ୍ୱାସ ବୃଦ୍ଧି ପାଇଁ ସଫ୍ଟସ୍କିଲ୍ ପ୍ରଶିକ୍ଷଣ, ସାକ୍ଷାତକାର ନିମନ୍ତେ ପ୍ରସ୍ତୁତି ଓ ବ୍ୟକ୍ତିତ୍ୱ ବିକାଶ ଅଧିବେଶନ ଆୟୋଜନ କରିବ।

ଉଦ୍‌ଘାଟନୀ ଉତ୍ସବରେ ପାରାଦୀପଗଡ଼ ସରପଞ୍ଚ ଶ୍ରୀମତୀ ସସ୍ମିତା ବେହେରା, ନୂଆଗଡ଼ ସରପଞ୍ଚ ଦେବେନ୍ଦ୍ର ରାଉତ, ଭୂତମୁଣ୍ଡାଇ ସରପଞ୍ଚ ରୋହିତ ଜେନା, ଏଏମ୍/ଏନଏସ ଇଣ୍ଡିଆର ପାରାଦୀପ ପେଲେଟ୍ ପ୍ଲାଣ୍ଟ ମୁଖ୍ୟ ୟୁଏସଆର ରାଜୁ, ଏଏମ୍/ଏନଏସ ଇଣ୍ଡିଆର ସିଏସ୍‌ଆର୍ ମୁଖ୍ୟ ଡକ୍ଟର ବିକାଶ ଯାଦଭେନ୍ଦ୍ର, ବରିଷ୍ଠ ଆଇନଜୀବୀ ସଞ୍ଜୟ ବେହେରା, ଗୁରୁକୁଳ ଏକାଡେମୀର ନିର୍ଦ୍ଦେଶକ ତଥା ପ୍ରତିଷ୍ଠାତା ସୁରଜ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏ ଅବସରରେ ୟୁଏସ୍‌ଆର୍ ରାଜୁ କହିଛନ୍ତି, ଏଏମ୍/ଏନ୍‌ଏସ୍ ଇଣ୍ଡିଆ ସର୍ବଦା ଶିକ୍ଷା କ୍ଷେତ୍ରକୁ ଗୁରୁତ୍ୱ ଦେଇଆସିଛି। ବିଭିନ୍ନ



କ୍ୟାରିୟରଭିତ୍ତିକ ପଦକ୍ଷେପ ମାଧ୍ୟମରେ କମ୍ପାନୀ ଛାତ୍ରଛାତ୍ରୀଙ୍କୁ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତ୍କର୍ଷତା ହାସଲ କରିବା ପାଇଁ ଆବଶ୍ୟକ ଜ୍ଞାନ ଓ ଦକ୍ଷତା ସହିତ ସଜ୍ଜିତ କରିବାକୁ ଲକ୍ଷ୍ୟ ରଖିଛୁ। ଏଏମ୍/ଏନଏସ୍ ଇଣ୍ଡିଆ ସ୍ଥାନୀୟ ଯୁବପିଢ଼ିଙ୍କ ମଧ୍ୟରେ ଏକାଡେମିକ୍ ଉତ୍କର୍ଷତା ବୃଦ୍ଧି କରିବା ଓ ଉଜ୍ଜଳ ଭବିଷ୍ୟତର ସ୍ୱପ୍ନକୁ ପୂରଣ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି।

# ୱାଦା ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

କୁଜଙ୍ଗ, ୮।୧୧(ସମିସ): ନାରାୟଣ ବୀରବର ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ରାଜ୍ୟରେ ବ୍ରାଉନସୁଗର ବିରୋଧରେ ସଚେତନତା ଓ ଜନମତ ସୃଷ୍ଟି କରିଆସିଥିବା ୱାର ଏଗେନଷ୍ଟ ଡ୍ରଗ୍‌ସ (ୱାଦା) ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶନିବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡ୍ରଗ୍‌ସ ଭଳି ଏକ ଅବୈଧ ନିଶାଦ୍ରବ୍ୟକୁ ସମାଜରୁ ଦୂର କରିବାରେ ଛାତ୍ରଛାତ୍ରୀଙ୍କ ଭୂମିକାକୁ ନେଇ ବିଦ୍ୟାଳୟ ପରିସରରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷା ଡା. ବନପ୍ରଭା ପରିଡ଼ା ସଭାପତିତ୍ୱ କରିଥିବାବେଳେ ୱାଦାର ରାଜ୍ୟ ସଂଯୋଜକ ଆଇନଜୀବୀ ଗତିକୃଷ୍ଣ ଶତପଥୀ ମୁଖ୍ୟଅତିଥି ରୂପେ ଯୋଗଦେଇ ଏହି ଅଭିଯାନରେ ସାମିଲ ହୋଇ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ଦେବାରେ ଛାତ୍ରଛାତ୍ରୀ ନିଜକୁ ସୈନିକ ଭାବେ ଲଢିବାକୁ ଆହ୍ୱାନ ଦେଇଥିଲେ। ଆଇନଜୀବୀ ସୁକାନ୍ତ ମାଝୀ, ୱାଦାର ଜିଲ୍ଲା ଯୁବ ସଂଯୋଜକ ଲିପୁ ଦାସ ଓ ବହୁ ସ୍ୱେଚ୍ଛାସେବୀ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ବାଣିଜ୍ୟ ଅଧ୍ୟାପକ ଡଃ କିଶୋର କୁମାର ଜେନା, ପ୍ରଦୀପ୍ତ ସାମଲ, ପ୍ରକାଶ ଚୌଧୁରୀ, ସୌଦାମିନୀ କର, ସୁଷମା ମହାପାତ୍ର, କୁସୁମ ମାଝୀ, ପବିତ୍ର ପରିଡ଼ା, ବିଜୟ ସେଠୀ ଓ ସୁବାସ ପଣ୍ଡା ପ୍ରମୁଖ ସହଯୋଗ କରିଥଲେ।

# ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ପାଳିତ



ଜଗତସିଂହପୁର, ୮।୧୧(ସମିସ): ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଜଗତସିଂହପୁର ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ପାଳିତ ହୋଇଯାଇଛି। ଜିଲ୍ଲାପାଳ ଜେ.ସୋନାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭାପତି ମନୋଜ ଭୋଇ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂ ଯୋଗଦେଇ ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟର ଉପକାରିତା ଓ ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଚାଷକୁ ଅଧିକ ପ୍ରୋତ୍ସାହିତ କରିବା ସହିତ ଚାଷୀ ଭାଇଭଉଣୀ ଓ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ଅତିଥିମାନେ ଉତ୍ସାହିତ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଡଃ ଦ୍ୱାରିକା ମୋହନ ଦାସ (କୃଷି ଯନ୍ତ୍ରୀ) ଓ ବୈଜ୍ଞାନିକ ସସ୍ମିତା ପୁରୋହିତ (ଗୋଷ୍ଠୀ ବିଜ୍ଞାନ) ଯୋଗଦେଇ କୃଷି ବିଭାଗ ପକ୍ଷରୁ ଆରମ୍ଭ କରାଯାଇଥିବା ଶ୍ରୀଅନ୍ନ ଚାଷର ପ୍ରସାର ଓ ଖାଦ୍ୟର ଉପକାରିତା ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ବିରିଡ଼ି ବ୍ଲକ କୃଷି ଅଧିକାରୀ ପ୍ରସନ୍ନା ପ୍ରିୟଦର୍ଶିନୀ ସ୍ୱାଗତ ଭାଷଣ ଦେବା ସହିତ ମଞ୍ଚ ପରିଚାଳନା କରିଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଶ୍ୱଜିତ୍ ପଣ୍ଡା ଯୋଗଦେଇ ସରକାରଙ୍କ ପକ୍ଷରୁ ଶ୍ରୀଅନ୍ନ ଅଭିଯାନ ପାଇଁ ଯୋଗାଇ ଦିଆଯାଇଥିବା ସମସ୍ତ କାର୍ଯ୍ୟଶୈଳୀ ବାବଦରେ ଚାଷୀ ଓ ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ଅବଗତ କରାଇଥିଲେ।

ଏହି କାର୍ଯ୍ୟକ୍ରମରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଖାଦ୍ୟ ଷ୍ଟଲ୍ ପକାଇ ପୁଷ୍ଟି ଶସ୍ୟରେ ତିଆରି ବିଭିନ୍ନ ପ୍ରକାରର ବ୍ୟଞ୍ଜନ ପ୍ରଦର୍ଶନ କରିଥିଲେ। କୃଷି ବିଭାଗ ପକ୍ଷରୁ ପୁଷ୍ଟି ଶସ୍ୟର ବିଭିନ୍ନ କିସମର ବିହନ ଓ ସଦ୍ୟ କଟା ଶସ୍ୟର ପ୍ରଦର୍ଶନ କରାଯାଇଥିଲା। କୁଜଙ୍ଗ, ବିରିଡ଼ି ଓ ଜଗତସିଂହପୁର ବ୍ଲକର ଶତାଧିକ ଚାଷୀ ଭାଇଭଉଣୀ, ମହିଳା ସ୍ୱୟଂଗୋଷ୍ଠୀ ଓ ବିଦ୍ୟାର୍ଥୀ ଉପସ୍ଥିତ ଥିଲେ। ଏ ଅବସରରେ ଶିଶୁ କଳାକାରଙ୍କ ଦ୍ୱାରା ମାଣ୍ଡିଆ ଗୀତ ଉପରେ ନୃତ୍ୟ ପ୍ରଦର୍ଶନ ହୋଇଥିବାବେଳେ କୃଷକ, ଏସ୍‌ଏଚ୍‌ଜି, ଏଫ୍‌ଏ, ଓ ଏଫ୍‌ପିଓଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲ୍ଲା କୃଷି କାର୍ଯ୍ୟାଳୟର ଯୋଜନା ଅଧିକାରୀ ନିହାରିକା ଦାସ ଓ ସରୋଜ ବେହେରାଙ୍କ ସମେତ ଅନ୍ୟ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନକଲି ପ୍ରମାଣପତ୍ର ଦେଇ ଚାକିରି କରିଥିବା ଅଧ୍ୟାପକ ବହିଷ୍କୃତ

ବାଲିକୁଦା, ୮।୧୧(ସମିସ): ଜାଲ୍ ପ୍ରମାଣପତ୍ର ଦେଇ ଚାକିରି କରିଥିବା ବାଲିକୁଦା କଲେଜ ବାଣିଜ୍ୟ ବିଭାଗ ଅଧ୍ୟାପକଙ୍କୁ ବହିଷ୍କୃତ କରାଯାଇଛି। ୪୮ ବର୍ଷ ବୟସରେ ଜାଲ୍ ସାର୍ଟିଫିକେଟ୍‌ରେ ଚାକିରି କରିଥିଲେ ବାଣିଜ୍ୟ ବିଭାଗ ଅଧ୍ୟାପକ ବସନ୍ତ ମହାନ୍ତି। ତାଙ୍କ ବିରୋଧରେ ବାରମ୍ବାର ଅଭିଯୋଗ ପରେ କଲେଜ ପରିଚାଳନା କମିଟି ସଭାପତି ତଥା ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ପ୍ରଥମେ ସସ୍‌ପେଣ୍ଡ କରିଥିବାବେଳେ ଏବେ ବହିଷ୍କୃତ କରିଛନ୍ତି। ସେ ୭ ବର୍ଷ ଧରି କଲେଜ ପରିଚାଳନା କମିଟି ଅଧୀନରେ ଶିକ୍ଷାଦାନ କରୁଥିଲେ। ସେ ସଠିକ୍ ଭାବେ ପଢ଼ାଇ ପାରୁ ନ ଥିବା ଛାତ୍ରଛାତ୍ରୀ ଅଧ୍ୟକ୍ଷ ଓ ଉପଜିଲ୍ଲାପାଳଙ୍କୁ ବାରମ୍ବାର ଅଭିଯୋଗ କରିଆସୁଥିଲେ। ଏପରିକି ଅନ୍ୟ ଜଣେ ଅଧ୍ୟାପକଙ୍କ ସହ ମନୋମାଳିନ୍ୟ ଏଭଳି ପରିସ୍ଥିତି ସୃଷ୍ଟି କରିଥିଲା। ଶେଷରେ ଉଭୟଙ୍କୁ ଚାକିରି ହରାଇବାକୁ ପଡ଼ିଛି। ଏକ ଫ୍ୟାକ୍ଟ ଫାଇଣ୍ଡିଂ କମିଟି ଗଠନ ହୋଇ ଏ ସଂକ୍ରାନ୍ତରେ ତଦନ୍ତ ରିପୋର୍ଟ ପ୍ରଦାନ ପରେ ଜଣାପଡ଼ିଛି ଯେ ଶ୍ରୀ ମହାନ୍ତି ଅନର୍ସ ନ ଥାଇ ଥାର୍ଡ଼ ଡିଭିଜନରେ ଗ୍ରାଜୁଏସନ ପାସ କରିଥିଲେ। ଏହାର ୨୧ ବର୍ଷ ପରେ ଜାଲ୍ ସାର୍ଟିଫିକେଟ ଯୋଗାଡ଼ କରି ଚାକିରି ହାତେଇବାରେ ସଫଳ ହୋଇଥିଲେ। ନକଲି ପିଜି ସାର୍ଟିଫିକେଟରେ ୭୦ ପ୍ରତିଶତରୁ ଅଧିକ ମାର୍କ ରଖିଥିବା ଦର୍ଶାଇଥିଲେ। ଚାକିରି ପାଇଁ ସରକାର ୪୨ ବର୍ଷ ବୟସ ସୀମା ଧାର୍ଯ୍ୟ କରିଥିବାବେଳେ ବସନ୍ତ କିଭଳି ଏହି ଚାକିରି ୪୭ ବର୍ଷ ବୟସରେ ପାଇଲେ ତାହା ଆଶ୍ଚର୍ଯ୍ୟର ବିଷୟ। କୌଣସି ବିଜ୍ଞାପନ ନଥାଇ ସେ ଏହି ପଦବୀରେ ରହିଥିଲେ ବୋଲି ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ ତଦନ୍ତ କରିବା ପରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଉପଜିଲ୍ଲାପାଳଙ୍କୁ ଏହି ଅଧ୍ୟାପକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଚାରିଥର ଚିଠି ଆସିଥିଲା। ଗଣମାଧ୍ୟମରେ ଏ ସଂକ୍ରାନ୍ତରେ ଖବର ପ୍ରକାଶ ପାଇବା ପରେ ଉପଜିଲ୍ଲାପାଳ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଚାକିରିରୁ ସସପେଣ୍ଡ କରିଥିଲେ ଓ ଦିନକ ପରେ ବରଖାସ୍ତ କରିଛନ୍ତି।

## ଧର୍ମପ୍ରାଣାଙ୍କ ପରଲୋକ

ତିର୍ତ୍ତୋଲ, ୮।୧୧(ସମିସ): ଅବସରପ୍ରାପ୍ତ ଶିକ୍ଷକ ତଥା ଦଶମାଣକୂଳ ସରସ୍ୱତୀ ଶିଶୁମନ୍ଦିରର ପୂର୍ବତନ ସମ୍ପାଦକ ତ୍ରିଲୋଚନ ଆଚାର୍ଯ୍ୟଙ୍କ ପତ୍ନୀ ଗୀତା ଆଚାର୍ଯ୍ୟଙ୍କ ପରଲୋକ ହୋଇଯାଇଛି। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ଓ ଧର୍ମପ୍ରାଣା ମହିଳା ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି କୋଳର ପଞ୍ଚାୟତର ତାରତୋଳ ଗ୍ରାମସ୍ଥ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା।



# ଜିଲ୍ଲାସ୍ତରୀୟ ଭାରତ ସ୍କାଉଟ୍ ଓ ଗାଇଡ୍ ଶିବିର

ଆଳି, ୮।୧୧(ସମିସ): ଆଳି ବ୍ଲକ ଅନ୍ତର୍ଗତ ନିଆଳସ୍ଥ ସହଦେବ ଦାସ ବାଳିକା ଉଚ୍ଚବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଭାରତ ସ୍କାଉଟ ଓ ଗାଇଡ ଶିବିର ତଥା ଭାରତ ସ୍କାଉଟ ଓ ଗାଇଡ କ୍ୟାମ୍ପର ୭୫ତମ ପ୍ରତିଷ୍ଠା ଦିବସ ଜିଲ୍ଲା କମିଶନର ସ୍କାଉଟ ପୀତବାସ ପଣ୍ଡାଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା। ଜିଲ୍ଲା ପରିଚାଳନା କମିଶନର ସ୍କାଉଟ ତଥା ବିଦ୍ୟାଳୟର ପ୍ରଧାନଶିକ୍ଷକ ଦେବରାଜ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି



କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲାର ୯ଟି ବ୍ଲକରୁ ୩୭ ବିଦ୍ୟାଳୟର ୬୫୧ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଜିଲ୍ଲା ସମ୍ପାଦକ ସ୍କାଉଟ ସ୍ମିତା ପ୍ରତିଭା ସାହୁ, ଜିଲ୍ଲା କମିଶନର ଗାଇଡ୍ ଜୟନ୍ତୀ ଦେଇ, ଜିଲ୍ଲା ପରିଚାଳନା କମିଶନର ଗାଇଡ୍ ଅନ୍ନପୂର୍ଣ୍ଣା ଚୁଳି, ଜିଲ୍ଲା ଟ୍ରେନିଂ କମିଶନର ସ୍କାଉଟ ସରୋଜକାନ୍ତ ବିଶ୍ୱାଳ, ଜିଲ୍ଲା ଟ୍ରେନିଂ କମିଶନର ଗାଇଡ୍ ହରପ୍ରିୟା କର, ଜିଲ୍ଲା ସଂଯୋଜକ ଗାଲେଖ ଭୂୟାଁ, ଜିଲ୍ଲା ସହସମ୍ପାଦକ ଜ୍ୟୋତିକାନ୍ତ ନାୟକ, ମିନତୀ ବଳ ପ୍ରମୁଖ ଯୋଗ ଦେଇଥିଲେ। ଆଗନ୍ତୁକ ଛାତ୍ରଛାତ୍ରୀ ବିଭିନ୍ନ ବିଭାଗ ତୃତୀୟ ସୋପାନରେ ଥିଓରୀ ଓ ପ୍ରାକ୍ଟିକାଲରେ ଭାଗ ନେଇ କୃତିତ୍ୱ ଅର୍ଜନ କରିଥିଲେ। ସେମାନେ ଆଗାମୀ ନଭେମ୍ବରରେ ରାଜ୍ୟସ୍ତରୀୟ କର୍ମଶାଳାରେ ଭାଗ ନେବେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କର୍ମଚାରୀ ସହଯୋଗ କରିଥିଲେ।

# ଜିଲ୍ଲା ପୁଲିସ ପକ୍ଷରୁ ସାଇବର ସୁରକ୍ଷା ସଚେତନତା




କେନ୍ଦ୍ରାପଡ଼ା, ୮।୧୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ପୁଲିସ ପକ୍ଷରୁ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ନୂଆ ବସ୍‌ଷ୍ଟାଣ୍ଡରେ ଆୟୋଜିତ ହୋଇଛି। ଜୟଶ୍ରୀ ପତିଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏସ୍‌ପି ସିଦ୍ଧାର୍ଥ କଟାରିଆ ଯୋଗ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ଏସବିଆଇ ପାରାଦୀପ ସର୍କଲର ରିଜିଓନାଲ ମ୍ୟାନେଜର ବିଜୟ ବେହେରା ଓ କେନ୍ଦ୍ରାପଡ଼ା ମୁଖ୍ୟ ଶାଖା ମ୍ୟାନେଜର କଳ୍ପଜ୍ୟୋତି ଭଟ୍ଟାଚାର୍ଯ୍ୟ ଯୋଗଦେଇ ୟୁପିଆଇ ଓ ଡିଜିଟାଲ ବ୍ୟାଙ୍କିଙ୍ଗ ସୁରକ୍ଷା ବିଷୟରେ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡିଏସପି ସରୋଜ ସାହୁ, କେନ୍ଦ୍ରାପଡ଼ା ଏସଡିପିଓ ଜ୍ୟୋତିରଞ୍ଜନ ଗୌଡ଼, ପଟ୍ଟାମୁଣ୍ଡାଇ ଏସଡିପିଓ କ୍ଷମାସାଗର ପଣ୍ଡା ଯୋଗଦେଇଥିଲେ। ଏ ଅବସରରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରୁ ଏକ ସାଇବର ସଚେତନତା ରାଲି ବାହାରି ସହର ପରିକ୍ରମା କରି ନୂଆ ବସଷ୍ଟାଣ୍ଡରେ ପହଞ୍ଚିଥିଲା। ଏହି ରାଲିରେ ବିଭିନ୍ନ ମହାବିଦ୍ୟାଳୟ, ସ୍କୁଲର ଛାତ୍ରଛାତ୍ରୀ ଓ ଘୋଡ଼ାନାଚ କଳାକାର ଯୋଗଦେଇଥିଲେ। ସାଇବର ସଚେତନତାକୁ ସରଳ ଓ ଆକର୍ଷଣୀୟ କରିବା ପାଇଁ ହାସ୍ୟ କଳାକାର ପ୍ରଜ୍ଞା ଓ ଶଙ୍କର ସାମିଲ ଥିଲେ। କେନ୍ଦ୍ରାପଡ଼ା ଟାଉନ ଥାନା ଅଧିକାରୀ ଦିଲ୍ଲୀପ ସାହୁ ଓ ରିଜର୍ଭ ଇନ୍ସପେକ୍ଟର ପ୍ରଶାନ୍ତ ରଣସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ କମ୍ପାନୀରେ ନିଯୁକ୍ତି ଓ ଠିକା କାମକୁ ନେଇ ବଢ଼ିଲା ବିବାଦ

# ନିଯୁକ୍ତି ଓ କାମ ପାଇଁ ୟୁନିଅନ ବାଜି ନ କରିବାକୁ ଚେତାବନୀ

ପାରାଦୀପ, ୮।୧୧ (ସମିସ)



ଢିଙ୍କିଆରେ ପ୍ରସ୍ତାବିତ ଜେଏସଡବ୍ଲ୍ୟୁ ପ୍ରକଳ୍ପରେ ଜମି ହରାଇଥିଲେ ଶହ ଶହ ପରିବାର। ଏମାନଙ୍କ ପାଇଁ ଜେଏସଡବ୍ଲ୍ୟୁ କର୍ତ୍ତୃପକ୍ଷ ଏଯାଏ କୌଣସି ନିଯୁକ୍ତି ସୁଯୋଗ ସୃଷ୍ଟି କରି ନ ଥିବା ନେଇ ଅଭିଯୋଗ ହେଉଛି। ଯେତେବେଳେ ପ୍ରଶାସନ କମ୍ପାନୀକୁ ଆଣିଲା ସେ ସମୟରେ କମ୍ପାନୀ ଓ ପ୍ରଶାସନ ଜମି ହରାଇଥିବା ପରିବାର ସଦସ୍ୟଙ୍କୁ ଠିକା କାମ ସହ ନିଯୁକ୍ତି ଦେବା ନେଇ ପ୍ରତିଶ୍ରୁତି ଦେଇଥିଲେ। ଏବେ କମ୍ପାନୀ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ପୂରଣ କରିନାହାଁନ୍ତି। ଗ୍ରାମବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନ କରିବା ବଦଳରେ ୟୁନିଅନ ଜରିଆରେ କାମ ଓ ନିଯୁକ୍ତି ଦିଆଯାଉଛି। ଯାହାକୁ ଗ୍ରାମବାସୀ ବିରୋଧ କରିବା ସହିତ କମ୍ପାନୀ ନିକଟରେ ଥିବା ଏକ ନିର୍ଦ୍ଦିଷ୍ଟ ଶ୍ରମିକ ୟୁନିଅନକୁ ବନ୍ଦ କରିଛନ୍ତି। ଆଜି ଅପରାହ୍ନରେ ଏକ ବିଶାଳ ରାଲିରେ ଶହ ଶହ ମହିଳା ଓ ପୁରୁଷ ସାମିଲ ହୋଇ ଉକ୍ତ ୟୁନିଅନ ଘରେ ଥିବା ଚେୟାର ଓ ଟେବୁଲକୁ କାଢ଼ି ଦେଇଛନ୍ତି। ସେଠାରେ ୟୁନିଅନ କରି ଅସାମାଜିକ ଯୁବକଙ୍କୁ ପ୍ରଶୟ ନ ଦେବାକୁ ସରକାରୀ ଜାଗାରେ ଘର କରିଥିବା ଘର ମାଲିକଙ୍କୁ ଚେତାବନୀ ଦେଇଛନ୍ତି।

ସେମାନଙ୍କ ଦାବି ଅନୁସାରେ, କମ୍ପାନୀକୁ ଆମେ ଜମି ଦେଇଛୁ। ଏଠାରେ ପ୍ରକଳ୍ପ ହେଲେ ଆମ ପିଲା ନିଯୁକ୍ତି ଓ ଆତ୍ମନିଯୁକ୍ତି ପାଇବେ। କମ୍ପାନୀ ଆରମ୍ଭ ପୂର୍ବରୁ ଶ୍ରମିକ ୟୁନିଅନ କରି ଆତଙ୍କ ସୃଷ୍ଟି କରୁଛି। ଜମି ଅଧିଗ୍ରହଣ ସମୟରେ ଦେଇଥିବା ପ୍ରତିଶ୍ରୁତିକୁ ଏବେ ମାନୁନାହିଁ। ଏହାର ଘୋର ବିରୋଧ କରାଯିବ। ଏଥିସହିତ କମ୍ପାନୀରେ କାମ କରୁଥିବା ବିଭିନ୍ନ ଠିକା ସଂସ୍ଥାଠାରୁ ୟୁନିଅନ ମାଧ୍ୟମରେ ଲକ୍ଷାଧିକ ଟଙ୍କାର ବଟି ଆଦାୟ କରାଯାଇଛି। ଆମ ପିଲାଙ୍କ ନିଯୁକ୍ତି କଥା କମ୍ପାନୀ ଅଧିକାରୀଙ୍କ ସହ ଆଲୋଚନା କଲେ, ସେମାନେ ରାକେଶ ପଟ୍ଟନାୟକଙ୍କୁ ଦେଖାକରି ତାଙ୍କ ୟୁନିଅନରେ ସାମିଲ ହେବାକୁ କହୁଛନ୍ତି। ଆମେ କମ୍ପାନୀ ସପକ୍ଷରେ ରହି ଆମର ଭାତ ହାଣ୍ଡି ଭଳି ଜମି କମ୍ପାନୀକୁ ଟେକି ଦେଇଥିଲୁ କ'ଣ ୟୁନିଅନ ଜରିଆରେ ଚାକିରି କରିବୁ ବୋଲି ପ୍ରଶ୍ନ କରିଛନ୍ତି ଗ୍ରାମବାସୀ। ଆମେ ଏଠାରେ ୟୁନିଅନ ଘର କି ୟୁନିଅନ କରାଇ ଦେବୁନାହିଁ ବୋଲି ସେମାନେ ସ୍ପଷ୍ଟ କରିଛନ୍ତି। କମ୍ପାନୀ ଆମ ଜମି ନେଇଛି, ଆମ ପିଲାଙ୍କୁ ସିଧାସଳଖ ଚାକିରି ଦେବ। କମ୍ପାନୀରେ ଆମ ପିଲା ଠିକା କାମ କରିବେ ବୋଲି ଯେଉଁ ପ୍ରତିଶ୍ରୁତି ଦିଆଯାଇଥିଲା, ତାହାକୁ କମ୍ପାନୀ ପାଳନ କରୁ। ନଚେତ ଭିନ୍ନ ପରିସ୍ଥିତି ସୃଷ୍ଟି ହେବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏହି ରାଲିରେ ଢିଙ୍କିଆ, ନୂଆଗାଁ, ଗୋବିନ୍ଦପୁର, ମାହାଳ, ବାୟାନାଳକନ୍ଦା, ନୋଳିଆସାହି, ଗଡ଼କୁଜଙ୍ଗ ପ୍ରଭୃତି ଗ୍ରାମର ଶହ ଶହ ଲୋକେ ସାମିଲ ହୋଇଥିଲେ।

## ବିନା ସୂଚନା ଫଳକରେ ନିର୍ମାଣାଧୀନ କାମକୁ ଗ୍ରାମବାସୀଙ୍କ ବିରୋଧ

# ଛାତ୍ରଛାତ୍ରୀ ମୁଖ୍ୟମନ୍ତ୍ରୀ ଓ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ଭଦ୍ରକ, ୮ ।୧୧(ସମିସ)



ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ନାୟକାଣୀଡ଼ିହି ପଞ୍ଚାୟତ ଅଧୀନ ମଲ୍ଲିକାଦେଇପୁର ଗାଁରେ ବନ ବିଭାଗ ପକ୍ଷରୁ ବନ ସୁରକ୍ଷା ସମିତିର ଏକ କାର୍ଯ୍ୟାଳୟ ନିର୍ମାଣ ପାଇଁ ସରକାରଙ୍କର ଏକ ପ୍ରକଳ୍ପ ରହିଛି। ଉକ୍ତ ପ୍ରକଳ୍ପଟିକୁ ନାୟକାଣୀଡ଼ିହି ପଞ୍ଚାୟତ ଅଧୀନ ମଲ୍ଲିକାଦେଇପୁର ମୌଜାର ଖାତା ନୋ ୩୬୫, ଓ ପ୍ଲଟ ନୋ ୪୫୫, କିସମ-ବସ୍ତିଯୋଗ୍ୟ ୨.୪୮ ଡିସିମିଲ ସରକାରୀ ଜମି ଉପରେ ବାସୁଦେବପୁର ପଞ୍ଚାୟତ ସମିତି ପକ୍ଷରୁ ୮ ଲକ୍ଷ ୫୦ ହଜାର ଟଙ୍କାର ଦୁଇ ମହଲା ବିଶିଷ୍ଟ ଗୃହ ନିର୍ମାଣ କରିବାକୁ ପ୍ରସ୍ତାବ ରହିଛି। ହେଲେ ଏହି ପ୍ଲଟଟି ବସ୍ତି ଯୋଗ୍ୟ ହୋଇଥିବା ବେଳେ ଏଠାରେ କିଭଳି ଏକ ସରକାରୀ କାର୍ଯ୍ୟାଳୟର ନିର୍ମାଣ କରାଯାଉଛି। ନବଘନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ନବଘନ ମହାବିଦ୍ୟାଳୟକୁ ଲାଗି ରହିଥିବାରୁ ପିଲାମାନେ ଏହାକୁ ଖେଳ ପଡ଼ିଆ ଭାବେ ବ୍ୟବହାର କରୁଛନ୍ତି। କରଞ୍ଜଆଡିଆ ନୋଡାଲ ଉଚ୍ଚ ବିଦ୍ୟାଳୟ, ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ, ବାଲିଘାଇ ପ୍ରାଥମିକ ବିଦ୍ୟାଳୟ ଓ ସ୍ଥାନୀୟ ଅଞ୍ଚଳର ଅନ୍ୟ ବେସରକାରୀ ଶିକ୍ଷା ଅନୁଷ୍ଠାନ ଗୁଡିକର ଖେଳପଡ଼ିଆ ନଥିବାରୁ ସେମାନେ ଉକ୍ତ ପଡ଼ିଆକୁ ଖେଳପଡ଼ିଆ ଭାବେ ବ୍ୟବହାର କରି ସେମାନଙ୍କର ବାର୍ଷିକ ଖେଳ ଉତ୍ସବ ବର୍ଷ ବର୍ଷ ଧରି ସେଠାରେ ଆୟୋଜନ କରି ଆସୁଛନ୍ତି। ନବଘନ ମହାବିଦ୍ୟାଳୟ ଓ ନବଘନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୩୦୦ରୁ ଉର୍ଦ୍ଧ୍ୱ ବିଭିନ୍ନ ବିଭାଗର ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ସେମାନଙ୍କ ପାଇଁ ଖେଳପଡ଼ିଆ ନାହିଁ। ତେଣୁ ଏହି କଲେଜର ଛାତ୍ରଛାତ୍ରୀ କଲେଜ ଆରମ୍ଭ ହେବା ଦିନରୁ ଏହାକୁ ନିଜର ଖେଳ ପଡ଼ିଆ ଭାବେ ବ୍ୟବହାର କରି ଆସୁଛନ୍ତି। ଏହାସହ ଏହି ପଡ଼ିଆରେ ବିଭିନ୍ନ ପ୍ରକାର ସରକାରୀ ଓ ବେସରକାରୀ ସଭାସମିତି, ମହୋତ୍ସବ, ପର୍ବ ପର୍ବାଣିରେ ସାମୂହିକ ଲୋକେ ଏହାକୁ ବ୍ୟବହାର କରି ଆସୁଛନ୍ତି। ଏହି ପଡ଼ିଆଟି ନାୟକାଣୀଡ଼ିହି ଓ ଗୋବିନ୍ଦପୁର ପଞ୍ଚାୟତ ସୀମାନ୍ତ ଅଞ୍ଚଳ ହୋଇଥିବାରୁ ଏଠାରେ ପ୍ରତ୍ୟେକ ଦିନ ଦୁଇ ପଞ୍ଚାୟତର ସହ ସହ ପିଲା ଖେଳୁଛନ୍ତି। ଏହି ଦୁଇ ପଞ୍ଚାୟତରେ କ୍ରୀଡା ଭିତିଭୂମିର ଅଭାବ ଯୋଗୁଁ ଓ ସେଭଳି ଉପଯୁକ୍ତ ପଡ଼ିଆ ନ ଥିବାରୁ ଲୋକେ ଏହାକୁ ପୁରୁଷ ପୁରୁଷ ଧରି ବ୍ୟବହାର କରି ଆସୁଛନ୍ତି। ବିଭିନ୍ନ ଅଞ୍ଚଳରୁ ଉଚ୍ଚ ଶିକ୍ଷା ପାଇଁ ନବଘନ କଲେଜକୁ ଆସୁଥିବା ଛାତ୍ରଛାତ୍ରୀ ସେମାନଙ୍କ ପଢ଼ା ସାରି ସେମାନଙ୍କର କଲେଜର ଖେଳ ପଡ଼ିଆ ନ ଥିବାରୁ ଉକ୍ତ କଲେଜକୁ ଲାଗି ଥିବା ପଡ଼ିଆକୁ ସେମାନେ ନିଜର ଖେଳ ପଡ଼ିଆ ଭାବେ ବ୍ୟବହାର କରି ଆସୁଛନ୍ତି। କ୍ରୀଡ଼ାର ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ସରକାର ବିଭିନ୍ନ ପ୍ରକାର ଯୋଜନା କରୁଥିବା ବେଳେ ଏଠାରେ କିଭଳି ଖେଳପଡ଼ିଆ ଭାବେ ବ୍ୟବହାର କରୁଥିବା ବସ୍ତି ଯୋଗ୍ୟଥିବା କିସମକୁ ଏକ ସରକାରୀ କାର୍ଯ୍ୟାଳୟ ସ୍ଥାପନ କରାଯାଉଛି। ବିନା ଫଳକରେ ଏହାର ନିର୍ମାଣ କାର୍ଯ୍ୟର ତଳସ୍ତର ସମାପ୍ତ ହୋଇଛି। ପୁଣି ଏହି ପ୍ରକଳ୍ପଟି ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ବିନା ଫଳକରେ କେମିତି ହୋଇପାରୁଛି; ଯାହା ଅଞ୍ଚଳବାସୀଙ୍କୁ ଚକିତ କରିଛି। ସାମୂହିକ ସ୍ୱାର୍ଥରେ ବ୍ୟବହାର କରାଯାଉଥିବା ପଡ଼ିଆ ଉପରେ ହେଉଥିବା ନିର୍ମାଣ କାର୍ଯ୍ୟକୁ ବିରୋଧ କରି ଗ୍ରାମବାସୀ ସମେତ ଶତାଧିକ କଲେଜ ଛାତ୍ରଛାତ୍ରୀ ମୁଖ୍ୟମନ୍ତ୍ରୀ ଓ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ଏହି ପ୍ରକଳ୍ପକୁ ଅନ୍ୟତ୍ର ସ୍ଥାନାନ୍ତରିତ କରିବାକୁ ଦାବି ରଖିଛନ୍ତି। ଯଦି ଏହାର ଉପଯୁକ୍ତ ତଦନ୍ତ କରି ପ୍ରକଳ୍ପଟିକୁ ଅନ୍ୟତ୍ର ସ୍ଥାନାନ୍ତରିତ କରା ନ ଯାଏ ତେବେ ଗ୍ରାମବାସୀ ଓ କଲେଜ ଛାତ୍ରଛାତ୍ରୀ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

**୩ ଦିନ ଭିତରେ ପ୍ରକଳ୍ପକୁ ଅନ୍ୟତ୍ର ସ୍ଥାନାନ୍ତର ନ ହେଲେ ଆନ୍ଦୋଳନ**

## ସିଆଇଟିୟୁର ୭ମ ଜିଲ୍ଲାସ୍ତରୀୟ ସମ୍ମିଳନୀ




**ଭଦ୍ରକ, ୮ ।୧୧(ସମିସ):** ଭାରତର ସମ୍ବିଧାନ, ଧର୍ମନିରପେକ୍ଷ ଗଣତନ୍ତ୍ର ଓ ଭାରତର ସାର୍ବଭୌମତ୍ୱର ସୁରକ୍ଷା ସମେତ ଶ୍ରମିକ ସପକ୍ଷବାଦୀ ସମସ୍ତ ଶ୍ରମ ଆଇନର ସୁରକ୍ଷା, ସମସ୍ତ ସ୍କିମ ଶ୍ରମିକଙ୍କୁ ସ୍ଥାୟୀ ଶ୍ରମିକର ମାନ୍ୟତା ଦେବା ଆଦି ଦାବି କରି ସିଆଇଟିୟୁର ୭ମ ଭଦ୍ରକ ଜିଲ୍ଲା ସମ୍ମିଳନୀ ଭଦ୍ରକ ଜିଲ୍ଲା ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀର ଖୋଲା ଅଧିବେଶନ ଭଦ୍ରକ କଚେରୀ ବଜାରସ୍ଥିତ ଷ୍ଟେଟ ବ୍ୟାଙ୍କ ଛକଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସାଧାରଣ ସଭାରେ ସିଆଇଟିୟୁ ରାଜ୍ୟ ସଭାପତି ଜନାର୍ଦ୍ଦନ ପତି ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ମାରଣ ନୀତି ବିରୁଦ୍ଧରେ ଲଢେଇ କରିବାକୁ ଆହ୍ୱାନ ଜଣାଇଥିଲେ। ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣ ମାଧ୍ୟମରେ ମୋଦି ସରକାର ଶ୍ରମିକ ଛଟେଇ କରୁଥିବାରୁ ଶ୍ରୀ ପତି ଗଭୀର ଉଦବେଗ ପ୍ରକାଶ କରିଥିଲେ। ଅନ୍ୟତମ ବକ୍ତା ଭାବେ ବରିଷ୍ଠ ବାମପନ୍ଥୀ ନେତା ସନ୍ତୋଷ ଦାସ ଯୋଗଦେଇ ଶ୍ରମିକ-ଚାଷୀ-କୃଷି ଶ୍ରମିକମାନେ ଏକଜୁଟ ହୋଇ ସାମ୍ପ୍ରଦାୟିକ- କର୍ପୋରେଟ କୁଚକ୍ର ବିରୁଦ୍ଧରେ ଲଢେଇ କରିବାକୁ ଆହ୍ୱାନ ଜଣାଇଥିଲେ। ସିଆଇଟିୟୁ ରାଜ୍ୟ ସମ୍ପାଦକ ରମେଶ ଯେନା, ସିଆଇଟିୟୁ ଜିଲ୍ଲା ସଭାପତି ଦିବ୍ୟସିଂହ ନାୟକ, ସିଆଇଟିୟୁ ଜିଲ୍ଲା ସମ୍ପାଦକ କାଳନ୍ଦୀ ପାତ୍ର, ଜିଲ୍ଲା ଉପସଭାପତି ରାଧାନାଥ ଦାସ, ଅନ୍ୟତମ ଉପସଭାପତି ବିଷ୍ଣୁ ଦାଶ, ମଳୟ ଭୋଇ, ଯୁବନେତା ବିକାଶ ନାଥ ପ୍ରମୁଖ ଏହି ଖୋଲା ସଭାରେ ଉଦବୋଧନ ଦେଇଥିଲେ। ପ୍ରଥମେ ଜିଲ୍ଲା ସଭାପତି ଦିବ୍ୟସିଂହ ନାୟକ ସଂଗଠନର ପତାକା ଉତୋଳନ କରିଥିବା ବେଳେ ସଂସ୍କୃତି ଭବନ ଠାରେ ଏହି ସମ୍ମିଳନୀକୁ ରାଜ୍ୟ ସମ୍ପାଦକ ରମେଶ ଯେନା ସମ୍ମିଳନୀକୁ ଉଦଘାଟନ କରିଥିଲେ। ଏହି ସମ୍ମିଳନୀରେ ଶ୍ରମିକ ନେତା ଦିବ୍ୟସିଂହ ନାୟକ ଜିଲ୍ଲା ସଭାପତି ଭାବେ ପୁନଃ ନିର୍ବାଚିତ ହୋଇଥିବା ବେଳେ ଶ୍ରମିକ ନେତା କାଳନ୍ଦୀ ପାତ୍ର ଜିଲ୍ଲା ସମ୍ପାଦକ ଭାବେ ପୁନଃ ନିର୍ବାଚିତ ହୋଇଥିଲେ। ଶ୍ରମିକ ନେତା ରାଧାନାଥ ଦାସ, ମଳୟ ଭୋଇ, ବିଷ୍ଣୁ ଦାଶ, ସୀତା ଦାଶ ପ୍ରମୁଖ ଜିଲ୍ଲା ଉପସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ସେକ୍ ସତାରୁଦ୍ଦିନ୍, ମମତା ଯେନା ସହ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ। ଶ୍ରମିକ ନେତା ବିଷ୍ଣୁ ଦାଶ ଜିଲ୍ଲା କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ଏହି ସମ୍ମିଳନୀକୁ ଓଡ଼ିଶା କୃଷକ ସଭା ଜିଲ୍ଲା ସଭାପତି ଚନ୍ଦ୍ରଶେଖର ନାୟକ, ଓଡ଼ିଶା କ୍ଷେତମଜଦୂର ୟୁନିୟନ ଜିଲ୍ଲା ସମ୍ପାଦକ ଗିରିଧାରୀ ନାଥ, ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ରାଜ୍ୟ ସମ୍ପାଦିକା ସୁରଜିତା ନାୟକ, ବରିଷ୍ଠ ଶ୍ରମିକ ନେତା ଅଭିନ୍ନ ଚନ୍ଦ୍ର ରାୟ, ଚାଷୀ ନେତା ନିରଞ୍ଜନ ପାଣି ପ୍ରମୁଖ ଶୁଭେଚ୍ଛା ଜଣାଇ ଥିଲେ।

## କୋଠାରରେ ସ୍ୱତନ୍ତ୍ର ସେବା ଶିବିର

**ଅସୁରାଳି, ୮ ।୧୧(ସମିସ):** କୋଠାର ମା' ସାରଦା ଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ସେବା ଶିବିର ଉଦଘାଟିତ ହୋଇଯାଇଛି। ଏହିଁ ଶିବିରର ୩ୟ ଦିବସ ସ୍ଥାନୀୟ ଗୋବିନ୍ଦପୁର ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ କାଳରେ ଯୋଗ ଗୁରୁ ସଞ୍ଜୀବ ନାୟକଙ୍କ ନେତୃତ୍ୱରେ ଗୋବିନ୍ଦପୁର ପଞ୍ଚାୟତ ଅଫିସ ପ୍ରାଙ୍ଗଣରେ ଯୋଗ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୫୦ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଦ୍ୱିତୀୟ ପ୍ରହରରେ ଏକ ସ୍ୱଚ୍ଛ ଭାରତ ଉପରେ ଆଲୋଚନାଚକ୍ର ହୋଇଥିଲା। ସଭା ସଞ୍ଚାଳନ କରିଥିଲେ ଅଧ୍ୟାପକ ପ୍ରଭାତ କୁମାର ଧଳ। ସଭାରେ ସଭାପତିତ୍ୱ କରିଥିଲେ ଧୂଷୁରୀ ପ୍ରେସ ୟୁନିଅନ ସଭାପତି ସନ୍ତୋଷ ଦାସ। ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ମିଛ କବିତାର ସମ୍ପାଦକ ଦୀପ୍ତିରଞ୍ଜନ ନାୟକ। ସମ୍ମାନିତ ଅତିଥି ଭାବେ ରାଜ୍ୟ ନିଶା ନିବାରଣ ସଂଗଠନର ମହିଳା ରାଜ୍ୟ ସଭାପତି ଅଞ୍ଜନା ମହାକୁଡ, ସାମ୍ବାଦିକ ସିଦ୍ଧାର୍ଥ ମିଶ୍ର ଓ ରବୀନ୍ଦ୍ର ପାଣିଗ୍ରାହୀ ଆଲୋଚନା କରିଥିଲେ। ଶିବିରାର୍ଥୀ ପ୍ରଭୁପାଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହା ଆଗାମୀ ୧୨ତାରିଖ ପର୍ଯ୍ୟନ୍ତ ଚାଲିବ।

## ରକ୍ତଦାନ ଶିବିର: ୬୨ ୟୁନିଟ୍ ସଂଗୃହୀତ

**ଭଦ୍ରକ, ୮ ।୧୧(ସମିସ):** ଧର୍ମପ୍ରାଣା ସମାଜସେବୀ ସ୍ୱର୍ଗତ ମଙ୍ଗଳାକ୍ଷୀ ବାରିକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ଆଜି ମଙ୍ଗଳାକ୍ଷୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଭଦ୍ରକ ବନ୍ତଛକସ୍ଥିତ ସତ୍‌ସଙ୍ଗ ବିହାର ନିକଟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ରକ୍ତଭଣ୍ଡାରର ମୁଖ୍ୟ ଡାକ୍ତର ବିମଳା ମିଶ୍ରଙ୍କ ତତ୍ତ୍ୱାବଧାନରେ ବ୍ଲଡ୍ ବ୍ୟାଙ୍କର ରୂପକ କୁମାର ସେନାପତିଙ୍କ ସମେତ ଅନ୍ୟ କର୍ମଚାରୀଙ୍କ ସହଯୋଗିତାରେ ଏହି ଶିବିରର ଆୟୋଜନ ହୋଇଥିଲା। ସକାଳ ୯ଟାରୁ ଆରମ୍ଭ ହୋଇଥିବା ଏହି ଶିବିର ଅପରାହ୍ନ ୨ଟା ଶେଷ ହୋଇଥିବାବେଳେ ମୋଟ ୬୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଶିବିରଟି ଟ୍ରଷ୍ଟର ସଭାପତି ରମାକାନ୍ତ ପଲାଇଙ୍କ ପ୍ରତ୍ୟକ୍ଷ ପର୍ଯ୍ୟବେକ୍ଷଣରେ ଉଦ୍‌ଯାପିତ ହୋଇଥିଲା। ପ୍ରତ୍ୟେକ ରକ୍ତଦାତାଙ୍କୁ ଟ୍ରଷ୍ଟ ପକ୍ଷରୁ ଗୋଟାଏ ଲେଖାଏଁ ଛତା ପ୍ରଦାନ କରି ଶ୍ରୀ ପଲାଇ କୃତଜ୍ଞତା ଜ୍ଞାପନ କରିଥିଲେ। ବିଶେଷକରି ରଶ୍ମିରଞ୍ଜନ ମହାକୁଡ, ମନିଷା ପଲେଇ ଓ ମିନାକ୍ଷୀ ମହାକୁଡ ପ୍ରମୁଖ ଏହି ଶିବିରର ପରିଚାଳନାରେ ସକ୍ରୀୟ ସହଯୋଗ କରିଥିଲେ।



## ଗଞ୍ଜେଇ ଜବତ; ୨ ବେପାରୀ ଗିରଫ

**ଭଦ୍ରକ, ୮ ।୧୧(ସମିସ):** ଭଦ୍ରକ ସହରାଞ୍ଚଳ ଥାନା ପୁଲିସ୍ ୨ଜଣ ଗଞ୍ଜେଇ ବେପାରୀଙ୍କୁ ପୁଲିସ୍ ଚରମ୍ପା ରେଳଷ୍ଟେସନ ୧୧୯ନଂ. ଫାଟକ ନିକଟରୁ ଗିରଫ କରିଛି। ପ୍ରକାଶଯୋଗ୍ୟ, ଶୁକ୍ରବାର ସନ୍ଧ୍ୟାରେ ଭଦ୍ରକ ସହରାଞ୍ଚଳ ଥାନା ପୁଲିସ ପାଟ୍ରୋଲିଂ ଗାଡ଼ିକୁ ଚରମ୍ପା ଡାହାଣୀଗଡ଼ିଆ ଛକ ନିକଟରେ ଏକ ବାଇକ୍ ଦ୍ରୁତଗତିରେ ଓଭରଟେକ୍ କରିଥିଲା। ଫଳରେ ପୁଲିସ୍ ଉକ୍ତ ଗାଡିର ପିଛା କରି ଚରମ୍ପା ରେଳଷ୍ଟେସନର ୧୧୯ ନଂ ଫାଟକ ନିକଟରେ ମାଡିବସିଥିଲା। ଏହି ୨ଜଣ ଯୁବକ ହେଲେ ଭଦ୍ରକ ପୁରୁଣାବଜାର ଥାନା ଅଞ୍ଚଳର ସେକ୍ କଲିମୁଦ୍ଦିନ୍ ଓ ଅଫସର ଅନସାରୀ। ଯୁବକଦ୍ୱୟଙ୍କ ନିକଟରୁ ୬ କିଲୋ ୯୦୦ ଗ୍ରାମ ଗଞ୍ଜେଇ ସମେତ ବାଇକ୍‌ଟିକୁ ଜବତ ହୋଇଛି।



## ମାଛ ଟ୍ରକ୍ ଧକ୍କାରେ ଜଣେ ଗୁରୁତର

**ବାରିକପୁର, ୮ ।୧୧(ସମିସ):** ଭଣ୍ଡାରିପୋଖରୀ ଥାନା ଆଖୁଆପଦା ନିକଟରେ ଏକ ମାଛ ଟ୍ରକ୍ ଧକ୍କାରେ ଜଣେ ପିକପ ଚାଳକ ଗୁରୁତର ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ ଗତ ଶୁକ୍ରବାର ରାତି ପ୍ରାୟ ୧୦ ସମୟରେ ରାଜପଥରେ ଯାଉଥିବା ପିକପଟିର ଯାନ୍ତ୍ରିକ ତ୍ରୁଟି ଦେଖା ଦେଇଥିଲା। ଗାଡି ଚାଳକ ପିକଅପକୁ ରାସ୍ତା ଉପରେ ରଖି ତନଖି କରୁଥିବା ବେଳେ କଟକ ପଟୁ ଆସୁଥିବା ମାଛ ଟ୍ରକ୍ ଗାଡି ଓ ଚାଳକକୁ ଧକ୍କା ଦେଇଥିଲା। ଫଳରେ ପିକଅପ ଚାଳକ ଗୁରୁତର ହୋଇଛନ୍ତି। ପୁଲିସ ମାଛ ଟ୍ରକ୍ ଟିକୁ ଥାନାରେ ଅଟକ ରଖିଛି। ଆନ୍ଧ୍ରପ୍ରଦେଶରୁ ଆସାମକୁ ଟ୍ରକଟି ମାଛ ବୋଝେଇ କରି ଯାଉଥିବା ବେଳେ ଏଭଳି ଦୁର୍ଘଟଣା ଘଟିଥିଲା।

## ଶିଳାନ୍ୟାସକୁ ଅଢ଼େଇ ବର୍ଷ ପୂରିଲା

# ଏନ୍‌ଏସି କାର୍ଯ୍ୟାଳୟ ଓ କର୍ମଚାରୀଙ୍କ ଗୃହ ନିର୍ମାଣ ନୋହିଲା



**ଧାମନଗର, ୮ ।୧୧(ସମିସ):** ଧାମନଗର ଏନଏସି ନୂତନ କାର୍ଯ୍ୟାଳୟ ଓ କର୍ମଚାରୀ ବାସଭବନ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଟଙ୍କା ମହଜୁଦ ଅଛି; କିନ୍ତୁ ଶିଳାନ୍ୟାସକୁ ଅଢ଼େଇ ବର୍ଷ ପୂରିଥିଲେ ମଧ୍ୟ ଏ ଯାଏ ଏନଏସି ଅଫିସ ଓ କର୍ମଚାରୀଙ୍କ ନିମନ୍ତେ ଗୃହ ନିର୍ମାଣ ହୋଇପାରିନାହିଁ। ତେଣୁ ଏଥିପାଇଁ କିଏ ଦାୟୀ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟିକରିଛି। ଆଜକୁ ପ୍ରାୟ ଅଢ଼େଇ ବର୍ଷ ତଳେ ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳଙ୍କ କରକମଳରେ ଏହା ଶିଳାନ୍ୟାସ ହୋଇଥିଲା। ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ନାମ ସହିତ ଅଧ୍ୟକ୍ଷା ନିବେଦିତା ଜେନା ଓ ତତ୍କାଳୀନ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏବଂ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାରିଙ୍କ ନାମ ଥିବା ଏହି ଦୁଇ ଶିଳାନ୍ୟାସ ଫଳକ ଏସଡିପିଓଙ୍କ କାର୍ଯ୍ୟାଳୟ ନିକଟସ୍ଥ ପଡ଼ିଆରେ ଦଣ୍ଡାୟମାନ ପୂର୍ବକ ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ବିକାଶକୁ ବିଦ୍ରୂପ କରୁଛି। ଅନ୍ୟୁନ ୬ କୋଟି ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପ ନିର୍ମାଣରେ କିଏ ବାଧା ସୃଷ୍ଟି କରୁଛି। ଯାହା ଏ ଅଞ୍ଚଳ ବିକାଶର ପଥରୋଧ କରୁଛି। ଘଟଣାରୁ ଜଣାଯାଏ, ଏହି ପ୍ରକଳ୍ପର ଟେଣ୍ଡର ପୁଲିସ ହାଉସିଂ ବୋର୍ଡକୁ ଦିଆଯିବାକୁ ନିଷ୍ପତ୍ତି ହୋଇଥିଲା। ପରେ ନିର୍ବାଚନ ଆଚରଣ ବିଧିପାଇଁ ଏହି କାର୍ଯ୍ୟ ଆଗେଇ ପାରି ନଥିଲା। ନିର୍ବାଚନ ପରେ ସରକାର ଏବଂ ଜିଲ୍ଲାପାଳ ବଦଳିଲେ। ଯାହା ଫଳରେ ପୂର୍ବ ସରକାର ସମୟରେ ହୋଇଥିବା ନିଷ୍ପତ୍ତି କାର୍ଯ୍ୟକାରୀ ହୋଇ ପାରିନଥିଲା। ପରେ ଅଧ୍ୟକ୍ଷା, ମନ୍ତ୍ରୀ ଓ ସାଂସଦଙ୍କ ପ୍ରତିନିଧି ଏବଂ ଇଓଙ୍କ ଅସହମତି ଯୋଗୁଁ ସମସ୍ତ ସିଦ୍ଧାନ୍ତ ଗ୍ରହଣ କରିବାକୁ ଜିଲ୍ଲାପାଳଙ୍କୁ ଅନୁରୋଧ କରାଗଲା। ଜିଲ୍ଲାପାଳ ଏହି ପ୍ରକଳ୍ପ କାର୍ଯ୍ୟ କରିବାକୁ ଏମପିସିସିକୁ ଟେଣ୍ଡର ଦେବାକୁ ସ୍ଥିର କଲେ। ତାହା ବି ଧାର୍ଯ୍ୟ ନ ହୋଇ ପଡ଼ିରହିଛି। ଅଟକଳ ରାଶିର ୫ ଶତକଡ଼ା ଅଗ୍ରୀମ ପିସି ମଗାଯିବା ହେତୁ ଏମପିସିସି ଏହି କାର୍ଯ୍ୟରୁ ଓହରି ଯିବାକୁ ଶ୍ରେୟ ମଣିଛି। ଧାମନଗର ଏନ୍‌ଏସିର ବିକାଶରେ ବାଧା ପାଇଁ ବର୍ତ୍ତମାନର ଇଓଙ୍କ ଉଦାସୀନତା ମନୋଭାବ ହିଁ ଅନେକାଂଶରେ ଦାୟୀ। ଏହି ପ୍ରକଳ୍ପ ନିର୍ମାଣ ଓ ବସଷ୍ଟାଣ୍ଡ କାର୍ଯ୍ୟାରମ୍ଭ ପାଇଁ ପୂର୍ବ ଜିଲ୍ଲାପାଳଙ୍କ ଭଳି ବର୍ତ୍ତମାନର ଜିଲ୍ଲାପାଳଙ୍କ ଆନ୍ତରିକତା ପ୍ରକାଶ ପୂର୍ବକ ଧାମନଗର ଏନ୍‌ଏସିର ଉନ୍ନତି ଦିଗରେ ଯତ୍ନବାନ ହୋଇ ଯଥାଶୀଘ୍ର ଉକ୍ତ ଉନ୍ନତି କାର୍ଯ୍ୟ କରିବା ପାଇଁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି। ଏଥି ସହିତ ଏହି ବିଜ୍ଞାପିତ ଅଞ୍ଚଳ ପରିଷଦ ବିକାଶରେ ବାଧା ସୃଷ୍ଟି କରୁଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସହରାଞ୍ଚଳବାସୀ ଦାବି କରିଛନ୍ତି।

## କେନାଲ ରାସ୍ତାରେ ବେଆଇନ ଭାରୀଯାନ ଚଳାଚଳ



**ବାରିକପୁର, ୮ ।୧୧(ସମିସ):** ଭଣ୍ଡାରିପୋଖରୀ ଥାନା ନିକଟ ୩ ନମ୍ବର ହାଇଲେବୁଲ କେନାଲ ରାସ୍ତା ଦେଇ ଦୈନିକ ଶହଶହ ମାଲବାହୀ ଗାଡି ଚଳାଚଳ କରୁଛି। ବିଶେଷ କରି ଏହି କେନାଲ ରାସ୍ତାରେ ବାଲି ଟ୍ରାକ୍ଟର, ଗୋରୁ ଓ ଛେଳି ବୋଝେଇ ପିକଅପ, କୋଇଲା ଗାଡ଼ି, ଇଟା ଗାଡ଼ି, କାଠ ଗାଡି ଦୈନିକ ବେଆଇନ ଭାବେ ଯାଉଛି। ଜାତୀୟ ରାଜପଥର ଛତାବର ଟୋଲ ପ୍ଲାଜା ନିକଟରେ ଅନେକ ସମୟରେ ପୁଲିସ ରହୁଥିବା କାରଣରୁ ବେଆଇନ ଗାଡିଗୁଡିକ କେନାଲ ରାସ୍ତା ଦେଇ ଖସି ଯାଉଛନ୍ତି। ଏହାଛଡା ଟୋଲ ଫ୍ରି ମଧ ଛାଡ ହେଉଛି। ଯଦିଓ ବାଲି ପୋଖରୀ ନିକଟରେ ଅସ୍ଥାୟୀ ଭାବେ ମାଲବାହୀ ଗାଡିଗୁଡିକ ଠାରୁ ଅର୍ଥ ଆଦାୟ ହେଉଛି; କିନ୍ତୁ ତାହା ଟୋଲ ପ୍ଲାଜା ଠାରୁ ଢେର କମ୍ ରହିଛି। ଏହାଛଡା ବେଆଇନ ଭାବେ ମାଲ ପରିବହନ ମଧ କେନାଲ ରାସ୍ତାରେ ସୁବିଧା ହେଉଛି। ତେଣୁ ଭଦ୍ରକ ପଟୁ କଟକ ଓ ଅପରପାର୍ଶ୍ୱରୁ ଭଦ୍ରକ ଅଭିମୁଖେ ଆସୁଥିବା ଗାଡି ଗୁଡିକ ପାଇଁ ସୁରକ୍ଷିତ ହେଉଛି ତିନି ନମ୍ବର ହାଇଲେବୁଲ କେନାଲ ରାସ୍ତା। ଦିନରେ ଯେତିକି ବେଆଇନ ଗାଡି ଚଳାଚଳ କରୁଛି ରାତିରେ ଏହାର ଦଶଗୁଣ ଗାଡି ଯାଉଥିବା ସ୍ଥାନୀୟ ଲୋକମାନେ କହିଛନ୍ତି। ସ୍ଥାନୀୟ ଥାନା ପକ୍ଷରୁ ଏଭଳି ବେଆଇନ ଚଳାଚଳ ଉପରେ ରୋକ ଲଗାଇବା ଏଯାଏଁ ସମ୍ଭବ ହୋଇନାହିଁ। ଯାହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

## ହକି ଖେଳର ୧୦୦ ବର୍ଷ ପୂର୍ତ୍ତି

## ଏସ୍‌ବିଡି ଇଣ୍ଟରନ୍ୟାସନାଲ ସ୍କୁଲରେ ପ୍ରଦର୍ଶନୀ




**ଭଦ୍ରକ, ୮ ।୧୧(ସମିସ):** ହକି ଖେଳର ୧୦୦ ବର୍ଷ ପୂରଣ ନିମନ୍ତେ ଆଜି ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ଏସ୍‌ବିଡି ଇଣ୍ଟରନ୍ୟାସନାଲ ସ୍କୁଲରେ ହକିର ଏକ ବନ୍ଧୁତ୍ୱପୂର୍ଣ୍ଣ ପ୍ରଦର୍ଶନୀ ପ୍ରତିଯୋଗତା ଅନୁଷ୍ଠିତ ହୋଇଥିଲା। ଭଦ୍ରକ ସ୍ପୋର୍ଟସ ଏକାଡେମୀ ଓ ଏସ୍‌ବିଡି ସ୍ପୋର୍ଟସ ଏକାଡେମୀ ମଧ୍ୟରେ ଅନୁଷ୍ଠିତ ହେଇଥିଲା। ଏହି ପ୍ରତିଯୋଗିତାରେ ମୁଖ୍ୟ ଅତିଥି ରୂପେ ଜିଲ୍ଲାପାଳ ଦିଲୀପ ରାଉତରାଏ, ଅନ୍ୟତମ ଅତିଥି ରୂପେ ସ୍କୁଲ ଚେୟାରମ୍ୟାନ ଦେବାଶିଷ ଦୀକ୍ଷିତ, ଅଧ୍ୟକ୍ଷ ଯୁଧିଷ୍ଠିର ଦେବତା, କ୍ରୀଡା ବିଭାଗର ସ୍ୱତନ୍ତ୍ର ଅଧିକାରୀ ରମେଶ କୁମାର ମହାନ୍ତି ଓ ପୂର୍ବତନ ହକି ଖେଳାଳି ଅଟଳ ବିହାରୀ ସାମଲ ପ୍ରମୁଖ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ ଶୁଭେଚ୍ଛା ଜଣାଇଥିଲେ। ଶେଷରେ ବିଜୟୀ ଖେଳାଳିଙ୍କୁ ଟ୍ରଫୀୟି ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ରାଜେଶ୍ ନାୟକକୁ ସର୍ବଶ୍ରେଷ୍ଠ ଖେଳାଳି ରୂପେ ସମ୍ବର୍ଦ୍ଧିତ କରାଯାଇଥିଲା। ଏସ୍‌ବିଡି ସ୍ପୋର୍ଟସ ଏକାଡେମୀକୁ ଚମ୍ପିଆନ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ପ୍ରତିଯୋଗିତାକୁ ମୁଖ୍ୟ ପରିଚାଳକ ରୂପେ ମନୋଜ କୁମାର ସାହୁ, ଚିତ୍ତରଞ୍ଜନ ଜେନା, ଅପୁ ମଣ୍ଡଳ, ବଳରାମ ସାହୁ, ପିତାମ୍ବର ରେଡି, ଇତିଶ୍ରୀ ସେଠୀ ଓ ପ୍ରିୟମମ୍ବଦା ସାମଲ ପ୍ରମୁଖ ସହଯୋଗ କରିଥିଲେ।

## ବରିଷ୍ଠ ନାଗରିକ ସଂଘର ଜରୁରୀ ବୈଠକ

## 'ବରିଷ୍ଠଙ୍କୁ ସେବା ଯୋଗାଇବା ନିର୍ମାଲ୍ୟ ତୁଲ୍ୟ'



**ତିହିଡି, ୮ ।୧୧(ସମିସ):** ତିହିଡି ବ୍ଲକ ବରିଷ୍ଠ ନାଗରିକ ସଂଘର ଉପଦେଷ୍ଟା ସୁରେନ୍ଦ୍ର ନାୟକଙ୍କ ଆବାହକତ୍ୱରେ ବଡ଼ଗାଲୋ ନିକଟସ୍ଥ ଗଣେଶ ମନ୍ଦିର ସନ୍ନିକଟ ନୂତନ ଭାବେ ଉଦ୍ଘାଟିତ ସଭା ଗୃହରେ ଆଜି ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସୋମନାଥ ପାଢ଼ୀ ସଭାପତିତ୍ୱ କରିଥିଲେ। ଜୀବନର ପରାର୍ଦ୍ଧ ଜୀବନରେ ସମସ୍ତ ବରିଷ୍ଠ ନାଗରିକ ନାଜର ଆତ୍ମୀୟଙ୍କ ସେବାରେ କାଳାତିପାତ କରିବା ପାଇଁ ମତପ୍ରକାଶ ପାଇଥିଲା। ଏଥି ସଂଗେ ସଂଗେ ବ୍ୟାଙ୍କ୍, ସ୍ୱାସ୍ଥ୍ୟକେନ୍ଦ୍ର, ତହସିଲ ତଥା ପୋଷ୍ଟ ଅଫିସରେ ନାହିଁ ନ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଥିବାରୁ ସେମାନଙ୍କୁ ସେବା ଯୋଗାଇବା ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ସଂଘର କର୍ମକର୍ତ୍ତା ନିବେଦନ କରିଥିଲେ। ବରିଷ୍ଠଙ୍କୁ ସେବା ଯୋଗାଇବା ଓ ସେବା ଦେବା ନିର୍ମାଲ୍ୟ ତୁଲ୍ୟ କାର୍ଯ୍ୟ କରେ ବୋଲି ଅତିଥିମାନେ କହିଥିଲେ। ଏହି ପରିପ୍ରେକ୍ଷୀରେ ସମ୍ପାଦକ ବିଭୂତିଭୂଷଣ ସେନାପତି ସ୍ୱାଗତ ଭାଷଣ ଓ ସୁରେନ୍ଦ୍ର କୁମାର ନାୟକ ନୂତନ ସଭା ଗୃହର ବିବରଣୀ ଦେଇଥିଲେ। ଉପସଭାପତି ମହେଶ ପ୍ରସାଦ ଦାସ, ସେବା ନିବୃତ୍ତ କର୍ମଚାରୀ ଧନେଶ୍ୱର ବିଶ୍ୱାଳ, ଶିକ୍ଷାବିତ୍ ସନ୍ନ୍ୟାସୀ ଚରଣ ବ୍ରହ୍ମ, ନିତ୍ୟାନନ୍ଦ ମଲ୍ଲିକ, କୃତିବାସ ଯେନା, ରଘୁନାଥ ଯେନା, ହରିଶ୍ଚନ୍ଦ୍ର ବାରିକ, ଜଗନ୍ନାଥ ନାୟକ, ରାମନାରାୟଣ ନାୟକ, ଜୟଦେବ ଦାସ, ରଘୁନାଥ ପାତ୍ର, ଅକ୍ଷୟ କୁମାର ବ୍ରହ୍ମ, କୁଳମଣି ସାହୁ, ରବୀନ୍ଦ୍ର କୁମାର ଦାସ, ଅନାଦି ଚରଣ ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ନାଗରିକ ସଂଘର ସଂଗଠକ ଗୟାଧର ବଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଭଦ୍ରକ ଜିଲ୍ଲା: ୧୫ ବର୍ଷରେ ବଜ୍ରପାତ ନେଲାଣି ୧୪୮ ଜୀବନ

# ମୃତକ ପରିବାରକୁ ୬ କୋଟିରୁ ଊର୍ଦ୍ଧ୍ୱ ଅନୁକମ୍ପା ରାଶି ପ୍ରଦାନ

ଭଦ୍ରକ, ୮ ।୧୧(ସମିସ)



ଭଦ୍ରକ ଜିଲ୍ଲାରେ ବଜ୍ରପାତ ମୃତ୍ୟୁସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଗତ ୧୫ ବର୍ଷରେ ଜିଲ୍ଲାରେ ପ୍ରାୟ ୧୪୮ ଜଣଙ୍କ ବଜ୍ରାପାତଜନିତ ମୃତ୍ୟୁ ଘଟିଛି। ବଜ୍ରପାତ ମୃତକଙ୍କ ପରିବାରକୁ ଅନୁକମ୍ପା ରାଶି (ଏସଗ୍ରେସିଆ) ବାବଦରେ ପ୍ରାୟ ୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଅନୁଦାନ ବାବଦରେ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟଯେ, ଗତ ୨୦୧୨-୧୩ ମସିହାରେ ବଜ୍ରପାତରେ ଜିଲ୍ଲାରେ ୧୩ ଜଣଙ୍କର ମୃତ୍ୟୁ ଘଟିଥିଲା। ସେତେବେଳେ ପ୍ରତି ମୃତକଙ୍କ ପରିବାରକୁ ୧ ଲକ୍ଷ ୫୦ ହଜାର ଟଙ୍କାର ଆର୍ôଥକ ଅନୁଦାନ ପ୍ରଦାନ କରାଯାଇଥିଲା। ୨୦୧୩-୧୪ ମସିହାରେ ୬ ଜଣଙ୍କର ପ୍ରାଣ ନେଇଥିଲା ବଜ୍ରପାତ। ୨୦୧୫ରେ ଜିଲ୍ଲାରେ ୧୦ ଜଣ ଲୋକଙ୍କର ମୃତ୍ୟୁ ଘଟିଥିଲା। ୨୦୧୬ ମସିହାରେ ଜିଲ୍ଲାରେ ୧୪ ଜଣ ଲୋକଙ୍କର ବଜ୍ରାଘାତରେ ମୃତ୍ୟୁ ଘଟିଥିଲା। ସେହିପରି ୨୦୧୭ ମସିହାରେ ୨୬ ଜଣ ଲୋକଙ୍କର ବଜ୍ରପାତରେ ମୃତ୍ୟୁ ଘଟିଥିଲା। ରାଜ୍ୟ ସରକାର ଗତ ୨୦୧୫-୧୬ ମସିହାରେ ବଜ୍ରପାତ ମୃତ୍ୟୁ ଜନିତ ଅନୁକମ୍ପା ରାଶିକୁ ଦେଢ଼ଲକ୍ଷରୁ ୪ ଲକ୍ଷକୁ ବୃଦ୍ଧି କରିଥିଲେ। ୨୦୧୮ ମସିହାରେ ୧୪ ଜଣଙ୍କର ବଜ୍ରପାତରେ ମୃତ୍ୟୁ ଘଟିଥିବା ବେଳେ ୨୦୧୯ ରେ ୮ ଜଣଙ୍କର ମୃତ୍ୟୁ ଘଟିଥିଲା। ସେହିପରି ୨୦୨୦ ମସିହାରେ ୭ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨୦୨୧ରେ ୯ ଜଣଙ୍କର ମୃତ୍ୟୁ ଘଟିଥିଲା। ସେହିପରି ୨୦୨୨ରେ ୮ ଜଣ, ୨୦୨୩ରେ ୧୨ ଜଣ, ୨୦୨୪ରେ ୧୧ ଜଣ ଓ ଚଳିତ ୨୦୨୫ ମସିହା ଜୁଲାଇ ମାସ ସୁଦ୍ଧା ବଜ୍ରପାତ ଜଣଙ୍କ ଜୀବନ ନେଇଥିବା ସୂଚନା ମିଳିଛି। ବଜ୍ରପାତ ଯୋଗୁଁ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ବଜ୍ରପାତ ଜନିତ ମୃତ୍ୟୁସଂଖ୍ୟା କମାଇବା ପାଇଁ ସରକାରଙ୍କ ପକ୍ଷରୁ ସଚେତନତା କରାଯାଉଛି। ତେବେ ପୂର୍ବ ସରକାରଙ୍କ ତାଳ ଗଛ ଲଗାଇବା ପ୍ରକଳ୍ପ ଏଯାଏଁ କାର୍ଯ୍ୟକାରୀ ହୋଇନି। ତେଣୁ ବଜ୍ରପାତ ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ କରିବା ପାଇଁ ବ୍ୟାପକ ଜଣ ସଚେତନତା କାର୍ଯ୍ୟକ୍ରମ ସହ ପ୍ରତିରୋଧ ଲାଗି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ବଦଳିଲେ ଜିଲ୍ଲାର ୭ ପୁଲିସ ଅଧିକାରୀ

**ଭଦ୍ରକ, ୮ ।୧୧(ସମିସ):** ଭଦ୍ରକ ଜିଲ୍ଲା ପୋଲିସ ପ୍ରଶାସନରେ ଏକ ଅଦଳବଦଳ ହୋଇଛି। ଏଥିରେ ୭ ଜଣ ପୁଲିସ ଅଧିକାରୀଙ୍କୁ ଏସ୍‌ପି ମନୋଜ କୁମାର ରାଉତ ବଦଳି କରିଛନ୍ତି। ସୂଚନାଯୋଗ୍ୟ ଯେ, ନିକଟରେ ଭଦ୍ରକ ଜିଲ୍ଲାର ୧୧ ଏସଆଇ ପଦୋନ୍ନତି ପାଇ ଆଇଆଇସି ହୋଇଥିଲେ। ସେମାନଙ୍କ ମଧ୍ୟରୁ କିଛି ଅଧିକାରୀଙ୍କୁ ଆଜି ଏସ୍‌ପି ଥାନା ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ସେହିଭଳି ଆଉ କେତେକ ଥାନାଧିକାରୀଙ୍କୁ ମଧ୍ୟ ଗୋଟିଏ ଥାନାରୁ ଅନ୍ୟ ଥାନାକୁ ବଦଳି କରାଯାଇଛି। ବଦଳି ହୋଇଥିବା ଅଧିକାରୀମାନେ ହେଲେ କେନ୍ଦୁଆପଦା ଫାଣ୍ଡି ଅଧିକାରୀ ପଦବୀରେ ଥିବା ଶାନ୍ତନୁ ଜେନାଙ୍କୁ ଧାମରା ଥାନାଧିକାରୀ ଭାବେ ବଦଳି କରାଯାଇଛି। ସେହିଭଳି ସାବରଙ୍ଗ ଥାନା ଆଇଆଇସି ଉମାଶଙ୍କର ନାୟକଙ୍କୁ ନାୟକାଣୀଡିହି ଥାନାକୁ ପଠାଯାଇଛି। ସେଠାରେ ଥିବା ଆଇଆଇସି ରାଜଲକ୍ଷ୍ମୀ ନାୟକଙ୍କୁ ଭଣ୍ଡରିପୋଖରୀ ଥାନାର ଆଇଆଇସି ଭାବେ ଅଣାଯାଇଛି। ଭଣ୍ଡାରିପୋଖରୀ ଥାନା ଅଧିକାରୀଙ୍କ କମଳାକାନ୍ତ ଦାଶଙ୍କୁ ପୁଲିସ ହେଡକ୍ୱାର୍ଟରକୁ ଅଣାଯାଇଛି। ଧାମରା ଥାନାରେ ଥିବା ଶୋଭନ କୁମାର ସ୍ୱାଇଁଙ୍କୁ ସାବରଙ୍ଗ ଥାନା ଦାୟିତ୍ୱ ଦିଆଯାଇଛି। ପୁଲିସ ମୁଖ୍ୟାଳୟରେ ଥିବା ସବ୍ ଇନ୍ସପେକ୍ଟର ଅଭିମନ୍ୟୁ ଦାସଙ୍କୁ କେନ୍ଦୁଆପଦା ଫାଣ୍ଡିକୁ ପଠାଇଥିବା ବେଳେ ସାବରଙ୍ଗର ଏଏସଆଇ କମଳାକାନ୍ତ ନାୟକଙ୍କୁ ବନ୍ତ ଥାନାକୁ ବଦଳି କରାଯାଇଛି।

# ମୃତ ସହକର୍ମୀଙ୍କ ପରିବାରକୁ ସହାୟତା




କାମାକ୍ଷାନଗର, ୮ ।୧୧(ସମିସ): ଦୁର୍ଘଟଣାରେ ମୃତ୍ୟୁ ପରେ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କଲେ କାର୍ଯ୍ୟ କରୁଥିବା ସଂସ୍ଥାର ସହକର୍ମୀ। କାମାକ୍ଷାନଗର ଡାକଘରେ ମୃତ ସହକର୍ମୀଙ୍କ କୁନି ପୁଅ ନାଁରେ ୪୨ ହଜାର ଟଙ୍କା ଫିକ୍ସଡ ଡିପୋଜିଟ କରିଛନ୍ତି ସାଥୀ କର୍ମଚାରୀ। ସୂଚନା ଅନୁସାରେ କଙ୍କଡାହାଡ଼ ଥାନା ଖଜୁରିଆ ଗ୍ରାମର ବୁବୁନା ବାରିକ ତାଳଚେରସ୍ଥିତ କେକେସିଏଲ୍ ନାମକ ସଂସ୍ଥାରେ ଅପରେଟର ଭାବେ କାର୍ଯ୍ୟ କରୁଥିଲେ। କିଛିମାସ ପୂର୍ବେ ଡ୍ୟୁଟି ସାରି ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ସଡ଼କ ଦୁର୍ଘଟଣାରେ ତାଙ୍କ ମୃତ୍ୟୁ ହୋଇଥିଲା। ସେତେବେଳେ ତାଙ୍କ ଶୁଦ୍ଧିକ୍ରିୟା ପାଇଁ କେକେସିଏଲ୍‌ର ସାଥୀ କର୍ମଚାରୀମାନେ ୧୫ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ। ଶନିବାର ସଂସ୍ଥାର ଗ୍ରେଡର ଅପରେଟର ଦୀପ୍ତୀଶ ପଟ୍ଟନାୟକ ଓ ଅନ୍ୟ ସହକର୍ମୀମାନେ ଆଦାୟ କରିଥିବା ୪୨ ହଜାର ଟଙ୍କା ବୁବୁନାଙ୍କ ସ୍ତ୍ରୀଙ୍କୁ ପ୍ରଦାନ କରିବା ସହ ଉକ୍ତ ଟଙ୍କାକୁ ଡାକଘରେ ତାଙ୍କ ପୁଅ ନାମରେ ଏକ ଖାତା ଖୋଲି ଜମା କରିଛନ୍ତି। ବୁବୁନାଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ ଓ କୁନିପୁଅ ଅତ୍ୟନ୍ତ ଦୁର୍ବିସହ ଜୀବନ ବିତାଉଥିବା ବେଳେ ସହକର୍ମୀମାନେ ବଦାନ୍ୟତା ଦେଖାଇ ଆର୍ଥିକ ସହାୟତା କରିଥିବାରୁ ଏହାକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ଗଁଦିଆରେ ଚକଡ଼ା ପୋକ ଆତଙ୍କ; ଚିନ୍ତାରେ ଚାଷୀ

ଗଁଦିଆ, ୮ ।୧୧(ସମିସ)



ଗଁଦିଆ ବ୍ଲକ ବିଧାରପୁର ଅଞ୍ଚଳରେ ଏବେ ଧାନ କ୍ଷେତରେ ଚକଡ଼ା ପୋକ ଯୋଗୁଁ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଆଉ କିଛିଦିନ ମଧ୍ୟରେ ଧାନ ଅମଳ ହେବାକୁ ଥିବାବେଳେ ଚକଡ଼ା ପୋକ ଚାଷୀଙ୍କ ନିଦ ହଜାଇ ଦେଇଛନ୍ତି। ଧାନରେ ଏବେ ଥୋଡ଼ ଧରୁଥିବା ବେଳେ ପୋକ ଯୋଗୁଁ ଗଛ ଶୁଖିଲା ପଡ଼ି

## ୧୦ ହେକ୍ଟରରୁ ଊର୍ଦ୍ଧ୍ୱ ଜମି କ୍ଷତିଗ୍ରସ୍ତ

ନଷ୍ଟ ହୋଇଯାଉଛି। ଏଭଳି ସ୍ଥିତିରେ ଚାଷୀମାନେ ସ୍ଥାନୀୟ ଦୋକାନରୁ ଔଷଧ ଆଣି ତାକୁ ପ୍ରୟୋଗ କରୁଥିଲେ ମଧ୍ୟ କିଛି ଫଳ ମିଳୁ ନ ଥିବାର କହିଛନ୍ତି। ଏହି ଅଞ୍ଚଳର ଏକର ଏକର ଜମିରେ ଚକଡ଼ା ପୋକ ଲାଗି ଧାନ ଫସଲ ନଷ୍ଟ କରିସାରିଲେଣି। ତେବେ କୃଷି ବିଭାଗ କୌଣସି ପଦକ୍ଷେପ ନେଉ ନ ଥିବା ଚାଷୀମାନେ ଅଭିଯୋଗ କରଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ କୃଷି ଅଧିକାରୀ କହିଛନ୍ତି, ବିଧାରପୁର ସମେତେ କାବେରା ଓ ସନ୍ଥପୁର ପଞ୍ଚାୟତରେ ମଧ୍ୟ ଚକଡ଼ା ପୋକ ୧୦ ହେକ୍ଟରରୁ ଅଧିକ ଜମିର ଫସଲ ନଷ୍ଟ କରିଥିବା ସରକାରଙ୍କୁ ରିପୋର୍ଟ ଦିଆଯାଇଛି। ପଞ୍ଚାୟତକୁ ୟୁନିଟ ଭାବେ ଗ୍ରହଣ କରିବା ନିୟମ ଥିବାବେଳେ ୩୩ ପ୍ରତିଶତ ଫସଲ ନଷ୍ଟ ହୋଇଥିଲେ ଚାଷୀ କ୍ଷତିପୂରଣ ପାଇବେ। ତେବେ ସରକାର ଏ ସମ୍ପର୍କରେ ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି। ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ଡିସେମ୍ବର ୧ରୁ ବ୍ରାହ୍ମଣୀ ବନ୍ଦାଣ ଓ ନାଗନାଥେଶ୍ୱର ମହୋତ୍ସବ




ଢେଙ୍କାନାଳ, ୮ ।୧୧(ସମିସ): ସଦର ବ୍ଲକ ବଣସିଂହ ଓ ଚାଉଳିଆ ପଞ୍ଚାୟତ ବଡ଼ ନାଗେନାସ୍ଥିତ ବାବା ନାଗନାଥେଶ୍ୱର ମହାଦେବଙ୍କ ବିଜେସ୍ଥଳୀରେ ୪ର୍ଥ ଡିସେମ୍ବର ୧ରୁ ୫ତାରିଖ ପର୍ଯ୍ୟନ୍ତ ବ୍ରାହ୍ମଣୀ ବନ୍ଦାଣ ଓ ନାଗନାଥେଶ୍ୱର ମହୋତ୍ସବ ଅନୁଷ୍ଠିତ ହେବ। ଏ ନେଇ ଶନିବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଅନୁଷ୍ଠାନର ସଭାପତି ସୁଦାମ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ବୈଠକ ହୋଇଥିଲା। ଉତ୍ସବରେ ଆଧ୍ୟାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦିଆଯାଇଛି। ନୃତ୍ୟ, ସଙ୍ଗୀତ, ଭଜନ ଓ ଅନ୍ୟାନ୍ୟ ଚିତ୍ତାକର୍ଷକ କାର୍ଯ୍ୟକ୍ରମ କରାଯିବ। ଅପରାହ୍ନ ୩ଟାରେ ଉତ୍ତରାୟଣୀ ଗଙ୍ଗା ଭାବରେ ବ୍ରାହ୍ମଣୀ ନଦୀ ବନ୍ଦନା କାର୍ଯ୍ୟକ୍ରମ ଓ ସନ୍ଧ୍ୟା ୬ଟାରେ ସାଂସ୍କୃତିକ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହାସହ ମୀନାବଜାର ଓ ଦୋଳି ସହ ଖାଦ୍ୟମେଳା ଆଦି ଆୟୋଜନ କରାଯିବାକୁ ସ୍ଥିର ହୋଇଛି। ଅନୁଷ୍ଠାନ ଉପଦେଷ୍ଟା ଅବନୀ କୁମାର ମିଶ୍ର କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଆଲୋକପାତ କରିଥିଲେ। ବରିଷ୍ଠ ଉପଦେଷ୍ଟା ଜୟନ୍ତ ହୋତା, ଡ. ଶାନ୍ତିଭୂଷଣ ପଣ୍ଡା ପ୍ରମୁଖ ନିଜ ମତ ଉପସ୍ଥାପନ କରିଥିଲେ। ବିକାଶ କୁମାର ରଥ, ସବ୍ୟସାଚୀ ପାଣି, ନିତ୍ୟାନନ୍ଦ ସାହୁ, ଗୋପାଳ ଚନ୍ଦ୍ର ଦାଶ, ଜଟାଧାରୀ ବେହେରା, ଗଗନ ମହାନ୍ତି, ପ୍ରତାପ ନାଏକ, ସର୍ବେଶ୍ୱର ବ୍ରହ୍ମ, ରସାନନ୍ଦ ମହାଲିକ, ସୁଶାନ୍ତ ସାହୁ, ସାରଙ୍ଗଧର ମଲ୍ଲିକ, ରାମଚନ୍ଦ୍ର ବେହେରା, ବିଶ୍ୱନାଥ ସାହୁ ଓ ପବିତ୍ର ରାଏ ପ୍ରମୁଖ ଉପସ୍ଥିତ ରହି ନିଜ ମତ ପ୍ରଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଅଶୋକ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବାହ୍ନରେ ବ୍ରହ୍ମଣୀ ନଦୀରେ ଶୁଭଖମ୍ବ ସ୍ଥାପନ କରାଯାଇଥିଲା।

# ବସ-କୋଇଲା ବୋଝେଇ ଟ୍ରକ ଧକ୍କା; ୪ ଗୁରୁତର

ପରଜଙ୍ଗ, ୮ ।୧୧(ସମିସ): ୧୪୯ ନଂ ଜାତୀୟ ରାଜପଥର ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଝରଣବାହାଳ ଗ୍ରାମ ଛକ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଓଏସ୍‌ଆର୍‌ଟିସି ବସ ଓ କୋଇଲା ବୋଝେଇ ଟ୍ରକ ମୁହାଁମୁହିଁ ଧକ୍କା ହେବାରୁ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ବସ୍‌ରେ ଯାତ୍ରା କରୁଥିବା ଦେବରାଣୀ ଦୋରା, ସୁଜାତା ଦୋରା, ରାଜେଶ୍ୱରୀ ଦୋରା ଓ ଟ୍ରକ ଚାଳକ ରାଜେଶ ପଟେଲ। ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀ ନେଇ ବସ ଭୁବନେଶ୍ୱରରୁ ରାଉରକେଲା ଯାଉଥିବା ବେଳେ ଝରଣବାହାଳ ଛକ ନିକଟରେ ସମ୍ମୁଖରୁ ଆସୁଥିବା ଟ୍ରକ ସହ ଧକ୍କା ହୋଇଥିଲା। ପରଜଙ୍ଗ ଥାନା ଓ ଦଦରାଘାଟି ଫାଣ୍ଡି ପୁଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଜଣଙ୍କ ଅବସ୍ଥାରେ ସଙ୍କଟାପନ୍ନ ଥିବାରୁ ତାଙ୍କୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ଟ୍ରକ ଚାଳକଙ୍କ ଆଖି ଲାଗି ଯାଇଥିବାରୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି। ପୁଲିସ ଏ ନେଇ ତଦନ୍ତ ଆରମ୍ଭ କରିଛି।




## ଆମ୍ବପଲାଶ ଗ୍ରାମ ଡକାୟତି ଘଟଣାରେ ୩ ଗିରଫ

ପରଜଙ୍ଗ, ୮ ।୧୧(ସମିସ): ପରଜଙ୍ଗ ଥାନା ଆମ୍ବପଲାଶ ଗ୍ରାମରେ ସୋମବାର ସନ୍ଧ୍ୟା ସମୟରେ ସଶସ୍ତ୍ର ଡକାୟତି ଘଟଣାରେ ପୁଲିସ ତିନିଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପରଜଙ୍ଗ ଥାନା କଲଦା ଗ୍ରାମର ବିଷ୍ଣୁ ସାହୁ, ଆମ୍ବପଲାଶ ଗ୍ରାମର ମଣ୍ଟୁ ସାହୁ ଏବଂ ତାଳଚେର ଅଞ୍ଚଳର ଡୁଡୁଲ ନାଏକ। ଶନିବାର ଏମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ୮ ଜଣରୁ ଊର୍ଦ୍ଧ୍ୱ ମୁଖାପିନ୍ଧା ଦୁର୍ବୃତ୍ତ ସୋମବାର ସନ୍ଧ୍ୟାରେ ଆମ୍ବପଲାଶ ଗ୍ରାମର ରମେଶ ଚନ୍ଦ୍ର ମହାପାତ୍ର ଓ ଗଗନ ମହାପାତ୍ରଙ୍କ ଘରେ ପଶି ଫାଙ୍କା ଗୁଳିଚାଳନା କରି ପ୍ରାୟ ଅଢ଼େଇ ଲକ୍ଷ ଟଙ୍କା ସହ ୫ ଭରି ସୁନା ଅଳଙ୍କାର ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ସିସିଟିଭି ଫୁଟେଜ ଆଧାରରେ ଦୁର୍ବୃତ୍ତଙ୍କୁ ଧରିବାକୁ ପୁଲିସ ଉଦ୍ୟମ ଜାରି ରଖିଥିଲା।

## ପୋଖରୀରେ ବୁଡ଼ି ଦୁଇଭାଇ ମୃତ

ଗଁଦିଆ, ୮ ।୧୧(ସମିସ): ନିହଲପ୍ରସାଦ ଥାନା ଜେନା ସାହିରେ ପୋଖରୀରେ ବୁଡ଼ି ଦୁଇ ନାବାଳକ ଭାଇଙ୍କ ମୃତ୍ୟୁ ହୋଇଛି। ମୃତକ ଦ୍ୱୟ ହେଲେ ସାହିର ଅଭୟ କୁମାର ଦାସଙ୍କ ପୁଅ ଓମପ୍ରକାଶ ଦାସ (୧୩) ଓ ଶକ୍ତିପ୍ରସାଦ ଦାସ (୧୦)। ଅଭୟ ଗାଁ ନିକଟ ବିଲରେ କାମ କରୁଥିଲେ। ତାଙ୍କ ଦୁଇପୁଅ ଓମପ୍ରକାଶ ଓ ଶକ୍ତିପ୍ରସାଦ ତାଙ୍କ ପାଇଁ ଭାତ ନେଇ ବିଲକୁ ଯାଇଥିଲେ। ଅଭୟଙ୍କୁ ଭାତ ଦେଇ ଘରକୁ ଫେରିବା ବାଟରେ ଏକ ପୋଖରୀକୁ ଡଙ୍ଗା ଆଣିବାକୁ ଯାଇଥିଲେ। ତେବେ ଅସାବଧାନତା ଯୋଗୁଁ ଉଭୟ ବୁଡ଼ିଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ସେମନେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜି ଖୋଜି କରିଥିଲେ। ପରେ ଗୁରୁତର ଅବସ୍ଥାରେ ଦୁଇଜଣଙ୍କୁ ପୋଖରୀରୁ ଉଦ୍ଧାର କରି ନିକଟସ୍ଥ ବଡ଼ଚଣା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ମନ୍ଦିର ସଫେଇ ଓ ହନୁମାନ ଚାଳିଶା ପାଠ

ଢେଙ୍କାନାଳ, ୮ ।୧୧(ସମିସ): ଗଁଦିଆ ବ୍ଲକ ଅନ୍ନପୁର ଗ୍ରାମସ୍ଥିତ ଶ୍ରୀ ଶ୍ରୀ ତ୍ରିନାଥଜୀଉ ସଂକୀର୍ତ୍ତନ ମଣ୍ଡଳୀର ସମସ୍ତ ସଭ୍ୟସଭ୍ୟାଙ୍କୁ ନେଇ ମନ୍ଦିର ସଫେଇ କାର୍ଯ୍ୟକ୍ରମ ସହ ସାମୂହିକ ହନୁମାନ ଚାଳିଶା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସଂକୀର୍ତ୍ତନ ମଣ୍ଡଳୀର ସଭାନେତ୍ରୀ ଜ୍ୟୋତିରେଖା ମହାପାତ୍ର ଓ ସମ୍ପାଦିକା ମେନକା ସାହୁଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଗ୍ରାମର ହନୁମାନ ଓ ଶିବ ମନ୍ଦିର ଚତୁଃପାର୍ଶ୍ୱ ସଫେଇ ପରେ ହନୁମାନ ଚାଳିଶା ପାଠ କରାଯାଇଥିଲା। ଏଥିରେ କୀର୍ତ୍ତନ ମଣ୍ଡଳୀର ସଭ୍ୟା ଶକୁନ୍ତଳା ଧୀର, ପୁଷ୍ପଲତା ସାହୁ, ପାର୍ବତୀ ଦାଶ, ସରୋଜିନୀ ଦାଶ, ସୁପ୍ରଭା ଦାଶ, ସସ୍ମିତା କର, କମଳିନୀ ଧୀର, ସନ୍ଧ୍ୟାରାଣୀ ଧୀର, ସତ୍ୟଭାମା ଦାସ, ଜେମା ପରିଡ଼ା, ସୁଷମା ପରିଡ଼ା ପ୍ରମୁଖ ସାମିଲ ହୋଇଥିଲେ। ସଭ୍ୟ ନିରଞ୍ଜନ ସାହୁ, ଗୟାଧର ସାହୁ ତଥା ସଂକୀର୍ତ୍ତନ ଗୁରୁ ପ୍ରଶାନ୍ତ ସିଂହଦେଓ ଉପସ୍ଥିତ ଥିଲେ।

# ଚିଉଲପୁର ଡିଏଭି ଗୁରୁକୁଳରେ ବିଜ୍ଞାନ ପ୍ରଦର୍ଶନୀ

ଗଁଦିଆ, ୮ ।୧୧(ସମିସ): ଗଁଦିଆ ବ୍ଲକ ଚିଉଲପୁର ଡିଏଭି ଗୁରୁକୁଳ ପବ୍ଲିକ ସ୍କୁଲରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ସୌମ୍ୟପ୍ରକାଶ ନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ତଥା




ଅଧ୍ୟକ୍ଷା ସୁପ୍ରିୟା ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୪୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ କୁମାର ସାମନ୍ତ, ମୁଖ୍ୟବକ୍ତା ଭାବେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ ଓଡ଼ିଶାର ସଭାପତି ପ୍ରକୃତିବନ୍ଧୁ ହରିହର ସାହୁ, ବିଚାରକ ତଥା ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଦାଶ, ବିଜ୍ଞାନ ଶିକ୍ଷକ ଅଭୟ କୁମାର ଶତପଥୀ ଯୋଗଦେଇ ବିଜ୍ଞାନର ଉପକାରିତା ମାନବସମ୍ବଳ ବିକାଶ ପାଇଁ ଉଦ୍ଦିଷ୍ଟ ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ ୪ଟି ବର୍ଗରେ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ନର୍ସରୀରେ ବିଷ୍ଣୁପ୍ରିୟା ସେନାପତି ପ୍ରଥମ, ଶ୍ରେୟା ସନୟା ସ୍ୱାଇଁ ଦ୍ୱିତୀୟ, ତ୍ରେୟାଂଶ ବରାଳ ତୃତୀୟ, ଏଲକେଜିରେ ଦିବ୍ୟାଂଶୁ ପ୍ରସାଦ ଧୀର ପ୍ରଥମ, ଆଧିକ୍ୱା ସାମନ୍ତ ଦ୍ୱିତୀୟ, ଦୃଷ୍ଟି ପ୍ରିୟଦର୍ଶିନୀ ବାରିକ ଓ ସୌମ୍ୟରଞ୍ଜନ ମଲ୍ଲିକ ଯୁଗ୍ମ ତୃତୀୟ, ୟୁକେଜିରେ ସୂର୍ଯ୍ୟନାରାୟଣ ସାହୁ ପ୍ରଥମ, ସାଇସତ୍ୟମ ଜେନା ଓ ସାକିବ ବେହେରା ଯୁଗ୍ମ ଦ୍ୱିତୀୟ, ସିଦ୍ଧିକ୍ୱା ଦଳେଇ ତୃତୀୟ, ପ୍ରଥମ ଶ୍ରେଣୀରେ ପ୍ରତ୍ୟୁଷ କୁମାର ସାହୁ ପ୍ରଥମ, ଅଭିଜିତ ସାମନ୍ତ ଦ୍ୱିତୀୟ, ଗଣେଶ ମଲ୍ଲିକ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ଅଧ୍ୟକ୍ଷା ସୁପ୍ରିୟା ରଥ କହିଛନ୍ତି। ଏଥିରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ମିନତି ପ୍ରିୟଦର୍ଶିନୀ ସାହୁ, ପୂର୍ଣ୍ଣିମା ମଲ୍ଲିକ, ଚୁମୁକି ସେନାପତି, ଶୁଭ ସୁଲଗ୍ନା ବାରିକ ସହଯୋଗ କରିଥିଲେ।

## ହିନ୍ଦୋଳ କଲ୍ୟାଣ ସଂଗଠନର ଚାରାରୋପଣ

ଖଜୁରିଆକଟା, ୮ ।୧୧(ସମିସ): ହିନ୍ଦୋଳ କଲ୍ୟାଣ ସଂଗଠନ ପକ୍ଷରୁ ଶନିବାର ଓଡ଼ାପଡ଼ା ବ୍ଲକ ବଦାଲୁସ୍ଥିତ ଲକ୍ଷ୍ମୀପ୍ରିୟା ହାଇସ୍କୁଲରେ ଛାତ୍ରଛାତ୍ରୀଙ୍କୁ ନେଇ ପରିବେଶ ସୁରକ୍ଷା ସଚେତନତା ପଦଯାତ୍ରା ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ପ୍ରଧାନଶିକ୍ଷକ ଯୁଗଳ କିଶୋର ସାହୁଙ୍କ ସଭାପତିତ୍ୱରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଛି। ସଂଗଠନର ଆଜୀବନ ସଭ୍ୟ ରତିକାନ୍ତ ଗଡ଼ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ ଲକ୍ଷ୍ମୀଧର ମିଶ୍ର, ମୁଖ୍ୟବକ୍ତା ଭାବେ ପରିବେଶବିତ ଅମ୍ବିକା ଶତପଥୀ, ସମ୍ମାନିତ ବକ୍ତା ଭାବେ ସାମ୍ବାଦିକ ପ୍ରଶାନ୍ତ କୁମାର ଜେନାମଣି, ସଂଗଠନର ଆଜୀବନ ସଭ୍ୟ ପ୍ରହଲ୍ଲାଦ ସାମଲ, ସୁନୀଲ ବାରିକ, ରବିନ ବାରିକ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ। ସମସ୍ତ ଛାତ୍ରଛାତ୍ରୀ ଅନ୍ୟୂନ ୧୦ଟି ଚାରା ରୋପଣ କରି ଯତ୍ନ ନେବାକୁ ଆହ୍ୱାନ କରିଥିଲେ। ଶିକ୍ଷକ ସନ୍ତୋଷ ମହାପାତ୍ର, ରଶ୍ମିବାଳା ଦେହୁରୀ, ପର୍ଶୁରାମ ସାହୁ, କର୍ମଚାରୀ କୀର୍ତ୍ତନ ମହାଖୁଡ଼ ସହଯୋଗ କରିଥିଲେ। ଆଜୀବନ ସଭ୍ୟ ଅକ୍ଷୟ କୁମାର ପାଳ, ଶଙ୍କର୍ଷଣ ପାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




# ନିଖୋଜ ଛାତ୍ର ସାଲେପୁରରୁ ଉଦ୍ଧାର

ଢେଙ୍କାନାଳ, ୮ ।୧୧(ସମିସ): ସଦର ଥାନା ଅଙ୍କରାନ୍ତିପୁର ଆବାସ ଗୃହରୁ ନିଖୋଜ ହୋଇଥିବା ଦଶମ ଶ୍ରେଣୀ ଛାତ୍ରଙ୍କୁ ଦୀର୍ଘ ୧୫ ଦିନ ପରେ ପୁଲିସ ସାଲେପୁର ଅଞ୍ଚଳରୁ ଉଦ୍ଧାର କରିଛି। ଉଦ୍ଧାର ଛାତ୍ର ହେଲେ ବାଲିମି ଥାନା ପୋଥାଲୁ ଗ୍ରାମର ଲୁଲୁ ମହାପାତ୍ର ଓ ପ୍ରତିଭା ମହାରଣାଙ୍କ ପୁଅ ସୁମିତ ମହାପାତ୍ର। ସୁମିତ ଓଡ଼ାପଡ଼ାସ୍ଥିତ ଆଦର୍ଶ ସ୍କୁଲରେ ପାଠ ପଢ଼ନ୍ତି। ସେ ଅଙ୍କରାନ୍ତିପୁର ଆବାସରେ ରହି ସ୍କୁଲ ଯିବାଆସିବା କରନ୍ତି। କିନ୍ତୁ ଗତ ଅକ୍ଟୋବର ୨୪ରେ ସୁମିତ ଆବାସ ଗୃହରୁ ବାହାରିଥିଲେ ମଧ୍ୟ ସ୍କୁଲ ଯାଇ ନ ଥିଲେ। ପରେ ସ୍କୁଲ କର୍ତ୍ତୃପକ୍ଷ ସୁମିତ ସ୍କୁଲ କିମ୍ବା ଆବାସ ଗୃହରେ ନ ଥିବା ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକ ସମ୍ପର୍କୀୟଙ୍କ ଘରେ ଥିବା ସନ୍ଦେହ କରି ଖୋଜାଖୋଜି କରିଥିଲେ ମଧ୍ୟ ସୁମିତଙ୍କ ପତ୍ତା ମିଳି ନ ଥିଲା। ଏ ନେଇ ସଦର ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ ଜାରି ରଖିଥିଲା। ଶନିବାର ସୁମିତଙ୍କ ମା’ଙ୍କ ପାଖକୁ ଏକ ଫୋନ ଆସିଥିଲା। ସାଲେପୁର ଅଞ୍ଚଳର ଜଣେ ବ୍ୟକ୍ତି ସୁମିତଙ୍କ ସମ୍ପର୍କରେ ଜାଣିବାକୁ ପାଇ ମା’ଙ୍କ ପାଖକୁ ଭିଡିଓ କଲ୍‌ରେ କଥାବାର୍ତ୍ତା କରାଇଥିଲେ। ପରେ ପରିବାର ଲୋକ ଓ ପୁଲିସ ସାଲେପୁର ଥାନାରେ ପହଞ୍ଚି ସୁମିତଙ୍କୁ ଉଦ୍ଧାର କରିଥିଲେ।



## ସାଇ ସତସଙ୍ଗର ବାର୍ଷିକୋତ୍ସବ

ଢେଙ୍କାନାଳ, ୮ ।୧୧(ସମିସ): ସାଇ ସତସଙ୍ଗ ସେବା ଟ୍ରଷ୍ଟ ଆନୁକୂଲ୍ୟରେ ୩ଦିନ ବ୍ୟାପୀ ହେବାକୁ ଥିବା ବାର୍ଷିକ ଉତ୍ସବ ଉଦଘାଟିତ ହୋଇଛି। ପ୍ରଥମ ଦିନ ସାଇବାବାଙ୍କ ବିଶାଳ ଶୋଭାଯାତ୍ରା ସୌଦାମିନୀ ସ୍କୁଲ ଠାରୁ ବାହାରି ଶ୍ରୀରାମ ମଣ୍ଡପ ଅଭିମୁଖେ ଯାଇଥିଲା। ଶିରିଡ଼ିର ପୂଜକ ସାଇବାବାଙ୍କ ପୂଜା ଓ ଆଳତି କରି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରାରେ ପୁରୀର ଘଣ୍ଟୁଆମାନେ ସୁନ୍ଦର ଘଣ୍ଟ ବାଦନ କରିଥିଲେ। ଏଥିସହ କଟକର ପ୍ରସିଦ୍ଧ ସିଂଘବାଜା ଦଳ ଯୋଗଦେଇଥିଲେ। ଲଉଡ଼ିଆମାନେ ଲଉଡ଼ି ବାଡ଼ି ଖେଳ ପ୍ରଦର୍ଶନ କରିଥିଲେ। ସୁସଜ୍ଜିତ ବିମାନରେ ସାଇବାବାଙ୍କ ମୂର୍ତ୍ତିକୁ ବଜାର ପରିକ୍ରମା କରାଯାଇଥିଲା। ବାବାଙ୍କ ବିମାନ, ପାଦୁକା ମୁଖ୍ୟ ଆକର୍ଷଣ ଥିଲା। ଏଥିରେ ଶହ ଶହ ଭକ୍ତ ସାମିଲ ହୋଇଥିଲେ। ଶୋଭାଯାତ୍ରା ଶ୍ରୀରାମ ମଣ୍ଡପରେ ପହଞ୍ଚିବା ପରେ ସେଠାରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ସମସ୍ତ ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। ରବିବାର ସାଇ ସତ୍ୟନାରାୟଣ ବ୍ରତ ପୂଜା ଓ ସୋମବାର ସାଇ ସତଚରିତ ପାରାୟଣ ଅନୁଷ୍ଠିତ ହେବ ବୋଲି ଟ୍ରଷ୍ଟର ଶିବପ୍ରସାଦ ପଣ୍ଡା ସୂଚନା ଦେଇଛନ୍ତି।



# ୧୮ରୁ ସପ୍ତମ ଅଲ୍ ଇଣ୍ଡିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ

ଢେଙ୍କାନାଳ, ୮ ।୧୧(ସମିସ)

ସହିଦ ବାଜି ରାଉତଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ସପ୍ତମ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯିବ। ଏ ନେଇ ଜିଲ୍ଲା କ୍ରୀଡ଼ା ସଂଘ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ସ୍ଥାନୀୟ ମୁଖ୍ୟ ଷ୍ଟାଡିୟମରେ ୧୮ରୁ ୩୦ ତାରିଖ ପର୍ଯ୍ୟନ୍ତ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଏଥିରେ ୧୨ ଦଳ ଅଂଶଗ୍ରହଣ କରିବେ। ସେଥିମଧ୍ୟରୁ ରାଜ୍ୟର ୪ ଟିମ ରହିଥିବା ବେଳେ ୮ଟି ଟିମ ରାଜ୍ୟ ବାହାରୁ ଭାଗନେବେ। ଅଂଶଗ୍ରହଣ କରିବାକୁ ଥିବା ଟିମ୍‌ଗୁଡ଼ିକ ହେଲେ ଇନକମଟାକ୍ସ ଚେନ୍ନଇ, ପଞ୍ଜାବ ପୁଲିସ, ଏମଓାଇଜେଏଫସି ମୁମ୍ବଇ, ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ, ବ୍ୟାଙ୍କ ଅଫ ବରୋଦା, ରାଜସ୍ଥାନ ୟୁନାଇଟେଡ, ଆସାମ ରାଇଫଲ, ଡାଇମଣ୍ଡ ହରବୋର କୋଲକାତା, ସନରାଇଜ କ୍ଲବ କଟକ, ଏଆଇଏଫଏଫ ଏକାଡେମୀ। ଚଳିତବର୍ଷ ଏମିତି ଟିମ ଅଛନ୍ତି ଯେଉଁମାନେ ଓଡ଼ିଶାରେ ଆଜି ପର୍ଯ୍ୟନ୍ତ ଖେଳିନାହାନ୍ତି। ପ୍ରଥମ ଥର ଟୁର୍ଣ୍ଣାମେଣ୍ଟର ନାମ ସହିଦ ବାଜି ରାଉତଙ୍କ ନାମରେ ନାମିତ କରାଯାଇଥିବା ଜିଲ୍ଲା କ୍ରୀଡ଼ା ସଂଘ ଉପସଭାପତି ସଞ୍ଜୟ କୁମାର ଭଞ୍ଜ କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ନଳିନୀ କୁମାର ଦାସ, ଯୁଗ୍ମ ସମ୍ପାଦକ ଗୌରାଙ୍ଗ ଚରଣ ସେଠୀ, ଅଭିଜିତ ମିଶ୍ର, ମନୋଜ କୁମାର ଦାସ, ରଞ୍ଜନ କୁମାର ସାହୁ, ସତ୍ୟରଞ୍ଜନ ଭୂୟାଁ, ସୁନୀଲ କୁମାର ପଣ୍ଡା, ପ୍ରତାପ କୁମାର ମହାନ୍ତି, ଶିବ ପ୍ରସାଦ ଦାସ, ବିଭୁପ୍ରସାଦ ପଟ୍ଟନାୟକ, ପ୍ରଦ୍ୟୁମ୍ନ କୁମାର ପାଢ଼ୀ, ସରୋଜ କୁମାର ପାଢ଼ୀ, ସୁଶାନ୍ତ କୁମାର ପାଣି, ବାବୁଲି ସାହୁ, ଶ୍ୟାମ ମହାପାତ୍ର, ପ୍ରଭାତ ଛୋଟରାୟ ପ୍ରମୁଖ ଉପସ୍ଥିତ ଥିଲେ।




# ପିଏମଶ୍ରୀ ସ୍କୁଲ୍ ସମୂହର ମଡେଲ ସଂସଦ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଢେଙ୍କାନାଳ, ୮ ।୧୧(ସମିସ): ସ୍ଥାନୀୟ ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟର ପ୍ରେକ୍ଷାଳୟରେ ସମଗ୍ର ଶିକ୍ଷା ଆନୁକୂଲ୍ୟରେ ପିଏମଶ୍ରୀ ଯୋଜନା ଅଧୀନରେ ଜିଲ୍ଲାର ପ୍ରଥମ ୧୩ଟି ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ସମୂହର ଜିଲ୍ଲାସ୍ତରୀୟ ମଡେଲ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମନୋଜ ରଞ୍ଜନ ଦଳାଇ, ବ୍ରହ୍ମୋତ୍ରୀ ବିଶ୍ୱାଳ, ଗନ୍ଦିଆ ବିଇଓ ତଥା ସୁଲକ୍ଷଣା ଦେବୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ମିନତି ଦେହୁରୀ, ପରଜଙ୍ଗ ବିଇଓ ପ୍ରିୟଦର୍ଶିନୀ ନାୟକ, ହିନ୍ଦୋଳ ବିଇଓ ହରିହର ଦେହୁରୀ, କଙ୍କଡ଼ାହାଡ଼ ବିଇଓ ସାଗର ଟୁଡୁ ପ୍ରମୁଖ ଯୋଗଦେଇଥିଲେ। ଏଭଳି କାର୍ଯ୍ୟକ୍ରମ ଦ୍ୱାରା ପିଲାମାନଙ୍କ ମଧ୍ୟରେ ଗଠନମୂଳକ ରାଜନୀତିରେ ସ୍ପୃହା ଆସିବ ଏବଂ ସେମାନେ ଆଗାମୀ ଦିନରେ ଦେଶ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଆଗେଇ ଆସିବେ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ପାତ୍ର ମତବ୍ୟକ୍ତ କରିଥିଲେ। ବିଚାରକ ଭାବେ ଅବସରପ୍ରାପ୍ତ ରାଜନୀତି ବିଜ୍ଞାନ ପ୍ରାଧ୍ୟାପକ ଅଟଳ ବିହାରୀ ଦାଶ, ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ପ୍ରାଧ୍ୟାପକ ଡ. ଆଶିଷ କୁମାର ଜେନା, ଢେଙ୍କାନାଳ ମହିଳା ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ପ୍ରାଧ୍ୟାପକ ଗୋକୁଳାନନ୍ଦ ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ ଡ. ଦେବୀପ୍ରସାଦ ମିଶ୍ର ଯୋଗଦେଇଥିଲେ।



# ତାରିଣୀ ମନ୍ଦିରର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଆମ୍ବୁଲାନ୍ସ ସେବା ଲୋକାର୍ପିତ

ଘଟଗାଁ, ୮।୧୧(ସମିସ)




ଘଟଗାଁ ମା'ତାରିଣୀ ମନ୍ଦିର ଟ୍ରଷ୍ଟ ବୋର୍ଡ ତରଫରୁ ରୋଗୀମାନଙ୍କ ପାଇଁ ଆମ୍ବୁଲାନ୍ସ ସେବାକୁ ଲୋକାର୍ପିତ କରାଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ଦେବୋତ୍ତର ବିଭାଗର ଅତିରିକ୍ତ ସହକାରୀ ଦେବୋତ୍ତର କମିଶନର ବିକାଶ ଗୋଏଲ, ସ୍ଥାନୀୟ ସ୍ୱାସ୍ଥ୍ୟ ଚିକିତ୍ସାଧିକାରୀ ଡାକ୍ତର ମୁକ୍ତିକାନ୍ତ ନାୟକ, ଦେବୋତ୍ତର ଡିଭିଜିନାଲ ନିରୀକ୍ଷକ ଦକ୍ଷିଣ ମାରାଣ୍ଡି, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାଏକ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ରୋଗୀଙ୍କୁ ନେବା ସମୟରେ ଅକ୍ସିଜେନ ସହ ସ୍ୱାସ୍ଥ୍ୟ କର୍ମଚାରୀ ଓ ଆବଶ୍ୟକ ଔଷଧ ରଖିବା ବ୍ୟବସ୍ଥା ହୋଇଛି। ଏହି ଆମ୍ବୁଲାନ୍ସ ପାଇଁ ଯୋଗାଯୋଗ ପାଇଁ ଫୋନ ନମ୍ବର ୯୩୪୮୨-୯୬୭୧୧ ରଖାଯାଇଛି।

ଉଲ୍ଲେଖନୀୟ ଯେ ମନ୍ଦିର ଟ୍ରଷ୍ଟ ବୋର୍ଡର ନିଜସ୍ୱ ପାଣ୍ଠିରୁ ଆମ୍ବୁଲାନ୍ସ ସେବା ବ୍ୟବସ୍ଥା ହୋଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଏପରି କାର୍ଯ୍ୟକୁ ପ୍ରଶଂସା କରାଯାଇଛି। କାର୍ଯ୍ୟକ୍ରମକୁ ମନ୍ଦିର କର୍ମଚାରୀ ଅବନୀ ଜେନା ହରେକୃଷ୍ଣ ପଲେଇ, ଶରତ ବେହେରା, ନକୁଳ ବେଜ ପ୍ରମୁଖ ପରିଚାଳନା କରିଥିଲେ।

# ଅଜଣା ଗାଡ଼ି ଧକ୍କାରେ ଅଟୋ ଚୂର୍‌ମାର୍; ଚାଳକ ମୃତ



କେନ୍ଦୁଝର, ୮।୧୧(ସମିସ): ଅଜଣା ଗାଡ଼ି (ଓଡି-ଜିର-୯-ଯାଇ-୮୦୯୦) ଧକ୍କାରେ ଏକ ଅଟୋ ଚୁର୍‌ମାର୍ ହୋଇଯାଇଛି। ଏଥିରେ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଯୁବକ ଜଣଙ୍କ ହେଲେ ରାଇସୁଆଁ ରାଜବନ୍ଧ ସାହିର ଆକାଶ କୁମାର ମାର୍ଡି(୨୧)। ଗତକାଲି ରାତ୍ର ୧୦ଟା ପାଖାପାଖି ଆକାଶ ବଡବାପାଙ୍କୁ କରଞ୍ଜିଆ ବସଷ୍ଟାଣ୍ଡରେ ଛାଡି ଏକ ଭଡାରେ ଯାଇଥିଲେ। ଫେରୁଥିବାବେଳେ ୪୯ନମ୍ବର ଜାତୀୟ ରାଜପଥର ବଦାପଳସା ଅଶୋକ ଲିଲାଣ୍ଡ ସୋରୁମ୍ ନିକଟରେ ଏକ ଦ୍ରୁତଗାମୀ ଟ୍ରକ୍ ଅଟୋ ଟକୁ ଧକ୍କାଦେଇ ଚାଲିଯାଇଥିଲା। ଫଳରେ ଆକାଶଙ୍କ ମୃତ୍ୟୁ ଘଟିଛି। ସଦର ପୁଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଅଟୋ ସମେତ ଶବ ଜବତ କରି ତଦନ୍ତ ଚଳାଇଛି। ଏନେଇ ଏକ ମାମଲା ରୁଜୁ ହୋଇଛି। ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

# ବଳରାମପୁରରେ ବିଜ୍ଞାନ ପ୍ରଦର୍ଶନୀ



ଆନନ୍ଦପୁର, ୮।୧୧(ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ବଳରାମପୁରରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ହୋଇଯାଇଛି। ପ୍ରଧାନଶିକ୍ଷକ ଅନୀଲ କୁମାର ନାୟକ ଉଦଘାଟନ କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋପୀ ଦାସ ଏବଂ ଚିନ୍ତାମଣି ସାହୁ ବିଚାରକ ଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ଚିନ୍ମୟୀ ସେଠୀ ଓ ଶିକ୍ଷକ ବାବୁଲାଲ ନାୟକଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରକଳ୍ପର ପ୍ରଦର୍ଶନୀ ହୋଇଥିଲା। ନିବେଦିତା ଦାସ, ସୁପ୍ତିପ୍ରୀୟା ଚକ୍ର, ପ୍ରମିଳା ସେଠୀ, ସୁଷମା ଜେନା, ମାନସୀ ସାହୁ, ସୁବ୍ରତ ସାହୁ, ନାଗଭୂଷଣ ରାଉତ, ସୁଭଦ୍ରା ନାୟକ, ଆଶିଷ ସାହୁ, ରଶ୍ମି ବେହେରା, ରସାନନ୍ଦ ସାହୁ ସହଯୋଗ କରିଥିଲେ। ଛାତ୍ରଛାତ୍ରୀମାନେ ୩୨ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ।

# ପୋଖରୀରେ ପଡ଼ି ମହିଳା ମୃତ

ଭଣ୍ଡାରିପୋଖରୀ, ୮।୧୧(ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ତେସିଙ୍ଗା ପଞ୍ଚାୟତ ଭାଗଡ଼ା ଗ୍ରାମର ସରସ୍ୱତୀ ବେହେରା(୪୩) ଶୁକ୍ରବାର ମଧ୍ୟାହ୍ନରେ ଗ୍ରାମ ପୋଖରୀରେ ବୁଡ଼ି ପ୍ରାଣ ହରାଇଥିବା ଜଣାଯାଇଛି। ସ୍ଥାନୀୟ ଦମକଳ କେନ୍ଦ୍ର କର୍ମଚାରୀମାନେ ସରସ୍ୱତୀଙ୍କୁ ପୋଖରୀରୁ ଉଦ୍ଧାର କରି ମେଡିକାଲକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଥାନାରେ ୨୨/୨୫ନଂ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ କରାଯାଇଛି।

# ରାଜ୍ୟ 'ସୁରଭି'କୁ ଯିବେ ବର୍ଷା ପ୍ରିୟଦର୍ଶିନୀ ଷେଣ୍ଢ

ଭଣ୍ଡାରିପୋଖରୀ, ୮।୧୧(ସମିସ): ଭଣ୍ଡାରିପୋଖରୀ ବ୍ଲକ ମଣିନାଥପୁର ନରେନ୍ଦ୍ର କୁମାର ପରିଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏକାଦଶ ଶେଣୀ ଛାତ୍ରୀ



ବର୍ଷା ପ୍ରିୟଦର୍ଶିନୀ ଷେଣ୍ଢ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭିର ସୃଜନଶୀଳ ଲେଖା ବିଭାଗରେ ପ୍ରଥମ ସ୍ଥାନ ହାସଲ କରି ରାଜ୍ୟସ୍ତରୀୟ ଉତ୍ସବ ପାଇଁ ମନୋନୀତ ହୋଇଛନ୍ତି। ଗତ ଶୁକ୍ରବାର ଜିଲ୍ଲାସ୍କୁଲ ପରିସରରେ ଅନୁଷ୍ଠିତ ମହୋତ୍ସବରେ କୁମାରୀ ଶେଣ୍ଢଙ୍କୁ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ପ୍ରଥମ ପୁରସ୍କାର ପ୍ରଦାନ କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ସମୀର କୁମାର ଚୌଧୁରୀଙ୍କ ଉପସ୍ଥିତିରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଆଗାମୀ ସପ୍ତାହର ପ୍ରଥମ ଭାଗରେ ଭୁବନେଶ୍ୱରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବରେ କୁମାରୀ ଶେଣ୍ଢ ଅଂଶଗ୍ରହଣ କରିବେ ବୋଲି ସୂଚନା ଦିଆଯାଇଛି। ଏହି ସଫଳତା ପାଇଁ ଶନିବାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ସମ୍ପୃକ୍ତ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ରାଜ୍ୟସ୍ତରୀୟ ମହୋତ୍ସବରେ ସଫଳତା କାମନା କରାଯାଇଛି।

# ୧୬ରେ ରାଜ୍ୟସ୍ତରୀୟ ଜନଜାତି ଛାତ୍ରଛାତ୍ରୀ ସମ୍ମିଳନୀ




ଚମ୍ପୁଆ, ୮।୧୧(ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ତରଫରୁ ରାଜ୍ୟସ୍ତରୀୟ ଜନଜାତି ଛାତ୍ରଛାତ୍ରୀ ସମ୍ମିଳନୀ କେନ୍ଦୁଝରରେ ଚଳିତ ମାସ ୧୬ ଏବଂ ୧୭ ତାରିଖ ହେବାକୁ ଯାଉଛି। କନ୍ଧମାଳ, ଗଜପତି, ରାୟଗଡ଼ା, ମୟୂରଭଞ୍ଜ, ରାଉରକେଲା ଆଦି ବିଭିନ୍ନ ଅଞ୍ଚଳରୁ ପ୍ରାୟ ୧୫୦୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବା ନେଇ ଏକ ପ୍ରସ୍ତୁତି ଜୋର୍‌ସୋରରେ ଚାଲିଛି। ଏଥିରେ ଛାତ୍ରବୃତ୍ତି, ବାସଗୃହ, ଟ୍ୟୁସନ ଫି, ପାଠ୍ୟପୁସ୍ତକ, ଯୋଗାଯୋଗ ଭତ୍ତା, ପୋଷାକ ଆଦି ସୁବିଧା ସହିତ ଉଚ୍ଚଶିକ୍ଷା ଏବଂ ରୋଜଗାରମୂଳକ ପ୍ରଶିକ୍ଷଣ ଯୋଜନା ଏବଂ ସେମାନଙ୍କ ସଂସ୍କୃତିକୁ ସୁରକ୍ଷା ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରାଯିବ। ଛାତ୍ରଛାତ୍ରୀଙ୍କ ପାଇଁ ଏକ ପ୍ରଶ୍ନୋତ୍ତର ଅଧିବେଶନର ବ୍ୟବସ୍ଥା ରହିଛି। ଜନଜାତି ଛାତ୍ରଛାତ୍ରୀଙ୍କୁ ନେଇ ଏକ ଶୋଭାଯାତ୍ରା ସାଂସ୍କୃତିକ ବେଶଭୂଷା ମଧ୍ୟରେ ଆୟୋଜନ କରାଯିବ। ଏନେଇ ଅଖିଳଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସହସମ୍ପାଦକ କ୍ଷୀରୋଦ ପଣ୍ଡା, ମୟୂରଭଞ୍ଜ ବିଭାଗ ସହସଂଯୋଜକ ଚିନ୍ମୟ କୁମାର ବାରିକ, କେନ୍ଦୁଝର ଜିଲ୍ଲା ସଂଯୋଜକ ସ୍ୱରାଜ କେତନ ମହାନ୍ତ ଏବଂ ଦୀପକ ମୁଣ୍ଡା ବିଭିନ୍ନ ସୂଚନା ଦେଇଥିଲେ।

# ରାଷ୍ଟ୍ରଗୀତ 'ବନ୍ଦେ ମାତରମ୍'ର ସାମୂହିକ ଗାନ ଉତ୍ସବ



ଆନନ୍ଦପୁର, ୮।୧୧(ସମିସ): ଆନନ୍ଦପୁର ପୌରପାଳିକା ଓ ବିଭିନ୍ନ ୱବିଦ୍ୟାଳୟରେ ରାଷ୍ଟ୍ରଗୀତ 'ବନ୍ଦେମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ପାଳିତ ହୋଇଯାଇଛି। ବଙ୍କିମ୍‌ଚନ୍ଦ୍ର ଚଟୋପାଧ୍ୟାୟଙ୍କ ଦ୍ୱାରା ୧୮୭୫ ମସିହାରେ ରଚିତ ଏହି ଗୀତର ସାମୂହିକ ଗାତ ଉତ୍ସବକେନ୍ଦ୍ର ଓ ରାଜ୍ୟ ସରକାର ପକ୍ଷରୁ ପାଳନ କରାଯାଇଥିଲା ବେଳେ ଆନନ୍ଦପୁର ପୌରପାଳିକା ପକ୍ଷରୁ କଲ୍ୟାଣ ମଣ୍ଡପଠାରେ ଶୁକ୍ରବାର ଗୋଷ୍ଠୀ ସଂଗଠିକା ରାଜଶ୍ରୀ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ରଜନୀରାଣୀ ଖଟୁଆ, ନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳ, ବିଜେପି ଜିଲ୍ଲା ଉପସଭାପତି ନିରାକାର ଦଳେଇ, କାଉନ୍‌ସିଲର ରଶ୍ମିତା ବାରି, ନିବେଦିତା ବେହେରା, ଲିନାରାଣୀ ସାହୁ, ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ପୌର କର୍ମଚାରୀ ଧନୁର୍ଜୟ ଦାଶ, ଶୁଭକାନ୍ତ ଜେନା, ଅଂଶୁମାନ ପାଢ଼ୀ, ଏସ୍‌କେ. ଶାହାବାଜ ଆଲାମ, ଭାଗୀରଥ ଦାଶଙ୍କ ସହ ସ୍ୱଚ୍ଛସାଥୀ, ସ୍ୱଚ୍ଛକର୍ମୀ ଓ ସମସ୍ତ କର୍ମଚାରୀ ଏହି ରାଷ୍ଟ୍ରଗୀତ ଗାନ କରିଥିଲେ। ସେହିପରି ଆନନ୍ଦପୁର ବ୍ଲକର ବିଭିନ୍ନ ହାଇସ୍କୁଲରେ ଏହି ଉତ୍ସବ ପାଳନ କରାଯାଇଥିବା ବେଳେ ଛାତ୍ରଛାତୀମାନଙ୍କ ମଧ୍ୟରେ ରଙ୍ଗୋଲି, ଚିତ୍ରାଙ୍କନ, ବକ୍ତୃତା, ସଙ୍ଗୀତ, ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା।

# ସ୍ୱାମ ପାଟଣା କଲେଜରେ ସାଇବର ସଚେତନତା




ତୁରୁମୁଙ୍ଗା, ୮।୧୧(ସମିସ): ଦେଶ ଓ ରାଜ୍ୟରେ ସାଇବର କ୍ରାଇମ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ବେଳେ ଏଥିରେ ଅଙ୍କୁଶ ଲଗାଇବା ଏବଂ ସଚେତନତା ଉଦ୍ଦେଶ୍ୟରେ ଶନିବାର ପାଟଣା ପୁଲିସ ପକ୍ଷରୁ ପାଟଣା ବ୍ଲକ ମୁଖ୍ୟାଳୟସ୍ଥିତ ସ୍ୱାମପାଟଣା ଆଞ୍ଚଳିକ ମହାବିଦ୍ୟାଳୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇଥିଲା। କଲେଜ ଛାତ୍ରଛାତ୍ରୀ ଏବଂ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀଙ୍କ ସହ କାର୍ଯ୍ୟକ୍ରମରେ ସାଧାରଣ ଲୋକେ ଅଂଶଗ୍ରହଣ କରିଥିଲେ। ଛାତ୍ରୀଙ୍କୁ ସାଇବର ଠକେଇରୁ ସୁରକ୍ଷିତ ରହିବା ପାଇଁ ବିଭିନ୍ନ ପରାମର୍ଶ ଓ ସଚେତନତା କାର୍ଯ୍ୟକ୍ରମ ସହ ପାଲା ମାଧ୍ୟମରେ ସାଇବର ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଭାରପ୍ରାପ୍ତ ଥାନାଧିକାରୀ ସ୍ୱରୂପ ରଞ୍ଜନ ନାୟକ, ପାଟଣା ଥାନା ଏସଆଇ ଲକ୍ଷ୍ମଣ ମାଝୀଙ୍କ ସହ ଅନ୍ୟ ପୁଲିସ କର୍ମଚାରୀ ସାମିଲ ଥିଲେ। ଛାତ୍ରଛାତ୍ରୀ ମୋବାଇଲରେ ଆସୁଥିବା ଓଟିପି ଓ ଫେକ୍‌କଲ୍‌ରୁ କିଭଳି ନିଜ ଏକାଉଣ୍ଟକୁ ସୁରକ୍ଷିତ ରଖିବେ ସେନେଇ ସଚେତନ କରାଯାଇଥିଲା।

# ନୂଆପଡ଼ା ପ୍ରଚାରରେ ସଞ୍ଜୀବ

ବାରିକପୁର, ୮।୧୧(ସମିସ): ନୂଆପଡ଼ା ପାଇଁ ହେଉଥିବା ଉପନିର୍ବାଚନ ପ୍ରଚାର ଆଉ ଅଳ୍ପ କେତେ ଘଣ୍ଟା ମଧ୍ୟରେ ଶେଷ ହେବ। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ନୂଆପଡ଼ା ପ୍ରଚାର ମଇଦାନରେ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ପାଇଁ ପ୍ରଚାର କରୁଛନ୍ତି। ପ୍ରାୟ ୧୫ଦିନ ହେବ ଶ୍ରୀ ମଲ୍ଲିକ ନୂଆପଡ଼ା ନିର୍ବାଚନମଣ୍ଡଳୀର କୋମନା ବ୍ଲକରେ ରହି ପ୍ରଚାର କରୁଛନ୍ତି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ



ନିର୍ଦ୍ଦେଶକ୍ରମେ ଲୋକପ୍ରିୟ ବିଧାୟକ ସଞ୍ଜୀବ ପ୍ରତ୍ୟକ ଦିନ ବିଭିନ୍ନ ପଞ୍ଚାୟତ ଗସ୍ତ କରିଛନ୍ତି। ପଞ୍ଚାୟତର ୱାର୍ଡଗୁଡିକରେ କର୍ମୀ ବୈଠକ ଡାକି ପ୍ରଚାରକୁ ସରଗରମ କରୁଥିବା ବେଳେ ବିଜେଡି ପ୍ରାର୍ଥିନୀଙ୍କୁ ବହୁ ପରିମାଣରେ ଭୋଟଦେଇ ନବୀନ ପଟ୍ଟନାୟକ ଓ ବିଜେଡି ସପକ୍ଷରେ ସମର୍ଥନ ଲୋଡୁଛନ୍ତି। ସକାଳୁ ବିଳମ୍ବିତ ରାତି ଯାଏ ପ୍ରଚାର ମଙ୍ଗ ଧରିଥିବା ଶ୍ରୀ ମଲ୍ଲିକ ବିଜେଡି ସପକ୍ଷରେ ସର୍ବାଧିକ ଜନମତ ସୃଷ୍ଟି କରୁଥିବା ଜଣାପଡ଼ିଛି। ମହିଳା, ଛାତ୍ର, ଯୁବ ଓ ବରିଷ୍ଠ କର୍ମୀ ମାନଙ୍କୁ ନେଇ ବିଧାୟକ ଶେଷ ପର୍ଯ୍ୟାୟ ପ୍ରଚାରରେ ଉପନୀତ ହୋଇଛନ୍ତି।

# ଫେଲ୍ ମାରିଛି ମେଗା ପାନୀୟଜଳ କଳ୍ପ

ବାରିକପୁର, ୮।୧୧(ସମିସ): ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ମେଗା ପାନୀୟଜଳ ଯୋଗାଣ ପ୍ରକଳ୍ପ ସମ୍ପୂର୍ଣ୍ଣ ଭାବେ ଫେଲ ମାରିଥିବା ଅଭିଯୋଗ ହେଉଛି। ୨୦୧୬ରେ ଆଖୁଆପଦା ଆନିକଟଠାରେ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପାଇଁ କାମ ଆରମ୍ଭ ହୋଇଥିଲା। ଅତ୍ୟାଧୁନିକ ମୋଟର ଜରିଆରେ ବୈତରଣୀରୁ ପାଣି ଆଣି ଏହାକୁ ବିଶୋଧନ କରିବା ସହିତ



ପାଇପ ଯୋଗେ ଘର ଦୁଆର ମୁହଁରେ ଜଳ ଯୋଗାଇବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ପ୍ରକଳ୍ପ ସକାଶେ ପ୍ରାଥମିକ ଭାବେ ୬୭କୋଟି ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ ତିନି ବର୍ଷରେ କାମ ସାରିବାକୁ ନିର୍ଦ୍ଦେଶ ହୋଇଥିଲା। ଇତିମଧ୍ୟରେ ୮ବର୍ଷ ବିତିଯାଇଥିଲେ ସୁଦ୍ଧା ନା ପ୍ରକଳ୍ପ କାମ ସରିଛି ନା ପାଇପ ଯୋଗେ ଲୋକେ ପାଣି ପାଇ ପାରୁଛନ୍ତି। ବ୍ଲକର ୧୧୯ଟି ଗାଁକୁ ଏହି ମେଗା ପ୍ରକଳ୍ପରେ ଯୋଡ଼ା ଯାଇଥିଲେ ସୁଦ୍ଧା ସର୍ବସାଧାରଣ ସର୍ବନିମ୍ନ ୧୯ଟି ସ୍ଥାନରେ ପାଣି ମୁନ୍ଦାଏ ପାଇ ପାରିନାହାନ୍ତି। ଦୈନିକ ବୈତରଣୀରୁ ପାଣି ଆସୁଥିଲେ ବି ତ୍ରୁଟିପୂର୍ଣ୍ଣ ପାଇପ ସଂଯୋଗ କାର୍ଯ୍ୟ ଯୋଗୁଁ ଜଳ ଚାଷଜମି ଓ ରାସ୍ତାଘାଟରେ ବହିଯାଉଛି। ଯେଉଁ କେତୋଟି ସ୍ଥାନରେ ଟ୍ୟାପ ନିର୍ମାଣ ହୋଇଛି ପରିଚାଳନାଗତ ଶୂନ୍ୟତା ଯୋଗୁଁ ସେଥିରେ ମଧ୍ୟ ପାଣି ନଷ୍ଟ ହେଉଛି। ସରକାରୀ କାଗଜରେ ପ୍ରକଳ୍ପ ଚାଲୁଥିବା ଲିପିବଦ୍ଧ ହେଉଥିବା ବେଳେ ଲୋକେ କିନ୍ତୁ ଏହାଦ୍ୱାରା ଉପକୃତ ହେଉନାହାନ୍ତି। ପ୍ରକଳ୍ପ ନିର୍ମାଣ ଦାୟିତ୍ୱ ନେଇଥିବା ଘରୋଇ ସଂସ୍ଥା ଓ ଜିଲ୍ଲା ଜଳ ଏବଂ ପରିମଳ ବିଭାଗ ଅଧିକାରୀଙ୍କ ଅପାରଗତା ଯୋଗୁଁ ପ୍ରକଳ୍ପଟି ପୂର୍ଣ୍ଣାଙ୍ଗ ହେଉ ନଥିବା କୁହାଯାଉଛି। ତେଣୁ ଏହା ଉପରେ ଜିଲ୍ଲାପାଳଙ୍କ ସମେତ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ଉଜ୍ଜ୍ୱଳ ବରାଳଙ୍କ ପରଲୋକ



ଆନନ୍ଦପୁର, ୮।୧୧ (ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ଅଳତି ଗ୍ରାମର ଧର୍ମପରାୟଣା ମହିଳା ଉଜ୍ଜ୍ୱଳ ବରାଳ (୮୦)ଙ୍କର ଗତକାଲି ରାତିରେ ପରଲୋକ ଘଟିଛି। ମୃତ୍ୟୁଶଯ୍ୟା ନିକଟରେ ବଡ଼ପୁଅ ପ୍ରଭାତ ବରାଳ, ସାନପୁଅ ନରେଶ ବରାଳ, ଝିଅ ସୁରମା ବରାଳଙ୍କ ସହ ପରିବାର ସଦସ୍ୟ ବନ୍ଧୁ ପରିଜନ ଉପସ୍ଥିତ ଥିଲେ। ଖବର ପାଇ ତାଙ୍କ ଅଳତିସ୍ଥ ବାସଭବନରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରବା ସହ ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ। ଗାଁ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସାନପୁଅ ନରେଶ ମୁଖାଗ୍ନି ଦେଇଛନ୍ତି।

# ତିନି ରାତ୍ର ବାଦିପାଲା ମହାମଞ୍ଚ ଉଦ୍‌ଯାପିତ

ତେଲକୋଇ, ୮।୧୧(ସମିସ): ତେଲକୋଇ ବ୍ଲକ ପୁରୁଯୋଡା ଗ୍ରାମ କାର୍ତ୍ତିକେଶ୍ୱର ସତ୍ୟନାରାୟଣ ପୂଜା ପାଲା



ମଣ୍ଡପରେ କାର୍ତ୍ତିକ ପର୍ଣ୍ଣିମା ଉପଲକ୍ଷେ ତିନି ରାତ୍ର ବାଦିପାଲା ମହାମଞ୍ଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମବାସୀଙ୍କ ତରଫରୁ ପାରମ୍ପରିକ କାର୍ତ୍ତିକ ପୂର୍ଣ୍ଣିମା ପାଳନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ବାଦିପାଲା ଗାୟିକା ସ୍ୱରଭାରତୀ ସସ୍ମିତା ପ୍ରଧାନ ଓ ଗାୟିକା ପ୍ରତିଭା ବାସନ୍ତୀ ବେହେରା ମଧ୍ୟରେ ହୋଇଥିଲା। ସମୀକ୍ଷକ ଭାବେ ଗୋବର୍ଦ୍ଧନ ପାତ୍ର ଓ ଦେବାନନ୍ଦ ମହାନ୍ତ ଯୋଗ ଦେଇଥିଲେ। ସ୍ୱନାମଧନ୍ୟା ଗାୟିକା ଦ୍ୱହେଁ ଖୁବ୍ ସୁନ୍ଦର ପାଲା ପରିବେଷଣ କରିଥିଲେ। ଗାୟିକା ସସ୍ମିତା ପ୍ରଧାନ ଦାନବୀର ହରିଶ୍ଚନ୍ଦ୍ର କଥାବସ୍ତୁ ଅତି ସୁନ୍ଦର ଭାବେ ଦର୍ଶକଙ୍କୁ ବୁଝାଇ ମୋହିତ କରିଥିଲେ। ବାସନ୍ତୀ ବେହେରାଙ୍କ ମହାଭାରତର ଧର୍ମବୃକ୍ଷ ଓ ପାପବୃକ୍ଷ ବିଷୟବସ୍ତୁ ତଥା ସୁନ୍ଦର କଣ୍ଠସ୍ୱର ଆକର୍ଷଣ ହୋଇଥିଲା। ପାଲାପୂଜା କମିଟି ସଭାପତି ବଳଭଦ୍ର ବେହେରା, ସମ୍ପାଦକ ଭାଗୀରଥି ମହାନ୍ତ, ସଦସ୍ୟ ବସନ୍ତ ନାୟକ, ବଳରାମ ମହାନ୍ତ, ମହେଶ୍ୱର ନାୟକ, ମାଗୁଣୀ ଚରଣ ପାତ୍ର, ଚିନ୍ତାମଣୀ ପାତ୍ର, ଡିକ୍ରେଷନ ପାତ୍ର, ସୋଷେଣ କୁମାର ପାତ୍ର, ଦୁଃଖବନ୍ଧୁ ବେହେରା, ଦୁର୍ଯ୍ୟୋଧନ ମହନ୍ତ, ସନ୍ତୋଷ ନାୟକ ସହଯୋଗ କରିଥିଲେ।

# ୬୯ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଖୋ-ଖୋ ପ୍ରତିଯୋଗିତା




କେନ୍ଦୁଝର, ୮।୧୧(ସମିସ)

କେନ୍ଦୁଝର ଷ୍ଟାଡିୟମ ପଡ଼ିଆରେ ୧୭ ବର୍ଷରୁ କମ୍ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଖୋ ଖୋ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଶନିବାର ୧୪ ବର୍ଷରୁ କମ୍ ପ୍ରତିଯୋଗିତାର ଶୁଭାରମ୍ଭ ମହୋତ୍ସବ ଅନୁଷ୍ଠିତ ହୋଇଥିଲା।

ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରୁଦ୍ରନାରାୟଣ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଅବସରପ୍ରାପ୍ତ କ୍ରୀଡ଼ା ସହନିର୍ଦ୍ଦେଶକ ନୀଳମାଧବ ନନ୍ଦ, ମୁଖ୍ୟବକ୍ତା ଜ୍ୟୋତିପ୍ରକାଶ ପରିଡ଼ା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସତ୍ୟନାରାୟଣ ମହାନ୍ତ, ଶ୍ରୀକାନ୍ତ କୁମାର ବେହେରା, ମନ୍ମଥନାଥ ମହାନ୍ତ ଓଷ୍ଟା ସଭାପତି, ଓଷ୍ଟା ସମ୍ପାଦକ ରଞ୍ଜନ କୁମାର ଘଡେଇ, ଶାନ୍ତନୁ କୁମାର ମିଶ୍ର ଓଷ୍ଟାର ଉପଦେଷ୍ଟା, ମନୋଜ କୁମାର ପଣ୍ଡା, ଜିଲ୍ଲା ଶାରିରୀକ ଶିକ୍ଷାଧିକାରୀ ରାମକୃଷ୍ଣ ବେହେରା, ସମାଜସେବୀ ଦିଲୀପ କୁମାର ପଣ୍ଡା, ରବିନ୍ଦ୍ର କୁମାର ପାଢ଼ୀ କେନ୍ଦୁଝର ଆଥ୍‌ଲେଟିକ୍ ଟିମ୍‌ର ଯୁଗ୍ମ ସମ୍ପାଦକ ଉପସ୍ଥିତ ଥିଲେ। ୧୭ ବର୍ଷରୁ କମ୍ ବାଳିକା ବିଭାଗରେ ଭୁବନେଶ୍ୱର ଦଳ ଚାମ୍ପିଅନ୍ ଓ ବାଲେଶ୍ୱର ଦଳ ରନର୍ସ ଅପ୍ ହୋଇଥିବା ବେଳେ ୧୭ ବର୍ଷରୁ କମ୍ ବାଳକ ବିଭାଗର ପୁରୀ ଦଳ ଚାମ୍ପିଅନ୍ ଏବଂ ଜଗତସିଂହପୁର ଦଳ ରନର୍ସ ଅପ୍ ହୋଇଥିଲେ। ରାଜ୍ୟସ୍ତରୀୟ ୧୪ ବର୍ଷରୁ କମ୍ ବାଳକ ଓ ବାଳିକା ଖୋ ଖୋ ପ୍ରତିଯୋଗିତାର ଶୁଭାରମ୍ଭ ସଭାରେ ସହ ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ପରିଡ଼ା ବାର୍ଷିକ ବିବରଣୀ ପାଠ କରିଥିଲେ। ମୋଟ ୮୦୬ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ।

# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଦ୍ୱାଦଶ ସମାବର୍ତ୍ତନ ଉତ୍ସବ

## ୭୦୦ ଜଣଙ୍କୁ ସ୍ନାତକ ଡିଗ୍ରୀ, ୩୦ ଜଣଙ୍କୁ ସ୍ୱର୍ଣ୍ଣ ପଦକ



କଟକ/ତ୍ରିଶୂଳିଆ, ୮।୧୧(ସମିସ): ଜୀବନରେ ଆହ୍ୱାନ ବହୁତ ଆସିବ; ମାତ୍ର ମୁଖମଣ୍ଡଳରୁ ହସ ଲିଭିଯିବା ଉଚିତ୍ ନୁହେଁ। ଶିକ୍ଷା ତ ଜୀବନରେ ଏଇମାତ୍ର ଆରମ୍ଭ କରିଛ, ଆଗକୁ ଆହୁରି ଆସିବ। ଏଥିରେ ବିଚଳିତ ହେବା ମଧ୍ୟ ଉଚିତ୍ ନୁହେଁ ବୋଲି କହିଛନ୍ତି ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଓ ଆଜୀବନ ସଭାପତି ଶ୍ରୀ ଶ୍ରୀ ରବିଶଙ୍କର। ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଦ୍ୱାଦଶ ସମାବର୍ତ୍ତନ ଉତ୍ସବରେ ଅଧ୍ୟକ୍ଷତା କରି ସେ ଏହା କହିଥିଲେ। ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବା କେନ୍ଦ୍ର ସରକାରଙ୍କ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଡ. ସୁକାନ୍ତ ମଜୁମଦାର ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ପ୍ରାଚ୍ୟର ପ୍ରାଚୀନ ଶିକ୍ଷାପଦ୍ଧତି ସହ ପାଶ୍ଚାତ୍ୟର ଅଭିନବ ସଂସ୍କୃତିର ମିଶ୍ରଣ ହୋଇଥିବା କହିଥିଲେ। ଚଳିତ ବର୍ଷ ୭୦୦ ବିଦ୍ୟାର୍ଥୀଙ୍କୁ ସ୍ନାତକ ଏବଂ ସ୍ନାତକୋତ୍ତର ପ୍ରମାଣପତ୍ର ପ୍ରଦାନ କରାଯାଇଛି। ସେମାନଙ୍କ ମଧ୍ୟରୁ ୩୦ଜଣଙ୍କୁ ଉପାଧ୍ୟୁତ୍ତର (ପିଏଚଡି) ଡିଗ୍ରୀ ପ୍ରଦାନ କରାଯାଇଥିବା ବେଳେ ୩୦ ଜଣ ବିଦ୍ୟାର୍ଥୀଙ୍କୁ ସ୍ୱର୍ଣ୍ଣ, ୨୮ ଜଣଙ୍କୁ ରୌପ୍ୟ ଏବଂ ୧୮ ଜଣଙ୍କୁ କାଂସ୍ୟ ପଦକରେ ସମ୍ମାନିତ କରାଯାଇଛି। ସେମାନଙ୍କୁ କାର୍ଯ୍ୟନିର୍ବାହୀ କୁଳସଚିବ ପ୍ରଫେସର ଡ. ଅନିଲ କୁମାର ଶର୍ମା ଶପଥ ପାଠ କରାଇଥିଲେ। ଦୀକ୍ଷାନ୍ତ ସମାରୋହ କାର୍ଯ୍ୟକ୍ରମରେ ନାକ୍ ଓ ଏନବିଏ ମୁଖ୍ୟ ଡ. ଅନିଲ ସହସ୍ରବୁଦ୍ଧ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ୨୦୪୭ ସୁଦ୍ଧା ଦେଶ ବିକଶିତ ଭାରତର ସ୍ୱରୂପ ଦେଖିପାରିବ କହି ବିଦ୍ୟାର୍ଥୀମାନଙ୍କୁ ସମ୍ବୋଧିତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ତଥା ନେପାଳର ପୂର୍ବତନ ମୁଖ୍ୟ ବିଚାରପତି କଲ୍ୟାଣ ଶ୍ରେଷ୍ଠ ମଧ୍ୟ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଲକ୍ଷ୍ୟ, 'ଲର୍ଣ୍ଣ-ଲିଡ୍-ସର୍ଭ' ପ୍ରସଙ୍ଗର ଅବତାରଣା କରି ସଫଳ ସ୍ନାତକମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। କୁଳାଧ୍ୟକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ କିଭଳି ରବିଶଙ୍କରଙ୍କ ଦୂରଦୃଷ୍ଟିକୁ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟକାରୀ କରାଯାଉଛି ସେକଥା କହିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ କୁଳପତି ପ୍ରଫେସର (ଡ.) ତେଜପ୍ରତାପ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଶ୍ୱବିଦ୍ୟାଳୟ ପକ୍ଷରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସୁରେଶ ପ୍ରଭୁଙ୍କୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଥିଲା। ବିଶ୍ୱବିଦ୍ୟାଳୟର କାର୍ଯ୍ୟନିର୍ବାହୀ କୁଳସଚିବ ଡ. ଅନିଲ କୁମାର ଶର୍ମା ଧନ୍ୟବାଦ ଦେଇଥିଲେ।

# ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ | ପାନୀୟଜଳରୁ ବଞ୍ଚିତ ୪ ପଞ୍ଚାୟତବାସୀ

ଫୁଲନଖରା, ୮।୧୧(ସମିସ): ଓଡ଼ିଶାର ପ୍ରତ୍ୟେକ ଘରକୁ ଶୁଦ୍ଧ ପାନୀୟଜଳ ଯୋଗାଇ ଦେବା ନିମନ୍ତେ ତତ୍କାଳୀନ ସରକାରଙ୍କ ତରଫରୁ ୨୦୧୭ରୁ ଆରମ୍ଭ ହୋଇଥିଲା 'ବସୁଧା' ଯୋଜନା। ୪ଟି ପଞ୍ଚାୟତବାସୀ ପ୍ରାୟ ୪ ଦିନ ହେବ ଏବେ ଏହି ଯୋଜନାରେ ପାନୀୟଜଳ ପାଇବାରୁ ବଞ୍ଚିତ ହେବା ସଂଗେ ସଂଗେ ବହୁ ଅସୁବିଧାର ସମ୍ମୁଖୀନ ହେବାର ପରିଲକ୍ଷିତ ହେଉଥିବା ଜଣାପଡିଛି। ବାରଙ୍ଗ ବ୍ଲକ ୩୩ନଂ ଜୋନ୍ ଅନ୍ତର୍ଗତ କୋରକରା ପଞ୍ଚାୟତର ୩ଟି, ସାଇଁସୋ ପଞ୍ଚାୟତର ଗୋଟିଏ, ଉଖୁମା ପଞ୍ଚାୟତର ଗୋଟିଏ ଏବଂ ନଗରୀ ପଞ୍ଚାୟତର ଗୋଟିଏ ସର୍ବମୋଟ ୬ଟି ଜଳଯୋଗାଣ କେନ୍ଦ୍ରରୁ ପାନୀୟଜଳ ଯୋଗାଣ ବନ୍ଦ ହୋଇଯିବା ଫଳରେ ପଞ୍ଚାୟତର ଜନସାଧାରଣ ନିଜର ମୌଳିକ



ଆବଶ୍ୟକତାରୁ ବଞ୍ଚିତ ହୋଇ ନିଜର ଅଭିଯୋଗ ସରପଞ୍ଚଙ୍କୁ ଜଣାଇଥିଲେ। ସୂଚନାନୁଯାୟୀ, ପ୍ରତ୍ୟେକ ପଞ୍ଚାୟତର ଆର୍ଥିକ କାରବାର ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଜରିଆରେ ହେଉଥିବାବେଳେ ବର୍ତ୍ତମାନ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କଗୁଡିକ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ସହିତ ମିଶ୍ରଣ ହେଉଥିବାରୁ ଅର୍ଥ କାରବାର ଏକପ୍ରକାର ଅଚଳ

**ବିଡିଓ ଓ ସରପଞ୍ଚଙ୍କ କଥା ଶୁଣୁନି ବିଦ୍ୟୁତ୍ ବିଭାଗ**

ହୋଇପଡିଛି। ଯାହାଫଳରେ ବିଦ୍ୟୁତ୍ ବିଲ୍ ପୈଠ ହୋଇପାରୁନାହିଁ। ବିଦ୍ୟୁତ୍ ବିଲ୍ ପୈଠ ନହେବା ଯୋଗୁଁ ଟିପିସିଓଡିଏଲ୍ ପଞ୍ଚାୟତଗୁଡିକରେ ଥିବା ପଞ୍ଚାୟତିରାଜ ପରିମଳ ଗ୍ରାମ୍ୟ ଜଳଯୋଗାଣ ବିଭାଗ ଅଧୀନରେ କାର୍ଯ୍ୟକ୍ଷମ ବସୁଧା କେନ୍ଦ୍ରର ବିଦ୍ୟୁତ୍ ସଂଯୋଗ କାଟି ଦେବା ଫଳରେ ପାନୀୟଜଳ ଯୋଗାଣ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହେଉଛି। ସରପଞ୍ଚମାନେ ଲିଖିତ ଆକାରରେ ବିଦ୍ୟୁତ୍ ବିଭାଗ ତଥା ସ୍ଥାନୀୟ ଏସ୍‌ଡିଓଙ୍କୁ ଅବଗତ କରିଥିବାବେଳେ ବାରଙ୍ଗ ବ୍ଲକ୍ ବିଡିଓ ମଧ୍ୟ ଅନୁରୂପ ଭାବରେ ବିଦ୍ୟୁତ୍ ବିଭାଗକୁ ଅବଗତ କରିଥିଲେ; ହେଲେ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି କର୍ଣ୍ଣପାତ କରୁନାହାଁନ୍ତି। ବିଭାଗ ମଧ୍ୟରେ ସମନ୍ୱୟ ରହୁ ନଥିବାରୁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ବିଦ୍ୟୁତ୍ ବିଭାଗ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ସହ ତୁରନ୍ତ ଉକ୍ତ ପାନୀୟ ଜଳଯୋଗାଣ କେନ୍ଦ୍ରଗୁଡିକର ବିଦ୍ୟୁତ୍ ସଂଯୋଗ କରି ଜନସାଧାରଣଙ୍କ ଜଳକଷ୍ଟ ଦୂର କରିବା ପାଇଁ ସାଧାରଣରେ ଦାବି ହେଉଛି।

# ବାଲିଯାତ୍ରା ସମ୍ପର୍କିତ ଆଲୋଚନାଚକ୍ର

କଟକ, ୮।୧୧(ସମିସ): ପାୟଲ ଅନୁଷ୍ଠାନ ଓ ଉତ୍କଳ ସତ୍ୟସେବା ସମାଜର ମିଳିତ ଆନୁକୂଲ୍ୟରେ ଧବଳେଶ୍ୱର ଘାଟସ୍ଥିତ ରୁଦ୍ର ନିଗମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠାନର ସଭାପତି ସଂଯୋଗ କୁମାର ସାମନ୍ତରାୟଙ୍କ ପୌରୋହିତ୍ୟରେ ବାଲିଯାତ୍ରା ସ୍ମୃତିରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଉପଦେଷ୍ଟା ବସନ୍ତ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିବାବେଳେ ଅନ୍ୟତମ ଉପଦେଷ୍ଟା ଅଦୈତ କୁମାର ନାଏକ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ବୋଇତ ବନ୍ଦାଣ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ ଧବଳେଶ୍ୱର ସାରସ୍ୱତ ଆଶ୍ରମର ଅଧକ୍ଷ ଚୈତନ୍ୟ ମାନସ ମହାରାଜ। ଅର୍ଥନୀତିଜ୍ଞ ଡ ସୁନୀଲ କୁମାର ଦାସ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ସ୍ତମ୍ଭକାର ଦୀପକ କୁମାର ମହାନ୍ତ, ସମ୍ମାନିତ ଅତିଥି ଭାବେ ଡାକ୍ତର ଗାୟତ୍ରୀ ଦାସ, ବ୍ରହ୍ମାନନ୍ଦ ମହାନ୍ତି, ବସନ୍ତ କୁମାର ସେଠୀ ଏବଂ ବସନ୍ତ କୁମାର ସାହୁ ଯୋଗ ଦେଇଥିଲେ। ପାୟଲ ଅନୁଷ୍ଠାନର ସମ୍ପାଦିକା ଅନିମା ଜେନା ବିବରଣୀ ପାଠ କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଭିକାରୀ ଚରଣ ପ୍ରଧାନ।

## ଦନ୍ତା ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ ଘଟଣା

# କ୍ଷତିପୂରଣ ଦାବିରେ ରାସ୍ତାରୋକ



ଟାଙ୍ଗୀ,୮।୧୧(ସମିସ): ଦନ୍ତାହାତୀ ଆକ୍ରମଣ ଯୋଗୁଁ କଟକ ବନଖଣ୍ଡ ଡାଳିଯୋଡ଼ା ରେଞ୍ଜ ଅଧୀନ ତଥା ଟାଙ୍ଗୀ-ଚୌଦ୍ୱାର ବ୍ଲକ ସଫା ପଞ୍ଚାୟତ ଅନ୍ତର୍ଗତ ଅଭୟପୁର ଗ୍ରାମର ବଟକୃଷ୍ଣ ବେହେରା(୬୦)ଙ୍କ ମୃତ୍ୟୁ ଘଟଣାକୁ ନେଇ ଶନିବାର ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ୫୦ଲକ୍ଷ ଟଙ୍କା କ୍ଷତିପୂରଣ, ଅଭୟପୁର ଢୋଲଶାଳୁଆ ଛକଠାରୁ ଡାହାଣିଗାଡିଆ ପର୍ଯ୍ୟନ୍ତ ସୌରବାଡ଼, ସୌର ଆଲୋକ, ମୃତକଙ୍କ ପୁଅକୁ ଚାକିରି, ଉକ୍ତ ଦନ୍ତାହାତୀକୁ ଟାଙ୍କୁଲାଇଜ କରି ନେଇଯିବା ଆଦି ଦାବିରେ ସ୍ଥାନୀୟ ଲୋକେ ପୂର୍ବାହ୍ନରେ ଗ୍ରାମ ନିକଟସ୍ଥ ଟାଙ୍ଗୀ-କପିଳାସ ରାସ୍ତାକୁ ଅବରୋଧ କରିଥିଲେ। ଟାୟାର ଜାଳି ପ୍ରତିବାଦ ଜଣାଇଥିଲେ। ଦୀର୍ଘ ୩ ଘଣ୍ଟା ଧରି ରାସ୍ତା ଅବରୋଧ ଫଳରେ ଗମନାଗମନ ପ୍ରଭାବିତ ହୋଇଥିଲା। ଘଟଣାସ୍ଥଳରେ ରେଞ୍ଜର ସଚ୍ଚିଦାନନ୍ଦ ସୁବୁଦ୍ଧି, ଉପଖଣ୍ଡ ପୁଲିସ ଅଧିକାରୀ ଉମାକାନ୍ତ ନାୟକ ଓ ଭାରପ୍ରାପ୍ତ ଥାନାଧିକାରୀ ଡା ବିକାଶ ସେଠୀ ପହଞ୍ଚି ପୀଡ଼ିତ ପରିବାର ସହ ଆଲୋଚନା କଲାପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା। ତେବେ ପ୍ରାଥମିକ ପର୍ଯ୍ୟାୟରେ ମୃତକଙ୍କ ଶୁଦ୍ଧି ମଧ୍ୟରେ ଅନୁକମ୍ପା ରାଶି ୧୦ ଲକ୍ଷ ଟଙ୍କାରୁ ଅଗ୍ରୀମ ଆକାରରେ ୧ଲକ୍ଷ ଟଙ୍କା ଓ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ବନ ବିଭାଗ ପକ୍ଷରୁ ପୀଡ଼ିତ ପରିବାରକୁ ପ୍ରଦାନ କରାଯିବ ବୋଲି ଜଣାପଡିଛି। ଉକ୍ତ ଆନ୍ଦୋଳନରେ ଚନ୍ଦ୍ରମଣି ବେହେରା, ରକ୍ଷ୍ୟାନନ୍ଦ ସ୍ୱାଇଁ, ପ୍ରଦୀପ୍ତ କୁମାର ଷଡଙ୍ଗୀ, ବ୍ଲକ କଂଗ୍ରେସ ସଭାପତି ଆଶୁତୋଷ ବରାଳ, ମନୋଜ ଖିଲାର, କମ୍ୟୁନିଷ୍ଟ ନେତା ରମେଶ ଚନ୍ଦ୍ର ବେହେରା, ସ୍ଥାନୀୟ ପଞ୍ଚାୟତ ସମିତିସଭ୍ୟ ଜିତେନ୍ଦ୍ର ବଦ୍ରା, ଭଗବାନ ମହାରଣା, ଚିନ୍ମୟ ଧଳଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ଯୋଗଦେଇଥିଲେ।

# ବୟନିକାର ସ୍ୱତନ୍ତ୍ର ହସ୍ତତନ୍ତ ମେଳା



କଟକ,୮।୧୧(ସମିସ): ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ଓଡ଼ିଆ ଅସ୍ମିତାର ବାର୍ତ୍ତାବହ। ଲୋକଙ୍କୁ ସୁଲଭ ମୂଲ୍ୟରେ ଏହି ବସ୍ତ୍ର ଯୋଗାଇଦେବା ଲକ୍ଷ୍ୟରେ ବାଲିଯାତ୍ରାରେ ବୟନିକା ଦ୍ୱାରା ସ୍ୱତନ୍ତ୍ର ହସ୍ତତନ୍ତ ମେଳାର ଆୟୋଜନ କରାଯାଇଛି ବୋଲି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର କହିଛନ୍ତି। ଐତିହାସିକ କଟକ ବାଲିଯାତ୍ରାରେ ଆୟୋଜିତ ସ୍ୱତନ୍ତ୍ର ହସ୍ତତନ୍ତ ମେଳା ଗତ ବୁଧବାର ଉଦଘାଟନ କରିବା ଅବସରରେ ସେ ଏହା କହିଛନ୍ତି। ଏହି ମେଳା ନଭେମ୍ବର ୧୨ ପର୍ଯ୍ୟନ୍ତ ଚାଲୁ ରହିବ। ବୟନିକା, ସମ୍ବଲପୁରୀ ବସ୍ତ୍ରାଳୟ, ରେଶମ ଓଡ଼ିଶା, ଉତ୍କଳିକା ପକ୍ଷରୁ ସ୍ୱତନ୍ତ୍ର ଷ୍ଟଲ ଖୋଲାଯାଇଛି। ପ୍ରତ୍ୟେକ ଷ୍ଟଲରେ ୧୦+ ୨୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି। ଏହାସହ ଓଡ଼ିଶାର ୧୫ଟି ଜୋନରୁ ୬୦ଟି ସମିତି ଅଂଶଗ୍ରହଣ କରିଛନ୍ତି। ଭାରତ ସରକାରଙ୍କ ବସ୍ତ୍ର ମନ୍ତ୍ରାଳୟ ଅଧୀନରେ ଥିବା ବୁଣାକାର ସେବା କେନ୍ଦ୍ର ପକ୍ଷରୁ ଥିମ୍ ପାଭିଲିଅନ ପ୍ରସ୍ତୁତ କରାଯାଇଛି। ଯୁବପିଢ଼ିଙ୍କୁ ଏହି ସମୃଦ୍ଧ ହସ୍ତତନ୍ତ ବିଷୟରେ ଅବଗତ କରାଇବା ପାଇଁ ଥିମ ପାଭିଲିଅନରେ ଲାଇଭ ଡେମନଷ୍ଟ୍ରେସନ ବ୍ୟବସ୍ଥା କରାଯାଇଛି। କାର୍ଯ୍ୟକ୍ରମରେ ବୟନିକା, ରେଶମ ଓଡ଼ିଶାର ପରିଚାଳନା ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ବିକ୍ରମାଦିତ୍ୟ ବାରିକ, ହସ୍ତଶିଳ୍ପର ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ପ୍ରତାପ ଚନ୍ଦ୍ର ହୋତା, ସମ୍ବଲପୁରୀ ବସ୍ତ୍ରାଳୟର ପରିଚାଳନା ନିର୍ଦ୍ଦେଶକ ଦେବଜିତ ନନ୍ଦୀ, ହସ୍ତଶିଳ୍ପ ଉପନିର୍ଦ୍ଦେଶକ ମାନଗୋବିନ୍ଦ ଜେନା ଉପସ୍ଥିତ ଥିଲେ।

# ଅଭିନେତା ଅଶ୍ରୁମୋଚନଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ

କଟକ,୮।୧୧(ସମିସ): ଓଲିଉଡ୍ ଅଭିନେତା ଅଶ୍ରୁମୋଚନ ମହାନ୍ତିଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ଶନିବାର ସକାଳୁ ସୁଟିଂ ସାରି ଫେରୁଥିବା ବେଳେ ଭାରସାମ୍ୟ ହରାଇ କଳାଝରି ନିକଟ ଦୟା ୱେଷ୍ଟ ନାଳ ଭିତରକୁ ଖସିପଡ଼ିଲା କାର୍। ତେବେ ଅଭିନେତା ଅଶ୍ରୁମୋଚନ ସୁରକ୍ଷିତ ଥିବା ସୂଚନା ରହିଛି।

# ବ୍ରିଜ୍ ନିକଟ ଖାଲକୁ ଖସିଲା ସ୍କର୍ପିଓ

କଟକ,୮।୧୧(ସମିସ): ଭାରସାମ୍ୟ ହରାଇ ବ୍ରିଜ ନିକଟ ଖାଲକୁ ଆଜି ଏକ ସ୍କର୍ପିଓ ଖସି ପଡ଼ିଛି। ସୌଭାଗ୍ୟବସତଃ ସେଥିରେ ବସିଥିବା ଯାତ୍ରୀମାନେ ଅଳ୍ପକେ



ବର୍ତ୍ତି ଯାଇଛନ୍ତି। ବାରଙ୍ଗ ଥାନା ତ୍ରିଶୂଳିଆ ନିକଟ ସୁଭାଷ ସେତୁ ନିକଟରେ ରାସ୍ତାର ୮ ଫୁଟ ତଳ ଖାଲକୁ ଗାଡିଟି ଖସି ପଡ଼ିଥିଲା। ଅଳ୍ପକେ ବର୍ତ୍ତି ଯାଇଛନ୍ତି କାର ଚାଳକ। ଘଟଣାସ୍ଥଳରେ ବାରଙ୍ଗ ଥାନା ପୁଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡିଟିକୁ ଜବତ କରିଥିବା ଜଣାପଡ଼ିଛି।

# ଡ୍ରିମ୍‌ସରେ ବିଶ୍ୱ ରେଡିଓଲୋଜି ଦିବସ

## ସ୍ୱାସ୍ଥ୍ୟସେବା ଓ ଚିକିତ୍ସା ବିଜ୍ଞାନରେ ରେଡିଓଲୋଜି ଛାତ୍ରଛାତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

କଟକ, ୮।୧୧(ସମିସ): ରୋଗ ନିର୍ଣ୍ଣୟ ଓ ଚିକିତ୍ସା ବ୍ୟବସ୍ଥାକୁ ରେଡିଓଲୋଜି ସହଜ ଓ ସଠିକ୍ କରିଛି। ଆଧୁନିକ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଏହାର ବିବିଧ ଉପଯୋଗ ମୂଲ୍ୟବାନ୍ ଜୀବନ ରକ୍ଷା କରିବାରେ ସହାୟକ ହୋଇଛି। ସ୍ୱାସ୍ଥ୍ୟସେବା ଓ ଚିକିତ୍ସା ବିଜ୍ଞାନରେ ରୋଡିଓଲୋଜିର ଗୁରୁତ୍ୱ ଦୃଷ୍ଟିରୁ ଏହି ବିଭାଗର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ ବୋଲି 'ଡ୍ରିମ୍‌ସ ସ୍କୁଲ ଅଫ ଆଲାଏଡ୍ ଓ ହେଲଥ୍ କେୟାର ସାଇନ୍ସ' ପକ୍ଷରୁ ବିଶ୍ୱ ରେଡିଓଲୋଜି ଦିବସ ପାଳନ ଅବସରରେ ବିଶିଷ୍ଟ ବକ୍ତା ମତ ପୋଷଣ କରିଛନ୍ତି। ଜୟଶ୍ରୀ ଅଡିଟୋରିୟମ୍‌ରେ ଆୟୋଜିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ଉପଲକ୍ଷେ ସଂଗୀତ ଗାନ କରାଯାଇଥିଲା। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରି ନିମନ୍ତ୍ରିତ ଅତିଥି, ଅଧ୍ୟାପକଅଧ୍ୟାପିକା ଓ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ଅବସରରେ




ଚିକିତ୍ସା ବିଜ୍ଞାନରେ ରେଡିଓଲୋଜିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ବିଶିଷ୍ଟ ଅତିଥି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ସମ୍ମାନିତ ଅତିଥି ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟର 'ଡିନ୍' ପ୍ରଫେସର ଲୁସି ଦାସ, ବିଶିଷ୍ଟ କର୍କଟ ରୋଗ ବିଶେଷଜ୍ଞ ପ୍ରଫେସର ଡା. କୃପାସିନ୍ଧୁ ପଣ୍ଡା, 'ହାଇଟେକ୍ ମେଡିକାଲ କଲେଜ'ର ରେଡିଓଲୋଜି ବିଭାଗର ମୁଖ୍ୟ ପ୍ରଫେସର ଡା. ଉପେନ୍ଦ୍ରନାଥ ଉପାଧ୍ୟାୟ, 'କେୟାର ହସ୍ପିଟାଲ'ର ବରିଷ୍ଠ ରେଡିଓଲୋଜିଷ୍ଟ ପ୍ରଫେସର ଡା. ନିହାର ରଂଜନ ମହାନ୍ତି, 'ସମ୍ ଅଲଟିମେଟ୍'ର ଜରୁରିକାଳୀନ ଚିକିତ୍ସା ବିଭାଗ ମୁଖ୍ୟ ଡା ଜ୍ୟୋତିରଂଜନ ଖୁଣ୍ଟିଆ, 'ସ୍ୱାଣ୍ଡା ଡାଇଗ୍ନୋଷ୍ଟିକ୍'ର ରାଜ୍ୟ ମୁଖ୍ୟ ସତ୍ୟସୁନ୍ଦର ବାସା, ବରିଷ୍ଠ ଟେକ୍‌ନୋଲୋଜିଷ୍ଟ ଶଶି ମହାସୁଆର, ହାଇଟେକ୍ ମେଡିକାଲ କଲେଜର ଜଗଦୀଶ ସୁବୁଦ୍ଧି ଯୋଗ ଦେଇଥିଲେ। ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶିକା ପ୍ରଫେସର ଡା. ନିରୂପମା ଚୟନୀ, 'ଡିନ୍' ଡା. ଦୁର୍ଗାପ୍ରସାଦ ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ନିର୍ଦ୍ଦେଶକ (ଛାତ୍ର ସଂପର୍କ) ଲୋକନାଥ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀ ମୌସୁମୀ ପଟ୍ଟନାୟକ ଓ ସୋମିୟା ବେଗମ୍ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଭିନ୍ନ ମହାପାତ୍ର, ଡା. ସୁସ୍ମିତା ଚକ୍ରବର୍ତ୍ତୀ, ସୌଭାଗ୍ୟଲକ୍ଷ୍ମୀ ଧଳ, ବାଗ୍ମୟୀ ଦାଶ, ଅସ୍ମିତା ରାଉତ, ସୂର୍ଯ୍ୟକାନ୍ତ ମହାରଣା, ଅନ୍ନପୂର୍ଣ୍ଣା ମିଶ୍ର, ଶୁଭଶ୍ରୀ ସାହୁ, ଶାଶ୍ୱତୀ ଶତପଥୀ, ଅଙ୍କିତା ପତି, ପବିତ୍ର କୁମାର ନାୟକ ଓ ଗୌରବ କୁମାର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ମନୋଜ୍ଞ ନୃତ୍ୟଗୀତ ପରିବେଷଣ ହୋଇଥିଲା।

# ସମୀର ଦେ'ଙ୍କୁ ଶ୍ରଦ୍ଧାଞ୍ଜଳି

କଟକ,୮।୧୧(ସମିସ): ତିଥି ଅନୁସାରେ ଶନିବାର ଥିଲା ପୂର୍ବତନ ମନ୍ତ୍ରୀ ସମୀର ଦେ'ଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ। ଏହି ଅବସରରେ ଉଇଣ୍ଡସର୍ ପ୍ୟାଲେସ୍‌ଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସାଂସଦ ଭର୍ତ୍ତୃହରି ମହତାବ, ମେୟର ସୁବାସ ସିଂ, ସାଲେପୁରର ପୂର୍ବତନ ବିଧାୟକ ପ୍ରକାଶ ବେହେରା, ଆଇନଜୀବୀ ଧରଣୀଧର ନାୟକ, ପୂର୍ବତନ ମନ୍ତ୍ରୀ ଅମରପ୍ରସାଦ ଶତପଥୀ, ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋଷ, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ଭବାନୀପ୍ରସାଦ ମିଶ୍ର, ଲଳାଟେନ୍ଦୁ ଦାସ, ଦେବାଶିଷ ରାୟ, ନରେଶ ସାହୁ, ଶାନ୍ତି କମିଟିର କର୍ମକର୍ତ୍ତା, ସଂକୀର୍ତ୍ତନମଣ୍ଡଳୀର କର୍ମକର୍ତ୍ତା, ପୂଜା କମିଟିର କର୍ମକର୍ତ୍ତା ଏବଂ କଟକ ସହରର ସାହି ମୁରବୀ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ସିମ୍ପାଞ୍ଜିଙ୍କୁ ଚ୍ୟବନ୍‌ପ୍ରାସ୍, ଓଟ ପକ୍ଷୀଙ୍କୁ ହର୍ବାଲ୍ ଟନିକ୍

ବାରଙ୍ଗ/ନନ୍ଦନକାନନ,୮।୧୧(ସମିସ): ଶୀତ ଆସିଗଲା। ନନ୍ଦନକାନନରେ ବି ଶୀତ ପାଇଁ ବ୍ୟାପକ ପ୍ରସ୍ତୁତି ବ୍ୟବସ୍ଥା କରାଯାଇଛି। ନନ୍ଦନକାନନ କର୍ତ୍ତୃପକ୍ଷ ମଧ୍ୟ ଏଥିପାଇଁ ଆଗୁଆ ଯତ୍ନବାନ ହୋଇ ସେମାନଙ୍କୁ ଶୀତ ଦାଉରୁ ରକ୍ଷା କରିବାକୁ ବିଭିନ୍ନ ପଦକ୍ଷେପ ନେଇଛନ୍ତି। ଏଠାରେ ଥିବା ଜୀବଜନ୍ତୁଙ୍କୁ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଚ୍ୟବନପ୍ରାସ, ଗରମ ଲାଗିବା ପାଇଁ କମଳ, ଝୋଟଅଖା, ନଡ଼ାମଞ୍ଚା, ରୁମ ହିଟର, ଔଷଧ ବ୍ୟବସ୍ଥା କରାଯାଇଛି।




**କମଳ ତଳେ ଶୋଉଛନ୍ତି ସାପ, ଏଣ୍ଡୁଅ**

**କାଠନଡ଼ା ମଞ୍ଚରେ ଖରା ପୋଉଁଛନ୍ତି ସିଂହ, ବାଘ**

**ମାଙ୍କଡ଼ଙ୍କ ଖୁଆଡ଼ରେ ଲାଗିଛି ରୁମ୍ ହିଟର୍**

ଶୀତର ପ୍ରଭାବ ବେଶୀ ମାତ୍ରାରେ ସରୀସୃପ, ଉଭୟଚର ପ୍ରଜାତିର ଶୀତଳ ରକ୍ତ ପ୍ରାଣୀ ଜୀବଜନ୍ତୁଙ୍କ ଉପରେ ପଡିଥାଏ। ସାପ, କୁମ୍ଭୀର, ଏଣ୍ଡୁଅ ଆଦି ଜୀବ ପ୍ରଭାବିତ ହେବା ସହ ଏମାନଙ୍କୁ ଫୁସଫୁସ ଜନିତ ରୋଗ ଆକ୍ରାନ୍ତ କରିଥାଏ ବୋଲି ନନ୍ଦନକାନନ ଜଣେ ଅଧିକାରୀ କହିଛନ୍ତି। କୁମ୍ଭୀରଙ୍କ ପାଇଁ ନଡା ତାଟ ତିଆରି କରି ଖୁଆଡ଼ରେ ରଖା ଯାଉଛି। ଖୁଆଡ଼ ଓ ଜଳାଶୟରେ ସୂର୍ଯ୍ୟ କିରଣ ପଡ଼ିବା ପାଇଁ ଘଛ ଡାହିଡାଳ କାଟି ସଫା କରାଯାଉଛି। ସାପଙ୍କ ଖୁଆଡ଼ରେ ନଡ଼ା, ଅଖା ଖଣ୍ଡ, କମଳ ଖଣ୍ଡ ରଖାଯାଇଥାଏ। ଖୁଆଡ଼ ଉପରେ ନଡ଼ା ତାଟ ଦିଆଯାଇଥାଏ। ଖୁଆଡ଼ରେ ଖରା ପଡ଼ିବାକୁ ବ୍ୟବସ୍ଥା କରାଯାଇଥଏ। ମାଙ୍କଡ଼ଙ୍କ ଖୁଆଡ଼ରେ ରୁମ୍ ହିଟର ଲଗା ଯାଇ ଖୁଆଡ଼କୁ ଉଷୁମ କରାଯାଉଛି। ସେମିତି ସିମ୍ପାଜି, ଗିବନ ଆଦି ଜନ୍ତୁଙ୍କୁ ଚ୍ୟବନପ୍ରାସ, ହର୍ବାଲ ଟନିକ, ଇମ୍ୟୁନାଲ ପ୍ଲସ ଆଦି ଦିଆଯାଉଛି। ପକ୍ଷୀ ଖୁଆଡ଼ରେ ତାଟି ପରଦା, ଝୋଟ ଅଖା ପରଦା ଦ୍ୱାରା ଢାଙ୍କି ଦିଆଯାଇଥାଏ।

ଚିତା, ବିରାଡ଼ି, ଡାଳି ଓଧ, ଶାଳିଆ ପତାଣ୍ଡି ଆଦି ଜନ୍ତୁଙ୍କ ଖୁଆଡ଼ରେ ରୁମ୍ ହିଟର ଲଗାଯାଉଛି। ଖରା ପୁଇଁବା ପାଇଁ ବ୍ୟବସ୍ଥା କରାଯାଉଛି। ହରିଣ, ଗୟଳ, ନୀଳ ଗାଇ, ସମ୍ବର ଆଦି ପ୍ରଜାତି ଜନ୍ତୁଙ୍କୁ ରେଷ୍ଟୋବାଲ ଟନିକ ଖାଇବାକୁ ଦିଆଯାଉଛି। ବର୍ଷା ଦିନ ଯୋଗୁ ଖୁଆଡ଼ଗୁଡ଼ିକରେ ପାଣି ଜମିବା କାରଣରୁ ପରଜୀବୀ ଜୀବାଣୁ ସୃଷ୍ଟି ହୁଅନ୍ତି। ଯାହା ଝିଙ୍କ ଭଳି ଜନ୍ତୁଙ୍କ ଦେହରେ ଲାଗିବାର ଆଶଙ୍କା ଥାଏ। ଏହା ଶୀତ ଦିନେ ଜନ୍ତୁଙ୍କୁ ପ୍ରଭାବିତ କରିଥାନ୍ତି। ଖୁଆଡ଼କୁ ସଫା କରିବା ସହ କୀଟନାଶକ ସିଞ୍ଚନ କରାଯାଏ। ବଜ୍ରକାପ୍ତା ଖୁଆଡ଼ର ଛାତ ସଟର ଛାତ କରାଯାଇଛି। ଶୀତ ଦିନେ ଖରା ପଡ଼ିବା ପାଇଁ ବଜ୍ରକାପ୍ତା ଛାତକୁ ଘୁଞ୍ଚାଇ ଦିଆଯାଇଥାଏ।

ବିଶେଷକରି ଏହି ଶୀତଋତୁରେ ବଳିଆ କୁକୁର, କୋକି ଶିଆଳି, ଗଧିଆ, ବିଲୁଆ, ହେଟାବାଘ ପ୍ରଜାତିର ଜନ୍ତୁମାନଙ୍କର ପ୍ରଜନନ ଋତୁ ହୋଇଥାଏ। ସେମାନଙ୍କୁ ସୁସ୍ଥ ରଖିବାକୁ ଓ ସୁସ୍ଥ ସୁରକ୍ଷିତ ପ୍ରଜନନ ପାଇଁ ସୁଷମ ଖାଦ୍ୟ, ପ୍ରତିଷେଧକ ଟୀକା, ଭିଟାମିନ ଆଦି ଦିଆଯାଇଥାଏ। ଜାନୁଆରୀ, ଫେବୃଆରୀ ମାସ ଆଡିକି ଏମାନେ ଛୁଆ ଜନ୍ମ କରିଥାନ୍ତି। ହାତୀକୁ ବି ସେମିତି ରୋଗ ପ୍ରତିଷେଧକ ଓ ରୋଗ ପ୍ରତିରୋଧକ ଔଷଧ ଦିଆ ଯାଇଥାଏ। ଯଦି ଶୀତ ଦିନରେ ଅଧିକ ଥଣ୍ଡା ପବନ ବହେ ତେବେ ତା ଖୁଆଡ଼କୁ ପାଲ, ଅଖା ଆଦିରେ ଘୋଡ଼ାଇ କି ରଖାଯାଏ। ବାଘ, ସିଂହ, କଲରା ପତରିଆ ବାଘ ଖୁଆଡ଼ରେ ରୁମ୍ ହିଟର ଲଗାଯାଇଥାଏ। ସେମାନଙ୍କୁ ଉଷୁମ ଖାଦ୍ୟ ଦିଆଯାଇଥାଏ। କମ୍ବଳ ଖଣ୍ଡ, ଝୋଟ ଅଖା ଖଣ୍ଡ,ନଡା ମଞ୍ଚା, ନଡା ତାଟ ଖୁଆଡ଼ରେ ପକାଯାଇଥାଏ। ଡାକ୍ତରୀ ଦଳ ସମସ୍ତ ପ୍ରକାରର ଆବଶ୍ୟକୀୟ ଟୀକା, ଔଷଧ ଦେବା ସହ ନିୟମିତ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରି ଚିକିତ୍ସା କରାଯିବ ବୋଲି ନନ୍ଦନକାନନ କର୍ତ୍ତୃପକ୍ଷ କହିଛନ୍ତି।

# ୫୫ ଲକ୍ଷ ଠକେଇ; ଠକ ଗିରଫ

ଭୁବନେଶ୍ୱର, ୮।୧୧ (ସମିସ): ଜମି ବିକ୍ରି ଆଳରେ ୫୫ ଲକ୍ଷ ଟଙ୍କା ଠକି ନେଇଥିବା ଧୂର୍ତ୍ତକୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଦାରୁଠେଙ୍ଗ ଗ୍ରାମର ରାକେଶ ରଞ୍ଜନ ବେଉରା (୩୮)। ଅଶୋକ ଗର୍ଗ ଜମି କିଣିବାକୁ ଯୋଜନା କରୁଥିବାବେଳେ ସମୟକ୍ରମେ ରାକେଶ ସମ୍ପର୍କରେ ଆସିଥିଲେ। ରାକେଶ ଦାରୁଠେଙ୍ଗ ଓ ଜୁଝଗଡ଼ ମୌଜାରେ ଥିବା ୨୩.୬୫ ଏକର ଜମି କିଣିବାକୁ ଅଶୋକଙ୍କୁ ପ୍ରବର୍ତ୍ତାଇଥିଲା। ଅଶୋକ ରାକେଶକୁ ଅଗ୍ରୀମ ବାବଦକୁ ୫୫ ଲକ୍ଷ ଦେଇ ଏକ ଚୁକ୍ତି କରିଥିଲେ। ରାକେଶ ପରବର୍ତ୍ତୀ ସମୟରେ ସେହି ଜମିକୁ ବିକ୍ରି କରିବା ଲାଗି ଅନ୍ୟ ଏକ ଡେଭଲପରଙ୍କ ସହିତ ଆଲୋଚନା କରୁଥିବା ଅଶୋକ ଜାଣିଥିଲେ। ଅଶୋକ ଏନେଇ ଲକ୍ଷ୍ମୀସାଗର ଥାନାର ଦ୍ୱାରସ୍ଥ ହୋଇଥିଲେ। ପୁଲିସ ଆଜି ଅଭିଯୁକ୍ତ ରାକେଶକୁ ଗିରଫ କରି କୋର୍ଟ ଚାଲାଣ କରିଛି। ତା' ନାମରେ ପୂର୍ବରୁ ମଧ୍ୟ ବଡ଼ଗଡ଼ ଥାନାରେ ଏକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି।



# ଭୁବନେଶ୍ୱର ସିଟି

## ନିଶା ମାଫିଆଙ୍କ କଳା ସମ୍ପତ୍ତି

# ଉଭା ଯେତେ, ପୋତା ସେତେ

**କେବଳ ଚର୍ଚ୍ଚିତ ମାମଲାରେ କଳା ସମ୍ପତ୍ତି ଉପରେ କରୁଛି ଚଢ଼ଉ**

**ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେଉଛି ମାଫିଆଙ୍କ ଦାମୀ କାର୍**

ଭୁବନେଶ୍ୱର, ୮।୧୧(ସମିସ): ରାଜଧାନୀରେ ଏବେ ଚୋରା ନିଶା ବେପାରୀଙ୍କ ରାଜୁତି ଚାଲୁଛି। ଏମାନେ ନିଶା ବେପାରରୁ ବିପୁଳ ମାତ୍ରାରେ ଟଙ୍କା କମାଉଛନ୍ତି। ରାତିକେ ହାତୀ କମାଇଲା ଭଳି ପରିସ୍ଥିତି ଉପୁଜିଛି। ଦିନ ଦିନ ଧରି ରାତି ଅନିଦ୍ରା ହେଉଛନ୍ତି। ମାତ୍ର ଛଅମାସ ମଧ୍ୟରେ ଦିନ ମଜୁରିଆରୁ କୋଟିପତି ହୋଇଯାଉଛନ୍ତି। ଏମାନଙ୍କ ଟଙ୍କା କମେଇ ଦେଖି ରାଜଧାନୀରେ ଇଜ୍ଜତର ସହ ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ହତବାକ୍ ହୋଇଯାଉଛନ୍ତି। ଯାହାଦ୍ୱାରା ଯୁବଗୋଷ୍ଠୀ ନିଶା କାରବାରରେ ସାମିଲ ହେବାକୁ ଅଧିକରୁ ଅଧିକ ଲୋକେ ମନ ବଳାଉଛନ୍ତି। କେବଳ ବଡ଼ ଏବଂ ଚର୍ଚ୍ଚିତ ମାମଲାରେ ମୁଖ୍ୟ ଅଭିଯୁକ୍ତଙ୍କ ଦ୍ୱାରା ଅନୈତିକ ଉପାୟରେ କମେଇ ହୋଇଥିବା ଟଙ୍କାର ପୁଲିସ ହିସାବ ନିକାଶ କରୁଛି। ହେଲେ ଛୋଟ ନିଶା ବେପାରୀଙ୍କ ପାଇଁ ସବୁକିଛି ମାଫ୍। ସେମାନେ କେବଳ ଗିରଫ ହେଉଛନ୍ତି। ତାଙ୍କ ନିଶା ସାମଗ୍ରୀ ଜବତ ହେଉଛି। କିନ୍ତୁ ଅନୈତିକ ଉପାୟରେ କମାଇଥିବା ଟଙ୍କାର ତଦନ୍ତ ହେଉ ନାହିଁ। ବିପୁଳ ଟଙ୍କା କମାଇ ପରବର୍ତ୍ତୀ ସମୟରେ ସେମାନେ ନିଶା କାରବାର ବଡ଼ ସିଣ୍ଡିକେଟ୍ ଚଳାଉଛନ୍ତି। ତାହା ପୁଲିସ ଜାଣି ପାରୁନି।

ଗତ କିଛିଦିନ ତଳେ କମିସନରେଟ୍ ପୁଲିସ ବ୍ରାଉନ୍‌ସୁଗର କାରବାର ଅଭିଯୋଗରେ ପୁଲିସ ମାଆ ଓ ପୁଅଙ୍କୁ ଗିରଫ କରିଥିଲା। ସେମାନେ ନୟାଗଡ଼ରୁ ଆସି ରାଜଧାନୀରେ ପ୍ରଥମେ ଦିନ ମଜୁରିଆ କାମ କରୁଥିଲେ। ପରେ ୧୦ବର୍ଷ ହେବ ନିଶା ବ୍ୟବସାୟରେ ପାଦ ଥାପିଲେ। ପ୍ରଥମେ ମଦ, ଗଞ୍ଜେଇ ବ୍ୟବସାୟ। ପରେ ବ୍ରାଉନ୍‌ସୁଗର କାରବାର ଲିପ୍ତ ହେଲେ। ଗତ ସେପ୍ଟେମ୍ବର ମାସରେ ଅଚାନକ ପୁଲିସ ହାବୁଡରେ ପଡ଼ିଗଲେ। ତାଙ୍କ ଠାରୁ କେବଳ ବ୍ରାଉନ୍‌ସୁଗର ଜବତ ହେଲା। ହେଲେ ପୁଲିସ ସେମାନଙ୍କ ଦ୍ୱାରା କଳାଧନ ଉପରେ ନଜର ପକାଇଲା ନାହିଁ। ଫଳରେ ନିଶା କାରବାରରେ ସେମାନେ କମାଇଥିବା କଳାଧନ ସାମ୍ନାକୁ ଆସି ପାରିଲା ନାହିଁ। ସେମାନଙ୍କ ଦ୍ୱାରା କିଣା ଯାଇଥିବା କାର୍‌ର ଫଟୋ ଏବେ ଜୋରସୋରରେ ଭାଇରାଲ ହେବାରେ ଲାଗିଛି। ନିଶା କାରବାରରୁ ସେମାନେ ଟଙ୍କା କମାଇ କିପରି ମଉଜ କରୁଛନ୍ତି ତାହା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟବସ୍ତୁ ପାଲଟିଛି। ଅନ୍ୟପକ୍ଷରେ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଦୁଇ ଜଣ ବେଆଇନ୍ ନିଶା ବ୍ୟବସାୟୀ ପୁଲିସ ଦ୍ୱାରା ବାରମ୍ବାର ଗିରଫ ହେଉଛନ୍ତି। ଏମାନେ ଭୁବନେଶ୍ୱର ଆସି ବସ୍ତିରେ ରହୁଥିଲେ। ଘରୋଇ ଅନୁଷ୍ଠାନରେ କାମ କରୁଥିବା କର୍ମଚାରୀମାନେ ପରିବାର ଭରଣ ପୋଷଣ ପାଇଁ ସକ୍ଷମ ହେଉ ନ ଥିଲା ବେଳେ ଏମାନେ ଏବେ ରାଜଧାନୀରେ ଜମି, କାର କିଣି ସଉକ୍‌ରେ ବଞ୍ଚୁଛନ୍ତି।

ପୁଲିସ ନାରକୋଟିକ୍ସ ଡ୍ରଗସ୍ ଆଣ୍ଡ ସାଇକୋଫାନସି ସବ୍‌ଷ୍ଟାନ୍ସ (ଏନ୍‌ଡିପିଏସ୍) ଆଇନ୍ ୧୯୮୫ ଅନୁଯାୟୀ ଅଭିଯୁକ୍ତମାନଙ୍କ ଅର୍ଥନୈତିକ ସାମ୍ରାଜ୍ୟର ତଦନ୍ତ କରିପାରିବ। ଏନ୍‌ଡିପିଏସ୍ ଆଇନ୍‌ର ଚାପ୍ଟର-୬(ଏ)ପୁଲିସକୁ ନିଶା ବେପାରୀଙ୍କ କଳା ସମ୍ପତ୍ତିକୁ ଜବତ କରିବାର ଅଧିକାର ଦେଇଛି। ଏହାର ବ୍ୟବହାର ବହୁ କମ୍ ହେଉଛି। ୨୦୨୨ ଜାନୁଆରୀ ମାସରେ ଏସ୍‌ଟିଏଫ୍ ପଶ୍ଚିମବଙ୍ଗର ହାଡ୍ କୋର୍ ଡ୍ରଗ୍ସ ଡିଲର ଶେଖ୍ ଲାଲୁଙ୍କ ନାଦିଆ ସ୍ଥିତ ୧ କୋଟିର ଘରକୁ ସିଜ୍ କରିଥିଲା। ତିନି ବର୍ଷ ତଳେ ପୁରୀ ପୁଲିସ ବ୍ରାଉନ୍‌ସୁଗର ବ୍ୟବସାୟରେ ଲିପ୍ତ ଥିବା ଅନିରୁଦ୍ଧ ସିଂହଙ୍କର କୋଟିଏ ଟଙ୍କାର ସମ୍ପତ୍ତି ଜବତ କରିଥିଲା।

### ସଂଖ୍ୟା କମ୍; ମାମଲା ଅଧିକ

ପ୍ରତ୍ୟେକ ଥାନାରେ ତଦନ୍ତକାରୀ ଅଧିକାରୀ ସଂଖ୍ୟା ବହୁତ କମ୍। ସେପଟେ ମାମଲା ପ୍ରତ୍ୟେକ ବର୍ଷ ବଢ଼ି ବଢ଼ି ଚାଲିଛି। ତଦନ୍ତକାରୀ ଅଧିକାରୀ କମ୍ ଥିବାରୁ ପ୍ରତ୍ୟେକ ମାମଲା ଅନ୍ତ ପର୍ଯ୍ୟନ୍ତ ଯାଇ ତଦନ୍ତ କରିବା ଅସୁବିଧା ହେଉଛି। ଯେଉଁଥିପାଇଁ ନିଶା ବେପାରୀଙ୍କ କଳାଧନ ସମ୍ପର୍କରେ ତଦନ୍ତ ହୋଇ ପାରୁନାହିଁ।

### ପୁଲିସକୁ ଘାରୁଛି ମାମଲା ବନ୍ଦ କରିବା ଚିନ୍ତା

ଅପରାଧୀଙ୍କୁ ଧରିବା ଏବଂ ସମ୍ପୂର୍ଣ୍ଣ ତଦନ୍ତ କରିବା ବଦଳରେ ପୁଲିସ ପାଇଁ ମାମଲା ବନ୍ଦ କରିବା ସବୁଠାରୁ ବଡ଼ ଚ୍ୟାଲେଞ୍ଜ। ଏଣୁ ନିଶା ବ୍ୟବସାୟୀଙ୍କ ଅପରାଧିକ ଦିଗକୁ ସେମାନେ ସବୁବେଳେ ନଜର ଅନ୍ଦାଜ କରି ଦେଉଛନ୍ତି। କେବଳ ଚର୍ଚ୍ଚିତ ମାମଲାରେ ଏସବୁ ଆଇନ୍ ଅଛି ବୋଲି ପୁଲିସର ମନେ ପଡୁଛି।

### ପୁଲିସ ସହ ନିଶା ବ୍ୟବସାୟୀଙ୍କ ଅସାଧୁ ସମ୍ପର୍କ

ଅନେକ କ୍ଷେତ୍ରରେ ସ୍ଥାନୀୟ ପୁଲିସ ଏବଂ ନିଶା ବ୍ୟବସାୟୀଙ୍କ ମଧ୍ୟରେ ଅସାଧୁ ସମ୍ପର୍କ ଗଢିଉଠେ। ନିଶା ବ୍ୟବସାୟୀଙ୍କୁ ଯଦି କୌଣସି ସ୍ୱତନ୍ତ୍ର ଡ୍ରାଇଭ୍‌ରେ ମଧ ଧରାଯାଏ ତେବେ ଥାନାକୁ ତଦନ୍ତ ଭାର ଆସିବା ପରେ ତଦନ୍ତର ଗତି ଧିମେଇ ଯାଏ। ଏପରିକି ଅନେକ ସମୟରେ ଜବତ ସାମଗ୍ରୀ ଠାରୁ ବହୁ କମ୍ ପରିମାଣ ଜବତ ବୋଲି ଦର୍ଶାଯାଏ।

## ସସ୍ମିତ ବିଶ୍ୱାଳ ହତ୍ୟାକାଣ୍ଡ

# ଅଭିଯୁକ୍ତର ଘର ଭାଙ୍ଗିଲା ପୁଲିସ

ଭୁବନେଶ୍ୱର, ୮।୧୧ (ସମିସ): ପଧାନସାହିରେ ବିଲ୍ଡର୍ସ ସସ୍ମିତ ବିଶ୍ୱାଳ ଓରଫ୍ ଚିନୁ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଟୁଲୁ ମହାନ୍ତିର ଘର ଭାଙ୍ଗିଛି ପୁଲିସ। ପଧାନସାହି ଛକ ନିକଟସ୍ଥ ସରକାରୀ ଜମିରେ ଟୁଲୁ କରିଥିବା ଘରକୁ ଭାଙ୍ଗି ଦିଆଯାଇଛି। ଏୟାରଫିଲ୍ଡ ଥାନା ପୁଲିସ ଓ ଜଟଣୀ ତହସିଲ ପକ୍ଷରୁ ଏହି ଉଚ୍ଛେଦ କରାଯାଇଛି।



ପୁଲିସ ସୂଚନା ଅନୁସାରେ, ୟୁନିଟ୍ ୬ ଭୀମପୁର ଅଞ୍ଚଳର ଚିନୁ ଦୀର୍ଘଦିନ ହେବ ପ୍ରଧାନସାହିର ଟୁଲୁ ମହାନ୍ତି ସହିତ ଭାଗିଦାରିରେ ଜମିବାଡ଼ି ବ୍ୟବସାୟ କରି ଆସୁଥିଲେ। ଜମିବାଡ଼ି ବେପାରକୁ ନେଇ ଦୁଇ ପାର୍ଟନର ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥିଲା। ଏକ ଜମିର ରାସ୍ତାକୁ ନେଇ ବିବାଦ ଦେଖା ଦେଇଥିଲା। ଗତ ଏପ୍ରିଲ୍ ୧୧ ତାରିଖ ଦିନ ଉକ୍ତ ଜମିରେ ପୂର୍ବରୁ ହୋଇଥିବା ପାଚେରି ଭାଙ୍ଗିବାକୁ ନେଇ ଦୁଇ ପକ୍ଷଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଏୟାରଫିଲ୍ଡ ଥାନା ପୁଲିସ ଘଟଣାସ୍ଥଳରେ ଯାଇ ଉଭୟପକ୍ଷ ମଧ୍ୟରେ ସମାଧାନ କରିଥିଲେ ମଧ୍ୟ ଦ୍ୱିପହର ସମୟରେ ଉଭୟପକ୍ଷ ମଧ୍ୟରେ ଝଗଡ଼ା ହୋଇଥିଲା। ହୋମଗାର୍ଡ ସୁକାନ୍ତ ବେହେରା, ଟୁଲୁ ମହାନ୍ତି, ଗୁଲୁ ମହାନ୍ତି, ମନୋଜ ବେହେରା, ସୁକାନ୍ତ ପରିଡ଼ା, ଦେବଦତ୍ତ ପରିଡ଼ା ଓ ସହଯୋଗୀମାନେ ମିଶି ଚିନୁଙ୍କୁ ମାଡ଼ ମାରି କାଜୁ ଜଙ୍ଗଲ ଭିତରକୁ ନେଇ ଯାଇଥିଲେ। ସେଠାରେ ଚିନୁଙ୍କୁ ଠେଙ୍ଗା ଓ କାଠ ଫାଳିଆରେ ପିଟିପିଟି ହତ୍ୟା କରିଥିଲେ। ସସ୍ମିତଙ୍କ ଭାଇ ଦେବବ୍ରତ ମହାନ୍ତିଙ୍କ ଅଭିଯୋଗ ଆଧାରରେ ପୁଲିସ ହତ୍ୟା ମାମଲା ରୁଜୁ କରିଥିଲା। ହୋମଗାର୍ଡ ସୁକାନ୍ତ ବେହେରା, ଗୁଲୁ ମହାନ୍ତି, ମନୋଜ, ସୁକାନ୍ତ ପରିଡ଼ାକୁ ଗିରଫ କରିଥିବା ବେଳେ ଦେବଦତ୍ତ ପରିଡ଼ା ଓ ଅଭିଯୁକ୍ତ ଟୁଲୁ ମହାନ୍ତି କୋର୍ଟରେ ଆତ୍ମସମର୍ପଣ କରିଥିଲେ।

ପଧାନସାହି ଛକରେ ଟୁଲୁ ସରକାରୀ ଜମି ଜବରଦଖଲ କରିଥିବା ଜଣାପଡ଼ିଥିଲା। ଅଭିଯୁକ୍ତ ଟୁଲୁ ବେଆଇନ ଜବରଦଖଲ କରିଥିବାରୁ ତାକୁ ଉଚ୍ଛେଦ କରିବାକୁ ଜଟଣୀ ତହସିଲକୁ ଚିଠି ଲେଖିଥିଲା ଏୟାରଫିଲ୍ଡ ଥାନା ପୁଲିସ। ଗତକାଲି ଜଟଣୀ ତହସିଲ ଓ ପୁଲିସ ପକ୍ଷରୁ ପଧାନସାହି ସ୍ଥିତ ଟୁଲୁର ଆଡ୍ଡାକୁ ଜେସିବି ଲଗାଇ ଭାଙ୍ଗି ଦେଇଛନ୍ତି। ଗୋଟିଏ ଅଫିସ୍, ଷ୍ଟୋର୍ ରୁମ୍ ଓ ପାନ ଦୋକାନକୁ ଭାଙ୍ଗି ଦିଆଯାଇଛି। ମୋଟ ୩ଟି ଘର ଓ ସାମ୍ନାରେ ଥିବା ଜବରଦଖଲକୁ ଭାଙ୍ଗି ଦେଇଛି ପୁଲିସ।

# ଜମିବିକ୍ରି ଆଳରେ ୫୫ ଲକ୍ଷ ଠକେଇ; ଠକ ଗିରଫ

ଭୁବନେଶ୍ୱର, ୮।୧୧ (ସମିସ): ଜମି ବିକ୍ରି ଆଳରେ ୫୫ ଲକ୍ଷ ଟଙ୍କା ଠକି ନେଇଥିବା ଧୂର୍ତ୍ତକୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଦାରୁଠେଙ୍ଗ ଗ୍ରାମର ରାକେଶ ରଞ୍ଜନ ବେଉରା (୩୮)।

ପୁଲିସ ସୂଚନା ଅନୁସାରେ, ଅଶୋକ ଗର୍ଗ ଜମି କିଣିବାକୁ ଯୋଜନା କରୁଥିବାବେଳେ ସମୟ କ୍ରମେ ରାକେଶ ସମ୍ପର୍କରେ ଆସିଥିଲେ। ରାକେଶ ନିଜକୁ ଜଣେ ଜମି ଦଲାଲ ଭାବେ ପରିଚୟ ଦେଇ ଦାରୁଠେଙ୍ଗ ଓ ଜୁଝଗଡ଼ ମୌଜାରେ ଥିବା ୨୩.୭୫ ଏକର ଜମି କିଣିବାକୁ ଅଶୋକଙ୍କୁ



ପ୍ରବର୍ତ୍ତାଇ ଥିଲା। ଅଶୋକ ତା'ର କଥାକୁ ଭରସା କରି ରାକେଶକୁ ଅଗ୍ରୀମ ବାବଦକୁ ୫୫ ଲକ୍ଷ ଦେଇ ଏକ ଚୁକ୍ତି କରିଥିଲେ। ଟଙ୍କା ନେବାର ଅନେକ ଦିନ ବିତିଯାଇଥିଲେ ମଧ୍ୟ ରାକେଶ ଜଣକ ଚୁକ୍ତି ଅନୁଯାୟୀ ଜମିର କାଗଜପତ୍ର ଦେଇ ନ ଥିଲା କି ପଞ୍ଜିକରଣ କରିନଥିଲା। ରାକେଶ ପରବର୍ତ୍ତୀ ସମୟରେ ସେହି ଜମିକୁ ବିକ୍ରି କରିବା ଲାଗି ଅନ୍ୟ ଏକ ଡେଭଲପରଙ୍କ ସହିତ ଆଲୋଚନା କରୁଥିବା ଅଶୋକ ଜାଣିବାକୁ ପାଇଥିଲେ। ଅଶୋକ ଏନେଇ ରାକେଶକୁ ଯୋଗାଯୋଗ କରିବାରେ ବିଫଳ ହେବାରୁ ଲକ୍ଷ୍ମୀସାଗର ଥାନାର ଦ୍ୱାରସ୍ଥ ହୋଇଥିଲେ। ପୁଲିସ ତାଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିଲା। ଆଜି ଅଭିଯୁକ୍ତ ରାକେଶକୁ ଗିରଫ କରି କୋର୍ଟ ଚାଲାଣ କରିଛି। ତା' ନାମରେ ପୂର୍ବରୁ ମଧ୍ୟ ବଡ଼ଗଡ଼ ଥାନାରେ ଏକ ମାମଲା ରହିଥିବା ତଦନ୍ତ ବେଳେ

# ଚୋରି ଓ ଲୁଟ୍ ଅଭିଯୋଗରେ ୪ ଗିରଫ

ଭୁବନେଶ୍ୱର, ୮।୧୧ (ସମିସ): ଚୋରି ଓ ଲୁଟ୍ ଅଭିଯୋଗରେ ୪ ଜଣଙ୍କୁ ଗିରଫ କରିଛି କମିସନରେଟ ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ଆଳି ଥାନା ଅଞ୍ଚଳର ପ୍ରତାପ ଜେନା







(୩୧), ମାହାଙ୍ଗାର ଆଶିଷ କୁମାର ସାହୁ (୩୫), ଭରତପୁର ଲେନ୍ ୫ର ସୁନିଲ ଦାସ (୨୯) ଓ ରୋହିତ ଦେଓ (୨୦)।

ପୁଲିସ ସୂଚନା ଅନୁସାରେ, ଶୁକ୍ରବାର ଅପରାହ୍ଣରେ ପ୍ରତାପ ଓ ଆଶିଷ ଡେରାସ ସି-ଫୁଡ ପାର୍କ ପରିସୀମା ଅଞ୍ଚଳରେ ଲାଗିଥିବା ବିଦ୍ୟୁତ ପ୍ୟାନେଲ ବକ୍ସରୁ ତମ୍ବା ବୈଦ୍ୟୁତିକ ସାମଗ୍ରୀ ସବୁକୁ ଚୋରିକରି ନେଉଥିଲେ। ସେହି ସମୟରେ ବିଦ୍ୟୁତ ବିଭାଗର କର୍ମଚାରୀମାନେ ତାଙ୍କୁ କାବୁ କରି ଥାନା ଜିମା ଦେଇଥିଲେ। ସହକାରୀ ଯନ୍ତ୍ରୀ ସୂର୍ଯ୍ୟକାନ୍ତ କେଶ ଚନ୍ଦକା ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଦୁଇ ଜଣଙ୍କୁ ଗିରଫ କରିବା ସହ ତାଙ୍କଠାରୁ ଚୋରା ବୈଦ୍ୟୁତିକ ସାମଗ୍ରୀ ଓ ୨ଟି ମୋବାଇଲ ଫୋନ ଜବତ କରିଥିଲେ।

ସେହିପରି ଶନିବାର ସକାଳେ ବିକାଶ କୁମାର ବାରିକ ତପୋବନରୁ ବରମୁଣ୍ଡା ବସଷ୍ଟାଣ୍ଡ ଅଭିମୁଖେ ଯାଉଥିବା ବେଳେ ସୁନିଲ ଓ ରୋହିତ ଓୟୁଏଟି ହାଉସ ନିକଟରେ ତାଙ୍କୁ ଅଟକାଇଥିଲେ। ବିକାଶ କିଛି ବୁଝିବା ଆଗରୁ ଦୁହେଁ ତାଙ୍କୁ ଆକ୍ରମଣ କରି ୩ ହଜାର ଟଙ୍କା ଓ ମୋବାଇଲ ଫୋନ ଛଡ଼ାଇ ନେଇଥିଲେ। ପାଟି ଶୁଣି ସ୍ଥାନୀୟ ଲୋକମାନେ ଦୁଇ ଅଭିଯୁକ୍ତଙ୍କୁ କାବୁ କରିଥିଲେ। ବିକାଶଙ୍କ ଅଭିଯୋଗ କ୍ରମେ ଭରତପୁର ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା। ଦୁହିଁଙ୍କୁ ଗିରଫ କରିବା ସହ ସେମାନଙ୍କ ହେପାଜତରୁ ଲୁଟ ଟଙ୍କା ଓ ମୋବାଇଲ ଫୋନ ଜବତ କରିଥିଲା।

# ପୋଖରୀରୁ କୁମ୍ଭୀର ଉଦ୍ଧାର



ନନ୍ଦନକାନନ, ୮।୧୧(ସମିସ): ଭୁବନେଶ୍ୱର ଉପକଣ୍ଠ ଦାରୁଠେଙ୍ଗ ବନଦୁର୍ଗା ମନ୍ଦିର ନିକଟ ପୋଖରୀରୁ ଆଜି ଏକ ମଗର କୁମ୍ଭୀର ଉଦ୍ଧାର ହୋଇଛି। କିଛି ମାସ ହେବ ପୋଖରୀକୁ ପାଣି ପିଇ ବାକୁ ଆସୁଥିବା ବାଛୁରୀ ଓ ହଂସ ଆଦିକୁ ମାରି ଖାଉ ଥିବାର ସେଠିକାର ଲୋକ କହିଛନ୍ତି। ବନ ବିଭାଗକୁ ବାରମ୍ବାର ଅଭିଯୋଗ ଦିଆଯାଇଥିଲା। ଆଜି ଚନ୍ଦକା ବନ ବିଭାଗ ତରଫରୁ ଏକ ଦଳ ଆସି ବନ ଦୁର୍ଗା ପୋଖରୀରେ ଉଦ୍ଧାର କାର୍ଯ୍ୟ କରିଥିଲେ। ପୋଖରୀରେ ଜାଲ ପକାଇ କୁମ୍ଭୀର ଧରିଥିଲେ। ବନ ଅଧିକାରୀ ଉତ୍ତମ ସାହୁ ଓ ଫରେଷ୍ଟର ଦୀପକ ନାୟକ ସହ ଅନ୍ୟ କର୍ମଚାରୀମାନେ କୁମ୍ଭୀରକୁ ଉଦ୍ଧାର କରିଥିଲେ। କୁମ୍ଭୀରଟି ୫ଫୁଟ ୬ଇଞ୍ଚ ଲମ୍ବ ଓ ମଗର ଜାତୀୟ ହେବ ବୋଲି ଉଦ୍ଧାର କାରୀ ଦଳଙ୍କଠୁ ଜାଣିବାକୁ ମିଳିଥିଲା। ଉଦ୍ଧାର ପରେ କୁମ୍ଭୀର ଟିକୁ ଡେରାସ ଡ୍ୟାମରେ ଛଡାଯାଇଛି।

# ବୁଢ଼ୀ ଠାକୁରାଣୀଙ୍କ ରୋଷଘରୁ ଝୁଲନ୍ତା ମୃତଦେହ ଉଦ୍ଧାର

ବାଲିଅନ୍ତା, ୮।୧୧(ସମିସ): ବାଲିଅନ୍ତା ଥାନା ଅଧୀନ ହୀରାପୁର ଗ୍ରାମ ବୁଢ଼ୀ ଠାକୁରାଣୀଙ୍କ ରୋଷଘର ଝରକା ଗ୍ରିଲ୍‌ରୁ ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ମୃତ ଯୁବକ ହେଲେ ହୀରାପୁର ଗ୍ରାମର ପିତାମ୍ବର ସାହୁଙ୍କ ସାନ ପୁଅ ନିରାକାର ସାହୁ (୩୧)। ତେବେ ନିରାକାରଙ୍କ ଗୋଡ଼ ତଳକୁ ଲାଗି ଝୁଲୁଥିବାରୁ ତାଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବା ନେଇ ଚେଷ୍ଟା କରାଯାଇଥିବା ସନ୍ଦେହ କରାଯାଉଛି। ମାନସିକ ଭରସାମ୍ୟ ହରାଇ ନିରାକାର ଆତ୍ମହତ୍ୟା କରିଥିବା ଆଲୋଚନା ହେଉଛି। ତେବେ ମୃତ୍ୟୁର କାରଣ ସ୍ପଷ୍ଟ ଜଣା ପଡ଼ିନଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ପରେ ମୃତ୍ୟୁର କାରଣ ଜଣା ପଡ଼ିଯିବ ବୋଲି ଜଣାଯାଇଛି। ସୂଚନା ଅନୁସାରେ ଅବିବାହିତ ନିରାକାର ଜଣେ କାର ଚାଳକ। ଅଧିକାଂଶ ସମୟ ନିଶା ଖାଇ ବୁଲନ୍ତି। ୩ ଦିନ ତଳେ ତାଙ୍କର ଘରେ ଝଗଡ଼ା ହୋଇଥିଲା। ତେଣୁ ଘରକୁ ନଯାଇ ପଦାରେ ବୁଲୁଥିଲେ। ଆଜି ଭୋର ସମୟରେ ବୁଢ଼ୀ ଠାକୁରାଣୀଙ୍କ ଝରକା ଗ୍ରିଲ୍‌ରେ ଝୁଲି ପଡ଼ିଥିଲେ। ତେଣୁ ନିରାକାରଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବା ନେଇ ଟାଙ୍ଗି ଦିଆଯାଇଥିବା ନେଇ ସନ୍ଦେହ ପ୍ରକାଶ ପାଇଛି। ଖବର ପାଇ ପୁଲିସ ମୃତଦେହ ଜବତ କରିଥିଲା।

## ରାଜଧାନୀରେ ଡିଜିଟାଲ ଆରେଷ୍ଟ

# ତଦନ୍ତ ଆରମ୍ଭ କଲା କ୍ରାଇମ୍‌ବ୍ରାଞ୍ଚ

ଭୁବନେଶ୍ୱର, ୮।୧୧(ସମିସ): ରାଜଧାନୀରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଏବଂ ତାଙ୍କ ପତ୍ନୀଙ୍କୁ ଡିଜିଟାଲ ଆରେଷ୍ଟ ମାମଲାରେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଆରମ୍ଭ କରିଛି। ଠକେଇରେ କାହାର ସମ୍ପୃକ୍ତି ରହିଛି। କିଏ ଏହାର ମାଷ୍ଟରମାଇଣ୍ଡ। ଏସବୁର ତଦନ୍ତ କରିବାକୁ କ୍ରାଇମ୍‌ବ୍ରାଞ୍ଚ ନିଜର ସାଇବର ଏକ୍ସପର୍ଟମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଛି। ତେବେ ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି ଦମ୍ପତିଙ୍କୁ ଡିଜିଟାଲ ଆରେଷ୍ଟ କରାଇଥିବା ସାଇବର ଠକମାନେ ଜେଟ୍ ଏୟାରୱେଜ୍ କମ୍ପାନୀର ଉଚ୍ଚ ପଦସ୍ଥ କର୍ମଚାରୀମାନେ ତାଙ୍କ ବିରୋଧରେ ଅଭିଯୋଗ କରିଛନ୍ତି ବୋଲି ପ୍ରଥମେ କହିଥିଲେ। ଏହି ଆଧାରରେ ତାଙ୍କୁ ଡିଜିଟାଲ ଆରେଷ୍ଟ କରାଇ ୧୦ ଦିନ ଧରି ଗୃହ ବନ୍ଦୀ କରି ରଖିଥିଲେ ବୋଲି କ୍ରାଇମ୍‌ବାଞ୍ଚ ସୂତ୍ରରୁ ଜଣାପଡ଼ିଛି।

## ସାମାଜିକ ଗଣମାଧ୍ୟମରେ ଅସାମାଜିକଙ୍କ ଥୋପ

# ସୁଯୋଗ ଆଶାରେ ଅଜଣା ଲୋକଙ୍କୁ ଭରସା

ଭୁବନେଶ୍ୱର, ୮।୧୧ (ସମିସ): ଦୈନନ୍ଦିନ ଜୀବନରେ ସାମାଜିକ ଗଣମାଧ୍ୟମ ପ୍ରମୁଖ ଭୂମିକା ନିଭାଉଛି। ଏବେକାର ପିଢ଼ି ସକାଳୁ ଉଠି ମୁହଁ ଧୋଇବା ପୂର୍ବରୁ ଫେସବୁକ୍, ହ୍ୱାଟ୍ସଆପ ଓ ଇନଷ୍ଟାଗ୍ରାମ ଭଳି ସୋସିଆଲ ମିଡିଆ ବ୍ୟବହାର କରୁଛନ୍ତି। ହେଲେ ଏବେ ସାମାଜିକ ଗଣମାଧ୍ୟମର ଅପବ୍ୟବହାର କରି ଅସାମାଜିକ କାର୍ଯ୍ୟକଳାପ କ୍ରମେ ବଢ଼ିବାରେ ଲାଗିଛି। କିଛି ଅସାମାଜିକ ତତ୍ତ୍ୱ ଅଶ୍ଳୀଳ ଭାଷାରେ ରୋଷ୍ଟିଙ୍ଗ୍ କରିବା ଠାରୁ ଚରିତ୍ର ସଂହାର କରିବାକୁ ମଧ୍ୟ ପଛାଉ ନାହାନ୍ତି। ସାମାଜିକ ଗଣମାଧ୍ୟମ ଯେତିକି ସୁବିଧା ଯୋଗାଉଛି, ସେତିକି ଅକଳରେ ମଧ୍ୟ ପକାଉଛି। ଫଟୋ କେତେକ କ୍ଷେତ୍ରରେ ସାମାଜିକ ଗଣମାଧ୍ୟମ ନୂଆ ଉଦାହରଣ ସୃଷ୍ଟି କରୁଥିବା ବେଳେ ଅଧିକାଂଶ ଲୋକଙ୍କ ପାଇଁ ବୁମେରାଂ ସାବ୍ୟସ୍ତ ହେଉଛି। ନିକଟରେ ଘଟିଥିବା କିଛି ଘଟଣାରୁ ଏଭଳି କଥା ସ୍ପଷ୍ଟ ହୋଇଛି।

### ଫଟୋ ସୁଟ୍ ଆଳରେ ଦୁଷ୍କର୍ମ

ସେହିପରି ମେଲୋଡି କଣ୍ଠଶିଳ୍ପୀ ଭାବେ କାମ କରୁଥିବା ଜଣେ ଯୁବତୀ ସାମାଜିକ ଗଣମାଧ୍ୟମ ଜରିଆରେ ଚନ୍ଦନଙ୍କ ଯୋଗାଯୋଗରେ ଆସିଥିଲେ। ଚନ୍ଦନ ଏକ ପ୍ରତିଷ୍ଠିତ ଚ୍ୟାନେଲର ଷ୍ଟୁଡିଓରେ ସଙ୍ଗୀତ ସମ୍ବନ୍ଧୀୟ କାମ କରୁଛି କହି ସଙ୍ଗୀତ ରେକର୍ଡିଂ ଓ ଫଟୋ ସୁଟ୍ କରିବା ବାହାନାରେ ଯୁବତୀଙ୍କୁ ଚନ୍ଦ୍ରଶେଖରପୁର ଥାନା ପୋଖରୀପୁଟ ଭିଜେଲସ୍ଥିତ ଶ୍ରୀ ମାର୍ଗ ଗେଷ୍ଟ ହାଉସକୁ ଡକାଇଥିଲା। ଯୁବତୀ ପହଞ୍ଚିବା ପରେ ପୂର୍ବ ଯୋଜନା ମୁତାବକ ଚନ୍ଦନ ଓ ତାର ବନ୍ଧୁ ପ୍ରସନ୍ନ ମିଶି ତାଙ୍କୁ ଥଣ୍ଡା ପାନୀୟରେ ନିଶା ଦେଇ ଦେଇଥିଲେ। ସେ ଚେତା ହରାଇବା ପରେ ଦୁଇ ଜଣ ମିଶି ତାଙ୍କୁ ଦୁଷ୍କର୍ମ କରିଥିଲେ। ଘଟଣାରେ ଚନ୍ଦନ, ପ୍ରସନ୍ନ ଓ କେୟାର ଟେକର ରାଜେଶକୁ ଗିରଫ କରିଥିଲା ମହିଳା ଥାନା ପୁଲିସ। ଲୋକମାନେ ବାରମ୍ବାର ସୋସିଆଲ ମିଡିଆ ଦ୍ୱାରା କମ୍ ସମୟ ମଧ୍ୟରେ ଅଜଣା ଲୋକଙ୍କୁ ଭରସା କରି ଭୟଙ୍କର ପରିଣାମ ଭୋଗୁଥିଲେ ମଧ୍ୟ ଏହି ଧାରାରେ ବ୍ରେକ୍ ଲାଗି ପାରୁନାହିଁ।




### ଟଙ୍କା ପାଇଁ ଚରିତ୍ର ସଂହାର

ସୋସିଆଲ ମିଡିଆରେ କଣ୍ଟେଣ୍ଟ ସମାଜକୁ ଅନେକ କିଛି ଶିକ୍ଷା ଦେଉଥିବା ବେଳେ କେତେକ ଅସାମାଜିକ ଅଶ୍ଳୀଳ ଭାଷାରେ ରୋଷ୍ଟିଙ୍ଗ୍ କରୁଛନ୍ତି। ଛୋଟ ଛୋଟ କଥାକୁ ନେଇ ଆରମ୍ଭ ହୋଇଥିବା ରୋଷ୍ଟିଙ୍ଗ୍ ସମୟକ୍ରମେ ଉଗ୍ରରୂପ ନେଉଛନ୍ତି। ସୋସିଆଲମିଡିଆରେଧମକପୂର୍ଣ୍ଣପୋଷ୍ଟକରିପରବର୍ତ୍ତୀସମୟରେ ହାତାହାତି ହେଉଛନ୍ତି। ନିକଟରେ କ୍ୟାପିଟାଲ ହସପିଟାଲରେ ଶିଶୁମୃତ୍ୟୁକୁ ନେଇ ହୋଇଥିବା ଗଣ୍ଡଗୋଳରେ ହିଂସାକୁ ଉସୁକାଇ ଜଣେ ୟୁଟ୍ୟୁବର ମଧ୍ୟ ଗିରଫ ହୋଇଥିଲେ। କଣ୍ଟେଣ୍ଟର ଭିୟୁଜ୍ ଆଧାରରେ ଟଙ୍କା ମିଳୁଥିବାରୁ କିଛି ଲୋକ ସାମାଜିକ ଗଣମାଧ୍ୟମରେ ଅସାମାଜିକ କାର୍ଯ୍ୟ କରିବାକୁ ପଛାଉ ନାହାନ୍ତି।

### ଓଏଲ୍ଏକ୍ସରେ ଚାକିରି ଆଳ, ଓୟୋରେ ଅସଦାଚରଣ

ନିକଟରେ ଏୟାରଫିଲ୍ଡ ଥାନା ଅଞ୍ଚଳର ଜଣେ ମହିଳା ଓଏଲ୍ଏକ୍ସରେ ଚାକିରି ଖୋଜାଖୋଜି କରୁଥିବା ବେଳେ ତାଙ୍କ ନଜରରେ ଏକ ବିଜ୍ଞାପନ ପଡ଼ିଥିଲା। ପର୍ସନାଲ ଆସିଷ୍ଟାଣ୍ଟ ଆବଶ୍ୟକ ଥିବା ଜାଣି ଯୋଗାଯୋଗ କରିଥିଲେ। ନରେଶ ନାମକ ଯୁବକ ତାଙ୍କୁ ଚାକିରି ଦେବାକୁ କହି ଡିଏନ୍ ରିଗାଲିଆ ମଲ୍ ନିକଟକୁ ଡାକିଥିଲା। ସେ ଡିଏନ୍ ରେଗାଲିଆ ମଲ୍ ନିକଟରେ ପହଞ୍ଚିବା ପରେ ସାରଙ୍କ ସହ ସାକ୍ଷାତ କରାଇବା ଆଳରେ ନରେଶ ଏକ ଓୟୋକୁ ନେଇ ସେଠାରେ ଅସଦାଚରଣ କରିବା ସହ ବସ୍ତ୍ର ଖୋଲି ସମ୍ବେଦନଶୀଳ ଅଙ୍ଗର ଫଟୋ ଉଠାଇଥିଲା। ଅଭିଯୋଗ ପରେ ତମାଣ୍ଡୋ ଥାନା ପୁଲିସ ନରେଶକୁ ଗିରଫ କରିଥିଲା।

### ଟଙ୍କା ଆଦାୟ ପଛରେ ଫେକ୍ ଆକାଉଣ୍ଟ

ସାମାଜିକ ଗଣମାଧ୍ୟମରୁ ଅନେକ ଫାଇଦା ମିଳୁଥିଲେ ମଧ୍ୟ ଏହାର ଅପବ୍ୟବହାର ବଢ଼ିବାରେ ଲାଗିଛି। ଶିଳ୍ପପତି, କଳାକାର, ଆଇଏଏସ୍, ଆଇପିଏସ୍ ମାନଙ୍କର ନକଲି ଆକାଉଣ୍ଟ ଖୋଲୁଛନ୍ତି ଦୁର୍ବୃତ୍ତ। ସେହି ଆକାଉଣ୍ଟରୁ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ଫ୍ରେଣ୍ଡ ରିକୁଏଷ୍ଟ ପଠାଇ ବନ୍ଧୁତ୍ୱ ଯୋଡୁଛନ୍ତି। ପରବର୍ତ୍ତୀ ସମୟରେ ବିଭିନ୍ନ ଆଳ ଦେଖାଇ ବନ୍ଧୁମାନଙ୍କୁ ଟଙ୍କା ମାଗୁଛନ୍ତି। ପ୍ରତିଷ୍ଠିତ ବ୍ୟକ୍ତି ଟଙ୍କା ମାଗୁଥିବା ଭାବି ଲୋକମାନେ ମଧ୍ୟ ଟଙ୍କା ଦେଇ ଦେଉଛନ୍ତି। ଲକ୍ଷ ଲକ୍ଷ ଟଙ୍କା ହରାଇ ସାରିବା ପରେ ତାହା ଫେକ୍ ଆକାଉଣ୍ଟ ବୋଲି ପରବର୍ତ୍ତୀ ସମୟରେ ଜାଣିବାକୁ ପାଉଛନ୍ତି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଯୋଗୁଁ ମହିଳାଙ୍କ ମୃତ୍ୟୁ




କୁଆଖିଆ, ୮।୧୧ (ସମିସ): ଯାଜପୁର ଜିଲ୍ଲା ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅସ୍ତ୍ରୋପଚାର ପାଇଁ ଆସିଥିବା ଜନୈକ ମହିଳାଙ୍କ ମୃତ୍ୟୁ ହୋଇଯାଇଛି। ଏହାକୁ ନେଇ ଡାକ୍ତରଖାନାରେ ଉତ୍ତେଜନା ଦେଖାଦେବା ସହିତ ଶବ ରଖି ଆନ୍ଦୋଳନକୁ ଓହ୍ଲାଇଥିଲେ ପରିବାର ଲୋକେ। ରସୁଲପୁର ବ୍ଲକ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ପରିବାର ନିୟୋଜନ ଅସ୍ତ୍ରୋପଚାର କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀବନ୍ତପୁର ପଞ୍ଚାୟତ କାଣ୍ଡସରା ଗ୍ରାମର ଅଶ୍ୱିନୀ ମଳିକଙ୍କ ସ୍ତ୍ରୀ ପ୍ରତିମା ମଳିକଙ୍କର ଅସ୍ତ୍ରୋପଚାର ହୋଇଥିଲା। ଅଭିଯୋଗ ଅନୁଯାୟୀ ଏହି ଅସ୍ତ୍ରୋପଚାର ଘଟଗାଁ ସିଏଚ୍‌ସିର ଡାକ୍ତର ମୁକ୍ତିକାନ୍ତ ନାୟକ କରୁଥିବା ବେଳେ ପ୍ରତିମା ବେହୋସ ହୋଇଯାଇଥିଲେ। ଏହା ଦେଖି ସିଂହାପୁର ପିଏଚ୍‌ସିର ଡାକ୍ତର ଜ୍ୟୋତିପ୍ରକାଶ ପଣ୍ଡା ରୋଗୀର ଅବସ୍ଥା ସଂକଟାପନ୍ନ ଥିବା ଜାଣି ଏକ ଘରୋଇ ଆମ୍ବୁଲାନ୍ସ ଯୋଗେ କଟକ ଏସ୍‌ସିବିକୁ ସ୍ଥାନାନ୍ତର କରିଥିଲେ। କିନ୍ତୁ ମହିଳା ଜଣଙ୍କ କଟକରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରତିମାଙ୍କ ମୃତ୍ୟୁ ହେବା ପରେ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଯୋଗୁଁ ମହିଳାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରି ମୃତକଙ୍କ ପରିବାର ଲୋକେ ଅପରାହ୍ନରେ ମଧୁବନ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ଆନ୍ଦୋଳନ କରିଥିଲେ। ମହିଳାଙ୍କ ଶବ ରଖି ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହିତ କ୍ଷତିପୂରଣ ଦାବି କରିଥିଲେ। ଖବର ପାଇ ସିଡିଏମ୍‌ଓଙ୍କ ପ୍ରତିନିଧି ଏଡିଏମ୍ ଗୋପାଳ ଚନ୍ଦ୍ର ମଲ୍ଲିକ, ରସୁଲପୁର ଅତିରିକ୍ତ ତହସିଲଦାର ନିରଞ୍ଜନ ଗୁରୁ, ବ୍ଲକ ଅତିରିକ୍ତ ବିଡିଓ ସାରଦା ପ୍ରସାଦ ମହାନ୍ତି, କୁଆଖିଆ ଥାନା ଅଧିକାରିଣୀ ଚିନ୍ମୟୀ ସାହୁ, ଏସ୍‌ଆଇ ଜ୍ୟୋତିରଞ୍ଜନ ମହାପାତ୍ର, ଏସ୍‌ଆଇ ମନୋଜ କୁମାର ପରିଡ଼ା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି

### ପ୍ରତିବାଦରେ ଆନ୍ଦୋଳନ

ଆନ୍ଦୋଳନରତ ଲୋକମାନଙ୍କୁ ବୁଝାଇ ଥିଲେ। ମୃତକଙ୍କ ପରିବାରକୁ ୭ ଦିନ ମଧ୍ୟରେ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ, ଶବ ସଂସ୍କାର ପାଇଁ ଜିଲ୍ଲା ରେଡ୍‌କ୍ରସ ପାଣ୍ଠିରୁ ନଗଦ ୨୦ ହଜାର ଟଙ୍କା ରାଶି ପ୍ରଦାନ କରିବା ସାଙ୍ଗକୁ ମୃତକଙ୍କ ଦୁଇ ନାବାଳକ ପିଲାଙ୍କୁ ଅନୁଷଙ୍ଗିକ ସରକାରୀ ସହଯୋଗ ଦେବାପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ମୃତ ମହିଳାଙ୍କର ଗୋଟିଏ ୩ ବର୍ଷର ପୁଅ ଓ ବର୍ଷକର ଝିଅ ଥିବା ଜଣାପଡ଼ିଛି।

## ଅଗ୍ନିକାଣ୍ଡରେ ଦୁଇବଖରା ଜଳିଗଲା

ପାଣିକୋଇଲି,୮।୧୧(ସମିସ): ପାଣିକୋଇଲି ପଞ୍ଚାୟତ ଅନ୍ତର୍ଗତ ପାଣିକୋଇଲି ଗ୍ରାମରେ (ନମଟିକିରି ଛକ ପାଖ) ସାନାତନ ଜେନାଙ୍କ ଘରେ ଶୁକ୍ରବାର ରାତ୍ରୀରେ ଅଗ୍ନିକାଣ୍ଡ ଘଟିଥିଲା। ଫଳରେ ଗୁହାଳ ସମେତ ଦୁଇବଖରା ଘର ଓ ଆସବାସପତ୍ର ଜଳିପୋଡ଼ି ନଷ୍ଟ ହୋଇଯାଇଛି। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଛି। ପ୍ରକାଶଯେ ସନାତନ ଜେନାଙ୍କ ଗୁହାଳ ଘରୁ ପ୍ରଥମେ ନିଆଁ ଲାଗିଥିଲା। ବିଦ୍ୟୁତ ସର୍ଟସର୍କିଟ ବା ମଶା ପାଇଁ ଗୋରୁଙ୍କୁ ଦିଆଯାଇଥିବା ଧୂଆଁରୁ ନିଆଁ ଲାଗିଥିଲା ତାହା ସ୍ପଷ୍ଟ ହୋଇନାହିଁ। ଗୁହାଳରେ ନିଆଁ ଲଗିବା ପରେ ତାହା ଅନ୍ୟ ଘରକୁ ବ୍ୟାପିଥିଲା। ଫଳରେ ଘରେ ଥିବା ଚାଉଳ ସମେତ ବିଭିନ୍ନ ଆସବାସପତ୍ର ପୋଡି ଯାଇଥିଲା। ସ୍ଥାନୀୟ ଲୋକମାନେ ନିଆଁକୁ ଆୟତ୍ତ କରିନପାରିବାରୁ ଦମକଳକୁ ଖବର ଦେଇଥିଲେ। ଯାଜପୁରରୋଡ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ବିପନ୍ନ ସନାତନ ପରିବାରକୁ ସରକାରୀ ସାହାଯ୍ୟ ଯୋଗାଇଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ସାପକାମୁଡ଼ାରେ ଜଣେ ଗୁରୁତର

ପାଣିକୋଇଲି,୮।୧୧(ସମିସ): ପାଣିକୋଇଲିସ୍ଥିତ ପାଉଁରୁଟି କାରଖାନାରେ ଏକ ସାପ ପଶିଯିବା ସହ ମାଲିକଙ୍କୁ କାମୁଡ଼ି ଦେବାରୁ ସେ ଆହତ ହୋଇଛନ୍ତି। ପ୍ରକାଶଯେ ପାଣିକୋଇଲି ଆଙ୍କୁଲା ରାସ୍ତାରେ (ଗଣେଶ ମାର୍କେଟ)ରେ ବାବୁ ଖାଁ ଏକ ପାଉଁରୁଟି କାରଖାନା କରିଛନ୍ତି। ଆଜି ମଧ୍ୟାହ୍ନରେ ଏକ ନାଗ ସାପ ରୁଟି କାରଖାନାରେ ପଶିଥିଲା। ସାପଟି କାରଖାନା ମାଲିକ ଭଦ୍ରକ ଅଞ୍ଚଳର ବାବୁ ଖାଁଙ୍କ ହାତକୁ କାମୁଡ଼ି ଦେଇଥିଲା। ଫଳରେ ସେ ଆହତ ହୋଇଥିଲେ। ଯାଜପୁରରୋଡରୁ ସାପ ଧରାଳିଙ୍କ ସହାୟତା ନେବା ପରେ ସେ ଆସି ନାଗ ସାପଟିକୁ ଉଦ୍ଧାର କରିଥିଲେ। ଅପରପକ୍ଷେ ବାବୁଙ୍କୁ ଚିକିତ୍ସା ନିମନ୍ତେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ନରସିଂହ ଚୌଧୁରୀ ସ୍ମୃତି ସଂସଦ ତରଫରୁ ପ୍ରତିମୂର୍ତ୍ତି ସ୍ଥାପନ

ଯାଜପୁର,୮।୧୧(ସମିସ): ଯାଜପୁରର ସର୍ବପୁରାତନ ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରତିଷ୍ଠାତା ନରସିଂହ ଚୌଧୁରୀଙ୍କ ପ୍ରତିମୂର୍ତ୍ତି ମହାବିଦ୍ୟାଳୟ ପରିସରରେ ପ୍ରତିଷ୍ଠା ନିମନ୍ତେ ଏକ ବୈଠକ ପୂର୍ବତନ ଲୋକସଭା ସାଂସଦ ଅଞ୍ଚଳ ଦାସଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନରସିଂହ ଚୌଧୁରୀଙ୍କର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିର ଭିତ୍ତିପ୍ରସ୍ତର ଶିକ୍ଷାନୁଷ୍ଠାନର ପ୍ରବେଶଦ୍ୱାର ସମ୍ମୁଖରେ ପ୍ରତିଷ୍ଠା କରାଯିବା ପାଇଁ ଆସନ୍ତା ନଭେମ୍ବର ୧୨ ତାରିଖ ସକାଳ ୯ ଘଟିକା ଏବଂ ନଭେମ୍ବର ୧୪ ତାରିଖରେ ପେଡେଷ୍ଟାଲ କଂକ୍ରିଟ୍ ହେବା ନିମନ୍ତେ ସମୟ ଧାର୍ଯ୍ୟ କରାଯାଇଛି। ଏହି ପ୍ରତିମୂର୍ତ୍ତି ସ୍ଥାପନ ନିମନ୍ତେ ମହାବିଦ୍ୟାଳୟର ଅଧ୍ୟକ୍ଷ ସ୍ଥାନ ଏବଂ ଅନୁମତି ପ୍ରଦାନ କରିଥିବାରୁ ସଂସଦ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକୁ ଶୃଙ୍ଖଳିତ ଭାବରେ ପରିଚାଳନା ନିମନ୍ତେ ବିଭିନ୍ନ ସବ୍‌କମିଟି ଯଥା - ପରାମର୍ଶଦାତା କମିଟି, ଆର୍‌ଥିକ ଅନୁଦାନ ସଂଗ୍ରହ କମିଟି, ସୂଚନା ଓ ଯୋଗାଯୋଗ କମିଟି, ସ୍ମରଣିକା କମିଟି, ତଦାରଖ କମିଟି, କାର୍ଯ୍ୟ ପରିଚାଳନା କମିଟି, ଆୟବ୍ୟୟ ହିସାବ କମିଟି ଏବଂ ସାଂସ୍କୃତିକ କମିଟି ଗଠନ କରାଯିବା ପାଇଁ ସ୍ଥିର କରାଯାଇଥିଲା। ଏହି ବୈଠକରେ ବରିଷ୍ଠ ନାଗରିକ ସଂଘର ସମ୍ପାଦକ ପ୍ରବୋଧ କୁମାର ନାୟକ, ଆଡ୍‌ଭୋକେଟ ମହେଶ୍ୱର ମହାରଣା, ନାରାୟଣ ଚୌଧୁରୀ, ପ୍ରାଧ୍ୟାପକ ଦାମୋଦର ବେହେରା, ପ୍ରାକ୍ତନ ପୁଲିସ୍ ପ୍ରଶାସନ, ଗଦାଧର ରାଉତ, ସମାଜସେବୀ ପଦ୍ମାକର




ଗୁରୁ, ସାମ୍ବାଦିକ ହରିହର ସ୍ୱାଇଁ, ସାମ୍ବାଦିକ ତପନ କୁମାର ମହାରଣ୍ୟ, ସାମ୍ବାଦିକ ପ୍ରଦୀପ କୁମାର ବେହୁରିଆ, ସୁବାସ ଚନ୍ଦ୍ର ତ୍ରିପାଠୀ, ରବି ପ୍ରସାଦ ସାମଲ, ବୃନ୍ଦାବନ ମିଶ୍ର, ଅଭିମନ୍ୟୁ ମିଶ୍ର, ନିତ୍ୟାନନ୍ଦ ମିଶ୍ର, ସୁବାସ ଚନ୍ଦ୍ର ମହାପାତ୍ର, ପ୍ରାଧ୍ୟାପକ ଡ. ହରିଶ୍ଚନ୍ଦ୍ର ପଣ୍ଡା, ପ୍ରେମଲତା ପଣ୍ଡା, କମଳଲୋଚନ ରାୟ, ଗିରିଧାରୀ ସାହୁ, ଗୋପନାଥ ସେଠୀ, ନୃସିଂହ ଚରଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସମାଜସେବୀ ହୃଷୀକେଶ ପତି ଧନ୍ୟବାଦ ଅର୍ପଣ କରିଥିଲେ।

## କବାଟବନ୍ଧ ବଜାରରେ ବଢୁଛି ଟ୍ରାଫିକ୍ ସମସ୍ୟା



କବାଟବନ୍ଧ, ୮।୧୧ (ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ କବାଟବନ୍ଧ ବଜାର ପାଇଁ ଟ୍ରାଫିକ ସମସ୍ୟା ନିତିଦିନିଆ ହୋଇଗଲାଣି। ଭାରୀଯାନ ପାଇଁ ଏହି ସମସ୍ୟା ଜଟିଳ ରୂପ ନେଲାଣି। ବିଶେଷ କରି ଓଭରଲୋଡିଂ ବାଲି ବୋଝେଇ ହାଇୱା ଯୋଗୁଁ ଅଧିକାଂଶ ସମୟରେ ବଜାର ଜାମ ହୋଇ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛି। ଯାହା ଫଳରେ ଜନସାଧାରଣ ଦୈନିକ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ପ୍ରଶାସନ ପକ୍ଷରୁ ଏଥିପ୍ରତି କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଯାହାକୁ ନେଇ ପ୍ରବଳ ଜନଅସନ୍ତୋଷ ପ୍ରକାଶ ପାଇଛି। ଏଭଳି ଟ୍ରାଫିକ ସମସ୍ୟା ଅତି ସାଧାରଣ ହୋଇଗଲାଣି। ଦୈନିକ ଦୀର୍ଘ ସମୟ ଧରି ଏହି ସମସ୍ୟା ଲାଗି ରହିଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାନଯିବାକୁ ନେଇ ଜନସାଧାରଣ ସନ୍ଦେହ ପ୍ରକଟ କରିଛନ୍ତି। ଜାରକା-ଏଣ୍ଡଲବା ନଦୀ ବନ୍ଧ ରାସ୍ତାର କବାଟବନ୍ଧ ଠାରେ ରାସ୍ତାର ଉଭୟ ପାଶ୍ୱର୍ରେ ଅନେକ ଦୋକାନ ରହିଛି। ସ୍ଥାନୀୟ ଅଞ୍ଚଳରେ କବାଟବନ୍ଧ ଏକ ମୁଖ୍ୟବଜାର ହୋଇଥିବାରୁ ଦୈନିକ ଶହ ଶହ ଲୋକ ତଥା ଗ୍ରାହକ ଏବଂ ଅନ୍ୟାନ୍ୟ ବ୍ୟବସାୟୀଙ୍କ ଭିଡ଼ ଜମେ। ବଜାରକୁ ଆସୁଥିବା ଲୋକମାନେ ପ୍ରାୟତଃ ସାଇକଲ ଏବଂ ମୋଟର ସାଇକଲରେ ଆସି ରାସ୍ତା କଡ଼ରେ ପାର୍କିଂ କରିଥାନ୍ତି। ଏହା ସହିତ କାର୍, ଅଟୋ, ଟ୍ରାକ୍ଟର, ବସ୍ ସହିତ ଅନେକ ଗାଡ଼ି ଯିବା ଆସିବା କରନ୍ତି। ବିଶେଷ କରି ସନ୍ଧ୍ୟା ସମୟରେ ଏହା ବହୁ ଜାମ ହେଉଥିବା ଦେଖିବାକୁ ମିଳୁଛି। କୌଣସି ପର୍ବପର୍ବାଣୀରେ ଏହି ବଜାର ଭିଡ଼ ଯଥେଷ୍ଟ ବୃଦ୍ଧି ପାଇଥାଏ। ଏହି ସମୟରେ ଜରୁରୀକାଳୀନ ପରିସ୍ଥିତିରେ କୌଣସି ଆମ୍ବୁଲାନ୍ସ, ଅଗ୍ନିଶମ ବିଭାଗ ଗାଡ଼ି ମଧ ଅଟକି ରହୁଛି। ଏହି ରାସ୍ତା ଅଣଓସାରିଆ ହୋଇଥିବାରୁ ଏହି ସମସ୍ୟା ସୃଷ୍ଟିହେଉଛି। ଦୀର୍ଘ ଦିନ ଧରି ରାସ୍ତା ସମ୍ପ୍ରସାରଣ ପାଇଁ ଶୁଣାଯାଉଥିଲେ ମଧ ଏପର୍ଯ୍ୟନ୍ତ ସେମିତି କୌଣସି ପ୍ରକ୍ରିୟା ଆରମ୍ଭ ହେଉନାହିଁ। ପ୍ରଶାସନ ପକ୍ଷରୁ ଏଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ସାଧାରଣରେ ଦାବି ହୋଇଛି।

## ଦୁର୍ଘଟଣାରେ ୟୁଟ୍ୟୁବର୍ ପ୍ରକାଶ ଗୁରୁତର



ସୁକିନ୍ଦା,୮।୧୧(ସମିସ): ୫୩ ନଂ. ଜାତୀୟ ରାଜପଥ ସୁକିନ୍ଦା ଡୁବୁରୀ ରାସ୍ତାର ରଙ୍ଗିଟାଙ୍ଗର ନିକଟରେ ଏକ ଟ୍ରକ୍ ଦୁର୍ଘଟଣାରେ ୟୁଟ୍ୟୁବର୍ ପ୍ରକାଶ ଚନ୍ଦ୍ର ପାତ୍ର ଗୁରୁତର ଆହତ ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡିଛି। ସୂଚନା ମୁତାବକ ଦାନଗଦି ବ୍ଲକ ଅନ୍ତର୍ଗତ ନୂଆଗାଁ ବାସିନ୍ଦା ଧରଣୀଧର ପାତ୍ରଙ୍କ ପୁଅ ପ୍ରକାଶ ୟ୍ୟୁଟୁବର୍ 'ଓଡ଼ିଆ ବାଇକର୍' ନାମରେ ପରିଚିତ। ଗତ ଶୁକ୍ରବାର ରାତିରେ ବାଇକ୍‌ରେ ସୁକିନ୍ଦାରୁ ଫେରୁଥିବା ସମୟରେ ରଙ୍ଗିଟାଙ୍ଗର ବାଟମଙ୍ଗଳା ମନ୍ଦିର ସମ୍ମୁଖ ରାଜପଥରେ ଏକ ଟ୍ରକ୍ ତାଙ୍କୁ ଦୁର୍ଘଟଣା ଘଟାଇଥିଲା। ସଂପୃକ୍ତ ଟ୍ରକ୍ ବାଇକକୁ କିଛିବାଟ ରାଜପଥରେ ଘୋଷାଡ଼ି ନେଇଥିଲା। ଏହି ଦୁର୍ଘଟଣାରେ ପ୍ରକାଶଙ୍କ ମୁଣ୍ଡ ଓ ଦେହରେ ଗଭୀର ଆଘାତ ଲାଗି ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ଠାରୁ ସୂଚନା ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ତୁରନ୍ତ ଗୁରୁତର ପ୍ରକାଶକୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରକାଶଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି। ସ୍ଥାନୀୟ ପୁଲିସ ସୂଚନା ପାଇ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଜବତ କରିବା ସହ ଚାଳକକୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଜାରି ରଖିଛି।

● ଲାଲବାଗ ଲକ୍ଷ୍ମୀନାରାୟଣ ପୂଜା

## ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା



ମଙ୍ଗଳପୁର/କୟାଁଗୋଲା,୮।୧୧(ସମିସ): ଦଶରଥପୁର ବ୍ଲକ ଖାନନଗର ପଞ୍ଚାୟତ ଲାଲବାଗ ଛକରେ ସ୍ଥାନୀୟ ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ଲକ୍ଷ୍ମୀନାରାୟଣ ପୂଜା ଚଳିତ ବର୍ଷ ୪୫ ବର୍ଷରେ ପଦାର୍ପଣ କରିଥିବା ବେଳେ ୭ ଦିନ ଧରି ଏହି ପୂଜା ଅନୁଷ୍ଠିତ ହୋଇଥିଲା। ପୂଜାର ଶେଷ ଦିନରେ ଲକ୍ଷ୍ମୀନାରାୟଣ ପୂଜା କମିଟି ପକ୍ଷରୁ ଏକ ବରିଷ୍ଠ ନାଗରିକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଯୁବନେତା ବିରଜା ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଦଶରଥପୁର ବ୍ଲକ ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକ, ସମ୍ମାନିତ ଅତିଥି ଭାବେ କମାରଡ଼ିହି ପାକ୍ସ ସଭାପତି ଭାଗୀରଥି ସାହୁ, ୭ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟା ନିନାରାଣୀ ସାମଲ, ୬ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ଖାନନଗର ପଞ୍ଚାୟତ ସରପଞ୍ଚ ଶୁଭଶ୍ରୀ ମଲ୍ଲିକ, ସମିତିସଭ୍ୟା ଜୋସ୍ନାରାଣୀ ଦାସ, ସମାଜସେବୀ ପ୍ରଫୁଲ୍ଲ କୁମାର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ସମାଜସେବୀ ଅମୂଲ୍ୟ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଖାନନଗର ପଞ୍ଚାୟତର ପୂର୍ବତନ ସରପଞ୍ଚ ରଞ୍ଜିତ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଉତ୍କଳ ସାମ୍ବାଦିକ ସଂଘର ସଭାପତି ଜୟପ୍ରକାଶ ନାୟକ, ସାମ୍ବାଦିକ ପ୍ରତ୍ୟୁଷ ନାୟକ, ଚନ୍ଦ୍ରଶେଖର ସାହୁ, ବିଶ୍ୱଭୂଷଣ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିବା ବେଳେ ସମାଜସେବା କ୍ଷେତ୍ରରେ ଦେବବ୍ରତ ନାୟକଙ୍କ ସହ ବହୁ ବରିଷ୍ଠ ନାଗରିକମାନଙ୍କୁ ଏହି କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଥିଲା। ଭସାଣି ଉତ୍ସବ ୧୧ ତାରିଖରେ ଅନୁଷ୍ଠିତ ହେବ ବୋଲି ପୂଜା କମିଟି ପକ୍ଷରୁ କୁହାଯାଇଛି। ଉକ୍ତ କାର୍ଯ୍ୟକ୍ରମ ପରିଚାଳନରେ କମିଟିର ସମସ୍ତ ସଭ୍ୟମାନେ ସହଯୋଗ କରିଥିଲେ।

### ଉତ୍କଳ ଗୌରବ ସେବା ସଂସଦର ଶେଷ ସନ୍ଧ୍ୟା

## ମୁଗ୍ଧକଲେ ସିନେ ତାରକା ସ୍ୱରାଜ ଓ ରିୟା

ବ୍ରହ୍ମବରଦା,୮।୧୧(ସମିସ): ରସୁଲପୁର ବ୍ଲକ ବ୍ରହ୍ମବରଦା ଡିଅସାହି ଉତ୍କଳ ଗୌରବ ସେବା ସଂସଦର ୨୬ତମ ବାର୍ଷିକ ଉତ୍ସବର ଆଜି ଥିଲା ଶେଷ ସନ୍ଧ୍ୟା। ଏହି ଅନ୍ତିମ ସନ୍ଧ୍ୟାର ମୁକ୍ତ ମଞ୍ଚରେ ଆୟୋଜିତ ହୋଇଥିଲା ଓଡ଼ିଆ ସଙ୍ଗୀତ ଜଗତର ଲୋକପ୍ରିୟ ପ୍ରଚ୍ଛଦପଟ ଗାୟକ ଶୁଭାଶିଷ ମହାକୁଡ଼ଙ୍କ ମେଲୋଡି କାର୍ଯ୍ୟକ୍ରମ। ପ୍ରାରମ୍ଭରେ ଶୁଭାଶିଷ ଗାଇଥିବା ଓଡ଼ିଆ ରୋମାଣ୍ଟିକ ଆଲବମ ଗୀତ "ରାଗି ଗଲେ ତୁ ଜହ୍ନ ଲୁଚିଯାଏ' ଶ୍ରୋତାଙ୍କ ମନରେ ଶିହରଣ ସୃଷ୍ଟି କରିଥିଲା। ସେହିପରି "ଷୋଳଟି ଫଗୁଣ ଆସି ତୋତେ ଛୁଇଁ ଦେଲା ପରେ', 'ମୋତେ ପାଗଳ କରିଛି ଗୋଟେ ଝିଅ' ଗୀତ ଦର୍ଶକଙ୍କ ହୃଦୟକୁ ବେଶ ଛୁଇଁଥିଲା। ଏହିପରି ଅନେକ ନୂଆପୁରୁଣା ଗୀତର ତାଳେ ତାଳେ ଦର୍ଶକ ମାନେ ଝୁମିଥିଲେ। ପରେ ପରେ ମଞ୍ଚ ଉପରକୁ ଓହ୍ଲାଇଥିଲେ ଓଡିଆ ସିନେ ଜଗତର ଚକଲେଟ୍ ହିରୋ ସ୍ୱରାଜ ବାରିକ ଓ ବୁଲବୁଲି ନାୟିକା ରିୟା ଦେ। ଦୁଇ ଷ୍ଟାରଙ୍କ ଆକର୍ଷଣୀୟ ଅଭିନୟ, ଡାଇଲଗ୍ ଓ ରଙ୍ଗାରଙ୍ଗ ନୃତ୍ୟର ଜଲୱାରେ ବ୍ରହ୍ମବରଦା ମେଲଣ ପଡ଼ିଆ କମ୍ପି ଉଠିଥିଲା। ଆଜିର ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ବରୀ ବିଜେପି ନେତା ଉମେଶଚନ୍ଦ୍ର ଜେନା, ବରୀ ବ୍ଲକ ଅଧ୍ୟକ୍ଷ ଅଶୋକ ଗେଡ଼ି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ସଂସଦ ତରଫରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ରହ୍ମବରଦା ସରପଞ୍ଚ ମମତା ଶୁଭଦର୍ଶିନୀ ଦେଓ, ସଂସଦର ପୂର୍ବତନ ସଭାପତି ପ୍ରଦୀପ ଦାସ, ଉପଦେଷ୍ଟା ରାକେଶ ଦେଓ, ସଭାପତି ଜିତେନ୍ଦ୍ର ପ୍ରସାଦ ସାହୁ, ସମ୍ପାଦକ ନିରାକାର ବେହେରା, ବରିଷ୍ଠ ସଭ୍ୟ ନିତ୍ୟାନନ୍ଦ ରାଉତ, ମହେଶ ବେହେରା, ପ୍ରଭାତ ଘଡାଇ, ଲୋକନାଥ ଓଝା, ଜଗବନ୍ଧୁ ପାଢୀ, ସିଦ୍ଧାର୍ଥ ଓଝା, ସୁଶାନ୍ତ ଜେନାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ସଭ୍ୟ ସହଯୋଗ କରିଥିଲେ।




## ମଙ୍ଗଳପୁର ମହିଳା ମହାବିଦ୍ୟାଳୟରେ ପାଠଚକ୍ର

କୟାଁଗୋଲା/ମଙ୍ଗଳପୁର,୮।୧୧(ସମିସ): ଦଶରଥପୁର ବ୍ଲକ ମଙ୍ଗଳପୁର ମହିଳା ସ୍ନାତକ ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ତରଫରୁ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ. ମିନାକ୍ଷୀ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଗପାଳ ଡିଗ୍ରୀ କଲେଜର ଅଧ୍ୟାପିକା ଡ. କାନ୍ତିବାଳା ପଣ୍ଡା ଯୋଗ ଦେଇ ମହିଳା ସଶକ୍ତୀକରଣ ଉପରେ ଆଲୋକପାତ କରିଥିଲେ। ଏକବିଂଶ ଶତାବ୍ଦୀରେ ମହିଳା ପ୍ରତ୍ୟେକ କ୍ଷେତ୍ରରେ ନିଜର




ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ଏବଂ ଶିକ୍ଷା, ଜ୍ଞାନ, ସୁବିଧା, ସୁଯୋଗ ଏବଂ ନିରାପତ୍ତା ପାଇଲେ ପ୍ରତ୍ୟେକ ମହିଳା ସମାଜ ସୁଦୃଢ଼ୀକରଣରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ ବୋଲି କହିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପିକା ପ୍ରମିଳା ବାଇ, ଶୁଭଶ୍ରୀ ଘଡ଼ାଇ, ତପସ୍ୱିନୀ ଭଞ୍ଜ, ସୁଷମା ସାହୁ, ରଶ୍ମି ଦଳାଇ, ଶୁଭସ୍ମିତା ସାହୁ, ବ୍ରଜକିଶୋର ସାହୁ ସହଯୋଗ କରିଥିଲେ। ଏହି ପାଠଚକ୍ରରେ ଯୁକ୍ତ ୩ର ସମସ୍ତ ଛାତ୍ରୀମାନେ ଉପସ୍ଥିତ ଥିଲେ।

## ମହାବିଦ୍ୟାଳୟରେ 'ବନ୍ଦେ ମାତରମ୍' ଉତ୍ସବ



ସିଂହପୁର,୮।୧୧(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ସ୍ଥିତ ଖରସ୍ରୋତା ମହାବିଦ୍ୟାଳୟରେ ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ପାଳନ କରାଯାଇଛି। ଅଧ୍ୟକ୍ଷ ଡ. ବ୍ରଜକିଶୋର ସାହୁ, ସ୍କାଉଟ ଯୁବ ରେଡ଼କ୍ରସ ଓ ଜାତୀୟ ସେବା ସଂସ୍ଥାର ପ୍ରୋଗ୍ରାମ ଅଫିସର୍ ସନ୍ତୋଷ ମହାପାତ୍ର, ଅଧ୍ୟାପକ ନୀଳମଣି ମଲ୍ଲିକ, ଅଧ୍ୟାପକ ଜଳଧର ସାହୁ, ଅଧ୍ୟାପକ ଦୀପ୍ତିରଞ୍ଜନ ସେନାପତିଙ୍କ ସଂଯୋଜନାରେ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା କର୍ମଚାରୀ ଓ ଛାତ୍ର, ଛାତ୍ରୀ ମାନେ ଉପସ୍ଥିତ ରହି 'ବନ୍ଦେ ମାତରମ' ଗାନ କରିଥିଲେ। ଅଧ୍ୟାପକ ଶ୍ରୀକାନ୍ତ ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ।

### ଜେନାପୁର ଥାନାରୁ ନ୍ୟାୟ ମିଳୁନି

## ଧାରଣାରେ ବସିଲେ ପୀଡ଼ିତ ପରିବାର



କବାଟବନ୍ଧ,୮।୧୧(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ କବାଟବନ୍ଧର ଗୋଟିଏ ପରିବାରର ୪ ଜଣ ସଦସ୍ୟ ନ୍ୟାୟ ପାଇବା ପାଇଁ ଜେନାପୁର ଥାନାରେ ଧାରଣା ଦେଇଥିବା ଦେଖିବାକୁ ମିଳିଛି। ଧାରଣାରେ ବସିଥିବା କବାଟବନ୍ଧ ନୂଆସାହି ଗ୍ରାମର ଅଭିଯୋଗକାରିଣୀ ସ୍ନେହଲତା ଦାଶଙ୍କ ଅଭିଯୋଗ ମୁତାବକ ତାଙ୍କ ଗ୍ରାମର ଜଣେ ଯୁବକ ତାଙ୍କ ପୁଅକୁ ମୋଟର ସାଇକଲରେ ଧକ୍କା ଦେବା ଫଳରେ ସେ ଆହତ ହୋଇଥିଲେ। ପରିବାର ଲୋକେ ଏ ସମ୍ପର୍କରେ ପଚାରିବାରୁ ତାଙ୍କୁ ମଧ ଆକ୍ରମଣ କରାଯାଇଥିଲା। ଏନେଇ ସେ ଜେନାପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ସେ ଯାଜପୁର ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ। ଏସ୍‌ପିଙ୍କ କାର୍ଯ୍ୟାଳୟରୁ ଜେନାପୁର ପୁଲିସକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିଲା। ବାଧ ହୋଇ ସେ ପୁନର୍ବାର ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଯାଇ ଅଭିଯୋଗ କରିଥିଲେ। ସମାନ ପ୍ରତିଶ୍ରୁତି ମିଳିବା ପରେ ଘରକୁ ଆସିଥିଲେ। ତଥାପି ପୁଲିସ ଏସ୍‌ପିଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିଲାନାହିଁ। ଅନ୍ୟ ପକ୍ଷରେ ପୀଡ଼ିତ ପରିବାର ନ୍ୟାୟ ନ ପାଇ ବାରମ୍ବାର ଜେନାପୁର ଥାନା ଆଉ ଏସ୍‌ପି କାର୍ଯ୍ୟାଳୟ ଦୌଡ଼ିଥିଲେ। ଲଗାତାର ୩ ଥର ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଯିବା ପରେ ମଧ କୌଣସି ନ୍ୟାୟ ପାଇ ନ ଥିଲେ। ଅଭିଯୋଗକାରିଣୀ ସ୍ନେହଲତାଙ୍କ ପରିବାର ମାନସିକ ଚାପରେ ରହୁଥିବା ବେଳେ ଶନିବାର ସକାଳ ପ୍ରାୟ ୮ ସମୟରେ ପରିବାରକୁ ନେଇ ଜେନାପୁର ଥାନାରେ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେଇଥିଲେ। ପ୍ରାୟ ୩ ଘଣ୍ଟା ପରେ ଜେନାପୁର ପୁଲିସ ନ୍ୟାୟ ଦେବା ପାଇଁ ପୂର୍ଣ୍ଣ ପ୍ରତିଶ୍ରୁତି ଦେବା ପରେ ସ୍ନେହଲତା ଧାରଣାରୁ ଉଠିଥିଲେ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# ୨୫ରେ ଏସ୍‌ୟୁସିଆଇ ପକ୍ଷରୁ ରାଜଧାନୀରେ ବିଶାଳ ବିକ୍ଷୋଭ

ଅନୁଗୋଳ,୮ ।୧୧(ସମିସ):




ରାଜ୍ୟର ଚାଷୀ, ମୂଲିଆ, ମହିଳା, ଛାତ୍ର, ଯୁବକ, ଶ୍ରମିକ, କର୍ମଚାରୀ ଆଦି ସବୁ ସ୍ତରର ଜନଗଣଙ୍କ ଜୀବନ ଜୀବିକାର ନ୍ୟାଯ୍ୟ ଦାବି ନେଇ ରାଜ୍ୟର ସମସ୍ତ ୩୦ ଜିଲ୍ଲାରୁ ହଜାର ହଜାର ଲୋକଙ୍କୁ ନେଇ ଆସନ୍ତା ନଭେମ୍ବର ୨୫ ରାଜ୍ୟ ସଚିବାଳୟ ସମ୍ମୁଖରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ବିଶାଳ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହେବ। ଏହି ଗଣ ବିକ୍ଷୋଭରେ ଅନୁଗୋଳ ଜିଲ୍ଲାରୁ ପ୍ରାୟ ୩ହଜାର ଜନସାଧାରଣ ଯୋଗଦେବେ ବୋଲି ଶନିବାର ଦଳ ପକ୍ଷରୁ ଶିକ୍ଷକପଡ଼ାସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି।

ଡବଲ ଇଞ୍ଜିନ୍ ସରକାର ରାଜ୍ୟରେ କ୍ଷମତାସୀନ ହେବା ପୂର୍ବରୁ ଯେଉଁସବୁ ପ୍ରତିଶ୍ରୁତି ଦେଇଥିଲେ ତାହା ପାଳନ କରିବା ତ ଦୂର କଥା ବରଂ ଠିକ୍ ବିପରୀତ କାମ କରି ଚାଲିଛନ୍ତି। ମହିଳାମାନଙ୍କ ପ୍ରତି ଅସଦାଚରଣରେ ଓଡ଼ିଶା ଆଜି ଦେଶର ଶୀର୍ଷ ସ୍ଥାନରେ ପହଞ୍ଚିଛି। ପ୍ରତିଦିନ ରାଜ୍ୟରେ ଦୁଷ୍କର୍ମ, ହତ୍ୟା ଘଟୁଛି। ମଦମୁକ୍ତ ଓଡ଼ିଶାର ପ୍ରତିଶ୍ରୁତି ପାଳନ ବଦଳରେ ସରକାର ୭୦ଟି ମଦ ଦୋକାନ ଓ ୩ଟି ମଦ କାରଖାନା ଖୋଲିବାକୁ ଘୋଷଣା କରିଛନ୍ତି। ଓଡ଼ିଆ ଅସ୍ମିତାର କଥା କହୁଥିବା ସରକାର ଓଡ଼ିଆ ମାଧ୍ୟମ ସ୍କୁଲ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ୩୦୦ ୟୁନିଟ୍ ମାଗଣା ବିଜୁଳି ପରିବର୍ତ୍ତେ ସ୍ମାର୍ଟ ମିଟର ବସାଇ ଉପଭୋକ୍ତାଙ୍କୁ ଲୁଟ୍ କରାଯାଉଛି। ଜମି, ଜଳ, ଜଙ୍ଗଲ ଓ ଖଣିଖାଦାନ ସବୁକିଛି ଘରୋଇ କମ୍ପାନୀମାନଙ୍କ ହାତରେ ଶାଗମାଛ ଦରରେ ଟେକି ଦିଆଯାଉଛି। ଅନୁଗୋଳ ଜିଲ୍ଲାରେ ମଧ୍ୟ ଶିଳ୍ପାୟନ ଯୋଗୁଁ ଧୂଳି, ଧୂଆଁ, ପାଉଁଶରେ ଜନସାଧାରଣ ହନ୍ତସନ୍ତ ହୋଇ ନାନା ରୋଗରେ ପୀଡ଼ିତ ହେଉଥିଲେ ବି ଉନ୍ନତମାନର ଚିକିତ୍ସା ସୁବିଧା ନାହିଁ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେଫେରାଲ୍ ହସ୍ପିଟାଲ ଭଳି କାର୍ଯ୍ୟ କରୁଛି। ଜିଲ୍ଲାରେ ପ୍ରତିଷ୍ଠିତ ଖଣି, କାରଖାନାରେ ସ୍ଥାନୀୟ ବେକାର ଯୁବକ-ଯୁବତୀଙ୍କୁ ନିଯୁକ୍ତି ନାହିଁ। କ୍ଷତିଗ୍ରସ୍ତ ବିସ୍ଥାପିତଙ୍କୁ ଘରୋଇ କମ୍ପାନୀ, ପୁଲିସ ଓ ପ୍ରଶାସନର ନାଲିଆଖି ଦେଖିବାକୁ ପଡୁଛି। ସୁରେଶ୍ୱରୀ, ହିଡ଼ସିଙ୍ଗ, ଧଉରାଗୋଠ ଜଳସେଚନ ଯୋଜନା ଆଜିପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଉନାହିଁ। ହାତୀଙ୍କ ଦୌରାତ୍ମ୍ୟ ଜିଲ୍ଲାରେ ସର୍ବତ୍ର। ମହିଳାଙ୍କୁ ସୁରକ୍ଷା ନାହିଁ। ଗାଁରେ ଗାଁରେ ମଦର ବ୍ୟାପକ ପ୍ରସାର। ଘରୋଇ ବିଦ୍ୟୁତ୍ କମ୍ପାନୀ ଘରେ ଘରେ ସ୍ମାର୍ଟ ମିଟର ବସାଇବାକୁ ଅଣ୍ଟା ଭିଡ଼ିଛନ୍ତି। ଅଭୟାରଣ୍ୟରୁ ଅଧିବାସୀଙ୍କୁ ତଡ଼ିବା ପାଇଁ ପ୍ରଶାସନ ନାନା କୌଶଳ ଆପଣାଉଛି। ଜିଲ୍ଲାରେ ସରକାରୀ ଶୀତଳଭଣ୍ଡାର ନାହିଁ। ଚାଷୀମାନେ ଉତ୍ପାଦିତ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟ ପାଉନାହାନ୍ତି। ଅନେକ ସ୍କୁଲରେ ଆବଶ୍ୟକ ଶିକ୍ଷକ ଓ କର୍ମଚାରୀର ଅଭାବ ଆଦି ସମସ୍ୟା ରହିଛି ବୋଲି ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ଏଣୁ ସମସ୍ତ ପ୍ରକାର ସହଯୋଗ ଦେବାସହ ବ୍ୟାପକ ସଂଖ୍ୟାରେ ବିକ୍ଷୋଭରେ ସାମିଲ ହେବା ପାଇଁ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଜିଲ୍ଲା କମିଟି ସଭ୍ୟ ଜୟସେନ ମେହେର, ପ୍ରହ୍ଲାଦ ଚନ୍ଦ୍ର ସାହୁ, ବ୍ରଜବନ୍ଧୁ ସାହୁ, ନବକିଶୋର ପ୍ରଧାନ, ସୁବାସ ପ୍ରଧାନ, ତୀର୍ଥବାସୀ ଭୋଇ, ମାନସ ପାଳ, ମନ୍ଦୋଦରୀ ରାଉଳ, ସରୋଜିନୀ ନାୟକ, ମାନସୀ ସ୍ୱାଇଁ, ରଣଜିତ ପ୍ରଧାନ, କୈଳାସ ସାହୁ, ସଞ୍ଜୟ ସାହୁ, ପରମାନନ୍ଦ ସାହୁ, ଟୁନା ନାଏକ ପ୍ରମୁଖ ନିବେଦନ କରିଛନ୍ତି।

## ଅନ୍ଧାରରେ ୮ ଦିନ ରହିଲେ ଗମ୍ଭାରୀମଳିହା ଗ୍ରାମବାସୀ



କିଶୋରନଗର,୮ ।୧୧(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ଗମ୍ଭାରୀମଳିହା ଗ୍ରାମବାସୀ ଅନ୍ଧାରରେ ୮ ଦିନ ରହିଲା ପରେ ଶନିବାର ସକାଳ ୭ଟାରେ ଗ୍ରାମର ପୁରୁଷ ମହିଳା ଏକତ୍ରିତ ହୋଇ ରାସ୍ତାରୋକ ଆନ୍ଦୋଳନ କରିଥିଲେ। ଖବର ପାଇ ଘଟଣାସ୍ଥଳରେ କିଶୋରନଗର ଥାନା ଅଧିକାରୀ ବିଭୂତି ପ୍ରଧାନ, ବିଧାୟକଙ୍କ ପ୍ରତିନିଧି କୁମୁଦ ଚନ୍ଦ୍ର ପ୍ରଧାନ, ସମାଜସେବୀ କୁଶ ନାୟକ, ବାମୁର ବିଦ୍ୟୁତ ବିଭାଗ ଜେଇ ପହଞ୍ଚି ଆଲୋଚନା କରିବା ପରେ ଗ୍ରାମବାସୀ ଆନ୍ଦୋଳନରୁ ଓହରିଥିଲେ ଓ ଗ୍ରାମକୁ ବିଦ୍ୟୁତ ସଂଯୋଗ ହୋଇଥିଲା। ସୂଚନା ଅନୁଯାୟୀ, ଗତ ୩୧ ତାରିଖ ଧଉରପାଲି ସେକ୍ସନରେ ଆସୁଥିବା ଗମ୍ଭାରୀମଳିହା ଗ୍ରାମରୁ ବିଦ୍ୟୁତ ବିଭାଗ ବିନା ସୂଚନାରେ ବିଦ୍ୟୁତ ବିଚ୍ଛିନ୍ନ କରିଥିଲା। ଫଳରେ ଛାତ୍ରଛାତ୍ରୀ, ଗ୍ରାମବାସୀ ଅନ୍ଧାରରେ ରହିଥିଲେ। ଏ ସମ୍ପର୍କରେ ଗ୍ରାମବାସୀ ବିଦ୍ୟୁତ ବିଭାଗ ଜେଇଙ୍କୁ ଜଣାଇଥିଲେ ମଧ୍ୟ ସେ କର୍ଣ୍ଣପାତ କରି ନ ଥିଲେ। ଏହି ଅଞ୍ଚଳରେ ଜନ୍ତୁ ଶିକାର ପାଇଁ ୧୧ କେଭି ବିଦ୍ୟୁତ ତାରରେ ହୁକ ପକାଇବା ଦ୍ୱାରା ଏପରି ସମସ୍ୟା ଉପୁଜୁଥିବା କନିଷ୍ଠ ଯନ୍ତ୍ରୀ କହିଥିଲେ।

## ଅଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କିଶୋରନଗର,୮ ।୧୧(ସମିସ): କିଶୋରନଗର +୨ ମହାବିଦ୍ୟାଳୟ ତରଫରୁ ଅଧ୍ୟାପକ ବାବୁଲାଲ ପ୍ରଧାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଅଧ୍ୟାପିକା ସୁନେଲି ଖମାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଡ. ଦଧିବାମନ ପ୍ରଧାନ, ସୁଶାନ୍ତ କୁମାର ପ୍ରଧାନ, କିରାଣି ତୋଫାନ ଦାସ ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ଅଧ୍ୟାପକ ପ୍ରଧାନ ଜଣେ କର୍ତ୍ତବ୍ୟନିଷ୍ଠ, ଛାତ୍ରବତ୍ସଳ ଶିକ୍ଷକ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଅବସରପ୍ରାପ୍ତ ଅଧ୍ୟାପକ ପ୍ରଧାନ ନିଜ ଅଧ୍ୟାପନା ଜୀବନର ଅନୁଭୂତି ବର୍ଣ୍ଣନା କରିଥିଲେ। ଏହି ଅବସରରେ ତାଙ୍କୁ ଛାତ୍ରଛାତ୍ରୀ ଓ ମହାବିଦ୍ୟାଳୟ ତରଫରୁ ଉତ୍ତରୀୟ, ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଗ୍ରନ୍ଥାଗାରିକ ଦେବରାଜ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ମହେନ୍ଦ୍ର କନ୍ଧପାଣି ଧନ୍ୟବାଦ ଅର୍ପଣ କରିଥିଲେ। କ୍ରୀଡ଼ା ଅଧ୍ୟାପକ ଦିଲୀପ ମହାରଣା, ପୂର୍ଣ୍ଣଚନ୍ଦ୍ର ବବର୍ତ୍ତୀ, ସନ୍ଦେଶ ମେହେର, ସୁଶାନ୍ତ ପ୍ରଧାନ, ଶୁଭେନ୍ଦୁ ସାହୁ, ଅଧ୍ୟାପିକା ଐଶ୍ୱର୍ଯ୍ୟା ମିଶ୍ର, ସାରଦା ମହାକୁଡ଼, ବିଭୂଷିତା ସାହୁ, ପ୍ରିୟଙ୍କା ସ୍ୱାଇଁ, ନିକିତା ବେହେରା ସହଯୋଗ କରିଥିଲେ।

■ ଅନୁଗୋଳ ଜିଲ୍ଲା କ୍ରିକେଟ ସଂଘ

## ୧୬ ବର୍ଷରୁ କମ୍ ଦଳ ଚୟନ ନିମନ୍ତେ ଖେଳାଳି ପଞ୍ଜୀକରଣ

ଅନୁଗୋଳ,୮ ।୧୧(ସମିସ): ଓଡ଼ିଶା କ୍ରିକେଟ ସଂଘ ଆନୁକୂଲ୍ୟରେ ଅନୁଗୋଳ ଜିଲ୍ଲା କ୍ରିକେଟ ସଂଘ ତତ୍ତ୍ୱାବଧାନରେ ଚଳିତ ନଭେମ୍ବର ମାସରେ ହେବାକୁ ଥିବା ୧୬ ବର୍ଷରୁ କମ୍ ସ୍କୁଲ୍ ଇଣ୍ଟ୍ରା କ୍ରିକେଟ ପ୍ରତିଯୋଗିତା ନିମନ୍ତେ ଖେଳାଳି ପଞ୍ଜୀକରଣ ପ୍ରକ୍ରିୟା ଆସନ୍ତା ୧୦ରୁ ୧୧ ତାରିଖ ପର୍ଯ୍ୟନ୍ତ ସକାଳ ସାଢ଼େ ୯ଟାରୁ ଅପରାହ୍ନ ସାଢ଼େ ୧ଟା ଓ ଅପରାହ୍ନ ୩ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ କଦମ୍ ପଡ଼ିଆସ୍ଥିତ ଜିଲ୍ଲା କ୍ରିକେଟ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ। ଇଚ୍ଛୁକ ଖେଳାଳିମାନେ ନିଜ ଜନ୍ମଗତ (ଡିଜିଟାଲ୍) ପ୍ରମାଣପତ୍ର, ଆଧାର ପ୍ରମାଣପତ୍ର, ସ୍କୁଲରେ ପଢୁଥିବାର ପ୍ରମାଣପତ୍ର (ସପ୍ତମରୁ ଦଶମ ପର୍ଯ୍ୟନ୍ତ ହେଡ୍ ମାଷ୍ଟରଙ୍କ ସ୍ୱୀକୃତ) ଓ ନିଜର ୨ଟି ପାସ୍‌ପୋର୍ଟ୍ ଫଟୋ ସହ ସଂଘ କାର୍ଯ୍ୟାଳୟରେ ଉପସ୍ଥିତ ରହି ନାମ ପଞ୍ଜୀକରଣ କରାପାରିବେ ବୋଲି କୁହାଯାଇଛି।

## ହାତୀ ଆକ୍ରମଣରେ ଜଣେ ମୃତ

■ ଘଟଣାସ୍ଥଳରେ ଉତ୍ତେଜନା

ଅନୁଗୋଳ,୮ ।୧୧(ସମିସ): ଅନୁଗୋଳ ବନାଞ୍ଚଳ ଅଧୀନ ଅନୁଗୋଳ ବ୍ଲକ ନନ୍ଦପୁର ପଞ୍ଚାୟତ କୁସୁମପାଟ ଗାଁ କେନ୍ଦୁନାଳ ଜଙ୍ଗଲ ନିକଟରେ ଶନିବାର ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ନନ୍ଦପୁର ଗାଁର ବିଦ୍ୟାଧର ସାହୁଙ୍କ ପୁଅ ନିନୁ ସାହୁ (୪୫)। ସବୁଦିନ ଭଳି ଶନିବାର ସକାଳେ ନିନୁ ଗାଁଠାରୁ ୨ କିମି ଦୂର କେନ୍ଦୁନାଳ ଜଙ୍ଗଲକୁ ଛେଳି ଖାଦ୍ୟ ସଂଗ୍ରହ କରିବାକୁ ଯାଇଥିଲେ। ସେଠାରେ ପୂର୍ବାହ୍ନ ପ୍ରାୟ ୧୧ଟାରେ ସେ ଏକ ଦାନ୍ତାହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ନିନୁଙ୍କୁ ଟେକି କଚାଡ଼ି ଦେବା ସହ ଦଳିଚକଟି ଦେଇଥିଲା। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା। ଉକ୍ତ ଜଙ୍ଗଲକୁ ନିନୁଙ୍କ ଭାଇ ଛେଳି ଚରାଇବାକୁ ଯାଇଥିବା ବେଳେ ନିନୁଙ୍କ ମୃତଦେହ ପଡ଼ିଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକ ଓ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଅନୁଗୋଳ ବନପାଳ ଉଦ୍ଧବ ବେହେରା ଓ ବିଭାଗୀୟ କର୍ମଚାରୀ, ବନ୍ତଳା ଥାନା ଅଧିକାରୀ ନଟବର ନନ୍ଦ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ। ପରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ଏ ନେଇ ଅନୁଗୋଳ ଡିଏଫଓ ନୀତୀଶ କୁମାର କହିଛନ୍ତି, ମୃତକଙ୍କ ପରିବାରଙ୍କୁ ଅଗ୍ରୀମ ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଖୁବଶୀଘ୍ର ସରକାରଙ୍କ ନିୟମ ଅନୁଯାୟୀ ଅନୁକମ୍ପା ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି।

## ଯୁବକଙ୍କୁ ଗୋଡ଼େଇ ଗୋଡ଼େଇ ହାଣିଲେ

ବଇଣ୍ଡା,୮ ।୧୧(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ପାଇକସାହି ଗ୍ରାମର ଜଣେ ଯୁବକଙ୍କୁ ଶୁକ୍ରବାର କିଛି ଯୁବକ ଖଣ୍ଡାରେ ଗୋଡ଼େଇ ଗୋଡ଼େଇ ହାଣିଛନ୍ତି। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ୫/୬ ଜଣ ଦୁର୍ବୃତ୍ତ ଉକ୍ତ ଯୁବକଙ୍କୁ ପ୍ରଥମେ ମାଡ଼ ମାରିବା ପରେ ଏକ ଖଣ୍ଡାରେ ଗୋଡ଼େଇ ଗୋଡ଼େଇ ହାଣିଥିଲେ। ଯୁବକଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତେବେ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ଶଶିଭୂଷଣ ବେହେରା କହିଛନ୍ତି।

କାଦୁଅରେ ଫସିଗଲା ଛୁଆ ହାତୀ

## ସକାଳ ହେଇଯିବାରୁ ଛାଡ଼ି ଚାଲିଗଲା ମା'



ଅନୁଗୋଳ,୮ ।୧୧(ସମିସ): ଅନୁଗୋଳ ବନଖଣ୍ଡ ଶ୍ୟାମସୁନ୍ଦରପୁର ଗାଁ ନିକଟ ଏକ ଧାନ କ୍ଷେତରେ ଶୁକ୍ରବାର ରାତିରେ ଏକ ଛୁଆ ହାତୀ କାଦୁଅରେ ଫସିଯାଇଥିଲା। ହାତୀ ଛୁଆଟି ପ୍ରାୟ ଏକମାସର ହୋଇଥିବା ଜଣାପଡ଼ିଛି। ତେବେ ସକାଳ ହୋଇଯିବାରୁ ମା' ହାତୀ ତାକୁ ଛାଡ଼ି ପଳାଇଥିବା ଦେଖିବାକୁ ମିଳିଥିଲା।

ସୂଚନା ଅନୁଯାୟୀ, ଗତ କିଛିମାସ ହେବ ୪୫ଟିକିଆ ହାତୀପଲ ଅନୁଗୋଳ ସହର ଉପକଣ୍ଠ ବିଭିନ୍ନ ଗାଁରେ ବିଚରଣ କରୁଛନ୍ତି। ବେଣ୍ଟପୁର ଅଞ୍ଚଳରୁ ଲୋକେ ଘଉଡ଼ାଇବା ପରେ ଏହି ହାତୀପଲ ମନ୍ଦରଗିରି ଅଞ୍ଚଳକୁ ଚାଲି ଆସୁଛନ୍ତି। ପୁଣି କିଛିଦିନ ରହିବା ପରେ ବନ୍ତଳା ନଚେତ ପୁନଃ ବେଣ୍ଟପୁର ଅଞ୍ଚଳକୁ ଯାଉଛନ୍ତି। ଇତିମଧ୍ୟରେ ଶୁକ୍ରବାର ରାତିରେ ହାତୀପଲ ଧାନ ଖାଇବା ଉଦ୍ଦେଶ୍ୟରେ ଶ୍ୟାମସୁନ୍ଦରପୁର ଅଞ୍ଚଳକୁ ଆସିଥିଲେ। ଏହି ଦଳରେ ଏକ ନବଜାତ ଶାବକ ମଧ୍ୟ ରହିଥିଲା। ମାଆ ହାତୀ ସହ ଶାବକ ମଧ୍ୟ ଧାନ ଖାଇବାକୁ ବିଲକୁ ପଶିଥିଲା। ତେବେ ଶାବକଟି ବିଲରେ ଥିବା କାଦୁଅରେ ଫସିଯାଇଥିଲା। ସକାଳ ହେବାରୁ ହାତୀପଲ ମନ୍ଦରଗିରି ଜଙ୍ଗଲ ଆଡ଼କୁ ଚାଲି ଯାଇଥିବା ବେଳେ ଶାବକଟି କାଦୁଅରୁ ଉଠିପାରି ନ ଥିଲା। ଫଳରେ ତା' ମା' ଛୁଆକୁ ଛାଡ଼ି ଜଙ୍ଗଲ ଆଡ଼କୁ ଚାଲିଯାଇଥିଲା। ସକାଳେ ବିଲକୁ କିଛି ଚାଷୀ ଯାଇଥିବା ବେଳେ ହାତୀଛୁଆକୁ ଦେଖି ବନ ବିଭାଗକୁ ଖବର କରିଥିଲେ। ଅନୁଗୋଳ ବନବିଭାଗ କର୍ମଚାରୀ ରଞ୍ଜନ ପ୍ରଧାନଙ୍କ ସମେତ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ବନ ବିଭାଗ ଟିମ୍ ଛୁଆ ହାତୀକୁ ଉଦ୍ଧାର କରି କୁଲାସିଙ୍ଗା ଫରେଷ୍ଟ ବିଟ ନିକଟରେ ରଖାଯାଇଛି। ବନବିଭାଗ ହାତୀ ଶାବକକୁ ନିଜ ଦଳ ସହ ମିଶାଇବାକୁ ଉଦ୍ୟମ ଆରମ୍ଭ କରିଥିବା ଜଣାପଡ଼ିଛି।

## ଜିନ୍ଦଲ ଷ୍ଟିଲ୍ ପକ୍ଷରୁ ଏୟାର ଆଡଭେଞ୍ଚର ଶୋ'




ଅନୁଗୋଳ,୮ ।୧୧(ସମିସ): ଜିନ୍ଦଲ ଷ୍ଟିଲ୍ ଅନୁଗୋଳ ପକ୍ଷରୁ ଭର୍ଟିକାଲ୍ ଇଣ୍ଡିଆ ସହଯୋଗରେ "ଏୟାର ଆଡଭେଞ୍ଚର୍ ଶୋ'-୨୦୨୫' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ରୋମାଞ୍ଚକର ଏୟାର ସୋ' କର୍ମଚାରୀ, ସେମାନଙ୍କ ପରିବାର ଏବଂ ସ୍ଥାନୀୟ ଲୋକଙ୍କୁ ଆକାଶରେ ଏକ ସ୍ମରଣୀୟ ଅଭିଜ୍ଞତା ଦେବା ସହ ସମସ୍ତଙ୍କୁ ଏକାଠି କରିବାର ସୁଯୋଗ ଆଣିଥିଲା। ସାବିତ୍ରୀ ଜିନ୍ଦଲ ବିମାନବନ୍ଦରରେ ଅନୁଷ୍ଠିତ ଏହି ୬ ଦିନିଆ କାର୍ଯ୍ୟକ୍ରମରେ ବିଭିନ୍ନ ବୟସ ବର୍ଗରେ ପ୍ରାୟ ୬୦୦ ଜଣ ଅଂଶଗ୍ରହଣ କରିଥିଲେ। ଆକାଶମାର୍ଗରେ ଅଂଶଗ୍ରହଣକାରୀଙ୍କ ଉତ୍ସାହ ସ୍ପଷ୍ଟ ବାରି ହୋଇପଡୁଥିଲା। କାର୍ଯ୍ୟକ୍ରମରେ ପାରାମୋଟରିଂ, ପାରାସେଲିଂ ଏବଂ ହଟ୍‌ବେଲୁନରେ ଯାତ୍ରା କରିବାର ସୁବିଧା କରାଯାଇଥିଲା, ଯାହା ଆକାଶମାର୍ଗରୁ ଅନୁଗୋଳର ମନୋରମ ଦୃଶ୍ୟ ଦେଖିବାର ସୁଯୋଗ ସୃଷ୍ଟି କରିଥିଲା। ତିନିଟି ଭିନ୍ନ ଭିନ୍ନ ଉଡ଼ାଣ ଛେଣ୍ଟିପଦା ଅଞ୍ଚଳରେ ୪୦୦ରୁ ଅଧିକ ଥର ଆକାଶମାର୍ଗରେ ବୁଲିଥିଲା। ସେହିପରି ଦୁଇଟି ହଟ୍ ବେଲୁନ୍ ଅଲଗା ଅଲଗା ସ୍ଥାନରୁ ପରିଚାଳିତ ହେଉଥିଲା। ଯାହା ଅତିଥି ତଥା ଅଂଶଗ୍ରହଣକାରୀଙ୍କୁ ବିଶେଷ ମୁହୂର୍ତ୍ତର ଭରପୂର ଆନନ୍ଦ ନେବା ସହ ଆକାଶରେ କିଛି ସ୍ମୃତି ସାଉଁଟିବାର ସୁଯୋଗ ଆଣିଥିଲା। କର୍ମଚାରୀଙ୍କ ସହଭାଗିତାକୁ ସୁଦୃଢ଼ କରିବା ସହିତ ସମ୍ପ୍ରଦାୟ ସହ ସମ୍ପର୍କକୁ ମଜବୁତ କରିବା ନିମନ୍ତେ ଜିନ୍ଦଲ ଷ୍ଟିଲର ମାନବ ସମ୍ବଳ ବିଭାଗ ପକ୍ଷରୁ ନିୟମିତ ବ୍ୟବଧାନରେ ଏଭଳି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ।




## ତାଳଚେର ଥର୍ମାଲର ୫୧ତମ ପ୍ରତିଷ୍ଠା ଦିବସ



ତାଳଚେର,୮ ।୧୧(ସମିସ): ତାଳଚେର ଥର୍ମାଲର ୫୧ତମ ପ୍ରତିଷ୍ଠା ଦିବସ ଶନିବାର ପାଳନ କରାଯାଇଛି। ମୁଖ୍ୟଅତିଥି ଭାବେ ତାଳଚେର ଥର୍ମାଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିଜୟ ଚାନ୍ଦ ଯୋଗଦେଇଥିଲେ। ମହାପ୍ରବନ୍ଧକ (ପ୍ରକଳ୍ପ) ଡ. ଜେପି ରାଏ, ମହାପ୍ରବନ୍ଧକ (ଯାନ୍ତ୍ରିକ ପ୍ରତିଷ୍ଠା) ପ୍ରବୀର କୁମାର ଏବଂ ଏନଟିପିସିର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରକଳ୍ପ ପରିସରରେ ୫ଶହ ଚାରା ରୋପଣ କରାଯାଇଥିଲା। ପରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଚାନ୍ଦ ଏନଟିପିସି ପତାକା ଉତ୍ତୋଳନ କରିଥିଲେ। ସାଗରୀକା ଲେଡିଜ୍ କ୍ଲବ ସଦସ୍ୟା, ସିଆଇଏସଏଫ କର୍ମଚାରୀ ଏବଂ ଥର୍ମାଲର କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟ ଏଥିରେ ଅଂଶଗ୍ରହଣ କରିଥିଲେ। ସମାବେଶକୁ ସମ୍ବୋଧିତ କରି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିଜୟ ଚାନ୍ଦ ତାଳଚେର ଥର୍ମାଲ କର୍ମଚାରୀ ଓ ଶ୍ରମିକମାନଙ୍କ ସମର୍ପଣ ମନୋଭାବକୁ ପ୍ରଶଂଶା କରିଥିଲେ।

## କୋଇଲା ଟ୍ରେନ୍‌ର ୪ ବଗି ଲାଇନଚ୍ୟୁତ

କଣିହାଁ,୮ ।୧୧(ସମିସ): କଣିହାଁସ୍ଥିତ ଆମ୍ରପାଳ ଲେବୁଲ୍ କ୍ରସିଂଠାରେ ଶନିବାର ଏନଟିପିସି କୋଇଲା ବୋଝେଇ ଟ୍ରେନ୍‌ର ୪ ବଗି ଲାଇନଚ୍ୟୁତ ହୋଇଛି। ରାଜ୍ୟ ବାହାରୁ ଏନଟିପିସିକୁ ଏକ ମାଲବାହୀ ଟ୍ରେନ କୋଇଲା ନେଇ ଆସୁଥିବା ବେଳେ କୌଣସି କାରଣରୁ ଲେବୁଲ କ୍ରସିଂ ନିକଟରେ ଏହାର ୪ ବଗି ଲାଇନଚ୍ୟୁତ ହୋଇଥିଲା। ତେବେ ଏଥିରେ କୌଣସି ଜୀବନ ହାନି ହୋଇ ନ ଥିବା ଜଣାପଡ଼ିଛି। ଦୁର୍ଘଟଣା ଯୋଗୁଁ ଏନଟିପିସି ବୃହତ ତାପଜ ବିଦ୍ୟୁତ କେନ୍ଦ୍ରକୁ ତାଳଚେରରୁ କୋଇଲା ପରିବହନ ବନ୍ଦ ରହିଥିଲା। ସନ୍ଧ୍ୟାରେ ଏନଟିପିସି ତରଫରୁ ଲାଇନଚ୍ୟୁତ ବଗିଗୁଡ଼ିକୁ ଉଦ୍ଧାର କରାଯାଇ ଟ୍ରାକ କ୍ଲିୟର କରାଯାଇଥିବା ସୂଚନା ମିଳିଛି।



## ନାବାଳିକାଙ୍କୁ ଅସଦାଚରଣ; ଅଭିଯୁକ୍ତ ଗିରଫ

କଣିହାଁ,୮ ।୧୧(ସମିସ): କଣିହାଁ ବ୍ଲକ ତଥା ଏନଟିପିସି ଟାଉନ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ପୁଲିସ ଏହି ମାମଲାରେ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ କଣିହାଁ ବ୍ଲକ ଚନ୍ଦ୍ରବିଲ ଗ୍ରାମର ସୁମିତ ବାରିକ (୨୦)। ସୁମିତ ନାବାଳିକାଙ୍କୁ ଅପହରଣ କରି ନେଇଥିବା ନାବାଳିକାଙ୍କ ମା' ଗତ ଅକ୍ଟୋବର ୧୯ ତାରିଖ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତଦନ୍ତ ପରେ ନାବାଳିକାଙ୍କୁ ସୁମିତ ଅସଦାଚରଣ କରିଥିବା ପୁଲିସ ଜାଣିବାକୁ ପାଇଥିଲା।

## 'ବନ୍ଦେ ମାତରମ୍' ଗୀତ ନୁହେଁ ଏକ ମନ୍ତ୍ର



କିଶୋରନଗର,୮ ।୧୧(ସମିସ): ବନ୍ଦେ ମାତରମ ଗୀତ ରଚନାର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଆ ଭାଷା ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶ ଅନୁଯାୟୀ କିଶୋରନଗର ସ୍ନାତକ ମହାବିଦ୍ୟାଳୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ, ପୁରୁଷୋତ୍ତମ ସାହୁ, ଶୁଭଶ୍ରୀ ବିଶ୍ୱାଳ, ରୋଜାଲିନ ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ବନ୍ଦେ ମାତରମ ଏକ ଗୀତ ନୁହେଁ, ଏକ ମନ୍ତ୍ର ଓ ଭାରତୀୟ ସାଂସ୍କୃତିକ ବିପ୍ଲବରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ବୋଲି ଅତିଥିମାନେ କହିଥିଲେ। ଛାତ୍ରଛାତ୍ରୀମାନେ ପ୍ରବନ୍ଧ, କୁଇଜ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଶୁଚିସ୍ମିତା ସାହୁ, ଅଙ୍କିତା ପ୍ରଧାନ, ବିଦୁସ୍ମିତା ବିଶ୍ୱାଳ, ଜିତେନ୍ଦ୍ର ସେଠୀ, ଦେବେନ୍ଦ୍ର ପାଣ୍ଡେ, ଶୀତେନ ପ୍ରଧାନ, ଶକ୍ତି ପ୍ରଧାନ ପ୍ରମୁଖ ପ୍ରବନ୍ଧ ପାଠ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ତରଣୀସେନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧ୍ୟାପିକା ବୀଣାପାଣି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଅନୁଗୋଳ ଜିଲ୍ଲା ଜନଜୀବନ ସୁରକ୍ଷା କମିଟି ବୈଠକ

## ବିଭିନ୍ନ ସମସ୍ୟା ନେଇ ଆନ୍ଦୋଳନ ଚେତାବନୀ

ଅନୁଗୋଳ,୮ ।୧୧(ସମିସ):



ଶିଳ୍ପ ସମୃଦ୍ଧ ଅନୁଗୋଳ ଜିଲ୍ଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ସମାଧାନ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଟ୍ରମା କେୟାର, ଆଇସିୟୁ କାର୍ଯ୍ୟକ୍ଷମ କରିବା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା କୁକୁଡ଼ା ଫାର୍ମକୁ ସ୍ଥାନାନ୍ତର କରି ସମସ୍ତ ଜାଗାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ହସ୍ତାନ୍ତର, ଚିକିତ୍ସାଳୟ ସମ୍ମୁଖ ରାସ୍ତାରେ ଥିବା ଆମିଷ ବଜାର ସ୍ଥାନାନ୍ତର, ବିଦ୍ୟୁତ୍ ଉପଭୋକ୍ତାଙ୍କ ଉପରେ ଟାଟା ପାୱାର ଶୋଷଣ ବନ୍ଦ କରିବା, ସ୍ମାର୍ଟ ମିଟର ବସାଇବା ବନ୍ଦ କରିବା ଦାବିରେ ଶନିବାର ଅନୁଗୋଳ ଜିଲ୍ଲା ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ସ୍ଥାନୀୟ ଶିକ୍ଷକପଡ଼ା ନବକୃଷ୍ଣ ଚୌଧୁରୀ ସ୍ମୃତି ପାଠାଗାରରେ ଏକ ବୈଠକ ଅନୁଷ୍ଠିତ ହୋଇଛି। କମିଟି ଆବାହକ ପ୍ରମୋଦ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅନ୍ୟତମ ଆବାହକ ରବୀନ୍ଦ୍ର ପ୍ରସାଦ ପଟ୍ଟନାୟକ, ଅଭିମନ୍ୟୁ ସ୍ୱାଇଁ, ରମେଶ ସାହୁ, ତୀର୍ଥବାସୀ ଭୋଇ, ପଠାଣି ବରିହା, ମାନସ ପାଳ, ଦାମୋଦର ଦାସ, ତ୍ରିଲୋଚନ ଜେନା, ନିରୋଦ ପାଳ, ଅଶୋକ କୁମାର ପ୍ରଧାନ, ନେତ୍ରାନନ୍ଦ ସାମନ୍ତ, ନିରୁପମା ପ୍ରଧାନ ପ୍ରମୁଖ ଯୋଗଦେଇ ଜିଲ୍ଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ସମାଧାନ ଓ ଟାଟା ପାୱାର ଶୋଷଣ ବିରୋଧରେ ଆନ୍ଦୋଳନ ପାଇଁ ମତବ୍ୟକ୍ତ କରିଥିଲେ। ଜିଲ୍ଲାର ନ୍ୟାଯ୍ୟ ଦାବି ପୂରଣ ପାଇଁ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ପଦକ୍ଷେପ ଗ୍ରହଣ ନ କଲେ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଆନ୍ଦୋଳନ ପାଇଁ କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

### ଶେରଗଡ଼ରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

# ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ନେଇ ବର୍ଷିଲେ ନେତା





ଶେରଗଡ,୮ ।୧୧(ସମିସ):

ବିଜୁ ଜନତା ଦଳର ସୁପ୍ରିମୋ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଜେଡି ପକ୍ଷରୁ ରାଜ୍ୟ ବ୍ୟାପୀ ଜନସମ୍ପର୍କ ପଦଯାତ୍ରା ଜାରି ରହିଛି । ଏହି କ୍ରମରେ ଶନିବାର ଶେରଗଡ଼ ବ୍ଲକ ବିଜେଡି ପକ୍ଷରୁ ବିରୋଧୀ ଦଳ ନେତାଙ୍କ ବ୍ଲକ ପ୍ରତିନିଧି ଦିଗାମ୍ବର ନାହାକ ଏବଂ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକଙ୍କ ମିଳିତ ନେତୃତ୍ୱରେ ଶେରଗଡ଼ ବ୍ଲକ ଠୁରୁବୁରାଇ ଠାରେ ଜନସମ୍ପର୍କ ପଦଯାତ୍ରା ଏବଂ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି । ଶନିବାର ସକାଳେ ଦଳର ସମସ୍ତ ନେତୃବୃନ୍ଦ, କର୍ମୀ, ଜନପ୍ରତିନିଧି ଠୁରୁବୁରାଇ ପଞ୍ଚାୟତ ଠାରେ ଏକତ୍ରିତ ହୋଇଥିଲେ । ସେଠାରୁ ଏକ ଶୋଭାଯାତ୍ରାରେ ବାହାରି ଠୁରୁବୁରାଇ ଗ୍ରାମ ପରିକ୍ରମା କରି ଗୋପୀନାଥ ମନ୍ଦିର ସାମନାରେ ଏକ ସଭା କରିଥିଲେ । ଦେଢ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କ୍ଷମତାରେ ଥିବା ଡବଲ ଇଞ୍ଜିନ ସରକାର ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ପାଳନ କରିବାରେ କିଭଳି ବିଫଳ ହୋଇଛି ଏବଂ ନବୀନ ପଟ୍ଟନାୟକ ସରକାରଙ୍କ ସମୟରେ ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ବନ୍ଦ କରି ଦିଆଯାଇଛି, ସେନେଇ ଉପସ୍ଥିତ ଜନତାଙ୍କୁ ସଚେତନ କରାଯାଇଥିଲା । ସାରା ରାଜ୍ୟରେ ଦେଖାଯାଇଥିବା ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଯୋଗୁ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ମହିଳା, ବରିଷ୍ଠ ନାଗରିକ ସମସ୍ତେ ନିଜକୁ ଅସୁରକ୍ଷିତ ମଣୁଥିବା ବେଳେ ଏହାକୁ ନିୟନ୍ତ୍ରଣ କରିବାରେ ସରକାର ବିଫଳ ହୋଇଥିବା ସଭାରେ ମଞ୍ଚାସୀନ ନେତା ମାନେ ପ୍ରକାଶ କରିଛନ୍ତି । ପଦଯାତ୍ରା ସମୟରେ ବିରୋଧୀ ଦଳ ନେତାଙ୍କ ଡିଆରଡିଏ ପ୍ରତିନିଧି ଦେବାନନ୍ଦ ମହାପାତ୍ର, ବିରୋଧୀ ଦଳ ନେତାଙ୍କ ହିଞ୍ଜିଳିକାଟୁ ବ୍ଲକ ପ୍ରତିନିଧି ଏଲା. ସୁଦର୍ଶନ, ବ୍ଲକ ବିଜେଡି ସଭାପତି ଶରତଚନ୍ଦ୍ର ପାତ୍ର, ପୂର୍ବତନ ସରପଞ୍ଚ ସୀମାଞ୍ଚଳ ପ୍ରଧାନ, ବରିଷ୍ଠ ବିଜେଡି ନେତା ହୀନ ବେହେରା, କୃଷକ ନେତା ବଳରାମ ରାଉତ, ବରିଷ୍ଠ ନେତା ଦୁର୍ଗା ମାଧବ ବିଷୋୟୀ, ସ୍ଥାନୀୟ ସରପଞ୍ଚ ଏ.ପ୍ରଭାତ ଆଚାରୀ, ପୂର୍ବତନ ସରପଞ୍ଚ ମେଘନାଦ ଦାସଙ୍କ ସମେତ ବହୁ ଦଳୀୟ ନେତା, ହଜାର ହଜାର ସଂଖ୍ୟାରେ ଦଳୀୟ କର୍ମୀ ଏବଂ ଶୁଭେଚ୍ଛୁ ସାମିଲ ହୋଇଥିଲେ ।

## ଅଘୋଷିତ ବିଦ୍ୟୁତ୍ କାଟ; ତେଜୁଛି ଅସନ୍ତୋଷ

ପାରଳାଖେମୁଣ୍ଡି,୮ ।୧୧(ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହର ଅଞ୍ଚଳରେ ରକ୍ଷଣାବେକ୍ଷଣ ନାମରେ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟକୁ ନେଇ ଜନଅସନ୍ତୋଷ ତେଜୁଛି । ଶନିବାର ଦିନ ତମାମ ସହରାଞ୍ଚଳର ବିଭିନ୍ନ ସ୍ଥାନରେ ଘଣ୍ଟା ଘଣ୍ଟା ବିଦ୍ୟୁତ କାଟ୍ ହୋଇଥିଲା । ବାରମ୍ବାର ବିଦ୍ୟୁତ୍ କାଟ ନେଇ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ କଲେ ଫୋନ୍ ଉଠାଉନାହାନ୍ତି । ବିଭାଗୀୟ କର୍ମଚାରୀଙ୍କୁ ଯୋଗାଯୋଗ କରିବାରୁ ଟୋଲ୍-ଫ୍ରି ନମ୍ବରରେ ଅଭିଯୋଗ କରନ୍ତୁ ବୋଲି କହିଥିଲେ । ମାତ୍ର ଟୋଲ୍ ଫ୍ରି ନମ୍ବରରେ ଅଭିଯୋଗ କଲେ ସୁଫଳ ମିଳୁନଥିବା ଉପଭକ୍ତା କହିଛନ୍ତି । ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରି ବିଭାଗୀୟ ଅଧିକାରୀଙ୍କୁ ତାଗିଦ କରିବାକୁ ସାଧାରଣରେ ଦାବି ହେଉଛି ।

## ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ




ଗଞ୍ଜାମ,୮ ।୧୧(ସମିସ): ଯଶୋଦା ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ସାଇବର ସୁରକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହାକୁ କଲେଜ ଅଧ୍ୟକ୍ଷା ସୁନିତା ରାଉତରାୟ ଉଦଘାଟନ କରିଥିଲେ । ଗଞ୍ଜାମ ପୁଲିସ ଥାନା ତରଫରୁ ଇନ୍ସପେକ୍ଟର ସୁପ୍ରଭା ସାହୁ ସାଇବର ସୁରକ୍ଷା ଓ ଜନସାଧାରଣଙ୍କ ଭୂମିକା ଉପରେ ଶିକ୍ଷା ପ୍ରଦାନ କରିଥିଲେ । ଏହି ଅବସରରେ ଛାତ୍ରୀ ମାନଙ୍କ ମଧ୍ୟରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ କମ୍ପ୍ୟୁଟର ବିଜ୍ଞାନ ବିଭାଗର ଛାତ୍ରୀ ମୋନାଲିସା ପଲାଇ ପ୍ରଥମ, ଉକ୍ତ ବିଭାଗର ୩ୟ ସେମିଷ୍ଟର ଛାତ୍ରୀ ଡି. ଭବାନୀ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ ଲିପ୍ସାରାଣି ବେହେରା, ପ୍ରାଣୀ ବିଜ୍ଞାନ ବିଭାଗ ୩ୟ ସେମିଷ୍ଟର ତୃତୀୟ ସ୍ଥାନ ଅଧିକାର କରିଥିଲେ । କୃତୀ ଛାତ୍ରୀମାନଙ୍କୁ ଗଞ୍ଜାମ ପୁଲିସ ଥାନା ପକ୍ଷରୁ ପୁରସ୍କୃତ କରାଯାଇଥିଲା ।

## ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'



ପାରଳାଖେମୁଣ୍ଡି,୮ ।୧୧(ସମିସ): ଗଜପତି ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ପାରଳାଖେମୁଣ୍ଡି ସ୍ଥିତ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ମଧୁମିତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ସାଂସଦ ଡ଼. ପ୍ରଦୀପ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବରେ ମୋହନା ବିଧାୟକ ଦାଶରଥି ଗମାଙ୍ଗ, ଜିଲ୍ଲାପରିଷଦ ସଭାପତି ଜି.ତିରୁପତି ରାଓ, ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ, ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ, ଜିଲ୍ଲାଶିକ୍ଷା ଅଧିକାରୀ ଡ଼.ମାୟାଧର ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଏସ.ଗିରିଧର, ସ୍ଥାନୀୟ ପ୍ରଧାନ ଶିକ୍ଷୟିତ୍ରୀ ମୋନାଲିସା ଦାସ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଏ. ରବି କୁମାର ଓ ସନ୍ତୋଷ କୁମାର ସାହୁ ମଞ୍ଚାସୀନ ଥିଲେ ।

କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରିବାକୁ ଛାତ୍ରଛାତ୍ରୀମାନଙ୍କ ଦ୍ୱାର ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଚଳିତବର୍ଷ ଏହି ଶିଶୁ ମହୋତ୍ସବରେ ଜିଲ୍ଲାର ୭ ବ୍ଲକରୁ ବିଭିନ୍ନ ବିଦ୍ୟାଳୟର ୪ଶହରୁ ଅଧିକ ଛାତ୍ରଛାତ୍ରୀ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ । କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଶିକ୍ଷକ ଅମୂଲ୍ୟ କୁମାର ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ ।

## ଟ୍ରାଫିକ୍ ୱିଙ୍ଗ୍ କାର୍ଯ୍ୟାଳୟ ଉଦ୍‌ଘାଟିତ

ପାରଳାଖେମୁଣ୍ଡି,୮ ।୧୧(ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହରର କ୍ରିଷ୍ଣା ସିନେମାହଲ୍ ସମ୍ମୁଖରେ ଗଜପତି ଜିଲ୍ଲା ପୁଲିସର ଟ୍ରାଫିକ୍ ୱିଙ୍ଗ୍ କାର୍ଯ୍ୟାଳୟ ଉଦଘାଟିତ ହୋଇଛି । ଏହି ନୂତନ କାର୍ଯ୍ୟାଳୟକୁ ଗଜପତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ଟ୍ରାଫିକ୍ ବ୍ୟବସ୍ଥାର ସୁପରିଚାଳନା ପାଇଁ ଏହି କାର୍ଯ୍ୟାଳୟ ସ୍ଥାପନ କରାଯାଇଛି ବୋଲି ଏସ୍‌ପି ଶ୍ରୀ ପଣ୍ଡା କହିଛନ୍ତି । ଜିଲ୍ଲାରେ ଏପରି ପ୍ରଥମ କରି ଟ୍ରାଫିକ୍ କାର୍ଯ୍ୟାଳୟ ଖୋଲିଥିବା ଜଣାପଡିଛି । ଏହି ଅବସରରେ ସ୍ୱତନ୍ତ୍ର, ସଶସ୍ତ୍ର ସୁରକ୍ଷା ବାଟାଲିୟନର କମାଣ୍ଡାଣ୍ଟ ଅଶୋକ କୁମାର ମାହନ୍ତି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁନୀଲ କାନ୍ତ ମହାନ୍ତି, ପାରଳାଖେମୁଣ୍ଡି ଏସଡିପିଓ ମାଧବାନନ୍ଦ ନାୟକ, ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ କୁମାର ଭୂପତିଙ୍କ ସମେତ ଟ୍ରାଫିକ୍ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।




## ବିଦ୍ୟୁତ୍ ସଂଯୋଗ ପାଇଁ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହେଲେ ଗ୍ରାମବାସୀ



ପାରଳାଖେମୁଣ୍ଡି,୮ ।୧୧(ସମିସ): ଗଜପତି ଜିଲ୍ଲା ଆର୍.ଉଦୟଗିରି ବ୍ଲକ ପୁରୁଣାପାଣି ପଞ୍ଚାୟତ ତରବଙ୍ଗ ଗ୍ରାମରେ ଆଜିଯାଏଁ ବିଦ୍ୟୁତ ସଂଯୋଗୀକରଣ ହୋଇ ନ ଥିବାକୁ ନେଇ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ଗ୍ରାମବାସୀ । ଏନେଇ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରଶାସନକୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ପୁରୁଣାପାଣି ପଞ୍ଚାୟତର ସରପଞ୍ଚ କେଶବ ନାୟକଙ୍କ ନେତୃତ୍ୱରେ ଆସିଥିବା ଗ୍ରାମବାସୀ କହିଛନ୍ତି ଯେ ଆଜିଯାଏଁ ବିଦ୍ୟୁତ ସଂଯୋଗୀକରଣ ହୋଇପାରୁନଥିବାରୁ ଗ୍ରାମବାସୀ ଅକଥନୀୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ବିଦ୍ୟୁତ୍ ଯୋଗାଣ ପାଇଁ ସମସ୍ତ ଭିତ୍ତିଭୂମୀ ରହିଥିଲେ ମଧ୍ୟ ସଂଯୋଗୀକରଣ ହୋଇପାରୁନାହିଁ । ଗତ କିଛିବର୍ଷ ପୂର୍ବେ ଗ୍ରାମରେ ସରକାରଙ୍କ ପକ୍ଷରୁ ସୌରଶକ୍ତିର ବ୍ୟବସ୍ଥା କରାଯାଇଥିଲା । ହେଲେ ରକ୍ଷଣାବେକ୍ଷଣ ଅଭାବରୁ ଏହା ଆଉ କାମ ଦେଉନି । ପିଇବା ପାଇଁ ପାଣି ଟାଙ୍କି ମଧ୍ୟ ରହିଛି ହେଲେ ବିଦ୍ୟୁତ୍ ସଂଯୋଗୀକରଣ ହୋଇପାରି ନ ଥିବାରୁ ମୋଟର ଚାଲୁନି ବୋଲି ପ୍ରକାଶ କରିଛନ୍ତି ।

## ଧୂଳିଧୂଆଁରେ ଅସ୍ତବ୍ୟସ୍ତ ହୁମ୍ମା ଅଞ୍ଚଳବାସୀ




ହୁମ୍ମା,୮ ।୧୧(ସମିସ): ହୁମ୍ମା ଜାତୀୟ ରାଜପଥରେ ପ୍ରତ୍ୟେକ ଦିନ ଶହ ଶହ ଭାରୀଯାନ ଯିବା ଆସିବା କରିବା ଦ୍ୱାରା ଏତେ ପରିମାଣର ଧୂଳି ଉଠୁଛି ଯେ ସ୍ଥାନୀୟ ବ୍ୟବସାୟୀଙ୍କ ଠାରୁ ଆରମ୍ଭ କରି ଅଞ୍ଚଳବାସୀ ଧୂଳିଧୂଆଁରେ ଅଣନିଃଶ୍ୱାସୀ ହୋଇପଡ଼ିଲେଣି । ରାସ୍ତାଘାଟରେ ବାଲି ପଡ଼ିଥିବା କାରଣରୁ ପ୍ରତ୍ୟେକ ଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି । ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ଛାତ୍ରଛାତ୍ରୀମାନେ ସ୍କୁଲ କଲେଜ ଯାଇଥାନ୍ତି । ରାସ୍ତା କଡ଼ରେ ସ୍କୁଲ ଓ କଲେଜ ହୋଇଥିବାରୁ କେତେ ବେଳେ ଯେ ଅଘଟଣ ଘଟିବ କହିହେବ ନାହିଁ । ଏନେଇ ବିଗତ ଦିନରେ ବାରମ୍ବାର ଖବର ପ୍ରସାରଣ ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନି । ଆଗାମୀ ଦିନରେ ଯଦି ଏହା ପ୍ରତି ପ୍ରଶାସନ ବିହିତ ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ସ୍ଥାନୀୟ ଅଞ୍ଚଳବାସୀ ଆନ୍ଦୋଳନର ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

## ଦାମୋଦରପୁର ଶିବ ମନ୍ଦିର ପୂଜକ ନିଖୋଜ

ଗଞ୍ଜାମ,୮ ।୧୧(ସମିସ): ଗଞ୍ଜାମ ସହର ଦାମୋଦରପୁର ଗ୍ରାମ ସ୍ଥିତ ବାବା ଆଖଣ୍ଡଳମଣି ପୀଠର ପୂଜକ ତ୍ରିନାଥ ସାହୁ (୭୦) ୨ ଦିନ ହେଲା ନିଖୋଜ ହୋଇଯାଇଥିବା ଅଭିଯୋଗ ହୋଇଛି । କୌଣସି ସହୃଦୟ ବ୍ୟକ୍ତି ତାଙ୍କର ସନ୍ଧାନ ପାଇଲେ ଗଞ୍ଜାମ ଥାନା କିମ୍ବା ୯୮୬୧୦୬୩୮୨୯ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି । ତାଙ୍କର ସାମାନ୍ୟ ମାନସିକ ସମସ୍ୟା ରହିଥିବା ତାଙ୍କ ପରିବାର ପକ୍ଷରୁ କୁହାଯାଇଛି । ସେ ଦୁଇଦିନ ତଳେ ଗଞ୍ଜାମ ସହରରୁ କୌଣସି ଏକ କ୍ୟାଣ୍ଟରଯୋଗେ କେଉଁଆଡ଼େ ପଳାଇଥିବା ଅନୁମାନ କରାଯାଉଛି ।

## ଡିଜିଟାଲ ଉପସ୍ଥାନ ବିରୋଧରେ ଶିକ୍ଷକଶିକ୍ଷୟିତ୍ରୀଙ୍କ ଆନ୍ଦୋଳନ




କୁକୁଡାଖଣ୍ଡି,୮ ।୧୧(ସମିସ): ୟୁଏସ୍ ଡିଜିଟାଲ୍ ଉପସ୍ଥାନକୁ ବିରୋଧ କରି କୁକୁଡ଼ାଖଣ୍ଡି ବ୍ଲକ ଅଧୀନସ୍ଥ ସମସ୍ତ ସରକାରୀ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଶୁକ୍ରବାର ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଉପସ୍ଥିତ ରହି ଆନ୍ଦୋଳନ କରିଥିଲେ । ସେମାନେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ମହାପାତ୍ରଙ୍କ ମାଧ୍ୟମରେ ଜିଲ୍ଲା ପ୍ରକଳ୍ପ ସମନ୍ୱୟକାରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଓ ବ୍ୟକ୍ତିଗତ ଦରଖାସ୍ତ ପ୍ରଦାନ କରିଥିଲେ । ଡିଜିଟାଲ ଉପସ୍ଥାନ ବ୍ୟବସ୍ଥା ଆରମ୍ଭ ପୂର୍ବରୁ ଆବଶ୍ୟକ ଭିତ୍ତିଭୂମି ଯଥା- ଇଣ୍ଟରନେଟ୍ ସଂଯୋଗ, ସ୍ମାର୍ଟ ଫୋନ ଓ ଟେକ୍ନିକାଲ ସୁବିଧା ଯୋଗାଇବା ଆବଶ୍ୟକତା ରହିଛି ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି । ଆନ୍ଦୋଳନରେ ସାରଥୀ ପାତ୍ର, କୋରାମଣି ପାତ୍ର, ନିରଞ୍ଜନ ପଣ୍ଡା, ହରେକୃଷ୍ଣ ଗୌଡ଼, ଏ.ପୁଷ୍ପଲତା, ହେମନ୍ତ କୁମାର ସେଠୀ, ଡ଼. ସନାତନ ପ୍ରଧାନ, ଉଷାରାଣୀ ସାହୁ, କାହ୍ନୁ ବେହେରା, ଲକ୍ଷ୍ମୀକାନ୍ତ ଦାଶ, ଚିତ୍ରସେନ ଦାସ, ମନୋଜ ବିଷୋୟୀ, ଜିତେନ୍ଦ୍ର ମହାନ୍ତି, ସରିତା ଦାସ, ମମତା ଆଚାରୀ, ସୂର୍ଯ୍ୟନାରାୟଣ ଆଚାରୀ, ମଞ୍ଜୁବାଳା ସାହୁ, ଗଗନ ବିହାରୀ ବେହେରା, କୃଷ୍ଣ ପଣ୍ଡା ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହିଥିଲେ ।

## ସହାୟତା ପାଇଁ ସାଂସଦଙ୍କ ନିକଟରେ ଦାବି

ପାରଳାଖେମୁଣ୍ଡି,୮ ।୧୧(ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡିରେ ଥିବା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିକାଶ ପାଇଁ ସାଂସଦ ପାଣ୍ଠି ପ୍ରଦାନ କରିବାକୁ ଛାତ୍ରୀ ଓ କର୍ମଚାରୀ ଆଜି ବ୍ରହ୍ମପୁର ସାଂସଦ ଡ.ପ୍ରଦୀପ ପାଣିଗ୍ରାହୀଙ୍କ ପାରଳାଖେମୁଣ୍ଡି ଗସ୍ତ ସମୟରେ ଭେଟି ୯ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି । ୧୯୮୩ ମସିହାରେ ପ୍ରତିଷ୍ଠିତ ଏହି ମହିଳା ମହାବିଦ୍ୟାଳୟ ସମଗ୍ର ଗଜପତି ଜିଲ୍ଲାରେ ଏକମାତ୍ର । ଯାହା କଳା, ବିଜ୍ଞାନ ଏବଂ ବୃତ୍ତିଗତ ଧାରା ସହିତ ପ୍ରାୟ ୮୦୦ ଛାତ୍ରୀଙ୍କୁ ଶିକ୍ଷା ପ୍ରଦାନ କରୁଛି । ଅଧିକାଂଶ ଛାତ୍ରୀ ଆଦିବାସୀ ଏବଂ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗର ଏବଂ ଏହି ଆଦିବାସୀ ବହୁଳ ଅଞ୍ଚଳରେ ବାଳିକା ଶିକ୍ଷା ଏବଂ ସଶକ୍ତିକରଣକୁ ପ୍ରୋତ୍ସାହିତ କରିବାରେ ବିଦ୍ୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ଏହା ଛାତ୍ରୀମାନଙ୍କର ସାମଗ୍ରିକ ବିକାଶକୁ ବାଧା ଦେଉଛି । ତେଣୁ ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କ୍ରୀଡ଼ା ଏବଂ ଶାରୀରିକ କାର୍ଯ୍ୟକଳାପ ପାଇଁ ଖେଳ ପଡ଼ିଆ ସହ ଅନ୍ୟାନ୍ୟ ଭିତ୍ତିଭୂମି ଯୋଗାଇ ଦେବାକୁ ଜଣାଇଥିଲେ । ସାଂସଦ ପାଣ୍ଠି ପ୍ରଦାନ କଲେ ଏହି ଆଦିବାସୀ ମହିଳା ଅନୁଷ୍ଠାନର ଶିକ୍ଷାଗତ ଭିତ୍ତିଭୂମି ଏବଂ ଶିକ୍ଷଣ ପରିବେଶକୁ ଉନ୍ନତ କରିବାରେ ସହାୟକ ହେବ ବୋଲି ସାଂସଦଙ୍କୁ ଜଣାଇଥିଲେ ।

## ଥାଲାସେମିଆ ଆକ୍ରାନ୍ତ ଶିଶୁଙ୍କ ପରିବାରକୁ ସହାୟତା

ପୋଲସରା,୮ ।୧୧(ସମିସ): ଥାଲାସେମିଆ ଆକ୍ରାନ୍ତ ଶ୍ରୀୟାଂଶୁ ରଣାଙ୍କ ପାଇଁ ସହାୟତାର ହାତ ବଢ଼ାଇଛି ନିରଞ୍ଜନ ପ୍ରଧାନ ଚାରିଟେବୁଲ ଟ୍ରଷ୍ଟ । ପୋଲସରା ବ୍ଲକ ଘୋଡ଼ାପଲାଣ ଗ୍ରାମର ପ୍ରତାପ ରଣା ଓ ଶର୍ମିଷ୍ଠା ରଣାଙ୍କ ୫ ବର୍ଷର ପୁଅ ଶ୍ରୀୟାଂଶୁଙ୍କ ବୋନମ୍ୟାରୋ ଟେଷ୍ଟ କରିବା ପରେ ଥାଲାସେମିଆ କ୍ୟାନସର ହୋଇଥିବା ଜଣାପଡ଼ିଥିଲା । ଡାକ୍ତରଙ୍କ ପରାମର୍ଶ କ୍ରମେ ଶ୍ରୀୟାଂଶୁକୁ ଅଧିକ ଚିକିତ୍ସା ପାଇଁ ଦିଲ୍ଲୀ ସ୍ଥିତ ରାଜୀବ ଗାନ୍ଧୀ କ୍ୟାନସର ହସ୍ପିଟାଲରେ ଆଡ଼ମିସନ କରାଯାଇଥିଲା । ହେଲେ ପରିବାର ଲୋକଙ୍କ ଆର୍ଥିକ ଅବସ୍ଥା ଦୟନୀୟ କାରଣରୁ ଉନ୍ନତ ଚିକିତ୍ସାରେ ବାଧକ ସାଜିଲା । ଏହାଜାଣି ପୋଲସରା ନିରଞ୍ଜନ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଶନିବାର ଶ୍ରୀୟାଂଶୁର ଚିକିତ୍ସା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଟ୍ରଷ୍ଟ ସଭାପତି ଦୀପକ ପ୍ରଧାନଙ୍କ ନେତୃତ୍ୱରେ ସମାଜସେବୀ ପ୍ରଭାକର ପଣ୍ଡା, ମନୋଜ କୁମାର ଖଟୁଆ, ପବିତ୍ର ନାୟକ, ସନ୍ତୋଷ ମାଝୀ, ନୃସିଂହ ସ୍ୱାଇଁ, ମିନତୀ ପ୍ରଧାନ ସମେତ ଟ୍ରଷ୍ଟର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# ବ୍ୟାପକ ଗଞ୍ଜେଇ ଗଛ କାଟି ନଷ୍ଟକଲା ପୁଲିସ

ରାଇକିଆ/ଫିରିଙ୍ଗିଆ, ୮।୧୧(ସମିସ):

କନ୍ଧମାଳ ଜିଲ୍ଲାରୁ ଗଞ୍ଜେଇ କାରବାର ଓ ଗଞ୍ଜେଇ ଚାଷ ବନ୍ଦ କରିବା ପାଇଁ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ୍ୟ ଜିଲ୍ଲା ପୁଲିସ ମୁଖିଆଙ୍କ ତତ୍ତ୍ୱାବଧାନରେ ଜିଲ୍ଲାର ବିଭିନ୍ନ ଥାନା ପକ୍ଷରୁ ଗଞ୍ଜେଇ ଗଛକଟା ଅଭିଯାନ ଆରମ୍ଭ ହୋଇଛି । ଏହିକ୍ରମରେ ଫିରିଙ୍ଗିଆ ଓ ରାଇକିଆରେ ବ୍ୟାପକ ଗଞ୍ଜେଇ ଗଛ କାଟି ନଷ୍ଟ କରାଯାଇଛି ।

ଗୋଚ୍ଛାପଡା ପୁଲିସ ପକ୍ଷରୁ ଶନିବାର ଥାନା ଅଧିକାରୀ ଚିରଞ୍ଜୀବ ବେହେରାଙ୍କ ନେତୃତ୍ୱରେ କୁଏରିମାଣ୍ଡୁ ପଞ୍ଚାୟତ ଗ୍ଲଟ ଓ ଡୁମୁରିକେତା ଗାଁ ନିକଟବର୍ତ୍ତୀ ଜଙ୍ଗଲ ଜମିରେ ଚାଷ ହୋଇଥିବା ପ୍ରାୟ ୮୭ ହଜାର ଗଞ୍ଜେଇ ଗଛ କାଟି ନଷ୍ଟ କରାଯାଇଛି । ପ୍ରଥମ ଦିନରେ ବନବିଭାଗ, ପୁଲିସ ଓ ଅବକାରୀ ବିଭାଗ କର୍ମଚାରୀ ସାମିଲ ଥିବାବେଳେ ମାଜିଷ୍ଟ୍ରେଟ ଦାୟିତ୍ୱରେ





ଥିବା ପୃଥ୍ୱୀରାଜ ମହାନନ୍ଦିଆଙ୍କ ଉପସ୍ଥିତିରେ ଗଞ୍ଜେଇ ଗଛ କଟାଯାଇଥିଲା । ସୁରକ୍ଷା ଦୃଷ୍ଟିରୁ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଥଲା ।

ସେହିପରି ରାଇକିଆ ପୁଲିସ ଓ ଅବକାରୀ ବିଭାଗ ଚଢ଼ଉ କରି ସୁଗଡବାଡି ପଞ୍ଚାୟତର ନାଉଡ଼ିମହା ଅଞ୍ଚଳ ଜଙ୍ଗଲରୁ ୨୫ ଏକର ଜମିରେ ଲଗାଯାଯାଇଥିବା ବେଆଇନ ଗଞ୍ଜେଇ ଗଛ କାଟି ନଷ୍ଟ କରାଯାଇଛି । ରାଇକିଆ ଥାନା ଅଧିକାରୀ ଆଶୁତୋଷ ପାଇକରାୟ, ତହସିଲଦାର ବରିୟାଲ ମୁର୍ମୁ ଏବଂ ଜିଲ୍ଲା ଅବକାରୀ ବିଭାଗ ମିଳିତ ଭାବେ ଚଢଉ କରି ୨୫ହଜାର ଗଛ ଆଇଆର୍‌ବି ଯବାନଙ୍କ ସହାୟତାରେ ପୋଡ଼ି ନଷ୍ଟ କରିଥିଲେ । ଏନେଇ ରାଇକିଆ ଓ ଫିରିଙ୍ଗିଆ ଥାନାରେ ଗୋଟିଏ ଲେଖାଏଁ ମାମଲା ରୁଜୁ ହୋଇଛି ।





# ସିମ୍ପାଜିଙ୍କୁ ଚ୍ୟବନପ୍ରାସ୍ ଓଟ ପକ୍ଷୀଙ୍କୁ ହର୍ବାଲ୍ ଟନିକ୍

- କମଳ ତଳେ ଶୋଉଛନ୍ତି ସାପ, ଏଣ୍ଡୁଅ, କୁମ୍ଭୀର
- କାଠନଡ଼ା ମଞ୍ଚରେ ଖରା ପୋଉଁଛନ୍ତି ସିଂହ, ବାଘ
- ମାଙ୍କଡ଼ଙ୍କ ଖୁଆଡ଼ରେ ଲାଗିଛି ରୁମ୍ ହିଟର୍







ନନ୍ଦନକାନନ, ୮।୧୧(ସମିସ): ଶୀତ ଆସିଗଲା। ନନ୍ଦନକାନନରେ ବି ଶୀତ ପାଇଁ ବ୍ୟାପକ ପ୍ରସ୍ତୁତି ବ୍ୟବସ୍ଥା କରାଯାଇଛି। ନନ୍ଦନକାନନ କର୍ତ୍ତୃପକ୍ଷ ମଧ୍ୟ ଏଥିପାଇଁ ଆଗୁଆ ଯତ୍ନବାନ ହୋଇ ସେମାନଙ୍କୁ ଶୀତ ଦାଉରୁ ରକ୍ଷା କରିବାକୁ ବିଭିନ୍ନ ପଦକ୍ଷେପ ନେଇଛନ୍ତି। ଏଠାରେ ଥିବା ଜୀବଜନ୍ତୁଙ୍କୁ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଚ୍ୟବନପ୍ରାସ, ଗରମ ଲାଗିବା ପାଇଁ କମଳ, ଝୋଟଅଖା, ନଡ଼ାମଞ୍ଚା, ରୁମ ହିଟର, ଔଷଧ ବ୍ୟବସ୍ଥା କରାଯାଇଛି।

ଶୀତର ପ୍ରଭାବ ବେଶୀ ମାତ୍ରାରେ ସରୀସୃପ, ଉଭୟଚର ପ୍ରଜାତିର ଶୀତଳ ରକ୍ତ ପ୍ରାଣୀ ଜୀବଜନ୍ତୁଙ୍କ ଉପରେ ପଡ଼ିଥାଏ। ସାପ, କୁମ୍ଭୀର, ଏଣ୍ଡୁଅ ଆଦି ଜୀବ ପ୍ରଭାବିତ ହେବା ସହ ଏମାନଙ୍କୁ ଫୁସଫୁସ ଜନିତ ରୋଗ ଆକ୍ରାନ୍ତ କରିଥାଏ ବୋଲି ନନ୍ଦନକାନନ ଜଣେ ଅଧିକାରୀ କହିଛନ୍ତି। କୁମ୍ଭୀରଙ୍କ ପାଇଁ ନଡ଼ା ତାଟ ତିଆରି କରି ଖୁଆଡ଼ରେ ରଖା ଯାଉଛି। ଖୁଆଡ଼ ଓ ଜଳାଶୟରେ ସୂର୍ଯ୍ୟ କିରଣ ପଡ଼ିବା ପାଇଁ ଗଛ ଡାହିଡାଳ କାଟି ସଫା କରାଯାଉଛି। ସାପଙ୍କ ଖୁଆଡ଼ରେ ନଡ଼ା, ଅଖା ଖଣ୍ଡ, କମଳ ଖଣ୍ଡ ରଖାଯାଇଥାଏ। ଖୁଆଡ଼ ଉପରେ ନଡ଼ା ତାଟ ଦିଆଯାଇଥାଏ। ଖୁଆଡ଼ରେ ଖରା ପଡ଼ିବାକୁ ବ୍ୟବସ୍ଥା କରାଯାଇଥାଏ। ମାଙ୍କଡ଼ଙ୍କ ଖୁଆଡ଼ରେ ରୁମ୍ ହିଟର ଲଗା ଯାଇ ଖୁଆଡ଼କୁ ଉଷୁମ କରାଯାଉଛି। ସେମିତି ସିମ୍ପାଜି, ଗିବନ ଆଦି ଜନ୍ତୁଙ୍କୁ ଚ୍ୟବନପ୍ରାସ, ହର୍ବାଲ ଟନିକ, ଇମ୍ୟୁନାଲ ପ୍ଲସ ଆଦି ଦିଆଯାଉଛି। ପକ୍ଷୀ ଖୁଆଡ଼ରେ ତାଟି ପରଦା, ଝୋଟ ଅଖା ପରଦା ଦ୍ୱାରା ଢାଙ୍କି ଦିଆଯାଇଥାଏ।

ଚିତା, ବିରାଡ଼ି, ଡାଳି ଓଧ, ଶାଳିଆ ପତାଣ୍ଡି ଆଦି ଜନ୍ତୁଙ୍କ ଖୁଆଡ଼ରେ ରୁମ୍ ହିଟର ଲଗାଯାଉଛି। ଖରା ପୁଇଁବା ପାଇଁ ବ୍ୟବସ୍ଥା କରାଯାଉଛି। ହରିଣ, ଗୟଳ, ନୀଳ ଗାଈ, ସମ୍ବର ଆଦି ପ୍ରଜାତି ଜନ୍ତୁଙ୍କୁ ରେଷ୍ଟୋବାଲ ଟନିକ ଖାଇବାକୁ ଦିଆଯାଉଛି। ବର୍ଷା ଦିନ ଯୋଗୁଁ ଖୁଆଡ଼ଗୁଡ଼ିକରେ ପାଣି ଜମିବା କାରଣରୁ ପରଜୀବୀ ଜୀବାଣୁ ସୃଷ୍ଟି ହୁଅନ୍ତି। ଯାହା ଝିଙ୍କ ଭଳି ଜନ୍ତୁଙ୍କ ଦେହରେ ଲାଗିବାର ଆଶଙ୍କା ଥାଏ। ଏହା ଶୀତ ଦିନେ ଜନ୍ତୁଙ୍କୁ ପ୍ରଭାବିତ କରିଥାନ୍ତି। ଖୁଆଡ଼କୁ ସଫା କରିବା ସହ କୀଟନାଶକ ସିଞ୍ଚନ କରାଯାଏ। ବଜ୍ରକାପ୍ତା ଖୁଆଡ଼ର ଛାତ ସଟର ଛାତ କରାଯାଇଛି। ଶୀତ ଦିନେ ଖରା ପଡ଼ିବା ପାଇଁ ବଜ୍ରକାପ୍ତା ଛାତକୁ ଘୁଞ୍ଚାଇ ଦିଆଯାଇଥାଏ।

ବିଶେଷକରି ଏହି ଶୀତଋତୁରେ ବଳିଆ କୁକୁର, କୋକି ଶିଆଳି, ଗଧିଆ, ବିଲୁଆ, ହେଟାବାଘ ପ୍ରଜାତିର ଜନ୍ତୁମାନଙ୍କର ପ୍ରଜନନ ଋତୁ ହୋଇଥାଏ। ସେମାନଙ୍କୁ ସୁସ୍ଥ ରଖିବାକୁ ଓ ସୁସ୍ଥ ସୁରକ୍ଷିତ ପ୍ରଜନନ ପାଇଁ ସୁଷମ ଖାଦ୍ୟ, ପ୍ରତିଷେଧକ ଟୀକା, ଭିଟାମିନ ଆଦି ଦିଆଯାଇଥାଏ। ଜାନୁଆରୀ, ଫେବୃଆରୀ ମାସ ଆଡିକି ଏମାନେ ଛୁଆ ଜନ୍ମ କରିଥାନ୍ତି। ହାତୀକୁ ବି ସେମିତି ରୋଗ ପ୍ରତିଷେଧକ ଓ ରୋଗ ପ୍ରତିରୋଧକ ଔଷଧ ଦିଆ ଯାଇଥାଏ। ଯଦି ଶୀତ ଦିନରେ ଅଧିକ ଥଣ୍ଡା ପବନ ବହେ ତେବେ ତା ଖୁଆଡ଼ କୁ ପାଲ, ଅଖା ଆଦିରେ ଘୋଡ଼ାଇ କି ରଖାଯାଏ। ବାଘ, ସିଂହ, କଲରା ପତରିଆ ବାଘ ଖୁଆଡ଼ରେ ରୁମ୍ ହିଟର ଲଗାଯାଇଥାଏ। ସେମାନଙ୍କୁ ଉଷୁମ ଖାଦ୍ୟ ଦିଆଯାଇଥାଏ। କମ୍ବଳ ଖଣ୍ଡ, ଝୋଟ ଅଖା ଖଣ୍ଡ, ନଡା ମଞ୍ଚା, ନଡା ତାଟ ଖୁଆଡ଼ରେ ପକାଯାଇଥାଏ। ଡାକ୍ତରୀ ଦଳ ସମସ୍ତ ପ୍ରକାରର ଆବଶ୍ୟକୀୟ ଟୀକା, ଔଷଧ ଦେବା ସହ ନିୟମିତ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରି ଚିକିତ୍ସା କରାଯିବ ବୋଲି ନନ୍ଦନକାନନ କର୍ତ୍ତୃପକ୍ଷ କହିଛନ୍ତି।



## ଅଭିନେତା ଅଶ୍ରୁମୋଚନଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ

ଭୁବନେଶ୍ୱର, ୮।୧୧(ସମିସ): ଓଲିଉଡ୍ ଅଭିନେତା ଅଶ୍ରୁମୋଚନ ମହାନ୍ତିଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ଶନିବାର ସକାଳୁ ସୁଟିଂ ସାରି ଫେରୁଥିବା ବେଳେ ଭାରସାମ୍ୟ ହରାଇ କଳାହରି ନିକଟ ଦୟା ୱେଷ୍ଟ ନାଳ ଭିତରକୁ ଖସିପଡ଼ିଲା କାର୍। ତେବେ ଅଭିନେତା ଅଶ୍ରୁମୋଚନ ସୁରକ୍ଷିତ ଥିବା ସୂଚନା ରହିଛି।

## ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାରେ ୮ ଚାଷୀ ପୁରସ୍କୃତ



ବାଲିପାଟଣା, ୮।୧୧(ସମିସ): ବାଲିପାଟଣା ଲୋକଙ୍କୁ ମତ୍ସ୍ୟ ଓ ପଶୁପାଳନ ପ୍ରତି ବ୍ୟାପକ ସଚେତନତା ସୃଷ୍ଟି କରିବା ସହିତ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ମାଧ୍ୟମରେ ଚାଷୀମାନଙ୍କୁ ସ୍ୱାବଲମ୍ବୀ କରିବା ଏହି ମେଳାର ମୁଖ୍ୟ ଆଭିମୁଖ୍ୟ। ଏହି ଉପଲକ୍ଷେ ତୁରିନ୍ତିରା ପଞ୍ଚାୟତର ମହାବୀର ଛକ ନିକଟରେ ଏକ ବିଶାଳ ଚାଷୀ ମେଳାର ଆୟୋଜନ କରାଯାଇଥିଲା। ଏହାକୁ ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ ଉଦ୍ଘାଟନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ଃ ଯଶୋବନ୍ତ ପ୍ରଧାନ ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲା ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ମଧୁସ୍ମିତା ସାହୁ, ବାଲିପାଟଣା ବିଡିଓ ଶୁଭ୍ରାଂଶୁ ଶେଖର ପାଢ଼ୀ, ବ୍ଲକ ଅଧ୍ୟକ୍ଷା ହରପ୍ରିୟା ଦାସ, ସରପଞ୍ଚ ବିନୋଦିନୀ ମଲ୍ଲିକ, ଅତିରିକ୍ତ ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ମୋନାଲିସା ରାଉତ, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଦୃମଣ କୁମାର ବେହେରା, ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୮ ଜଣ ସଫଳ ଚାଷୀଙ୍କୁ ପୁରସ୍କୃତ କରିବା ସହ କୃଷି ଉଦ୍ୟଗ ଯୋଜନା ଅନ୍ତର୍ଗତ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପ୍ରାଣୀ ଚିକିତ୍ସା ଅଧିକାରୀ ବନମାଳୀପୁର ଡଃ ସାରସ୍ୱତ କୁମାର ପ୍ରଧାନ, ଅତିରିକ୍ତ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରିତମ ପ୍ରିତିମାନ୍ ପଣ୍ଡା ଯୋଗ ଦେଇ ଚାଷୀଙ୍କ ସହ ଆଲୋଚନା କରିଥିଲେ।

## ସମ୍ବର୍ଦ୍ଧନା ଓ ସାଂସ୍କୃତିକ କାର୍ଯ୍ୟକ୍ରମ



ଭୁବନେଶ୍ୱର, ୮।୧୧(ସମିସ): କସ୍ତୁରବା ନାରୀ ମହଲଠାରେ କଳିଙ୍ଗ ସେନାର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ନନ୍ଦନକାନନର ଜଗନ୍ନାଥ ମହିଳା ସଙ୍କୀର୍ତ୍ତନ ମଣ୍ଡଳୀ, ନୀଳାଦ୍ରି ବିହାରର ଈଶାନେଶ୍ୱର ସଙ୍କୀର୍ତ୍ତନ ମଣ୍ଡଳୀକୁ ସମ୍ବର୍ଦ୍ଧିତ କରାଯାଇଥିଲା ବେଳେ ଗଣମାଧ୍ୟମ ବ୍ୟକ୍ତିଙ୍କ ମଧ୍ୟରେ ସକାଳର ସନ୍ତୋଷ କୁମାର ପଣ୍ଡା, ସମ୍ବାଦର ବିଭୂତି ସାହୁ, ସମାଜର ବିଶ୍ୱରଞ୍ଜନ ମିଶ୍ର ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରତିଷ୍ଠା ଦିବସ ଅବସରରେ ଦଳର ସୁପ୍ରିମୋ ହେମନ୍ତ ରଥ, ସମ୍ପାଦକ ଅଶୋକ ସାହୁ, ସମୀର ପ୍ରଧାନ, ସମ୍ପାଦକ ମୋନାଲିସା ବିଶ୍ୱାଳ, ମଧୁସୂଦନ ସାହୁ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ। ପ୍ରତିଷ୍ଠା ଦିବସରେ କଳିଙ୍ଗ ସେନା ପକ୍ଷରୁ ପ୍ରଧାପକ ଅଶୋକ ନାୟକ ସ୍ୱାଗତ ଭାଷଣ ଦେଇଥିଲାବେଳେ ମଞ୍ଚ ପରିଚାଳନା କରିଥିଲେ ସୁମନ୍ତ କୁମାର ସ୍ୱାଇଁ। ସଭାରେ ଧନ୍ୟବାଦ ଦେଇଥିଲେ ସେନାର ସାଧାରଣ ସମ୍ପାଦକ ବିଜୟ କୁମାର ରାଜ। ଶେଷରେ ସାସ୍କୃତିକ କାର୍ଯ୍ୟକ୍ରମ ପାଇକ ଆଖଡା, ଓଡିଶୀ ଏବଂ ଲୋକକଳା ସଙ୍କିର୍ତ୍ତନ ପରିବେଷଣ ହୋଇଥିଲା।

## 'ମଶା ଉବାଚ'ରେ ଯେତିକି ବ୍ୟଙ୍ଗ ଓ ସେତିକି କଟାକ୍ଷ



ଭୁବନେଶ୍ୱର, ୮।୧୧(ସମିସ): ସୃଜନୀ ଅନୁଷ୍ଠାନ ଓ ସଂସ୍କୃତି ବିଭାଗର ସହଯୋଗରେ ଶିଶୁ ନାଟ୍ୟ ମହୋତ୍ସବ ଭଞ୍ଜକଳାମଣ୍ଡପରେ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନ ଦିବସରେ ଦୁଇଟି ନାଟ୍ୟ ଅନୁଷ୍ଠାନ ନାଟକ ପରିବେଷଣ କରିଥିଲେ। ପ୍ରଥମ ନାଟକ 'ମଶା ଉବାଚ' ଜଗତସିଂହପୁର ନାଟ୍ୟ ଅନୁଷ୍ଠାନର ଶିଶୁ କଳାକାରମାନେ ପରିବେଷଣ କରିଥିଲେ। ଏହାର ନିର୍ଦ୍ଦେଶନା ଦେଇଥିଲେ ସତ୍ୟବ୍ରତ ପଣ୍ଡା ଏବଂ ରଚନା ପ୍ରଜ୍ଞା ରଞ୍ଜନ ଖଟୁଆ କରିଥିଲେ। ନାଟକରେ ଯେତିକି ବ୍ୟଙ୍ଗ ଥିଲା ସେତିକି କଟାକ୍ଷ ଭରପୂର ହୋଇ ରହିଥିଲା। ଯାହାକୁ ଦେଖିଲେ ଦର୍ଶକ ହସି ହସି ବେଦମ୍ ହୋଇଯାଇଥିଲେ। ସେହିପରି ଦ୍ୱିତୀୟ ନାଟକ 'ମୋ ଆଖିର ତାରା' ପଲ୍ଲବୀ ନାଟ୍ୟକଳା ପରିଷଦ, ନାରୁଣୀ, ବାଲୁଗାଁ ନାଟ୍ୟ ଅନୁଷ୍ଠାନ ପରିବେଷଣ କରିଥିଲେ। ନାଟକର ରଚନା ଓ ନିର୍ଦ୍ଦେଶନା ଅଶୋକ କୁମାର ପ୍ରଧାନ ଦେଇଥିଲେ। ନାଟ୍ୟକାର, କବି, କଳାକାର ତଥା ନିର୍ଦ୍ଦେଶକ ନାରାୟଣ ଚନ୍ଦ୍ର ରାୟ ମହାପାତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନ ସନ୍ଧ୍ୟାରେ ଅତିଥି ଭାବେ ପୂର୍ବତନ ସଂସ୍କୃତି ମନ୍ତ୍ରୀ ଭୁପିନ୍ଦର୍ ସିଂ ଏବଂ ସଙ୍ଗୀତଜ୍ଞ ଲକ୍ଷ୍ମୀକାନ୍ତ ପାଲିତ୍, ନୃସିଂହ ମହାପାତ୍ର ପ୍ରମୁଖ ଯୋଗଦେଇ ଥିଲେ। ସୃଜନର ସଭାପତି ଶରତ ରାଉତଙ୍କ ସଭାପତିତ୍ୱରେ ସମ୍ପାଦକ ଚିତ୍ତରଞ୍ଜନ ରାୟ ମହାପାତ୍ରଙ୍କ ସଭା ପରିଚାଳନା କରିଥିଲେ।

## ବିଏମ୍‌ସି ପକ୍ଷରୁ ବନ୍ଦେ ମାତରମ୍

ଭୁବନେଶ୍ୱର, ୮।୧୧(ସମିସ): ବିଏମ୍‌ସି ପକ୍ଷରୁ 'ବନ୍ଦେ ମାତରମ୍'ର ୧୫୦ତମ ବର୍ଷ ପୂର୍ତ୍ତି ପାଳିତ ହୋଇଯାଇଛି। ବିଏମ୍‌ସି ମୁଖ୍ୟାଳୟସ୍ଥିତ ଏକାମ୍ର ହଲରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନୂଆଦିଲ୍ଲୀ ଇନ୍ଦିରା ଗାନ୍ଧୀ ଇନଡୋର ଷ୍ଟାଡିୟମଠାରେ ମାନ୍ୟବର ପ୍ରଧାନ ମନ୍ତ୍ରୀଙ୍କ ଦ୍ୱାରା 'ବନ୍ଦେ ମାତରମ୍'ର ୧୫୦ ତମ ବର୍ଷ ପୂର୍ତ୍ତି ପାଳନ ଉଦଘାଟନୀ କାର୍ଯ୍ୟକ୍ରମର ସିଧା ପ୍ରସାରଣ ପ୍ରଦର୍ଶନ କରାଯାଇଥିଲା। ଏହି ଉପଲକ୍ଷେ ବିଏମ୍‌ସି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, କମିସନର ଚଞ୍ଚଳ ରାଣା ପ୍ରମୁଖ ଉପସ୍ଥିତ ଥିଲେ। ବିଏମ୍‌ସିର ସମସ୍ତ ଅଧିକାରୀ ଓ କର୍ମଚାରୀ ସାମୂହିକ ଭାବେ ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ୍' ଗାନ କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ସ୍ମାରକୀ ଷ୍ଟାମ୍ପ ଏବଂ ମୁଦ୍ରା ମଧ୍ୟ ଉନ୍ମୋଚିତ ହୋଇଥିଲା।



## ଦୁର୍ଘଟଣାରୁ ଖଣ୍ଡାରେ ଆକ୍ରମଣ ଉଦ୍ୟମ

ଭୁବନେଶ୍ୱର, ୮।୧୧(ସମିସ): ସାମାନ୍ୟ ଗାଡି ଦୁର୍ଘଟଣାକୁ କେନ୍ଦ୍ର କରି ଖଣ୍ଡାରେ ଆକ୍ରମଣ ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୁଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ବଡ଼ଗଡ଼ ପୋଡାସାହିର କାଳନ୍ଦୀ ପାତ୍ର। ସୂଚନାଯୋଗ୍ୟ ଲକ୍ଷ୍ମୀସାଗର ଥାନାର ଏକ ଟିମ ରାତ୍ରିକାଳୀନ ପେଟ୍ରୋଲିଂ କରୁଥିବା ବେଳେ ଅଭିଯୁକ୍ତ କାଳନ୍ଦୀ ପାତ୍ର ଅନ୍ୟ ଜଣେ ଯୁବକଙ୍କ ସହ ସାମାନ୍ୟ ଗାଡି ଦୁର୍ଘଟଣାକୁ କେନ୍ଦ୍ରକରି ଝରପଡ଼ା ଗୋଳେଇ ଛକ ନିକଟରେ ବିଶୃଙ୍ଖଳା ସୃଷ୍ଟି କରିବା ସହ ସର୍ବସାଧାରଣରେ ତାଙ୍କୁ ଖଣ୍ଡା ଦ୍ୱାରା ଆକ୍ରମଣ ଉଦ୍ୟମ କରିଥିଲେ। ପିସିଆର-୯ ରେ ମୁତୟନ ପୁଲିସ ଅଧିକାରୀଙ୍କ ନିକଟରୁ ସୂଚନା ପାଇଥିଲେ। ମିଳିଥିବା ସୂଚନା ଆଧାରରେ ସମ୍ପୃକ୍ତ ଟିମ ଘଟଣା ସ୍ଥଳରେ ଅବିଳମ୍ବେ ଯାଇ ପହଞ୍ଚିଥିବା ବେଳେ ପୂର୍ବରୁ ପିସିଆର କର୍ମଚାରୀମାନେ ଅଭିଯୁକ୍ତ କାଳନ୍ଦୀ ପାତ୍ର ଏବଂ ଅନ୍ୟ ଜଣକୁ ଘଟଣା ସ୍ଥଳରେ ଅଟକ ରଖିଥିଲେ। ଛାନଭିନ ସମୟରେ ପୁଲିସ ଅଭିଯୁକ୍ତଙ୍କ ହେପାଜତରୁ ଏକ ଖଣ୍ଡା ଏବଂ ଏକ ସ୍କୁଟିକୁ ଜବତ କରିବା ସହ ତାଙ୍କୁ ଗିରଫ କରିଥିଲେ। ଅଭିଯୁକ୍ତ କାଳନ୍ଦୀ ପାତ୍ରଙ୍କ ନାମରେ ପୂର୍ବରୁ ମଧ୍ୟ ମଞ୍ଚେଶ୍ୱର ଥାନା ଓ ଧଉଳି ଥାନାରେ ଦୁଇଟି ଅପରାଧିକ ମାମଲା ରହିଥିବା ଜଣାପଡ଼ିଛି।

## ଅସୀମ ଦା' ଖଟିରେ 'ଚିତ୍ର ଚର୍ଚ୍ଚାରେ ଚିତ୍ରକର'



ଭୁବନେଶ୍ୱର, ୮।୧୧(ସମିସ): ଭୁବନେଶ୍ୱରର କଳା ଓ ସଂସ୍କୃତିର ଅନୁଷ୍ଠାନ 'ଛବିଘର' ପକ୍ଷରୁ ଗୁରୁବାର ରବୀନ୍ଦ୍ର ମଣ୍ଡପ ସମ୍ମୁଖ ଅସୀମ ଦା' ଖଟିରେ ଏକ ଅଭିନବ ପ୍ରୟାସ ଆରମ୍ଭ କରାଯାଇଥିଲା। ଖଟିରେ ବସି ଅନୌପଚାରିକ ଭାବେ ଚିତ୍ରଶିଳ୍ପୀ ବାଞ୍ଛାନିଧି ପଟ୍ଟନାୟକ, ରାମହରି ଜେନା, ରାମକୃଷ୍ଣ ବେଦାଳା ଓ ଅତସୀ ବସୁ ଜେନା ଚିତ୍ର ବିଷୟରେ ଚର୍ଚ୍ଚା କରିଥିଲେ। ଛବିଘର ଅନୁଷ୍ଠାନର ସମ୍ପାଦକ ଅମର କୁମାର ଜନା ଚର୍ଚ୍ଚାକୁ ପରିଚାଳନା କରିଥିଲେ। ବରିଷ୍ଠ ଚିତ୍ରଶିଳ୍ପୀ ବାଞ୍ଛାନିଧି ପଟ୍ଟନାୟକ ତାଙ୍କ ୫୦ ବର୍ଷର ଶିଳ୍ପୀ ଜୀବନ ଓ ଅସୀମ ଦା'ଙ୍କ ସହ ବିତାଇଥିବା ଓ ତାଙ୍କଠୁ ଶିଖିଥିବା ଅନୁଭୂତି ବଖାଣିଥିଲେ। ରାମହରି ଜେନା ଓଡ଼ିଶା ଚିତ୍ରକଳାର ଇତିହାସ ବିଷୟରେ ଆଲୋକପାତ କରିଥିଲେ। ଅତସୀ ବସୁ ଜେନା କିପରି ଅସୀମ ଦା' (ବାବୁଜୀ)ଙ୍କ ପାଖରୁ ଅନୁପ୍ରାଣିତ ହୋଇ ଚିତ୍ର ପ୍ରତି ଆଗ୍ରହ ଓ ଏହାକୁ ପେସା କରିଥିବା କଥା କହିବା ସହ ଛବିଘର ବିଷୟରେ ନିଜ ଅଭିବ୍ୟକ୍ତି ରଖିଥିଲେ। ଏହି ଚର୍ଚ୍ଚାରେ ଶିଳ୍ପୀ ଜୟନ୍ତ ଦାସ, ସୁବ୍ରତ ମଲ୍ଲିକ, ମୀନକେତନ ପଟ୍ଟନାୟକ, ପ୍ରଦୀପ ପାଣ୍ଡେ, ରଘୁନାଥ ସାହୁ, ଲିପଶ୍ରୀ ନାୟକ, ଜନପ୍ରିୟ ଦେବତା, କବି ଭାଗ୍ୟଲିପି ମଲ୍ଲ, ଜୟନ୍ତୀ ଧଳ, ଉମାକାନ୍ତ ରାଉତ, ଅମୃତ ମହାନ୍ତି, କପିଳାସ ଭୂୟାଁ ଯୋଗ ଦେଇଥିଲେ। ଶେଷରେ ଦେବଦତ୍ତ ପତି ଧନ୍ୟବାଦ ଅର୍ପଣ କରିଥିଲେ।

## ତୈଳିକ ସ୍ନେହୀ ସମାଜ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ

ଭୁବନେଶ୍ୱର, ୮।୧୧(ସମିସ): ଗାଡ଼କଣ ତୈଳିକ ସ୍ନେହୀ ସମାଜ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ ଗାଡ଼କଣଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ସୋମନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବେ ଭୁବନେଶ୍ୱର ସ୍ନେହୀ ସମାଜର ସଭାପତି ଅନନ୍ତ ଚରଣ ସାହୁ, ଜନକର ସାହୁ, କର୍ପୋରେଟର ସୁଷମା ସାହୁ, ଜୟନ୍ତୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ମାଟ୍ରିକ ଟପ୍ପର ଅଙ୍କିତ ନାୟକଙ୍କୁ 'ସାଧବ ସମ୍ମାନ' ଓ ପ୍ରାକ୍ତନ ସରପଞ୍ଚ ସ୍ୱର୍ଗତ ସୁନାକର ସାହୁଙ୍କ ସୁପୁତ୍ର ମଧୁସୂଦନ ସାହୁଙ୍କୁ ପିତାଙ୍କ ନିମନ୍ତେ 'ମରଣୋତ୍ତର ସାଧବ ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯିବା ସହ ବିଭନ୍ନ କ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନୀତ କରାଯାଇଥିଲା। ନନ୍ଦ କିଶୋର ସାହୁ ପରିଚାଳନା କରିଥିଲେ

**୯୩ତମ ପ୍ରଦ୍ୟୁମ୍ନ ବଳ ଜୟନ୍ତୀ ସମାରୋହ**

## ସାମ୍ବାଦିକମାନେ ସରକାରଙ୍କ କାନ ମୋଡ଼ିବା ଦରକାର: ଆଇନମନ୍ତ୍ରୀ



ଭୁବନେଶ୍ୱର, ୮।୧୧(ସମିସ): ନିର୍ଭୀକ ସମ୍ବାଦ ପରିବେଷଣ ଶାସନ ବ୍ୟବସ୍ଥାକୁ ମାର୍ଜିତ କରିଥାଏ। ସରକାରକୁ ବାଟକୁ ଆଣିବାକୁ ହେଲେ ସାମ୍ବାଦିକମାନେ ସ୍କୁଲ ଶିକ୍ଷକଙ୍କ ଭଳି ସରକାରଙ୍କ କାନ ମୋଡିବା ଦରକାର। ମାତ୍ର ଗଣମାଧ୍ୟମ ଚଳାଇବାକୁ ହେଲେ ବିଜ୍ଞାପନ ଆବଶ୍ୟକ। ବିଜ୍ଞାପନ ନ ଆସିବା ଭୟରେ ସଠିକ ସମ୍ବାଦକୁ ଲୁଚାଇ ଦିଆଯାଇଥାଏ। ଫଳରେ ପ୍ରକୃତ ତଥ୍ୟ ଲୋକଲୋଚନକୁ ଆସିପାରୁନାହିଁ। ଏଥିଯୋଗୁଁ ଶାସନ ବ୍ୟବସ୍ଥା ଦିନକୁ ଦିନ ତଳକୁ ତଳ ଖସି ଯାଉଛି ବୋଲି କ୍ଷୋଭର ସହ ପ୍ରକାଶ କରିଛନ୍ତି ରାଜ୍ୟ ଆଇନ, ଅବକାରୀ ଓ ପୂର୍ବ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସାଲିସ ବିହୀନ ରାଜନେତା, ବିଶିଷ୍ଟ ସାମ୍ବାଦିକ ପ୍ରଦ୍ୟୁମ୍ନ ବଳଙ୍କ ୯୩ତମ ଜୟନ୍ତୀ ସମାରୋହରେ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଏହା ପ୍ରକାଶ କରିଛନ୍ତି। ସନ୍ଥକାର ତଥା ଅଧାପକ ବିଶ୍ୱରଞ୍ଜନ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ସମାରୋହରେ ସଭାପତିତ୍ୱ କରିଥିଲେ ପ୍ରଫେସର ଓଁକାରନାଥ ମହାନ୍ତି। ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଜଷ୍ଟିସ ମନୋରଞ୍ଜନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରଗତିବାଦୀର ନିର୍ଦ୍ଦେଶିକା ଡ. ମୋନାଲିସା ବଳ ଧନ୍ୟବାଦ ଅର୍ପଣ କରିଥିଲେ ଓ ଉତ୍ସବରେ ପ୍ରଗତିବାଦୀର ଅଧ୍ୟକ୍ଷା ଶାଶ୍ୱତୀ ବଳ ଓ ଜୟନ୍ତୀ କମିଟିର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ପଦ୍ମ ଚରଣ ନାୟକ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଦ୍ୟୁମ୍ନ ବଳ ସ୍ୱତନ୍ତ୍ର ବିଶେଷାଙ୍କ ଉନ୍ମୋଚିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜୟନ୍ତୀ ଅବସରରେ କିଟ ଛାତ୍ରୀଙ୍କ ଦ୍ୱାରା କେକ କାଟି ଉତ୍ସବକୁ ପାଳନ କରାଯାଇଥିଲା। ସଭା ପ୍ରାରମ୍ଭରେ ସ୍ୱର୍ଗତ ପ୍ରଦ୍ୟୁମ୍ନ ବଳଙ୍କ ପଟୋଚିତ୍ରରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଗଛରେ ପାଣି ଦେଇ ସଭା କାର୍ଯ୍ୟ ଆରମ୍ଭ କରିଥିଲେ।

ସକାଳ THE SAKALA



# ସଂସଦରେ ହଟ୍ଟଗୋଳ, ଗୃହ ଅଚଳ

**ଭବାନୀପାଟଣା, ୮ ।୧୧(ସମିସ)**

ବିରୋଧୀ ଦଳଙ୍କ ତୀବ୍ର ବିରୋଧ ଓ ହଟ୍ଟଗୋଳ ଯୋଗୁଁ ସଂସଦରେ ଶୀତକାଳୀନ ଅଧିବେଶନରେ ଉଷ୍ମ ପରିବେଶ ଦେଖିବାକୁ ମିଳିଛି। ବିଭିନ୍ନ ବିଲ୍ ଉପରେ ଆଲୋଚନା ସମୟରେ ବିରୋଧୀ ସାଂସଦମାନେ ଗୃହକୁ ଅଚଳ କରିବା ଭଳି ପରିସ୍ଥିତି ସୃଷ୍ଟି କରିଥିଲେ।ଉଚ୍ଚସ୍ୱରରେ ଆକ୍ଷେପ, ଆରୋପ-ପ୍ରତ୍ୟାରୋପ, ତର୍କବିତର୍କ ଓ ଉତ୍ତେଜନାମୟ ପରିବେଶ ଦେଖା ଦେଇଥିଲା। ଏଭଳି ଘଟଣାକ୍ରମ ଭବାନୀପାଟଣାରେ ଆୟୋଜିତ ଆଦର୍ଶ ସଂସଦ କାର୍ଯ୍ୟକ୍ରମରେ ଅନୁକରଣୀୟ ଭାବେ ପ୍ରଦର୍ଶିତ ହୋଇଥିଲା। ସ୍ଥାନୀୟ ବ୍ରଜମୋହନ ଉଚ୍ଚ ବିଦ୍ୟାଳୟ ପରିସରରେ କଳାହାଣ୍ଡି ଜିଲ୍ଲାସ୍ତରୀୟ ଆଦର୍ଶ ସଂସଦ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସମଗ୍ର ଶିକ୍ଷା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାର ୧୯ ଟି ପିଏମ୍‌ଶ୍ରୀ ବିଦ୍ୟାଳୟର ଛାତ୍ରଛାତ୍ରୀ ବିଭିନ୍ନ ରାଜ୍ୟର ସାଂସଦ ଭାବେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ବିଲ୍ ସପକ୍ଷରେ ଓ ବିପକ୍ଷରେ ବିତର୍କ ସହ ମତଦାନ ହୋଇଥିଲା। ଭାରତୀୟ ସଂସଦର କାର୍ଯ୍ୟଶୈଳୀକୁ ଅବିକଳ ଭାବେ ସାଂସଦ-ଛାତ୍ରଛାତ୍ରୀମାନେ ଉପସ୍ଥାପନ କରିଥିଲେ। ଏଥିରେ ଛାତ୍ରୀ ଶୁଭଲକ୍ଷ୍ମୀ ସାହୁ ବାଚସ୍ପତି ଭାବେ ସଂସଦର କାର୍ଯ୍ୟ ପରିଚାଳନା କରିଥିଲେ। ସମଗ୍ର ଶିକ୍ଷା ପକ୍ଷରୁ ଆୟୋଜିତ ଆଦର୍ଶ ସଂସଦ କାର୍ଯ୍ୟକ୍ରମ ବାସ୍ତବିକ ଏକ ଅଭିନବ ପ୍ରୟାସ। କିନ୍ତୁ ଅହିଂସା ଆଧାରିତ, ଶୃଙ୍ଖଳିତ ସମାଜବ୍ୟବସ୍ଥା ନିର୍ମାଣକୁ ଅସଲ ଚିତ୍ରକୁ ଛାତ୍ରଛାତ୍ରୀମାନେ ଅଭିନୟ ମାଧ୍ୟମରେ ଉପସ୍ଥାପନ କରି କି ପ୍ରକାର ବାର୍ତ୍ତା ଦେବେ ଏବଂ କଣ ଶିକ୍ଷାଲାଭ କରିବେ ତାହା ସମସ୍ତଙ୍କ ପାଇଁ ଆଜି ପ୍ରଶ୍ନ ହୋଇ ରହିଯାଇଛି। ତେବେ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ବିବେକାନନ୍ଦ ଛତର, ଡ.କୈଳାଶ ଚନ୍ଦ୍ର ଦାଶ, ଡ. ପବିତ୍ର ବାଗ, ମୁଖ୍ୟବକ୍ତା, ସମ୍ମାନୀତ ଅତିଥି ଭାବେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ଯୁଗ୍ମ ନିର୍ଦ୍ଦେଶକ ପବିତ୍ର ମୋହନ ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହେମସାଗର ମହାନନ୍ଦ, ବ୍ରଜମୋହନ ହାଇସ୍କୁଲ ପ୍ରଧାନଶିକ୍ଷକ ଷଷ୍ଠୀ ଝାଙ୍କର, ସମଗ୍ର ଶିକ୍ଷା ଯୋଜନା ସଂଯୋଜିକା ନୀହାରିକା ପଣ୍ଡା







## କଳାହାଣ୍ଡି ଜିଲ୍ଲାସ୍ତରୀୟ ଆଦର୍ଶ ସଂସଦ କାର୍ଯ୍ୟକ୍ରମ

ଶିକ୍ଷା ବୋଲି ପ୍ରାୟତଃ କୁହାଯାଇଥାଏ। ବିଦ୍ୟାଳୟରେ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ପରସ୍ପର ସଂହତି ଓ ସଦଭାବ ରକ୍ଷାକରିବା ସହିତ ଅନ୍ତର୍ନିହିତ ପ୍ରତିଭାର ବିକାଶ କ୍ଷେତ୍ରରେ ଚେଷ୍ଟା ଜାରୀ ରଖାଯିବା ଜରୁରୀ। ସଂସଦର ବିକଳ ଡ. ଓ ଶୁଭମ୍ ତ୍ରିପାଠୀ ବିଚାରକ ରହିଥିଲେ। ଛାତ୍ରୀ ଶ୍ୱେତପ୍ରଭା ଗୋପାଳ ଓ ଈଶା ଦୁର୍ଗା ସାମ୍ବାଦିକା ଭାବେ ସାଂସଦମାନଙ୍କ ସାକ୍ଷାତକାର ନେବାସହ ସାମ୍ବାଦିକ ସମ୍ମିଳନୀରେ ପ୍ରଶ୍ନ ପଚାରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ କଳାହାଣ୍ଡି ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ୍ ମୁଖ୍ୟଅତିଥି, ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ଡ.ନିବେଦିତା ନାଥ ପ୍ରମୁଖ ମଞ୍ଚାସୀନ ଥିଲେ। ଆଦର୍ଶ ସଂସଦ ଆୟୋଜନ ପରେ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସିଆରସିସି ଡିଲେଶ୍ୱର ରଣା ମଞ୍ଚ ପରିଚାଳନା କରିଥିବା ବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ ଧନ୍ୟବାଦ ଦେଇଥିଲେ। ଏଥିରେ ଶ୍ରେଷ୍ଠ ଭାବେ ପୁରସ୍କୃତ ଛାତ୍ରୀ ନିବେଦିତା ନାଏକ ଓ କମଳିନୀ ସିଂ ଆସନ୍ତା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି ଜଣାପଡ଼ିଛି।

### ଛିଲିପାରେ ପାନୀୟ ଜଳ ସମସ୍ୟା ଉତ୍କଟ

# ଗରା, ବାଲଟି ଧରି ରାଜପଥ ଅବରୋଧ



**ଧର୍ମଗଡ଼, ୮ ।୧୧(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଛିଲିପା ଗାଁରେ ପାନୀୟ ଜଳ ସମସ୍ୟା ଉତ୍କଟ ହୋଇଛି। ଏନେଇ ଗ୍ରାମବାସୀ ଜାତୀୟ ରାଜପଥ ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସୂଚନା ମତେ, ଛୀଲିପା ଗାଁରେ ପ୍ରାୟ ୨ ହଜାର ରୁ ଅଧିକ ଜନସାଧାରଣ ବସବାସ କରୁଛନ୍ତି। ଗ୍ରାମରେ ପାନୀୟ ଜଳ ପାଇଁ ନିକଟସ୍ଥ ତେଲ ନଦୀରୁ ଓଭରହେଡ୍ ଟ୍ୟାଙ୍କ ନିର୍ମାଣ କରି ପ୍ରତି ଘରକୁ ପାନୀୟ ଜଳ ଯୋଗାଣ ହେଉଥିଲା। ଗତ କିଛି ଦିନ ତଳେ କିଛି ଦୁର୍ବୃତ୍ତ ପାଣିପମ୍ପରେ ଲାଗିଥିଲା କେବୁଲ ତାର ଚୋରି ନେଇଥିଲେ। ଗ୍ରାମର ମହିଳାମାନେ ଦୀର୍ଘ ୨ କିମି ଦୂରାନ୍ତ ନଦୀକୁ ଯାଇ ପାଣି ଆଣି ବ୍ୟବହାର କରୁଛନ୍ତି। କେବୁଲ ତାର୍ ସଂଯୋଗ କରି ପାନୀୟ ଜଳ ଯୋଗାଣ ସ୍ୱାଭାବିକ କରିବାକୁ ପ୍ରଶାସନ ଠାରୁ ଆରମ୍ଭ କରି ଜନପ୍ରତିନିଧିଙ୍କୁ ବାରମ୍ବାର ଗ୍ରାମବାସୀ ଲିଖିତ ଭାବରେ ଅବଗତ କରିଥିଲେ।ଏଥିସହ ପଦକ୍ଷେପ ନ ନେଲେ ଜାତୀୟ ରାଜପଥ ଅବରୋଧ କରାଯିବ ବୋଲି ଚେତାବନୀ ଦେଇଥିଲେ।ଜନପ୍ରତିନିଧି କିମ୍ବା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନଥିବାରୁ ଗ୍ରାମର କୁମୁଦିନୀ ପଟେଲ, ଗୋରୀମଣି ପଟେଲ, ପୂର୍ଣ୍ଣମୀ ପଟେଲ, ଯାଜ୍ଞସେନି ପଟେଲ, ଦୁର୍ମିଳା ପଟେଲ, ଟରାଟ ପଟେଲ, କୃମି ସେଠି, କୁରୁବା ପଟେଲ, ନେପୁର ପଟେଲ, ସୁବର୍ଣ୍ଣ ପଟେଲ, କୈକେଇ ପଟେଲ, ବସୁମତୀ ପଟେଲ, ସମାଜ ସେବୀ ସନାତନ ସେଠି, ପରମେଶ୍ୱର ପଟେଲ, ୱାର୍ଡ଼ ମେମ୍ବର କ୍ଷୀର ପଟେଲ, ଅଲେଖ ଭୋଇ, ସମେତ ଅନେକ ଗ୍ରାମବାସୀ ଜାତୀୟ ରାଜପଥ ୧୩୦ ସି କୁ ଛୀଲିପା ଠାରେ ଅବରୋଧ କରିବା ସହ ଗରା, ବାଲଟି ଧରି ରାସ୍ତା ଉପରେ ବସିରହିଥିଲେ। ପରେ ଛୀଲିପା ସରପଞ୍ଚ ବିଭୁଦତ୍ତ ପ୍ରଧାନୀ ଘଟଣା ସମ୍ପର୍କ ରେ ଅବଗତ ହେଲା ପରେ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ଶୀଘ୍ର ଜଳ ଯୋଗାଣ ସ୍ୱାଭାବିକ ହେବ ବୋଲି ପ୍ରତିଶ୍ରୁତି ଦେଲା ପରେ ରାସ୍ତା ଅବରୋଧରୁ ହଟିଥିଲେ।

## ୫୨ ଏକର ଜମିର ଗଞ୍ଜେଇ ଚାଷ ନଷ୍ଟ



**ବୌଦ୍ଧ, ୮ ।୧୧(ସମିସ):** ବୌଦ୍ଧ ଆଦର୍ଶ ଥାନା ପୁଲିସ ପକ୍ଷରୁ ବଘିଆପଡ଼ା ଫାଣ୍ଡି ଅଞ୍ଚଳର ଦୁର୍ଗା ପ୍ରସାଦ ଓ ମାଝୀ ସାହି ଗ୍ରାମ ଅଞ୍ଚଳରେ ଚଢ଼ଉ କରାଯାଇ ବ୍ୟାପକ ଗଞ୍ଜେଇ ଗଛ ନଷ୍ଟ କରାଯାଇଥିବା ସୂଚନା ମିଳିଛି। ଆରକ୍ଷୀ ଅଧୀକ୍ଷକ ରାହୁଲ୍ ଗୋୟଲଙ୍କ ନିର୍ଦ୍ଦେଶ କ୍ରମେ ଆଇଆଇସି ନଳିନୀ କାନ୍ତ ଦାସଙ୍କ ତତ୍ତ୍ୱାବଧାନରେ ହୋଇଥିବା ଚଢ଼ଉରେ ୫୨ ଏକର ଜଙ୍ଗଲ ଜମିରୁ ଗଞ୍ଜେଇ ଗଛ କାଟି ପୋଡ଼ି ଦିଆଯାଇଛି। ଚଢ଼ଉରେ ବୌଦ୍ଧ ଥାନା ଓ ବଘିଆପଡ଼ା ଫାଣ୍ଡିର କର୍ମଚାରୀମାନଙ୍କ ସମେତ ବନବିଭାଗ ଓ ରାଜସ୍ୱ ବିଭାଗର କର୍ମଚାରୀ ସାମିଲ ଥିଲେ।

## ନାଳରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ଦେବଗଡ଼, ୮ ।୧୧(ସମିସ):** ଦେବଗଡ଼ରେ ପାଣିରେ ବୁଡି ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ଦେବଗଡ଼ ଥାନାଞ୍ଚଳର ଗୁଣ୍ଡେଇମରା ଗାଁର ହେମନ୍ତ ଉଦାବର(୪୪) ବୋଲି ସୂଚନା ମିଳିଛି। ସୂଚନା ଅନୁଯାୟୀ, ହେମନ୍ତ ଗୁଣ୍ଡେଇମରା ଗାଁରେ ରାସ୍ତା ନିର୍ମାଣକାରୀ ଠିକା ସଂସ୍ଥାରେ ରାତ୍ର ଜଗୁଆଳୀ ଭାବେ କାର୍ଯ୍ୟ କରୁଥିଲେ। ଗତକାଲି ସଂଧ୍ୟାରେ ଠିକା ସଂସ୍ଥାର ସୁପରଭାଇଜର କ୍ୟାମ୍ପରେ ଯାଞ୍ଚ କରୁଥିବା ସମୟରେ ହେମନ୍ତକୁ ଦେଖିବାକୁ ପାଇ ନଥିଲେ। ତେବେ ତାଙ୍କ ପରିବାର ଲୋକ ତାଙ୍କୁ ବହୁ ଖୋଜାଖୋଜି କରିଥିଲେ। ପରେ ନିକଟସ୍ଥ ନାଳରେ ପାଣି ଭିତରେ ହେମନ୍ତ ବୁଡି ରହିଥିବା ଦେଖିବାକୁ ପାଇଥିଲେ। ତାଙ୍କୁ ପାଣିରୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନାପାଇ ଦେବଗଡ଼ ଥାନା ପୁଲିସ ମୃତଦେହ ଜବତ କରିଥିଲା। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ସୂଚନା ରହିଛି।

# ୩ ଦିନିଆ ବାର୍ଷିକ ଟେକ୍ ଫେଷ୍ଟ 'ଇନୋଭିଜନ ୨୦୨୫' ଉଦ୍‌ଯାପିତ

**ରାଉରକେଲା, ୮।୧୧ (ସମିସ):** ଏନ୍‌ଆଇଟି ରାଉରକେଲାର ଭୁବନେଶ୍ୱର ଅଡିଟୋରିୟମରେ ବହୁ ପ୍ରତୀକ୍ଷିତ ବାର୍ଷିକ ଟେକ୍ନୋ-ପରିଚାଳନା ମହୋତ୍ସବ 'ଇନୋଭିଜନ - ୨୦୨୫' ଉଦ୍‌ଘାଟିତ ହୋଇଯାଇଛି।



ଆଜି ଏହାର ଦ୍ୱିତୀୟ ତଥା ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଓଡ଼ିଶା ପୁଲିସର ମିଳିତ ସହଯୋଗରେ 'ହ୍ୟାକ- ୪ ସୁରକ୍ଷା : ସାଇବର ସୁରକ୍ଷା ହାକାଥନ୍' ପ୍ରଦର୍ଶିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସିଆଇଡି-କ୍ରାଇମ୍ ବ୍ରାଞ୍ଚ ଆଇଜି ଡକ୍ଟର ସାର୍ଥକ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ହ୍ୟାକିଂ ୪ ସେଫ୍‌ଟି ଭଳି ପଦକ୍ଷେପ ଛାତ୍ରଛାତ୍ରୀଙ୍କୁ ସାଧାରଣ କଲ୍ୟାଣ ପାଇଁ ପ୍ରଯୁକ୍ତିବିଦ୍ୟା ପ୍ରୟୋଗ କରିବାକୁ ଏବଂ ଡିଜିଟାଲ୍ ସୁରକ୍ଷାକୁ ସୁଦୃଢ଼ କରିବାକୁ ସକ୍ଷମ କରିଥାଏ। ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ, ଏସପି (କ୍ରାଇମ୍ ବ୍ରାଞ୍ଚ) ସ୍ମିତ ପରମାର ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ।

ଏହି ହାକାଥନ୍ ଛାତ୍ରଛାତ୍ରୀଙ୍କୁ ସାଇବର ଫ୍ରଡ୍, ଦୋଷୀ ସାବ୍ୟସ୍ତ ତଥ୍ୟ ପରିଚାଳନା ଏବଂ ନିଖୋଜ ବ୍ୟକ୍ତି ଟ୍ରାକିଂ ପାଇଁ ସିଷ୍ଟମ ସମେତ ସାତୋଟି ସମସ୍ୟାର ଡିଜିଟାଲ୍ ସମାଧାନ ଡିଜାଇନ୍ କରାଯାଇଛି। ଦେଶବ୍ୟାପୀ ୨୦୦୦ ପଞ୍ଜୀକରଣ ମଧ୍ୟରୁ ୩୦ଟି ଫାଇନାଲିଷ୍ଟ ଦଳ ମୋଟ ୨ ଲକ୍ଷ ଟଙ୍କା ପୁରସ୍କାର ପାଇଁ ପ୍ରତିଯୋଗିତା କରୁଥିବା ଜଣାପଡ଼ିଛି। ଏହି ଅବସରରେ ଡ୍ରୋନ୍ ପ୍ରଦର୍ଶନ, ଅଟୋ ଶୋ, ଟେଲିସ୍କୋପ୍-ଆଧାରିତ ଜ୍ୟୋତିର୍ବିଜ୍ଞାନ ଅଧିବେଶନ ଏବଂ ଲାଇଭ୍ ପ୍ରଦର୍ଶନ କରାଯାଇଥିଲା।

## ଜୁଆଖେଳ ବେଳେ ଚଢ଼ଉ: ୮ କୋର୍ଟ ଚାଲାଣ

**ଝାରସୁଗୁଡ଼ା, ୮।୧୧(ସମିସ):** ଝାରସୁଗୁଡ଼ା ବଡ଼ମାଳ ଥାନାଞ୍ଚଳରେ ପୁଲିସ ଚଢ଼ଉରେ ୮ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଶୁକ୍ରବାର ରାତିରେ ବଡମାଳ ପୁଲିସକୁ ବଡମାଳ ପଞ୍ଚାୟତ ସାହାପଡ଼ା କ୍ଲବ୍ ଠାରେ ଜୁଆଖେଳ ହେଉଥିବା କୌଣସି ସୂତ୍ରରୁ ଖବର ମିଳିଥିଲା। ବଡମାଳ ଆଇଆଇସି ରାଜେନ୍ଦ୍ର ସିଆଲଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ ଟିମ ସାହାପଡ଼ା କ୍ଲବ୍‌ର ଚାରିଆଡକୁ ଘେରି ଜୁଆଖେଳ ସ୍ଥାନରେ ଚଢ଼ଉ କରିଥିଲା। ଚଢ଼ଉରେ ଜୁଆଖେଳ ସ୍ଥାନରୁ ସାହାପଡ଼ା ଅଞ୍ଚଳର ସଞ୍ଜୟ ପାଣିଗ୍ରାହୀ, ନୃପେନ୍ଦ୍ର ପ୍ରଧାନ, ଜଗବନ୍ଧୁ ସା, ଦିନେଶ ସାହୁ, ଅମୁଲ୍ୟ ପ୍ରଧାନ, ପିଙ୍କୁ ବାରିକ, ସୁମନ୍ତ ସା, ନିମାଇଁ ସାହୁଙ୍କୁ ପୁଲିସ ଗିରଫ କରିଥିଲା। ଏହାସହ ୯ଟି ମୋବାଇଲ, ୪ଟି ସ୍କୁଟି ଏବଂ ବାଇକ, ୨୩ ହଜାର ୭୨୦ ଟଙ୍କା ଓ ତାସ ଜବତ କରିଥିଲା। ବଡମାଳ ଥାନାରେ ଏକ ମାମଲା ରୁଜୁ କରାଯାଇ ସମସ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିବା ବଡମାଳ ଆଇଆଇସି ରାଜେନ୍ଦ୍ର ସିଆଲ ସୂଚନା ଦେଇଛନ୍ତି।

### ବଲାସିଙ୍ଗା ନକ୍ ଆଉଟ୍ ଫୁଟବଲ ପ୍ରତିଯୋଗିତା

## ଫାଇନାଲରେ ଗିରାସିଙ୍ଗା ଓ ମୁରଶୁଣ୍ଡୀ



**ବୌଦ୍ଧ, ୮ ।୧୧(ସମିସ):** ବୌଦ୍ଧ ବ୍ଲକ ବଡ଼ିଗାଁ ପଞ୍ଚାୟତ ଅଧୀନ ବଲାସିଙ୍ଗା ସାଲୁଙ୍କି ଖେଳପଡ଼ିଆରେ ବାପୁଜୀ ୟୁଥ୍ ଫୁଟବଲ ସଂଘ ବଲାସିଙ୍ଗା ଆନୁକୂଲ୍ୟରେ ଚାଲିଥିବା ୩୭ ତମ ନକ୍‌ଆଉଟ୍ ଫୁଟବଲ କପ୍ ପ୍ରତିଯୋଗିତାର ଆଜି ସପ୍ତମ ଦିନର ପ୍ରଥମ ସେମିଫାଇନାଲ ମ୍ୟାଚ ଆଠମଲ୍ଲିକ ଓ ଗିରାସିଙ୍ଗା ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ଗିରାସିଙ୍ଗା ୪-୩ ଗୋଲରେ ବିଜୟୀ ହୋଇ ପ୍ରଥମଦଳ ଭାବେ ଫାଇନାଲକୁ ଉନ୍ନୀତ ହୋଇଛି। ସେହିପରି ଦ୍ୱିତୀୟ ସେମିଫାଇନାଲ ବୌଦ୍ଧ ଓ ମୁରଶୁଣ୍ଡୀ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାକୁ ଗୋଲ ଦେଇ ନ ପାରିବାରୁ ଟ୍ରାଇବେକର ସାହାଯ୍ୟ ନିଆଯାଇଥିଲା। ଏଥିରେ ମୁରଶୁଣ୍ଡୀ ୪-୩ ଗୋଲରେ ବିଜୟୀ ହୋଇ ଦ୍ୱିତୀୟ ଦଳ ଭାବେ ଫାଇନାଲକୁ ଯାଇଛି। ରବିବାର ଗିରାସିଙ୍ଗା ଓ ମୁରୁଶୁଣ୍ଡୀ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହେବ। ଆଜିର ଖେଳରେ ମୁଖ୍ୟ ଅତିଥିଭାବେ ସିଡିଓ ବୌଦ୍ଧ ପ୍ରଭାତ ଚନ୍ଦ୍ର ଦଣ୍ଡସେନା, ସମ୍ମାନିତ ଅତିଥି ଭାବେ ଇଣ୍ଡିଆ କ୍ରିକେଟ ଟିମ୍ ମ୍ୟାନେଜର ଯୁଗଲ କିଶୋର ସାମଲ, ବୌଦ୍ଧ ବିଡିଓ ଯୁଗଲ କିଶୋର ବିଶ୍ୱାଳ, ବଡ଼ିଗାଁ ପୂର୍ବ ସରପଞ୍ଚ ପ୍ରଫୁଲ୍ଲ କୁମାର ପାଢ଼ୀ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ଅମିତ ନାଏକ, ମାନଭଞ୍ଜନ ମହାରଣା, ଚନ୍ଦନ ମହାରଣା ଓ ବଳରାମ ବେହେରା ପରିଚାଳନା କରିଥିଲେ।

## ବ୍ୟାପକ ଗଞ୍ଜେଇ ଗଛ ନଷ୍ଟ କଲା ପୁଲିସ

**ଶଗଡ଼ା, ୮ ।୧୧ (ସମିସ):** ମନମୁଣ୍ଡା ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ବ୍ୟାପକ ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ଶନିବାର ମନମୁଣ୍ଡା ପୁଲିସ ପକ୍ଷରୁ କୁଆଘରା ଜଙ୍ଗଲରେ ୫୨ ଏକର ପରିମିତ ଜାଗାରେ ବେଆଇନ ଭାବରେ ଚାଷ ହୋଇଥିବା ଗଞ୍ଜେଇ ଗଛକୁ କାଟି ପୋଡ଼ି ନଷ୍ଟ କରିଛି ପୁଲିସ। ଏହି ଚଢ଼ଉରେ ମନମୁଣ୍ଡା ଥାନା ଓ ଶଗଡ଼ା ଫାଣ୍ଡିର ପୁଲିସ କର୍ମଚାରୀ ସାମିଲ ଥିଲେ।

## ବଲାକିରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଗ୍ନିକାଣ୍ଡ

**ବୌଦ୍ଧ, ୮ ।୧୧(ସମିସ):** ବୌଦ୍ଧ ବ୍ଲକ ମୁଣ୍ଡିପଦର ପଞ୍ଚାୟତ ଅଧୀନ ବଲାକିରା ଗ୍ରାମର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ କାର୍ଯ୍ୟାଳୟରେ ବିଦ୍ୟୁତ୍ ସର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟି ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ଓ ଆସବାବ ପୋଡ଼ି ନଷ୍ଟ ହୋଇଯାଇଛି। ଅପରାହ୍ଣ ୪ଟା ସମୟରେ ସ୍କୁଲ ବନ୍ଦ ଥିବା ବେଳେ କାର୍ଯ୍ୟାଳୟ ପ୍ରକୋଷ୍ଠରୁ ଧୂଆଁ ବାହାରୁଥିବା ଦେଖି ଗ୍ରାମବାସୀ ବିଦ୍ୟୁତ ବିଭାଗ ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ବାଉଁଶୁଣି ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିବାବେଳେ ଅଗ୍ନିକାଣ୍ଡରେ ବିଦ୍ୟାଳୟର ଗୁରୁତ୍ୱପୂର୍ଣ୍ଣ କାଗଜ ଓ ଆସବାବପତ୍ର ପୋଡ଼ି ଯାଇଥିଲା।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

### ସର୍ବଭାରତୀୟ ଫୁଟବଲ ପ୍ରତିଯୋଗିତା

# ରାଉରକେଲା ଡିର୍କୀ ବ୍ରଦର୍ସ ଫୁଟବଲ କ୍ଲବ୍ ଚାମ୍ପିଅନ

**ଦେବଗଡ଼, ୮।୧୧(ସମିସ):** ବାରକୋଟ ବ୍ଲକ ଗୋପପୁର ଗାଁରେ ରାଧାକୃଷ୍ଣ କ୍ଲବ୍ ପକ୍ଷରୁ ଗୋପପୁର ଖେଳ ପଡ଼ିଆ ଠାରେ ଚାଲିଥିବା ସର୍ବଭାରତୀୟ ତ୍ରିଦିବସୀୟ ରାଧାକୃଷ୍ଣ ଫୁଟବଲ କପ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍‌ରେ ସୁଗୁଡା ଅଶୋକ ଇଲେଭେନ ଦଳକୁ ପରାସ୍ତ କରି ରାଉରକେଲା ଡିର୍କୀ ବ୍ରଦର୍ସ ଫୁଟବଲ କ୍ଲବ୍ ଚାମ୍ପିଅନ ହୋଇଛି। ସନ୍ଧ୍ୟାରେ ଅନୁଷ୍ଠାନର ରମାକାନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଦେବଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ବାରକୋଟ ପଞ୍ଚାୟତ ସମିତି ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ପାତ୍ର, ଉପାଧ୍ୟକ୍ଷ ସୁମନ ବେହେରା, ବଲଣ୍ଡା ପଞ୍ଚାୟତର ସରପଞ୍ଚ ରଣଦୀପ ପ୍ରଧାନ ଓ ବିଜେଡି ନେତା ରୂପକ ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ଚାମ୍ପିଅନ ରାଉରକେଲା ଡିର୍କୀ ବ୍ରଦର୍ସ ଫୁଟବଲ କ୍ଲବ୍ ଓ ରନର୍ସ ଅପ୍ ସୁଗୁଡା ଅଶୋକ ଇଲେଭେନ ଦଳକୁ ଟ୍ରଫି ସହ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ପିତାମ୍ବର ସାହୁ, ଅର୍ଜୁନ ନାୟକ, କୁମୁଦ ପ୍ରଧାନ, ସୂର୍ଯ୍ୟମଣି ମହାନ୍ତ, ମନୋଜ ପ୍ରଧାନ, ସୁବ୍ରତ ପ୍ରଧାନ, ନରହରି ପ୍ରଧାନ ମଞ୍ଚାସୀନ ଥିଲେ। ଜାତୀୟ ଖେଳାଳି ସୁବ୍ରତ ପୁରୋହିତଙ୍କ ନେତୃତ୍ୱରେ ଖେଳ ପରିଚାଳିତ ହୋଇଥିଲା। ଭାଷ୍ୟକାର ଭାବେ ଧରଣୀଧର ପ୍ରଧାନ, ଦେବରାଜ ପାତ୍ର ଏବଂ ରମାକାନ୍ତ ପ୍ରଧାନ ମ୍ୟାଚ୍‌ର ଧାରା ବିବରଣୀ ପ୍ରଦାନ କରିଥିଲେ। ଗୋପପୁର ରାଧାକୃଷ୍ଣ କ୍ଲବ୍‌ର ସଭାପତି ହିମାଂଶୁ ସାହୁ ଏବଂ ଦୁର୍ବାଦଳ ସାହୁ ମଞ୍ଚ ପରଚଳନା କରିଥିଲେ। କ୍ଲବ୍‌ର ସଦସ୍ୟ ବିରେନ ସାହୁ, ଅର୍ଜୁନ ସାହୁ, ବସନ୍ତ ସାହୁ, ରିଙ୍କୁ ସାହୁ, ରାଜେଶ ସାହୁ, ସତ୍ୟ ପ୍ରଧାନ, ଗମହା ମହାନ୍ତ, ପ୍ରେମାନନ୍ଦ ବିଶ୍ୱାଳ, ମାନସ ସାହୁ, ସିପି ପାଣି, ପାପୁନ ପାଣି ଆଶିଷ ସାହୁ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ।




## ମେଣ୍ଢାମାଳ ହାଇସ୍କୁଲରେ ସର୍ଗିଫୁଲ-୨୦୨୫

**ବୌଦ୍ଧ, ୮ ।୧୧ (ସମିସ):** ବୌଦ୍ଧ ବ୍ଲକ ବଘିଆପଡ଼ା ପଞ୍ଚାୟତ ଅଧୀନ ମେଣ୍ଢାମାଳ ହାଇସ୍କୁଲରେ ଜିଲ୍ଲାର ଏସସି ଏସଟି ବିଭାଗ ପରିଚାଳିତ ହାଇସ୍କୁଲ ସମୂହର ଜିଲ୍ଲାସ୍ତରୀୟ ଭଲିବଲ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଛି। ଟୁର୍ଣ୍ଣାମେଣ୍ଟକୁ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ମଙ୍ଗଳ ଅଧିକାରୀ ସୂର୍ଯ୍ୟ ନାରାୟଣ ବେହେରା ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସୌମ୍ୟରଞ୍ଜନ ରାୟ ଓ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ସାହୁ ଯୋଗ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ଅମରିଶ ପ୍ରଧାନ, ସମରଜିତ୍ କର୍ମୀ, ରଞ୍ଜିତ ମୋହନ ଚାନ୍ଦ ପରିଚାଳନା କରିଥିବାବେଳେ ନୂତନ କ୍ରୀଡ଼ା ଶିକ୍ଷକ ସରୋଜ କୁମାର ସ୍ୱାଇଁ ଓ ଅଲିଭା ପ୍ରଧାନ ସହଯୋଗ କରିଥିଲେ। ବାଳକ ବିଭାଗରେ ମେଣ୍ଢାମାଳ ହାଇସ୍କୁଲ ବିଜେତା ହୋଇଥିଲା।

## ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହର ଖେଳକୁଦ ପ୍ରତିଯୋଗିତା ଉଦ୍‌ଘାଟିତ

**ଝାରସୁଗୁଡ଼ା, ୮।୧୧(ସମିସ):** ଝାରସୁଗୁଡ଼ା ଜିଲ୍ଲା ବିଦ୍ୟାଳୟ ସ୍ତରୀୟ ୨ ଦିନିଆ ଜିଲ୍ଲା ଖେଳକୁଦ ପ୍ରତିଯୋଗିତା ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ, ଭିକାମପାଲି ଠାରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସଭାରେ ଲଖନପୁର ବ୍ଲକ ଅଧ୍ୟକ୍ଷା ହୃତେଶ୍ୱରୀ ତିହିରିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ପଞ୍ଚାୟତର ସରପଞ୍ଚ ପଦ୍ମିନୀ ସାହୁ, ସମିତି ସଭ୍ୟା ବବିତା ମହାପାତ୍ର ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ବେହେରା ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ। ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ୧୩୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଛନ୍ତି। ତନ୍ମଧ୍ୟରୁ ୨୫ ଜଣ ଖେଳାଳି ଚୟନ ହୋଇ ଆଗାମୀ ଦିନରେ ରାଜ୍ୟ ସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ବିମଳ ତାଣ୍ଡି ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଜିଲ୍ଲାର ଶିକ୍ଷକ ଅଶୋକ ପାଢ଼ୀ ମଞ୍ଚ ପରିଚାଳନା କରିଥିଲେ। ଲଖନପୁର ବ୍ଲକର ଶାରୀରିକ ଶିକ୍ଷା ଶିକ୍ଷକ ମିତ୍ରଭାନୁ ସାହି, ସୁକାନ୍ତ ବାଗ, ଗୌର ଚନ୍ଦ୍ର ଭୋଇ ଏବଂ ନିର୍ମଳ ବିଶ୍ୱାଳ କାର୍ଯ୍ୟକ୍ରମର ସମସ୍ତ ଆୟୋଜନ କରିଥିଲେ। ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ମୋଟ ୧୦୦ ଜଣ ଗାଇଡ ଶିକ୍ଷକ ଏବଂ ଶାରୀରିକ ଶିକ୍ଷା ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶେଷରେ ଶାରୀରିକ ଶିକ୍ଷା ଶିକ୍ଷକ ଦେବେନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ଫାଶ ଲାଗି ମହିଳା ଗୁରୁତର

**ଥୁଆମୂଳ ରାମପୁର, ୮ ।୧୧(ସମିସ)**

ଜଙ୍ଗଲୀ ଜନ୍ତୁ ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ମହିଳା ଗୁରୁତର ହେବା ଭଳି ଘଟଣା ସାଧାରଣରେ ଆଲୋଡନ ସୃଷ୍ଟି କରିଛି। ଶନିବାର ସକାଳେ କଳାହାଣ୍ଡି ଜିଲ୍ଲା ଥୁଆମୁଳରାମପୁର ଥାନା କାଣିଗୁମା ପଞ୍ଚାୟତ ଧୂଳିଗୁଡାରେ ଏଭଳି ଘଟଣା ଘଟିଯାଇଛି। ଏନେଇ ଗୁରୁତର ମହିଳାଙ୍କ ସ୍ୱାମୀ ଥୁଆମୁଳରାମପୁର ଥାନାର ଦ୍ୱାରସ୍ଥ ହେଇ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ଧୂଳିଗୁଡା ଗ୍ରାମର ଉଗ୍ରେସେନ ନାଏକଙ୍କ ପତ୍ନୀ ଶକୁନ୍ତଳା ଶନିବାର ସକାଳେ ନିଜ ପୋଡ୍ ରଷ କରିଥିବା ଜଙ୍ଗଲ ଆଡକୁ ଯାଉଥିଲେ। ସେ ଚାଷ ଜମିକୁ ଯାଉଥିବା ରାସ୍ତାରେ କିଛି ଶିକାରୀ ବାର୍‌ହା ଶିକାର କରିବା ଉଦ୍ଦେଶ୍ୟରେ ବିଦ୍ୟୁତ୍ ତାର ସଂଯୋଗ କରିଥିଲେ। ଶକୁନ୍ତଳା ସେଥିପ୍ରତି ନଜର ନଦେଇ ତାରରେ ମାଡି ଦେଇଥିଲା। ଫଳରେ ବିଦ୍ୟୁତ୍ ଆଘାତରେ ଗୁରୁତର ହେଇଥିଲା। ଏହି ସମୟରେ ଗାଁର କିଛି ଲୋକ ଶକୁନ୍ତାଳକୁ ଉଦ୍ଧାର କରି କାଣିଗୁମା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରି ପ୍ରାଥମିକ ଚିକିତ୍ସା କରାଇଥିଲେ। ସୌଭାଗ୍ୟ ବସତଃ ଏକ ବଡ ବିପଦରୁ ଶକୁନ୍ତାଳା ବର୍ତ୍ତି ଯାଇଛି। କିନ୍ତୁ ଏହାର ତଦନ୍ତ ସହ ଉଚିତ୍ ପଦକ୍ଷେପ ପାଇଁ ଥୁଆମୂଳରାମପୁର ପୁଲିସ ଥାନାର ଦ୍ୱାରସ୍ଥ ହେଇଛନ୍ତି ଶକୁନ୍ତଳାର ସ୍ୱାମୀ ଉଗ୍ରେସେନ। ଅନ୍ୟପଟେ ରୀତୀମତ ଜଙ୍ଗଲି ଜନ୍ତୁ ଶିକାର ହେଉଥିଲେ ମଧ୍ୟ ବନ ବିଭାଗ ଗୁରୁତ୍ୱ ଦେଉନଥିବାରୁ ଅନେକ ସମୟରେ ନିରୀହଙ୍କ ଜୀବନ ଅକାଳରେ ଚାଲିଯାଉଛି। ଆଉ ଅନେକ ଜୀବ ଜନ୍ତୁ ମଧ୍ୟ ଲୋପ ପାଇ ଯାଉଛନ୍ତି। ଅନ୍ୟ ପଟରେ ଜନ୍ତୁ ଶିକାର ପାଇଁ ବିଦ୍ୟୁତ ତାର ସଂଯୋଗ କରାଯିବା ଫଳରେ ବାରମ୍ବାର ବିଦ୍ୟୁତ ସରବରାହ ମଧ୍ୟ ବ୍ୟାଘାତ ହେଉଛି। ଥୁଆମୂଳ ରାମପୁର ଭଳି ବଣ ଜଙ୍ଗଲ ପୂର୍ଣ୍ଣ ଅଞ୍ଚଳରେ ବାଘ, ଭାଲୁ, ହରିଣ, ବାରହା, ତଥା ବିଭିନ୍ନ ପକ୍ଷୀ ରହିଥାନ୍ତି। ଜଙ୍ଗଲୀ ଜନ୍ତୁ ଶିକାର ପାଇଁ ଜୀବିତ ବିଦ୍ୟୁତ୍ ବ୍ୟବହାର କରାଯାଉଛି। କେବଳ ଯେ ନିରୀହ ଜୀବଜନ୍ତୁଙ୍କ ଜୀବନ ପ୍ରତି ବିପଦ ନୁହଁ ବେଳେ ବେଳେ ସାଧାରଣ ମଣିଷ ମଧ୍ୟ ଏହାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରୁଥିବା ଭଳି ଅନେକ ଘଟଣା ନଜିର ରହିଛି। ଏପଟେ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ହେଉଥିବା ଯୋଗୁଁ ସାଧାରଣରେ ମଧ୍ୟ ସମସ୍ୟା ସୃଷ୍ଟି ହେଉଥିବା ବେଳେ ଏହାକୁ ନେଇ ବିଦ୍ୟୁତ୍ ବିଭାଗ ମଧ୍ୟ ନାକେଦମ୍ ହେଉଛି।



**ବାଧାପ୍ରାପ୍ତ ହେଉଛି ବିଦ୍ୟୁତ୍ ସରବରାହ**

**ନାକେଦମ୍ ହେଲେଣି ବିଦ୍ୟୁତ ବିଭାଗ କର୍ମଚାରୀ**

# ପଦ୍ମପୁରରେ ଚାଷୀଙ୍କ ରଣହୁଙ୍କାର

ପଦ୍ମପୁର, ୮।୧୧(ସମିସ)

ଖରିଫ ଋତୁ ଧାନ କିଣା ବିକା ପୂର୍ବରୁ ଚାଷୀ ସଂଗଠନ ଦମ ଦେଖାଇଛି। ଦୁଇଦିନ ମଧ୍ୟରେ ବଞ୍ଚିତ ଚାଷୀଙ୍କ ନାମ ପଞ୍ଜୀକରଣ ସହ ଏଗାର ଦଫା ଦାବି ସରକାର ପୂରଣ କରିବାକୁ ଚାଷୀ ସଂଗଠନ ଦାବି କରିଛି। ସରକାର ନ ଶୁଣିଲେ ଆସନ୍ତା ନଭେମ୍ବର ୧୦ରେ ଜିଲ୍ଲା ସ୍ତରୀୟ ଧାନ ସଂଗ୍ରହ ବୈଠକକୁ ଚାଷୀ ସଂଗଠନ ଦୃଢ଼ତାର ସହିତ ବିରୋଧ କରିବ ଏବଂ ଦରକାର ପଡ଼ିଲେ ଆନ୍ଦୋଳନରେ ବସିବ। ଏଥିପାଇଁ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ିଲେ ଜିଲ୍ଲା ପ୍ରଶାସନ ଓ ସରକାର ଦାୟୀ ରହିବ ବୋଲି କୃଷକ ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ପଦ୍ମପୁରରେ ଆୟୋଜିତ ବିଶାଳ କୃଷକ ସଚେତନତା ସମାବେଶରେ ରାଜବୋଡାସମ୍ବର କୃଷକ ସଂଗଠନ ଓ ସଂଯୁକ୍ତ କୃଷକ ସଂଗଠନ ଏହି ଖୋଲା ଚେତାବନୀ ଦେଇଛି।

ଆଜି ପଦ୍ମପୁରରେ ପଶ୍ଚିମ ଓଡ଼ିଶାର ହଜାର ହାଜର ଚାଷୀ ଏକାଠି ହୋଇଛନ୍ତି। ୧୧ ଦଫା ଦାବି ପୂରଣ ପାଇଁ ୮ ଘଣ୍ଟା ଧରି ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଭୁଲ ନୀତି ଉପରେ ବର୍ଷିଛନ୍ତି। ମରିବୁ ପଛେ ଛାଡ଼ିବୁ ନାହିଁ; ଭିକ୍ଷା ନୁହେଁ ଆମକୁ ଆମର ହକ ଦିଅ ବୋଲି ନାରା ଦେଇଥିଲେ। ଏଣିକି ପଲ୍ଲୀର ସ୍ୱର ଦିଲ୍ଲୀ ଗୁଞ୍ଜରିତ ହେବ ବରଗଡ଼ ଜିଲ୍ଲା ଚାଷୀ ସମସ୍ୟା ନେଇ ଦିଲ୍ଲୀରେ ଲଢ଼େଇ କରିବ ବୋଲି କେନ୍ଦ୍ରୀୟ ଚାଷୀ ସଂଗଠନ କହିଛି। ଆସନ୍ତା ନଭେମ୍ବର ୨୬ରେ ମହାମେଳି ଆୟୋଜନ ପାଇଁ ଯୋଜନା ରହିଛି। ମହାମେଳିରେ ଓଡ଼ିଶାର ଭାତହାଣ୍ଡି ବରଗଡ଼ ଜିଲ୍ଲାର ୧୧ ଦଫା ଦାବିକୁ କେନ୍ଦ୍ର ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ ବୋଲି ସଂଯୁକ୍ତ




କିଷାନ ମୋର୍ଚ୍ଚା ସଦସ୍ୟ ରାଜେନ୍ଦ୍ର ଚୌଧୁରୀ ତାଙ୍କ ବକ୍ତବ୍ୟରେ କହିଛନ୍ତି। ସାରା ଦେଶରେ ଚାଲିଥିବା ଚାଷୀ ଆନ୍ଦୋଳନକୁ ପ୍ରେରଣା ଏବଂ ଶକ୍ତିର ଉତ୍ସାହ ପଦ୍ମପୁର ଚାଷୀ ସଂଗଠନ ଯୋଗାଇଛି ବୋଲି କେନ୍ଦ୍ରୀୟ ଚାଷୀ ନେତା ପ୍ରକାଶ କରିଥିଲେ। ସେହିପରି ସମାବେଶରେ ସଂଯୁକ୍ତ କୃଷକ ସଂଗଠନ ବରଗଡ଼ର ଚାଷୀ ନେତା ରମେଶ ମହାପାତ୍ର ସିଧାସଳଖ ସରକାରଙ୍କ ଭୁଲ ନୀତି ଯୋଗୁଁ ଚାଷୀ ଗରିବ ବୋଲି ଅଭିହିତ କରିଥିଲେ। ଧାନକାର୍ଡ ପଞ୍ଜୀକରଣରେ ବାଦ ପଡ଼ିଥିବା ସମସ୍ତ ଚାଷୀଙ୍କ ପଞ୍ଜୀକରଣ କରାଯାଉ, ମୋନ୍ଥା ପ୍ରଭାବରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଇନପୁଟ ଏବଂ ଇନ୍ସୁରାନ୍ସ ପ୍ରଦାନ କରାଯାଉ, ବିସ୍ଥାପନ ବିହୀନ ଜଳସେଚନ, କୃଷି ଜାତ ଫସଲର ଉଚିତ ମୂଲ୍ୟ, ସୁନିଶ୍ଚିତ ବଜାର ବ୍ୟବସ୍ଥା, ମଣ୍ଡିରେ ଧାନ ପଡ଼ିବାର ୪୮ ଘଣ୍ଟା ମଧ୍ୟରେ ସମସ୍ତ ଧାନ କିଣା ଯାଉ, କଟନି ଛଟଣୀ ବନ୍ଦ କରାଯାଉ, ଚାଷୀଙ୍କ ଉତ୍ପାଦିତ ସମସ୍ତ ଧାନ କିଣା ଯାଉ, ଶୀତଳ ଭଣ୍ଡାର, ବିଦ୍ୟୁତ ବିଲ ଛାଡ କରାଯାଉ ଆଦି ଦାବି ମାନ କରିଥିଲେ। ସଂଗଠନର ସ୍ଥାୟୀ ସଭାପତି ବାଞ୍ଛାନିଧିଙ୍କ ସଭାପତିତ୍ୱରେ ସମାବେଶ ଚାଲିଥିବା ବେଳେ ଲିଙ୍ଗରାଜ ପଧାନ ପରିଚାଳନା କରିଥିଲେ। ଅଶୋକ ସାହୁ ସଂଗଠନର ବିବରଣୀ ପଠନ କରିଥିଲେ। ସଂଯୁକ୍ତ କୃଷକ ସଂଗଠନ ସଦସ୍ୟ ଟିଖେଲାଲ ମିଶ୍ର, ଅଭିମନ୍ୟୁ ପଧାନ, ଠାକୁରରାମ ପଟେଲ, ଥବିର ସାହୁ, କାରଣ ସାହୁ, ରବିଶଙ୍କର ପଧାନ, ଅରବିନ୍ଦ ପଣ୍ଡା, ସୁବାସ ସାମନ୍ତରାୟ, ରୋହିତ ପଧାନ, କୈଳାସ ବାରିକ, ପଞ୍ଚାନନ ସାହୁ, ମହେନ୍ଦ୍ର ପଧାନ, ଦହିତ ସାହୁ, ସୁରେଶ ନିକେଣ୍ଟି, ସମେତ ସମର୍ଥିତ କୋଶଲ ସେନା ବୀରବଳ ମହାକୁଡ, ସଙ୍କଳ୍ପ ପରିବର ବିକାଶ ଅଗ୍ରୱାଲ, ଅଙ୍ଗ ନଦୀ ପ୍ରତିରୋଧ କମିଟି ବିଜୟ ସାହୁ, ଜିଲ୍ଲା ଓବିସି ମଞ୍ଚ ସପ୍ତସିନ୍ଧୁ ବଗର୍ତ୍ତୀ ବକ୍ତବ୍ୟ ରଖିଥିଲେ। ପୁଲିସ ଦ୍ୱାରା ଉତ୍ପନ୍ନ ଭୋଇ, ଅଭିମନ୍ୟୁ ପଧାନ, ଶଙ୍କର ଖମାରୀ, କାରଣ ସାହୁ ଏବଂ ସୁଦାମ ପାତ୍ରଙ୍କ ବିରୋଧରେ ମିଛ ମକଦମାକୁ ତୀବ୍ର ନିନ୍ଦା କରାଯାଇଥିଲା। ତୁରନ୍ତ ସମସ୍ତ ମିଛ କେସ ପ୍ରତ୍ୟାହାର କରିବାକୁ ଚେତାବନୀ ଦେଇଥିଲେ।

**ବିରାଟ କୃଷକ ସଚେତନତା ସମାବେଶରେ ସାମିଲ ହେଲେ ହଜାର ହଜାର ଚାଷୀ**

**ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ ଜୋରଦାର ଚେତାବନୀ**

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଲେ ଲଭିଶା

**ଝାରସୁଗୁଡ଼ା, ୮।୧୧(ସମିସ):** ବୟସ ମାତ୍ର ୧ ବର୍ଷ ୧୦ ମାସ। କୁନି ବୟସରେ ବି ନିଜ ପ୍ରତିଭା ବଳରେ ଇଣ୍ଡିଆ ବୁକ ଅଫ ରେକର୍ଡରେ ସ୍ଥାନ ପାଇଛନ୍ତି ଲଭିଶା ପ୍ରଧାନ।



ଝାରସୁଗୁଡ଼ା ଜିଲ୍ଲା ଲଖନପୁର ଗାଁର ସତ୍ୟଜିତ ପ୍ରଧାନ ଓ କରିସ୍ମା ପ୍ରଧାନଙ୍କ କୁନି ଝିଅ ଲଭିଶା 'ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍'ରେ ସ୍ଥାନ ପାଇ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଲଭିଶା ୫ଟି ଚିତ୍ର, ୫ଟି ରଙ୍ଗ, ୧୨ଟି ବାହନ, ୧୫ଟି ପକ୍ଷୀ, ୧୪ଟି ଫଳ, ୧୦ଟି ପରିବା, ୧୦ଟି ଫୁଲ ଓ ୧୫ଟି ପଶୁ ତଥା ପ୍ରାଣୀ ସମ୍ପର୍କରେ ପଚରାଯାଇଥିବା ପ୍ରଶ୍ନର ନିର୍ଭୁଲ ଉତ୍ତର ଦେଇ ଏହି କୃତିତ୍ୱ ହାସଲ କରିଛନ୍ତି। ଏହାସହ ଇଂରାଜୀରେ ଏ ରୁ ଜେଡ୍ ଏବଂ ଏହାର ଶବ୍ଦ ନିର୍ଭୁଲ ଭାବେ କହି ପାରୁଛନ୍ତି। ସେହିପରି ଗୀତର ମ୍ୟୁଜିକ କିଛି ସେକେଣ୍ଡ ଶୁଣିବା ପରେ ଗୀତର ନାଁ ମଧ୍ୟ କହି ପାରୁଛନ୍ତି। ହନୁମାନ ଚାଳିଶାର ୯ଟି ମନ୍ତ୍ର ଓ ୪ଟି ଚୌପାଇ ସମେତ ଜାତୀୟ ସଙ୍ଗୀତ ଆଦି ନିର୍ଭୁଲ ଭାବେ ଗାୟନ କରି ଲଭିଶା ଆଇବିଆର୍ ଆଚିଭର୍ ପୁରସ୍କାର ଅର୍ଜନ କରିଛନ୍ତି। ଗତ ଅକ୍ଟୋବର ମାସରେ ଅନଲାଇନ୍ ମାଧ୍ୟମରେ ଆଇବିଆର୍ ଦ୍ୱାରା ଅନୁଷ୍ଠିତ ପ୍ରତିଯୋଗିତା-୨୦୨୫ ବର୍ଗରେ ବିଚାରକଙ୍କ ବିଭିନ୍ନ ପ୍ରଶ୍ନର ସଠିକ୍ ଉତ୍ତର ଦେଇ ଲଭିଶା ଏହି ବିରଳ ସଫଳତା ହାସଲ କରିଛନ୍ତି।

# ଝାରସୁଗୁଡ଼ାରେ ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ

**ଝାରସୁଗୁଡ଼ା, ୮।୧୧ (ସମିସ):** ଜିଲ୍ଲା କୃଷି ବିଭାଗ ତରଫରୁ ଜିଲ୍ଲା ସ୍ତରୀୟ ମାଣ୍ଡିଆ ଦିବସ ଶୁକ୍ରବାର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। 'କୃଷି ପରମ୍ପରା ଓ କୃଷି ବିବିଧତା' ସଂରକ୍ଷଣରେ ମହିଳାମାନଙ୍କ ଭୂମିକା ବିଷୟ ବସ୍ତୁ ଆଧାରିତ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନାଙ୍କ ପ୍ରତିନିଧି ନୱଲ ଅଗ୍ରୱାଲ, ବରଗଡ଼ ସାଂସଦ ପ୍ରତିନିଧି ଅନିଲ ନାୟକ ଓ ବିଧାୟକ ପ୍ରତିନିଧି ନେତାଜୀ ପଟ୍ଟନାୟକ ଓ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପୂଣ୍ୟବତୀ ହେଲେନ ଖେସ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ ନନ୍ଦ ତାଙ୍କ ଅଭିଭାଷଣରେ ମାଣ୍ଡିଆର ଉପକାରିତା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ମାଣ୍ଡିଆର ଉପକାରିତା ସମ୍ପର୍କରେ ବହୁଳ ଭାବେ ସଚେତନତା ସୃଷ୍ଟିର ଆବଶ୍ୟକତା ଥିବା ଉଲ୍ଲେଖ କରିଥିଲେ। ଶ୍ରୀଅନ୍ନ ଅଭିଯାନ ଅଧୀନ ଆୟୋଜିତ ପ୍ରଦର୍ଶନୀ ପରିଦର୍ଶନ କରି ସମସ୍ତ ଅତିଥି ପୁଷ୍ଟିକର ଶସ୍ୟକୁ କିପରି ବହୁଳ ଭାବେ ଆଦୃତ କରାଯାଇପାରିବ ସେ ନେଇ ପରାମର୍ଶ ଦେଇଥିଲେ। ବିଭିନ୍ନ ବର୍ଗରୁ ଅଗ୍ରଣୀ ଚାଷୀ, ସ୍ୱୟଂ ସହାୟକ ଗୋଷ୍ଠୀ, କୃଷକ ଉତ୍ପାଦକ ଗୋଷ୍ଠୀ, ସହଯୋଗୀ ସଂସ୍ଥା ଆଦିଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ଏହାଛଡା ଶ୍ରୀଅନ୍ନ ଅଭିଯାନ ତରଫରୁ ୭ଟି ମହାଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଜୈବିକ କେନ୍ଦ୍ର ସ୍ଥାପନା ପାଇଁ ୩୦ ହଜାର ଟଙ୍କା ଲେଖାଏଁ ଓ ୫ ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ୫୦, ୦୦୦ ଲେଖାଏଁ ସହାୟତା ରାଶି ଚେକ ପ୍ରଦାନ କରାଯାଇଥିଲା। ଶେଷରେ ବିଭିନ୍ନ ବ୍ଲକରୁ ଆସିଥିବା ସାଂସ୍କୃତିକ ଦଳ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସ୍ତରୀୟ ଓ ବ୍ଲକ ସ୍ତରୀୟ କୃଷି ଅଧିକାରୀ, ଶ୍ରୀଅନ୍ନ ଅଭିଯାନ କର୍ମକର୍ତ୍ତା, ଆଜକା, ସେୱା ଓ ସେବକ ସ୍ୱେଚ୍ଛାସେବୀ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।



# ଭିଏସ୍ଏସ୍ ନଗରରେ ଅଷ୍ଟପ୍ରହର ନାମଯଜ୍ଞ

**ଅତାବିରା, ୮।୧୧(ସମିସ):** ସ୍ଥାନୀୟ ଭିଏସଏସ ନଗର ଇଲେକ୍ଟ୍ରିକ୍ ଅଫିସ ପଡ଼ିଆରେ ୮ ପ୍ରହରୀ ନାମଯଜ୍ଞ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପାର୍ବତୀ ମନ୍ଦିରରୁ କଳସ ଯାତ୍ରା ମଣ୍ଡଳକୁ ଆସିଥିଲା। ଶିବ ଶଙ୍କର ପଣ୍ଡା ଓ ନିରୁପମା ପଣ୍ଡା କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ମୁଖ୍ୟ ପୁରୋହିତ ନିରଞ୍ଜନ ପାଣିଗ୍ରାହୀ ଓ ସହଯୋଗୀ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଏଥିରେ ବଗେଇବିରା, କୁଲୁଣ୍ଡା, ଚକୁଳି, ଅତାବିରା ବସ୍ତି ମହିଳା କୀର୍ତ୍ତନ, ଅତାବିରା ବାବା ମଠ କୀର୍ତ୍ତନ ମଣ୍ଡଳୀ, ଚିପିଲିମା କୀର୍ତ୍ତନ ମଣ୍ଡଳୀ, ବହଳପାଲି କୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ।



# 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି

**ବରପାଲି, ୮।୧୧(ସମିସ):** ବରପାଲି ମହାବିଦ୍ୟାଳୟ ପରିସରରେ 'ବନ୍ଦେ ମାତରମ୍' ଜାତୀୟ ଗୀତର ସମ୍ମାନର ସହ ୧୫୦ ତମ ବର୍ଷ ପୂର୍ତ୍ତୀ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ଜୟନ୍ତୀ ଦାଶ ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ଅଭିବାଦନ ଜଣାଇଥିଲେ। ସଙ୍ଗୀତଟି ୭ ନଭେମ୍ବର ୧୮୭୫ରେ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ଲିଖିତ 'ଆନନ୍ଦ ମଠ' ଉପନ୍ୟାସରେ ସ୍ଥାନିତ ହୋଇଥିଲା। ଏହି ଅବସରରେ ପ୍ରାଧ୍ୟାପକ ସୁଶୀଳ ଶତପଥୀ ଆଇକ୍ୟୁଏସି ମୁଖ୍ୟ ଅଧ୍ୟାପକ ଧୀରୋଜ ତ୍ରିପାଠୀ, ଅଧ୍ୟାପକ ଅଲେଖ ମହାନନ୍ଦ, ଅଧ୍ୟାପକ ଅରୁଣ ବାରିକ, ଡ.ଭଗବାନ ମହାନନ୍ଦ, ଡ.ପାରେଶ୍ୱର ସାହୁ, ଅଧ୍ୟାପକ ବୃନ୍ଦାବନ ସାହୁ, ଗଣେଶ ପ୍ରସାଦ ମିଶ୍ର, ଅଧ୍ୟାପକ ଗୌରଚନ୍ଦ୍ର ପଧାନ, ସୁମନ୍ତ ଶତପଥୀ, ଅଧ୍ୟାପିକା ନତାଶା ସିକନ୍ଦର ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ ଉତ୍ତର ଗଡ଼ତିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ପୁଞ୍ଜିପଥର-ଲାଉମୁଣ୍ଡା ରାସ୍ତାରେ ଦୁର୍ଘଟଣା

# ଆହତଙ୍କ ପାଇଁ ଦେବଦୂତ ସାଜିଲେ ଅଶ୍ୱିନୀ ଦାଶ

**ବିଜେପୁର, ୮।୧୧(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଲାଉମୁଣ୍ଡାରୁ ପୁଞ୍ଜିପଥର ଛକ ମଝିରେ ଚାରପାଲି ଠାରେ ଜଣେ ବ୍ୟକ୍ତି ଶନିବାର ଦୁର୍ଘଟଣାର ଶିକାର ହୋଇଥିଲେ। ବରଗଡ଼ ନିକଟସ୍ଥ ଜମୁର୍ଡା ଗାଁର ରଜତ ବାରିକ(୨୮) ଏଥିରେ ଆହତ ହୋଇଥିଲେ। ଉଦ୍ଧାର ପାଇଁ କେହି ସେଠାରେ କେହି ନ ଥିଲେ। ଏନେଇ ଯୋଖିପାଲି ଗାଁର ଯୁବ ସମାଜସେବୀ ଅଶ୍ୱିନୀ ଦାସ ଖବର ପାଇବା କ୍ଷଣି କାଳବିଳମ୍ବ ନ କରି ଗାଡି ନିଜେ ଭଡା କରି ଘଟଣାସ୍ଥଳରୁ ଆହତଙ୍କୁ ବିଜେପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସ୍ଥାନୀୟ ପୁଲିସକୁ ମଧ୍ୟ ଖବର ଦେଇଥିଲେ। ବିଜେପୁର ବ୍ଲକ ଅଧୀନ ଯୋଖିପାଲି ଗାଁର ଅଶ୍ୱିନୀ ପୂର୍ବରୁ ମଧ୍ୟ ଏମିତି ଅନେକ ଦୁର୍ଘଟଣା ଗ୍ରସ୍ତ ଲୋକଙ୍କୁ ଉଦ୍ଧାରକରି ଡାକ୍ତଖାନାରେ ଚିକିତ୍ସିତ କରାଇ ଆସିଛନ୍ତି। ଆଜି ପୁଣି ତାଙ୍କର ତତ୍ପରତା ଯୋଗୁଁ ରଜତଙ୍କ ଜୀବନ ବଞ୍ଚିପାରିଛି। ତାଙ୍କର ଏପରି କାର୍ଯ୍ୟକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି।



# ମୁରଲି କ୍ରିଷ୍ଣା ଫାଉଣ୍ଡେସନ ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର



**ବରଗଡ଼, ୮।୧୧(ସମିସ):** ମୁରଲିକ୍ରିଷ୍ଣା ଫାଉଣ୍ଡେସନ୍, କ୍ରିଷ୍ଣାବିକାଶ ସୁପର ସ୍ପେସିଆଲିଟି ହସ୍ପିଟାଲ୍ (ଭାଲୁପାଲି, ସମ୍ବଲପୁର) ଏବଂ ସୁନ୍ଦରଗଡ଼ ଜିଲ୍ଲାର ସମାଜିକ ସଂସ୍ଥା 'ସେବକ'ଙ୍କ ମିଳିତ ଉଦ୍ୟମରେ ସେବକ କେନ୍ଦ୍ର, ରଙ୍ଗିଆମୁଣ୍ଡାରେ ନିଶୁଳ୍କ ଚକ୍ଷୁ, ଦନ୍ତ ଓ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଆୟୋଜିତ ହୋଇଯାଇଛି। ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶ୍ରୀ ଭୋଇ ନିଜେ ମଧ୍ୟ ଡାକ୍ତରଙ୍କଠାରୁ ପରାମର୍ଶ ନେଲେ। ଶିବିରରେ ମୋଟ ୫୨୩ ଜଣ ଲୋକ ବିଭିନ୍ନ ରୋଗ ପରୀକ୍ଷଣ ଓ ପରାମର୍ଶରୁ ଲାଭାନ୍ୱିତ ହେଲେ। କ୍ରିଷ୍ଣା ବିକାଶ ହସ୍ପିଟାଲ୍‌ର ଅନେକ ବିଭାଗର ଅନୁଭବୀ ଡାକ୍ତରମାନେ ଶିବିରରେ ସେବା ପ୍ରଦାନ କରିଥିଲେ। ତାଙ୍କ ମଧ୍ୟରେ ଔଷଧ ବିଭାଗର ଡ.ମନୋଜ ଉପାଧ୍ୟାୟ, ଅସ୍ଥିଶଲ୍ୟ ବିଭାଗର ଡ.ନାରାୟଣ ପ୍ରସାଦ ମିଶ୍ର, ଗ୍ୟାଷ୍ଟ୍ରୋ ଏନଟ୍ରୋଲୋଜି ବିଭାଗର ଡ.ମୁକ୍ତି ପ୍ରକାଶ ମେହେର, ଚର୍ମରୋଗ ବିଭାଗର ଡ.ଦେବାଂଶୀ ସାରାୱଗି, ଛାତି ଓ ଫୁସଫୁସ୍ ବିଭାଗର ଡ.ସନ୍ତୋଷ ପାଣିଗ୍ରାହୀ ଏବଂ ଦନ୍ତ ବିଭାଗର ଡ.ଶ୍ରଦ୍ଧା ସୁମନ ପାଲ ପ୍ରମୁଖ ରହିଥିଲେ।

# ଜାଗିଁର ପ୍ରସିଦ୍ଧ ରାସଯାତ୍ରା ଉଦ୍‌ଯାପିତ

**ବିଜେପୁର, ୮।୧୧(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ବ୍ଲକର ଜାଗିଁ ଗ୍ରାମରେ ସପ୍ତାହବ୍ୟାପି ଚାଲିଥିବା ପ୍ରସିଦ୍ଧ ବାଲିଯାତ୍ରା ଓ ରାସଯାତ୍ରା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଜଗନ୍ନାଥ ମନ୍ଦିର ପାର୍ଶ୍ୱରେ ଅନୁଷ୍ଠିତ ରାସଯାତ୍ରା ପୂଜାମଣ୍ଡପରେ ପୂଜା, ଜପ, ହୋମଯଜ୍ଞ, ମଙ୍ଗଳ ଆଳତୀ ସହ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ଗ୍ରାମର ଅନତି ଦୂରରେ ପ୍ରବାହିତ ରଂଜ ନଦୀକୂଳରେ ଅନୁଷ୍ଠିତ ବାଲିଯାତ୍ରା ପାଇଁ ପ୍ରବଳ ଜନସମାଗମ ହୋଇଥିଲା। ବିଜେପୁର ଜମିଦାର ସନତ ଗଡ଼ତିଆ ପୂଜାର କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିବା ବେଳେ ଗୋକୁଳାନନ୍ଦ ପୁଜାହାରୀଙ୍କ ସମେତ ପୁଜକମାନେ ପୂଜାର୍ଚ୍ଚନା କରିଥିଲେ। ଉଠାଦୋକାନୀ, ମିନାବଜାର, ଗୁଡିଆପସରା, ମନୋହରୀ ପସରାରେ ଲୋକଙ୍କ ଗହଳି ଲାଗିରହିଥିଲା। ରଂଜ ନଦୀବାଲିରେ ଛୋଟ ଛୋଟ ପିଲାମାନଙ୍କର ବାଲିଖେଳିବାର ଦୃଶ୍ୟ ଖୁବ ଉପଭୋଗ୍ୟ ହୋଇଥିଲା। ପ୍ରତ୍ୟହ ଶ୍ରଦ୍ଧାଳୁମାନଙ୍କର ମନୋରଞ୍ଜନ ପାଇଁ ସମ୍ପ୍ରଦା, ଭଜନ, ଲୋକନୃତ୍ୟ ସମେତ ବିଭିନ୍ନ ସାଂସ୍କୃତିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା। ଏହି ଅବସରରେ ଜଳନ୍ଧର ମହାରାଜଙ୍କ ଦରବାର ଅନୁଷ୍ଠିତ ହୋଇଥିବା ବେଳେ ଉକ୍ତ ମଞ୍ଚରେ ବିଭିନ୍ନ ଲୋକନୃତ୍ୟ ପ୍ରଦର୍ଶିତ ହୋଇଥିଲା। ମଞ୍ଚ କଳାକାର ଝସକେତନ ପଧାନ ଜଳନ୍ଧର ଭୂମିକାରେ ଅଭିନୟ କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟକୃଷ୍ଣ ଦଣ୍ଡସେନାଙ୍କ ସମେତ ବିଭିନ୍ନ ଅତିଥିବୃନ୍ଦ ଯୋଗଦେଇଥିଲେ। ସମ୍ପାଦକ ଜୟ ପଧାନ, କୋଷାଧ୍ୟକ୍ଷ ତରଣୀ ସାହୁଙ୍କ ସମେତ ପୂଜା କମିଟିର ସଦସ୍ୟବୃନ୍ଦ ଏବଂ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



# ଡାକ୍ତର ବିରେନ୍ଦ୍ର ହୋତାଙ୍କ ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା




**ବରଗଡ଼, ୮।୧୧(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ଡୁଙ୍ଗୁରୀ ଏକ ଉପାନ୍ତ ଅଞ୍ଚଳ। ପୂର୍ବ ସରକାରଙ୍କ ସମୟରେ ଗମନାଗମନ ସୁବିଧା ହୋଇଥିଲେ ବି ସ୍ୱାସ୍ଥ୍ୟ ସେବାରେ ଏ ଅଞ୍ଚଳ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଏମିତି ଏକ ଉପାନ୍ତ ଅଞ୍ଚଳରେ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ନିଜର ବ୍ରତ ଭାବେ ଗ୍ରହଣ କରିଛନ୍ତି ଡାକ୍ତର ବିରେନ୍ଦ୍ର ହୋତା। ନିରବିଚ୍ଛିନ୍ନ ସ୍ୱାସ୍ଥ୍ୟ ସେବା ଆଦାନୀ ଫାଉଣ୍ଡେସନ ଓ ବରଗଡ଼ ସିମେଣ୍ଟ ୱାର୍କ୍ସର ସହାୟତା ଦ୍ୱାରା ଡ.ବିରେନ୍ଦ୍ର ହୋତାଙ୍କ ଦ୍ୱାରା ସ୍ୱାସ୍ଥ୍ୟ ସେବା ଶିବିର ପ୍ରତ୍ୟେକ ସପ୍ତାହରେ ଡୁଙ୍ଗୁରି ଠାରେ ଅନୁଷ୍ଠିତ କରାଯାଉଛି। ଏଥିରେ ଡୁଙ୍ଗୁରି, ସାଉନ୍ତମଲ୍, ବଡମାଳ ଓ ଆଖ ପାଖ ପଞ୍ଚାୟତର ଶହ ଶହ ରୋଗୀ ଉପକୃତ ହେଉଛନ୍ତି। ଏଠିକାର ବାସିନ୍ଦାଙ୍କ ପାଇଁ ଡ.ହୋତା ଦେବତୁଲ୍ୟ କାର୍ଯ୍ୟ କରୁଛନ୍ତି। ସେବା ଦ୍ୱାରା ବହୁ ଗରିବ ଲୋକ ମାନେ ନିଶୁଳ୍କ ହୋମିଓ ସେବା ଓ ଔଷଧ ମାଗଣା ପାଇ ସୁସ୍ଥ ହେଉଛନ୍ତି। ଏହି ସେବା ବହୁ ବର୍ଷ ଧରି ଆଦାନୀ ଫାଉଣ୍ଡେସନ ଦ୍ୱାରା ପରିଚାଳିତ ହେଉଛି। ସର୍ବସାଧାରଣରେ ଅଞ୍ଚଳ ପାଇଁ ଏହି ସେବା ସାପ୍ତାହିକ ଜାରି ରଖିବା ପାଇଁ ଦାବି ହେଉଛି ଏବଂ ଆଦାନୀ ଫାଉଣ୍ଡେସନକୁ ଏହି ପ୍ରୟାସ ପାଇଁ ଧନ୍ୟବାଦ୍ ଜଣାଇଛନ୍ତି ଅଞ୍ଚଳବାସୀ।

# ଜନତା ହାଇସ୍କୁଲରେ ଶକ୍ତି ସଂରକ୍ଷଣ କୁଇଜ୍ ପ୍ରତିଯୋଗିତା

**ଅମ୍ବାଭୋନା, ୮।୧୧(ସମିସ):** ଶକ୍ତି ବ୍ୟବହାରରେ ସଂଯମତା ରକ୍ଷା କରି ଶକ୍ତି ସଂରକ୍ଷଣ ନିମନ୍ତେ ଶିକ୍ଷାର୍ଥୀ ମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ଜନତା ସରକାରୀ ହାଇସ୍କୁଲ ଭୁକ୍ତାରେ ବିଦ୍ୟାଳୟ ସ୍ତରୀୟ ଶକ୍ତି ସଂରକ୍ଷଣ କୁଇଜ୍ ପ୍ରତିଯୋଗିତା ୨୦୨୫ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ବିଦ୍ୟାଳୟର ୪୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଧାନଶିକ୍ଷକ ଦୁର୍ଗା ପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଇକୋ କ୍ଲବ୍ ମାଷ୍ଟର ଟ୍ରେନର ତଥା ଶକ୍ତି କ୍ଲବ୍‌ର ମାର୍ଗଦର୍ଶକ ଶିକ୍ଷକ ସଞ୍ଜୟ ଖମାରୀ ପରିଚାଳନା କରିଥିଲେ। ଶିକ୍ଷକ ତେଜରାମ ସା, ବୋଧରାମ ବିଶ୍ୱାଳ, ପ୍ରଶାନ୍ତ ମହାପାତ୍ର, ଆଶୁତୋଷ ଭୋଇ, ଶ୍ରୀପତି ସାହୁ, ପ୍ରକାଶ ପଧାନ, ସୁବାସ ଚନ୍ଦ୍ର ଖମାରୀ, ପଦ୍ମଲୋଚନ ବିଶି, ଅନୀଳ ସିଦାରଙ୍କ ସମେତ ବିଦ୍ୟାଳୟର ଶକ୍ତି କ୍ଲବ୍‌ର ସଦସ୍ୟ ଅଂଶଗ୍ରହଣ କରିଥିଲେ। ଶକ୍ତି ସଂରକ୍ଷଣ କୁଇଜ୍ ପ୍ରତିଯୋଗିତାରେ ଦିପ୍ତିମୟୀ ଗଡ଼ତିଆ, ଲିପସାମୟୀ ସା ଏବଂ ବିଜିତା ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସ୍ଥାନୀୟ ବ୍ଲକ ଶିକ୍ଷା ଅଧିକାରୀ ମିଶ୍ରାଣୀ କୁମ୍ଭାର ଏବଂ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲାଲ ମୋହନ ସିଂ ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଐତିହାସିକ ବାଲିଯାତ୍ରା ମହୋତ୍ସବ ଉଦ୍‌ଯାପିତ

**ବରପାଲି/ମହଦା, ୮।୧୧(ସମିସ):** ବରପାଲି ବ୍ଲକ ବାଞ୍ଜିପାଲି ଚତୁଃ ଦିବସୀୟ ଐତିହାସିକ ବାଲିଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ପ୍ରତିଦିନ ସଞ୍ଚାର କାର୍ଯ୍ୟକ୍ରମ ହୋଇଥିଲା। ଢଳିଆଖୁଷା ଓ ରୁମକୁଝୁମାନା ସାଂସ୍କୃତିକ ଅନୁଷ୍ଠାନ, ଆଶିଷ ଅର୍କେଷ୍ଟ୍ରା, ମାଁ ଗ୍ରାମଦେବୀ କୃଷ୍ଣଗୁର ଭେଡେନ କୁଶନପୁରୀ ପ୍ରଭୃତି ସଂସ୍ଥାର କଳାକାର ମାନଙ୍କ ଦ୍ୱାରା ବିଭିନ୍ନ ଶୈଳୀର କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଥିଲା। ନିମନ୍ତ୍ରିତ ଅତିଥି ଭାବେ ଅମୃତଧାରା ନର୍ସିଂହୋମ ଚେୟାରମ୍ୟାନ ଯଶୋବନ୍ତ ମେହେର, ପୂର୍ବତନ ବିଧାୟକ ସାଧୁ ନେପାକ, ଜିଲ୍ଲା ପରିଷଦ ସଦସ୍ୟ ଗୋବିନ୍ଦ ସାହୁ, ମହୁଲପାଲି ସରପଞ୍ଚ ରବୀନ୍ଦ୍ର ଭୋଇ, ବାଞ୍ଜିପାଲି ଯାତ୍ରା କମିଟି ସଭାପତି ଆଶୁତୋଷ ପ୍ରଧାନ, ସମ୍ପାଦକ ଆଲୋକ ଦାସ, କୋଷାଧ୍ୟକ୍ଷ ଯାଦବ ପ୍ରଧାନ, ଗୋନ୍ତିଆ ସୁବାସ ବାରିକ, ସରପଞ୍ଚ ଗଙ୍ଗାଧର ଦାସ ପ୍ରମୁଖ ଭିନ୍ନଭିନ୍ନ ଦିବସରେ ଯୋଗ ଦେଇଥିଲେ। ପରିଚାଳନାରେ ଯାତ୍ରା କମିଟି କର୍ମକର୍ତ୍ତା ଓ ସଦସ୍ୟ ଲୋକନାଥ ପ୍ରଧାନ, ସାନନ୍ଦ ବାରିକ, ସମୀର ଦାସ, ସିଦ୍ଧେଶ୍ୱର ପ୍ରାଧନ, ଚୈତନ୍ୟ ଡନସେନା, ବିଶ୍ୱଶେର ପ୍ରଧାନ, ଈଶ୍ୱର ନାୟକ, ଡିଲେଶ୍ୱର ବାରିକ ପ୍ରମୁଖଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସାମିଲ ହୋଇଥିଲେ।

# ସାଇବର ଅପରାଧ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ

ଦେବଗଡ଼, ୮।୧୧(ସମିସ)

ଦେବଗଡ଼ ଜିଲ୍ଲା ପୁଲିସ ପକ୍ଷରୁ ସ୍ଥାନୀୟ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ ଠାରେ ସାଇବର ଅପରାଧ ସମ୍ପର୍କୀତ ଜିଲ୍ଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଦେବଗଡ଼ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର ମଞ୍ଚାସୀନ ଥିଲେ। ସାଇବର ଅପରାଧ ରୋକିବା ନିମନ୍ତେ ସମାଜରେ ସଚେତନତତା ଓ ଶିକ୍ଷାର ଆବଶ୍ୟକତା ରହିଛି। ଡିଜିଟାଲ ଯୁଗରେ ସାଇବର ସୁରକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଅପରିହାର୍ଯ୍ୟ ହୋଇପଡ଼ିଛି। ଏଥିପ୍ରତି ପ୍ରତ୍ୟେକ ନାଗରିକ ସଚେତନ ହେବାସହ ଅନଲାଇନ ତଥ୍ୟ ଗୋପନ ରଖିବା ଜରୁରୀ। ଏପରିକି ବ୍ୟାଙ୍କ ଜମାଖାତା, ଆଧାର ସଂଖ୍ୟା, ଓଟିପି ଓ ପାସୱାର୍ଡ ଆଦି ଗୁପ୍ତ ତଥ୍ୟ କାହାରିକୁ ପ୍ରଦାନ ନ କରିବାକୁ ଉପସ୍ଥିତ ସରକାରୀ ଅଧିକାରୀ, କର୍ମଚାରୀ, ଜନସାଧାରଣ ଓ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ କେହି ଯଦି ଏ ପ୍ରକାର ଠକାମୀର ଶିକାର ହୁଅନ୍ତି ତେବେ ଅବିଳମ୍ବେ ୧୯୩୦ ନମ୍ବର ଡାଏଲ କରି ହେଲ୍ପଲାଇନକୁ ସୂଚନା ଦେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଦେବଗଡ଼ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଉପସ୍ଥାପିକା ସୁମନ ମହାକୁଳ ଓ ବିଭାଗୀୟ ହାବିଲଦାର ରାମଚନ୍ଦ୍ର ସ୍ୱାଇଁ ସଂଯୋଜନା କରିଥିଲେ। ଶେଷରେ ଡିଏସପି(ଡିଆଇବି) ପବିତ୍ର କିଷାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ବିଭାଗ ପକ୍ଷରୁ ସଚେତନତା ମୂଳକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ଅତିରିକ୍ତ ଅରକ୍ଷୀ ଅଧୀକ୍ଷକ ଧିରଜ ଚୋପଦାର, ଏସଡିପିଓ ରମେଶ ଚନ୍ଦ୍ର ମାହାନା, ଦେବଗଡ଼ ଥାନା ଅଧିକାରୀ ସବ୍ୟସାଚୀ ଶତପଥୀ, ରିଆମାଳ ଥାନା ଅଧିକାରୀ ସତ୍ୟବ୍ରତ ରାଉତ, କୁଣ୍ଢେଇଗୋଳା ଥାନା ଅଧିକାରୀ ଜୋହନ କୁଜୁର, ବାରକୋଟ ଥାନା ଅଧିକାରୀ ସୁଶାନ୍ତ ବଡ୍ଡାଇ, ରିଜର୍ଭ ଇନ୍ସପେକ୍ଟର ହମ୍ବିରା ସୋରେନ, ଲଇମୁରା ଥାବା ଅଧିକାରୀ ପଙ୍କଜ ମାଝୀଙ୍କ ସମେତ ବହୁ ପୁଲିସ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଅନ୍ୟତମ ଅତିଥି ଭାବେ ଉପଜିଲ୍ଲାପାଳ ପରକ୍ଷୀତ ସାହୁ, ଅତିରିକ୍ତ ବନ ସଂରକ୍ଷିକା ସ୍ୱାଧିନତା ସାହାଣୀ, ଦେବଗଡ଼ ବିଧାୟକଙ୍କ ପ୍ରତିନିଧି ଚନ୍ଦ୍ରଶେଖର ଭୁକ୍ତା, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ, ଜିଲ୍ଲା କ୍ରୀଡା ଅଧିକାରୀ ତାପସ ମହନ୍ତ, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ, ଜିଲ୍ଲା ସଂସ୍କୃତି ଅଧିକାରୀ ଈଶ୍ୱର ଗୁରୁ, ଓଡ଼ିଶା ଜୀବୀକା ମିଶନର ଜିଲ୍ଲା ପ୍ରକଳ୍ପ ମ୍ୟାନେଜର ଶିଶିର ଷଡଙ୍ଗୀ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାରଙ୍କ ସମେତ ବହୁ ବୁଦ୍ଧିଜୀବୀ, ଜନସାଧାରଣ, ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।



# ଆଇଆଇଏମ୍ ସମ୍ବଲପୁର ଓ ଶ୍ରୀ ୟୁନିଭର୍ସିଟି ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ




**ସମ୍ବଲପୁର, ୮।୧୧ (ସମିସ) :** ଅଗ୍ରଣୀ ମ୍ୟାନେଜମେଣ୍ଟ ଅନୁଷ୍ଠାନ ଆଇଆଇଏମ ସମ୍ବଲପୁର ଏବଂ ଶ୍ରୀଶ୍ରୀ ୟୁନିଭର୍ସିଟି (ଏସଏସୟୁ) ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଏହା ଅଧୀନରେ ଯୁକ୍ତ ଭାବେ ୱର୍କସପ୍, ଗବେଷଣା ପ୍ରକଳ୍ପ, ପ୍ରକାଶନ ଓ ଶିକ୍ଷାର୍ଥୀ ବିନିମୟ କାର୍ଯ୍ୟକ୍ରମ ସହିତ ବିଭିନ୍ନ ପ୍ରୟାସ ହେବ। ଏହି ଅବସରରେ ଶ୍ରୀଶ୍ରୀ ୟୁନିଭର୍ସିଟିର ସ୍ଥାପକ ଶ୍ରୀଶ୍ରୀ ରବିଶଙ୍କର ଯୋଗଦେଇଥିଲେ। ଏହାସହ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ପ୍ରସାଦ ଜୟସ୍ୱାଲ ଓ ଶ୍ରୀଶ୍ରୀ ୟୁନିଭର୍ସିଟିର ଅଧ୍ୟକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ ଉପସ୍ଥିତ ଥିଲେ। ଦୁଇ ସଂସ୍ଥାର ବରିଷ୍ଠ ଅଧିକାରୀ ଓ ଅଧ୍ୟାପକବୃନ୍ଦ ମଧ୍ୟ ଯୋଗ ଦେଇଥିଲେ। ଏହି ବୁଝାମଣା ପତ୍ର ଅନୁଯାୟୀ, ଉଭୟ ଅନୁଷ୍ଠାନ ମିଳିତ ଭାବେ ଡାଟା ସାଇନ୍ସ ଓ ଏହାର ସଂଶ୍ଳିଷ୍ଟ କ୍ଷେତ୍ରସମୂହ ସହିତ ସମ୍ପୃକ୍ତ ବିଷୟରେ ଶିକ୍ଷାସମ୍ବନ୍ଧୀୟ ୱାର୍କସପ୍, ସେମିନାର, ୱେବିନାର ଓ ସ୍ୱଳ୍ପମିଆଦୀ ପାଠ୍ୟକ୍ରମ ଆୟୋଜନ କରିବେ। ଏହି ସହଯୋଗ ଅନ୍ତର୍ଗତ ଗତିଶୀଳ ଶିକ୍ଷାର୍ଥୀ ବିନିମୟ କାର୍ଯ୍ୟକ୍ରମ ମାନ ମଧ୍ୟ ଆୟୋଜନ କରାଯିବ। ଏହାସହ ଉଭୟ ସଂସ୍ଥାର ଶିକ୍ଷାର୍ଥୀମାନେ ଯୁକ୍ତ ଶିକ୍ଷା କାର୍ଯ୍ୟକ୍ରମ ଓ ଅନୁଭବାଧାରିତ ପ୍ରକଳ୍ପରେ ଅଂଶଗ୍ରହଣ କରିବେ, ଯେଉଁଠାରେ ଆଶ୍ରୟ ଓ ଲଜିଷ୍ଟିକ ସହାୟତା ପାଇଁ ମଧ୍ୟ ବ୍ୟବସ୍ଥା ରହିବ। ଏହି ଅବସରରେ ଆଇଆଇଏମ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ କହିଲେ, ଏହା ନବୀନତା ଓ ସମଗ୍ର ଶିକ୍ଷାକୁ ଉତ୍ସାହିତ କରିବା ସହିତ ସମାଜମୁଖୀ ମୂଲ୍ୟବୋଧ ସହ ଆଧୁନିକ ପରିଚାଳନା ଶିକ୍ଷାକୁ ସମନ୍ୱୟ କରିବାରେ ଦୁଇ ସଂସ୍ଥାର ସାଧାରଣ ଦୃଷ୍ଟିକୋଣକୁ ପ୍ରତିଫଳିତ କରେ। ଏହି ସହଯୋଗ ଡାଟା ସାଇନ୍ସ, କୃତ୍ରିମ ବୁଦ୍ଧିମତା, ପରିଚାଳନା, ଷ୍ଟ୍ରେସ୍ ମ୍ୟାନେଜମେଣ୍ଟ ଓ ଆଧ୍ୟାତ୍ମିକତା ଭଳି ଉଦୟମାନ କ୍ଷେତ୍ର ଉପରେ ଗୁରୁତ୍ୱ ଦେବ।

## ନୂତନ ପଞ୍ଚାୟତ ଗଠନ ପାଇଁ ବୈଠକ

# ଏକତ୍ରିତ ହେଲେ ୭ ଗାଁର ଶହ ଶହ ଗ୍ରାମବାସୀ

**କୁଚିଣ୍ଡା, ୮।୧୧(ସମିସ)**

ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ଉପାନ୍ତରେ ଥିବା ଜରାବଗା ପଞ୍ଚାୟତଟି ଭୌଗଳିକ ତଥା ଜନସଂଖ୍ୟା ଆବଶ୍ୟକ ଠାରୁ ଅଧିକ ରହିଛି। ସେଥିରୁ ଅଲଗା କରାଯାଇ ଆଉ ଏକ ନୂତନ ପଞ୍ଚାୟତ ଗଠନ କରିବାକୁ ଅନେକ ଦିନରୁ ଦାବି ହୋଇ ଆସୁଛି। ଏହାକୁ ନେଇ ଶୁକ୍ରବାର ଦିନ କର୍ଲିଆଡିହି ଛକ ନିକଟ ବଜାର ପ୍ରାଙ୍ଗଣରେ ବେତଝରନ, କର୍ଲିଆଡିହି, ଶର୍ଗିଡିହି, କନ୍ଧକୁଲେଇ, ଦୁମକୁ, କିନାବଗା ଓ ଲପଡ଼ାଗ୍ରାମର ଶହ ଶହ ଗ୍ରାମବାସୀଙ୍କୁ ନେଇ ସଭା ହୋଇଯାଇଛି। ନବୀନ କୁମାର ପଟେଲ ସଭାପତିତ୍ୱରେ ଆୟୋଜିତ ସଭାରେ ନୂତନ ପଞ୍ଚାୟତ ଗଠନ ପାଇଁ ବାମରା ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି। ପ୍ରକାଶ ଥାଉକି, ଜରାବଗା ପଞ୍ଚାୟତରେ ପ୍ରାୟ ୧୩ଟି ରାଜସ୍ୱ ଗାଁ ଥିବା ବେଳେ, ଜନସଂଖ୍ୟା ପ୍ରାୟ ୧୨ ହଜାର ରହିଛି। ଭୌଗଳିକ ଦୃଷ୍ଟିରୁ ଅପେକ୍ଷାକୃତ ବୃହତ୍ ଥିବା କାରଣରୁ ଗ୍ରାମସଭାରେ ଉଚିତ ଭାଗିଦାରୀ ସମ୍ଭବ ହୋଉନି।ପଞ୍ଚାୟତର ଉକ୍ତ ୭ଟି ଗାଁ, ପଞ୍ଚାୟତ କାର୍ଯ୍ୟାଳୟରୁ ପ୍ରାୟ ୨.୫ କି.ମିରୁ ୧୦କି.ମି.ଦୂରତାରେ ଥିବାବେଳେ, ଜନସଂଖ୍ୟା ପ୍ରାୟ ୩ ହଜାରରୁ ଅଧିକ ରହିଛି।ମୋଟ ଜନ ସଂଖ୍ୟାର ୯୩% ଅନୁସୂଚୀତ ଜନଜାତି ବର୍ଗର ଏବଂ ଅଧିକାଂଶ କୃଷି, ଦିନ ମଜୁରିଆ, ଜଙ୍ଗଲ ଦ୍ରବ୍ୟ ଉପରେ ନିର୍ଭରଶୀଳ ଅଟନ୍ତି।ସାମାଜିକ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଅର୍ଥନୈତିକ ବିକାଶ ହୋଇପାରୁ ନ ଥିବାରୁ ଏହାକୁ ଅଲଗା କରି ବେତଝରଣ(ପାଞ୍ଚ ଗାଁ ଛକ)ପଞ୍ଚାୟତ ନାଁରେ ନାମିତ କରାଯିବାକୁ ସମସ୍ତେ ଏକତ୍ରିତ ହୋଇ ଗ୍ରାମସଭା କରିଥିଲେ। ସଭାରେ ଲୋକମୁକ୍ତି ସଂଗଠନର ଉପଦେଷ୍ଟା ଅନନ୍ତ ଓ ସଂଯୋଜକ ଜିନିତ ସାମାଦ ମଧ୍ୟ ଯୋଗଦେଇ ପେସା ଆଇନ୍, ଜଙ୍ଗଲ ଅଧିକାର ଆଇନ୍, ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ୍ ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବେତଝରନ୍ ୱାର୍ଡ ସଭ୍ୟ ରାଜିନ କୁଲୁ ସ୍ୱାଗତ ଭାଷଣ ଓ ଗୌନ୍ତିଆ ମନୋଜ ନାଏକ ସଭା ପରିଚଳନା କରିଥିଲେ।ଏଥିରେ ଉମ୍ଲାନ ତପନୋ, ମଳୟ ନାଏକ, ଯଶୋବନ୍ତି ନାଏକ, ମାର୍ଗରେଟ ତପନୋ, ନୋର୍ବେଟ ଖେସ, ଏକାନ୍ତ ନାଏକ, ଫୁଲ କୁଲୁ, ମାତିଆସ ବାଗେ, ରାଜୁ ଭଞ୍ଜଙ୍କ ସମେତ ପ୍ରାୟ ୫ଶହ ଲୋକ ସାମିଲ ହୋଇଥିଲେ।





# ବେଦାନ୍ତ ଝାରସୁଗୁଡ଼ା ପକ୍ଷରୁ ଜାତୀୟ କର୍କଟ ସଚେତନତା ଦିବସ




**ସମ୍ବଲପୁର, ୮।୧୧ (ସମିସ) :** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଏହି ଅଞ୍ଚଳରେ ଜନସ୍ୱାସ୍ଥ୍ୟ ଏବଂ ସୁସ୍ଥତାକୁ ସୁଦୃଢ଼ କରିବା ପାଇଁ ନିରନ୍ତର ପ୍ରତିବଦ୍ଧତାର ଅଂଶ ଭାବରେ, ଝାରସୁଗୁଡ଼ାର ମହିଳା ମହାବିଦ୍ୟାଳୟରେ ଜାତୀୟ କର୍କଟ ସଚେତନତା ଦିବସ ପାଳନ କରିଛି। ଏହି ଅଧିବେଶନରେ ପ୍ରାରମ୍ଭିକ ଚିହ୍ନଟ, ସୁସ୍ଥ ଜୀବନଶୈଳୀ ଏବଂ ସହାୟତା ସେବା ବିଷୟରେ ଅତ୍ୟାବଶ୍ୟକ ଜ୍ଞାନ ସହିତ ସଜ୍ଜିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କର୍କଟ ବିଶ୍ୱ ଏବଂ ଭାରତରେ ଏକ ପ୍ରମୁଖ ସ୍ୱାସ୍ଥ୍ୟ ଚ୍ୟାଲେଞ୍ଜ ଭାବରେ ରହିଛି, ବିଳମ୍ବରେ ଚିହ୍ନଟ ଏବଂ ସଚେତନତାର ଅଭାବ ଯୋଗୁଁ ଅନେକ ରୋଗୀ ଅଗ୍ରିମ ପର୍ଯ୍ୟାୟରେ ପହଞ୍ଚିଛନ୍ତି। ଗବେଷକମାନେ ସୂଚିତ କରିଛନ୍ତି ଯେ ପ୍ରାରମ୍ଭିକ ଚିହ୍ନଟ ସଫଳ ଚିକିତ୍ସାର ସମ୍ଭାବନାକୁ ବହୁ ପରିମାଣରେ ବୃଦ୍ଧି କରେ। ସଚେତନତା, ସମୟୋଚିତ ସ୍କ୍ରିନିଂ ଏବଂ ପ୍ରାରମ୍ଭିକ ଲକ୍ଷଣଗୁଡ଼ିକୁ ବୁଝିବା ଜୀବନ ବଞ୍ଚାଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଅଧିବେଶନରେ ଡାକ୍ତରୀ ବିଶେଷଜ୍ଞମାନେ ଛାତ୍ରଛାତ୍ରୀଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରିଥିଲେ ଯେଉଁଥିରେ ତମାଖୁ ବ୍ୟବହାର, ଅସ୍ୱାସ୍ଥ୍ୟକର ଖାଦ୍ୟ, ଦୀର୍ଘକାଳୀନ ଚାପ ଏବଂ ଜେନେଟିକ୍ ପ୍ରବୃତ୍ତି ଭଳି ସାଧାରଣ ବିପଦ କାରକ ଉପରେ ଆଲୋଚନା ଅନ୍ତର୍ଭୁକ୍ତ ଥିଲା। ଏହା ଅଂଶଗ୍ରହଣକାରୀମାନଙ୍କୁ ସାଧାରଣତଃ ଘଟୁଥିବା କର୍କଟ ରୋଗର ପ୍ରାରମ୍ଭିକ ଲକ୍ଷଣ ଏବଂ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷାର ଗୁରୁତ୍ୱକୁ ଚିହ୍ନଟ କରିବାରେ ସାହାଯ୍ୟ କରିବାକୁ ଚେଷ୍ଟା କରିଥିଲା। ଏହି ପଦକ୍ଷେପ ବିଷୟରେ ବେଦାନ୍ତ ଝାରସୁଗୁଡ଼ାର ସିଇଓ ସି. ଚନ୍ଦ୍ରୁ କହିଛନ୍ତି, ବେଦାନ୍ତରେ, ଆମେ ବିଶ୍ୱାସ କରୁ ଯେ ସମ୍ପ୍ରଦାୟ ବିକାଶ ସୁଚିନ୍ତିତ ଏବଂ ସଶକ୍ତ ବ୍ୟକ୍ତିମାନଙ୍କ ସହିତ ଆରମ୍ଭ ହୁଏ। ବୃଦ୍ଧି ପାଇଥିବା ସ୍ୱାସ୍ଥ୍ୟ ସଚେତନତା ସମଗ୍ର ପରିବାରର ଜୀବନରେ ଏକ ସ୍ପଷ୍ଟ ପରିବର୍ତ୍ତନ ଆଣିପାରେ। ତେଣୁ, ଏପରି ପଦକ୍ଷେପ ମାଧ୍ୟମରେ, ଆମେ ସୂଚନାପ୍ରାପ୍ତ, ସୁସ୍ଥ ଏବଂ ସ୍ଥିର ସମ୍ପ୍ରଦାୟକୁ ପୋଷଣ କରିବାକୁ ଲକ୍ଷ୍ୟ ରଖିଛୁ ଯେଉଁମାନେ ସ୍ୱାସ୍ଥ୍ୟ-ସଚେତନ ପସନ୍ଦ କରନ୍ତି ଏବଂ ପ୍ରତିରୋଧକ ଯତ୍ନକୁ ଉତ୍ସାହିତ କରନ୍ତି।

# ମୋବାଇଲ ଚୋର ଗିରଫ

**ସମ୍ବଲପୁର, ୮।୧୧ (ସମିସ) :** ଭିମସାର, ବୁର୍ଲା ମେଡିସିନ ୱାର୍ଡରେ ଗତ ୭ ତାରିଖ ବିଳମ୍ବିତ ରାତିରେ ଜଣେ ରୋଗୀଙ୍କ ମୋବାଇଲ ଚୋରି କରୁଥିବା ସମୟରେ ଲୋକେ ବୁର୍ଲା ପଠାନବନ୍ଧର ସୁମନ୍ତ ଓରାମକୁ ଧରି ପୁଲିସର ଜିମା ଦେଇଛନ୍ତି। ରୋଗୀ ଜଣକ ଶୋଇଥିବାବେଳେ ରାତି ପ୍ରାୟ ୩ଟା ବେଳେ ସୁମନ୍ତ ତାଙ୍କ ରେଡ୍‌ମି ମୋବାଇଲ ଫୋନ ଚୋରି କରିଥିଲା। ଏହି ସମୟରେ ଲୋକେ ପାଟି କରିବାରୁ ରୋଗୀ ଜଣକ ଉଠିପଡ଼ିଥିଲେ। ବୁର୍ଲା ଥାନା ପୁଲିସ କେସ ନଂ. ୪୮୯/୮-୧୧-୨୦୨୫ରେ ମାମଲା ରୁଜୁକରି ଅଭିଯୁକ୍ତ ସୁମନ୍ତ ଓରାମ(୨୬)କୁ ଗିରଫ କରି କୋର୍ଟଚାଲାଣ କରିଛି।

# ସ୍ୱାଧୀନତା ସଂଗ୍ରାମୀ ଭାଗୀରଥୀ ପଟ୍ଟନାୟକ ଜୟନ୍ତୀରେ ବକ୍ତୃତା ପ୍ରତିଯୋଗିତା

**ସମ୍ବଲପୁର, ୮।୧୧ (ସମିସ) :** ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଭାଗୀରଥୀ ପଟ୍ଟନାୟକ ଜୟନ୍ତୀ ଅବସରରେ ଆଜି ସ୍କୁଲ ଓ କଲେଜସ୍ତରରେ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡଃ ପରେଶ ଚନ୍ଦ୍ର ଦାନୀ ଓ ସମ୍ପାଦକ ଦୀନବନ୍ଧୁ ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରିବାପରେ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ସ୍କୁଲସ୍ତରରେ ବିକାଶ ଫାଷ୍ଟଷ୍ଟେପ୍ ସ୍କୁଲର ଦିବ୍ୟ ନନ୍ଦିନୀ ସ୍ୱାଇଁ ପ୍ରଥମ, ସେଣ୍ଟ ଜୋଶେଫ କନଭେଣ୍ଟ ସ୍କୁଲର ଅମ୍ଲାନ ମହାନ୍ତି ଦ୍ୱିତୀୟ ଓ ବିକାଶ ସ୍କୁଲର ଧୃବିକା ମହାନ୍ତି ଓ କନଭେଣ୍ଟ ସ୍କୁଲର ଶ୍ରେୟାସ ମିଶ୍ର ଯୁଗ୍ମତୃତୀୟ ସ୍ଥାନ ହାସଲ କରିଛନ୍ତି। ସେହିପରି କଲେଜସ୍ତରରେ ମହିଳା ମହାବିଦ୍ୟାଳୟର ଶ୍ରୁତିରେଖା ଆଚାର୍ଯ୍ୟ ପ୍ରଥମ, ଗ୍ଲୋରିଆସ୍ ଦ୍ୱିତୀୟ ଓ କୁସୁମ ଦାସ ତୃତୀୟ ହୋଇଥିଲେ। ବିଚାରକ ଭାବରେ ରାଜେନ୍ଦ୍ର ପଣ୍ଡା, ଗିରିଧାରୀ ହୋତା, ହେମନ୍ତ କୁମାର ପ୍ରଧାନ, ଶିବ ଶଙ୍କର ଷଡ଼ଙ୍ଗୀ, ଶ୍ରୀକାନ୍ତ ଷଡ଼ଙ୍ଗୀ ଓ ରାମେଶ୍ୱର ପାଢ଼ୀ ଯୋଗ ଦେଇଥିଲେ। ଓଡ଼ିଶା ସାଂସ୍କୃତିକ ସମାଜ ସଭ୍ୟ ଅଶୋକ ମିଶ୍ର, ତାପସ ଦାସ, ଅଖିଳ ରଞ୍ଜନ ପଟ୍ଟନାୟକ, ପ୍ରମୋଦ ପଟ୍ଟନାୟକ, କୈଳାଶ ମିସ୍ତ୍ରୀ, ରାମାନୁଜ ପଣ୍ଡା, ବିବେକାନନ୍ଦ ଗୁରୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ପିକ୍‌ଅପ୍ ଧକ୍କାରେ ସାଇକଲ ଆରୋହୀ ଗୁରୁତର

**କୁଚିଣ୍ଡା, ୮।୧୧(ସମିସ):** ବାମରା ବ୍ଲକ ଅଧୀନ ସଜାବାହାଲ ଛକ ଠାରେ ପିକଅପ ଧକ୍କାରେ ସାଇକଲ ଆରୋହୀ ସ୍ୱାମୀ-ସ୍ତ୍ରୀ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ସୁନ୍ଦରଗଡ଼ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଛି। ସୂଚନା ଅନୁସାରେ ଉଚ୍ଚକାପାଟ ପଞ୍ଚାୟତ ଅଧୀନ ସାଙ୍କୋବାହାଲ ଗ୍ରାମର ସୁରେଶ କେର୍କେଟା ଓ ତାଙ୍କ ସ୍ତ୍ରୀ ପ୍ୟାରୀ ଡୁଙ୍ଗୁଙ୍ଗ ଶୁକ୍ରବାର ସନ୍ଧ୍ୟାରେ ଏକ ସାଇକଲରେ ଟାଙ୍ଗରମୁଣ୍ଡାରୁ ନିଜ ଘରକୁ ଫେରୁଥିବା ବେଳେ ସଜାବାହାଲ ଛକଠାରେ ଏକ ପିକଅପ ତାଙ୍କୁ ଧକ୍କା ଦେଇ ଫେରାର ମାରିଥିଲା। ଫଳରେ ପ୍ୟାରୀଙ୍କ ମୁଣ୍ଡ ଓ ଛାତି ରେ ଗଭୀର ଆଘାତ ଲାଗିଥିବା ବେଳେ ସୁରେଶଙ୍କ ହାତ ପାପୁଲି ଭାଙ୍ଗି ଯାଇଛି। ଉଭୟଙ୍କୁ ଉଦ୍ଧାର କରି ଗୋବିନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ତାଙ୍କ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ସୁନ୍ଦରଗଡ଼ ମେଡ଼ିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଛି।

# ଦଣ୍ଡବତ କରି କରି ରାଜସ୍ଥାନରୁ ପୁରୀ

**ସମ୍ବଲପୁର, ୮।୧୧ (ସମିସ) :** ରାଜସ୍ଥାନରୁ ପୁରୀକୁ ଜଣେ ସାଧୁ ଦଣ୍ଡବତ କରିବାସହ ଚାଲିଚାଲି ଯାଉଥିବା ଦେଖାଯାଇଛି। ସାଧୁ ଜଣକ ଶ୍ରୀ ରାଜଗିରି ଗୁଜ୍ଜର ମହାରାଜ ଏବଂ ରାଜସ୍ଥାନ କରୋଲି ଜିଲ୍ଲା ଗୋଦଲା ପାହାଡ଼ି ଅଞ୍ଚଳର ବୋଲି ଜଣାପଡ଼ିଛି। ସେ ଗତ ଏପ୍ରିଲ ମାସରେ ତାଙ୍କ ଏହି ଯାତ୍ରା ଆରମ୍ଭ କରିଥିଲେ। ଭଗବାନଙ୍କ ଉପରେ ଅଗାଧ ବିଶ୍ୱାସକୁ ପାଥେୟ କରି ସେ ଏହି ଶହ ଶହ କିଲୋମିଟର ଯାତ୍ରା ପଥ ଅତିକ୍ରମ କରୁଛନ୍ତି।



# ଭିସୁଟ୍ ପକ୍ଷରୁ ବର୍ଜ୍ୟରୁ ସମ୍ପଦ ପ୍ରକଳ୍ପ ପୁରସ୍କୃତ



**ସମ୍ବଲପୁର, ୮।୧୧ (ସମିସ) :** ଏନ୍‌ଆଇଟି, ରାଉରକେଲାର ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ କେମିକାଲ୍ ଇଞ୍ଜିନିୟର୍ସ (ଆଇଆଇସିଏଚ୍‌ଇ) ଛାତ୍ର ଅଧ୍ୟାୟ ଦ୍ୱାରା ଆଇଆଇସିଏଚ୍‌ଇର ପ୍ରତିଷ୍ଠା ଦିବସ ଅବସରରେ ଏକ ପ୍ରୋଜେକ୍ଟ ଶୋ'କେସ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରତିଯୋଗିତାରେ ୧୦ରୁ ଅଧିକ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀମାନେ ଭାଗ ନେଇଥିଲେ। ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍), ବୁର୍ଲାର ରାସାୟନିକ ଇଞ୍ଜିନିୟରିଂ ବିଭାଗର ୪ ଜଣ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରି ବର୍ଜ୍ୟରୁ ସମ୍ପଦ (ୱେଷ୍ଟ ଟୁ ୱେଲ୍‌ଥ) ବିଷୟ ଆଧାରିତ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ସେମାନେ ହେଲେ ଗୁଡୁଲି ପାତ୍ର, ଓଁକାର ପ୍ରସାଦ ଦାସ, ଦେବଦତ୍ତ ପାତ୍ର ଓ କେ. ଶିବଶକ୍ତି ପାତ୍ର। ପ୍ରକଳ୍ପର ମୂଳ ଧାରଣା ଥିଲା ଏକ ଅତ୍ୟନ୍ତ ହାନିକାରକ ଓ ଗ୍ଲୋବାଲ୍ ୱାର୍ମିଂ ପାଇଁ ଦାୟୀ ଗ୍ୟାସ୍ କାର୍ବନ ଡାଇଅକ୍ସାଇଡ୍ (ସିଓ୨) କୁ ଉପଯୋଗ କରି ମେଥାନଲ୍ (ସିଏଚ୍୩ଓଏଚ୍) ନାମକ ଏକ ମୂଲ୍ୟବାନ ଇନ୍ଧନ ଓ ଶିଳ୍ପୀୟ ଉତ୍ପାଦରେ ପରିଣତ କରିବା। ଏହି ପ୍ରକଳ୍ପ ତାହାର ବୈଜ୍ଞାନିକ ଭିତ୍ତି, ପରିବେଶ ସୁରକ୍ଷା ଓ ପ୍ରାୟୋଗିକ ସମ୍ଭାବନା ପାଇଁ ବିଚାରକମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା। ପ୍ରକଳ୍ପ ସକାଶେ ଭିସୁଟ୍ ଛାତ୍ରଛାତ୍ରୀଙ୍କୁ ପଦକ ଓ ସମ୍ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା।

# ଟୁରେଇରେ ଛାଡ଼ଖାଇ ଭେଟ୍‌ଘାଟ୍

**କୁଚିଣ୍ଡା, ୮।୧୧(ସମିସ):** ବାମରା ବ୍ଲକ ଟୁରେଇରେ ବିଜୁ ଜନତା ଦଳ ପକ୍ଷରୁ ଛାଡ଼ଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ସନ୍ଧ୍ୟାରେ ଆୟୋଜିତ ଛାଡ଼ଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲା ପରିଷଦ ସଭାନେତ୍ରୀ କୁମୁଦିନୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଦଳୀୟ ଆଲୋଚନା କରିବା ସହ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ସମସ୍ତେ ଏକଜୁଟ ହୋଇ ଦଳକୁ ମଜବୁତ୍ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିସାନ, ସମିତି ସଭ୍ୟା ଗୋଲାପି ଧୁରୁଆ, ନୀଳାଦ୍ରି ପଟେଲ ଭେଷଜ ପଟ୍ଟା, ପିଙ୍କୁ ପଟେଲ ଓ ଅଜିତ ପଟେଲ ଯୋଗଦେଇ ଛାଡ଼ଖାଇ ଭେଟ୍‌ଘାଟ ନେଇ ଆଲୋଚନା କରିବା ସହ ପଞ୍ଚାୟତ ନିର୍ବାଚନରେ ଏକଜୁଟ ହୋଇ ଦଳକୁ ସୁଦୃଢ଼ କରିବା ପାଇଁ ମତବ୍ୟକ୍ତ କରିଥିଲେ।



## ଭାରତୀୟ ହକିର ୧୦୦ ବର୍ଷ ପୂର୍ତ୍ତି

# ସହିଦ ମାଧୋ ସିଂ ହକି ଏକାଡେମୀ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

**ସମ୍ବଲପୁର, ୮।୧୧ (ସମିସ) :** ଯୁଯୋମୁରା ହକି ଷ୍ଟାଡିଅମ୍‌ଠାରେ ସହିଦ ମାଧୋ ସିଂ ହକି ଏକାଡେମୀ ଆଜି ଜାତୀୟ ହକିର ୧୦୦ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଡଃ ସତ୍ୟନାରାୟଣ ତାଣ୍ଡି, ଯୁଯୋମୁରା ବିଡିଓ ରାଜେଶ ଏକ୍କା, ତହସିଲଦାର ପ୍ରଭାସ ବୁଡାଏକ, ଏମସିଏଲ ଜେନେରାଲ ମ୍ୟାନେଜର (ବିତ୍ତ) ଡିକେନ ମେହରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମାଧୋ ସିଂ ହକି ଏକାଡେମିର ଉପସଭାପତି ତଥା ଲିପିଣ୍ଡା ସରପଞ୍ଚ ସଭାରେ ଅଧ୍ୟକ୍ଷତା କରିଥିବାବେଳେ ଏକାଡେମୀର ସମ୍ପାଦକ ଲକ୍ଷ୍ମୀଧର ମହାନ୍ତି ସ୍ୱାଗତ ଭାଷଣ ସହ ବିବରଣୀ ପାଠ କରିଥିଲେ। ପ୍ରଥମେ ଆଦିବାସୀ ନୃତ୍ୟ ତାଳେ ତାଳେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀମାନେ ଏକ ରାଲିରେ ନଗର ପରିକ୍ରମା କରିଥିଲେ। ଏହି ଅବସରରେ ଜାତୀୟସ୍ତରର ଖେଳାଳୀ ରବିବାର ଏକ୍କା, ରାଜେଶ ଖଡ଼ିଆ, ସମ୍ବଲପୁରର ଆନ୍ତର୍ଜାତୀୟ ଖେଳାଳି ରଜତ ମିଞ୍ଜଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗତବର୍ଷ ୧୭ ବର୍ଷରୁ କମ ଜାତୀୟସ୍କୁଲ ଖେଳରେ ଚମ୍ପିଆନ ଓଡ଼ିଶା ଦଳର ପ୍ରତିନିଧିତ୍ୱ କରିଥିବା ଅନୁକରଣ ଡୁଙ୍ଗଡୁଙ୍ଗଙ୍କୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ସମ୍ମାନିତ କରିଥିଲେ। ମାଧୋ ସିଂ ହକି ଏକାଡେମୀର କନିଷ୍ଠ ମହିଳା ଖେଳାଳୀମାନେ ଗତ ସେପ୍ଟେମ୍ବରରେ ଅନୁଷ୍ଠିତ ଚତୁର୍ଥ ରାଜ୍ୟ ପ୍ରତିଯୋଗିତାରେ ସେମିଫାଇନାଲ ମ୍ୟାଚ୍ ଖେଳିଥିବାରୁ ସମସ୍ତ ଖେଳାଳି ଓ କୋଚ୍‌ଙ୍କୁ ପୁରସ୍କୃତ କରାଯାଇଥିଲା। ଏଚ୍‌ଟିସି, ଯୁଯୋମୁରା ସହିତ ମାଧୋ ସିଂ ହକି ଏକାଡେମୀର ଉଭୟ ପୁଅ ଓ ଝିଅ ଖେଳାଳୀଙ୍କ ଏକ ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା।

# ମହିଳାଙ୍କ ଆତ୍ମହତ୍ୟା

**ସମ୍ବଲପୁର, ୮।୧୧ (ସମିସ) :** ବରେଇପାଲି ଥାନା ଅନ୍ତର୍ଗତ ରାଣୀବନ୍ଧପଡ଼ାରେ ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ପୁଲିସର ସୂଚନାଅନୁଯାୟୀ, ମହିଳାଜଣକ ହେଲେ ତନୁ ନାଗ (୨୨)। ସେ ଚେରୁଆପଡ଼ା ଅଞ୍ଚଳରେ ବିବାହ କରିଥିଲେ। ଗତ ଦୁର୍ଗାପୂଜାରୁ ତନୁ ନିଜ ଘର ରାଣୀବନ୍ଧପଡ଼ାରେ ଆସି ରହୁଥିଲେ। ଶନିବାର ସକାଳେ ସେ ବହୁସମୟ ପର୍ଯ୍ୟନ୍ତ ତାଙ୍କ କୋଠରୀର କବାଟ ନଖୋଲିବାରୁ ପରିବାର ଲୋକେ କବାଟ ଭାଙ୍ଗିବାରୁ ସେ ଓଢ଼ଣୀକୁ ବେକରେ ଲଗାଇ ଆତ୍ମହତ୍ୟା କରିଥିବା ଦେଖିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବରେଇପାଲି ଥାନା କେସ ନଂ. ୧୪/୨୦୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ପୁଲିସ କହିଛି।

# ସାହିତ୍ୟିକ ହାଡ଼ିବନ୍ଧୁ ମିର୍ଦ୍ଧାଙ୍କ ପୁସ୍ତକ ସମୀକ୍ଷା ସଭା



**ସମ୍ବଲପୁର, ୮।୧୧ (ସମିସ) :** ଓଡ଼ିଆ ସାହିତ୍ୟ ଜଗତରେ ସ୍ୱର୍ଗତ ଡଃ ହାଡିବନ୍ଧୁ ମିର୍ଦ୍ଧା ଏକ ସ୍ୱର୍ଦ୍ଧିତ ଉଚ୍ଚାରଣ। ସ୍ୱାଧୀନ ଚିନ୍ତା, ସମ୍ବେଦନଶୀଳତା ଓ ସମର୍ପଣ ଭାବକୁ ନେଇ ସ୍ୱର୍ଗତ ମିର୍ଦ୍ଧାଙ୍କ ସାରସ୍ୱତ ସୃଷ୍ଟି ସରସ, ସୁନ୍ଦର ଓ ଲୋକାଭିମୁଖୀ ହୋଇଛି ବୋଲି ସାହିତ୍ୟିକ ତଥା ବିଶିଷ୍ଟ ବାଗ୍ମୀ ଡା. କୃଷ୍ଣକେଶବ ଷଡ଼ଙ୍ଗୀ କହିଛନ୍ତି। ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ରଙ୍କ ପୌରୋହିତ୍ୟରେ ବୀର ସୁରେନ୍ଦ୍ର ସାଏ ମାର୍ଗସ୍ଥିତ ଏକ ଘରୋଇ ହୋଟେଲରେ ବିଶିଷ୍ଟ ସାହିତ୍ୟିକ ତଥା ଓପିଏସ୍‌ସିର ପୂର୍ବତନ ଅଧ୍ୟକ୍ଷ ସ୍ୱର୍ଗତ ଡଃ ହାଡିବନ୍ଧୁ ମିର୍ଦ୍ଧାଙ୍କ ଗ୍ରନ୍ଥାବଳୀ ଓ ଆତ୍ମଜୀବନୀ ପୁସ୍ତକ ସମୀକ୍ଷା ସଭା 'ହୃଦ୍ୟ ହାଡ଼ିବନ୍ଧୁ' ଆୟୋଜିତ ହୋଇଯାଇଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଡଃ ମିର୍ଦ୍ଧାଙ୍କ ସାରସ୍ୱତ ଜୀବନ ଆଜିର ସମାଜ ପାଇଁ ଆଦର୍ଶ ବୋଲି କହିଥିଲେ। ବର୍ଷୀୟାନ ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ଡଃ ମିର୍ଦ୍ଧାଙ୍କ ସାହିତ୍ୟ କୃତି ଓ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ସଂସ୍କୃତି ଗବେଷକ ଡଃ ଶ୍ୟାମ ସୁନ୍ଦର ଧର ଓ ବିଶିଷ୍ଟ କବି ସୌଭାଗ୍ୟବନ୍ତ ମହାରଣା ଡଃ ହାଡ଼ିବନ୍ଧୁ ମିର୍ଦ୍ଧାଙ୍କ ରଚନାବଳୀର ଦୀପ୍ତି ଓ ବ୍ୟାପ୍ତି ସମ୍ପର୍କରେ ଆଲୋଚନା କରିଥିଲେ। ସଭା ପ୍ରାରମ୍ଭରେ ଡଃ ମିର୍ଦ୍ଧାଙ୍କ ପୁଅ ପ୍ରଫେସର ଡାକ୍ତର ବିଜୟ ରଞ୍ଜନ ମିର୍ଦ୍ଧା ସ୍ୱାଗତ ଭାଷଣ ଦେଇଥିବାବେଳେ ଜ୍ୟେଷ୍ଠା କନ୍ୟା ଅନୁରାଗିଣୀ ମିର୍ଦ୍ଧା ଧନ୍ୟବାଦ ଅର୍ପଣ କରିଥିଲେ।

## ଗାଇଗୋଠ ପାଲଟିଛି ସମ୍ବଲପୁର ରାସ୍ତାଘାଟ

# ହଜିଗଲା 'ମିଲ୍କ କଲୋନୀ' ପ୍ରସ୍ତାବ

**ସମ୍ବଲପୁର, ୮।୧୧ (ସମିସ)**

ସମ୍ବଲପୁର ମହାନଗର ନିଗମ ରାସ୍ତାଘାଟ ଏବେ ଗାଇଗୋଠ ପାଲଟିଛି। ବହୁ ସମୟରେ ରାସ୍ତାଘାଟରେ ଗାଇଗୋରୁ ଯୋଗୁଁ ଦୁର୍ଘଟଣା ମଧ୍ୟ ଘଟୁଛି। ସମ୍ବଲପୁରକୁ ଘେରି ଚାରୋଟି ଜାତୀୟ ଓ ରାଜ୍ୟ ରାଜପଥ ଯାଇଛି। ଜାତୀୟ ରାଜପଥରେ ବିଗତ ଦିନରେ ଅନ୍ଧାରରେ ଗାଡ଼ି ଧକ୍କାରେ ଗାଇଗୋରୁ ପ୍ରାଣ ହରାଇବା ସହ ଗାଡ଼ିଚାଳକ ମଧ୍ୟ ଆହତ ହୋଇଛନ୍ତି। ଅନ୍ୟପକ୍ଷରେ ଘନଜନବସତି ମଧ୍ୟରେ ଅନେକ ପଡ଼ାରେ ଗାଇ, ମଇଁଷି ଆଦି ପାଳିତ ହେଉଥିବା ଖଟାଲ ବା ଗୁହାଳ ରହିଛି। ଏଥିଯୋଗୁଁ ସନ୍ତସନ୍ତିଆ ସ୍ଥାନ ସଂ ପରିବେଶ ପ୍ରଦୂଷିତ ଏବଂ ମ୍ୟାଲେରିଆ, ଡେଙ୍ଗୁ ଆଦି ରୋଗ ସଂକ୍ରମଣର ଆଶଙ୍କା ରହିଛି। ଏହାର ସ୍ଥାୟୀ ସମାଧାନ ପାଇଁ ଜିଲ୍ଲା ପ୍ରଶାସନ କିମ୍ବା ମହାନଗର ନିଗମ ପ୍ରଶାସନ ତତ୍ପରତା ପ୍ରକାଶ କରୁନଥିବା ଦେଖାଯାଉଛି। ପୂର୍ବରୁ 'ମିଲ୍କ କଲୋନୀ' ସକାଶେ ରହିଥିବା ପ୍ରସ୍ତାବ ଏବେ କୁଆଡ଼େ ହଜିଗଲାଣି।

ସମ୍ବଲପୁରର ପୂର୍ବତନ ଜିଲ୍ଲାପାଳ ବଲୱନ୍ତ ସିଂହଙ୍କ ସମୟରେ ସମ୍ବଲପୁର ସହର ଉପକଣ୍ଠସ୍ଥ ଗୋଶାଳା ଅଞ୍ଚଳରେ ୩୦ ଏକର ପରିମିତି ଜାଗାରେ ଏକ ମିଲ୍କ କଲୋନୀ ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା। ଏହି ପ୍ରସ୍ତାବକୁ ସମ୍ବଲପୁର ମହାନଗର ନିଗମ ସହିତ ମୁଖ୍ୟ ଜିଲ୍ଲା ପ୍ରାଣୀଚିକିତ୍ସା କାର୍ଯ୍ୟାଳୟ ପକ୍ଷରୁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର୍) ମଧ୍ୟ ପ୍ରସ୍ତୁତ ହୋଇଥିଲା। ଏଥିରେ ସମ୍ବଲପୁର ସହର ତଥା ଆଖପାଖରେ ଥିବା ଗାଇ, ମଇଁଷି ସହିତ ଗୋପାଳକ ପରିବାର ମାନଙ୍କୁ ସେହି କଲୋନୀରେ ଥଇଥାନ କରାଯିବାକୁ ଯୋଜନା ରହିଥିଲା। ପ୍ରତିଟି ପରିବାରକୁ ବାସଗୃହ ଯୋଗାଇଦେବାସହ ମିଲ୍କ କଲୋନୀ ପରିସରରେ ଘାସ ଚାଷ କରାଯାଇ ଗୋଖାଦ୍ୟରେ ସେମାନଙ୍କୁ ସ୍ୱାବଲମ୍ବୀ କରାଯିବ। ଆବଶ୍ୟକସ୍ଥଳେ ଗୋପାଳନ ପାଇଁ ଋଣ ଯୋଗାଇ ଦିଆଯିବ। ଦୁଗ୍ଧ ବିକ୍ରୟ ପାଇଁ ସେମାନେ ଏଣେତେଣେ ନଯାଇ ଜିଲ୍ଲା ପ୍ରଶାସନ ଉଦ୍ୟମରେ ଓମ୍‌ଫେଡ୍ ଭଳିଆ ସଂସ୍ଥା ସହ ଚୁକ୍ତି କରାଯାଇ ସେମାନଙ୍କ ପାଖକୁ ପ୍ରତ୍ୟହ ସକାଳୁ ଯାଇ ଦୁଗ୍ଧ ସଂଗ୍ରହ କରାଯିବାକୁ ଯୋଜନାରେ ନିଷ୍ପତ୍ତି ନିଆଯାଇଥିଲା। ଏହାଦ୍ୱାରା ଗୋପାଳକମାନେ ଲାଭବାନ ହେବାସହ ସମ୍ବଲପୁର ସହର ପ୍ରଦୂଷଣମୁକ୍ତ ଏବଂ ଗାଇଗୋରୁଙ୍କ ସୁରକ୍ଷା କରାଯାଇପାରିବ ବୋଲି ଆଶାପ୍ରକାଶ କରାଯାଇଥିଲା। ତେବେ, ଏହି ମିଲ୍କ କଲୋନୀ ପ୍ରସ୍ତାବ ଏବେ ଜିଲ୍ଲା ପ୍ରଶାସନ ବା ସମ୍ପୃକ୍ତ ବିଭାଗ ପାଖରେ ନାହିଁ। ରାସ୍ତାଘାଟରେ ଗାଇଗୋରୁ ବୁଲୁଥିବାବେଳେ ଖଟାଲ ଯୋଗୁଁ ପରିବେଶ ପ୍ରଦୂଷିତ ହେଉଛି ଏବଂ ଯେଉଁମାନେ ଗାଇ ରଖିଛନ୍ତି ସେମାନେ କ୍ଷୀର ଦୁହିଁବା ସମୟପରେ ଗାଇମାନଙ୍କୁ ରାସ୍ତାରେ ଛାଡ଼ି ଦେଉଛନ୍ତି।



ମିଳିଥିବା ସୂଚନାନୁଯାୟୀ, ସମ୍ବଲପୁର ସହରାଞ୍ଚଳ ଓ ଆଖପାଖ ଅଞ୍ଚଳରେ ୩୦ରୁ ଅଧିକ ଖଟାଲ ଥିବାବେଳେ ହଜାର ହଜାର ସଂଖ୍ୟାରେ ଗାଇ ଓ ମଇଁଷି ଅଛନ୍ତି। କେତେକେ ପୁରୁଷାନୁକ୍ରମେ ନିଜସ୍ୱ ଜମିରେ ଘର କରି ଗୋପାଳନ କରୁଥିବାବେଳେ ଅନ୍ୟମାନେ ସରକାରୀ ଜମିରେ ଜବରଦଖଲ କରି ରହିଛନ୍ତି। ସହରର ଦଲେଇପଡ଼ା, ଚାରବାଟି, ତାଲଭଟାପଡ଼ା, ଚନ୍ଦନ ନଗର, ଏ.ଏନ୍ ଗୁହା ଲେନ, ଗୋପାଲମାଳ, ରାମଜୀ ମନ୍ଦିର, ବନବଜାର, ଗୋବିନ୍ଦତୋଲା, ଧନୁପାଲି, ଦାନୀପାଲି, ଦେହେରିପାଲି, ବୁଢ଼ାରଜା, ସଂକର୍ମା, କ୍ଷେତରାଜପୁର, ବଡ଼ବଜାର, ଅଇଁଠାପାଲି, ବରେଇପାଲି, ରେମେଡ ଆଦି ଅଞ୍ଚଳରେ ଖଟାଲ ବା ଗୁହାଳ ରହିଛି। ଗାଇଗୋରୁଙ୍କ ଚିକିତ୍ସା ପାଇଁ ପୀରବାବା ଛକ ନିକଟରେ ସଦର ପଶୁ ଚିକିତ୍ସାଳୟ ଥିବାବେଳେ ନିକଟବର୍ତ୍ତୀ ଅଞ୍ଚଳରେ ୪ଟି ଏଲ୍‌ଆଇ ସେଣ୍ଟର ରହିଛି।

ପ୍ରାୟ ୧୫ ବର୍ଷ ପୂର୍ବେ ସମ୍ବଲପୁର ମହାନଗର ନିଗମର ଧନକଉଡ଼ା, ବଡ଼ବଜାର ଆଦି କେତେକ ଅଞ୍ଚଳରେ କାଞ୍ଜିଆହୁଦା ରହିଥିଲା। ଗାଇଗୋରୁଙ୍କୁ ରାସ୍ତାରେ ଛାଡ଼ିଲେ କାଞ୍ଜିଆହୁଦାକୁ ନେଇଯାଇ ମାଲିକଙ୍କୁ ଜୋରିମାନା କରାଯାଉଥିଲା। ତେବେ, ସରକାରୀସ୍ତରରେ ବିଭିନ୍ନ କାରଣରୁ ସେଗୁଡ଼ିକ ବନ୍ଦ କରିଦିଆଯାଇଛି।